ବୈଷ୍ଣବ କବି ଦାଶରଥିଦାସଙ୍କ ବିରଚିତ

# ବ୍ରଜବିହାର

ପ୍ରକାଶକ
ଶ୍ରୀ ହରିସଂକୀର୍ତ୍ତନ ପ୍ରକାଶନୀ
ଓଡ଼ିଆ ବଜାର, କଟକ-୧
୧୯୮୩

ଶ୍ରୀହରି ସଂକୀର୍ତ୍ତନ ଗ୍ରନ୍ଥମାଳା—୧୪

ବୈଷ୍ଣବ କବି ଦାଶରଥିଦାସଙ୍କ ବିରଚିତ

# ବ୍ରଜବିହାର

ଦ୍ୱିତୀୟ ଭାଗ

ପ୍ରକାଶକ
ଶ୍ରୀହରିସଂକୀର୍ତ୍ତନ ପ୍ରକାଶନୀ
ଓଡ଼ିଆ ବଜାର, କଟକ-୧
୧୯୮୩

ନୂତନ ସଂସ୍କରଣ

ଭିକ୍ଷା—ପନ୍ଦରଟଙ୍କା ମାତ୍ର

# ନମ୍ର ନିବେଦନ

ଚଉସ୍ତରି ବର୍ଷ ପରେ ଶ୍ରୀଲ ଦାଶରଥି ଦାସଙ୍କ ବ୍ରଜବିହାର ଭକ୍ତମାନଙ୍କର ଏକାନ୍ତ ପ୍ରାର୍ଥନାରେ ଓ ପରମାରାଧ୍ୟତମ ଦେବ ଶ୍ରୀଶ୍ରୀ ମୋହନଗୋପାଳଙ୍କ କୃପାରୁ ପୁନରପି ପ୍ରକାଶ ଲାଭ କଲେ । ସେତେବେଳେ ଏହିଗ୍ରନ୍ଥ ପ୍ରକାଶ ଲାଭ କରିଥିଲେ ଓଡ଼ିଶାର ଏକ ବିଶିଷ୍ଟ ସାହିତ୍ୟିକ ତଥା ପରମ ବୈଷ୍ଣବ ଢେଙ୍କାନାଳର ଆସିଷ୍ଟାଣ୍ଟ ଦେଓ୍ୱାନ ଶ୍ରୀଯୁକ୍ତ ପାର୍ବତୀଚରଣ ଦାସ ( ବାବାଜୀ ପଦ୍ମଚରଣ ଦାସ )ଙ୍କ ଦ୍ୱାରା ୧୯୦୯ ଖ୍ରୀଷ୍ଟାବ୍ଦରେ, ଏବେ କିନ୍ତୁ ପ୍ରକାଶ ଲାଭ କଲେ ବିଦ୍ୟାବୁଦ୍ଧି ଭକ୍ତିହୀନ ଜଣେ ଅନର୍ଥ-ଗ୍ରସ୍ତ ଫକୀର ଦ୍ୱାରା ।

ସେ ଯାହାହେଉ ୧୯୮୨ ମସିହା ରଥଯାତ୍ରା ସମୟରେ ପୁଣ୍ୟପୀଠ ପୁରୀର ଶ୍ରୀଲ ହରିଦାସ ସମାଧି ମଠରେ ଗଞ୍ଜାମର କେତେକ ଭକ୍ତ ଏଇ ଗ୍ରନ୍ଥର ଅଭାବ ବୋଧ କରି ବାବାଜୀ ବୈଷ୍ଣବଚରଣ ଦାସଙ୍କ ନିକଟରେ ନିବେଦନ କରିଥିଲେ । ସେତେବେଳେ ମୁଁ ସେଠାରେ ଉପସ୍ଥିତ ଥିବାରୁ ବାବାଜୀ ମହାଶୟ ସେ ଭାର ମୋତେ ଗ୍ରହଣ କରିବା ପାଇଁ କୃପା ଆଦେଶ ଦେଲେ । ଗ୍ରନ୍ଥଟିଏ ସଂଗ୍ରହ କରିବା ପାଇଁ ମୁଁ ପୁରୀର ସାଧ୍ୱୀ ପରମ ବୈଷ୍ଣବୀ ହେମଲତା ଦାସୀ ( ହେମ ଅପା )ଙ୍କ ନିକଟକୁ ଗଲି । ସେ ପ୍ରତିବର୍ଷ କାର୍ତ୍ତିକମାସରେ ଶ୍ରୀମନ୍ଦିରରେ ଏଇ ବ୍ରଜବିହାର ଗ୍ରନ୍ଥ ଭକ୍ତମାନଙ୍କ ସହିତ ନିୟମିତ ପାଠ ଆଲୋଚନା କରନ୍ତି—ଗ୍ରନ୍ଥଟି ପ୍ରକାଶ ପାଇଁ ତାଙ୍କ-ମନରେ ମଧ୍ୟ ପ୍ରବଳ ଆଶା ଥିଲା—ବହୁ ଚେଷ୍ଟା ମଧ୍ୟ କରିଥିଲେ । ମୋଠାରୁ ସମ୍ବାଦ ପାଇ ବ୍ରଜବିହାର ଗ୍ରନ୍ଥ ଏକଶତ ମୁଦ୍ରା ସହ ପ୍ରଥମ ଭିକ୍ଷା ରୂପେ ପ୍ରଦାନ କଲେ । ନିଃସମ୍ବଳ ଫକୀର ଏକ ବିରାଟ ଗ୍ରନ୍ଥ କିପରି ମୁଁ ପ୍ରକାଶ କରିବି ଏହା କେବଳ ଗୁରୁ ବୈଷ୍ଣବଙ୍କ ନିକଟରେ ଅନବରତ କାତର ପ୍ରାର୍ଥନା କରୁଥାଏ । ଭଗବାନ କରୁଣାମୟ ଦୀନମାନଙ୍କର ଡାକ ଶୁଣନ୍ତି—ଏହିପରି ଏକ ବିପଦ ମୁହୂର୍ତ୍ତରେ ପୁରୀ ଶ୍ୟାମସୁନ୍ଦରଚକ ନିବାସୀ ଶ୍ରୀଲ ମଦନମୋହନ ପଣ୍ଡିତ ମହାଶୟଙ୍କର ଜନୈକ ଶିଷ୍ୟ ମୋତେ ବହୁ ଭାବରେ ସାହାଯ୍ୟ-ପ୍ରଦାନ କରି ଏ ଦିଗରେ ଦ୍ରୁତ ଆଗେଇ ନେଲେ । ହେମ ଅପାଙ୍କ ପ୍ରଚେଷ୍ଟା ଓ ଉକ୍ତ ଭକ୍ତ ମହାଶୟଙ୍କ ସାହାଯ୍ୟ ବ୍ୟତୀତ ଏ କାର୍ଯ୍ୟ କଦାପି ସମ୍ଭବ ହୋଇ ପାରି ନ ଥାନ୍ତା—ସେଥିପାଇଁ ସେମାନଙ୍କ ନିକଟରେ ମୁଁ ଚିର କୃତଜ୍ଞ । ଏଇ ଗ୍ରନ୍ଥ ପ୍ରକାଶନ ସେବାରେ ଯେଉଁମାନେ ଯେପରି ଭାବରେ ଏ ଦୀନହୀନକୁ ସାହାଯ୍ୟ କରିଛନ୍ତି ସେମାନଙ୍କୁ ଶ୍ରୀଶ୍ରୀଗୌର ସୁନ୍ଦର ଅଜସ୍ର କୃପା ବିତରଣ କରନ୍ତୁ ଏଇ ପ୍ରାର୍ଥନା । ପରିଶେଷରେ ସୁଧୀପାଠକବୃନ୍ଦ ଏଇ ଗ୍ରନ୍ଥ ପାଠ କରିବା ସମୟରେ ଗ୍ରନ୍ଥକର୍ତ୍ତା ଶ୍ରୀଲ ଦାଶରଥି ଦାସ ଓ ପ୍ରଥମ ପ୍ରକାଶକ ବାବାଜୀ ପଦ୍ମଚରଣ ଦାସଙ୍କୁ ସ୍ମରଣ ରଖିବାପାଇଁ ଅନୁରୋଧ କରୁଛି ।

ଶ୍ରୀ ଗୌର ଜୟନ୍ତୀ
୨୮, ମାର୍ଚ୍ଚ ୧୯୮୩

ପ୍ରଣତଃ
ଶ୍ରୀ ଫକୀରମୋହନ ଦାସ

ଶ୍ରୀଗଣେଶାୟ ନମଃ—ଶ୍ରୀରାଧାକୃଷ୍ଣାଭ୍ୟାଂ ନମଃ

# ଶ୍ରୀ ବ୍ରଜବିହାର

## ଷଷ୍ଠ ବୋଲ

ଗୋବର୍ଦ୍ଧନଚନ୍ଦ୍ର ବାଣୀରେ ଗାଇବ

ନମୋ ନମଃ ଶ୍ରୀକୃଷ୍ଣ ଚୈତନ୍ୟ ଗଉର ବିଗ୍ରହ ।
ନମୋ ରାଧାକୃଷ୍ଣ ଭକ୍ତ ଭିନ୍ନ ସ୍ୱଭାବ ସଂଗ୍ରହ ॥
ନମଃ ସୁବର୍ଣ୍ଣବର୍ଣ୍ଣ ହେମାଙ୍ଗ ଶଚୀଙ୍କ ନନ୍ଦନ ।
ନମୋ ବରାଙ୍ଗ ଚନ୍ଦନାଙ୍ଗଦ ଜଗତ ବନ୍ଦନ ॥
ନମୋ ନମସ୍ତେ ସନ୍ନ୍ୟାସକୃତ ଶମ ଶାନ୍ତ ପ୍ରଭେ ।
ନମୋ ନମୋ ନିଷ୍ଠାଶାନ୍ତିପରାୟଣ ଭକ୍ତିବିଭେ ॥
ସ୍ୱୟଂ କୃଷ୍ଣ ଚଇତନ୍ୟ ରୂପେ ପୁରାଣେ ପ୍ରମାଣ ।
ବିଶେଷରେ ଭକ୍ତିରସକୋଷ କଲେହେ ବର୍ଣ୍ଣନ ।
କଳି ଆଗମେ ଧରଣୀ କଲା ପ୍ରଭୁଙ୍କୁ ଗୁହାରି ।
ମହାପାତକୀ ଚରଣଭର ସହିତ ନପାରି ॥
ତେଣୁ କୃଷ୍ଣ ଅବତରି ଭକ୍ତିମାର୍ଗ ବିସ୍ତାରିଲେ ।
ପୃଥ୍ୱୀଭାର ଉଶ୍ୱାସିଣ ସର୍ବଜନ ନିସ୍ତାରିଲେ ॥
କଳିକଳୁଷ ଅଶେଷ ବିନାଶନେ ହରିବୋଲେ ।
ଯେସନେ ମେରୁ ସମ ତୁଳା ବହ୍ନିକଣିକାରେ ଜଳେ ॥
ଭାଗବତ ଭକ୍ତିଯୋଗ ସୂର୍ଯ୍ୟ ଉଦୟ କରାଏ ।
କ୍ଷୁଦ୍ରଅକ୍ଷା ଖଦ୍ୟୋତକ ତମଃ ପାଷଣ୍ଡ ପଳାଏ ॥
ଅତେ ଦ୍ୱିଜ ରୂପେ ନବଦ୍ୱୀପେ ନଦିଆ ନଗରେ ।
ନିଜ ପାରିଷଦ ଦେବଗଣ ଘେନି ସଙ୍ଗତରେ ।
କେହୁ ବୋଲନ୍ତି ସର୍ବଦା କୃଷ୍ଣ ଗୋଲୋକେ ନିଶ୍ଚଳ ।
କେ ବୋଲନ୍ତି ବୃନ୍ଦାବନୁ ପଦେ ନୁହନ୍ତି ବିଚଳ ॥
କଳିଯୁଗ ଜନେ ବର୍ତ୍ତମାନ ଦେଖିଲେ ଲୋଚନେ ।
ସର୍ବ ପ୍ରମାଣ କେ ଆନ କରେ ସ୍ମୃତିର ବଚନେ ॥
ଶାସ୍ତ୍ର ଅନୁମାନରେ ଦୃଷ୍ଟାନ୍ତ ଦ୍ୱାରେଣ ଜାଣିବା ।
ନିତ୍ୟାନନ୍ଦ ଚଇତନ୍ୟ ଜଣି ତପନ ଚନ୍ଦ୍ରମା ॥
ନିଜ ମଣ୍ଡଳରେ ସ୍ଥିତ ପାରିଷଦଙ୍କ ସଙ୍ଗରେ ।
କେତେବେଳେ ପ୍ରାଚୀ କେତେବେଳେ ପଶ୍ଚିମ ଦିଗରେ ॥

ଲୋକ ପାଳନ ନିମିତ୍ତ କରି ପୃଥ୍ୱୀ ପର୍ଯ୍ୟଟନ ।
କଲି ପୂର୍ବ ସନ୍ଧ୍ୟାରେଣ ପୁଷ୍ପବନ୍ତ ଦରଶନ ॥
ଭକ୍ତି ଜ୍ୟୋତିଷ୍ଟହ ବଳେ ସର୍ବେ ସଂସାରେ ଗୋଡ଼ାଇ ।
ସୁମନସ ପ୍ରେମସମୁଦ୍ରର ମଧ୍ୟରେ ବୁଡ଼ାଇ ॥
ଏହି ଭାବେ ହରି ଯେ ନ ସାଣରେ ନିମନ୍ତେ
ନିଜ ସ୍ଥଳେ ପାରିଷଦମେଳେ ଉଦେ ଇଚ୍ଛାମତେ ॥
ଯହିଁ କୃଷ୍ଣ ତହିଁ ବୃନ୍ଦାବନେ ଗୋଲକହିଁ ତହିଁ ।
ଯେସନେ ଅଙ୍ଗ ଅନ ପରି ସଙ୍ଗ ସଙ୍ଗେ ରହେ ଗ୍ଲାଇ ॥
ନିଜ ପାରିଷଦଗଣ କୃଷ୍ଣସେବା ପରମାଣେ ।
ଯହିଁତହିଁ କୃଷ୍ଣ ସେବେ ବେଳ ନିଶ୍ଚଳ ନଜାଣେ ।
ଯେସନେ ବୋଇତରେ ଥିଲେ ଚଳ ନିଶ୍ଚଳ ନଜାଣି ॥
ପରିଜନ ନାନା ଦେଶେ ମୋନ୍ତ ଧନ ସେବା ଜାଣି ॥
ସେହି ରୂପେ କୃଷ୍ଣ ଚଇତନ୍ୟ ସଂସାର ସାଗରେ ।
ନିଜମଣ୍ଡଳ ବୋଇତେ ନାବିକଙ୍କ ସଙ୍ଗରେ ॥
ଫେଡ଼ି ଭକତିଭଣ୍ଡାର ଭାବଧନ ଦେଇଦିଏ ।
ନିର୍ଦ୍ଧନଙ୍କୁ ହରିନାମ ଧନ ନିରନ୍ତର ଦିଏ ॥
କଳିମାର୍ଗ ଜନ ଭକ୍ତି ଦରଶନ୍ୟ ହୋଇଥିଲେ ।
ଚଇତନ୍ୟ ବୋଇତାଳ ମାଧବରେ ପଜ ହେ ହେଲେ ॥
ପ୍ରଥମେଣ ସଞ୍ଚରଣ ସେ ନଦୀୟା ନବଦ୍ୱୀପ ।
ତହୁଁ ପୁଣ ଚଳେ ନୀଳାଚଳେ ଭକତ କଳାପେ ॥
ପୁଣ ଦକ୍ଷିଣ ଗମନୁ ସେତୁବନ୍ଧ ପରିଯନ୍ତେ ।
ଗାନକନ ତାରେ କୃଷ୍ଣନାମାମୃତ ସଦାବ୍ରତେ ॥
ତହୁଁ ଶ୍ରୀପୁରୁଷୋତ୍ତମେ ଆସି ଚଳେ ବୃନ୍ଦାବନ ।
ଯେସନ୍ତୁ ବ୍ରଜବାସୀ ଜନେ ଦେଲେ ବହୁଭକ୍ତି ଧନ ॥
ନୀଳାଚଳରେ ନିଶ୍ଚଳେ ରହେ ଜନମ ବଚନେ ।
ଧନ୍ୟ ଧନ୍ୟ କଳିଯୁଗଜନେ ଦେଖିଲେ ଲୋଚନେ ॥

ଏହୁ ବୋଇଲାକ ସାଧବର ଚରଣ ଗ୍ରହିଲେ ।
ଭବସାଗର ଅନାଥ ଏ କଙ୍ଗଳେ ତରିଗଲେ ॥
ଜୟ ଜୟ ଚୈତନ୍ୟ ଜୟ ଜୟ ନିତ୍ୟାନନ୍ଦ ।
ଜୟ ଅଦ୍ୱୈତ ଆଚାର୍ଯ୍ୟ ଜୟ ଗୌରଭକ୍ତବୃନ୍ଦ ॥
ଜୟ ଶଚୀ ଜଗନ୍ନାଥମିଶ୍ର ମହଶାବନ୍ତୀ ନନ୍ଦ ।
ଯାର ନନ୍ଦନ ଶଙ୍କର୍ଷଣ ଶ୍ରୀଗୌରଚନ୍ଦ୍ର ॥
ଜୟ ହାଡ଼ାଇପଣ୍ଡିତ ପଦ୍ମାବତୀଙ୍କ ରମଣ ।
ନିତ୍ୟାନନ୍ଦରୂପେ ବଳରାମ ଯାହାଙ୍କ ନନ୍ଦନ ॥
ବସୁଦେବ ଓ ଦେବକୀ ଦେବନ ଅବତାର ଆସି ।
ବନ୍ଦ ଈଶ୍ୱରପୁରୀ ବନ ଯୋଗମାୟା ପୌର୍ଣ୍ଣମାସୀ ॥
ବନ୍ଦ ଗଦାଧରସ୍ୱାମୀ ଯୋ ସ୍ୱରୂପ ମହିମା ।
ବନ୍ଦ ଲକ୍ଷ୍ମୀ ବିଷ୍ଣୁପ୍ରିୟା ଏ ରୁକ୍ମିଣୀ ସତ୍ୟଭାମା ॥
ବନ୍ଦ ବସୁଧା ଜାହ୍ନବୀ ଏହୁ ରେବତୀ ସାକ୍ଷାତ ।
ବୀରଭଦ୍ର ପୁନ ମହିମା ଯେ ଜଗତେ ବିଖ୍ୟାତ ॥
ବନ୍ଦ ଶ୍ରୀବାସ ସଜନୀ ମଞ୍ଜରୀ ସଖୀଗଣ ।
ଅଷ୍ଟ ଚତୁଃଷଷ୍ଠୀ ଦ୍ୱାଦଶାଦି ମହନ୍ତ ଚରଣ ॥
ବନ୍ଦ ସ୍ୱରୂପ ଦାମୋଦର ଯେ ବସୁ ରାମାନନ୍ଦ ।
ଶିବାନନ୍ଦ ବସୁ ବ୍ରହ୍ମାନନ୍ଦ ଶ୍ରୀଘୋଷ ଗୋବିନ୍ଦ ॥
ବାସୁଦେବ ଘୋଷ ବକ୍ରେଶ୍ୱର ପଣ୍ଡିତ ଗୋସ୍ୱାମୀ ।
ଦାସ ମୁକୁନ୍ଦ ଲଳିତା ଆଦି ସଖୀପାଦେ ନମି ॥
ବନ୍ଦ ଅଷ୍ଟ ଚତୁଃଷଷ୍ଠୀ ମହାନ୍ତଙ୍କ ଶ୍ରୀଚରଣ ।
ସର୍ବତୀର୍ଥମୟ ଭବଭୟ ପୟୋଧି ତାରଣ ॥
ରତ୍ନାଚାର୍ଯ୍ୟ ରତ୍ନଗର୍ଭ ଚନ୍ଦ୍ରଶେଖର ଆଚାର୍ଯ୍ୟ ।
ଦାସ ଗୋବିନ୍ଦ ଗରୁଡ଼ଦତ୍ତ ମୁକୁନ୍ଦ ଆଚାର୍ଯ୍ୟ ॥
ବନ୍ଦ ଦାମୋଦର ପଣ୍ଡିତ ଶ୍ରୀକୃଷ୍ଣାନନ୍ଦ ଦାସ ।
ବନ୍ଦ କୃଷ୍ଣାନନ୍ଦାଚାର୍ଯ୍ୟ ଆଦି ସ୍ୱରୂପେ ବିଶ୍ୱାସ ॥
ବନ୍ଦ ମାଧବ ଆଚାର୍ଯ୍ୟ ନୀଳାମ୍ବର ଚକ୍ରବର୍ତ୍ତୀ ।
ରାମଚନ୍ଦ୍ର ଦତ୍ତ ବାସୁଦେବଦତ୍ତ ପାଦେ ମତି ॥
ବନ୍ଦ ନନ୍ଦନାଚାର୍ଯ୍ୟ ଶ୍ରୀବୃନ୍ଦାବନ ଠାକୁର ।
ବନ୍ଦ ସୁବୁଦ୍ଧି ମିଶ୍ରାଦି ଅଷ୍ଟବିଏ ଅନୁଚର ॥
ବନ୍ଦ ଶ୍ରୀରାମ ପଣ୍ଡିତ ଗୋପୀନାଥଭଟ୍ଟାଚାର୍ଯ୍ୟ ।
ବନ୍ଦ ଗଦାଧର ସ୍ୱାମୀ ସଦାଶିବ କବିରାଜ ॥
ବିଏ ମୁକୁନ୍ଦାନନ୍ଦ ଯେ ପୁରୁଷୋତ୍ତମ ଆଚାର୍ଯ୍ୟ ।
ନାରାୟଣୀ ବାଚସ୍ପତି ଶିବାନନ୍ଦ ପାଦାମ୍ବୁଜ ॥

ବନ୍ଦ ମକର ପଣ୍ଡିତ ଦାସଦ୍ୱିଜ ରଘୁନାଥ ।
ମଧୁସୂଦନ ପଣ୍ଡିତ ବିଷ୍ଣୁଦାସ ପ୍ରାଣନାଥ ॥
ବନ୍ଦ ପୁରନ୍ଦର ମିଶ୍ର ବନ୍ଦ ଆଚାର୍ଯ୍ୟ ଗୋବିନ୍ଦ ।
ପରମାନନ୍ଦ ଗୁପତ ବଳରାମ ଦାସପଦ ॥
ଏହୁ ବସୁରାମାନନ୍ଦ ଅବଲମ୍ବି ପ୍ରଭୁ ଭାବ ।
ଭବବନ୍ଧ ବିମୁକ୍ତ ଜନ ଏହାଙ୍କୁ ସେ ସେବ ॥
କାଶୀମିଶ୍ର ଶିଖିମାହାନ୍ତି ବନ କାଳିଦାସ ଆଦି ।
ବନ୍ଦ ଶ୍ରୀରାମ ପଣ୍ଡିତ ଯଦୁ କବି ଚନ୍ଦ୍ର ବନ୍ଦ ॥
ବନ୍ଦ ହିରଣ୍ୟଗର୍ଭ ଠାକୁର ଜଗନ୍ନାଥ ସେନ ।
ବନ୍ଦ ଦ୍ୱିଜ ପୀତାମ୍ବର ବନ ଗୋବିନ୍ଦ ଘୋଷ ଗଣ
ବନ୍ଦ ଶ୍ରୀବାସପଣ୍ଡିତ ବନ୍ଦ ନରସିଂହାନନ୍ଦ ।
ବନ୍ଦ ପୀତାମ୍ବର ପଣ୍ଡିତ କଂସାରିସେନ ପାଦ ॥
ଦ୍ୱିଜ ମୁକୁନ୍ଦ ପଣ୍ଡିତ କବିରାଜ ହରିଦାସ ।
ରାମଚନ୍ଦ୍ର କବିରାଜ ଆଦି ବାସୁଦେବ ଘୋଷ ॥
ବନ୍ଦ ଶ୍ରୀରଙ୍ଗ ପାଳ ଗୁରୁସ୍ୱାମୀ ନନ୍ଦ ଶ୍ରୀଯୁକଣ ।
ବଳରାମ ଶ୍ରୀଗୋବିନ୍ଦ ନାଥ କବିକର୍ଣ୍ଣପୂର
ବନ୍ଦ ଶ୍ରୀକାନ୍ତ ପଣ୍ଡିତ ବନ୍ଦ ଗୋପାଳପଣ୍ଡିତ ।
ବନ୍ଦ ପ୍ରବୋଧାନନ୍ଦ ଏସରସ୍ୱତୀ ପାଦପଦ ॥
ବଳରାମ ଭଟ୍ଟାଚାର୍ଯ୍ୟ ଆଦି ବନ୍ଦଇ ଚରଣ ।
ସପ୍ତମ ସଖୀ ବକ୍ରେଶ୍ୱର ସ୍ୱାମୀଙ୍କ ଚରଣ ।
ପରମାନନ୍ଦ ଗୁପତ ବଳଭଦ୍ରସେନ ଆଦି ॥
ଜଗଦୀଶ ପଣ୍ଡିତ ଯେ ବନମାଳୀ ଦାସ ବନ୍ଦ ।
ବନ୍ଦ ଶ୍ରୀକର ପଣ୍ଡିତ ବନ୍ଦ ଦାସ ଶ୍ରୀପ୍ରାଣନାଥ ॥
ବନ୍ଦ ଲକ୍ଷ୍ମଣ ଆଚାର୍ଯ୍ୟ ପୁରୁଷୋତ୍ତମ ପଣ୍ଡିତ ।
ଏହୁ ଚନ୍ଦ୍ରଲେଖା ମୁକୁନ୍ଦ ଦାସ ଗୋସ୍ୱାମୀ ଗତ ।
ଅଷ୍ଟ ଚତୁଃଷଷ୍ଠୀ ମହନ୍ତ ଶ୍ରୀଚରଣେ ଶରଣ ॥
ବନ୍ଦ କୃଷ୍ଣ କବିରାଜ ସ୍ୱାମୀ କସ୍ତୁରିକା ଏହି ।
ଶ୍ରୀଚୈତନ୍ୟ ଚରିତାମୃତ ନର୍ଧାକ ବୁଝାଇ ॥
ବନ୍ଦ ରୂପ ସନାତନ ରଘୁନାଥ ଭଟ୍ଟ ପାଦେ ।
ବନ୍ଦ ଗୋପାଳଭଟ୍ଟ ଶ୍ରୀଲୋକନାଥ ଦାସ ମୋଦେ ॥
ବନ୍ଦ ଦ୍ୱିଜ ଦାସଙ୍କୁ ଆଦି ସିଦ୍ଧ ମଞ୍ଜରୀ ଗଣଙ୍କୁ ।
କୋଟି କୋଟି ଦଣ୍ଡବତ ଏକ ଏକଇ ଜଣଙ୍କୁ ॥
ସିଦ୍ଧ ସୁଦାମାଦି ଦ୍ୱାଦଶ ସଖାଗଣଙ୍କୁ ବନ୍ଦେ ।
ଅଭିରାମ ଶ୍ରୀ ସୁନ୍ଦରାନନ୍ଦ ଚରଣାରବିନ୍ଦ ॥

ବନ୍ଦେ ଧ୍ୟାନଚନ୍ଦ୍ର ପଣ୍ଡିତ କମଳାକର ଆର ।
ଦତ୍ତ ଉଦ୍ଧବ ପୁରୁଷୋତ୍ତମ ଦାସ କାଶୀଶ୍ୱର ॥
ବନ୍ଦେ ଗୌରୀଦାସ ଆଦି ପଣ୍ଡିତ ମହେଶ ପଣ୍ଡିତ ।
ଓଝା ବନମାଳୀ ନର୍ତ୍ତକ ଗୋପାଳ ପ୍ରଭୁ ଭକ୍ତ ॥
ବନ୍ଦେ ନରହରିଦାସ ଆଦି ଦ୍ୱାଦଶ ମହାନ୍ତ ।
ପ୍ରଭୁ ଅନନ୍ତ ଭକତ ଗଣ କେ କରିବ ଅନ୍ତ ॥
ବନ୍ଦେ ସାରଙ୍ଗ ସ୍ୱଭାବ ପ୍ରହଲ୍ଲାଦ ଦାସ ଗଣେ ।
ରାଧାକୃଷ୍ଣ ପରିବାର ଯେତେ ବନ୍ଦେ ଜଣେ ଜଣେ ॥
ବନ୍ଦେ ଅଦ୍ୱୈତ ଆଚାର୍ଯ୍ୟ ମହାବିଷ୍ଣୁ ଅବତାର ।
ବନ୍ଦେ ହରିଦାସ ଭାଗ୍ୟର ନାଗ ସ୍ୱୟଂ ବେଦବର ॥
ବନ୍ଦେ ପ୍ରତାପରୁଦ୍ର ଯେ ଦେବଦ୍ୱିଜ ବନ୍ଦ୍ୟମାନେ ॥
ଷଡ଼ଭୁଜ ପ୍ରଭୁ ଧରିଲେ ଯାହାର ଦରଶନେ ॥
ବନ୍ଦେ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଜାତ ବୃହସ୍ପତି ।
ବନ୍ଦେ ଜଗଦାନନ୍ଦ ପଣ୍ଡିତ ସ୍ୱୟଂ ସତ୍ୟଭାମା ॥
ବନ୍ଦେ ବୃନ୍ଦାବନ ଦାସ ସ୍ୱାମୀ ବେଦବ୍ୟାସ ଯେହୁ ।
ବନ୍ଦେ ବିଦ୍ୟାନିଧି ପଣ୍ଡିତ ଶ୍ରୀ ଶୁକଦେବ ଏହୁ ॥
ବନ୍ଦେ ଶ୍ରୀନିବାସ ପଣ୍ଡିତ ନାରଦ ଭକ୍ତସାର ।
ବନ୍ଦେ କେଶବ ଭାରତୀ ଗର୍ଗ ମୁନି ଅବତାର ॥
ପ୍ରଭୁ ଅନେକ ଭକତଗଣ ଜଗତେ ଅଶେଷ ।
ଶାନ୍ତ ଦାସ୍ୟ ସଖ୍ୟ ବାତ୍ସଲ୍ୟ ମଧୁର ପଞ୍ଚରସ ॥
କଳି କଳ୍ମଷ ନାଶନେ ଗଉରଙ୍ଗ ରୂପ ସାଜେ ।
ଭକ୍ତ ଦେବଗଣ ସେନାପତି ପୃଥ୍ୱୀ ପୃଥ୍ୱୀ ପାବେ ॥
ବୃନ୍ଦାବନ ଦାସ କୃଷ୍ଣ କବିରାଜ ଦୁଇ ରଥୀ ।
ବର୍ତ୍ତମାନ ଲୀଳାଗ୍ରନ୍ଥେ ପାଷଣ୍ଡ ଦଳନ୍ତି ॥
ମହାପ୍ରଭୁ ଆଜ୍ଞା ପରମାଣେ ରୂପ ସନାତନ ।
ଭାଗବତ ଭକ୍ତି ଗ୍ରନ୍ଥ ଲେଖି ଜୟ ତ୍ରିଭୁବନ ॥
ଅତି ପରମ ଗୁମର ବାକରସ ବେଣ୍ଟିଛି ।
ବ୍ୟାସଦେବ ଅନ୍ତର୍ଧାନେ ଥିଲେ ଯେ ରସ ଲୁଚି ॥
ମହା ଦୟାଳୁ ଚୈତନ୍ୟ ପ୍ରଭୁ ଜଗତେ ବାଣ୍ଟିଲେ ।
ରୂପ ସନାତନ ହୃଦେ ରହି ବଦନେ କୁହାଏ ॥
ଗୁପତ ବ୍ରଜ ଚରିତ ଏହୁ କହେ କୃଷ୍ଣଲୀଳା ।
ଭକ୍ତ ଜନ ନିରନ୍ତର ଆଦରରେ କରେ ମାଳା ॥
ଲକ୍ଷ ଲକ୍ଷ ଭକ୍ତି ଗ୍ରନ୍ଥ ଲେଖି ଅଛନ୍ତି ରଖି ।
ଏଣୁକରି କଳିଯୁଗ ଜନେ ଦୟାକରେ ଦେଖି ॥

ବ୍ରଜ ବିହାର ଚରିତ ରସ ଅଗୋଚର କାଳେ ।
ମୋର ନିମିତ୍ତ ଯେ ରୂପ ସନାତନ ଧରିଗଲେ ॥
ହରି ଭକତ ସେ ଦୀନ ହୀନ ଦେଖି ଦୟାକରେ ।
ଏହୁ ଅବଶେଷ ଆଚାର୍ଯ୍ୟଙ୍କର ଏ ରସ ଉଚ୍ଚାରେ ॥
ସାଧୁଜନ ଏଣୁକରି ମୋର ନ ଧରନ୍ତୁ ଦୋଷ ।
ତୁମ୍ଭ ପ୍ରଭୁଙ୍କର ଭକ୍ତ ଭୃତ୍ୟ ଦାସର ମୁଁ ଦାସ ॥
ବ୍ରଜବିହାର ଷଷ୍ଠୁବୋଲି ଯେ ମଧୁର ଲଳିତ ।
ଷୋଡ଼ଶାକ୍ଷରେ ଭାଗବତର ଦଶମ ଚରିତ ॥
କୃଷ୍ଣ ଅଙ୍ଗେ ଗୁଞ୍ଜା ଦେଖି ରାଧା ଆଦି ସଖୀ ଛଳ ।
ତାକୁ ହାନ୍ତେ ହରି ସାର୍ଥ ମୁର ନପାରନ୍ତି ବଳ ॥
ଶ୍ୱେତ ଗୁଞ୍ଜା ବୀଜାଙ୍କୁର ମାଳା ଗୁନ୍ଥି ରାଧା ବହେ ।
କୃଷ୍ଣ ଦେଖି ପୁଚ୍ଛିଲେଣ ଆମ୍ଭ ବନେ ଅଛି କହେ ॥
ଆମ୍ଭ ବନ ଭାଗ ହେବ ବୋଲେ ବୃନ୍ଦାବନେଶ୍ୱର ।
ଶୁଣି ଅବଜ୍ଞା କଲେଣ ରାଧା ଗରବ ଅନ୍ତର ॥
ଲଜ୍ଜା ଭୟ ମନ୍ତ୍ର ପାଳନ୍ତି ହରିଙ୍କ କୋଳକରେ ।
ଅଳି ନିବାରି ନାଗର ରଖି ବାନ୍ଧି ବନ୍ଧନରେ ॥
ଦଣ୍ଡ ଭେଦ ଶାମ ଉପାୟେ ନ ପାରେ ସଖୀ ପେଡ଼ ।
ବୃନ୍ଦାଦେବୀଙ୍କ ରମ୍ୟ ବଚନେ ଶାନ୍ତ ଶୁକ ପଡ଼ି ॥
ମାର୍ଗଶିର ଅମାବାସ୍ୟା ଉଦବେଳ ତୃଷ୍ଣାରେ ।
ଏହି ସମ୍ପୃତରେ ଶୁକ ସ୍ୱତନ୍ତ୍ର ମହା ମହତ୍ତ୍ୱରେ ॥
ଯୋଗ ଅର୍ଦ୍ଧଯୋଗ ମହାଯୋଗ ଉପମା ରୂପକେ ।
ମୁକ୍ତାଦରେ ବସି ଶୁଣେ ରାଧା କୃଷ୍ଣ କଉତୁକେ ॥
ରାଜା ପରଜା ଅନ୍ୟାୟ ନହ କହନ୍ତେ ଉଠିଗଲେ ।
ଏମନ୍ତେଣ ରାତି ସମ୍ପୂର୍ଣ୍ଣ ପରଜା ସାରି ଲେଉଟିଲେ ॥
କୃଷ୍ଣ ଚାର୍ଯ୍ୟ ରଜନୀ ଅର୍ଥେ ନେ ଜାଗର୍ତ୍ତିର କାଳେ ।
ବିଜେକଲ ପ୍ରାନେ ମଙ୍ଗଳାର୍ତ୍ତି ଦେଖିଲେ ସକଳେ ॥
ଏକ ଏକ ଗୁଣ ବାଦକ ନିଶାଣ ବାଜେ ଦଶ ।
ମଧ୍ୟକାଳ ସ୍ୱବଳ ନୋହେ ବାରେକ ଦଶ ॥
ବୃନ୍ଦେ ଅମୃତ-ଲୋଚନ ଚାହ ଗୋପାଳ ଝିଅଟି ।
ବ୍ରଜବାସୀ ଜନେ ମହା ସୁଖ ସମ୍ପତ୍ତି ଦିଆଇଁ ॥
ବେଦ ମାଇ ଚନ୍ଦ୍ରାବଳୀ କୃଷ୍ଣ ଶ୍ୱେତ-ଗୁଞ୍ଜା ମାଗେ ।
ବୃନ୍ଦା ନହିଁ ଗୁଞ୍ଜା ଶୁଣି ମହାତମ ମାନଭଙ୍ଗେ ॥
ହରିପାଦ ଶତ୍ରୁ ନିରମାଣି ଗୁଞ୍ଜା ହରି ନେଲେ ।
ସଚନରେ ମାଳ ଲମ୍ବାଇବ ରାଧା-ପୂରରେ ଗଲେ ॥

ଗଜରବ ପାଇ କୁଶଳ ହୁଅନ୍ତି କୁହା କୁହ ।
କୃଷ୍ଣ କହିବା-ସମସ୍ୟା ବଡ଼ମାରେ ପଦ୍ମା କହି ॥
ଗୁଞ୍ଜ ଦେଖି ସଖୀ ପୁଚ୍ଛନ୍ତେଣ ହରି ଦେଲ କହେ ।
ଯହିଁ ରତ୍ନ-ଝିଣ୍ଟି ଆଣି ତହିଁ ଏକା କେନ୍ଦୁ ବହେ ॥
ରାଧା ମାନ ଜାତକରେ ପଦ୍ମା କହିବା ଛନ୍ଦରେ ।
ଗୁଞ୍ଜ-ହେତୁର ଜଣାଗଲା କୃଷ୍ଣ-ସମସ୍ୟା ବନ୍ଧରେ ॥
ଗାଢ଼ ଅନୁରାଗ ରାଧିକାରେ ସେହି ସମସ୍ୟାରେ ।
ଯତନରେ ସଖୀ ପଢ଼ାଇଲେ ତାହାଙ୍କ ମୁଖରେ ॥
ଲାଜପାଇ ଆସି ଚନ୍ଦ୍ରାବଳୀ ଦୁଃଖକୁ ଘେନାଇ ।
ଦୂତିକ ପେଶି କୃଷ୍ଣ ସିଦ୍ଧ ବ ଆମ୍ଭରେ ଜଣାଇ ॥
କଂସର ଶାମ୍ନଖେ ଘେନ ଜଣେ ଆସେ ଗୋପପୁର ।
କାଳନ୍ଦୀକୁ ପଦ୍ମ ତୋଳ ଦେବସହସେକ ଭାର ॥
ଶୁଣି ନନ୍ଦ ଆଦି ଯେତେ ଗୋପେ ଆରତ ଚିତ୍ତରେ ।
ଏହି ହେତୁ ହରି କାଳୀ ଦଳ ବହନ୍ତି ହାତରେ ॥
ଗୋପ ବଳେଲ ଜନ୍ତୁ ବାହାର କାଳୀକ ଘଉଡ଼ ।
ନଶା ହୁଅନ୍ତେ ସେ କୂଳେ ରହି ହୁଏ ବନ ପୋଡ଼ ॥
ଦାବାନଳ ଉଡ଼ାଇଣ ହରି ଯୋଗମାୟା ବଳେ ।
ରାଧାସଙ୍ଗ ଇଚ୍ଛି ବନ ଅନ୍ଧକାର ଘନମାଳେ ॥
ଗୀତ ଗୋବିନ୍ଦ ପ୍ରଥମ ଶ୍ଳୋକେ ଜୟଦେବ କହେ ।
ଏହି ହିନ ନନ୍ଦ ରାଧା ସଙ୍ଗେ କୃଷ୍ଣ ପେଷେ ଗୃହେ ॥
କାଳୀପଦ୍ମୀ ଦେବା ରତ୍ନହାର ଦେଇ ରାଧାଗଲେ ।
ଚନ୍ଦ୍ରାବଳୀ ଆଳୀକୁଳ ଦର୍ପ ଦଳ ପଛେ ମିଳେ ॥

କୁଞ୍ଜେ ବିହାର କରିଣ ନନ୍ଦଶ୍ୱରେ କୃଷ୍ଣ ଘେନ ।
ନନ୍ଦଯଶୋଦା ଗଜଗ୍ରୀ ସବ ନାସ୍ତ୍ର ମଧୁପମା ॥
ସପତ୍ନୀ ଅସହଣୀ ଶୈବ୍ୟା ଜଟିଳା ଭୁବନେ ।
ବାଜେ ଲେଖି ପଦ୍ୟାବଳୀ ରାଧାକୃଷ୍ଣ ରାସବନେ ॥
ବୃନ୍ଦା ପଢି ତର୍ଜନାରେ ମୁଖରା ଆଣି ଗଲା ।
ରାଧା ସିଖୀ ଜାଣି ଅନୁସ୍ୱାର ଦେଲେ ଆନ ହେଲା ॥
ରାମ କୃଷ୍ଣ ସଖା ସଙ୍ଗେ ରଙ୍ଗେ ବନେ ବିଳସି ।
ଫଳ ଜଗାଇ ଖେଳାନ୍ତି ସ୍ନାନ ମୁରଲୀ ବଜାଣି ॥
ଏହି ସବୁ ଅନୁକ୍ରମ ଗୀତ ହୋଇବ ବିସ୍ତାର ।
ଯେ ଶୁଣିବ ଏହି ରସ ସେ ହୋଇବ ନିସ୍ତାର ॥
ମୁନିଙ୍କୁ ବର ପୁଚ୍ଛି ନାରଦ ପୁଣ ପ୍ରଶ୍ନ ବନ୍ଧ ।
ନନ୍ଦ ମନ୍ଦିରେ ରାଧାକୃଷ୍ଣ ମହା ଶୋଭା ସମ୍ବାଦ ॥

ଏଥି ଉତ୍ତାରୁ ଗୋପ ଚରିତ ସାବଧାନ ହୋଇ ।
କୃଷ୍ଣ ରୂପେ ଥିଲ ଅଇଲ ଜାଣିବ ମୁଁ କାହିଁ ॥
ଶୁଣି ମୁନିବର ଗଦଗଦେ ପ୍ରେମଭାବ ବହି ।
ତନୁ ପୁଲକ ଲୋଚନ ଅଶ୍ରୁଧାର ଯାଏ ବହି ॥
ଶୁଣି ଧନପତି ପୁନ ମହାଭାବ ଗୂଢ଼ରସ ।
ତୁମ୍ଭ ପ୍ରଶ୍ନେଣ ହରି ମୋହୃଦ କରନ୍ତୁ ପ୍ରକାଶ ॥
ପାକ ଭୋଜନ ବନ୍ଦାଇ ରାଇ ଉଦବେଗ ମନ ।
ଧେନୁ ବୃନ୍ଦ ଘେନ ଯହୁଁ କୃଷ୍ଣ ବାଜେ ବୃନ୍ଦାବନ ॥
ଦୃଶ୍ୟହେବା ପରଯନ୍ତେ ନେତ୍ର ନିଷ୍ଠଳରେ ଗୁହିଁ ।
ମନ ଗମେ ସଙ୍ଗେ ନୟନ ଦୁଃଖିତ ଲୁହ ବୋହି ॥
ଛନ ଛନ ଉଦବେଗ କୃଷ୍ଣସଙ୍ଗେ କେଳି ରଙ୍ଗେ ।
କୁନ୍ଦଲତା ସଙ୍ଗେ ଯିବ ଯଶୋଦାଙ୍କୁ ଆଜ୍ଞା ମାଗେ ॥
କୋଳେ ବସାଇ ଯଶୋଦା ଶିରକୁ ଆଘ୍ରାଣକରି ।
ନେତ୍ର ଥନ ଥନ ପୁନ କହେ ରାଧା ଓଷ୍ଠ ଧରି ॥
ଆମ୍ଭ ତୁମ୍ଭର ଏ ଘର ସିନା ଆସୁଥିବ ନିତ୍ୟ ।
ମୋର ବାଳୁତ ତୁମ୍ଭର ପାକ ଅନ୍ନରେ ତୃପତ ॥
ପୁଷ୍ପ ଚନ୍ଦନ ତାମ୍ବୁଳ ଅଳଙ୍କାର ଆଦି ଦେଲେ ।
କୃଷ୍ଣ ଦ୍ରବ୍ୟକୁ ଆଗହୁଁ ଯାହା ସଞ୍ଚ ରଖିଥିଲେ ॥
ଲଳିତାଦି ସଖୀଜନେ ତୋଷି ମଧୁର ବଚନେ ।
କୁନ୍ଦଲତା ରାଧା ସଙ୍ଗେ ଦେଇ ପେଶିଲେ ସଦନେ ॥
ଜଟିଳାର ସମ୍ମୁଖରେ ନେଇ ବଧୂ ସମର୍ପିଲେ ।
ବ୍ରଜେଶ୍ୱରୀ ପ୍ରୀତି ପୁରୁଷାର୍ଥ ସମସ୍ତ କହିଲେ ॥
ସତ୍ୟ ଜାଣିଣ ଜଟିଳା କୁନ୍ଦଲତାକୁ ପ୍ରଶଂସି ।
ଧନ୍ୟ ଧନ୍ୟ ସର୍ବଶିରୋମଣି ପରମ ବିଶ୍ୱାସୀ ॥
ରାଧାପାକ ସରାଧାକୁ ସେବେ ଦେବ ଏହି ମତେ ।
ଆନ ସଙ୍ଗେ ନ ପେଶିବ ମୋର ତୁମ୍ଭଙ୍କୁ ପରତେ ॥
ବାସ ଅଳଙ୍କାର ଦେଖିଣ ବଡ଼ୁଚ ହେଲା କୋଟି ।
ସ୍ୱପ୍ନେ ପ୍ରଚ୍ଛିବାକୁ ବନ୍ଧୁମାନଙ୍କ କୁନ୍ଦଲତା ପେଷି ॥
ଜଟିଳାର ଆଜ୍ଞା ମାନି କୁନ୍ଦଲତା ରାଧା ସଙ୍ଗେ ।
ସଖୀଗଣ ଘେନ ସୂର୍ଯ୍ୟସ୍ଥଳେ ଚଳେ ନାନା ରଙ୍ଗେ ॥
କୁଣ୍ଡବନେ କୃଷ୍ଣ ଦରଶନେ ବିବିଧ ପ୍ରକାର ।
ଅଙ୍ଗ ଭୂଷିତ ହୋଇଣ ସୁର ସଙ୍ଗ ମନୋହର ॥
ନାନା କେଳି ରାଧା କଳାପ ମନୋଜ ନୂତନ ଚିତ୍ତ ।
କୃଷ୍ଣ ରାଧାଙ୍କ ଯେମନ୍ତ ରାଧା କୃଷ୍ଣଙ୍କ ତେମନ୍ତ ॥

ହରି ଅଙ୍ଗେ ରଙ୍ଗ ଗୁଞ୍ଜମାଳା ଦେଖି ପୁଚ୍ଛେ ଧନୀ ।
ରତ୍ନହାର ନୁହେ କେବଣ କାରଣରେ ଅଛ ଘେନି ॥
କୃଷ୍ଣ ବୋଲନ୍ତି ଏ ଗୁଞ୍ଜ ତୁମ୍ଭ ଭାବ ଅନୁସରି ।
ମୁଖେ କୁଟିଳ ଶରୀର ଅନୁରାଗେ ଥାଏ ପୂରି ॥
ତେଣୁ କରି ତୁମ୍ଭଭାବେ ହୃଦେ ବହନ ଅଛଇ ।
ଏହି ମାଳା ହେଉଛୁ ମଦନ ଧାଡ଼ିରୁ ବଞ୍ଚାଇ
ବୋଇଲେ ଲଳିତା ଶୁଣ ସଖି ଏ ଗୋପାଳ ... ।
ନୀଳ ପ୍ରବାଳ ଏକଇ ... ଣି କରନ୍ତି ଧାରଣ ।
ବୋଇଲେ ବିଶାଖା ଏ ମୋତିହାର ବିବର୍ଣ୍ଣ ହୋଇଛନ୍ତି ।
ଚନ୍ଦ୍ରାବଳୀ ଅଙ୍ଗ ଯାବକ ଅଞ୍ଜନ ଲାଗିଛନ୍ତି ॥
ଚିତ୍ରା କହେ ରମ ଅଚ୍ୟୁତକୁ ଏକ ସଙ୍ଗେ ଧରେ ।
ଚନ୍ଦ୍ରାବଳୀ ଝୁଣ୍ଟି ଉଜ୍ଜ୍ୱଳ ରସକୁ ଉଦେ କରେ ॥
ଚମ୍ପାଲତା ବୋଇଲା ଚନ୍ଦ୍ରାବଳୀ ଲଲାଟ ତଳରେ ।
ଧରି ସିନ୍ଦୂର କସ୍ତୁରୀ ହରି ହୃଦୟ ପାଶରେ ॥
ବୋଲେ ସୁଦେବୀ ସେ ଚନ୍ଦ୍ରାବଳୀ ନିମନ୍ତ୍ରଣ କଲେ ।
ସନ୍ଧ୍ୟା ନିଶାମିଳନକୁ ଏ ସଙ୍କେତ ମାଳା ଦେଲେ ॥
ରଙ୍ଗଦେବୀ ଭାଷେ ଚନ୍ଦ୍ରାବଳୀ କୁରଙ୍ଗ ଲାଞ୍ଛନ ।
ଅନୁରାଗେ ହୃଦେ ଧରି ହରି ବୋଇଲେ ଭୂଷଣ ॥
ତୁଙ୍ଗବିଦ୍ୟା ଭଣେ ସାଲକୋକନଦେ ଅଳି ଭ୍ରମେ ।
ରଙ୍ଗବତୀ ମାଳ ଆନନ ନାଗର କାହ୍ନୁ ତୁମ୍ଭେ ॥
ଚନ୍ଦ୍ରରେଖା କହେ ଉଭୟ ଭାବରେ ବର୍ଣ୍ଣେ ମାଳା ।
ଚନ୍ଦ୍ରାବଳୀ ଗଣେ ଅନୁରାଗ-ଆମୋଦରେ କୁଟିଳା ॥
ପ୍ରିୟସଖୀ ନିକର ବଚନାନ୍ତରେ କହେ ହରି ।
ମନ୍ଦହାସେ ମଉନରେ ଭାବେ ...ଣ କୃଶୋଦରୀ ॥
ମୁହିଁ ତୁମ୍ଭ ଭାବେ ଗୁଞ୍ଜା ବହେ ନାନାର୍ଥ ଲଗାଅ ।
ବିଦଗଧ ବୋଲେ ପ୍ରମାଣ ଯେ ବଚନ ଉଗାଅ ॥
ଆମ୍ଭ ବେଶରେ ଗୋପାଳ ବନ ଫୁଲ ଫଳ ନାହିଁ ।
ରତ୍ନ ଆଭରଣ ଇଚ୍ଛା କରେ ରାଜଜେମା ଯେ ... ।
ଏହି ସ୍ୱଭାବେ ଗୁଞ୍ଜରେ ଯେ ଖଣ୍ଡିତା ମଣ... ।
ଏହି ଫଳେ ଯେବେ ...ତବନ୍ତି ଦେଖାଅ ... ॥
କଥାରସେ ଛଳବଶେ କୃଷ୍ଣ ବିଳାସରେ ବା... ।
ନିକୁଳ କୁଞ୍ଜ ମଞ୍ଜୁଳ ବଞ୍ଜୁଳ ବନେ ମିଳି ॥
ଜନ ଆତଯାତ ଅପବାଦ ଉଦେ ବାହୁଡ଼ିଲେ ।
ନିଜକୁଣ୍ଡେ କେଳିବନେ କୃଷ୍ଣ ଯେଣେ ମିଳିଲେ ॥

ଶାଶୁ ଜଟିଳାର ଭୟେ ବନ ନନ ଚିନ୍ତା ହୋଇ ।
ସୂର୍ଯ୍ୟ ପୂଜା ମଧ୍ୟାହ୍ନରେ ବାହାନାରେ ପୁରେ ଯାଇ ॥
ଗୁରୁଜନ ପ୍ର.ଜନ ମ... ମଳ ଦର୍ଶନ ।
ପ୍ରୀତି ମାନନ୍ତେ ... ଜନସ୍ୱ ବଚନେ ॥
କାନ୍ତ ଗୋଷ୍ଠରେ ... ରଚେ ଉପହାର ।
ଦଧି ଶାକର କଦଳୀ ... ଖଣି ସାର ॥
ଏମନ୍ତେ ଶ୍ରୀକୃଷ୍ଣ ସାୟଂ ସମୟରେ ବନୁ ଆସେ ।
ସମ ବୟସ କୁମର ସଙ୍ଗେ ବେଣୁନାଦ ଘୋଷେ ॥
ହେମା ଗାବରେ ଗୋଧନପଥ ପୂର୍ଣ୍ଣ ଅଇଲେ ।
ଗୋପ ବିରହଦାନଳ ଶୀତଳ ଗଙ୍ଗା କି ବହିଲେ ॥
ଆଗେ ଗାବ ପଛେ ସଖା ସଙ୍ଗେ ରାମକୃଷ୍ଣ ଦେଖି ।
...ମ ହାର ମଧ୍ୟେ ଯେସନେ ଶୋଭେ ହୀରା ନୀଳମଣି ॥
ରାଇ ଅଟ୍ଟାଳୀ ଆରୋହି କୃଷ୍ଣ ମୁଖ ନିରୀକ୍ଷଣେ ।
ସଙ୍ଗ ବିଚ୍ଛେଦ ବିପଦ ମହାଦୁଃଖ ଉପେକ୍ଷଣେ ॥
କାନ୍ତ ଶ୍ରାନ୍ତ ନିମନ୍ତେ ଯେଉଁ ପକ୍ୱାନ୍ନ ସମ୍ବାଦ ।
ଦ୍ରବ୍ୟ ଅମୃତ କର୍ପୂରକେଳି ଲଡ଼ୁ ନାନା ସ୍ୱାଦ ॥
ଅତିଯତ୍ନେ ପାତ୍ରେ ପୂରାଇ ଚନ୍ଦନ ମୁଦ ଦେଇ ।
ଚମ୍ପା ଲତିକାର ହସ୍ତେ ଦିଏ ପ୍ରେମଭରେ ହୋଇ ॥
ଧନିଷ୍ଠାର ସଙ୍ଗେ ବ୍ରଜେଶ୍ୱରୀ ସମୀପେ ପ୍ରେରନ୍ତି ।
ଉପହାର ଘେନି ବେନି ବାଳୀ ହରଷେ ଆସନ୍ତି ॥
ଯଶୋବନ୍ତୀ ଆଗେ ଥୋଇ ରାଇ ନିବେଦନ କହି ।
ବୃଦ୍ଧି ଆନନ୍ଦରେ ବୋଲନ୍ତି କଲ୍ୟାଣ ହେଉ ରାଇ ॥
ଯତ୍ନେ ରଖି ଉଦବେଗ ଆସେ କୃଷ୍ଣ ଆଗମନେ ।
ପୁତ୍ର ଦେଖି ସ୍ନେହେ ଅଶ୍ରୁ ନେତ୍ର କ୍ଷୀର ସ୍ରବେ ସ୍ତନେ ॥
ନନ୍ଦ ଉପନନ୍ଦ ବସୁନନ୍ଦ ଆଦି ଗୋପ ଯେତେ ।
ପଥ ଆଗୁଳି ... କୃଷ୍ଣ ଦେଖିବା ନିମନ୍ତେ ॥
କୁଳବଧୂ ବୃନ୍ଦ ... ପଥ ଦେଖି ।
ଧୈର୍ଯ୍ୟ ଧରି ... ଲ ପାଖେ ପାଖେ ॥
କୃଷ୍ଣ ଆଜ୍ଞାରେ ମୂ... ମଣ୍ଡଳେ ରହିଲେ ।
ସଖୀମାନେ ସଙ୍ଗେ ପୁରଦ୍ୱାରେ ପ୍ରବେଶ ହୋଇଲେ ॥
ମାତା ଯଶୋଦା ରୋହିଣୀ ଅନୁଭୂତି ଆଳତି ।
କେତେ କହି ବ୍ରଜରାଜ ନନ୍ଦନନ୍ଦନ ସମ୍ପତ୍ତି ॥
ଶ୍ରମ ଜଳରେ ଘୋଟିଲା ତନୁ ପୋଛନ୍ତି ସାଧ୍ୱିଲେ ।
ମୁଖଚୁମ୍ବନ ଦେଇ କୋଳକରି ପୁରେ ପ୍ରବେଶିଲେ

ଯେଷ୍ଟା କୁମରଙ୍କୁ ଜନନୀ ମନ୍ଦିରେ ଗଲେ ଘେନି ।
ସ୍ନାନ ସୁବେଶ ଭୋଜନ କରେ ରାମ କୃଷ୍ଣ ବେନି ॥
ରାଇ କର ସ୍ପର୍ଶ ଅଶନ ସ୍ୱାଦ ସଉରଭ ।
କୃଷ୍ଣ ମନ ଅଭିରୁଚି ଭୁଞ୍ଜି ପୂର୍ଣ୍ଣ କରେ ଗର୍ଭ ॥
ମାଏ ରାଣୀ ଦେଇଣ ଭୁଞ୍ଜାନ୍ତି ପଦାର୍ଥ ଚହ୍ନାଇ ।
ବାବୁ ଅତି ଯତ୍ନେ ବୃଷଭାନୁ ଜେମା ଅଛି ଦେଇ ॥
ମାଏ ଅତି କଠାଳନ୍ତେ ଅର୍ଦ୍ଧ ଭୁଞ୍ଜି ଅର୍ଦ୍ଧ ମୁଞ୍ଚେ ।
ରାଇ ଆଶାକୁ ଜାଣି ଧନିଷ୍ଠା ଯତ୍ନେ ନେଇ ସଞ୍ଚେ ॥
ଭୋଜନର ଅନ୍ତେ ଆଚମନ ସୁବାସିତ ନୀରେ ।
ତହିଁ ଆସନରେ ଜମ୍ବିଲ ତାମ୍ବୂଳ ଲାଗି କରେ ॥
ଚମ୍ପା ଲତିକା କୃଷ୍ଣ ଅଧରାମୃତ ଘେନି ଚଳି ।
କୁଶତରେ ଯାବଟରେ ଯାଇ ରାଧା ପାଶେ ମିଳି ॥
ଦେଖି ଆସନ ଛାଡ଼ି ବସନ ଟାଣି ଗଉରବେ ।
ଅତି ଲାଳସ ମାନସ ଅବଶେଷ ସଉରଭେ ॥
ମହା ଆନନ୍ଦ ଭକ୍ଷଣ ସେବା କରି ହୁଏ ତୋଷୀ ।
ଏହା ବିନା ଅନ୍ନପାନ ନକରଇ ଶୁଭ୍ରକେଶୀ ॥
ପ୍ରାତଃ କାଳ ପରି କୃଷ୍ଣ ସଖା ସଙ୍ଗେ ଗାଈ ଦୁହେଁ ।
ଦୁଧଭାର ଘେନାଇଣ ସେ ପ୍ରବେଶ ନିଜ ଗୃହେ ॥
ପିତା ସଙ୍ଗେ ଷଡ଼ରସାନ୍ନ ଭୁଞ୍ଜନ୍ତି ବେନି ଭାଇ ।
ପ୍ରଦୋଷରେ ଗୋପ ସଭାରେ ପ୍ରବେଶ ହେଲେ ଯାଇଁ ॥
ଗୁଣିଗଣ ନୃତ୍ୟ ଗୀତ ବାଦ୍ୟେ ସାବଧାନ ହୁଏ ।
ନିଦ୍ରା ଆଳସ୍ୟେ ଜନନୀ ଭୃତ୍ୟ ପେଷିଣ ଅଣାଏ ॥
ସୁଗନ୍ଧିକା ସ୍ୱାଦୁ ଗାବ ଦୁଗ୍ଧ ଯତ୍ନେଣ ରଖାଇ ।
ରାଣୀ ଦେଇ ଅଙ୍ଗ ଆଉଁସିଣ ଲଳତେ ପିଆଇ ॥
କୃଷ୍ଣ ପଲଙ୍କେ ଶୁଆଇ ପୁରି ଦେହଲି ନିଷେଧି ।
ନିଦ୍ରାଭଙ୍ଗ ଭୟେ ଜଣେ ଜଣେ କହିଣ ପ୍ରବୋଧି ॥
ଏଣେ ରାଇ ବେଶ ହୁଏ ଶୁକ୍ଳ ପକ୍ଷ ଅଭିସାରେ ।
କେଶ ସାଞ୍ଜୋଇଣ ଗନ୍ଧମଣ୍ଡି ମଲ୍ଲିକା ପୁଷ୍ପରେ ॥
ଚନ୍ଦ୍ରସ୍ୱର୍ମି ମୋତି ସିମନ୍ତୀ ଖଞ୍ଜନ୍ତେ ମହାଶୋଭା ।
ନବ ନୀରଦେ ଆଚ୍ଛାଦେ କି ସେ ପୂର୍ଣ୍ଣଚନ୍ଦ୍ର ପ୍ରଭା ॥
ଭାଲ ପିଣ୍ଟରେ ଚନ୍ଦନ ବିଂଦୁ ଇଂଦୁ ପରେ ଇଂଦୁ ।
ଦେଖି ମୁଖ କଳା ପଡ଼ିଲା ଓସ ଗଗନର ବନ୍ଧୁ ॥
ଷୋଳ କଳାହୀନ ମୁଁ ତ ଏତ ସହସ୍ର କଳାରେ ।
ଲାଜ ପାଇ ଲୁଚି ଯାଇ ଭୟେ ମେରୁ ଉହାଡ଼ରେ ।

ନେତ୍ରେ ଘନସାରାଞ୍ଜନ ଧରେ କର୍ପୂର ତାମ୍ବୂଳ ।
ମଂଦହାସେ କୁଂଦଦଶନର ବିକାଶେ ଉଜ୍ଜ୍ୱଳ ॥
କର୍ଣ୍ଣେ ହୀରାରତ୍ନତାଟଙ୍କ କଣ୍ଠରେ ମୋତିହାର ।
ଭୁଜେ ଅଙ୍ଗଦ କଙ୍କଣ ଚୂଡ଼ି ମୁଦି ସୁବର୍ଣ୍ଣର ॥
ସୂକ୍ଷ୍ମ ସରୁ ଶ୍ୱେତ ବସନ ଅଙ୍ଗରେ ଆଚ୍ଛାଦନ ।
ସର୍ବାଙ୍ଗରେ ବୋଳ ମୃଗମଦେ କର୍ପୂର ଚଂଦନ ॥
ପାଦେ ନୂପୁର ଝିଞ୍ଜିଣି ବେଗେ ବେଶ ବଢ଼ାଇଲେ ।
ବୃଂଦା ଶ୍ୱେତ ପଦ୍ମ କରେ ଦେଇ ପଥ କଢ଼ାଇଲେ ॥
ଗଜ ମତ୍ତ ସଖୀ ସଙ୍ଗତେ ଚଳଇ ହଂସଗାମୀ ।
ପ୍ରାଣନାଥ ନ ଦେଖିଣ ଶଙ୍କି ଛନ ଛନ ଭ୍ରମି ॥
କୃଷ୍ଣ ବାହାର ଶୟନ ପୁରୁଁ ପଶ୍ଚିମ ଦୁଆରେ ।
ଲୋକଭୟେ ଗମେ ପଥେ ତରୁ ଆବୃତଛାୟାରେ ॥
ଯମୁନାର ତଟ ନିଭୃତ କୁଞ୍ଜରେ ରାଇ ଭେଟି ।
ବେନି ଜନଙ୍କର ଆନଂଦ ବିନଚ୍ଛଦ ଗଲା ତୁଟି ॥
ନାସ୍ୱପୂଥ ସଙ୍ଗେ ମନମଥ ରଙ୍ଗେ ବିଳସଇ ।
ଜାମ୍ବୁନଦ ମଧ୍ୟେ ନୀଳମଣି ଯେମନ୍ତ ଦିଶଇ ॥
ନବ ନିଭୃତ କୁଞ୍ଜରେ ପୁଷ୍ପଶଯ୍ୟା ଏକଂସଙ୍ଗେ ।
ରସେ ରସିକ ସେ ରସବନ୍ତ ରତିରଣ ରଙ୍ଗେ ॥
ଝାଳେ କର୍ପୂର ଚଂଦନ ଘନସାର ଅଙ୍ଗୁ ଖସି ।
ଗୁଞ୍ଜାହାର ଛିଣ୍ଡି ଏକ ଗୋଟି ଥିଲା ତହିଁ ମିଶି ॥
ଏମନ୍ତେଣ ମହାନିଶା କାଳେ ଶ୍ରମରେ ନୟନ ।
ନିଶା ଶେଷ ଦେଖି ବୃଂଦାଦେବୀ ଉଦବେଗୀ ମନ ॥
ଶୁକ ଶାରିକ ଯତନରେ ପଢ଼ାଇଣ ପଦ୍ୟାବଳୀ ।
ସଖୀଗଣ ଜାଣି ଜାଗ୍ରତେ ହୋଇଣ ଏକମେଳ ॥
ରାଧା କୃଷ୍ଣଙ୍କ ଶୟନ ଶୋଭା ଦେଖେ ଲତା ଭେଦେ
ମୁଖେ ମୁଖ ଉରେ ଉର ବାହୁ ପାଦେ ପାଦ ଛଂଦେ
ପକ୍ଷୀ କୋଳାହଳ ଶୁଣିଣ ଜାଗ୍ରତ ହୋଇ ବସି ।
ହାଇମାରି ଅଙ୍ଗମୋଡ଼ି ଏକ ରୁହାଁ ହସା ହସି ॥
ବୃକ୍ଷେ କକ୍ଖଟି ଜଣାଏ ବନେ ଜଟିଳ ଆଗମ ।
ସର୍ବେ ଉଦବେଗ ମନ ଛାଡ଼ି ଯିବାକୁ ଉଦ୍ୟମ ॥
ସୁଖ ମନ ରଖି ଦୁଃଖ ମନେ କୁଞ୍ଜରୁ ଆସନ୍ତି ।
ବେନି ଅଙ୍ଗ ଭୋଗ ଯେତେ ସଖୀ ସମ୍ଭାଳି ଆଣନ୍ତି ॥
ଦେଖି ଶ୍ରୀଅଙ୍ଗ ଉଲଗି ଗନ୍ଧ ଚଂଦନ ପଙ୍କରେ ।
ଗୁଞ୍ଜା ଅଙ୍କୁର ହୋଇଛି ମୁଦ୍ର ଏକ ଆଭିକରେ ॥

ଦେଖ ସଖି ଏ ଉଜ୍ଜ୍ୱଳ ରସ ଅଙ୍କୁର ହୋଇଛି ।
ଫୁଲବନେ ଲଗାଇବା ବୋଲି ଚିନ୍ତିଲେ ମୃଗାକ୍ଷୀ ॥
ଗୁରୁଜନ ଭୟେ ନିଜ ମନ୍ଦିରେ ପ୍ରବେଶ ହେଲେ ।
ନିଶି ନିଶି ମତେ ଯେଝା ପଲଙ୍କେ ଶୟନ କଲେ ॥
ପାତାଳ ଗଙ୍ଗାକୂଳେ ମିଳେ ସ୍ନାନ ନିମିତ୍ତରେ ।
ନବ ଗୁଞ୍ଜାଙ୍କୁର ରୋପିବାକୁ ଶରଧା ଚିତ୍ତରେ ॥
ସେହି ତଟେ ରୋପିଛନ୍ତି ନାନା କୁସୁମ ବନିକା ।
ଅତି ଶରଧାରେ ନିତି ପ୍ରତି ପାଳେ ଯା ରାଧିକା ।
ସଖୀବୃନ୍ଦ ଘେନି ସେହି ବନେ ପ୍ରବେଶ ହୋଇଲେ ।
ଶୁଭଲଗ୍ନ ଜାଣି ରଙ୍ଗବିଦ୍ୟା ଅନୁକୂଳ ହେଲେ ॥
ଭୂମି ଶୋଧିଣ ଲଳିତା ମନ୍ଦା ଗନ୍ଧରେ ଭୁଲାଇ ।
ଗନ୍ଧ ଚନ୍ଦନ କର୍ପୂରପଙ୍କ ବିଶାଖା ପୂରାଇ ॥
ଗୁଞ୍ଜାଙ୍କୁର ରୂପମଞ୍ଜରୀ ରାଧିକା କରେ ଦେଲେ ।
କୃଷ୍ଣ ପ୍ରୀତି ରାଇ ହସି ମନ୍ଦହସ ଲଗାଇଲେ ॥
ଚିତ୍ରା ବିଚିତ୍ରା ଆଳବାଳରେ ଚୂନ ଚକ୍କଣରେ ।
ରଙ୍ଗଦେବୀ ରତ୍ନ କରଣ୍ଡକୁ ପଥ ଗୁହଇ କରେ ॥
ସୁଶୀତଳ ଜଳ ମୂଳରେ ସୁଦେବୀ ଦେଇ ସିଞ୍ଚ ।
ଚମ୍ପାଲତିକା କୋମଳ ପବନେ ଧୀରେ ଧୀରେ ବିଞ୍ଚ ॥
ଇନ୍ଦୁରେଖା ଅବଲମ୍ବନେ ଚନ୍ଦନ ଶାଖା ରୋପେ ।
ସଖୀଗଣ ହୁଳହୁଳି ଦେଇ ମଙ୍ଗଳ ଆଳାପେ ॥
ଏହି ଫୁଲବନେ ନର୍ମଦା ମାଳୁଣୀ ଅଧିକାରୀ ।
ନିତି ଅତିଯତ୍ନେ ଆରାଧି ପାଳଇ ଯତ୍ନକରି ॥
ରାଇ ଶ୍ରୀକର ସ୍ପରଶୁ ଲତା ଧୀରେ ଧୀରେ ବଢ଼େ ।
ଚୂନି ଚଉରି ଚନ୍ଦନ ଡାଳ ଉପରେଣ ମାଡ଼େ ॥
ନିତି ନିତି ଦେଖେ ଜେମା ଅତି ଶରଧା ଚିତ୍ତରେ ।
ନବ ପଲ୍ଲବିତ କୁସୁମିତ ଫଳ ଏମନ୍ତରେ ।
କେଣ୍ଡି କେଣ୍ଡି ସ୍ତବକରେ ଲତା ସୁନ୍ଦର ଦିଶିଲେ ।
ଶ୍ୱେତ ଗୁଞ୍ଜା ବୀଜ ଗୁନ୍ଥି ରାଇ ଚିତ୍ତକୁ ତୋଷିଲେ ॥
କଳା ପାଟସୂତାରେଣ ଗୁନ୍ଥି ମାଳ ମାଳ କରି ।
ସଖୀଜନ ଦେଲେ ଗଲେ ନାଏ ଶ୍ରୀକୃଷ୍ଣ ସୁମରି ॥
କୃଷ୍ଣ ମିଳନେ ଦେଖିଣ ପୁଚ୍ଛେ ଶୁଣସି ଗୋ ପ୍ରିୟେ ।
କାହୁଁ ପାଇଲ ଏ କଣ୍ଠ ମାଳା ଧବଳ ଗୁଞ୍ଜା ପ୍ରାୟେ ॥
ରାଗ କୁଟିଳ ଗ୍ରୀଷଣ ଅତି ଉଜ୍ଜ୍ୱଳ ମଞ୍ଜୁଳ ।
ଯେମାନେ ଗୋ-ସଙ୍ଗେ ମା ମନ ତୁମ୍ଭଂ ଠାରେ ନିର୍ମଳ ।

କେଉଁ ବନେ ଅଛି କେ ଦେଲା ପାଇଲ ତୁମ୍ଭେ କାହୁଁ ।
ନାନା ବନେ ବୁଲୁଁ ଏରୂପେଣ ଗୁଞ୍ଜା ଦେଖି ନାହୁଁ ॥
ମୋର ସ୍ୱନ୍ଦେଶ ଉଜ୍ଜ୍ୱଳ ରସଫଳ ହୃଦେ ଧର ।
ହେମଗିରି ଶିରରେ ଯେସନେ ସୁରନଦୀ ଧାର ॥
ସଖୀ ଆମ୍ଭଙ୍କୁ ପାଲଟ କରି ଏକମାଳା ଦିଅ ।
ଆମ୍ଭ ଠାରୁଁ ଗଜ ମୁକୁତା ହାରକୁ ତୁମ୍ଭେ ନିଅ ॥
ରାଇ କହେ ଚନ୍ଦ୍ରାବଳୀ ପ୍ରାୟେ ଯେଉଁ ମୋତି ମାଳ ।
ତାହା ଦେଇ ପାଲଟାଇ ନେବ ଏଥୁ ବନ ଫଳ ॥
କୃଷ୍ଣ କହେ ରଙ୍ଗ ଗୁଞ୍ଜାରେ ଖଣ୍ଡିତା ଭାବ ବହ ।
ଶ୍ୱେତ ଶୁକଳେ ଶୋଭା ହୋଇବ ଆମ୍ଭ ଶ୍ୟାମ ଦେହ ॥
ଯେବେ ପାଲଟ ନଦେଲ ତେବେ ରାଜଭୋଗ ଦିଅ ।
ଏହି ବନେ ଫଳଜାତ କରି ଆଗେ ଅଙ୍ଗେ ନାଅ ॥
କାମରାଜା ବନେ ଆମ୍ଭଙ୍କୁ ଦେଇଛି ଅଧିକାର ।
ଫଳଭୋଗ ନ ଦେଇଣ ଇଚ୍ଛା ସୁଖେ ଭୋଗକର ॥
ଏହିକ୍ଷଣି କାମରାଜନ ପାଖକୁ ଘେନିଯିବ ।
ନବ ଫଳ ଅଙ୍ଗେ ବହିଲ ଉଚିତ ଦଣ୍ଡ ଦେବ ॥
ରାଇ କହେ କାମରାଜା ବୋଲି ଆମ୍ଭେତ ନଜାଣୁଁ ।
କେଉଁ ଦିନ ବନପାଳୀ ହେଲ ତୁମ୍ଭ ଠାରୁଁ ଶୁଣୁଁ ॥
ଏତ ଅବଳା ବିହାର ବନ କାହା ପଣ ନାହିଁ ।
ଚଳ ଅଚଳ ସକଳ ଏ ଯୁବତୀ ଗୁଣ ବହି ॥
ଆମ୍ଭର ହୋଇ ପୁରୁଷ ଗଣତାରେ ତୁମ୍ଭେ ଅଛ ।
ଏବେ ମନସିଜ ରାଜାର ପୁରୁଷ କୁହାଉଛ ॥
ଏତେ ବୋଲିଣ ଅବଜ୍ଞା କରି ଚଳେ ନୃପଶୋଦରୀ ।
ନାଗେଶ୍ୱର ତୋଳେ ଶ୍ରୀକରେ ନୁଆଁଇ ଡାଳ ଧରି ।
ତହିଁ ଭ୍ରମର ନିକର ମକରନ୍ଦ ଚୁମ୍ବୁଥିଲେ ।
ରାଇ ମୁଖପଦ୍ମ ଗନ୍ଧ ପାଇ ଝାମ୍ପିଣ ପଡ଼ିଲେ ॥
ଭୟେ ପଛ ପାଲଟିଣ ପ୍ରାଣନାଥ କୋଳକରି ।
ଦେଖି ହୃଦେ ଭଡ଼ିବ ମାନେ ଅଳି ଦୂର କରି ॥
ଅଳଙ୍କାରେ କୋଟିମନ୍ମଥ ଦରିଦ୍ର ଘରେ ପଶି ।
ରାଇ ଚିବୁକରେ କର ଦେଇ ଧୀରେ ଟେକି ହସି ॥
ରାଇ ଲଜ୍ଜା ପାଇ ବାହାର ହେବାକୁ କରେ ମନ ।
ଫେଡ଼ି ନପାରେ ନାଗର ଶ୍ରୀକର ପ୍ରେମବନ୍ଧନ ॥
ରୋଷ ତର୍ଜନା କରିଲେ ନାନା ଭର୍ତ୍ସନାରେ କହି ।
ପରନାରୀ ବଳେ ଧର ମନେ କଂସ ଭୟ ନାହିଁ ॥

ଆନ ଗୋପତରୁଣୀ ଦୁହେଁ ମୁହିଁ ବନରେ ଧରିବ ।
ଚନ୍ଦ୍ରାବଳୀ ପ୍ରାୟ ମଣ୍ଡଳିଙ୍କ ମହତ୍ତ ସରିବ ॥
ଗୋପେ ଏଡେ ବଳୀୟାର ହେଲ କଂସ ମଲ୍ଲ ମାରି ।
ଅବସରେ ଯମୁନାର କୂଳେ ଏତେ ହର ଯୂରି ॥
ନାନା ଉପାୟ କରିଣ ବାହୁ ଖସାଇ ଲେଉଡ଼ଇ ।
ଯୋଷୀ ହସ୍ତରେ ଅମୃତ ଲଡ଼ୁ ପାଇକ ଛୁଡ଼ଇ ।
କୃଷ୍ଣ ତନ୍ଦ୍ରି ଲୋଚନେଣ ମୁଖ କମଳ କମ୍ପାଏ ।
ବାନ୍ତ ମତ୍ତ ଭୃଙ୍ଗ ପଦ୍ମେ ବସିତ ନ ଦିଏ ॥
ନବ ତପତାବଳ ଭର୍ତ୍ସନା କରଣେରେ ଭେଦେ ।
ଶୁଣି ଗୋବିନ୍ଦ ହୃଦୟାନନ୍ଦ ପ୍ରଫୁଲ୍ଲେ ପ୍ରମୋଦେ ॥
ସୁବର୍ଣ୍ଣ ଲତାକୁ ବେଢ଼ି କଏ ନୀଳମଣି ବାଡ଼ ।
ନବଘନ କୋଳେ ସ୍ଥକତକ ତଡ଼ିତ ନିବିଡ଼ ॥
କାଳିନ୍ଦୀର ମଧ୍ୟେ ସରସ୍ୱତୀ ରହେ କି ଗୁପତେ ।
କି ଅବା ଏ ଜାମ୍ବୁନଦ ନଦୀ ଏ ନୀଳପର୍ବତେ ॥
ସଖୀଜନେ ତର୍ଜ୍ଜନା କରି ବୋଲନ୍ତି ଛାଡ଼ ଛାଡ଼ ।
ବାହୁଯୁଗେ ବଡ କର୍କଶ ତୁମ୍ଭର ଭୁଜଦଣ୍ଡ ॥
ସଖୀ ଶିରୀଷ ସୁକୁମାରୀ ପାଇବ ବଡ଼ ବ୍ୟଥା ।
ପରନାରୀ ବଳେ କରି ଲେଉଡ଼ ଏକି ଭଲ କଥା ॥
ବାହୁ ପ୍ରସାରି ଲଳିତା ବୋଲେ ଛାଡ଼ ଛାଡ଼ ଧୂର୍ତ୍ତ ।
ମହା ପ୍ରଗଲ୍‌ଭ ଯୁବତୀ ମୁହିଁ ତୁମ୍ଭେ ହେ ଜାଣତ ॥
ସୂର୍ଯ୍ୟ ପୂଜାକୁ ଯାଆନ୍ତେ ଛୁଇଁ ଅଶୁଦ୍ଧ ଯେ କର ।
ଶାଶୁ ଜଟିଳା ଜାଣିଲେ କଥା ନୋହିବଟି ଭଲ ॥
କାମେ ଭୋଳ ହୋଇ କୋଳ କର ଏ ପରବନିତା ।
ତୁମ୍ଭ କେଳିକି ଭାଜନ ଏ ଭାଉଜ କୁନ୍ଦଲତା ॥
କୁନ୍ଦଲତା କହେ ହରି ଛାଡ଼ ନବବଧୂ ବାଳା ।
ସୂର୍ଯ୍ୟ ପୂଜାରେ ଜଗିଆ ମୋତେ କରିଛି ଜଟିଳା ॥
ରାଧା ରୂପେ ଅନୁରାଧା ତୁମ୍ଭ କାମ ବାଧା ହରୁ ।
ରାଇ ଛାଡ଼ିଦିଅ ସ୍ନାନ କରି ସୂର୍ଯ୍ୟ ପୂଜା ସାରୁ ॥
ବୋଲେ କଞ୍ଜାକ୍ଷୀ ତୁମ୍ଭେ ଗୋପାଳେ ଏଡ଼େ ବଳୀୟାର ।
ଏତେ ଯୁବତୀ ମଧ୍ୟରେ ରାଜ ଜେମା କୋଳ କର ॥
ନାନା ତର୍ଜ୍ଜନା କରିଣ କର ପିଟାଇ ଲେଉଡ଼ଇ ।
ପ୍ରେମ ଭରେ ଲୀଳା ପଦ୍ମ କୃଷ୍ଣ ହୃଦେ ତାଡ଼ଇ ॥

କୃଷ୍ଣ ବୋଲନ୍ତି ଯେ ତୁମ୍ଭେମାନେ ଯୁଟି କର ଗୋଳ ।
ନାରୀ ଯୂଥ ମଧ୍ୟ ଆଗେ ଆସି କେହ୍ନୁ କଲ କୋଳ ॥
ଶିବା କହେ ତୁମ୍ଭେ ବେନି ତେବେ ଏକଠାବେ ବସ ।
ନ୍ୟାୟ କରିଣ ସଭାରେ ବୁଝିବା କାହାର ଦୋଷ ॥
ନାଗରୀ ସେ କଥା ହସି ବସେ ମାଧବୀର ତଳ ।
ସଖୀ ସର୍ବ ସୁଖୀ ଦେଖି ରାଧା ମାଧବ ଯୁଗଳ ॥
ସେବାପର ସଖୀ ସେବା ଦେଖନ୍ତି ସନ୍ନିଧିରେ ।
ଅତି ନିର୍ମଳ ପ୍ରଣୟ ପ୍ରେମ କହିତ ନିକପଟରେ ॥
ବୃନ୍ଦାଦେବୀଙ୍କି ଲଳିତା କହିଁ ମୃଦୁ ମୃଦୁ ଭାଷେ ।
ସାରୀ ଶୁକେ ଆଜ୍ଞା ଦିଅ ଏ ପଢ଼ନ୍ତୁ ବେନି ରସେ ॥
ଲଳିତାର ବଚନରେ ବୃନ୍ଦା ବୋଲେ ଗୋ ସାରିକା ।
ଏହି ସମସ୍ତ ସ୍ୱରୂପେ ଭାଷ ଶିବ ବଚନିକା ॥
ମହାଯୋଗେ ପୁଣ୍ୟକାଳ ହୋଇଅଛି ବର୍ତ୍ତମାନ ।
ଶୁଣି ଯେମନ୍ତେଣ ସଖୀସଭା ହେବ ଦ୍ରବମାନ ॥
ବନଦେବୀ ଆଜ୍ଞା ପାଇ ସାରୀ ବନ୍ଦଇ ସଭାରେ ।
ପକ୍ଷୀ ଜାତ କି କହିବ ମେରୁ ଯାଗର ସଭାରେ ॥
ଜୟ ଜୟ ଗାନ୍ଧର୍ବିକେ ଜୟ ମୋହନ ମୋହିନୀ ।
ଜୟ ବୃଷଭାନୁସୁତେ କୃଷ୍ଣ ମନ ପ୍ରମୋଦିନୀ ॥
ରାଧା ପ୍ରତିପଦ୍ଦର୍ଶିନୀ ଦିନେ ମହାମାର୍ଗ ମଧ୍ୟେ ।
ଭାଲ ଇନ୍ଦୁରେ ସିନ୍ଦୂର ବିନ୍ଦୁ ପ୍ରାତଃ ମିତ୍ର ଉଦେ ॥
ଏକାସନେ ରବି ଶଶୀ ବେନି କୃଷ୍ଣ ରାହୁ ମିଶେ ।
ପୂର୍ବ ହେତୁ ମୁଖେମୁଖ ଦେଇ ସୁଧା ଲୋଭେ ଗ୍ରାସେ ॥
ଦେଖି ପିକ ବୃତଙ୍ଗଳେ ତିଥି ନାମେ କୁହୁ ଗାଏ ।
ଧ୍ୱନି ବନ ପଲ୍ଲବିତ କରେ ଏଣୁ ବନପ୍ରିୟେ ॥
କାକ ଡାକେ ମୁଖରିକା କୃଷ୍ଣଚନ୍ଦ୍ର ତମ ତ୍ରାସେ ।
ଦୁଇ କୁଳେ ଅନ୍ୟୋନ୍ୟେ ବାଦ୍ୟ ଦିଅନ୍ତି ପୁଣ ଶେଷେ ॥
ଶୁକ୍ଳ ଆଦି ଦ୍ୱିଜ ଭାଷେ ଇନ୍ଦୁ କୋଟିର ସାଦୃଶ୍ୟ ।
କାକ ହାରି ବନୁ ଚଲାଇ ପାଳଇ ପିକ ଶିଷ୍ୟ ॥
ରାଧାକୃଷ୍ଣ ମୁଖ ସଙ୍ଗେ ଗଲେ ଉପରାଗ କାଳେ ।
ବାକ୍ୟ ପଢ଼ିଣ ସ୍ନାନ କରନ୍ତି ଲାବଣ୍ୟ ସଲିଳେ ॥

( ଶ୍ଳୋକଃ )

ନିଶ୍ଚିତେ ଗମ୍ୟତାଂ କୃଷ୍ଣ ତେ ଯେନ ମିତ୍ରସଙ୍ଗମଃ । କାମଗୃଣ୍ଡାଲଯୋନସ୍ତଂ ସ୍ମର ଦୁଃଖଂ ଧ୍ୱସ୍ତଂ କୁରୁ ॥

ଏହି ବାକ୍ୟ ଉଚ୍ଚାରଣ କୃଷ୍ଣ ଲାବଣ୍ୟ ସଲିଳେ ।
କାମ କଲୁଷ ବିନାଶ କରି ମାନସ ନିର୍ମଳେ ॥
ବିଶ୍ୱକର୍ମା ଦ୍ୱିଜବର ଭାବେ କରସି ବରଣ ।
ଉର ମଣ୍ଡଳେ ଲଗାଅ ତାଙ୍କ କମଳ ଚରଣ ॥
ଜାନୁ ଆସନେ ବସାଇ ପ୍ରେମଜଳେ ପାଦ ଧୁଅ ।
ଯଜବନ ହେମପୂର୍ଣ୍ଣ-କୁମ୍ଭେ ପତ୍ରାବଳୀ ଲିହ ॥
ଶୁଭଫଳେ କୃଷ୍ଣ କର ଦେଇ ସଂକଳ୍ପ ଉଚ୍ଚର ।
ମନ ନିର୍ମଳରେ କାମ ପୂର୍ଣ୍ଣ ତୀର୍ଥକୁ ସମର ॥
ପାତାଳଜ ଗଙ୍ଗେ ଯମୁନେ ମାନସ କାଳୀ ହ୍ରଦ ।
ରାଧାକୁଣ୍ଡ ଶ୍ୟାମକୁଣ୍ଡ ବେଣୁ-କୂପ ପୁଣ୍ୟପ୍ରଦ ॥
"କୃଷ୍ଣ କୃଷ୍ଣ କୃଷ୍ଣ ପୀତାମ୍ବରଧର କୃଷ୍ଣ ମେଘ-।
ବର୍ଣ୍ଣ ଦ୍ୱିଭୁଜ ପ୍ରସନ୍ନବଦନ ଧ୍ୟାୟେ ଅନଘ ॥
ସର୍ବ-ବିଘ୍ନୋପଶାନ୍ତେ ସ୍ମରଣେ ସକଳ-କଲ୍ୟାଣଂ-।
ଭଜନ ଯସ୍ୟ ଜାୟତେ" ବୋଲେ ହଅସି ରମଣ ॥
ପୁରୁଷୋତ୍ତମଜଂ ନିତ୍ୟଂ ବ୍ରଜାମି ଶରଣଂ ହରିଂ ।
ବେଣୁପାଣେ କୁଞ୍ଜଳସ୍ୟାର୍ଚ୍ଚିତ ଗୋବିନ୍ଦ ସୁମରି ॥

ପୁଣ୍ଡରୀକ ଅକ୍ଷ ରକ୍ଷ ମୋତେ ଶରଣ୍ୟର ଗତି ।
ତନୁ ମନ ଦାନ ଦେଇ ଖଣ୍ଡ ରତିପତି ଶକ୍ତି ॥
କାମ ବୀଜ ମନ୍ତ୍ର ଜପି ହରିପ୍ରିୟେ ପ୍ରୀତ ହୁଅ ।
ସଦା ଏହି ବୃନ୍ଦାବନେ କୃଷ୍ଣ ସଙ୍ଗେ ଜନ୍ମ ନିଅ ॥
ଶୁଣି ସଖୀ ପ୍ରମୋଦିନୀ ରାଧାକୃଷ୍ଣ ଅତି ସୁଖେ ।
ସ୍ନେହଭର ହୋଇ ସେ ଶାରୀକି ପୁଚ୍ଛନ୍ତି ବିଶାଖେ ॥
ସ୍ନାନବିଧି ବାକ୍ୟ ପଢ଼ିଲ ମୁକତି ବିଧି ବାକ୍ୟ ପଢ଼ ।
ଶାରୀ ବୋଲେ ଦେଖ ନାହିଁ କୃଷ୍ଣ ସହରାସ ଗାଢ଼ ॥
ଏଥି ବିମୁକ୍ତ ହୋଇଲେ ସେ ବିମୁକ୍ତ ବାକ୍ୟ କହି ।
ମୁକ୍ତ ନୋହୁଣ ପଢ଼ିଲେ ରାସଭଙ୍ଗ ଦୋଷ ପାଇ ॥
ଶୁଣି ସଜନୀ ନିକର କୃଷ୍ଣେ ପ୍ରାର୍ଥନା କରନ୍ତି ।
କ୍ଷଣେ ସ୍ୱଚ୍ଛନ୍ଦେଣ ବସ ଶାରୀକ ବାକ୍ୟ ବୋଲନ୍ତି ॥
ସଖୀ ହିନସ୍ୱରେ କୃଷ୍ଣ ରାଧା ଆଗ୍ରହଣ ଛାଡ଼ି ।
ଦେଖି ସୁଜାଣ ସାରିକା ହସେ ମୁକ୍ତ ବାକ୍ୟ ପଢ଼ି ॥

( ଶ୍ଳୋକ )

ରାଧାପାଦବିମୁକ୍ତାସ୍ତି କୃଷ୍ଣବଦନଶଙ୍କଟାତ୍ ।
ତଥାଽହଂ ରାଧିକାନାଥସ୍ମରଦୁଃଖାଦ୍ ବିମୁଞ୍ଚସ୍ୱ ॥

ସଂହୃ ତବ ବଚନିକା ଶୁଣି ସର୍ବେ ପ୍ରେମେ ଭାସେ ।
ହାବେ ଉଲ୍ଲସିତ ତନୁ ସଖୀ ଶାରୀକ ପ୍ରଶଂସେ ॥
ବୋଲ ବୋଲ ବନଦେବୀ ଏବେ ବିରଜା ପଢ଼ି ।
ନବ ପ୍ରେମଲତା ଉପରେ ଅମୃତ ରସ ଏଢ଼ି ।
ସଖୀଗଣ ଶିରଧାରେ କୃଷ୍ଣ ନେହାନ୍ତି ଇଙ୍ଗିତେ ।
ବୃନ୍ଦା ବୋଲେ ପଢ଼ ପଢ଼ ଶୁକ ସଦ୍ଗୁଣ ସଙ୍ଗୀତେ ॥
ବାର ତିଥି ଚନ୍ଦ୍ର ତାରା ଯୋଗ ମାସ ପ୍ରତ୍ୟକ୍ଷରେ ।
ପୁଣ୍ୟକ୍ଷେତ୍ର ତୀର୍ଥ ଅଧିଯୋଗ ଭାବ ରୂପକରେ ॥

ଶୁଣି ଶୁକ ପଢ଼େ ଜୟ ବୃନ୍ଦାବନ ମୂର୍ତ୍ତି ବିଧୁ ।
ଜୟ ଇନ୍ଦ୍ରନୀଳମଣି ତନୁ ରାଧା ପ୍ରାଣବନ୍ଧୁ ॥
ଶାରୀ କହିଲେ ଯେ ଉପରାଗ ସମସ୍ତ ସ୍ୱରୂପେ ।
ଏହିଦିନ ମହାମହଶ୍ରୀ ଯୋଗହିଁ ଅନୁରୂପେ ॥
ବିଧିବାରେ ସୂର୍ଯ୍ୟେନ୍ଦୁ ସଙ୍ଗମେ ରାଧା ପୂର୍ଣ୍ଣିମାଣି ।
ବିଧି ଶୁଭ କର୍ମ ଯୋଗେ ଯେ କରଣେ ମିଳେ ଆସି ॥
କୃଷ୍ଣପ୍ରୀତି ମହାମହଶ୍ରୀ ଏ ଯୋଗାଧିଷ୍ଠେଗରେ ।
ସ୍ନାନ ଦକ୍ଷିଣ ପୁରୁଷୋତ୍ତମ ଲାବଣ୍ୟ ସାଗରେ ॥

ପ୍ରାର୍ଥନା ବାକ୍ୟଂ

ଜନ୍ମଶତସହସ୍ରାଣି କୃଷ୍ଣପ୍ରଣୟପ୍ରେୟସୀ ।
ସ୍ମରଦୁଃଖବିନାଶାୟ ସ୍ନାତ୍ୱା ତୁ ଲବଣାମ୍ବୁଧି ॥

ମହାଶ୍ରୀ ପାର୍ଥନା

ମହାମାର୍ଗେ ବିଧୌବାରେ ରାଧାସୂର୍ଯ୍ୟେନ୍ଦୁସଙ୍ଗମଃ ।
ମହାମହଶ୍ରୀ ବିଖ୍ୟାତ ମମ କାମଭୟଂ ହର ॥

ସ୍ମର ଶାସ୍ତ୍ରେ ବିଚକ୍ଷଣ କୃଷ୍ଣ ଦ୍ୱିଜରାଜେ ଦାନ ।
ରତି କୁଚ ହେମ ଦକ୍ଷିଣା ଅଧର ସୁଧା ପାନ ॥
ରତି ମନ୍ତ୍ର ଜପ କରି ଏହିରୂପେ ଧ୍ୟାନେ ଧରି ।
ଶ୍ୟାମ ଦର୍ଶନେ ପ୍ରମନ୍ତ କାମ କଲୁଷରୁ ତରି ॥

ବର୍ତ୍ତମାନ ଶାରୀ ଶୁକ ବାହ୍ଲୀ ସଭା ମଧ୍ୟେ ଶୁଣି ।
ରସେ ଢଳ ଢଳ ରାଧା କୃଷ୍ଣ ସକଳ ତରୁଣୀ ॥
ପକ୍ୱ ଦାଡ଼ିମ୍ବ ଦାରାକ୍ଷା ଶାରୀ ଶୁକକୁ ଦିଆଇ ।
ରାଧା କୃଷ୍ଣ ବେଢ଼ି ସଜନୀ ନିକର ଶୋଭାପାଇ ॥

ଏମନ୍ତେଣ ସଭା ନ୍ୟାୟେଣ ଲଳିତା କଥା ବାଢ଼ି ।
ଏକ ପ୍ରସଙ୍ଗ ପୁଚ୍ଛେ କୃଷ୍ଣ କହ ସଂଶୟ ଫେଡ଼ି ॥
ରାଜା ଭୟେଣ ପରଜା ସ୍ଥାନ ଛାଡ଼ିଣ ପଳାନ୍ତେ ।
ପଥେ ମିଳି ତସ୍କରଗଣ ପଦାର୍ଥ ଲୁଟନ୍ତେ ॥
ଭୟ ପାଳନ୍ତି ବାହୁଡ଼ି ସେହି ରାଜା ଆଗ୍ରେ ରହେ ।
ସେହି ରାଜା ବନ୍ଧନରେ ରଖେ ଧର୍ମ କେହ୍ନେ ସହେ ॥
ଲଳିତାଙ୍କ ବଚନ ଶୁଣି କହେ ବେଣୁଧର ।
ରାଜା ଅବଜ୍ଞା କରି ପରଜା ଯାଏ ଦୂରନ୍ତର ॥
ଧର୍ମେ ତସ୍କରେ ପରାଜୟ ପାଇ ଲେଉଟଇ ।
ଦଣ୍ଡ ଉଚିତ ତାହାଙ୍କୁ ଯେବେ ଦଇବେ ଭେଟଇ ॥
ରାଜ ଭୋଗ ନଦେଇଣ ନବଫଳ ଭୋଗକରେ ।
ବଡ଼ଦୋଷ ଜେମା ବୃନ୍ଦାବନ ଶୋଭାଧନ ହରେ ॥
କୃଷ୍ଣ ଭ୍ରମରରୁ ବଳି କେଶଅଳି ସୁଅଳକା ।
ନୀଳୋତ୍ପଳ ନେତ୍ର ତିଳଫୁଲ ଶୋଭା ନାସିକା ॥
ବିକଶିତ ପଦ୍ମ ସୁଗନ୍ଧ ବଦନ କୁନ୍ଦରଦ ।
ପିକ ବାଣୀ ରଙ୍ଗ ବିମ୍ବାଧର ଯେହ୍ନେ ଶ୍ରୀସମ୍ପଦ ॥
କଞ୍ଜ ମୃଣାଳ ଭୁଜ ଯୁଗଳ କଳି ଚମ୍ପାଙ୍ଗୁଳି ।
ଗର୍ଭ କେତକୀ ଗଉର କାନ୍ତି ହରେ ରଖେ ଧୂଳି ॥
ଜାତିଫୁଲ ଜ୍ୟୋତି ନଖପନ୍ତି ଶିରୀଷ କୋମଳ ।
ମୃଗମଦଗନ୍ଧ ତନୁ ଚନ୍ଦ୍ର ଚନ୍ଦନ ଶୀତଳ ॥
ତାଳ ଶ୍ରୀଫଳ କୁଚ ଯୁଗଳ ବନପତି କଟି ।
ଭୂମି ନିତମ୍ବ ଭୃଙ୍ଗ ଜଘନ କଦଳୀ ଉଲଟି ॥
କୋକନଦ ଭୃଙ୍ଗପଦ ମରାଳ ଗମନ ।
ଶୋଭା ବହି ଅଙ୍ଗେ ସର୍ବଧନ କଲକ ନିଧାନ ॥
ପୁଣି କାମ ରାଜା ଅସ୍ତ୍ର ନେତ୍ର ଭ୍ରୂଲତାରେ ଧରେ ।
ତେଣୁ ଗୃହିଲେ ସକଳେ ବଶ ନିବାରି ନପାରେ ॥
ଭୃଙ୍ଗ ଭୟେ ମୁଖେ ହସ୍ତ ଆସି ଯୋଗେ ପଡ଼ି ବନ୍ଧ ।
ବାଜି ନୟନ ନାରାଚ ଝଲକଇ ହୃଦେ ଭେଦ ॥
ଧାଉଁ ପାଇ ତହୁଁ ବାହୁବନ୍ଧ ନ ପାରଇ ଫେଡ଼ି ॥
ଆଜି କାମ ରାଜା ଧାଡ଼ିରେ ପଡ଼ିଛୁ କେହ୍ନେ ଛାଡ଼ି ।
ରୋଷ ବହିଣ ବିଶାଖା ବୋଲେ କୃଷ୍ଣଙ୍କୁ ସୁହାଇ ।
କାମରାଜା କାମରାଜା ବୋଲି ହେଉଛ କୁହାଇ ॥
ସେତ ବେଶରେ ଅନଙ୍ଗ ତାର ଅଙ୍ଗ ହେଲା କାହିଁ ।
ଆମ୍ଭ ସଖୀ ସ୍ମିତ ଅପାଙ୍ଗ ଆଶ୍ରିତ ଅଛି ସେହି ॥
ତାର ବଶ ହୋଇ ଯଶ କହି ଏ ବନେ ବଞ୍ଚିତ ।
ମହାରାଜ ଜେମା କୋଳକରି ଏ କେଉଁ ଉଚିତ ॥
କୃଷ୍ଣ ବୋଲେ କାମ ବୋଲି ସେହି ପ୍ରତ୍ୟକ୍ଷଟି ମୁହିଁ ।
ଗୋପେ ନଜାଣି କି ମଦନ ଗୋପାଳ ନାମ ବହି ॥
କେହି ବୋଲନ୍ତି ଅନଙ୍ଗ ନବ ଅଙ୍ଗେ ବହେ ଏଥି ।
କେହି ବୋଲନ୍ତି ଏ ମନମଥ ପରେ ମନମଥ ॥
ତୁମ୍ଭେମାନେ ହେଁତ ରତିପତି ବୋଲି ଜାଣ ।
କାମେ ବଶ ବୋଲି କହ ଦେଖି କିସ ଅବଗୁଣ ॥
ରମ୍ଭା କହେ ଯେବେ କାମ ତୁମ୍ଭ ଧନୁଶର କାହିଁ ।
କୃଷ୍ଣ କହେ ଯାହା କହିଲହିଁ ହରି ଅଛି ରାଇ ॥
ରାଇରୁ ଭ୍ରୂଲତା କୋଦଣ୍ଡ ନୟନର ପଞ୍ଚଶର ।
ଏଣୁ ଅଳପ ଗୃହିଁନ୍ତେ ସେ ପାଷାଣ ଜଉ ଜର ॥
ଚମ୍ପାଲତା ବୋଲେ ସ୍ୱରୂପ ମୋ ତହିଁ ଶୁଣ ହରି ।
ଅନ୍ୟ ନାରୀ ସଙ୍ଗେ ତୁମ୍ଭେ ମନସିଜ ବଶକାରୀ ॥
ରାଇ ପରଶରେ ମଦନମୋହନ ରୂପ ଧର ।
ଅତି ଦୁର୍ଲ୍ଲଭ ଏ ରାଧା ଯେବ ଯୁବତୀଙ୍କ ସାର ॥
କୃଷ୍ଣ କହେ ଚମ୍ପକଲତିକା କହିଲ ସତ୍ୟ ବାଣୀ ।
ଅନ୍ୟ ଦେଶେ ରାଜା ନିର୍ଦ୍ଧନରେ ବଶକାରୀ ଜାଣି ॥
ନିଜ ଦେଶ ନିଜ ଧନାୟୁଧ ପାଇଣ ବିରାଜେ ।
ଯେହ୍ନେ ଦିବସେ ଆକାଶେ ଶଶୀ ନିଶି ଶୋଭା ରାଜେ ।
କହେ ସୁଦେବୀ ଏ ବୃନ୍ଦାବନେ ତୁମ୍ଭେ ଯେବେ ରାଜା ।
କ୍ଷମା କରିବା ଉଚିତ ଦୋଷ କରିଲେ ପରଜା ।
ଭୟ ତାପ ହରି ସୁଖେ ପାଳ ନିଜ ରାଜ୍ୟ କରି ॥
ନୁହେ ଉଚିତ ତୁମ୍ଭର ପରଧନ ବଳେ ହରି ॥
କୃଷ୍ଣ କହେ ଆମ୍ଭେ କାହାର ହରିଛୁଁ ବଳେ କିସ ।
ରଙ୍ଗଦେବୀ କହେ କୁଳବତୀ ହୃଦୟ ମାନସ ॥
ବ୍ରତ ଦୃଢ଼ବାଡ଼ ଭାଙ୍ଗି ବଳେ ନେହାକୁଣେ ନିଅ ।
ରୂପ ଭେଳକି ଲଗାଇ କାମାନଳେ ଜାଳିଦିଅ ॥
କୃଷ୍ଣ କହେ ସଦା ସେବ ଯେବେ ରାଜା ମାନି ଥିବ ।
ମନ ବାମତା କୁଟିଳ ତେଜି ସାତ୍ତ୍ୱିକ ବହିବ ।
ତେବେ କିଛି ଖତି ନ ଲାଗିବ ନୋହିବ ସେ ହାନି ।
ରାଜା ଅନୁଗ୍ରହେ ପରଜା ସଂସାରେ ଥୁଏ ଧନୀ ॥
ତୁଙ୍ଗବିଦ୍ୟା କହେ ଆମ୍ଭ ରାଜା ବଡ଼ଇ ଲମ୍ପଟୀ ।
ସନ୍ନିଧିକି ଗଲେ ଅଙ୍ଗ ଶୋଭା ସର୍ବକରେ ଲୁଟି ॥

ମଧୁକର ପ୍ରାୟେ ବଧୂଙ୍କ ଅଧରୁ ମଧୁ ହରେ ।
ଗଣ୍ଡ ଦର୍ପଣ ନିରେଖି ତହିଁ ଦନ୍ତଘାତ କରେ ॥
ଆପଣାର ଅଙ୍ଗେ ଧରେ କୁଚ ଚିହ୍ନ ପତ୍ରାବଳୀ ।
ରତିରଣେ ହାରପଣେ ଦେଖି କର୍କଶକୁ ଦଳ ॥
ଶୀଷ ନଖେ ହଦାହରି ଅଙ୍ଗେ ଅଙ୍ଗେ କରେ ବନ୍ଦୀ ।
ମାର ହାତେ ଦଣ୍ଡ ଦେଇ ହରେ ବିବେକ ଯେ ବୁଦ୍ଧି ॥
କୃଷ୍ଣ କହେ ରାଜା ନିମନ୍ତେଣ ଯାହା ସଞ୍ଚ ଥାଅ ।
ତାହା ବିନା ରାଜା ହିଳସଇ ଖେଦ କମ୍ପ ପାଅ ॥
ରାଜା ପଦାର୍ଥ ବସ୍ତୁ ପରଜା ନିତି ଚିନ୍ତାପାଇ ।
ରାଜା ଯେବେ ଦସ୍ତୁ କରେ ତେବେ ପ୍ରଜା ସୁଖପାଇ ॥
ପାଶେ ଆସି ଯାଚି ଦେଲବେଳେ ଯେବେ ହେଁ ନେବା
ତେବେ ଅନ୍ତେ ଲୋଡ଼ିଲେକ ଆଉ ସେ ଫଳ ପାଇବା ॥
ଇନ୍ଦୁରେଖା କହେ ମାର ବରଗଣିଆ ଭ୍ରମର ॥
ଅନୁକ୍ଷଣ ସଙ୍ଗେ ଲଗି ରଖି ନନ୍ଦଅଇ ଘର ॥
ଭ୍ରମୁ ଗୁହାରିକି ଆସନ୍ତେଣ ସର୍ବ ଜୁର କର ।
ଏବେ କି କରିବୁଁ ଆଜ୍ଞା ଦିଅ ବୃନ୍ଦାବନେଶ୍ୱର ॥
କୃଷ୍ଣ କହେ ସ୍ମର ଶାସ୍ତ୍ର ପାଇ ପ୍ରମାଣରେ ବୁଝି ।
ଯେତେ ମଧୁର ରସ ଲଗୁଛି ଆଜ ପିବ ସୁଝି ॥
ପତ୍ରାବଳୀ କୁଚେ ଆମ୍ଭ ତିଷ ନଖରେ ଲେଖାଅ ।
କାମ ନିର୍ଭୟରେ ଚନ୍ଦ୍ରଚିହ୍ନ ସଙ୍କେତ ଦେଖାଅ ॥
ଏମନ୍ତେଣ ଅଷ୍ଟ ଶ୍ରେଷ୍ଠସଖୀ ଦଣ୍ଡ ଭେଦ ଶାମେ ।
କୃଷ୍ଣ ବିଦଗଧ ପ୍ରତିଭାଷ ହାସ ରସ ପ୍ରେମେ ॥
କହେ କୁନ୍ଦଲତା କଥା ଦେଖାଇଣ ବେନିଭାବେ ।
ଆମ୍ଭେ ବୃନ୍ଦାବନଚନ୍ଦ୍ର ରାଇ ଦୋଷ କଲ ଯେବେ ॥
ଏବେ ନିର୍ଦୋଷୀ କେମନ୍ତେ ହେବ କହସି ହିଶ୍ୱର ।
କୁନ୍ଦଲତା ସାଧୁବାଣୀ ଶୁଣି ଆନନ୍ଦିତ ହରି ॥
ରାଇ ନିର୍ଦୋଷୀ ହୋଇବ ଯେବେ ଅଛଇ ହିଶ୍ୱର ।
ଆମ୍ଭେ କହିବା କରିବ ଠିକ ଦୃଢ଼େଣ ପଶ୍ୱର ॥
ରାଜା ନିମିତ୍ତ ଅର୍ପିତ ଯେଉଁ ଉରଦେଶ ଧନ ।
ହେମବର୍ଣ୍ଣ ପୂର୍ଣ୍ଣକୁମ୍ଭେ ରଖି କରିଛ ଗୋପନ ।
ଇଚ୍ଛା ସୁଖେଣ ଆପଣେ ଫେଡ଼ି ରାଜାକରେ ଦେଉ ।
ମନସିଜ ପ୍ରିୟବନ୍ଧୁ ପ୍ରୀତିରସେ ଧନ ନେଉ ॥
ବୃନ୍ଦ ବନେ କୁଞ୍ଜ ସଦନରେ ଦେବ ରସବନ୍ଧେ ।
ପିବୁ ବିମ୍ବାଧର ସୁଧାପାନ କହିଇଂ ସ୍ୱଚ୍ଛନ୍ଦେ ॥

କୁନ୍ଦଲତା କହେ ରାଧେ କୃଷ୍ଣ କହିଲେ ତୋ ସାଇ ।
ଭସ୍ମ ଯାଜ ଦିଅ ଉରଦେଶ ଭାଗ ରାଜ କର ॥
ରାଜ ଅମାନିଆ ହୋଇଲେ ରାଜ୍ୟରେ ରହିପାରି ।
ସୂର୍ଯ୍ୟ ପୂଜିବ ନିଶ୍ଚିନ୍ତେ ଆଗେ ରାଜା ବୋଧ କରି ॥
ରାଧା କହେ କୁନ୍ଦଲତା ଅନ୍ୟେ ଶୋଭିତା ନପାଅ ।
ଗୁଡ଼ ତମାଳ ତରୁକୁ ମାଡ଼ି ଯହିଁ ତହିଁ ଥାଅ ॥
ଏମନ୍ତେଣ କଥା ଉଠାଇଣ ନାନା ରସ ଛଳେ ।
କୃଷ୍ଣ ସଙ୍ଗେ ରଙ୍ଗେ ବିହରନ୍ତି ନିଜ କୁଣ୍ଡ କୂଳେ ॥
ମନସିଜ ଯଜ୍ଞ ଆରମ୍ଭ ବିବିଧ ବନ୍ଧେ ଲୀଳା ।
ମଧୁପାନ ଜଳକେଳି ଚିହ୍ନ କୁଞ୍ଜେ ପଶାଖେଳା ॥
ଦିନେ ଦିନେ ଆନ ଆନ ନବତନ ରସ ବଢ଼େ ।
ଏମନ୍ତେଣ ସୂର୍ଯ୍ୟ ପୂଜି ରାଇ ସଦନେ ବାହୁଡ଼େ ॥
କୃଷ୍ଣ ଯମୁନା କୂଳରେ ଧେନୁ ରଖିବାକୁ ଚଳେ ।
ସଙ୍ଗେ ସୁବଳ ମଧୁମଙ୍ଗଳ ବେଗେ ଆସି ମିଳେ ।
ବେଳାବରଣ ଜ୍ୟେଷ୍ଠ ମାସ ମହା ଗ୍ରୀଷମର କାଳ ।
ଗୋରୁ ଗୋପାଳେ କାନନେ ଅତି ତୃଷାରେ ଆକୁଳ ॥
କାଳୀ ହ୍ରଦ ଜଳ ବିଷବାତେ ଟେକିଣ ଉଜାଣି ।
ଯମୁନାର ଜଳ ମିଶିଣ ବହଇ ବିଷପାଣି ॥
ଜାଣି ନପାରି କୁମାରେ ସେହି ଜଳ ପାନ କଲେ ।
ଅଙ୍ଗେ ଗରଳ ଘାରିଲା ଢଳି ପଡ଼ିଲେ ସକଳେ ॥
ଧେନୁ ବୃନ୍ଦ ଜଳ ପାନକରି ପଡ଼ିଲେକ ଢଳି ।
ଏମନ୍ତେଣ ତହିଁ ମିଳେ ବେନି ସଖା ସଙ୍ଗେ ହରି ॥
ଗାବ ଗୋପାଳ ଦେଖିଲେ ତହିଁ ମରି ଶୋଇଛନ୍ତି ।
କାସ ତରିତ ଏମିତି ଏକ ଆରେକ ପୁଚ୍ଛନ୍ତି ॥
ପାଦ ଚିହ୍ନ ପଡ଼ିଅଛି ଅନୁସରି ଗଲେ ଜଳେ ।
ନିଶ୍ଚେ ଜାଣିଲେ କୁମାରେ ବିଷଜଳ ଖାଇ ମଲେ ॥
ଏକ ଏକ ଗୁଣ ସୁମରି କରନ୍ତି ଶୋକ ଚିନ୍ତା ।
ଗୋପ ନଗରେ କି ବୋଲି କହିବ ଯାଇଁ ବାରତା ॥
ଯେଝା ଜନନୀ ଦେଖିବେ ମୋତେ ପଚାରିଲେ ବେଢ଼ି ।
ଆଜ ଏକା ତ ଅଇଲ ଆମ୍ଭ ପୁତ୍ର କାହିଁ ଛାଡ଼ି ॥
ଦେବ ଧରିବେକ ? ପୁତ୍ର ମଲା ଶୁଣି ମୋ ବଦନୁଁ ।
କୃଷ୍ଣ କହନ୍ତେ ଲୋତକ ନୀର ବହଇ ଲୋଚନୁଁ ॥
ଏକ ଏକ ମୁଖ ନିରେଖିଣ ଗୁଣକୁ ବାଖାଣ ।
ଆହା ପ୍ରାଣସଖା ଅନ୍ତେ ସ୍ଥାନରେ ଶୁଣିଲ ଅବନୀ ॥

ତୁମ୍ଭ ଉପକାର କୋଟି କୋଟି ଯୁଗେ ସୁଝି ନୋହି ।
ମନେ ଆକୁଳିତ ହୁଅ ମୋର ଶ୍ରମ ବନେ ଗୁହିଁ ॥
ତରୁ ନନ୍ଦନ ଛାମୁରେ ନବଦଳ ଶଯ୍ୟା ରଚ ।
ମୋତେ ଶୁଆଇ ପାଦ ମଞ୍ଜାଳ ଧୀରେ ଧୀରେ ଘଞ୍ଚ ॥
ଚନ୍ଦ୍ର ଚନ୍ଦନ ପଙ୍କରେ ଗୋଳି ଅଙ୍ଗେ ମୋର ବୋଳ ।
ସ୍ୱାଦୁ ସରସ ଫଳ ଭୁଞ୍ଜାଇ କରଅ ଶୀତଳ ॥
ବୁଲି ନପାରନ୍ତେ କେତେଦୂର ନିଅ କାନ୍ଧେ ବହି ।
ବେଶକରି ମୋତେ ଶତ୍ରେ ତୋଷ ହେଉଥାଅ ଗୁହିଁ ॥
ମୋର ସଙ୍ଗ ପାଇ ମାନ ମାତ ମଦନ ଉପେଖ ।
ହୀନ ଅନ୍ଧ ଧନ ନୟନ ପାଇଲା ପ୍ରାୟେ ଦେଖ ॥
ମୋର କ୍ଷଣକ ବିଚ୍ଛେଦ କୋଟି ଯୁଗ ପରି ମଣ ।
ଏକ ମୁଖେ କେତେ କହିବି ତୁମ୍ଭର ଯେତେ ଗୁଣ ॥
ଆହେ ଶ୍ରୀଦାମ ସୁଦାମ ବସୁଦାମ ମହାବଳ ।
ଆହେ କିଙ୍କିଣୀ ହେସ୍ତୋକକୃଷ୍ଣ ବସନ୍ତକୋକିଳ ॥
ଆହେ ଅର୍ଜୁନ ଉଜ୍ଜ୍ୱଳ ଆହେ ସୁବାହୁ ଲବଙ୍ଗ ।
କିମ୍ପା ଅକାରଣେ ଅବନୀରେ ଶୁତି ଧୂଳିକର ଅଙ୍ଗ ॥
ମୋତେ ନ ଗୁହିଁ ନ କହ କିଛି କିସ ଦୋଷ ଘେନି ।
ଦଶ ଦିଶ ଶୂନ୍ୟ ତୁମ୍ଭ ବିନୁ ଉଆଁସ ରଜନୀ ॥
ପୁଣି ସୁରଭି ପଲକୁ ଗୁହିଁ ରୋଦନ ବଖାଣି ।
ବନେ ଭଲ ରଖି ପାଳିଲ ପିତାଙ୍କୁ କହି ଆଣି ॥
ଗଙ୍ଗା ଯମୁନା ନର୍ମଦା ସରସ୍ୱତୀ ଗୋଦାବରୀ ।
କାଳୀ କପିଳା ଧବଳୀ ତୁମ୍ଭ ଦୁହାଁ ସିନ୍ଧୁ ପରି ॥
କାଳୀ ବିଷ ଜଳ ପାନ କରି ଅଚେଷ୍ଟ ହୋଇଲ ।
ତୁମ୍ଭ ପୁଣ ମୁହିଁ ଭେମାତ କାହାକୁ ଦେଇଗଲ ॥
କୃଷ୍ଣ ବିଷାଦେ କାରୁଣ୍ୟ ବାଣୀ ଶୁଣି ଚେତା ବସେ ।
ଅନ୍ତେ ଜାଣିଲେ ସେ କୃଷ୍ଣ କାନ୍ଦେ ଆମ୍ଭର ଅବଶେ ॥
କର ଚରଣ ନ ଚଳେ ପ୍ରାଣ ଅଛି ରହି ।
ସ୍ଥାନେ ସ୍ଥାନେ ବୁଲି କୃଷ୍ଣ ଲୋଟି ଶୋକଭର ହୋଇ ॥
ତୁମ୍ଭ ବିହୀନେ କି ଆଜ ମୁହିଁ ଗୋପପୁର ଯିବ ।
ପ୍ରାଣେ ଆଶା ନାହିଁ ଏହି କାଳନ୍ଦୀରେ ଝାସ ଦେବ ॥
ଶୋକଭର ହୋଇ ଉଠି ଧାଏଁ କାଳନ୍ଦୀ ହ୍ରଦକୁ ।
ଧାଇଁ ଧରି ଦୁଇ ମିତ କହେ ବଚନ ବୋଧକୁ ॥
ସର୍ପ ଦଂଶିଲେ ବିଷ ଆପ୍ୟାନ କଲେହେଁ ନ ମରି ।
ଏହି ଜାଣି ଜନ ହିତେ ପଦ ଗଦ ଅଛି କରି ॥

ସିନ୍ଧୁ ମନ୍ଥନରୁ ଶିବ ଧରେ ବିଷ କଣ୍ଠଗତେ ।
ସେହି ନାମ ଧରି ଜନ ତରେ ସର୍ପ ଅପଘାତେ ॥
ଏବେ ଆମ୍ଭେ ଗୋପେଶ୍ୱରଙ୍କୁ ସୁମରି ବିଚାରିବା ।
ପଦ ଗଦ ମନ୍ତ୍ର ଝାଡ଼ଣ ଗାରୁଡ଼ ଉଚ୍ଚାରିବା ॥
ଗୋବର୍ଦ୍ଧନ ମଲ୍ଲ ଦତ୍ତ ବିଷ ହରଣ ପାଦୁକା ।
ପୂର୍ବୁଁ ଗାରୁଡ଼ ବିଦ୍ୟାକୁ ହରି କରିଅଛି ଶିକ୍ଷା ॥
କୃଷ୍ଣ ମିତ୍ର ବାକ୍ୟ ସୁମରି ସେ ପାଦୁକା ସୁମରେ ।
ତତକ୍ଷଣେ ଆସି ଲଗିଲା ସେ ଶ୍ରୀକୃଷ୍ଣ ପୟରେ ॥
ପୂର୍ବୁଁ ଭଗବତୀ ଦେଲାର ଗାରୁଡ଼ ମନ୍ତ୍ର ପଢି ।
ସାତ ବାର ପରିକ୍ରମା ସେ କରନ୍ତି ଗୋଷ୍ଠବେଢି ॥
ଗୁହିଁ ଅମୃତ ଲୋଚନେ ଉଠବୋଲି ଦେଲେ ଡାକ ।
ନିଦ୍ରା ଚେତିଲା ପରାୟେ ଉଠେ ସୁରଭି ବାଳକ ॥
ଏକ ମେଳ ହୋଇ ଗୁହିଁ କୃଷ୍ଣ ନୟନ ପୁରାଇ ।
ପୁଏ କରେ କରଛନ୍ଦି ଗାବ ଅଙ୍ଗେ ଘସି ହୋଇ ॥
ଦେଖି ଚକ୍ରବାକୀ ନମଇଁ ସେ କୃଷ୍ଣ ଚରଣ ।
କହେ ବଟୁ ପକ୍ଷୀ ବିନତି କେବଣ କାରଣ ॥
ବଟୁ କହେ ହରି ବିଚ୍ଛେଦ ଏ କାନ୍ତା କାନ୍ତ ବେନି ।
ନଦୀ ବେନି କୂଳେ ରହିଣ ଏ ବଞ୍ଚନ୍ତି ରଜନୀ ॥
ହେବା ପ୍ରବେଶ ହୁଅନ୍ତେ ଚକ୍ରବାକ ଉଦବେଗେ ।
ବିଷ ଜଳେ ପଡ଼ି ମଲା ଉଡ଼ିଯାଉଁ ଶୂନ୍ୟମାର୍ଗେ ॥
ମୃତଭର୍ତ୍ତା ହୋଇବାରୁ ଚକ୍ରବାକୀ ଯେ ନମଇଁ ।
ଗାବ ଗୋପାଳେ ପ୍ରାଣ ପାଇଲେ ଆଚମ୍ବିତେ ଗୁହିଁ ॥
କାନ୍ତ ଜଳରୁ ଜିଆଁଇ ଦେବ ପ୍ରାର୍ଥନା କରୁଛି ।
ଅଶ୍ରୁ ନୟନେ ଚଞ୍ଚୁରେ ଦେଖ ଚରଣ ଧରିଛି ॥
କୃଷ୍ଣ ଆଶ୍ୱାସି କହନ୍ତି କାନ୍ତ ନିକଟେ ଯାଇବୁ ।
ଏହି କାଳନ୍ଦୀ କୂଳରେ ଘେନି ସୁଖରେ ରମିବୁ ॥
ମନେ ବିଚାରନ୍ତି ଏ କାଳୀୟ କାଳନ୍ଦୀରେ ଥିଲେ ।
ବୃନ୍ଦାବନ ଜୀବ ଜନ୍ତୁଙ୍କର ସୁଖ ନାହିଁ ଭଲେ ॥
ଯେବେ ଜଳରୁ ଏହାକୁ ଘଉଡ଼ି ଦେଇ ପାରି ।
ତେବେ ସୁଖେ ବିହରିବେ ଜୀବେ ଜଳ ତୃଣ ଚରି ॥
ଏହି ହ୍ରଦ କୂଳ କୁଞ୍ଜେ କେଳି କରିବା ନିର୍ଭୟେ ।
ରାଧା ପ୍ରାଣଧନୀ ନରମଇ ବିଷବାତ ଭୟେ ॥
ପୁଏ ପୁଚ୍ଛନ୍ତି ହେ ତୁମ୍ଭେ ତିନି ଜଣ ଥିଲ କାହିଁ ।
ଆମ୍ଭେ ଗାବ ରଖିଣ ବନେ ବହୁତ ଦୁଃଖ ପାଇ ॥

ତୃଷା ଆରତରେ ଆସି ଏଥି ଜଳପାନ କଲୁଁ ।
ଶ୍ରମେ ଆସି କଦମ୍ବ ଛାୟାରେ ଡ଼ୋଳେଇ ଶୋଇଲୁଁ ॥
ସୁଖେ ନିଦ୍ରା ଯାଇଥିଲୁଁ ତୁମ୍ଭେ ଭଙ୍ଗାଇଲ ଆସି ।
କୁମରଙ୍କ କଥା ଶୁଣି ତିନି ଜଣ ହସାହସି ॥
ମଧୁମଙ୍ଗଳ ସୁବଳ ସବୁ କହିଲେ ମଣାଇଁ ।
ଶୁଣି କୁମରେ ଚକିତ କୃଷ୍ଣ ମୁଖକୁ ଅନାଇଁ ॥
ହରି ଗାରେଡ଼ି ବିଦ୍ୟା ତୁ ଯେ ଶିଖିଲୁ କେଉଁ ଦିନ ।
ଏତେ ଗୋରୁ ଗୋପାଳଙ୍କୁ ଆଜ ଦେଲୁ ଜୀବଦାନ ॥
କେହୁ ଆଲିଙ୍ଗନ କରେ କେହୁ ପାଦଧୂଳି ଘେନେ ।
ଗାବ ଚଳାଇ ଗୋକୁଳେ ଆସେ ଦିବା ଅବସାନେ ॥
ସ୍ନାନି ସୁବେଶ ଭୋଜନ କରେ ଯେ ଯାହା ମନ୍ଦିରେ ।
ଯେତେ ଚରିତ କହନ୍ତି ମାତା ପିତା ସନ୍ନିଧିରେ ॥
ଆଜ ମରୁଥିଲୁଁ ବିଷ ଖାଇ ଜିଆଇଲା କାହ୍ନୁ ।
ମହାଗାରଡ଼ି ପଢ଼ିଣ ସେ ଝଡ଼ିଲା ଆମ୍ଭ ତନୁ ॥
ଶୁଣି ଗୋକୁଳେ ସକଳ ଜନ ଆଶ୍ଚର୍ଯ୍ୟ ପାଇଲେ ।
ନନ୍ଦ ନନ୍ଦନ କଲ୍ୟାଣ ହେଉ ସମସ୍ତେ ବୋଇଲେ ॥
ଗାବ ଦୋହନ ଭୋଜନ ସାରି ସଭାରେଣ ବସି ।
ଏକ ଆରେକ କୃଷ୍ଣର ମହିମାକୁ ପରଶଂସି ॥
ପୁଣ ରଜନୀରେ ରାଧା କୃଷ୍ଣ ବିପିନେ ବିଳାସ ।
ପ୍ରତ୍ୟକ୍ଷରେ ଚନ୍ଦ୍ରାବଳୀଗଣ ହୋଇଣ ନିରାଶ ॥
ରାଧାକୃଷ୍ଣ ପ୍ରୀତି ସଙ୍ଗ ଭଙ୍ଗ କରିବାକୁ ପାଇଁ ।
ଶଠ ସୁହୃଦ ଭେଦରେ ନାନା ଉପାୟକୁ ରଚି ॥
ନବଶ୍ୱେତ ଗୁଞ୍ଜମାଳା ଅଙ୍ଗ ଆଭରଣ ରଇ ।
କୃଷ୍ଣ ମାଗନ୍ତେ ନଦେଲେ ଜାଣି ଛିଦ୍ରଭେଦ ପାଇ ॥
ହିନେ ଚନ୍ଦ୍ରାବଳୀ ଶ୍ରୀକୃଷ୍ଣ ମିଳନ ଅନୁରାଗେ ।
ବୃନ୍ଦାବନଚନ୍ଦ୍ର ନେମନ୍ତେ ଶ୍ୱେତ ଗୁଞ୍ଜା ଦିଅ ମାଗେ ॥
କୃଷ୍ଣ ବୋଲନ୍ତି ଦ୍ୱାଦଶ ବନେ ଆମ୍ଭେ ପାଇନାହୁଁ ।
ରାଧା ହୃଦୟରେ ଦେଖିଲୁ ସେ ଆଣିଥିଲେ କାହୁଁ ॥
କେତେ ବିନୟମତେ ମାଗିଲୁଁ କେବେହେଁ ନଦେଲେ ।
ଗଜମୋତି ହୀର ପାଲଟ ଯାଚନ୍ତେ ହାସ୍ୟକଲେ ॥
ଚନ୍ଦ୍ରାବଳୀ ବୋଲେ ହରି ମିଥ୍ୟା କହିଲ କପାଇଁ ।
ଯାହା ବୃନ୍ଦାବନେ ନାହିଁ ସେକି ଆନ ବନେ ଥାଇ ॥
ଗୁଞ୍ଜାଫଳ କବ ଦ୍ରବ୍ୟ ସେତି ନଦେଲେ ତୁମ୍ଭରେ ।
ଏତେ ପ୍ରୀତି ବୋଲି ହସି କଉତାକ ପଦ୍ମା କରେ ॥

କୃଷ୍ଣ କହେ କୋଟି ରତ୍ନ ଯେହୁ ଦର୍ଶନେ ମୁଲଇ ।
ସେକି ଗୁଞ୍ଜାଫଳେ ଲୋଭକରି ଆମ୍ଭକୁ ବଞ୍ଚାଇ ॥
ଚନ୍ଦ୍ରାବଳୀ କହେ ବଡ଼ କହ ସେ ଗୁଞ୍ଜ ମହିମା ।
ବେନି କପର୍ଦ୍ଦ ନୋହିବ ମୂଲ୍ୟ କରୁଣ ଜାଣିବା ॥
କୃଷ୍ଣ କହେ ନୁହେ ଗୋଚର ତା ବୃନ୍ଦାଙ୍କୁ ପଚାର ।
ଚନ୍ଦ୍ରାବଳୀ ବୋଲେ ବୃନ୍ଦା କହ ଗୁଞ୍ଜାର ବିସ୍ତର ॥
କୃଷ୍ଣ ନେତ୍ରାନ୍ତ ଇଙ୍ଗିତେ ବୃନ୍ଦା ଭାଷେ ପଞ୍ଚୁଷେ ।
ଶୁଣ ମାହେନ୍ଦ୍ର ନନ୍ଦନୀ କିସ କହିବି ବିଶ୍ୱାସେ ॥
କୃଷ୍ଣ ବୃନ୍ଦାବନ ବିଳାସ ଉଜ୍ଜ୍ୱଳ ରସ କୀର୍ତ୍ତି ।
ଦଶ ଦିଗରେ ପୂରି ରହନ୍ତେ ଶାନ୍ତ ବେଦପତି ॥
ଭାଗ ଭାଗ କରି ସର୍ଜିଲ ସେ ଜଗତ କାରଣେ ॥
କ୍ଷୀର ସାଗର ମଧୁରସ ପୃଥ୍ୱୀଆବରଣେ ॥
ଅନ୍ତ ନପାଇ ମନ୍ଥନ୍ତେ ନାନାରସ ହୁଏ ଜାତ ।
ସେ ଅମୃତ ଆପ୍ୟାନେଣ ଦେବେ ଅମର ନିଶ୍ଚିନ୍ତ ॥
ବିନଶରେ ଦେଖି ତହୁଁ ଦଧି ଉଦଧି କ ରତେ ।
ଶେଷ ନୁହନ୍ତେଣ ତହୁଁ ପୁଣ ଘୃତସିନ୍ଧୁ ସଙ୍ଗେ ॥
ତେବେ କୃଷ୍ଣ ଯଶସାରକୁ ନପାଇ ବେଦବର ।
ତହୁଁ ପୁଣ ସ୍ଥଳେ ରଞ୍ଜି କଇଳାସ ମହୀଧର ।
ପୁଣ ସ୍ଥାନେ ସ୍ଥାନେ ନଭେ ସୂରଚନ୍ଦ୍ର ତାରକାଦି ।
ଚତୁର୍ଦ୍ଦଶ ଲୋକ ଭେଦି ବହେ ଗଙ୍ଗା ନାମେ ନଦୀ ॥
ଯେତେ ଶ୍ୱେତବର୍ଣ୍ଣ କୃଷ୍ଣ ଯଶ ଅଟେ ଏ ଜାଣିମା ।
ଏତେ ଯଶ ମୂଳବୀଜ ଧରେ ବୃଷଭାନୁଜେମା ॥
ରସ ମାଧୁର୍ଯ୍ୟର ଯଶ ମୂଳ ସ୍ଥାନ ଏଣୁ ରାଧା ।
ଯେତେ ଗୋପନାରୀ ହରି ନୁହେ କୃଷ୍ଣ କାମ ବାଧା ॥
ଶୁଣି ଚନ୍ଦ୍ରାବଳୀ ଗର୍ବଦଳ ମାନଭରେ ଗଲେ ।
ନିଜ ସଖୀ ସଙ୍ଗେ ପୁରେ ପାଶ ଉପାୟ ରଞ୍ଚିଲେ ।
କୃଷ୍ଣ ପାଦ ପଦ୍ମ ଚିହ୍ନ ଅଷ୍ଟାଦଶ ନିରମାଣି ।
ଯେଉଁ ରାଧା ପୁଷ୍ପବନେ ମିଳେ ନିଶାନେ ତରୁଣୀ ॥
ଶ୍ୱେତ ଗୁଞ୍ଜ ତୋଳେ କୃଷ୍ଣ ପାଦ ଚିହ୍ନକୁ ବସାଇ ।
ଅସହିଣୀ ସପତ୍ନୀ ସଖୀ ବଡ଼ାଇଁ ହିଂସାହିଁ ॥
ବୃତ୍ତି ଭିତରେ ତୋଳନ୍ତେ ଲତା କୁସୁମ ଛିଡ଼ାଇଁ ।
କୃଷ୍ଣ ପାଦଚିହ୍ନ ଥାପି ନିଜ ପାଦ ଚିହ୍ନକୁ ଲୀଭାଇ ॥
ପୁରେ ଆଣି ଯତନେରେ ଗୁନ୍ଥି ମାଳ ନିର୍ମାଣିଲେ ।
ପ୍ରାତଃକାଳେ ଉଚେର ଲମ୍ବାଇଣ ଯାବଟକୁ ଗଲେ ॥

ଯତନରେ ଯମୁନାର କୂଳେ କୃଷ୍ଣଚନ୍ଦ୍ର ଭେଟେ ।
ରହି ପୁଚ୍ଛନ୍ତି କହିଲେ ପଦ୍ମା ଯାଉଛୁଁ ଯାବଟେ ॥
ଏହି ରାତ୍ରେ ଗୁଞ୍ଜ ନଗର ରାଧା ସଖୀ ଆସିଥିଲେ ।
ପ୍ରୀତ ହୋଇ ଆମ୍ଭ ମାନଙ୍କୁ ଅପୂର୍ବ ବୋଲି ଦେଲେ ॥
ତେଣୁ କରିଣ ଶନ୍ଧ୍ୟାକାଳ ତାଙ୍କୁ ଯାଉ ଅଛୁଁ ଆମ୍ଭେ ।
କେଉଁ କାରଣେ ଏଠାରେ ବିଜେ କରିଅଛ ତୁମ୍ଭେ ॥
କୃଷ୍ଣ ଚତୁର ଶେଖର ତାଙ୍କୁ ଦେଖନ୍ତେ ଜାଣିଲେ ।
ଧୀରେ ଦକ୍ଷିଣ ନାୟକ ତାଙ୍କୁ ସ୍ତବେଣ ଭଣିଲେ ॥
ନବରଙ୍ଗ ବନେ ବସି ବହେ ମୋ ନୟନ ଧାର ।
ନ ଦେଖେ କୁଞ୍ଜ ଗୁରୁହ ଚନ୍ଦ୍ରାବଳୀ ନିକର ॥
ଗଲାମ ଲୀ ଚନ୍ଦ୍ରାବଳୀକୁ ମୋ ସମସ୍ୟ କହିବ ।
ରାଧା ସଜନୀ ଜାଣିଲେ କଥା ବିଷମ ହୋଇବ ॥
ହଉବୋଲି ପଦ୍ମା ଶେବା ଆହେ କୁଶଳେ ଆସନ୍ତ ।
ଏମନ୍ତେଣ ରାଧା ସନ୍ନିଧିରେ ନର୍ମଦା ଭାଷନ୍ତ ॥
ଆଜ ରଜନୀରେ ଆମ୍ଭ ବନ୍ଧୁ ଗୁଞ୍ଜ ମାଳ ଚୋର ।
କୃଷ୍ଣ ନେଲେ ମୁଁ ଚିହ୍ନିଲି ପାଦ ଚିହ୍ନ ଅନୁସର ॥
ଶୀଘ୍ର ସରୁବାଲି ତଳେ ପାତେଣ ଚରଣ ଝୁଲାଇ ।
ଯିବା ଆସିବା ଚରଣ ଚିହ୍ନ ଚିହ୍ନିଲି ଅନାଇ ॥
ଶୁଣି ସଜନୀ ବୋଲନ୍ତି ଯେଣୁ ମାଗି ନ ପାଇଲେ ।
ଗୋପ ନଗର ଲବଣୀ ଚୋର ଚୋରି କରିନେଲେ ॥
କଣ୍ଠରେ ରହିଁ ହୃଦକୁ ଯେ ଚୋରି କରେ ଚୋର ॥
କସ ଚୋର ତାଙ୍କୁ ବନ୍ଧୁ ଗୁଞ୍ଜାଫଳ ନେବ ହରି ॥
ଚାଲ ଦେଖିବା ଗୋ ବୋଲି ଜେମା ସଜନୀ ସଙ୍ଗତେ ।
ଫୁଲବନେ ମିଳେ ପାଦପଦ୍ମ ଦର୍ଶନ ନିମନ୍ତେ ॥
କୃଷ୍ଣ ଚରଣ ଚିହ୍ନକୁ ରହିଁ ପୁଲକିତ ଗାତ୍ର ।
ଗୁଞ୍ଜାଲତାକୁ ପ୍ରଶଂସେ ପୁନି ପୁନି ସ୍ନେହ ବହି ॥
ତୁମ୍ଭ ଆରାଧନ ପୁଣ୍ୟ ପାଦ ଚିହ୍ନ ଦରଶନ ।
ଧନ୍ୟ ଧନ୍ୟ ପାତାଳଜ ଗଙ୍ଗା ଏହୁ ବନ ॥
ଛିନ୍ନ ଭିନ୍ନ ରହିଁ ଜେମା କରେ ଆଶ୍ୱାସିଲେ ଲତା ।
ଗରୁଁ ଶରତଗୁଣେ ପଲ୍ଲବିତ ହରିଷେ ଶୋଭିତ ।
ତହିଁ ଅନୁସରି କହେ ଏତ କୃଷ୍ଣ ପାଦ ନୁହେ ।
କୃଷ୍ଣ ପଦେ ପଦେ ନବ ନବ ଚିହ୍ନ ସମେ ସୋହେ ॥
ଏତ ବିଷମରେ ଅଷ୍ଟାଦଶ ଲକ୍ଷଣ ବିଚ୍ଛେଦ ।
ଭୂମି ଉଲ୍ଲସିତ ନୋହୁଛି ନାହିଁଟି ପଦ୍ମଗନ୍ଧ ॥

କୃଷ୍ଣ ଆସିଥିଲେ ଅଙ୍ଗଗନ୍ଧ ହୁଅନ୍ତା ପ୍ରକଟ ।
ଏଣୁ ଜାଣିଲେଟି ଚନ୍ଦ୍ରାବଳୀଗଣର କପଟ ॥
କଥା ଜାଣି ବନଭ୍ରମି ପାତାଳ ଗଙ୍ଗା ଜଳେ ।
ସ୍ନାନ ସୁବେଶ ହୋଇଣ ସଖୀ ସଙ୍ଗ ପୁରେ ମିଳେ ॥
ମର୍ତ୍ତ୍ୟ ପୂଜା ଛଳେ ରଚେ କୃଷ୍ଣ ଯୋଗ୍ୟ ଉପହାର ।
ଏମନ୍ତେଣ ଚନ୍ଦ୍ରାବଳୀ ସଖୀଗଣ ମିଳେ ପୁରେ ॥
ଦେଖି ଗଉରବ କରି ସଖୀ ବସାଇ ମଧ୍ୟରେ ॥
ପୁଷ୍ପ ଚନ୍ଦନ ତାମ୍ବୁଳ ଦେଇ କୁଶଳ ପଚାରେ ।
ପଦ୍ମା ବୋଲେ ସର୍ବ ମଙ୍ଗଳ ମାଧବ ପରସାଦେ ।
ଶଙ୍ଖନିଧି ପଦ୍ମନିଧି ଷିରୋଧି ଯା ଅନୁବାଦେ ॥
ଏକା ଆମ୍ଭଙ୍କୁ କ୍ଷଣେହେଁ ତହିଁ ଅବକାଶ ନାହିଁ ।
ସଖୀ ପୁଛନ୍ତି ତୁମ୍ଭଙ୍କୁ ଏତେ ଜଞ୍ଜାଳ କିମ୍ପାଇ ॥
ପଦ୍ମା କହେ କୃଷ୍ଣ ଚନ୍ଦ୍ରାବଳୀ ସଙ୍ଗେ ରଙ୍ଗ ରସେ ।
ବେଶ ମଜନରେ ସୁବେଷ ଯେ କର ଅନୁଯତେ ।
ରାଜ କୁମାରୀ ଆଜନ୍ମ ସୁକୁମାରୀ ଶିରୋମଣି ।
ପୁଷ୍ପ ତାମ୍ବୁଳ ସଞ୍ଚୟ କରି ସର୍ବ ପରମାଣି ॥
କହ ତୁମ୍ଭ କୁଶଳ ଶୁଣିବାକୁ ଆମ୍ଭର ଶରଧା ।
ଏକ ଆର ମୁଖ ରହିଁ ତହିଁ କହେ ଅନୁରାଧା ॥
କୃଷ୍ଣ ପଦ୍ମପାଦ ଚିହ୍ନରେ ସର୍ବଦା ଶୋହେ ସ୍ଥଳ ।
ଲକ୍ଷ୍ମୀ ଆଶ୍ରିତ ହୋଇଣ କରେ ଯେହୁ ପ୍ରତିପାଳ ॥
ଅସୀମାନ୍ତ ଦେଖ ତରୁଲତା ଯେତେ ଏ ଅଛନ୍ତି ।
କୃଷ୍ଣ ମନୋରଥ ପୂର୍ଣ୍ଣ କରିବାକୁ ଯେ ବାଞ୍ଛନ୍ତି ॥
ପୁର ପ୍ରାଙ୍ଗଣ ପାବଚ୍ଛ ଯେତେ ଶିଳା ଚିନ୍ତାମଣି ।
ଗୋଷ୍ଠପଲ ସର୍ବେ କାମଧେନୁ ଅଧିକ କି ଜାଣି ॥
ଶଙ୍ଖନିଧି ପଦ୍ମରବ୍ୟାଧି ଅଉଷଧି ରାଧା ହସ୍ତେ ।
ଏଣୁ ଜରି ହରି ସଦା ଗଇ ଚରଣ ଧରନ୍ତେ ॥
ଲଭ ଯାଉନ୍ତ ମଞ୍ଜୁ ଯାବକ ଯେ ପୁଟ ପୁଟ ରଞ୍ଜୁ ।
କ୍ଷଣେ ଅବକାଶ ନାହିଁ ସଦା ଏହି ରଙ୍ଗେ ମଞ୍ଜୁ ॥
କୃଷ୍ଣ କରସ୍ଥଳ ସୁରଙ୍ଗ ଦେଖିଣ ଥିବ ଜାଣି ।
ପଦ୍ମା ଗର୍ବ ଚୂର୍ଣ୍ଣ ହେଲା ଲଳିତାର ବାଣୀ ଶୁଣି ॥
ପୁଣ ବେଳେ ଆସନ୍ତେ ଦେଖିଲୁଁ କୃଷ୍ଣ ନୀପ ବନ ।
ପୁଚ୍ଛା କରନ୍ତେ କହିଲୁଁ ତୁମ୍ଭ ପୁର ଆଗମନ ॥
ଚନ୍ଦ୍ରାବଳୀଙ୍କର ଷରହେ କି ସମସ୍ୟା କହିଲେ ।
ତୁମ୍ଭ ଆଗ ନ କହିବାକୁ ସେ ଦୃଢ଼ କରାଇଲେ ॥

ବୋଲେ ବିଶାଖା ସେକି ବୋଇଲେ କପାଇଁ ଗୁପତ ।
ପଦ୍ମା ବୋଇଲେ କହିଲେ ଏହା ଚନ୍ଦ୍ରାବଳୀ କାନ୍ତ ॥
ନବ ରକ୍ତ ବନେ ବସି ବହେ ମୋ ନୟନ ଧାରା ।
ନ ଦେଖେ କୁଞ୍ଜ ଗୁରହ ଚନ୍ଦ୍ରାବଳୀ ନିକରା ॥
ଶୁଣି ଏକ ମୁଖ ଗୁହିଁଣ ଆରେକ ହସା ହସି ।
ଏହୁ ଗୁଞ୍ଜ କାହୁଁ ପାଇଲ ଶଶୀ ତହୁଁ ଭାଷି ॥
ଶୈବ୍ୟା ବୋଲେ କୃଷ୍ଣ କାଲି ଦେଇଥିଲେ କାହୁଁ ନେଇ;
ଏହୁ ଅପୂର୍ବ ଫୁଲ ବୋଲି ଗଳ ରେ ଅଛୁ ଲାଇ ॥
ବିଷ ଦେଲେ ସୁଧା ବୋଲି ଯେବେ ଯହିଁ ପ୍ରୀତି କରି ।
ମୋତିହାର ତେଜି ଉରେ ଲହୁଁ ତାଙ୍କ ସ୍ନେହ-ଧରି ॥
ତାଙ୍କୁ ବଡ଼ ପଦାର୍ଥ ଏ କାର୍ଯ୍ୟ କଡ଼ାକରେ ।
ଦେଇ ବୋଲେ ନ ଦେଖାଅ ଏହା ଯାବନ୍ତ ଜନରେ ॥
ଶୁଣି ପ୍ରାଣ ପାଇ ସଜନୀ ଶ୍ରବଣ ଭ୍ରମିଁ ଛୁଇଁ ।
ଚମ୍ପାଲତା ବୋଲେ କହିବାରୁ ସବୁ ଜଣାପାଇଁ ॥
ଶୈବ୍ୟାବାଳୀ ବୋଲେ କହିବାରୁ କଅବା ଜାଣିଲ ।
କୃଷ୍ଣ ସମସ୍ୟା କହନ୍ତେ ପଦ୍ମା ହସା ହସି ହେଲ ॥
ବୋଲେ ସୁଦେବୀ ମେ ସମସ୍ୟା ଆପଣା ଗ୍ରୀବେ ଲହ ।
ବିଦଗଧ ବାଣୀ ପଢ଼ିଲେ ଜାଣିବ ଅଭିପ୍ରାୟ ॥
ଛଳ ବହି ପଦ୍ମା ଲିହି ତନସ୍ଥଳେ ମୃଗମଦେ ।
ପଢ଼ି ବୋଲେ କୃଷ୍ଣ ବିଛେଦ ମୋ ସଜନୀ ବିଛେଦେ ॥
ଏଥୁ କିସ ହେତୁ ଜାଣିଲ ତୁମ୍ଭେ ହେ କହକନା ।
ରଙ୍ଗଦେବୀ କହେ ବିସ୍ତର କର ଗୋ ଧୀର ମନା ॥
ପଦ୍ମା ଆଦି କୃଷ୍ଣ ସମସ୍ୟାକୁ ପୁଣ ପୁଣ ଛଳ ।
ନାନା ଭେଦେ ଲିପିବନ୍ଧେ କୃଷ୍ଣ ସ୍ୱାର୍ଥେ ଚନ୍ଦ୍ରାବଳୀ ॥
ନବରକ୍ତ ବନେ ବସି ବହେ ମୋ ନୟନ ଧାରା ।
ନ ଦେଖେ କୁଞ୍ଜ ଗୁରିହ ଚନ୍ଦ୍ରାବଳୀ ନିକରା ॥
ଭୃଙ୍ଗବିଦ୍ୟା ବୋଲେ ଏହି ପାଦ ଆଦ୍ୟ-ବର୍ଣ୍ଣମାନରେ ।
ପ୍ରାନ୍ତ ପାଦ ମଧ୍ୟଲୋମ ପଙ୍କ୍ତି କ ଭାଷା ଉଚାରେ ॥
ରାଧା ନୟନ ମୋହେ ବସି ବନବଣର ବନ ।
ଚନ୍ଦ୍ରାବଳୀ ନିକରା ହରି ଗୁଞ୍ଜକୁ ଦେଖେନ ॥
ପଢ଼ନ୍ତେଣ ସେ ଏମନ୍ତ ମୁଖେ ଉଚାରିଲ ଯହୁଁ ।
ପଦ୍ମା ଆଦି ସଖୀ ଲଜ୍ଜାରେ ନମ୍ରତା ମୁଖ ତହୁଁ ॥
ଚନ୍ଦ୍ରରେଖା କହେ ବିଦଗଧ ଛନ୍ଦରେ ପଢ଼ିଲ ।
କଥା ବିସ୍ତର ନ କର ଆସି ଏଠାରେ ଗାଢ଼ିଲ ॥

ତୁମ୍ଭେ ଆମ୍ଭେ ଏକ ପଦାର୍ଥ କେବେହେଁ ନୁହେଁ ଭିନ୍ନ ।
ଯେଣୁ ସଂପୂର୍ଣ ଆମ୍ଭର କୃଷ୍ଣ ସୁବଳ ଜୀବନ ॥
ଚନ୍ଦ୍ରାବଳୀ ସଖୀ ଲଜ୍ଜାଭରେ ମାନରେ ଆସିଲେ ।
ସେହି ପାଦ ପାଦକରେ କୋଣ ସହସ୍ର ହୋଇଲେ ॥
ତାଙ୍କ ଆସନ୍ତେ ଲଳିତାହି ହସନ୍ତି କଥା ବାବେ ।
ବୃନ୍ଦା ବୁଝିଲ କେମନ୍ତ ଛନ୍ଦ ପ୍ରୀତି-ଭଙ୍ଗ ଭେଦେ ॥
କୃଷ୍ଣ ମଧୁର ପୀରତି ରସେ ଗରଳ ଭେଦରେ ।
ମିଶାନ୍ତେଣ ସେ ଅମିୟ ହୁଏ ପ୍ରଣୟ ଗଦରେ ॥
ବୃନ୍ଦାବତୀ ବୋଲେ ଧୀର ମତି ଏହା ସେ ଜାଣନ୍ତି ।
ଅବିବେକ ଜନ ଖଳ ବଚନରେ ନାଶ ଯାନ୍ତି ॥
ଖଳ କଲୁଷ କୁଠାର ଏକ କରନ୍ତି ସେ ଭିନ୍ନ ଭିନ୍ନ ।
ଭିନ୍ନ ଏକଇ କରନ୍ତି ସୂଚୀ ଟାଙ୍କଣା ସଜ୍ଜନ ।
କୁନ୍ଦଲତା କହେ କୃଷ୍ଣର ଦେଖିଲ ଅନୁରାଗ ॥
କଥା ଛନ୍ଦରେ ସ୍ନେହ ପ୍ରକାଶ କଲେ ତୁମ୍ଭ ଆଗ ।
ଭୃଙ୍ଗବିଦ୍ୟା କହେ କୃଷ୍ଣ ଗର୍ଭ ହୃଦୟ ସାଗର ।
ଆନ ବଳବତୀ କାହିଁ ତହିଁ ଗଲେ ସେ ମନ୍ଦର ॥
କାମଦେବ ବଳେ ମନ୍ଥି ନାନା ରସ ଜାତ କରେ ।
ସେହି ସୁଧା ପାନ କରି ସୁଖ ନିଶ୍ଚଳ ନେତ୍ରରେ ॥
ଏବେ ବୃନ୍ଦା ତୁମ୍ଭେ ନିଜ ବନେ ବେଗ ହୋଇ ଚଳ ।
ରାଧା ପ୍ରତିଆସିଣ ବସିଥିବ ମଦନ ଗୋପାଳ ॥
ଚନ୍ଦ୍ରାବଳୀର ସଜନୀ ଜାଣି ଯାଇଛନ୍ତି ଆଜ ।
ବନେ ଅଭିସାର କରିବା ନୋହିବା କିଛି କାର୍ଯ୍ୟ ॥
ଅଭିମନ୍ୟୁ ତହିଁ ଗାବ ରଖେ ଏଣୁ ବଞ୍ଚଣିକା ।
ଦଇବେ ଦେଖା ନ ହେଲେ ସିନା ମନେ ହୁଏ ଦକା ॥
ଶୁଣି ବୃନ୍ଦା ବେଗ ବେଗ ଆସେ ମାଧବ ନିକଟେ ।
ଦେଖେ ବସିଛନ୍ତି ନାଗର ଯମୁନା ବନ ତଟେ ॥
କୃଷ୍ଣ ପୁଛେ ମନ୍ଦେ ଏତାତ ଅଇଲ ରାଣ୍ଡ କାହିଁ ।
ବୃନ୍ଦା କହେ ହେ ନାଗର କାଳିକଥା ମନେ ନାହିଁ ॥
ପ୍ରିୟା ଗୁଞ୍ଜ ହାର ଚନ୍ଦ୍ରାବଳୀ ଗଣାରେ ଦେଇଛ ।
ତାଙ୍କୁ ସମସ୍ୟା ଦେଇଣ ପ୍ରେଷି ଆସିବେ ରହିଛ ॥
ଆଜ୍ଞା କେକିପୁଚ୍ଛ କମ୍ପା ବନକୁ ନଇଲେ ।
ବୃନ୍ଦାବାଣୀ ବକ୍ରଜାଣି ଶୁଣି ଚକିତ ହୋଇଲେ ॥
ମୃଦୁ ହାସେ ହରି ବନେଶ୍ୱରୀ ନଜାଣ କି ତୁମ୍ଭେ !
ସଖୀ ବିସ୍ତର ନକଲେ ଯାହା କହିଥିଲୁ ଆମ୍ଭେ ॥

ବୃନ୍ଦା ବୋଲେ ମୁହିଁ ଜାଣଇ ବିଗୂଢ଼ର ଜାଣେ ସଖୀ ।
ଗୁଞ୍ଜଲତା ନଲେ ତୁମ୍ଭ ପାଦପଦ୍ମ ଚିହ୍ନ ଦେଖି ॥
ବଡ଼ ଦୋଷୀ ହୋଇଅଛ ଭେଟ ଆଜ ନ ନୋହିବ ।
କୃଷ୍ଣ ବୋଲନ୍ତି ମଦନାନଳ ବାଣ କେ ସହିବ ॥
ମନେ ନ ଘେନ କରି ଦୋଷ ଏ ହୋଇଛନ୍ତି ନଇଲେ ।
ନିଶ୍ଚେ ନିର୍ଦ୍ଦୋଷୀ ହୋଇବା କାଳିନ୍ଦୀରେ ଝାସଦେଲେ ॥
ଶୁଦ୍ଧ ହୋଇ ଆସିଲେଣି ଉର ଶମ୍ଭୁଙ୍କୁ ଛୁଇଁବ ।
ବୃନ୍ଦା ସତ୍ୟ ଏହୁ ନିୟମକୁ ଅବଶ୍ୟ କରିବା ॥
କୃଷ୍ଣ ଦୂତୀ ବାକ୍ୟ ଶୁଣି ସୂର୍ଯ୍ୟତନୟା ଆନନ୍ଦେ ।
କୂଳ ଲଙ୍ଘିଣ ଲୋଟଇ ହରି ଚରଣାରବିନ୍ଦେ ॥
ଜଳଚର ଜୀବ କାଳୀ ନାଗପତ୍ନୀ ଦେଖି ଇଚ୍ଛା ।
ଟେକ ଉଜାଣିରେ ଆସନ୍ତେଣ ନଦୀ ହୁଏ ତୁଚ୍ଛା ॥
ପରିମଳ ମନ୍ଦଗନ୍ଧ ଶୀତଳ ବହେ ଗନ୍ଧବହ ।
ଲତା ତରୁ କମ୍ପମାନେ ଗଳେ କୁସୁମ ସମୂହ ॥
କୃଷ୍ଣ ବୋଲେ ବୃନ୍ଦେ ରାଧା ବିନୁ ମୋର ଅମଙ୍ଗଳ ।
ନଦୀ କାନନ ପବନ କିଏ ଶୁଭ ଅନୁକୂଳ ॥
ବୃନ୍ଦା ବୋଲେ କାଳୀନାଗ ବିଷଜଳେ ସର୍ବେ ନାଶ ।
ନିଶ୍ଚେ କାଳୀ ନାଶିଯିବ ଯେବେ ତୁମ୍ଭେ ଦେବ ଝାସ ॥
ସ୍ୱାଦୁ ପବିତ୍ର ଏ ଜଳ ବିଷଜଳେ ନାଶଗଲେ ।
ପ୍ରୀତି ମଧୁରେ ଯେସନ ଖଳ ଗରଳ ମିଶିଲେ ॥
ଯହୁଁ ଦୂତୀ ବାଣୀ ଜାଣି ତେଣୁ ଶୁଭ ପ୍ରକାଶନ୍ତି ।
କୃଷ୍ଣ ବୃନ୍ଦାର ବଚନ ଶୁଣି ଅଳପ ହସନ୍ତି ॥
ଏମନ୍ତେଣ ପଦ୍ମା ଶୈବ୍ୟା ତହୁଁ ଅପମାନେ ଗଲେ ।
ସର୍ବ ଚରିତ ମଣାଇ ଚନ୍ଦ୍ରାବଳୀଙ୍କି କହିଲେ ॥
କୃଷ୍ଣ ଶଠ ବଚନକୁ ସଖୀ ମୁଖୁଁ ଶୁଣି ତାପେ ।
ରୁଚି ଆମ୍ରକ ସୁନ୍ଦରୀ ପେଶେ କୃଷ୍ଣର ସମୀପେ ॥
ଏହି ସମୟରେ ଚନ୍ଦ୍ରାବଳୀ ଦୂତୀ ଆମ୍ର ଘେନି ।
କୃଷ୍ଣ କରେ ଦେଇ ଅଧୋମୁଖେ ରହିଲା କାମିନୀ ॥
କାଲି ଦେଖିବ ବୋଲିଣ ହରି ତହୁଁ ଚଳିଗଲେ ।
ଏକେ ଏକେଣ କୃଷ୍ଣର ବାଣୀ ବିଗୂଢ଼ ଜାଣିଲେ ॥
ମଧୁମଙ୍ଗଳ ସୁବଳେ ହରି କହିଲେ ବୃତ୍ତାନ୍ତ ।
ଚନ୍ଦ୍ରାବଳୀ ଏ ରସାଳ ଦେଲେ କେବଣ ନିମିତ୍ତ ॥
ବଟୁ କହେ କହୁହୁଏ ତାକୁ ଲଜ୍ଜାଦି ବାଣୀ ।
ବିଶେଷରେ ହରି ତୁମ୍ଭ ଶଠହୃଦ ଗଲେ ଜାଣି ॥

ଆମ୍ର ଦେଇ ଜଣାଇଲା ଦୂତୀ ଦେଖି ବୃନ୍ଦାସଙ୍ଗ ।
ନବ ରଜର ପୂରିତରସ କୋପେ ମୁଖରଙ୍ଗ ॥
ବୋଲେ ସୁବଳ ତୁମ୍ଭ ପିରତି ଚୂତ ଉପଲକ୍ଷି ।
ଅନ୍ତେ କର୍କଶ ବାହ୍ୟେ ସରସ ଅନୁରାଗମୁଖୀ ॥
ଶୁଣି କୃଷ୍ଣ ବେନି କରେ ବେନି ସଖା ଆଲିଙ୍ଗନ ।
ଏବେ କେବଣ ଉପାୟେ ହେବ ବେନି ସମାଧାନ ॥
ବଟୁ ବୋଲେ ରସ ଶାସ୍ତ୍ରେଣ ଅଛନ୍ତି ମୁନି ଲେଖି ।
ଗୁରୁମାନ ଉପେଖନ୍ତି ନାରୀ କାନ୍ତ ବଶ ଦେଖି ॥
ବୋଲେ ସୁବଳ ଅମୂଲ୍ୟ ଅଳଙ୍କାର ଯେବେ ପାଇ ।
ସପତ୍ନୀ ବଶ ତେଜିଲେ ତରୁଣୀ ମାନ ଯାଇ ॥
କୃଷ୍ଣ ବେନି ମିତ ହିତବାଣୀ ଘେନିଣ ଚିତ୍ତରେ ।
ଧେନୁ ଚରାଇ ଗୋକୁଳେ ମିଳେ ସାୟଂ ସମୟରେ ॥
ସ୍ନାନ ସୁବେଶ ଭୋଜନ ଗୋଦୋହନ କୁତୂହଳ ।
ପ୍ରଦୋଷରେ ଗୋପ ସଭାରେ ହୋଇଲେ ସର୍ବେ ଠୁଳ ॥
କୃଷ୍ଣ ଆଗମେ ରାଧିକା ପୁର ଅଟ୍ଟାଳି ଆରୋହି ।
ସଖୀସଙ୍ଗେ ସହିଁ ଯେଉଁ ଲୀଳା ସଖୀ ସଙ୍ଗେ ରହିଁ ॥
ଦୂର ତମଘୋରେ ନେତ୍ର ପଦ୍ମ ଗମିଣ ନପାରେ ।
ଏମନ୍ତେଣ ନାନ୍ଦୀମୁଖୀ ଯାଇ ମିଳେ ସନ୍ନିଧିରେ ॥
ଶ୍ୟାମ ମୋହନ ଅଞ୍ଜନପାତ୍ର ଭଗବତୀ ଦେଇ ।
ରାଧା ଆଦରେଣ ଉଠି ନିଜ ମୂର୍ଦ୍ଧନି ଲଗାଇ ॥
ସେହି ଅଞ୍ଜନର ମହିମା ଯେ କହେ ନାନ୍ଦୀମୁଖୀ ।
ଘେନି ନୟନ ରହିବାନ୍ତେ ଦୂର ନିକଟରେ ଦେଖି ॥
ବଶ ସର୍ବଜନ ଦିବସ ପ୍ରାୟକ ଦିଶେ ନିଶି ।
ଅତି ସ୍ନେହରେ ତୁମ୍ଭଙ୍କୁ ଦେଇଛନ୍ତି ପୌର୍ଣ୍ଣମାସୀ ॥
ଶୁଣି କୃତ୍ୟ କୃତ୍ୟ ହୋଇ ରାଇ ମଧୁର ବଚନେ ।
ସେହି ପରମଭକ୍ତିଶ୍ରଦ୍ଧ ମତେ କୃପା ପ୍ରତିଦିନେ ॥
ତତକାଳରେ ବିଶାଖା ଘେନି ଦଳିତ ଅଞ୍ଜନ ।
ଅନାମିକାଙ୍ଗୁଳି ଅଗ୍ରେ ରଞ୍ଜି ରାଧିକା ନୟନ ॥
ସେହି ଅଞ୍ଜନ ପ୍ରଭାବେ ଦିଗ ମହା ଉଜ୍ଜଳ ଦିଶେ ।
ଗୋପ ସଭାରେଣ ପ୍ରାଣନାଥ ଦେଖାଇ ହରଷେ ॥
ଏମନ୍ତେଣ କଂସ ରାଜାର ଶ୍ରୀମୁଖ ଘେନି ଜଣେ ।
ସଭା ମଧ୍ୟରେଣ ପ୍ରବେଶ କଂସ ଆଜ୍ଞା ପ୍ରମାଣେ ॥
ଦେଖି ନନ୍ଦ ଉଠି ହସ୍ତ ପାତି ଶ୍ରୀମୁଖେ ଘେନିଗଲେ ।
ତତକାଳେ ଉପନନ୍ଦ ଫେଡ଼ି ପଢ଼ି ଶୁଣାଇଲେ ॥

ନନ୍ଦ ରଜାଙ୍କୁ ଭଲୁରି ଆଜ୍ଞା ପ୍ରମାଣେ କହିବ ।
କାଳୀ ହ୍ରଦରେ ପଶି ସହସ୍ର କମଳ ତୋଳିବ ॥
ସହସ୍ରକ ଭାର ଘେନାଇଣ ଆସିବ ତୁରିତ ।
ଆଜ୍ଞା ଭ୍ରଷ୍ଟ ହେଲେ ନାଶ ଯିବ ଗୋପାଳ ସମସ୍ତ ॥
ଶୁଣି ସଭାଜନେ ବିଷର୍ଣ୍ଣ ନନ୍ଦର ଜ୍ଞାନ ନାହିଁ ।
ଏକା ପଦ୍ମକୁ ସହସ୍ର ନାଗ ଜଗିଆ ସେ ଯହିଁ ॥
ଦେବାସୁରେ ଯେହୁ ଦୁର୍ଲ୍ଲଭ ସେ ଆମ୍ଭେ କି ହୁଏ ।
ଯେଉଁ ବାଟେ ମୃତ୍ୟୁ ହୁଏ ତହିଁ ପଶି ପ୍ରାଣରହେ ॥
ଦୂତ ବୋଲେ ଦେବମାନେ ଅଜସ୍ର ଯେଉଁ ମଲ୍ଲେ ।
ଖେଳ କଉତୁକେ ତୁମ୍ଭର ବାଳକ ନାଶ କଲେ ॥
ଖାଳ ଜୂରକଲେ କଣ୍ଟେ ଧେନୁକାସୁର ନାଶି ।
ତୁମ୍ଭ ମହିମା ଶୁଣିଣ ମହାମହାବୀରେ ହାସି ॥
ପଦ୍ମ ତୋଳାଇ ଦିଅ କେତେ ହେଉଛ ସନ୍ତାପି ।
ରଜା ଆଜ୍ଞା ନମାନିଲେ ଗୋପେ ଥିବକି ଅଦ୍ୟାପି ॥
ନନ୍ଦ ବୋଧ କରିଣ ଦୂତକୁ ବିନୟ ଭାବରେ ।
କୁଳବୃଦ୍ଧ ଘେନି ସେ ବିଚାର କରନ୍ତି ସଭାରେ ॥
ପଦ୍ମ ତୋଳିବାକୁ ଅଛି ସେ କାହାର କିସ ବୁଦ୍ଧି ।
ନିଶ୍ଚେ ଆଜ୍ଞା ନମାନିଲେ ମାରିବ ସେ ବର୍ଗ ଶୋଧି ॥
ଅଭିନନ୍ଦ କହେ ମାତୋଆର କରି ଆଣି ଦିଅ ।
ଚଷାଳଘରେ ପଦ୍ମଭାରେ ଦେବେ ଘୋଷଣା ଦିଆଅ ॥
ଯାର ଯେମନ୍ତ ବୁଦ୍ଧି ବଳ ତେମନ୍ତେ ଆଣନ୍ତୁ ।
ଆଣି ନପାରି ପଳାଇଗଲେ ରଜାହିଁ ଜାଣନ୍ତୁ ।
ବସୁନନ୍ଦ ବୋଲେ ଗୋପେ ଯେତେ ସମସ୍ତେ ଆମ୍ଭର ।
ମନେ ଅଭରସା ପାଇବେ ନୁହନ୍ତି ଓକହି ପର ॥
କାଲି ପ୍ରାତଃ କାଳେ ସକଳେ କାଳନ୍ଦୀ କୂଳେ ଯିବା ।
କାଳୀନାଗ ବୋଧକରି ଭରି ବଳି ଭେଜା ଦେବା ॥
ଭାବେ ଭରଜାଇ ମାଗିବା ପଦ୍ମ ସହସ୍ର ଭାର ।
ନଗ୍ରେ ଘୋଷଣ ଦେଇ ଦୋସାଧ କହନ୍ତୁ ଘରଘର ॥
ଆଜ୍ଞାପାଇ ନିଶାପାଳ ନଗ୍ରେ ଢେଙ୍ଗୁରା ଦିଆଏ ।
ଉଜାଗରେ ସାହି ସାହି ବୁଲି ଆକଟ କରାଏ ॥
ଜଣେ ଲେଖାଏଁ ଘରକେ ଯିବ କାଳୀନ୍ଦି କୂଳକୁ ।
କାଳୀନାଗେ ବଳି ଦେଇ ତୋଳ କମଳ ଫୁଲକୁ ॥
ଶୁଣି ଗୋପଜନେ ଶଙ୍କାମନେ ନିଦ୍ରାହିଁ ନଗଲେ ।
ଦଶବଂଶ ଶତସହସ୍ରରେ କୁଦାକୁଦା ହେଲେ ॥

କେହୁ ବୋଲନ୍ତି ନୃପତି କୋପଦୃଷ୍ଟି ହେଲା ଏଥେଁ ।
ଜାଣୁ ଜାଣୁ ବିଷଜଳେ ପଶି ମରିବା କେମନ୍ତେ ॥
ଆଜ୍ଞା ମାନୁଁ ଅବା ନମାନୁଁ ଜୀବନେ ନାହିଁ ଆଶ ॥
ନିରନ୍ତର ଏ ଗୋପକୁ କୋପକଲା ଏ ନୃପତି କଂସ ।
କେହୁବୋଲେ ଦୁର୍ଗା କହିଲେ ତୋ ଶତ୍ରୁ ଜାତ ଏଥ ।
ଗୋପେ ପୂତନା ମଲା ଦିନରୁ ହୋଇଲା ଅନର୍ଥ ।
କେହୁବୋଲେ ବଛା ଅଘା ବକା ନିଜ ପ୍ରାଣରେ ମଲେ
କୃଷ୍ଣ ମାଇଲେ ବୋଲି ଜଗତେ ଅପଖ୍ୟାତି ହେଲେ ॥
କେହୁବୋଲେ ସେହି ଯୋଗୁଁ ସିନା କଂସକରେ ରୋଷ ।
ନନ୍ଦନନ୍ଦନ ଯୋଗୁଁ ଲାଗିଲା ସମସ୍ତଙ୍କୁ ଦୋଷ ॥
କେହୁ ବୋଲେ ଯାକୁ ରଜା ରୋଷ କରେ ନିରନ୍ତର ।
କେବେ ନରହିବ ତାର ପାଶେ ଦେଶ ସୀମାନ୍ତର ॥
ଏବେ ଆମ୍ଭଙ୍କୁ ଜଗାଏ କଂପା ପଦ୍ମ ସେହୁ ଦେଉ ।
କୃଷ୍ଣ ଅନ୍ତରେ ଏମନ୍ତ ଶୁଣି ବୋଲେ ହଉହଉ ॥
କେହୁ ବୋଲନ୍ତି କୃଷ୍ଣରୁ ବଳୀୟାର ନାହିଁ କେହି ।
ପ୍ରୀତିକରି ପଦ୍ମଫୁଲ ମାଗିଲେ ଦେବ କାଳୀ ଅହି ॥
କେହୁ ବୋଲେ ହରି ଦୁଷ୍ଟଜନେ ପ୍ରୀତି ନକରଇ ।
ମନେ କଲେ ପଦ୍ମ ତୋଳି କାଳୀ ଦେବ ଘଉଡ଼ାଇ ॥
କେହୁ ବୋଲେ ଏହୁ ପୂତନାର କ୍ଷୀର ପାନ ନୁହେଁ ।
ପଥ ତେଜନ୍ତି ଖଗରେ ଯେଉଁ ବିଷବାତ ଭୟେ ॥
ଅଘା ଅହି ପ୍ରାୟେ ମଣିଲକି ତାକୁ ଯିବ ଫୁଟି ।
ବାସୁକିର ଭାଇ କାଳବିଷ ତ୍ରିଭୁବନ ଘୋଟି ॥
କେହୁ ବୋଲେ ତୁମ୍ଭ ପ୍ରତ୍ୟକ୍ଷରେ ଦେଖି ସିନା ।
ସେହୁ ନ ତୋଳିଲେ ଅନ୍ୟ ତୋଳକ ତା ବିନା ॥
କେହୁ ବୋଲଇ ବାଳକ ତହିଁ କି କରି ପାରଇ ।
ଦେଖ ଜଗତେ ଅଜସ୍ର କଂସ କାଳୀକି ଡରଇ ॥
ଆମ୍ଭେମାନେ ତହିଁକି ଯାଇ କିସବା କରିବା ।
ବାବୁ ବିଧାତା କରିଛି ଏକାବେଳେକେ ମରିବ ॥
ବୃଦ୍ଧ ପିତା ପୁତ୍ର ସମୀପେ ବସାଇ ପଚାରଇ ।
କାଲି ମୁହିଁ ପଦ୍ମ ତୋଳିଯିବି ଆମ୍ଭ ଘର ପାଇଁ ॥
ଆନ୍ତି ପାରଇ ବା ନ ପାରଇ ଚିନ୍ତା ନ କରିବୁ ।
ରଜକ ଯେବେ ମଲେ ମୁହିଁ କରଛଡ଼ା ତୁହି ହେବୁ ॥
ପୁତ୍ର ବୋଲଇ ହେ ତାତ ଏହା ନୁହଇ ଉଚିତ ।
ମରଣକୁ ପେଶି ପିତା ପୁତ୍ର ମଧ୍ୟରେ ନିଶ୍ଚିନ୍ତ

ଇହପର ଲୋକେ ନିଦ୍ରା ମୁହିଁ ଯିବି ପଦ୍ମ ତୋଳି ।
ଘରଘରକେ ଯେତେ ପ୍ରାଣୀ ଏହି ରୂପେ ଭଳି ॥
କାହା ପୁତ୍ର ଆଗମନ ଦେଖି ପିତାମାତା ଦୁଃଖୀ ।
କେଉଁ ବୃଦ୍ଧ ଯିବା ସଜ ହୁଏ ଘରର ପୁତ୍ର ରଖି ॥
କେଉଁ ବୃଦ୍ଧା ବଧୂ ବୋଧି ପଦ୍ମ ପାଇଁ ଅଗ୍ରସର ।
ବୋହୂ ବୋଲେ ମାଏ ତୁମ୍ଭ ଯିବ ନୁହଇ ବେଭାର ॥
ସାନଭାଇ ସ୍ନେହରଖି ବଡ଼ଭାଇ ଯିବା ସଜ ।
ଜ୍ୟେଷ୍ଠଭ୍ରାତା ରଖି ସାନଭାଇ ଯିବାପାଇଁ ସଜ ॥
ଏହିରୂପେ ଏକ ଆରକୁ ସେନହ ଭାବରେ ।
ଜଣେ ଜଣେ ସେ ବାହାର ଶୋକମରଣ ବିସ୍ତରେ ॥
ଭୋଜ୍ୟ ସାମଗ୍ରୀ ଭିଆଇ ଯେ ଯାହାର ଘର ଘେନି ।
ସର୍ବେ ସଂଯୋଗାଇ ନନ୍ଦ ବସି ଉନ୍ନିଦ୍ରେ ରଜନୀ ॥
କୃଷ୍ଣ ବେନି ସଖା ଘେନି ରଜନୀରେ ଗୁପତରେ ।
ସାହି ସାହି ବୁଲିଆସନ୍ତି ଶୁଣନ୍ତି ଉଚିତରେ ॥
ଗୋପୀ ଗୋପାଳ ଆରତ ଚିନ୍ତା ଜାଣି ହରି ।
କାଲି କାଳୀ ଦହ ପଦ୍ମ ତୋଳିଦେବା ଦଣ୍ଡଧାରୀ ॥
ନିଜ ଶୟନ ମନ୍ଦିରେ ଯାଇ ପଲଙ୍କେ ପହୁଡ଼ି ।
ନିଶି ପାହିଲା କି ପରିଜନେ ପୁଚ୍ଛନ୍ତି ଘଡ଼ି ଘଡ଼ି ॥
ରାଧା ବିଚ୍ଛେଦ ବିରହ ବାଧା କାଳୀ ଉପତାପେ ।
କଂସ ନୃପତି ପ୍ରତାପେ ଗୋପଜନଙ୍କ ସନ୍ତାପେ ॥
ଏତେ ଖିତିଚିନ୍ତ ଖେଦମନ୍ତ ନିଦ୍ରାହିଁ ନ ଗଲେ ।
ପଦ୍ମ ତୋଳିବାକୁ ନେତ୍ରପଦ୍ମ ମୁଦ୍ରିତ ନୋହିଲେ ॥
ଏମନ୍ତେଣ ନିଶି ପାହି ପୂର୍ବେ ଅରୁଣ ଉଦୟେ ।
କୃଷ୍ଣ ସଖାଘେନି ଗୋଧନ ଚଳାଇ ନ ଯାଏ ॥
ନଦୀ କୂଳେ ଗାବ ଚଳଇ କାଳିନ୍ଦୀ ହ୍ରଦେ ମିଳେ ।
ନିକଟକୁ ପଶି ନ ପାରନ୍ତି ମହାବିଷ ଜଳେ ॥
ତଟ ନିକଟରେ ବିଶାଳ କଦମ୍ବ ମହାତରୁ ।
ଚଉଦିଗେ ଶାଖାମେଲି ଶୋଭା କେହୁ କହି ପାରୁ ॥
ପୂର୍ବେ ଗରୁଡ ଅମୃତ ଆଣି ତହିଁରେ ଥୋଇଲେ ।
ତେଣୁ ଶ୍ୱେତ ବର୍ଣ୍ଣ ହୁଏ ନାଶ ନୁହେ ବିଷଜଳେ ।
ସଦା ନବୀନ ପଲ୍ଲବ ଘନ କୁସୁମ ବିକଶେ ।
ମଧୁ ଲୋଭେ ମତ୍ତ ମଧୁକର ବେଢ଼ି ଚଉପାଶେ ॥
ପିକ ଡାକେ କୁହୁ କୁହୁ କକୀ ଡୋକେ କେହୋ ।
ଲୋକ ବାକ୍ୟ ଶୁକଡାକେ ରାଧାପ୍ରାଣନାଥ ଏହୋ ॥

ମୂଳବେଢ଼ି କମନୀୟ ମଣିମୟ ଚଉସମେ ।
ଡାଳ ଓହଳି ଡାଙ୍କିଣି ରହେ ଅତି ମନେ ରମେ ॥
କୃଷ୍ଣ ଦେଖିଣ ଶ୍ରଦ୍ଧାରେ ତହୁଁ ଏକ ଫୁଲ ତୋଳି ।
ବୋଲେ ମୋର ମିଳନରେ ଯେହ୍ନେ ରାଇଁ ରୋମାବଳି ॥
ସଖାମାନଙ୍କୁ ବୋଲନ୍ତି ତୁମ୍ଭେ ତଳେ ଥାଅ ରହି ।
ପଦ୍ମ କେତେ ଦୂରେ ଅଛି ମୁହିଁ ଏଥେ ଉଠି ଚାହିଁ ॥
ଏତେ କହି ହରି ନୀପତରୁ ପ୍ରଦକ୍ଷିଣ କରି ।
ତହିଁ ଉପରେ ଉଠିଲେ ଯାଇ ସଖା କର ଧରି ॥
କେତେଦୂରେ ଦିଶେ ରାଧା ସୂର୍ଯ୍ୟ ପୂଜା ଆଗମନେ ।
କୃଷ୍ଣ ଉଦ୍ଦେଶିଣ କୁସୁମ ତୋଳନ୍ତି ବନେ ବନେ ॥
ଚନ୍ଦ୍ରାବଳୀ ଗଣ ଦେଖି ପୁଣ ଗଉରୀ ତୀର୍ଥରେ ।
ନଗ୍ର ନରନାରୀ ଯୂଥ ଯୂଥ ଯମୁନା ପଥରେ ॥
ଆକାଶରେ ଦେବଗଣ ଛନ୍ତି ବିମାନ ଆରୋହି ।
ବନମାଳୀ କାଳୀ ଦହ ଘଉଡ଼ାଇ ଦିଅ କହି ॥
କୃଷ୍ଣ ଦେବଙ୍କ ବଚନେ ଅତି ପ୍ରଚଣ୍ଡ ଶରୀର ।
ବାହୁ ବିସ୍ତାରି ବିକ୍ରମି ଡେଇଁ ପଡ଼ିଲେ ହ୍ରଦର ॥
ଅତି ଅଗାଧ କାଳିନ୍ଦୀ ଜଳ ଊର୍ଦ୍ଧ୍ୱକୁ ଉଠିଲା ।
କୂଳ କାନନ ଲଙ୍ଘିଣ ବିଷ ଅନଳ ଘୋଟିଲା ॥
ମହା ପ୍ରଳୟ ଅନଳ ଜାଣି ଯାଉଅଛି ପୋଡି ।
ଖଗ ମୃଗ ପଳାବନ୍ତି ଯେଝା ବସାମାନ ଛାଡ଼ି ॥
ଗୋରୁ ଗୋପାଳେ ସେ କଦମ୍ବ ମୂଳକୁ ଆଶ୍ରା କଲେ ।
କୃଷ୍ଣ ଜଳରେ ପଡ଼ିବା ଦେଖି ଜ୍ଞାନ ହରାଇଲେ ॥
ଦଶଦିଗ ଧୂମମୟ ଉଠେ ଗଗନେ ହୁତାଶ ।
ଶ୍ୟାମସୁନ୍ଦର ବିହୀନେ ସୁଏ ମନେ ମହାତ୍ରାସ ॥
ଆହେ କୃଷ୍ଣ ଆହେକୃଷ୍ଣ ବୋଲି ଉଚ୍ଚରେ ଡାକନ୍ତି ॥
ନବଘନ ନିରେକ୍ଷିଣ କହୁଁ କହୁଁ ମୋହଯାନ୍ତି ॥
ଗାବ ଖଗ ମୃଗ ଶୋକେ ନେତ୍ରଲୋତକେ ଅନାଇ ।
ତରୁ ତୃଣ ଲତା ମଉଳିଣ ଅଶ୍ରୁ ଧାର ବହି ।
ଏମନ୍ତେଣ ଗୋପଜନେ ପଦ୍ମ ତୋଳିବା ନିମନ୍ତେ ।
କାଳୀବଳି ଭୋଜ୍ୟ ସାମଗ୍ରୀ ଘେନାଇ ଯେଝାମତେ ॥
ବାଟେ ବାରତା ଯାଇଲେ କୃଷ୍ଣ ହ୍ରଦେ ଡେଇଁପଡ଼ି ।
ଶୁହାଁ ମାତ୍ରେଣ ନ ଦିଶଇ ବିଷଜଳେ ଗଲେ ବୁଡ଼ି
ଶୁଣି ମୂର୍ଚ୍ଛାଗତ ମହୀରେ ଲୋଟି ମହାଶୋକ ଭରେ ।
ହା ହା କୃଷ୍ଣ ବୋଲି ରୋଦନ କରନ୍ତି ଉଚ୍ଚସ୍ୱରେ ॥

ଏକ ଚନ୍ତୁଁ ଆରେକ ଶୁଣିଣ ହୁଏ ମୁଣ୍ଡକୋଡ଼ ।
କେହୁ ବ୍ୟାଲଙ୍କ ଉଦଣ୍ଡ ହେଲା ଧାଏଁ ଉଠିପଡ଼ ॥
କେହୁ ବ୍ୟାଲଇରେ ବାବୁ ଧାଆଁ ସରଲ ସମ୍ପଦ ।
ନଷ୍ଟେ ଏତେବେଳେ ଆସି ଗୋଷ୍ଠେ ପଡ଼ିଲା ପ୍ରମାଦ ॥
ଏରୂପେଣ ଗୋଠେ ପାଷାଣ ରୁଧିର ଭସ୍ମବୃଷ୍ଟି ।
ନନ୍ଦ ଆଦି ବୃଦ୍ଧେ ଆତଙ୍କ ସେ ଦେଖିଣ ଅରିଷ୍ଟି ॥
ପୁତ୍ର କାହ୍ନୁଁ ବୋଲି ମନ ଛନ ଛନରେ ଲୋଡ଼ଇ ।
କହୁଁ କହୁଁଣ ବାରତା ଗୋପେ ଉଚ୍ଛୁଳି ପଡ଼ଇ ॥
ଉଚ୍ଚସ୍ୱରେଣ ରୋଦନ ପୁଣ ପୁଣ ପୁରେ ପୁରେ ।
ଶୁଣି ନନ୍ଦଆଦି ପିତାଗଣ ପଡ଼ି ଜ୍ଞାନହରେ ॥
ଯଶୋବନ୍ତୀ ଆଦି ଯେତେ ମାତା ଅବନୀରେ ଲୋଟି ।
ଗୋପ ଭୁବନରେ ଉଚ୍ଛଳଇ ଶୋକସିନ୍ଧୁ ଘୋଟି ॥
ଶ୍ୟାମ ଲାବଣ୍ୟ ଅମିୟରୂପ ନେତ୍ର ଅଛି ରହିଁ ।
କୃଷ୍ଣ ମଧୁର ବଚନାମୃତ କର୍ଣ୍ଣ ଅଛି ପିଇ ।
ତେଣୁ ଜୀବନ ନ ଯାଇ ଶୋକ ସନ୍ତାପରେ ରହେ ।
କୃଷ୍ଣ ବିନା ପ୍ରାଣ ରହିବାର ଆରବିଁ ଦୁଃସହେ ॥
କେଶବାସ ଅତି ଅସମ୍ଭାଳେ ଧାମନ୍ତି ସକଳେ ।
ନନ୍ଦ ଉପନନ୍ଦ ବସୁନନ୍ଦ ଅଭିନନ୍ଦ ମେଳେ ॥
ପିତାମହ ମାତାମହ ସେ ବରିଷ୍ଠ ସମାକୁଳ ।
ମାମୁ ଯଶୋଧର ଯଶୋଦେବ ଭୁରର୍ଦ୍ଧ ପହଣ୍ଡ ॥
ରାମ ସୁଭଦ୍ର କୁଣ୍ଡଳ ସ୍ତୋକ ଭ୍ରାତୃଗଣ ଧାଁଏ ।
ମାତ ଯଶୋଦା ରୋହିଣୀ ଭୁଲି ଡକା ପଡ଼ଯାଏ ॥
ପିତା ଭଗିନୀ ନନ୍ଦନୀ ମାତାଭଗ୍ନୀ ଯଶସ୍ୱିନୀ ।
ଶୋକେ ଅମ୍ବିକା କଳମ୍ବା ଏ କୃଷ୍ଣଙ୍କର ଧାଇବେନି ॥
ଭ୍ରାତା ପତ୍ନୀ କୁନ୍ଦଲତା ଆଦି ସହିତେ ଗୋଡ଼ାଇ ।
କୃଷ୍ଣ ଅପଘାତେ ଶତ ଶୋକସମୁଦ୍ରେ ବୁଡ଼ାଇ ॥
ହା ହା କାରକରି ଧାମନ୍ତି ସେ ବନ୍ଧୁବର୍ଗ ଯେତେ ।
ଗୁଣ ବାହୁନ ନଗର ଜନ ଆସନ୍ତି ସମସ୍ତେ ॥
ଅତି ଆରତରେ ବାଳବୃଦ୍ଧ ସମସ୍ତେ ଧାମନ୍ତି ।
ଗୋପେଁ ଲୁଣୁଆ ଯେ ଆସିଥିଲେ ସଙ୍ଗେଣ ଗମନ୍ତି ॥
ଘରଦ୍ୱାର ଛାଡ଼ି ମାଡ଼ି ଚଳନ୍ତି ବନ ପଥେ ।
ଚେତନା ନାହିଁ ନାରୀ ପ୍ରାୟ ବିହ୍ୱଳାନ୍ତି ଯୂଥେ ଯୂଥେ ॥
ଦେଖି ଦେଖି ଭୁଞ୍ଜା କରି ଗୋକୁଳ ନଗର ।
କେହୁ ପଛେ କେହୁ ମଧ୍ୟେ କେହୁ ଗମଇ ଆଗର ॥

ଯାଉଁ ଯାଉଁ ଉଚ୍ଚସ୍ୱରେ ରୋଦନ କରୁ କରୁ ।
ଏତେ ଦୁଃଖ ଦେଲା କଂସ ଜଗତରୁ ପଡ଼ିମରୁ ॥
ଶୂନ୍ୟେବିହରନ୍ତାପୁରୁଷ ଶୁଣି ଅସୁ ହେଉ ବୋଲେ ।
ଏମନ୍ତେଣ ଯାଇ ମିଳିଲେ ସେ କାଳୀ ହ୍ରଦ କୂଳେ ॥
ଲୋକଶୋକ ଜଳ ବହ୍ନି ବନ ଅନଳ ଲଭନ୍ତି ।
ସଙ୍ଗ କୁମରଙ୍କୁ ଦେଖି ବେଢ଼ି ବାରତା ପୁଚ୍ଛନ୍ତି ॥
ପୁଏ କହନ୍ତି ହରି ଉଠି ଏ କଦମ୍ବ ଉପରେ ।
ତଳେ ଥାଅ ପଦ୍ମ ଦେଖଇ ଅଛି କେତେ ଦୂରରେ ।
ଏତେ କହି ଶିଖେ କା କ ବସ୍ତ୍ରର ଡେଇଁଣ ପଡ଼ିଲା ।
ବିଷଜଳ ଉଚ୍ଛୁଳିଣ କୂଳକାନନ ପୋଡ଼ିଲା ॥
ଶୁଣି ଯଶୋବନ୍ତୀ ନନ୍ଦଆଦି ଅବନୀ ଲୋଟିଲେ ।
କୋଡ଼ କରୁଣ୍ଡ ହୁଅନ୍ତେ ତନୁ ମୂର୍ଦ୍ଧନା ଫାଟିଲେ ॥
କାହା ଦେହରେ ଚେତନା ଅଛି ଧରିବ କେ କାହାରେ
ଶିରେ କର ତାଡ଼ି ଭୂମି ପଡ଼ି ଗଡ଼ି ଯେ ଯାହାରେ ॥
ଅତି ଅସମ୍ଭାଳେ ଯଶୋବନ୍ତୀ ଶୋକ ଗୁରୁତର ।
ଶ୍ୟାମସୁନ୍ଦର ମୋ ଲୁଚିଅଛ ଏ ଜଳ ଭିତର ॥
ତବ ଲାବଣ୍ୟ ଶରୀର ଗୋଟି କେଣେ ଥିବ ବୁଡ଼ି ।
ମୁହିଁ ଅଣ୍ଟାଳି ଆଣିବି ପଶି ଧାଏଁ .ଝାସି ଲୋଡ଼ି ॥
ଧାଇ ପରିଜନେ ବୋଧି କହନ୍ତି ମଣାଇ ।
କୃଷ୍ଣ ଆସନ୍ତି ବୋଲନ୍ତେ ନଷ୍ଟିଲେ ଅନାଇ ॥
କାହ୍ନୁ କାନ୍ତି କଳା କଳାପେ କାଳିନ୍ଦୀ ଜଳ ଦିଶେ ।
ମୁଖପଦ୍ମ ନୀଳୋତ୍ପଳ କଇରବ ମୃଦୁ ହାସେ ॥
କୋକନଦ ଧର ମୃଣାଳ ସୁବାହୁ ସର୍ପ ରଙ୍ଗେ ।
ନୃତ୍ୟ ରଙ୍ଗେ ପୀତାମ୍ବର ଛବି କମଳ ପରାଗେ ॥
କୃଷ୍ଣ ପ୍ରାୟ ମଣି ପ୍ରାଣକୁ ସେ ଧରଇ ଶରୀରେ ।
ଆସ ଆସ ମୋର କହ୍ନାଇ ରୋଦଇ ଉଚ୍ଚସ୍ୱରେ ॥
ବାଳକାଳେ ମାଟି ଖାଇଲୁ ଉଞ୍ଚାଇ ଚଜ ଗ୍ରୀବେ ।
ଗୋପେ ଉଦଣ୍ଡ ହେବାର ବାନ୍ଧି ଯାମଳା ନିକଟେ ॥
କ୍ଷୀରପୁତା ମାରି ଦଧିଦୁଧଭଣ୍ଡ କଲୁ ନାଶ ।
ମୁହିଁ ନିଲକ୍ଷଣୀ ସେକାଳେ ଯା କରିଛି ଝିଙ୍ଗାସ ॥
ଏହି ଅଭିମାନେ ରୋଷବହି ଏବେକ ଝାସିଲୁ ।
ବୃଦ୍ଧ ପିତାମାତାଙ୍କ ଶୋକ ସମୁଦ୍ରେ ଭସାଇଲୁ ॥
ତୋର ବିନୁ ପଡ଼ିଅଛି ଶିରେ ଅଚଳ ପଥର ।
ପଦ୍ମମୁଖ ଦେଖାଇଣ ବାରେ ଉଦ୍ଧାରଣ କର ॥

ମୋର କହ୍ନାଇ କହ୍ନାଇ ବୋଲି ଉଚ୍ଚେ ବାହୁ କୋଡ଼ି ।
କେଣେ ଗଲୁ ପ୍ରାଣଧନ ବୋଲି ମୂର୍ଚ୍ଛାଯାଇ ପଡ଼ି ॥
ନନ୍ଦ କାନ୍ଦଇ ନନ୍ଦନ ଗୁଣେ ଲୋଟି ମହୀତଳେ ।
କାହିଁ ନୀଳମଣି ତନୁ ଗୋଟି ଦେଖିବଇଁ ଡୋଳେ ॥
ବାଳକାନ୍ତ ଗାଈରଖି ମୋତେ କରଇ ଅଚିନ୍ତା ।
ଏକାବେଳେ ମୋ ଉପରେ ଦେଲୁ ମହା ଘୋରଚିନ୍ତା ॥
ବନେ ଯାଉଁ ଯେବେ ଶୂନ୍ୟବାସୀ ହୁଏ ମୋ ଜୀବନ ।
ତୋତେ ଯେତେବେଳେ ଦେଖଇ ପିଣ୍ଡରେ ପଶେ ପ୍ରାଣ ॥
ଏତେ ଅରିଷ୍ଟି ମେଣ୍ଟିଣ କଷ୍ଟ ମେଣ୍ଟିଣ ନଗଲା ।
ବୃଦ୍ଧକାଳେ ପୁତ୍ର ନୋହି ହୋଇ ଦୁଃଖ ଦେଇଗଲା ॥
ଗାବ ଦୋହନ ସ୍ଥାନକୁ ମୋତେ ଯିବାକୁ ନଦେଉ ।
କେ ଗାଈ ଦୁହିଁବ ମୋର ବାପ ହାଇ ଆଉ ॥
ମୋର ଶୟନ ଜାଣିଣ ଯାଇ ଚରଣ ମଣ୍ଡାନ୍ତୁ ।
ଜାଣି କୋଳକରି ଶୁଆନ୍ତେଣ ପୁଣିହିଁ ଘଞ୍ଚାନ୍ତୁ ॥
ତୋ ପାରବା ହସ୍ତ ସଙ୍ଗପରୁ ନଦେଉ ଓହ୍ଲାଇ ।
ମୋର ଦୁଇଗୋଟି ଆଖି ତୁମ୍ଭେ କହ୍ନାଇ ବଳାଇ ॥
ତୋତେ ନଦେଖିଲେ କ୍ଷଣେ ରାମ ଜୀବନ ନରହେ ।
ଅନ୍ଧ ହୋଇଲାରେ ବାବୁ ମୋତେ କଢ଼ାଇବ କିଏ ॥
ପୂର୍ବେ ଗର୍ଗ କହିଥିଲେ ପୁତ୍ର ଅପମୃତ୍ୟୁ ନାହିଁ ।
ଏବେ ମିଛ ହୋଇଲାଟି ବୋଲି ପଡ଼େ ମୋହ ଯାଇ ॥
ଉପନନ୍ଦ ଆଦି ଜ୍ୟେଷ୍ଠ ପିତା ଖୁଡ଼ତା ମଣ୍ଡଳୀ ।
କୃଷ୍ଣ ଚରିତ ବାହୁନି ଶୋକ ନଯାଏ ସମ୍ଭାଳି ॥
ତୋର ରକ୍ଷଣି ନିମିତ୍ତ ବନେ ସଙ୍ଗ ପୁତ୍ର ପେଶୁ ।
ନିଜ ସୁତେ ଏଡ଼େ ସ୍ନେହ ନୁହେ ଯେମନ୍ତ ତୁ ହସୁ ॥
ଆମ୍ଭ କୁଳର ଚନ୍ଦ୍ରମା ଅସ୍ତ ଗୋହରେ ବୁଡ଼ିଲୁ ।
ସୁଖ ତିମିର ଘୋଡ଼ାଇ ଦୁଃଖମେରୁ ଉହାଡ଼ିଲୁ ॥
ଚନ୍ଦ୍ର ଚକୋର ନଦେଖି ଦୁଃଖେ ଯାଉଅଛୁ ଫୁଟି ।
ଏକ ଉପରେ ଆରକ ଢଳି ଅବନୀରେ ଲୋଟି ॥
ରାମ କାରୁଣ୍ୟ କରନ୍ତି ଆରେ ମୋର ପ୍ରାଣ ହାଇ ।
ତୋତେ ମୁରୁଛିଣ କ୍ଷଣେ ମୁଁ ଯେ ନପାରଇ ସହି ॥
ମୋତେ ନକହିଣ ଆସି ଆଜି ଏତେ ଦଣ୍ଡ ଦେଲୁ ।
ସର୍ବଜନ ଜୀବନକୁ ଆଣି ଏଥି ହରାଇଲୁ ॥
ଚତୁର୍ବିଧ ସଖୀଗଣ ଗୁଣ ଗାଇଣ ରୋଦନ ।
ତୋର ଉପକାର ଗୋଟି କୋଟିଯୁଗର ବନ୍ଦନ ॥

ମାୟାରୂପେ ବତ୍ସାସୁର ମାରି ଆଣିଥିଲୁ ଏଥି ।
ମନ ଜାଣି ବୃକ୍ଷେ କରୁଡ଼ ଖୁଆଇଲୁ କପିତ୍ଥ ॥
ବକା ଗିଳିଥିଲା ବେଳପାଲ କରିଣ କାଢ଼ିଲୁ ।
ଅଘା ଅଜଗର ଉଦରେ ପଶିଣ ଉଦ୍ଧରିଲୁ ॥
ଏଥି ବିଷବାରି ପାନକରି ମରିଥିଲୁ କାଲି ।
କ କ ପଡ଼ି ବିଷଝାଡ଼ ଦେଲୁ ଉଡ଼ାଇଣ ବାଲି ॥
ଆପେ ଗାବରଖି ଆମ୍ଭ ଦୁଃଖ ଦେଖିଣ ଶୁଆଉ ।
ବନେ ଲୋଡ଼ି ସ୍ୱାଦୁ ଫଳମୂଳ ଆମ୍ଭଙ୍କୁ ଖୁଆଉ ॥
ବନେ ବନେଣ ବହରୁ କଂସ ରାଜାକୁ ନଡରୁ ।
କାଳୀହ୍ରଦ ଘେନଗଲା ଯେତେ ସୁଖ ଏହିଠାରୁ ॥
ଶୋକେ ଅସମ୍ଭାଳିଲ ପୁଣ ପୁଣ ପଡ଼ନ୍ତି ଅବନୀ ।
ଏକା ହୋଇ ପଶିଲୁ କମ୍ପାଇ ଆମ୍ଭଙ୍କୁ ନ ଘେନ ॥
ପଦ୍ମ ତୋଳିବାର କେତେ କଥା ଆପେ କମ୍ପା ଝାସି ।
ତୁହି ଆଜ୍ଞା ଦେଲେ କମଳ ତୋଳନ୍ତୁ ଜଳେ ପଶି ॥
କାଳୀ ଯେବେ ଗୋଳ କରନ୍ତା ଆଣନ୍ତୁ ତାକୁ ଧରି ।
ବଳେ ଆମ୍ଭଙ୍କୁ ଗିଳନ୍ତେ ଅଘାପ୍ରାୟେ ଯାନ୍ତା ମରି ॥
ଯେତେ ବ୍ରଜବାସୀ ନାନା ମତେ କରନ୍ତି କାରୁଣ୍ୟ ।
ଆହା କୃଷ୍ଣଚନ୍ଦ୍ର ଆମ୍ଭ ନେତ୍ର ସୁଖାଦି କାରଣ ॥
ବନ ବାହୁଡ଼ା ଗୋଧୂଳି ତନୁ ଶ୍ରମ ଜଳେ ମିଶି ।
ନଟବର ବେଶ ନଟ ଦେଖି ହେଉଥାଉଁ ତୋଷି ॥
ଯାଉଁ ଯତନେ ଯମୁନା ତୋଟେ ବନେ ଦେଖିବାକୁ
ଆଉକି ସୁଖ ଇଚ୍ଛଇ ପ୍ରାଣ ଚକ୍ଷୁ ଦେଖିବାକୁ ॥
କୃଷ୍ଣ ଅଭାବେ ବିକଳ ଚଳ ଅଚଳ ସକଳ ।
କାଳୀ ହ୍ରଦକୂଳେ ଉଚ୍ଛୁଳେ କାରୁଣ୍ୟ କୋଳାହଳ ॥
ଚନ୍ଦ୍ରାବଳୀ ସଖୀଗଣ ଘେନ ଗଉରୀ ତୀର୍ଥରେ ।
କୃଷ୍ଣ କାଳିନ୍ଦୀରେ ଝାସଦେବା ଶୁଣିଲେ ପଥରେ ॥
ହା ହା କୃଷ୍ଣ ବୋଲି ଧରଣୀରେ ପଡ଼ି ମୋହଯାଇ ।
ସଖୀ ଶୋକଭରେ ତୋଳିଧରି ଅଙ୍କେ ଆଉଯାଇ ॥
ପାଳୀ କମଳା ମଙ୍ଗଳା ଆଦି ଯେତେ ଯୂଥେଶ୍ୱରୀ ।
କୃଷ୍ଣ ଗୁଣ ବିଳାପରେ ପାଷାଣ ଜର ଜରି ॥
ହନ ହନକର ଲୀଳାରଙ୍ଗ ଗୁଣ ଗୁଣି କାନ୍ଦେ ।
ଭୂମିଲୋଟି ହାରତୁଟି କେଶ ବସନ ନ ବାନ୍ଧେ ॥
ଚନ୍ଦ୍ରାବଳୀ ପୁଣ ଚେଷ୍ଟି ଗୁଣ ସୁମରିଣ ଗାଏ ।
କାଲି ଦୃଷ୍ଟି ଆସି ଯାହା ହାଣି ସ୍ୱରୂପ ନିଷ୍ଟପେ ॥

ସଖୀ ଅପମାନେ ଦୁଃଖମନେ ଦୂତୀଙ୍କ ପେଷିଲେ ।
ସ୍ବରୁ ସିନ୍ଦୂର ଆମ୍ଭଙ୍କ ଦେଇ ଜଣାଇ କହିଲ ॥
ଜାଣି ଆଦରେଣ ଘେନ କାଲି ଦେଖିବା ବୋଇଲେ ।
ଏବେ ଜାଣିଲି ମୋ ଦୁଃଖ ହେତୁ ଏଥି ଝାସ ଦେଲେ ॥
ପ୍ରାଣ ଗୁଡ଼ି ପାରେ ମୋ ବିରସ ଦେଖି ନ ପାରଇ ।
ଏଣେ ପ୍ରିୟ ଯେହୁ ତାର ବିନୁ ଦେହ କି ଧରଇ ॥
ସେହି ହ୍ରଦେ ଝାସ ଦେବ ବୋଲି ଆସନ୍ତେ କୂଳକୁ ।
ପ୍ରାଣନାଥ କୋଳ ପ୍ରାପ୍ତ ମଣି କୋଡ଼ନ୍ତି ଜଳକୁ ॥
ଧାଇଁ ଝାସିବ ବୋଲି ଲୋଡ଼ନ୍ତେ ଧରନ୍ତି ସଜନୀ ।
ଜଳ ହୋଇଣ ପାଷାଣ ବହେ ତାଙ୍କ ଶୋକ ଶୁଣି ॥
ଏମନ୍ତେଣ ରାଧା ସଖୀ ସଙ୍ଗେ ବନେ ଫୁଲତୋଳେ ।
କୃଷ୍ଣ ଉଦ୍ଦେଶିଣ ବୁଲେ ତରୁଲତା ଡାଳେ ଡାଳେ ॥
ସଙ୍କେତ ସ୍ଥାନରେ ନ ଦେଖିଣ ଆକୁଳ ଜୀବନ ।
କାଳି ନଇଲ ଯା କୃଷ୍ଣ ତେଣୁ କଲେ ଅବା ମାନ ॥
ପୁଣି ବିଚ୍ଛେରେ ମୋଠାରେ ମାନ କେବେ ନୁହେଁ ।
ବ୍ୟାକୁଳ ଚିତ୍ତରେ ପୁଣ ପୁଣ ଉଦ୍ଦେଗ ହୁଏ ॥
ଅଦ୍ଭୁତ ଶୋକ ଉଠିଣ ଦକ୍ଷିଣ ନେତ୍ର ସ୍ଫୁରେ ।
ଜାନୁ କମ୍ପିଣ ନୟନୁ ଅଶ୍ରୁଜଳ ପଡ଼େ ଉରେ ॥
ମନ ବିରସରେ ଛନ ଛନ ବିକଳ ପରାଣ ।
ଅତି ନିରସ ବଦନ ପୁଚ୍ଛେ ସଖୀ ଜଣ ଜଣ ॥
ବନଶୋଭା ନହିଁଶଇ ଦିଶଇ ଧୂମମୟ ।
ଚନ୍ଦ୍ର ଚନ୍ଦନ ପବନ ମୋତେ ଲାଗେ ବିଷପ୍ରାୟ ॥
ସର୍ବ ଅଶୁଭ ଦେଖଇ ଶୁଭେ କାରୁଣ୍ୟ ବଚନ ।
ଭୁମ୍ଭ ମୁଖରେ ମଳିନ ଲୁହ ପୂରିଛି ଲୋଚନ ॥
ଶୁଣି ସଖୀ ମୁହଁ ପୋଛି ଲୁହ ଅବନୀ ବରଷେ ।
ଏମନ୍ତେଣ ବୃନ୍ଦା ପାଶେ ମିଳି କହନ୍ତି ହରଷେ ॥
କାଲି ତୁମ୍ଭଠାରୁ ଗଲି କୃଷ୍ଣ ଦେଖିଲି ସଙ୍କେତେ ।
ଗୁଞ୍ଜରେଖା ଚନ୍ଦ୍ରାବଳୀ ସହିତେ କଥା ଯେତେ ॥
ସବୁ କହିଲି ବୋଇଲେ ଆଜ ନ ଆସିବ ଜେମା ।
ଶୁଣି ହରଷେ ନିରସ ହେଲା ବଦନ ଚନ୍ଦ୍ରମା ॥

କାଲି ଦେଖିବା ବୋଲିଣ ଗଲେ ପୂର୍ଣ୍ଣକାମ ହରି ।
ଆଜ କଦମ୍ବେ ଉଠିଣ କାଳୀହ୍ରଦେ ଡେଇଁପଡ଼ି ॥
ବିଷଜଳ ଉଚ୍ଛୁଳନ୍ତେ ବନ ଦହନ ହେଉଛି ।
ଗୋପୀ ଗୋପାଳ ଲୋକଙ୍କ ଜଳେ ଲେଉଣ ଯାଉଛି ॥
ଶୁଣି ବଜ୍ରଘାତ ଆନ୍ଦୋଳିତ ହୋଇଲା ପରାଣ ।
ତନୁ ଝମ ଝମ ଦେହୁ ଝରେ ରତ୍ନ ଆଭରଣ ।
କେଶ ବାସ ବନ୍ଧ ଫିଟିଣ ହଜିଲା ଦେହ ବୁଦ୍ଧି ।
ଲତା ଛେଦିଲା ପରାଏ ଢଳି ନାଶୀ କୁଳନିଧି ॥
ଶୋକ ସାଗରେ ଭାସିଲେ ସର୍ବ ଜନନୀ ନିକରେ ।
ଯହିଁ ପାଷାଣ ଫାଟଇ ଏତ ଶ୍ରେଷ୍ଠ ରମଣୀରେ ॥
ବୃନ୍ଦା ଧରଣୀରୁ ରାଧାତୋଳି ଧରେ ଆଉଯାଇ ।
ନାହିଁ ଦମ ଦମ ଉରେ ଶ୍ୱାସନାସେ ନବହଇ ॥
ମନବୁଦ୍ଧି ଚଇତନ୍ୟ ଆଦି କୃଷ୍ଣପାଶେ ଗଲେ ।
ଶୁଦ୍ଧ ସୁବର୍ଣ୍ଣ ପ୍ରତିମା ଢଳି ରହେ ବୃନ୍ଦାକୋଳେ ॥
ଚଉପାଶେ ବେଢ଼ି ସଖୀ ଗୁରୁ ଦୁଃଖ ଶୋକଭରେ ।
କୃଷ୍ଣ ଗୁଣଗାଇ ରୋଦନ କରନ୍ତି ଏକ ଥରେ ॥
ବାଳି ଅବସ୍ଥା ଦେଖି କରନ୍ତି ସଚେଷ୍ଟ ବିସ୍ତର ।
କର ଚରଣ ମଞ୍ଚାଳି ନାନା ଶୀତ ଉପଚାର ॥
କେହୁ ଅଙ୍ଗୁଳି ଫୁଟାଇ କେହୁ ଉରେ କର ଦେଇ ।
କେହୁ କରେ ତୁଳା ପରୀକ୍ଷା ନିଶ୍ୱାସ ନ ବହଇ ॥
ସଖୀପ୍ରାଣ ନାହିଁ ବୋଲି କେହୁ ଲୋଟନ୍ତି ଧରଣୀ ।
କର୍ଣ୍ଣମୂଳେ ଉଚେ ଡାକଇ କେ ମୋ ପ୍ରାଣସଜନୀ ॥
କିଛି ଚେଷ୍ଟା ନପାଇଣ ମନେ ମହାଚିନ୍ତା ପାଇ ।
କର୍ଣ୍ଣମୂଳେ କୃଷ୍ଣନାମ ଗୁଣ ଉଚେ ଡାକଦେଇ ॥
ତତ୍କ୍ଷଣମାତ୍ରେ ରୋମ ପୁଲକ ଶକୁନ୍ୟ ଶୁଭ ଏତେ ।
ଉପୁଡ଼ା ଲତା ପଦପ୍ରାପ୍ତେ ହସନ୍ତି ସଖୀ ଯେତେ ॥
ଭୃଙ୍ଗବଦ୍ୟା ବୀଣାଯନ୍ତ୍ର ସାଜ ଗୁଣଖଞ୍ଜି ମାଜେ ।
କୃଷ୍ଣ ବର୍ଣ୍ଣିମାନ ଯଶଗୁଣ ଉଚ୍ଚାରଣ ବାଜେ ॥

ଗୀତ ରାଗ—ଭୈରବ । ସରିମାନ ।

ସଖୀ ଗୋ । ଯାଇଦେଖ । କାଳିନ୍ଦୀ ହ୍ରଦରେ ହରି ପଦ୍ମତୋଳି । ରଙ୍ଗେ ଜଳକେଳି କରେ ।ସହସ୍ର ଦଳ କମଳେ । ପରିମଳ ଚୋର । ମୁଖ ସୁଗନ୍ଧ ଅନୁସରେ । ଘୋଷା ।

କି ସଖୀଗୋ ଯାଇଁ ଦେଖ । ପ୍ରାଣନାଥ ଯହିଁ ଅଛି । ସେହି ତୋର ପଥ ଚାହିଁ କାମଅନ୍ଧ । ବିଷଜଳେ । ତୋର ଅଧର ସୁଧାଇଛି । ୧ । ଏ ତୋର ସୁଧା ସୁଗନ୍ଧେ । ସେହିପଦ୍ମେ ହରି ନ ଯାଇ । ଭସାଇ ଜଳେ ଦିଏ । ମତ୍ତଗଜ ଜାଣି କୁଞ୍ଜେ କଞ୍ଜ ଗଞ୍ଜେ । ତେଣୁ ଜଳଚପେ ତୋର ଶୋଭା ଧ୍ୟାୟେ । ୨ । ସର୍ପକୁଳଦର୍ପହର । କାଳୀଦଳ । ଉଠି ମଣ୍ଡଳ ପରେ ତୋତେ ଚାହେଁ । ଆନନ୍ଦରେ ନୃତ୍ୟକରେ ଆଗମରେ । ଅଙ୍ଗ ଗନ୍ଧ । ତୋ ସମୀର ଯହିଁ ବହେ । ୩ । ଅମୃତ ନୟନେ ତୋର । ବିଷହର । ହରି ତୋମୁଖ ଦେଖିଲେ କୂଳଆସି । ଶ୍ରୀକୃଷ୍ଣ ଯଶଃ ପିୟୂଷେ । ବୀଣାଘୋଷେ ରଞ୍ଜି । ଶ୍ରବଣପ୍ରବେଶେ ଚେତାବସି । ୪ ।

। ବୋଲି ।

ବୀଣା ଗୁଞ୍ଜନାଦେ ଗୁଣାଇଣ ଶ୍ରବଣେ ଶୁଣାଏ ।
ହରି ଚରିତ ଅମୃତ ନବରସାୟନମୟେ ॥
ଗଣ୍ଡ ଉଲ୍ଲସିଣ ଉର କମ୍ପି ସର୍ବାଙ୍ଗ ପୁଲକ ।
ଧୀର ବହଇ ନିଶ୍ୱାସ ଫିଟେ ନୟନ ପଲକ ॥
କଞ୍ଜ ଲୋଚନୁ ଅଞ୍ଜନ ନୀର ନିରନ୍ତର ବହେ ।
ଅନ୍ତେ କୃଷ୍ଣ ରସ ଉଚ୍ଛୁଳନ୍ତେ ସମ୍ଭାଳ ସେ ନୁହେ ॥
ଗଦ ଗଦରେ ରୋଦଇ ଆହା ପ୍ରାଣନାଥ ମୋର ।
ନୀଳମଣି ନବ ମୃଦୁତନୁ କଲ ନାରଖାର ॥
ମୁହିଁ ଅତି ମନ୍ଦମତି ଯାହାସେ କାଳି କହିଲି ।
ସର୍ବ କରଣୀ ଯେ ଚିନ୍ତାମଣି ଜାଣି ହରାଇଲି ॥
ଯେଉଁ ବିଷଜଳ ଜାଳେ ତରୁବର ଜଳିଯାଇ ।
ସୁକୁମାର ତନୁ ଗୋଟି ଥିବ କେମନ୍ତ ଯେ ହୋଇ ॥
ମୋତେ ମିଳେହେଁ ଭଣ୍ଡିଲ ସହି ଖାଇ ନ ପାରି ।
ରାଣ୍ଡି କରେ ଧରି ଆଗୁସାର ସହଚରୀ ॥
ସଖୀତୋର ବିମ୍ବାଧର ସୁଧାରସ ସେହୁ ଖାଇ ।
କାଳୀ ବିଷଜଳେ ପଶିଲେଣ ତାର କସ ଯାଇ ॥
କୃଷ୍ଣ ଯଶୋଗୁଣ କହିଣ କାଳନ୍ଦୀ କୂଳେ ମିଳେ ।
ତହିଁ ଦେଖିଲେ ସର୍ବେ ରୋଦନ କରନ୍ତି ବିକଳେ ॥
ଶୋକଜଳ ପଡ଼ି କୂଳମାଡ଼ି ନଦୀ ଯାଏ ବଢ଼ି ।
ପୌର୍ଣ୍ଣମାସୀଙ୍କି ଦେଖିଣ ନନ୍ଦ ଆଦି ପାଦେ ପଡ଼ି ॥
ଦେବୀ ବୋଲନ୍ତି ଦଇବ ବଡ଼ ବଳୀୟାର ।
କଥା ବିଚାରିବା ସର୍ବେ ତୁମ୍ଭେ ଶୋକ ଶାନ୍ତକର ॥
ଆମ୍ଭେ ଜାଣୁଁ କୃଷ୍ଣଙ୍କୁ କାଳୀ ବିଷଘାତ ନାହିଁ ।
ମହା ଗାରେଡ଼ୀ ବିଦ୍ୟାକୁ ଶିଖିଅଛି ସେ କହ୍ନାଇ ॥
କୃଷ୍ଣ ରୋହିଣୀ ବୃତକୁ ରବି ଦୋଷ ହୋଇଛନ୍ତି ।
ଆଜ ମୂଳାଧନୁ ତାରଚନ୍ଦ୍ର ଅବଳ ଅଛନ୍ତି ॥
ଗ୍ରହପୂଜ ମୁଖେ ଶାନ୍ତି କରି ବିପ୍ରେ ଦାନ ଦିଅ ।
ଇଷ୍ଟ ମନ୍ତ୍ର ଜପ କରି ସର୍ବେ ଶୁଚିମନ୍ତ ହୁଅ ॥
ସୂର୍ଯ୍ୟତନୟାରେ ସ୍ନାନେ ହର ସର୍ବ ଅପରାଧ ।
ବିପ୍ର ବରଣ କରିଣ ବିଶ୍ୱକେଶନଙ୍କୁ ଆରାଧ ॥
ଜାଙ୍ଗଳିକଗଣ ଅଣାଇଣ ଧନବସ୍ତ୍ରେ ତୋଷେ ।
ଗଦ ପଦବଳେ ହରନ୍ତୁଏ ବିଷଜଳ ଦୋଷ ॥
ନନ୍ଦ ଶୁଣି ବେଗେ ଗ୍ରହପୂଜ ଆଦରେଣ ରଚି ।
କୃଷ୍ଣ ରିଷ୍ଟ ଶାନ୍ତି ପାଇ ଗ୍ରହପୂଜାକୁ କରାଇ ॥
ଜଳେ ସ୍ନାନକରି କୂଳେ ବିଶ୍ୱକେଶନଙ୍କୁ ଆରାଧି ।
ବିପ୍ର ବରଣ କରିଣ ଦେଲେ ଦାନ ନାନା ବିଧି ॥
ଦୂତ ପେଷି ଦେଶ ଦେଶୁଁ ବିଷବୈଦ୍ୟ ଅଣାଇଲେ ।
ଶାଢ଼ୀ ସୁନାବଳା ଦେଇ ବହୁ ଦଇନ୍ୟ ହୋଇଲେ ॥
ନନ୍ଦକହେ ବୃଦ୍ଧକାଳେ ମୋହର ଏକଇ ଦିଳ ।
ବିଷଜଳେ ଡେଇଁପଡ଼ି ମୋର ବୁଡ଼ାଇଲା ଭେଳା ॥
ତୁମ୍ଭ ଉପାୟେ ଏଥିରୁ ଯେବେ ପୁତ୍ର ଉବୁରିବ ।
ତେବେ ଗୋପେଶ୍ୱରୀ ସମ୍ପଦ ତୁମ୍ଭେ ବହୁ ଭୁଞ୍ଜିବ ॥
ଶୁଣି ନନ୍ଦର ବିନୟ ସେ ସକଳ ଜାଙ୍ଗଳିକେ ।
ମହା ଗାରେଡ଼ୀ ପଢ଼ି ପ୍ରତିଜ୍ଞା କଲେ ଏକେ ଏକେ ॥
ବନ ଔଷଧି ବିଷ ମହୌଷଧି ଗଦ ଉଆଇଲେ ।
ମନ୍ତ୍ର ପଢ଼ି ନିମନ୍ତ୍ରିଣ 'ହରହର' ବୁହାଇଲେ ॥
କାଳୀ ହ୍ରଦ ଜଳେ ମେଲନ୍ତି ସେ ପଢ଼ନ୍ତି ଗାରେଡ଼ୀ
ଜଳ ଛୁଇଁ ନପାରନ୍ତି କୂଳେ ରହିଛନ୍ତି ବେଢ଼ି ॥
ବିଷ ଲହରୀ ଜଳେ ନିକଟେ ନ ପାରନ୍ତି ରହି ।
ଜଳ ଜ୍ୟୋତି ଝଲକନ୍ତେ ନିଶ୍ଚଳରେ ନୁହେ ଚାହି ॥
ଏମନ୍ତେଣ କୃଷ୍ଣ ପିତା ମାତା ଆଦି ଶୋକ ଶୁଣି ।
ଧୀରେଦ୍ଧାତ ସୁଲକ୍ଷଣେ ରୋଷ ବଢ଼େ ପୁଣି ପୁଣି ॥

ପଦ୍ମ ବନ ବିଧ୍ୱଂସଇ ମତ୍ତ ମାତଙ୍ଗ ପରାଏ ।
ତୋଳି ଛିଣ୍ଡାଇ ଅନେକ ପଦ୍ମ ସ୍ରୋତରେ ଭସାଏ ॥
କଂସ ରାଜା ଜଳ କ୍ରୀଡ଼ା ଜଗଣ୍ଡରେ ଭାସି ଲାଗେ ।
ସ୍ୱହିଁ ମହାଭୟ ପାଏ ଖାର ଯେତେ ଦମ୍ଭ ଭାଙ୍ଗେ ॥
କୃଷ୍ଣ ଅଇଲା ପରାଏ ମଣି ପଳାଏ ଭୁବନେ ।
ଦେବେ ଦେଖି କରତାଳୀ ମାରି ହସନ୍ତି ଗଗନେ ॥
କୃଷ୍ଣ କମଳ ତୋଳନ୍ତେ ଜଳ ହାଲଦୋଳ ହୁଅଇ ।
ନାଗବଳ ସ୍ୱହିଁ କୋପ ବହ୍ନି ବେଢ଼ିଲେ ସେ ଯାଇ ॥
ହରି ଶରୀରେ ଦଂଶନ୍ତେ ଫଣା ଫୁଟି ଦନ୍ତ ଝଡ଼େ ।
ତ୍ରାସ ପାଇ ଶ୍ରୋଣି ବିହି ଅହି ମୋହ ଯାଇଁ ପଡ଼େ ॥
କୃଷ୍ଣ ମୃଣାଳ ଆୟୁଧ ଧରି ବୁଲାଇଣ ପିଟେ ।
କୁଢ଼ କୁଢ଼ ନାଗ ମଡ଼ାମଡ଼ କାଳିନ୍ଦୀରେ ଲୋଟେ ॥
ସେହି ଦୁଷ୍ଟ ନାଗ ନ ଭାଜନ୍ତି ଧାଇଁଣ ପଡ଼ନ୍ତି ।
ଶତେ ପୁର କରି ନବନ୍ଧଣ କୃଷ୍ଣଙ୍କୁ ବେଢ଼ନ୍ତି ॥
ପଡ଼ି ଗାରେଡ଼ୀରେ ଜଳ ମନ୍ତ୍ରି ମାରନ୍ତି ତାଙ୍କରେ ।
ଭୟେ ପଳାଇ ରହନ୍ତି ପଶି ନପାରି ପାଶରେ ॥
ମଣିଚୂଡ଼ ଶଙ୍ଖଚୂଡ଼ କାଳୀ ଥାଟେ ସେନାପତି ॥
ଆସି କୃଷ୍ଣଙ୍କୁ ବେଢ଼ିଲେ ପୁଣି ନାଗବଳ ପନ୍ତି ॥
ଫୁଫ୍କାର ଘୋର ଗରଜନେ ଫେଣାକୁ ଉଭାରି ।
ଏକାବେଳେ ଝାସି ମିଶି କୃଷ୍ଣ ତନୁ ବନ୍ଧ କରି ॥
କେହୁ ନାଗ ଲାଞ୍ଜ ବେଢ଼ାଇଣ ଯୁଡ଼ିଆଇ ହୁଏ ।
କେହୁ ପାଦ ପାଣି ଉର ପୃଷ୍ଠ କଣ୍ଠେ ଲମ୍ବି ରହେ ॥
ବାହୁ ଦଣ୍ଡେ ନାଗ ଉଦ୍ଦଣ୍ଡ ଦଳଙ୍କୁ ଦଣ୍ଡଦେଇ ।
ପାଦେ ଦଳି ମାରି କୁଣ୍ଡଳୀଙ୍କି ହଅନ୍ତି ଭସାଇ ॥
ଶଙ୍ଖଚୂଡ଼ ମଣିଚୂଡ଼ ହସ୍ତେ ଧରି ଫିଙ୍ଗିଦେଲେ ।
କେତେ ଦୂରେ ବନେ ପଡ଼ି ଜ୍ଞାନ ହରାଇଲେ ॥
ଭେଳା ଭେଳା ହୋଇ ନାଗବଳ ଏଣେ ତେଣେ ଭାସେ ।
ଭୟେ ପନ୍ନଗ ପଳାନ୍ତେ ହରି ଠହ ଠହ ହସେ ॥
କାଳୀ ନାଗରାଜା ଆଗେ ଯାଇ କହନ୍ତି ଆରତେ ।
ଏକ ଜଣ ପଦ୍ମ ତୋଳି ତୋ ନାଗବଳ ନିପାତେ ॥
ଶୁଣି କାଳୀୟ ପନ୍ନଗରାଜ ଗର୍ଜିଣ ଉଠିଲା ।
ଫଣ ସହସ୍ରେ ଉଭାରି ହ୍ରଦ ଫୁରିଣ ଘୋଟିଲା ॥
ଫୁଫ୍କାର ନିଶ୍ୱାସରେ ଜଳ ଉର୍ଦ୍ଧ୍ୱକୁ ଉଠଇ ।
ସିନ୍ଧୁ ମନ୍ଥନେ ଯେସନେ କାଳ ଗରଳ ଘୋଟଇ ॥

କାଳୀ ପତ୍ନୀ କହେ ହେ ନାଥ ଏ କୋପକୁ ସଂହର ।
ଭବ ଉଶ୍ୱାସ ନିମନ୍ତେ ବିଷ୍ଣୁ ମର୍ତ୍ତ୍ୟେ ଅବତାର ॥
ନନ୍ଦ ମନ୍ଦିରେ ଗୁପତେ ବଢ଼େ କଂସ ବିନାଶନେ ।
ଅଘାସୁର ଅଜଗର ଆଦି ନାଶି ଘୋର ବନେ ॥
ଖଗ ମୃଗ ଚତୁ ତୃଣ ଯେଣୁ ବିଷରେ ତାପିତ ।
ଏଥି ନ ରଖିବେ ଆମ୍ଭଙ୍କୁ କୃଷ୍ଣଙ୍କ କୋପ ଚିତ୍ତ ॥
କାଲି ଦେଖିବା ବୋଲିଣ ଥିଲେ ଆଜ ଦେଲେ ଧାଡ଼ି ।
ତାଙ୍କୁ ଭଜନ କରିଣ ସ୍ଥାନ ମାଗ ଯିବା ଛାଡ଼ି ॥
ପାଦେ ପୂଜ କରି ଖଣ୍ଡିବା ସେ ଖଗପତି ଭୀତି ।
ଯୁଦ୍ଧେ ଜିଣି ନେ ହୁବ ସେ ଅଜିତ ନନ୍ଦ ସନ୍ତତି ॥
କ୍ରୋଧେ ବଧିର ନଶୁଣେ କାଳୀ ହିତ ଉପଦେଶ ।
କାହିଁ ଭୂଷାର ବଦନରେ ଲଭେ ପ୍ରଳୟ ହୁତାଶ ॥
ପ୍ରିୟା ବଚନ ନ ଘେନ ବେଗେ କୋପ ମୁଖେ ଧାଏଁ ।
ଜଳ ଦୁଇଭାଗ ହୁଏ କାଳୀ ଆସିବାର ଘାଏ ॥
ବନ୍ଧୁ ବର୍ଗ ସୈନ୍ୟ ସାହା ଘେନ ଝାସିଣ ପଡ଼ଇ ।
ଆରେ ଆରେ କେହୁ ଆସି ଏଥି ମରଣ ଲୋଡ଼ଇ ॥
ବିଷ ଜଳେ ଜଳ ନ ଯାଇଅଛୁ ଏ ଭଲା କେହୁ ।
ଏଡ଼େ ବଳୟାର ଯେବେ ମୋର ଫଣାଘାତ ସହୁ ॥
ମୁହିଁ ବାସୁକିର ଭାଇ ଗରୁଡ଼ ସଙ୍ଗେ ଯୁଝି ।
ସ୍ଥାନ ନ ରହନ୍ତି ଦେବାସୁର ନର ମୋତେ ପୂଜି ॥
କଂସ ମହାବଳୀ ମୋର ଭୟେ ଏଥେ ନ ଆସଇ ।
ଏଡ଼େ ବଳୟୁ ର କେହୁ ମୋର ଜଳରେ ପଶଇ ।
ଦେବେ ଦୁର୍ଲ୍ଲଭ କମଳ ମୋର କରେ ନାରଖାର ।
ଆଜ ନିଶ୍ଚୟେ କାଳ ପୂରିଲା ଯିବ ଯମପୁର ॥
କହୁଁ କହୁଁଣ ପ୍ରବେଶ ହେଲା କୃଷ୍ଣଙ୍କ ଛାମୁରେ ।
ବେନି ସହସ୍ର ରସନା ଝୁଲ ବିଷ ଉଦଗାରେ ॥
କୃଷ୍ଣ ବୋଲନ୍ତି ହେ ନାଗରାଜ ଆମ୍ଭେ ନନ୍ଦସୁତ ।
ପଦ୍ମ ତୋଳି ନେବୁଁ କଂସ ଆଜ୍ଞା ଦେଇଛି ଆମ୍ଭନ୍ତ ॥
ତୁମ୍ଭ ନାଗଲୋକେ ଗୋଳ କଲେ ନଜାଣି ଆମ୍ଭଙ୍କୁ ।
ପ୍ରୀତ ହୋଇ ପଦ୍ମ ନେବୁ ଭେଜ ଦେବୁଁ ଯେ ତୁମ୍ଭଙ୍କୁ ॥
କାଳୀ କୋପେ ଗର୍ଜି ବୋଲେ କାଳ ଏତେ ସରିହେଲା ।
ନନ୍ଦ ମହାଖଡ଼ ପୁଅ ଆସି ପଦ୍ମ ଜୁରି କଲା ॥
ପ୍ରୀତ ହୋଇ ଭେଜା ଭୁଞ୍ଜିବା ଏ ଶୁଣିବାକୁ ବ୍ୟଥା ।
ମରଣରୁ ଗରୁ ଶୁଣି ବାଳକେ ପାଳଙ୍କ କଥା ॥

କହନ୍ତେଣ କୋପେ ଗର୍ଜ୍ଜି ପ୍ରଚଣ୍ଡ ଫଣା ତୋଳି ।
କୃଷ୍ଣ ଚରଣେ ଦଂଶନ୍ତେ ବିଷ ଊର୍ଦ୍ଧ୍ୱେ ଉଠେ ଜଳ ।।
କିବା ମହା ନୀଳ ପର୍ବତକୁ କାଳ ଅହି ହାଣି ।
ଦନ୍ତ ପନ୍ତି ଝଡ଼ ଫଣା ବିଆଇଣ ବହେ ଶ୍ରେଣି ।।
ପୁଣି ପଛ ପୁଚ୍ଛ ଫଣା ସଞ୍ଚି ପଡ଼ଇ ନଉଡ଼ି ।
କୃଷ୍ଣ ଅଙ୍ଗ ଢାଳ ପଡ଼ନ୍ତେ ଆଗକୁ ବଳିପଡ଼ି ।।
ପୁଚ୍ଛଦେଶେ ପାଦ ପ୍ରହାରନ୍ତେ ଲେଉଟିଣ ଧାଏଁ ।
ଶୂନ୍ୟ ଛାଡ଼ି ଦେବେ ପଳାଇଲେ ଗରଜିବା ଘାଏ ।।
ଏକାବେଳେକେ ସହସ୍ର ଫଣା ମାରେ କୃଷ୍ଣ ଅଙ୍ଗେ ।
ଚପୁଡ଼େକ ମାରି ହରି କାଳୀ ଫଣା ଦର୍ପ ଭଙ୍ଗେ ।।
ମୁଖୁଁ ରୁଧିର ଗଳଇ କାଳୀ କୋପେଣ ଗର୍ଜ୍ଜଇ ।
କୃଷ୍ଣ କୋଟି ସୂର୍ଯ୍ୟ ତେଜ ଜାଣି ନୟନ ବୁଜଇ ।।
ନାଗରାଜା ଅପଘାତେ ବନ୍ଧୁବର୍ଗ ଯେତେ ବେଢ଼ି ।
ହରି ଏକ ପ୍ରହାରନ୍ତେ କୁଡ଼ କୁଡ଼ ମଡ଼ା ପଡ଼ି ।।
ବିଷ ରୁଧିରେ କାଳିନ୍ଦୀ ଜଳ ପୂରି ଉଚ୍ଛୁଳଇ ।
ଆଚମ୍ବିତ ଦେଖି କୂଳେ ଲୋକେ ଅଛନ୍ତି ଅନାଇ ।।
କାଳୀ କୃଷ୍ଣ ରଣ ଗଗନରେ ଦେଖନ୍ତି ଦେବତା ।
ଖଗନାଥ ଆଦି ସୂର୍ଯ୍ୟ ଚନ୍ଦ୍ର ବାସବ ବିଧାତା ।।
ଫୁତ୍କାରେ ସର୍ପ ଗର୍ଜ୍ଜଇ ଆଷାଢ଼ ମେଘ ପ୍ରାୟେ ।
କୋପେ ପୁଚ୍ଛ ବେଢ଼ାଇଣ କୃଷ୍ଣ ଅଙ୍ଗ ଗୁଡ଼ିଆଏ ।।
ପାଦୁଁ କଣ୍ଠ ଯାଏଁ ଛନ୍ଦି ଫଣା ବଦନେ ଉଭାରି ।
କର ଚରଣ ବନ୍ଧନେ ହରି ନପାରନ୍ତି ଚଳି ।।
ପ୍ରଭୁ ଅନନ୍ତ ଶଯ୍ୟାରେ କି ଶୟନ ଜଳେ କଲେ ।
ଶୂନ୍ୟେ ଦେବେ ଦେଖି ହରଷ ବିରସ ମନେ ହେଲେ ।।
ଜଳଚର ଜୀବ ଦେଖି ଦୁଃଖୀ ଅଶ୍ରୁ ମୁଖେ ବହେଁ ।
ମହାଜଳେ କୂଳ ଦୃଶ୍ୟ ହୁଏ କେତେବେଳେ ନୁହେଁ ।।

ଏମନ୍ତେଣ ସର୍ବ ସକଳ ଜାଣିଣ ଦେବ ହରି ।
ତନୁ ପୁଷ୍ଟଙ୍କ ବଢ଼ନ୍ତେ କାଳୀ ବେଢ଼ାଇ ନପାରି ।।
ଗାଢ଼େ ଭିଡ଼ନ୍ତେଣ ଗଣ୍ଠି ଛନ୍ଦ ଛୁଡ଼ି ଚଡ଼ଚାଡ଼ି ।
ଫେଡ଼ି ନ ପାରଇ କୃଷ୍ଣ ଅଙ୍ଗ ବେଙ୍କୁଁ ବେଙ୍କୁଁ ବଢ଼େ ।।
ଅତି କଷ୍ଟେ କଷ୍ଟେ ଶ୍ୟାମ ଅଙ୍ଗ ବନ୍ଧନ ଫିଟଇ ।
ଖଣ୍ଡି ଖଣ୍ଡି ହାଡ଼ ଭାଜ ବଳ ବୀର୍ଯ୍ୟନ୍ତି ତୁଟଇ ।।
କାଳୀ ସମ୍ଭାଳି ହୋଇଣ ଫଣା ନପାରେ ଉଭାରି ।
କାଳ ପୁରୁଷ ପରାୟେ ମଣି ମହା ଭୟଙ୍କର ।।
କୋପେ ବୋଲେ ହରି କାଳୀ ତୁ ଏଥରୁ ବେଗେ ଯାଯା ।
ନ ଗଲେଣ ନିଶ୍ଚୟେ ଆଜ ଭେଟିବୁ ଯମ ରାଜା ।।
ଶୁଣି କାଳୀ କୋପେ ଶ୍ରୀଚରଣେ ପୁଣିହିଁ ଦଂଶନ୍ତେ ।
କୃଷ୍ଣ ଫଣା ଉପରେ ତୁରିତେ ଉଠିଲେ ଇଙ୍ଗିତେ ।।
ଜିହ୍ୱା ପାବଚ୍ଛରେ ପାଦ ଦେଇ ମଉଳରେ ଉଭା ।
ମତ୍ତଗଜ ପରେ ବିହମି ମାହୁନ୍ତ ଯେହ୍ନେ ଶୋଭା ।
କୃଷ୍ଣ ନୃତ୍ୟ କରନ୍ତେଣ କାଳୀ ମଉଳ ଲୋଟଇ ।
ଏକ ଫଣା ନୁଆଁଇଲେ ଆର ଫଣାକର ଉଠଇ ।।
କାଳୀ ସ୍ୱଭାବେ ସହସ୍ର ଫଣା ନପାରେ ବଞ୍ଚାଇ ।
ଊର୍ଦ୍ଧ୍ୱେ ବୁଲନ୍ତେଣ ପୁଚ୍ଛ ହରି ଧରିଣ ନରୁହଇ ।।
ମସ୍ତକରେ ନୃତ୍ୟକରି ହସ୍ତକରେ ପୁଚ୍ଛଧରେ ।
ନାହିଁ କାଳୀୟ ଆୟତ୍ତ ଚଳେ କୃଷ୍ଣ ଚୁଳବାରେ ।।
ଆଳପନ୍ତେ ପଞ୍ଚସ୍ୱରେ ରାଗ . ଶଙ୍କରାଭରଣ ।
ଶୂନ୍ୟେ ରହି ବୃଷଭ ଧ୍ୱଜ ଦ୍ରବୀଭୂତ ଶୁଣିଣ ।।
କର୍ଣ୍ଣ କୁଣ୍ଡଳ ଶିର ଶଶୀରୁ ପୀୟୂଷ ଖସନ୍ତି ।
ବିଷଦୋଷ ବିନାଶନେ ହରି ଶିରେ ବରଷନ୍ତି ।।
କୃଷ୍ଣ ପ୍ରଚଣ୍ଡ ତାଣ୍ଡବ କରେ କାଳୀ ମୁଣ୍ଡମାଳେ ।
ହରି ବନ୍ଧ ଗାଏ ଭଇରବ ସରିମାନ ତାଳେ ।।

( ଗୀତ ) ରାଗ—ଭୈରବ

ଜୟ କାଶୀବିଶ୍ୱବାସୀ ଶିରେଶଶୀ । ଆଜ୍ଞାଦିଅ ଏ ଅମୃତ ବୃଷ୍ଟି ହେଉ । କାଳୀ ହେତୁ ଯେତେ ଜୀବନ୍ତ ମୃତ୍ୟୁ । ପ୍ରାଣପାନ୍ତୁ । ଏ ଗରଳ ଦୋଷଯାଉ । ଘୋଷା ।

ହେ ମହାଦେବ ତୁମ୍ଭେ ଦେବଙ୍କ ଉପରେ ଦେବ ଦେବ ।
ସମୁଦ୍ର ମନ୍ଥନୁ ଜାତ କାଳକୂଟବିଷ କଣ୍ଠେ ବିହ୍ୱଣ ରଖିଛ ଜୀବସର୍ବ । ୧ ।

ତପନତନୟା ପୟଃ । ଲୋକାଶ୍ରୟ । ଏବେ ଅପେୟ ହୋଇଣ ଏଥେଁ ରହେ ।
ନଜାଣି କରନ୍ତେ ପାନ । ହରେ ପ୍ରାଣ । ନିରନ୍ତର କାଳୀବିଷ ପୂରି ବହେ । ୨ ।

ସାଗରେ କାଳୀୟ ରହୁ ଏଥୁଁ ଯାଇ । ସୁଧାସମ ହେଉ ଜଳ ଆଜ୍ଞା ଦିଅ ।
ଗୋ ବିପ୍ର ରକ୍ଷଣେ ଜାତ ଦୁଷ୍ଟ ଅନ୍ତ । ଏହି ଜଳ ହେଉ ସର୍ବଜନ ପେୟ । ୩ ।
ଏହି ପଦ୍ମ ଦେବ ଯୋଗ୍ୟ । ନୁହେ ଭୋଗ୍ୟ । କାଳୀ ଗଲେ ଏଥୁଁ ସର୍ବ ସୁଖ ହୁଏ ।
ଶୁଣି ଶିବ ଅତି ତୋଷେ । ନୃତ୍ୟବଶେ । ସୁଧା ବରଷେ ହରଷେ ଦେବତାଏ । ୪ ।

( ବୋଲ )

ଯହିଁ ଅମୃତ ବରଷା କଲ କାଳନ୍ଦୀ ହ୍ରଦରେ ।
ବିଷ ଦୋଷ ନାଶ ହୁଅନ୍ତେ ସକଳେ ଆନନ୍ଦରେ ॥
କାଳୀ ରହିବା ବନରୁ ପକ୍ଷୀ ଯେତେ ଥିଲେ ପଡ଼ି ।
ସେହି ସ୍ୱରୂପ ସଜ୍ଞାତେ ଦେହ ପାଇ ଗଲେ ଉଡ଼ି ॥
ଚକ୍ରବାକୀର ସନ୍ନିଧି ଯାଇ ଚକ୍ରବାକ ମିଳେ ।
କାନ୍ତ ଲକ୍ଷଣ କୃଷ୍ଣଙ୍କୁ ଚାହିଁ ନୟନ ନିଶ୍ଚଳେ ॥
ଯେତେ ନାଗବଳ ବର୍ତ୍ତମାନ ମୃତ୍ୟୁ ପାଇଥିଲେ ।
ଅମୃତର ଯୋଗେ ସେହି ସର୍ବେ ଜୀବନ ପାଇଲେ ॥
କାଳୀ ମଣ୍ଡଳରେ କୃଷ୍ଣଙ୍କୁ ଦେଖିଣ କୋପଚିତ୍ତେ ।
ପୁଣ ଯୁଦ୍ଧ କରିବାକୁ ସର୍ବେ ଧାମନ୍ତି ତୁରିତେ ॥
ଦେଖି କାଳୀ ପତ୍ନୀ ଆଶ୍ୱାସିଣ ନିବର୍ତ୍ତାଇ କହେ ।
ଯହିଁ ରାଜା ଗର୍ଜ୍ଜି ହୁଏ ତହିଁ ଭୃତ୍ୟରେ କି ହୁଏ ॥
ଦନ୍ତେ ତିରଣ ଧରିଣ ପଶ ଚରଣେ ଶରଣ ।
ସ୍ୱୟଂ ପରଂବ୍ରହ୍ମ ସ୍ୱରୂପ ଏ ଜଗତ-କାରଣ ॥
ଯେଉଁ ଗରୁଡ଼ ଭୟେ ପଳାଇ ଏଠାଇଁ ରହି ।
ସେହି ଗରୁଡ଼ ପ୍ରତାପୀ ଏହୁ ପାଦ ପଦ୍ମ ବହି ॥
ଯାର ଶିରେ ପାଦ ଦିଏ ଇନ୍ଦ୍ର ପଦ ଭୁଞ୍ଜ ତା'ରେ ।
ପୂର୍ବେ ବଳୀ ଶିରେ ଦେଇ ରଖେ ଇନ୍ଦ୍ର ପଦବୀରେ ॥
ଶତ୍ରୁ ମିତ୍ର ନାହିଁ ଏହାର ଭାବରେ ବଶ ହୋଇ ।
ମୃତ୍ୟୁ ପାଇଥିଲ ଜିଆଇଲେ ସୁଧା ବରଷାଇ ॥
ଏତେ କହି କାଳୀପତ୍ନୀ ନାଗଗଣ ସଙ୍ଗେ ଘେନି ।
ଅର୍ଘ୍ୟସ୍ଥାଳୀ ଘେନି ବାହାର ହୋଇଲେ ସେ କାମିନୀ ॥
ଦିବ୍ୟ ରତ୍ନ ଜାମ୍ବୁନଦେ କୃଷ୍ଣ ଚରଣ ପୂଜିଲେ ।
ଦୁଲଦୁଲ ଅର୍ଘ୍ୟ ଘେନିଣ ସେ ଭାବରେ ଭଜିଲେ ॥
ପୁଣି ପୁଣି ପାଦେ ପଡ଼ିଣ ଯେ ଶରଣ ପୂଜାରେ ।
ପତିଦାନ ଦେବା ବୋଲେ କେଶବାୟ ଅସମ୍ଭାଳେ ॥
ଖଳ ଲୋକେ ଦଣ୍ଡ ଦେବାକୁ ଏ ତୋର ଅବତାର ।
ଦୋଷ ଅନୁକ୍ରମେ ଉଚିତ ଏ ଦଣ୍ଡକୁ ଏହାର ॥

ବଡ଼ ଆଚମ୍ବିତ ଦେଖିଲୁଁ କାଳନ୍ଦୀ ଏ ହ୍ରଦରେ ।
ବ୍ରହ୍ମାଦି ଦେବେ ଦୁର୍ଲ୍ଲଭ ପଦ କାଳୀୟ ଶିରରେ ॥
ତପ ଆଚରିଣ କମଳା ବାଞ୍ଛେ ଯେବଣ ଚରଣ ।
କେଉଁ ପୁଣ୍ୟଫଳେ ଅଲଭ୍ୟରେ କଲ ଏ ଧାରଣ ॥
ସର୍ବ ହୃଦୟ ନିବାସ ଯାକୁ ଦେଇ ଏହୁ ବୁଦ୍ଧି ।
କେହି ମିତ୍ରଭାବେ କେହି ଶତ୍ରୁଭାବେ ଅପରାଧୀ ॥
ବେଭାରେଣ ସର୍ପ ଜନମରେ ଦୁଷ୍ଟ ପରକୃତି ।
ଦୋଷ ଅନୁରୂପେ ପାଇଲ ମରଣ ସମ ଶାସ୍ତି ॥
ପ୍ରଭୁପଣର ଲକ୍ଷଣ କ୍ଷମା କରିବା ଉଚିତ ।
କୃତ ଅଞ୍ଜଳୀ ହୋଇଣ ସ୍ତୁତି କରଇ ବହୁତ ॥
ପାଦପଦ୍ମ ପୂଜାକରେ ପୁଣ ଗନ୍ଧ କୁସୁମରେ ।
ନାଗ ପତ୍ନୀ ଭାବେ ଶ୍ରୀକୃଷ୍ଣ ଉଶ୍ୱାସ କାଳୀଶିରେ ॥
ହରି ନୃତ୍ୟଭରେ କାଳୀୟ ରୁଧିର ଉଦ୍‌ଗାରି ।
ଶିର ନୁଆଁଇଣ ମୂର୍ଚ୍ଛାଗତେ ନ ପାରଇ ଚଳି ॥
ପାଦ ପ୍ରସାଦରୁ ଜାଣିଲା ଏ ସ୍ୱୟଂ ଭଗବାନ ।
ହୃଦେ ଚିନ୍ତିଣ ଶରଣ ସୁମରଇ ମନେମନ ॥
ତୋହର ଦତ୍ତ ଉରଗ ଜନ୍ମ ସ୍ୱଭାବେ ମୋହର ।
ଏବେ ନିସ୍ତାର କରିବା ପ୍ରଭୁ ପଣରେ ତୋହର ॥
ଯହିଁ ତହିଁ ରଖ ବା ନରଖ ଏ ତୋର ଆୟତ୍ତ ।
ଶିରେ ଚରଣ ଧରି ଶରଣ ପଶିଣ ନିଶ୍ଚିନ୍ତ ।
କୃଷ୍ଣ କହନ୍ତି ବନ୍ଧୁବର୍ଗେ ସମୁଦ୍ର ମଧ୍ୟେ ରହ ।
ଖଗପତି ଭୀତି ନୋହୁ ମୋର ଚିହ୍ନ ଶିରେ ବହ ॥
ଖଗମୃଗ ନର ସୁଖେ ଜଳ କରନ୍ତୁ ଭକ୍ଷଣୀ
ବନଜୀବ ଗୋରୁ ଗୋପାଳଙ୍କ ଏ ଜୀବ ରକ୍ଷଣ ॥
ଗୋପୀ ଗୋପାଳେ ଏମନ୍ତ ଜଳେ କୃଷ୍ଣ ଚାହିଁ ।
କାଳ ଶିରେ ଊର୍ଦ୍ଧ୍ୱ ନାଗପୁଚ୍ଛେ ବେଢ଼ାଇଣ ରହେ ॥
କାଳୀ ବନ୍ଧନ ପରାୟେ ମଣି ଆକୁଳ ସକଳେ ।
ଉରେ ଶିରେ କରଯୋଡ଼ ହୋଇ ଚାହିଁ ନିଶ୍ଚଳେ ।

କେହୁ ବୋଲେ କାଳୀ ଧରିଛି ଗିଳିବ ଏହିକ୍ଷଣି ।
କେହୁ ବୋଲେ ପଶି ପିଟିବାହା କେତେ ହେବ ପାଣି ॥
କେହୁ ବୋଲଇ କୃଷ୍ଣଙ୍କୁ ଧରି କୂଳକୁ ଆସୁଛି ।
ପୁଚ୍ଛ ବେଢ଼ାଇ ଆମ୍ଭଙ୍କୁ ଧରିନେବାକୁ ପାଞ୍ଚୁଛି ॥
କେହୁ ବୋଲଇ ଆସ ଯିବା ହୋ ରହିଛ କାହିଁକି ।
କୃଷ୍ଣ ସଙ୍ଗେ ମରିବା ସତେ ଏମନ୍ତ ହୁଏ କି ॥
କେହୁ ବୋଲେ ଅଘା ଶିରେତ ଉଠିଲା ପ୍ରାୟେ ଦିନେ ।
କେହୁ ବୋଲଇ ଏମନ୍ତ ଅବା ହେବ ଧର୍ମବନେ ॥
କେହୁ ବୋଲଇ ଗଦ ଗାରୁଡ଼ୀ ପଦିବ କାଟିଲା ।
ଗିଳନ୍ତେଣ ଅଘା ପ୍ରାୟେ ଅବା ମୂର୍ଦ୍ଧନା ଫାଟିଲା ॥
କେହୁ ବୋଲେ ପୌର୍ଣ୍ଣମାସୀ ଦେବୀ ଉପାୟ ବିଧାନେ ।
ବିଷଜଳ ନାଶିଯିବ ବିଶ୍ୱକ୍ସେନ ଆରାଧନେ ॥
କୃଷ୍ଣ ଅଙ୍ଗ ସଉରଭ ରଙ୍କ ପାଇ ଗନ୍ଧବହେ ।
କାଳୀଶିରେ ନୃତ୍ୟକରେ ଦେଖେ ସଜନୀ ସମୂହେ ॥
ପୌର୍ଣ୍ଣମାସୀ ଦେଲା ଅଞ୍ଜନ ନୟନେ ସର୍ବେ ରଞ୍ଜି ।
ଉଳହଳ ହୋଇ ହସଇ କୃଷ୍ଣର ପ୍ରେମରଙ୍ଗ ॥
ନେଣ ହସ୍ତ କରେ ଗତାଗତ ଏକୁଞ୍ଜ ବିହାରେ ।
ଜାଣି ସଖୀ ଏକ ଆରେ କହେ ରଙ୍ଗ ପ୍ରମୋଦରେ ॥
କୃଷ୍ଣ ଦେଖିଣ ଉନ୍ମତ୍ତ ପୁଏ ମରଣେ ନ ଡରି ।
ଜଳେ ଝଁସାଇ ପଶିଣ ବୋଲେ ଆହେ ହରି ହରି ॥
ଉତ୍ସୁକରେ ଲୋକେ ପଶିଲେ ଦେଖିଲେ ହରି ଜଳେ ।
କାଳୀ ମଉଳିରୁ ଓହ୍ଲାଇ କମଳେ ବିଜେ କଲେ ॥
କାଳୀ ବହୁତ-ବିନୟଭାବେ କୃଷ୍ଣପାଦେ ନମି ।
ନାଗପତ୍ନୀ ସ୍ତୁତି ଶୁଣି ବହୁ ପ୍ରୀତି କଲେ ସ୍ୱାମୀ ॥
ହରି ଆଜ୍ଞା ଘେନ କାଳୀ ବର୍ଗଙ୍କୁ ଚଳାଇ ।
ଦେଖୁ ଦେଖୁ ଗୁଡ଼ ଗଲା ପାଦେ ଓଳଗ ମେଲାଇ ।
ପ୍ରଭୁ ପାଦପଦ୍ମ ଚୁମ୍ବି ଖଗପତି ପ୍ରୀତ ହେଲା ।
ଆଦରେଣ ନେଇ ବରୁଣ ସମୁଦ୍ରେ ଠାବ ଦେଲା ॥
ଜାଙ୍ଗଳିକ ଗଣ ପ୍ରତିଜ୍ଞା କରନ୍ତି ନନ୍ଦ ଆଗ ।
ଗଦ ଗାରୁଡ଼ୀ ପଦ ହୃଦରେ କରନ୍ତେ ପ୍ରୟୋଗ ॥
କାଳୀ କୁଟୁମ୍ବ ଘେନଣ ଦେଖ ପଳାଇ ଯାଉଅଛି ।
ବିଷଦୋଷ ନାଶି ତୁମ୍ଭ ପୁତ୍ର କମଳ ତୋଳୁଛି ॥
ଏମନ୍ତେଣ ଗୋପାଳେ ଗଲେ ଜଳେ ଯେ ଝଁସାଇ ।
ମଧୁମଙ୍ଗଳ ସୁବଳ କୃଷ୍ଣ ସମୀପେ ମିଳଇ ॥

ଅଶ୍ରୁ ବଦନେ ଆନନ୍ଦେ ଶ୍ୟାମସୁନ୍ଦର ଦର୍ଶନେ ।
ହେଉଣ ନୟନେ ନୟନ ହାସ୍ୟ ମୁଖ ପରସନ୍ନେ ॥
ବୋଲେ କୃଷ୍ଣ ମଣିଭୃଙ୍ଗ ପଦ୍ମମାନେର ବନ୍ଦୀହୋଇ ।
ମୁଖ କୁଙ୍କୁମରେ ଭୂଷିତ ଆମ୍ଭଙ୍କୁ ନ ଦେଖାଇ ॥
ଶ୍ୟାମସୁନ୍ଦର ରୂପ ତନୁ ଅହିରେ ବନ୍ଧାଉ ।
ସଙ୍ଗ ତେଜ ସୁଖଜଳେ ମଜ୍ଜି ଆମ୍ଭଙ୍କୁ କନ୍ଦାଉ ॥
କୃଷ୍ଣ ଇଷିତ ମଧୁରେ କହେ ଶୁଣ ପ୍ରାଣସଖେ ।
ମୋର ବିଷୟ ଗୋଚର ମାୟା ତୁମ୍ଭଙ୍କୁ ନ ରଖେ ॥
କସ କହିବ ଅଧିକ ପ୍ରୀତି ବଳେ ତୁମ୍ଭେ ଜାଣ ।
ଏମନ୍ତେ ଯେ ଲୋକ ଗହଳ ସେ ହେଲେ ଜଣ ଜଣ ॥
ହରି ସୁବଳଙ୍କୁ ଚୁମ୍ବିଲେ ନିଷ୍ଟଳ ଦୃଗଞ୍ଚଳେ ।
ନାଗପତ୍ନୀ ଦେଲା ରତ୍ନ ନେଇ ବାନ୍ଧିଲେ ଅଞ୍ଚଳେ ॥
କୃଷ୍ଣ ଘେନଣ ଗୋପାଳେ ଆସି କୂଳ ପରବେଶ ।
ଲୋକ ଭିଡ଼ ପଡ଼ ଉବୁସ ଉବୁର ଚଉପାଶ ॥
ପ୍ରାଣ ପାଇଣ ଯଶୋଦା ଧରି ଆଉଁସଇ ଦେହ ।
କୋଳେ ଧରି ଲୋଭେ ବେନି ତନୁଜ କେ କହୁ ସ୍ନେହ ॥
ଜଣେ ଜଣେ କୋଳେ ଧରି ଅଶ୍ରୁଜଳେର ଜଡ଼ିତ ।
ଅନ୍ଧ ନୟନ, ମରଣେ ପ୍ରାଣ ପାଇଲେ ଯେମନ୍ତ ॥
କୁଳଆଦ୍ୟ ବୃଦ୍ଧ ପିତାମହ କହନ୍ତି ଶୋକେଣ ।
ବାବୁ ନୟନ ଜୀବନଧନ ଗୋକୁଳ ରକ୍ଷଣ ॥
ଏକାବେଳକେ ବୁଡ଼ାଇ ଦେଲୁ କାଳୀ ବିଷହ୍ରଦେ ।
ଆଉବେଳେ ନପଶିବୁ ବାବୁ ଏମନ୍ତ ପ୍ରମାଦେ ॥
ଏମନ୍ତେଣ ସେହି ବନେ ଆସି ହୋଇଲା ରଜନୀ ।
ଗୋପେ ନ ଯାଇ ରହିଲେ ସର୍ବେ କୃଷ୍ଣ ସଙ୍ଗେ ଘେନି ॥
ବନ ଭୂମି ମାର୍ଡ ଯେଝାମତେ ରହିଲେ ସକଳ ।
ଚଉପ ଶରେ ପାରେଣ ବେଢି ରହିଲା ଅନଳ ॥
ନିଦ୍ରା ବିହିଲେ ସକଳେ ମହା ଆକୁଳେ ବୋବାଳି ।
ଅସମ୍ଭାଳେ ଉଠି ଆଦିମୂଳ ରଖ ରଖ ବୋଲି ॥
କେହୁ ବୋଲେ କାଳୀ ବିଷ ଜ୍ୱାଳ ଅନଳ ବେଢ଼ିଛି ।
ଏକାବେଳେ ମରିବାକୁ ବହି ଆଣିଲା କଢ଼ାଇ ॥
କେହୁ ବୋଲେ କଂସ ମାୟା ଘୋର ହୁତାଶ ରଞ୍ଚିଲା ।
କାଳୀ ବଦନୁ ବଞ୍ଚିବା ଜାଣି ଏମନ୍ତ ପାଞ୍ଚିଲା ॥
କେହୁ ବୋଲେ ଏ ନିଦାଘ ଦାବାନଳ ବନପୋଡ଼ ।
କେଣେ ପଳାଇବା ଚଉଦିଗୁଁ ଆସୁଅଛି ମାଡ଼ ॥

ନନ୍ଦ ନିଜସ୍ଥଳ ବାସ ପାଡ଼ି ପ୍ରଣାମ ଯେ କରି ।
ବୋଇଲେ ହବିର୍ଦ୍ଦେବ ଅଗ୍ନିମୁଖେ ଦେବପ୍ରଗଣ ବରି ॥
ବୃଦ୍ଧକାଳେ ପୁତ୍ରଗୋଟି ଏଡ଼େ କଷ୍ଟରୁ ବଞ୍ଚିଲା ।
ଏବେ ଏଠାରୁ ରଖିଲେ ହେବ ତୁମ୍ଭର ରଚିଲା ॥
କୃଷ୍ଣ ଦରଶନକରି ହୁତାଶନ ପଛଘୁଞ୍ଚେ ।
ନିଦ୍ରା ତେଜି ହରି ଉଠି ଗୋପାଳଙ୍କୁ ଡାକେ ଉଚେ ॥
ଜଳ ଧୂଳି ପକାଇଣ ଡାଳ ପିଟିଣ ଲିଭାଅ ।
ମିଣି ନ ଆସୁ ଧସାଇ ଆଖି ବୁଜିଣ ନିଦ୍ରାଅ ॥
କୃଷ୍ଣ ବଚନେ ଗୋପୀ ଗୋପାଳ ଅନଳ ଲିଭାଇ ।
କାଳୀ ବିଷ ଶେଷ ଯେତେ ଥିଲା ଅନଳେ ସମ୍ଭାଇ ॥
ମହା ବନ୍ୟାସରେ ହୁତାଶନ ଘେନିଣ ଉଡ଼ିଲା ।
ଦିଗ ଭୂମି ସୀମାନ୍ତକୁ ଛାଡ଼ି ସମୁଦ୍ରେ ପଡ଼ିଲା ॥
ସେହୁ ବଡ଼ବା ଅନଳ ହୋଇ ରହିଲା ସାଗର ।
ମୁନି ବୋଇଲେ ଏଣୁ ଶ୍ରୀକୃଷ୍ଣ ମହିମା ଅଗୋଚର ॥
ଗୋପୀ ଗୋପାଳେ ଅଗ୍ନି ଲିଭାଇ ଜାଗିଣ ରହିଲେ ।
ଏମନ୍ତେଣ କେତେବେଳ ଅନ୍ତେ ରଜନୀ ପାହିଲେ ॥
ନନ୍ଦ ଯଶୋଦାଙ୍କୁ ବୋଇଲେ ପୁରଜନ ଘେନିଯାଅ ।
ରାନ୍ଧି ଅଣାଇ ଯତନେ ପୁରେ ରନ୍ଧନ କରାଅ ॥
କୃଷ୍ଣ କାଲି ଉପବାସୀ ଦେଖି ଅତ୍ୟନ୍ତ ଦୁର୍ବଳ ।
କଥା କହି ନପାରଇ ପାଦେ ଯିବା ନାହିଁ ବଳ ॥
ରାଜା ପଦ୍ମ ରହିଲ ତୁମ୍ଭ ପଛେ ଆମ୍ଭେ ଯିବୁଁ ।
ଯେବେ ବିଳମ୍ବ ହୋଇବ ତେବେ ଏହି ବନେ ଥିବୁଁ ॥
ବେଗେ ପରିଜନ ହସ୍ତେ ପାକଅନ୍ନ ପେଷି ଦିଅ ।
ନଗରେ ଭୁକ୍ତା ହୋଇଛି ସର୍ବଜନ ଘେନିଯାଅ ॥
ପଦ୍ମ ଘେନି ଯିବ ଗୋପାଳେ ସେ ରହନ୍ତୁ କେବଳ ।
ଯଶୋବନ୍ତୀ ଚିତ୍ତରେ ଯେ ହୋଇଲେ ଚଞ୍ଚଳ ॥
କୃଷ୍ଣ ଉପବାସ ନିମନ୍ତେ ସେ ଆକୁଳ ଜୀବନ ।
ପୁରଜନ ଘେନି ଗୋକୁଳକୁ କଲେ ଆଗମନ ।
ପାଶୁଁ କୁନ୍ଦଲତା ପେଷିଲେ ସେ ଜଟିଳାର ପାଶ ।
ଏତେ ଦୁଃଖ କହି ରନ୍ଧନକୁ ରାନ୍ଧି ଘେନି ଆସ ॥
ଆଜ୍ଞା ପାଇ କୁନ୍ଦଲତା ଚଳେ ଦେଖା ମିଳେ ପୁରେ ।
ଭୁଳା ସେବକୀ ଘେନି ଯଶୋଦା ପାକ ନିର୍ବା କଲେ ॥
ଯେଝା ଜନନୀ ଯତନେ ପୁତ୍ର ଘେନି ଚଳିଲେ ବାସେ ।
ଉପହାର ଦେବୁଁ ଘେନି ଆସ ବେଗେ କୃଷ୍ଣ ପାଶେ ॥

ଏମନ୍ତେଣ କୃଷ୍ଣ ଘେନି ନନ୍ଦ ରହେ ନଦୀ କୂଳେ ।
ପଦ୍ମ ଘେନିଣ ଗୋପାଳେ ଯେଝା ଘର ସଜ କଲେ ॥
ଦେବଗଣ ଖଗବର ଆଦି ଗଲେ ଯେଝା ସ୍ଥାନ ।
ରାଧା ସଙ୍ଗ ଇଚ୍ଛି କୃଷ୍ଣ ଯୋଗମାୟା ଉପାସନ ॥
ମେଘେ ମେଦୁର ଅମ୍ବର ଆଚ୍ଛାଦିଲେ ଏ ସମୟେ ।
ଶ୍ୟାମ ତମାଳ ତରୁରେ ଅନ୍ଧକାର ନିକ୍ତ ଉଦୟେ ॥
କୃଷ୍ଣ ଡରେ ଥର ହର ଏକ ଆରେକ ନିଦଶେ ।
ଉଦୟେ ବୋଲନ୍ତି ଘୋ ଚାତ ବେଗେ ଯିବା ଆମ୍ଭବାସେ ॥
ରାଜକାର୍ଯ୍ୟ ପୁତ୍ରସ୍ନେହ ବେନି ଉଭୟ ପ୍ରମାଦ ।
ପୁତ୍ର ଘେନି ପୁରେ ଆସିବ କୁ ବିଚାରନ୍ତେ ନନ୍ଦ ॥
ରାଜା ଆଉଡ଼ିଆ ନ ଛାଡ଼ଇ ଲାଗିଛି ସଙ୍ଗରେ ।
ପଦ୍ମ ଘେନାଇଣ ନନ୍ଦ ଯିବୁ ମଥୁରା ନଗରେ ॥
ରାଜା ଆଜ୍ଞା ଏଡ଼େ ନୋହିଲ କୁମରସ୍ନେହ ଧରୁ ।
ପୁତ୍ର ଘେନି ସଙ୍ଗେ ଚଳ ରାଜା ଦରଶନ କରୁ ॥
ଶୁଣି ନନ୍ଦର ସାହସ ଉତ୍ତ ବୋଇଲେ ଏ ବାଳକ ।
କାଲେ ଦେଖା ନାହିଁ ହାତୀ ଘୋଡ଼ା ମଥୁରାକଟକ ॥
ମେଘାଚ୍ଛନ୍ନ ଡରେ ଯେହୁ ଚର୍ହିକ ରହିବ ।
ଖଣ୍ଡଦୂରେ ଛାଡ଼ି ଆସଇ ଏ ଲୋକ ସଙ୍ଗେ ଯିବ ॥
ଏତେ କହି କୃଷ୍ଣ ଭୁଜ ଧରି ତୁରିତେ ଆସଇ ।
କେତେ ଦୂରେ ରାଧା ସଖୀବୃନ୍ଦ ଶୋଭା ବିକାଶଇ ॥
ଶୀଘ୍ର ଗମନ ଦେଖି ତାଙ୍କର ପଛେ ଡାକେ ନନ୍ଦ ।
କେ ପଛେ ଡାକେ ବୋଲି ରହନ୍ତି ସୀମନ୍ତିନୀବୃନ୍ଦ ॥
ସନ୍ନିଧିରେ ନନ୍ଦ ପ୍ରବେଶ ସଲଜ୍ଜେ ବାଳୀ ରହନ୍ତି ।
ନନ୍ଦ ନନ୍ଦନ୍ତି ନାମେ ସଜନୀକୁ ଗୃହିଁ କହନ୍ତି ॥
ମେଘ ମେଦୁର ତମାଳବନ ଅନ୍ଧକାରେ ଡରେ ।
କୃଷ୍ଣକୁ କରି ନିଶ୍ଚିନ୍ତ ପ୍ରବେଶ ରାଧେ ଗୃହରେ ॥
ଏମନ୍ତେଣ ଆଉଡ଼ିଆ ଡାକେ ଆହେ ଆହେ ନନ୍ଦ ।
ରାଜକାର୍ଯ୍ୟ ଛାଡ଼ି ଯାଉ ତୁ ନ ବୁଝୁ ଭଲମନ୍ଦ ॥
ଶୁଣି ପୁତ୍ର ସମର୍ପିଣ ନନ୍ଦ ଉଦୟେ ବାହୁଡ଼ିଲେ ।
ସହସ୍ରେକ ପଦ୍ମ ଭାର ଘେନି ମଧୁପୁର ଗଲେ ॥
ଶରବରହରେ ଲଭି କୃଷ୍ଣ ରାଧା ମନ ରମେ ।
ନନ୍ଦ ନନ୍ଦନଶରେ ଚଳ ପ୍ରତ୍ୟେଧି କୁଞ୍ଜଦ୍ରୁମେ ॥
ରାଧାମାଧବ ଏକାନ୍ତ ବନ ଯମୁନାର କୂଳେ ।
ହେମମଣ୍ଡପ ନିର୍ମାଣେ କଳ୍ପ ପାଦପର ମୂଳେ ॥

ତରୁ ଲତା ଫଳ କୁସୁମରେ ଶୋଭଇ ଧରଣୀ ।
ନାନା ପକ୍ଷୀ କୋଳାହଳ ମତ୍ତ ମଧୁକର ଶ୍ରେଣୀ ॥
ମଣିମୟ କମନୀୟ ରୁଚିର ମଣି ପୀଢ଼ ସ୍ଥାନେ ।
ମନସିଜ ଜୟ କେଳି କି ନର୍ତ୍ତନ ସ୍ଥାନେ ସ୍ଥାନେ ॥
ନାନାରସେ ବିଳସନ୍ତି ତହିଁ ସଖୀବୃନ୍ଦ ଘେନି ।
ମନମଥ ମନୋରଥ କେବେ ପୂର୍ଣ୍ଣ ନୋହେ ବେନି ॥
ଦେଖି ମଞ୍ଜୁଳ ବଞ୍ଜୁଳ କୁଞ୍ଜେ ଜାମ୍ବୁନଦ ବେଦୀ ।
ପଲ୍ଲବିତ ତରୁ ବିସ୍ତାରି କାଳିନ୍ଦୀ ନଦୀ ଭେଦି ॥
ମରକତରେ ଜଳ ଭିତରେ ପାବଚ୍ଛ ଗଢ଼ାଇ ।
ଘାଟ ପୀଢ଼ ବାଡ଼ରେ ତରୁ ପଲ୍ଲବିତ ହୋଡ଼ାଇ ॥
ଫୁଲ ଲତା ତରୁତଳେ ଜଳାଶୟ ରନ୍ଧ୍ର କମେ ।
ପକ୍ଷୀ ଜାବେ ଚକ୍ଷୁ ନିବେଶିଣ ସର୍ବେ ଜଳଭ୍ରମେ ॥
ଚଉଦିଗେ ବେଢି ନାନାବର୍ଣ୍ଣେ ନିକୁଞ୍ଜମନ୍ଦିର ।
ମଧ୍ୟରେ କୁଞ୍ଜମାଧବୀ ଲତା କୁଟିଳ ସୁନ୍ଦର ॥
ମଳୟଜ ପଲଙ୍କରେ ଘନସାର ପୁଷ୍ପତଳ୍ପ ।
ଖଞ୍ଜି କୁରୁବେଲି ମାଳତୀ କୁସୁମ ଚନ୍ଦ୍ରାତପ ॥
ତହିଁମଧ୍ୟେ ବିଜେ ରାଧା କୃଷ୍ଣ ସଖୀ ସନ୍ନିଧାନେ ।
ନାନାରଙ୍ଗେ ନୃତ୍ୟତାଳ ଗୀତ ମଧୁର ଗାୟନେ ॥
ଏହି ସମୟେ ସୁବଳ ତହିଁ ପ୍ରବେଶ ହୋଇଲେ ।
କୃଷ୍ଣ ଇଙ୍ଗିତେ ସେ ଅଳଙ୍କାର ଗୁମୁତରେ ଥୋଇଲେ ॥
ଘେନି ଶ୍ରୀକରେ ରାଈ ଅଙ୍ଗରେ ଖଞ୍ଜିଲେ ନାଗର ।
ଏହି ସମୟରେ କୁନ୍ଦଲତା ପ୍ରବେଶ ଆଗର ।
କହେ ବ୍ରଜେଶ୍ୱରୀ ପେଷଣେ ଜଟିଳା ମୋତେ ବୋଲେ ।
ସୂର୍ଯ୍ୟ ପୂଜା ସ୍ଥଳୁଁ ବଧୂ ଘେନି ଆସ ସଙ୍ଗମେଳେ ॥
ଶୁଣି ଆନନ୍ଦ ସଜନୀବୃନ୍ଦ ଭ୍ରାନ୍ତି ସେ ଫିଟିଲ ।
ସୁର ଯଜ୍ଞ ଆହୂତିରେ ଶିଖା ପ୍ରବଳ ଉଠିଲ ॥
ଏମନ୍ତେଣ ଧନିଷ୍ଠା ମିଷ୍ଟଅନ୍ନ ବହୁ ଘେନି ।
ସେହି ପଥରେ ଆସନ୍ତି ଦେଖି ହରଷ ଜନନୀ ॥
ରାଧା ମାଧବ ଯୁଗଳ ରହିଁ ଆନନ୍ଦ ଅନ୍ତରେ ।
ଏମନ୍ତେଣ ନାନାକେଳି ରସ ମଧ୍ୟାହ୍ନ ଭିତରେ ॥
କୃଷ୍ଣ ସ୍ନାନ ଭୋଜନ କରିଣ ଆସନେ ବସାଇ ।
ରାଈ ପରଷେ ସରସେ ଖଣ୍ଡ କର୍ପୂର ମିଶାଇ ॥
ନାନା ଲଡ଼ୁ ପୁଳସର ଶିଖରଣୀ ବର୍ମାଦଧି ।
ଛେନା ଲଡ଼ୁ ଘୃତଲଡ଼ୁ ଦୁଧଲଡ଼ୁ ଯେତେ ବିଧି ॥
କୃଷ୍ଣ ନିମନ୍ତେ ଯତନେ ପୂରୁ ଆଣିଥିଲେ ସଞ୍ଚି ।
ସୁଧା ରସକେଳି ଘନସାର କୃଷ୍ଣ ମନ ରୁଚି ॥
ବନଫଳ ମୂଳେ ବୃନ୍ଦା ଆଗହୁଁ ଯା ସଞ୍ଚିଥିଲେ ।
କୃଷ୍ଣ ଭୋଜନ ସମୟ ଜାଣି ଆଣି ସମର୍ପିଲେ ॥
ପକ୍ୱ ଆମ୍ବ ଜାମ୍ବୁ ଜମ୍ବିଲ ପଣସ କରମଙ୍ଗା ।
ତାଳ ଖଜୁରୀ ବଦରୀ ରୁଚିର କମଳା ନାରଙ୍ଗା ।
କେନ୍ଦୁ ଦ୍ରାକ୍ଷା କଦଳୀ କ୍ଷୀର ପଇଡ଼ ସପୁରି ।
ମଧୁମଙ୍ଗଳ ସୁବଳ ଘେନି ଭୁଞ୍ଜନ୍ତି ଶ୍ରୀହରି ॥
ସୁବାସିତ ଜଳ ଆଚମନେଣ ଦେବୀ ସଂଯୋଗେ ।
ଯତ୍ନେ ଲଳିତା ଧରେ କର୍ପୂର ତାମ୍ବୁଳ ନିୟୋଗେ ॥
ରାଧା ଆଦି ସଖୀ ଭୁଞ୍ଜି ବସି ବୃନ୍ଦା ପରଷନ୍ତି ।
କୃଷ୍ଣଙ୍କ ଅଧରାମୃତ ପାନେ ଉଦର ତୋଷନ୍ତି ॥
ଆଚମନ ଅନ୍ତେ ଧରି କୃଷ୍ଣ ତାମ୍ବୁଳ ଭକ୍ଷଣ ।
କୃଷ୍ଣ ଯଶ ଗୁଣ ଉଚ୍ଚେ ପଢ଼େ ଶୁକ ବିଚକ୍ଷଣ ॥
ଯଶୋବନ୍ତୀର ଉତ୍ସାହ ନନ୍ଦ ଆଦେଶକୁ ମାନି ।
ଏମନ୍ତେଣ ପୁରେ ଚଳେ ରାଈ କୃଷ୍ଣ ସଙ୍ଗେ ଘେନି ॥
ପଥେ ଦେଖନ୍ତି ଗୋକୁଳ ବଧୂ ଅଦ୍ଭୁତ ଗମନ ।
କାନ୍ତା କାନ୍ତ ମୁଖ ନିରେଖିଣ ସଫଳ ନୟନ ॥
ଚନ୍ଦ୍ରାବଳୀ ସଖୀଗଣ ଦେଖି ଗର୍ବ ହେଲା ଧ୍ୱଂସି ।
ଯାର ଦୁର୍ବାଦ ଲଗଇ ତାର ସଙ୍ଗେ ଯାଇ ମିଶି ॥
ଯୂଥେଶ୍ୱରୀ ସେ ଶ୍ୟାମଳା ବୋଲେ ରାଧିକା ସପକ୍ଷେ ।
ପିତାଦତ୍ତ ସୌହାର୍ଦ୍ଦ୍ୟରେ ପୁଷ୍ପ ସମର୍ପେ ପ୍ରତ୍ୟକ୍ଷେ ॥
ଏତେ ଯୁବତୀ ମଧ୍ୟରେ କାହିଁ ଏମନ୍ତ ବିଶ୍ୱାସ ।
ରାଈ ପକ୍ୱାନ୍ନ ଭକ୍ଷିଲେ ବୃଦ୍ଧି ଆୟୁ ବଳ ଯଶ ॥
ମହା ସୁଲକ୍ଷଣୀ ଶିରୋମଣି ଯୁବତୀ ସଂସାରେ ।
ଯେହୁ ଏହାର ପୀରତି ହରି ପ୍ରୀତି କରେ ତାରେ ॥
ଏହାଙ୍କର ଦାସୀ-ଦାସୀ ସେବା ପାଇବା କି ଭଲେ ।
ଶୁଣି ମଙ୍ଗଳ ବୋଲନ୍ତି କୋଟିଜନ୍ମ ଭାଗ୍ୟ ଥିଲେ ॥
ଏମନ୍ତେଣ ନନ୍ଦୀଶ୍ୱରେ ରାଈ ପରବେଶ ଯାଇ ।
ପୁତ୍ର ଆଗମନେ ଜନନୀ ଆଗକୁ ଆସେ ଧାଇଁ ॥
ରାଧା ସଙ୍ଗେ ଦେଖି ପୁତ୍ରବଧୂ ପ୍ରାୟ ମଣି ଚିତ୍ତେ ।
କୃଷ୍ଣ ମୂର୍ଦ୍ଧନା ଆଘ୍ରାଣ କରି ରାଈ କୋଣଗତେ ॥
ଅନ୍ନ ନିଉଛି ରୋହିଣୀ ମାତା ଭିତରକୁ ନେଲେ ।
ବେନି ମାଏ ବେନି ଜନ ଧରି ଆନନ୍ଦ ବହିଲେ ॥

ନବ ପୁତ୍ରବଧୂ ପ୍ରବେଶରେ ଉତ୍ସବ ଯେସନ ।
ପୁରେ ସକଳ ଜନ ମଙ୍ଗଳ ବିଧାନ କେସନ ॥
ପାଦ ପଖାଳି ପାକଶାଳେ ପ୍ରବେଶ ସୁଲକ୍ଷଣୀ ।
ତେବେ ରନ୍ଧନ କରନ୍ତି ସଙ୍ଗେ ଘେନିଣ ରୋହିଣୀ ॥
ପରିବାର ସହଚରୀ ମିଶି ପରିଚର୍ଯ୍ୟା କରେ ।
ନିର୍ବାହ ହେଲା ଅମୃତପାକ କ୍ଷଣକ ଭିତରେ ॥
ବଳରାମ ମଧୁମଙ୍ଗଳ ସୁବଳ ଆଦି ସଙ୍ଗେ ।
ସଖାଗଣ ଘେନି ଭୋଜନ କରନ୍ତି ନାନା ରଙ୍ଗେ ॥
ଯେ ଯାହା ଜନନୀ ମିଷ୍ଟାନ୍ନ ଯାହା ସଞ୍ଚିଥିଲେ ।
ଏହି ସମସ୍ତେ ଦିଅନ୍ତେ ମାଏ ବଣ୍ଟାଇଦେଲେ ।
ରାନ୍ଧି ସଂଯୋଗିଣ ଦିଏ ଘେନି ପରତେକ ରୋହିଣୀ ।
ଯଶୋବନ୍ତୀ ଦ୍ରବ୍ୟ ଚାହ୍ନାଇ ଭୁଞ୍ଜାନ୍ତି ପୁଣପୁଣି ॥
ବାସଜଳେ ଆଚମନ କରି ତାମ୍ବୂଳ ଭୁଞ୍ଜାଇ ।
ଶତପଦାନ୍ତେ ପଲଙ୍କାସନେ ବିଶ୍ରମିଲେ ସାଇଁ ॥
କୃଷ୍ଣ ଅବଶେଷ ଧନିଷ୍ଠା ସେ ଥୁଆଇ ଯତନେ ।
ସଖୀଗଣ ଭୋଜନରେ ଦିଏ ଯୁବତୀ ରତନେ ॥
ଆଚମନ ଅନ୍ତେ ଅବଶେଷ ତାମ୍ବୂଳ ଭୁଞ୍ଜାଇ ।
କୃଷ୍ଣ ଆରୋଗ୍ୟ ଯେ ଦ୍ରବ୍ୟ ଦେଖି ଦୂରୁ ତା ତେଜଇ ॥
ଏମନ୍ତେଣ ନନ୍ଦ ଦେବ ଦେଇ ଗୋକୁଳେ ବାହୁଡ଼େ ।
ପୁତ୍ରଠାରେ ଚିତ୍ତ ଦେଇଣ ଆସଇ ଧଡ଼ପଡ଼େ ॥
ପୁରେ ପୁତ୍ର ଦେଖି କୋଳେ ଧରି ମୁଖେ ଚୁମ୍ବାଦେଲା ।
ନଟୀକାଳ ଲଡ଼ୁ ମଧୁଗ୍ରନ୍ଥୁ ସ୍ନେହେ ଆଣିଥିଲା ॥
କୃଷ୍ଣ କର ପୂରାଇଣ ରାଞ୍ଜି ମୁଖରେ ଦିଅଇ ।
ପୁତ୍ରଠାରେ ଯେଉଁ ସ୍ନେହ ନିଜ ଜୀବନେ ନୁହଇ ॥
ନନ୍ଦ ସ୍ନାନ ଭୋଜନ ଭ୍ରାତୃଗଣ ସେବନ କରେ ।
ବହୁ ଗଉରବ କରେ ବୃଷଭାନୁ ନନ୍ଦଘରେ ॥
ସମ୍ମାନନା କରି ସଖୀଗଣ ସଙ୍ଗେ ପଠିଆଇ ।
ଗୋପେ ଆନନ୍ଦ ସକଳଜନେ କୃଷ୍ଣ ଯଶଗୁଣ ଗାଇ ॥
ମହାଗ୍ରୀଷମରେ ବାହାରେ ଲୋକେ ରହନ୍ତି ଭିତ୍ତି ।
ଏକ ବୃତ୍ତୀ ପ୍ରଲମ୍ବା ଭୟେ ଡକାପାଡ଼ି ଛନ୍ତି ॥
ଯହିଁ କୃଷ୍ଣ ରକ୍ଷାପାଳକ ତହିଁରେ କସ ଭୟେ ।
ଅମ୍ଭ ଦ୍ରୋହ କଲେ ନାଶଯିବୁ କାଳନାଗ ପ୍ରାୟେ ॥
ଏମନ୍ତେଣ ପ୍ରଭାତ ସମୟେ ବ୍ରଜେ ରାମହରି ।
ଗାବ ଗୋପାଳ ଘେନି ଭାଣ୍ଡିରବନେ କେଳିକରି ॥

ସ୍ତୋକକୃଷ୍ଣ ଅଧିକାରୀ ବନେ ସଖା ସୁଖରଙ୍ଗେ ।
କୃଷ୍ଣ ମୁରଲୀରେ ରବନ୍ତେ ମିଳିଲେ ସର୍ବେ ସଙ୍ଗେ ॥
ମହାବଳ ନାମେ ଯେତ୍ତୁ ସେତ୍ତୁ ସହିତେ ରହିଲା ।
ଜାଣି ପ୍ରଲମ୍ବା ସେ ରୂପଧରି ସଙ୍ଗରେ ମିଳିଲା ॥
ଗାବ ଚରାଇ କୋମଳତୃଣେ ବିହରନ୍ତି ରଙ୍ଗେ ।
ବଳ ଜଣାଇ ଖେଳକୁ ରଚି ଯୋଡ଼ି ଯୋଡ଼ି ସଙ୍ଗେ ॥
[illegible]ଳ ସୁଭଦ୍ର ଏ ବସିଲେ ମଣ୍ଡଳଗଣି ।
ନାମ ଦିଆଦେଇ ହୋଇଣ ଆସନ୍ତି ଯୋଡ଼ି ଯୋଡ଼ି ॥
ମଧୁମଙ୍ଗଳରେ ମହାବଳ ସୁଭଦ୍ରେ ଶ୍ରୀରାମ ।
ପୁଣ ବଷ୍ଟୁରେ କୃଷ୍ଣ ସୁଭଦ୍ର ବିଭାଗରେ ସୁଦାମ ॥
ସେହିରୂପେ ସମସରି ବେନି ବେନି ଭାଗଭାଗେ ।
ମଣ୍ଡଳବେନି ବିଚାରିଣ ବଳ ଜଣାନ୍ତି ସେ ଆଗେ ॥
କରେ ଆଣ୍ଟିଣ ସୁଭଦ୍ର କହେ ବଉଳ ସେ ଫଳ ।
ମହାକଠିନ ଆମ୍ଳିକ ସ୍ୱାଦ ତରୁ ସେ ବିଶାଳ ॥
ଶୁଣି ବଳଦେବ କହେ କପିତ୍ଥ ଚରୁଏ ହୁଏ ।
ବୋଲେ ଘୋଡ଼ା ଚଢ଼ିଯାଅ ଏ ଭାଣ୍ଡିର ବଟପାଏ ॥
ଶୁଣି ମଧୁ ମଙ୍ଗଳ ବିଭାଗ କୁମର ବରସେ ।
କାନ୍ଧ ଚଢ଼ି ସୁଭଦ୍ର ଦିଗ ବାଳକ ହରଷେ ॥
କୃଷ୍ଣ କାନ୍ଧରେ ସୁଦାମ ମହାବଳ କାନ୍ଧେ ରାମ ।
ଯେଝା ରାଣୀକାନ୍ଧେ ବସିଣ ବିଜୟ ଅନୁପମ ॥
ରାମ କାନ୍ଧେ ବସି ପ୍ରଲମ୍ବା ସେ ବିଗ୍ରହ କରଇ ।
ଭଲ ହୋଇଲା କଂସରାଜା ଛାମୁରେ ଦେବି ନେଇ ॥
ବୃନ୍ଦାବନେ ଯୋଗେ ପାଇଲି ଏହାକୁ ପ୍ରବେଶିବି ।
ପଛେ ଆସି ଗୋପସୁତ ସଙ୍ଗେ କୃଷ୍ଣ ବିନାଶିବି ॥
ସର୍ବେ ଭାଣ୍ଡିରୁ ବଟଲେକୁ ଆସନ୍ତି ବାହୁଡ଼ି ।
ନିଜରୂପ ଧରି ପ୍ରଲମ୍ବା ରାମକୁ ଘେନି ଉଡ଼ି ॥
ଗଗନରେ ଅମରଗଣ ଚାହାନ୍ତି ଯେ ନିରେପି ।
ମଧୁ କଟକକୁ ବୋଲିଣ ଅପରୁ ଯାଉନ୍ତି କ୍ଷେପି ॥
ନେଲା ନେଲା ବୋଲି ଗୋପସୁତେ ଛାଡ଼ନ୍ତି ବୋବାଳି ।
ମାର ମାର ମାୟାବୀ ଦୈତ୍ୟ ଡାକନ୍ତି ବନମାଳୀ ॥
ଶୁଣି ବଳରାମ କୋଟିସିଂହ ପରାକ୍ରମ ହୋଇ ।
ମେରୁଜାଣି ଗୁରୁହେଲେ ଦୈତ୍ୟ ନ ପାରିଲା ଯାଇ ॥
କଣ୍ଠ ଚରଣରେ ରୁନ୍ଧି କେଶ ବାନ୍ଧି ବାମ ହସ୍ତେ ।
ଘୋର ହୁଙ୍କାର କରିଣ ଛିଣ୍ଡିଲେ ଦୈତ୍ୟର ମୁଣ୍ଡ ॥

ଶିରପରେ ବଜ୍ରଘାତ ଜାଣି ମୂର୍ଚ୍ଛନା ପାଇଲି ।
ପ୍ରାଣ ହାରଣ ପ୍ରଳମ୍ବା ଗର୍ଜେ ଅବନୀ ଲୋଟିଲି ॥
ରାମ ଅସୁର ସଂହାରି ଉଭା ଅରୁଣ ଲୋଚନ ।
ପାଶେ ବେଢ଼ି ଗୋପସୁତ କହେ ପ୍ରଶଂସା ବଚନ ॥
ଅପରାହ୍ଣ ଶେଷ କାଳରେ ଗୋଧନ ବାହୁଡ଼ାଇ ।
ଶିଙ୍ଗା ବେଣୁ ବଜାଇଣ ଜୟ ପତାକା ଉଡ଼ାଇ ॥
ଗୋପୀଗୋପାଳେ ପ୍ରଳମ୍ବା ମଲ୍ଲ ବାରତା ପାଇଲେ ।
ଭୟ ସରିଲା ଗୋ ବୋଲି ପଥେ ଦେଖିତ ଅଇଲେ ॥
ସଙ୍ଗ ଗୋପାଳ କୁମର ଧରି ବାରତା ପଚାରି ।
ବେଳ ବୁଢ଼ୁବୁଢ଼ୁ ଯାର ନାମେ ଗୋପେ ପଡ଼େ ହୁରି ॥
ଅତି ପ୍ରଳମ୍ବ ପ୍ରଳମ୍ବା ମୃତ୍ୟୁ ଲଭିଲି କେମନ୍ତେ ।
ପୁଏ କହେ କହେ ବସି ରାମ ନାଶି ମୁଥଘାତେ ॥
କହୁଁ କହୁଁ ଗୋଧନ ଯେ ପଥ ପୂରଣ ଅଇଲେ ।
ଗୋପ ବତ୍ସଦାବାନଳ ଲଭଇ ଗଙ୍ଗା କ ବହିଲେ ॥
ଆଗେ ଗାବ ପଛେ ଗୋପସୁତେ ରାମକୃଷ୍ଣ ଘେନ ।
ହେମ ହାର ମଧ୍ୟେ ଶୋହେ କିବା ହୀରାମୀଳାମଣି ॥
ଲୋକ ହାହାକାର ହୋନ୍ତି ଦେଖିବାକୁ ବେନି ଭାଇ ।
ପୁର ପ୍ରାଙ୍ଗଣ ମେଢ଼ ମଣ୍ଡପ ଅଟ୍ଟାଳ ଆରୋହି ॥
ରାଣୀ ସଖୀଗଣ ସଙ୍ଗେ ରୁହିଁ ଗୋଧନ ବାହୁଡ଼ା ।
ଶ୍ୟାମଚନ୍ଦ୍ର ମୁଖ ନିରେଖିଣ ନପଡ଼େ ପିଛୁଡ଼ା ॥
କୁଳବତୀ ଗୃହ ଦ୍ୱାରରୁ ଚେଇଁଣ ପଥ ଦେଖେ ।
କର ଚିବୁକେ ଏକ ଆରକେ କୁହା କୁହି ଦୁଃଖେ ॥
ସତ ବଳଇ କେମନ୍ତେ ମାରିଲେ ଉଭନ୍ତି ଦାନବେ ।
ସାକ୍ଷୀଧର୍ମ ରକ୍ଷାକରେ ଏଣୁ ମାରନ୍ତି ମାନବେ ॥
କେହୁ ବୋଲେ ନନ୍ଦ ବସ୍ତୁ ଆରାଧିଣ କରେ କର୍ମ ।
ତେଣୁ ବାରେବାରେ କୁମରଙ୍କୁ ସାହା ହୁଏ ଧର୍ମ ॥
ଏମନ୍ତେଣ ପୁରଦ୍ୱାରେ ଯାଇ ପ୍ରବେଶ ହୋଇଲେ ।
ଆଜ୍ଞା ମାନ ଗାବପଲ ଯେଝା ସ୍ଥାନରେ ରହିଲେ ॥
ମାତା ଯଶୋଦା ରୋହିଣୀ ଆସି ଅନ୍ଧ ନଉଛାଇ ।
ବନ ଆପଦ ଶୁଣି ନୟନୁ ଲୋତକ ମୁଞ୍ଚଇ ॥
ଶ୍ରମଭର ଜଳକଣା ମାଏ ପଣନ୍ତେ ମାର୍ଜିଲେ ।
ସ୍ନାନ ସୁବେଶ କରି ଶୀତଳ ଅନ୍ନ ଭୁଞ୍ଜାଇଲେ ॥
ଆଚମନ ଅନ୍ତେ ତାମ୍ବୂଳ ସେ ଜମ୍ବିଲନ୍ଦଯୋଗେ ।
କୃଷ୍ଣ ଅବଶେଷ ଧନିଷ୍ଠା ସେ ପାଇଲ ସଂଯୋଗେ ॥

ପୁଣ ରଜନୀରେ ନିକୁଞ୍ଜରେ ମିଳନ ବେନିଜନ ।
ଚନ୍ଦ୍ରାବଳୀଗଣ ଅବକାଶ ନପାଇ ବିମନ ॥
ପଦ୍ମା ସୈବ୍ୟା ବେନି ସଜନୀ ରଜନୀ ଘଡ଼ି ମାନେ ।
ରାଧା ଅଭିସାର ଅନୁସରି ଗଲେ ସ୍ଥାନେ ସ୍ଥାନେ ॥
ଭେଟ ନପାଇ ଜଟିଳା ପାଶେ ପ୍ରବେଶ ହୋଇଲେ ।
ଗୋବର୍ଦ୍ଧନ ମଲ୍ଲ ଜନନୀର ଶଙ୍କା କହିଲେ ॥
ସେହୁ ଜଟିଳା କହେ ବହୁତ ଆଶ୍ୱାସି ହୋଇଣ ।
ପ୍ରିୟ କହି ବେନିଜନେ ବହୁ ଆଦର କରିଣ ॥
ସନମାନ ପାଇଣ ବାଳୀ ମେଳାଣି ହୋଇଗଲେ ।
ହାର ଚୂନବାଡ଼େ ମୃଗମଦେ ସମସ୍ୟା ଲିହିଲେ ॥
କାଲି ପଢ଼ି ବୁଢ଼ୀ ରାଧାଗୁଡ଼ ନ ଦେବ କାନନେ ।
କୃଷ୍ଣ ମଦନ ଆରତେ ଯିବେ ଆମ୍ଭର ମିଳନେ ॥
ଏମନ୍ତେଣ ନିଶା ଅବସାନେ ଜଟିଳା ଉଠିଲା ।
ପରିଜନ-ନୟେ ଗିଣ ପୁର ମଣ୍ଡି ସମାର୍ଜିଲା ॥
ଦେଖେ ବାଡ଼େ ମୃଗମଦେ ବର୍ଣ୍ଣାବଳୀ ଅଛି ଲେଖା ।
ପଢ଼ି ପ୍ରଜ୍ୱଳିତ ବୁଢ଼ୀ ଘୃତେ ଯେମନ୍ତ ଅଗ୍ନିଶିଖା ॥
ବିଚାରଇ ମୁଖରାକୁ ପଢ଼ାଇବ ଘେନି ଆସି ।
ସେହୁ ନାତୁଣୀ ଗୁଣକୁ କହୁଅଛନ୍ତି ପରଶଂସି ॥
ଏତେ ପାଞ୍ଚିଣ ମୁଖରାପୁରେ ବେଗେ ଯାଇ ହୁଏ ।
ବୋଲେ ଯିବା ଆମ୍ଭ ପୁରଯାଏ ଉପାଧି କଥାଏ ॥
ନାନାମତେ ମୁଖରାକୁ କହି ସେହୁ ସଙ୍ଗେ ଘେନି ।
ଏମନ୍ତେଣ ଆସି ପଢ଼ିଲେ ତାଂ ରାଧିକାସଜନୀ ॥
ବଧୂ ତବ ବଧୁରା ସେ ସଦ ଗମନ କାନନେ ।
ଅଭିମନ୍ୟୁ ନିବ ରହୁ ନଗଛନ୍ତୁ ବୃନ୍ଦାବନେ ॥
ଶୈବ୍ୟା କାଲି ଆସି ଲେଖିଗଲି ବିଚାରି ଜାଣିଲେ ।
ପଢ଼ି କୋପେଣ ଜଟିଳା ମୁଖରାଙ୍କୁ ଆଣି ଗଲେ ॥
ସେହୁ ଆସିଣ ପଢ଼ିଲେ କଥା ବଞ୍ଚାଇ ନୋହିବ ।
ଯେବେ ଲଭାଇଣ ଦେବ ସବୁ ସତ ହିଁ ହୋଇବ ॥
ତୁମ୍ଭ ବଧୂ କୃଷ୍ଣ ସଙ୍ଗେ ରାସରଙ୍ଗେ ସଦା ବନେ ।
ଅଭିମନ୍ୟୁ କହି ନବାର ନ ଯାଉ ବୃନ୍ଦାବନେ ॥
ଜଟିଳାର ଆଗମନେ ଭୟେ ଅନ୍ତର ହୋଇଲେ ।
ଏମନ୍ତେଣ ମୁଖରାକୁ ଘେନି ଜଟିଳା ଅଇଲେ ॥
ବାଡ଼େ ଦେଖାଇ ଅଙ୍ଗୁଳି ବୋଲେ ପଢ଼ସି ଗୋସାଇଁ ।
ଗୋପନଗର ସାଗରେ ମୋତେ ଦେଉଛ ଭସାଇ ॥

ନାନ୍ଦୀମୁଖୀ ବିନ୍ଦୁମତୀ ଏହି ସମୟେ ମିଳିଲେ ।
ପଦ୍ୟାବଳୀ ପଢ଼ି ମୁଖରା ଏ ସତ୍ୟ ଯେ ବୋଲିଲେ ।।
ବଧୂତବ ବିଧୁରାସେ ସଦା ଗମନ କାନନେ ।
ଅଭିମନ୍ୟୁ ନିବାରିଯା ନଗଚ୍ଛନ୍ତୁ ବୃନ୍ଦାବନେ ।।
ବଧୂ ତୁମ୍ଭ ବିଧୁର ଆସେ ସଦନେ ସଦାଦିନେ ।
ଅଭିମନ୍ୟୁ କହି ଗୋଧନ ରଖନ୍ତୁ ଅନ୍ୟ ବନେ ।।
ନାନ୍ଦୀମୁଖୀ ବିନ୍ଦୁମତୀ ପଢ଼ି ଏହି ଅର୍ଥ କହେ ।
ଶୁଣି ଜଟିଳା ଚକିତ ହୋଇ ବର୍ଣ୍ଣାବଳୀ ବୁଝେଁ ।।
ଲିପି ନାହିଁ ଲେଖା ନାହିଁ ସେହି ସଙ୍କେତ ଅଛଇ ।
କିସ ପଢ଼ି ବର୍ଣ୍ଣ ଦୋଷ ଧରି ନ ଜାଣି ବାଛଇ ।।
ଲାଜ ଭୟ ପାଇ ସେ ଜଟିଳା ପୁଅକୁ ରଢ଼ିଲା ।
ବାବୁ ପଢ଼ ଏହା ଆମ୍ଭ ହାତେ ଧର୍ମ ଲେଖିଗଲା ।।
ଆଜ ବୃନ୍ଦାବନେ ନ ଯିବୁ ତୁ ମୋର ଦେହ ଛୁଇଁ ।
ବଧୂ ବିଧୁର ସଙ୍ଗରେ ଦୂରକର ଗୋଷ୍ଠ ନିଅ ।।
ପୁନଃ ଡିଆର ଜଟିଳା ଗଲା ଗୋମୟ ଯତନେ ।
ନାନ୍ଦୀମୁଖୀ ବିନ୍ଦୁମତୀ ମିଳେ ରାଧିକା ସଦନେ ।।
ବାଡ଼ ବର୍ଣ୍ଣାବଳୀ ପଦ ଅର୍ଥ କହିଲେ ମଣାଇ ।
ବୃନ୍ଦାବନେ ଅଭିମନ୍ୟୁ ଆଜ ନ ଯିବେ ଜଣାଇ ।।
ଶୁଣି ବାହାରେ ବିରସ ଅନ୍ତ ଆନନ୍ଦ ବଢ଼ିଲା ।
କୃଷ୍ଣ ସଙ୍ଗ ସୁଖ ବିଚ୍ଛେଦର ପ୍ରମାଦ ଛାଡ଼ିଲା ।।
ରଙ୍କ ସମାଧାନ କରିଣି ମୁଖରା ଗଲେ ପୁରେ ।
ରାଧାକୃଷ୍ଣ ପ୍ରୀତି ଦିନୁଦିନ ବଢ଼େ ଏ ପ୍ରକାରେ ।।
ସେହି ବେନିଜନ ପଦଅରବିନ୍ଦ ମକରନ୍ଦେ ।
ଦାଶରଥି ଦାସ ମାନସ ମଧୁର ସଦାନନ୍ଦେ ।।
ଶ୍ରୀଗୁରୁ କୃଷ୍ଣଦାସ ଗୋସାଇଁ ଚରଣ ପ୍ରସାଦୁଁ ।
ଏହୁ ପ୍ରେମଲତା ବିସ୍ତାର ହରି ହୃଦୟୁ କନ୍ଦୁ ।।

ଦୟାକରି ମୋତେ କର୍ଣ୍ଣରନ୍ଧ୍ରେ ହୃଦୟ ସ୍ଥଳରେ ।
କୃଷ୍ଣନାମ ବୀଜ ରୋପି ସନ୍ତେ କରୁଣା ଜଳରେ ।।
ସାଧୁଜନ ଶ୍ରୀଚରଣେ ଅବଲମ୍ବନ କରଇ ।
ବ୍ରଜବିହାର ଚରିତ ପ୍ରେମଲତା ଅଙ୍କୁରଇ ।।
ଶ୍ରଦ୍ଧା ବଳେ ସୁବାସନା ଫୁଲେ ଭକ୍ତିଫଳ ଫଳେ ।
ହରି ଯାହାକୁ କରୁଣା ତାକୁ ଏହି ଫଳ ମିଳେ ।।
ସେହି ଜନ ସେ ଜାଣଇ ଏହି ଫଳ ରସାସ୍ୱାଦ ।
ବ୍ରଜେ ରାଧାକୃଷ୍ଣ ଉପାସନେ ଯେ ଜନ ପ୍ରମୋଦ ।।
ଅନ୍ୟ ଉପାସକ ଜନେ ଏ ଆସ୍ୱାଦକୁ ନ ଜାଣି ।
ଓଷ୍ଟ ଦାରକ୍ଷ ଭକ୍ଷିଲେ କଣ୍ଟାଫଳ ବୋଲି ମାନି ।।
କ୍ଷୁଦ୍ର ମକ୍ଷା ଜନ ମାତ୍ର ପ୍ରାପ୍ୟ ସୁଗନ୍ଧ ତେଜଇ ।
ପୂର୍ବ ଦୁର୍ବାସନା ବଳେ ଯାଇ ଦୁର୍ଗନ୍ଧେ ମଜ୍ଜଇ ।।
ଏଣୁକରି ସାଧୁଜନେ ଏଥି ଯତନ କରିବା ।
ଏହୁ ରସ ଯେହୁ ଜାଣଇ ତାହାକୁ ପଚାରିବା ।।
ପାଦେ ପଡ଼ିଣ ମାଗୁଅଛୁ ମୋର ଯେନ ନିବେଦନ ।
ଏହି ଗ୍ରନ୍ଥକୁ ନ ଦେବ ସଖୀ ଭାବବିନୁ ଆନ ।।
ରତ୍ନ କମ ଗୁଣୀରତ୍ନ କମ କଷିଲା ଜାଣଇ ।
ଲୌହକାର ତାର ଶ୍ରମ ଗୁଣ କିଛି ନଜାଣଇ ।।
ସେହି ରୂପେ ସର୍ବ ଶାସ୍ତ୍ର ଏହି ବ୍ରଜଲୀଳା ସାର ।
ଅନ୍ୟ ପୁରାଣେ କାବ୍ୟ ନାଟକେ ନୁହଇ ଗୋଚର ।।
ସଖୀ ରସେ ଯେ ରସିକ ସେହୁ ଏରସେ ବଞ୍ଚଇ ।
ସେହୁ ଅମୃତ ଭୁଞ୍ଜଇ ସେହୁ ସକଳ ତେଜଇ ।।
କୃଷ୍ଣ ଚରଣଯୁଗେ ଶତଶରଣ ଦାଶରଥି ଦାସ ।
ଏହୁ ରସ ଆଖ୍ୟାନରେ ନ ରୁଚଇ ଆନ ରସ ।।

ଷଷ୍ଠ ବୋଲି ସମ୍ପୂର୍ଣ୍ଣ ।

# ସପ୍ତମବୋଲି

। ଗୋପକେଳି ଦ୍ୱିତୀୟବୋଲି ବାଣୀରେ ଗାଇବ ।

ନନ୍ଦନନ୍ଦନ ଜଗଦ୍‌ବନ୍ଦନ ଶ୍ରୀଗୋପୀଜନ-ବଲ୍ଲଭ ।
ଦୁଃଖ ଛେଦନ ସୁଖସଦନ ସକଳଲୋକ ଦୁର୍ଲ୍ଲଭ ॥
ଉଜ୍ଜ୍ୱଳ ନୀଳମଣି ମଞ୍ଜୁଳ ମୃଦୁଳ ତନୁ ସୁନ୍ଦର ।
ଯୁବତୀ କୁଳଧୀର ସାଗର ମନ୍ଥନେ କି ଏ ମନ୍ଦର ॥
ରୂପ ଉପମ କୋଟିଏକାମ କମନୀୟ ବିଶେଷତଃ ।
ସର୍ବ ଲକ୍ଷଣ ସୁବିଚକ୍ଷଣ ଶ୍ରୀଚରଣେ ନିଷେବିତ ॥
ବ୍ରଜଈଶ୍ୱର ବପୁଃ କିଶୋର ବିସ୍ମର ନଯାଇ ମନୁ ।
ମୂର୍ତ୍ତିମଧୁର ଗୁଣ ଗମ୍ଭୀର ଗୋକୁଳସୁନ୍ଦର କାହ୍ନୁ ॥
ସଜଳ ଜଳଧର ଶ୍ୟାମଳ କଳେବର ମନୋରମ ।
ମିଷମନ୍ତ୍ରେ ଲୀଳା ବିହିତେ ଜୀବନଦ ପୂର୍ଣ୍ଣତମ ॥
ଅଙ୍ଗ ଭୂଷଣ ଖଚରଗଣ ଶ୍ୟାମଘନ ଭାବେ ସେବି ।
ଶିଖେ ଶିଖଣ୍ଡ ଶକ୍ରକୋଦଣ୍ଡ ବିରାଜିତ ବନଭୁବ ॥
କଟିରେ ପୀତବାସ ଶୋଭିତ ତଡ଼ିତ ହାସେ ସାଦର ।
ବେଣୁ ସ୍ୱର ନାଦ ଗମ୍ଭୀର ବଜ୍ରମୃତ ନେନଶର ॥
ଅବଳାବଳୀ ଦର୍ପକୁ ଦଳି ହୃଦୟୁ ମେଦିନୀ କଟି ।
ଭକତଲୋକ ତୃଷାର୍ତ୍ତକ କରେ ପ୍ରେମରସ ବୃଷ୍ଟି ॥
ମୁକ୍ତାହାର କି ବନମାଳ ହସ୍ତୀଶୁଣ୍ଡ ହସ୍ତଦଣ୍ଡ ।
ଗୋପୀକା ପୟୋଧର ଆଶ୍ରୟ ନାଭୀତାପ ଭୟଖଣ୍ଡ ॥
ଲାବଣ୍ୟାମୃତଧାରାମୂରତି ଲୋଭେ କି ମ ଦାବାନଳ ।
କାମିନୀକୁଳ ବନଶୀତଳ ମନ କଦମ୍ବ ପ୍ରଫୁଲ୍ଲ ॥
ଅଙ୍ଗ ଅବନୀ ପୁଲକେ ଧନୀ ସାତ୍ତ୍ୱିକ ସ୍ୱେଦବର୍ଦ୍ଧନ ।
ଲୋତକ ନଦୀ ବହଇ ଭେଦି ଆନନ୍ଦସିନ୍ଧୁ ବର୍ଦ୍ଧନ ॥
ମାନ-ନିବୃତ୍ତ ରଜ ଦଳିତ ଦେଖି ପୀଡ଼ିତ କନ୍ଦର୍ପ ।
କୋକିଳବାଣୀ ଜାଡ଼ଯାଭଣି ଅନୁରାଗ ଇନ୍ଦ୍ରଗୋପ ॥
ଭାବୁକ କେକୀ ଭୁଜଙ୍ଗକୁ ଟେକ ଉନ୍ମତ୍ତେ ନର୍ତ୍ତନ କରେ ।
ରସ ବରଷେ ଅଙ୍ଗ ପରଶେ କାମବୃତ୍ତି ସମ୍ପନ୍ନରେ ॥
ସୁମନେ ମୋଦ ଦୁର୍ମନେ ଖେଦ ଜଟିଳାଦିରେ ଦୁର୍ଦ୍ଦିନ ।
ଏ ବଳାହକ ସର୍ବବ୍ୟାପକ ବ୍ରଜମଣ୍ଡଳ ଆସ୍ଥାନ ॥
ଏ ମେଘ ଘେରି ବୃନ୍ଦାବନର ଉଦେ ହୁଏ ପୂର୍ବଦିଗୁଁ ।
ଅନନ୍ତ ପଦ୍ମ ସୈନ୍ୟ ସୁହୃଦ ବୃଷ୍ଟି ରାଧା ଦିଗଭାଗୁଁ ॥

ପାଳକେଶ୍ୱର ମେଘକିଶୋର ମୂର୍ତ୍ତିବନ୍ତ ଅଭିରାମ ।
ଭକ୍ତବାସବେ ବଶସ୍ୱଭାବେ ଏ ମେଘ ଗୋବିନ୍ଦନାମ ॥
ଗୋପାଳ ରୂପେ ପ୍ରକଟ ଗୋପେ ପୂର୍ଣ୍ଣବ୍ରହ୍ମ ଶ୍ୟାମଘନ ।
ଏ ରସେ ବଶ ନରହେ ଦାସ ଆନେ ନ ରମଇ ମନ ॥
ଅଙ୍ଗଭଙ୍ଗିମା ଶୋଭାଉପମା କହିବା ବୁଦ୍ଧି କାହାର ।
ସର୍ବ ଲାବଣ୍ୟ ଆଶ୍ରୟ ସ୍ଥାନ ଗୁଣ ନିଗମୁଁ ବାହାର ॥
ଜଗତ ହିତେ ଭକତପ୍ରୀତେ ନିଜଭାବେ ମୂର୍ତ୍ତିମନ୍ତ ।
ଏ ରୂପ ଦେଖି ନୟନ ଲାଖି ରହେ ଯେନ ମତ୍ତଚିତ୍ତ ॥
ବଦନପଦ୍ମ ଲାବଣ୍ୟସଦ୍ମ ନେତ୍ରଅଳିମତେ ଖେଳେ ।
ଭ୍ରୂଲତାରୂପ ଭୟେ କନ୍ଦର୍ପ ଅନୁସର ଦୃଗଞ୍ଚଳେ ॥
କି ନୀଳୋତ୍ପଳ ନେତ୍ରଯୁଗଳ ସକଳ ସୁଖ ଆଶ୍ରିତେ ।
କାମିନୀ ମନେ କାମ ଜନମେ ଅବଲୋକନ କାଞ୍ଚିତେ ॥
ତୀକ୍ଷ୍ଣନାସିକା ତିଳକଳିକା କମନୀୟ ମୋତି ଲୋଳେ ।
ଶ୍ୟାମଅଧରେ ସୁଧା କି ଢାଳେ ଉତ୍ତରଣ ଶ୍ରମକାଳେ ॥
ସୁହଞ୍ଚଭାଳେ ଗୋରୋଚନାରେ ତିଳକ ଅଖଣ୍ଡରେଖା ।
ନୟନପକ୍ଷୀ ଦେଖିଲେ ଲାଖି ଅନଙ୍ଗ ଅଠାଖଡ଼ିକା ॥
ଅଳକାବେଣି ଜାଲେରେ ପଡ଼ି କାମ କଳୁତରେ ବନ୍ଧ ।
ଅର୍ଦ୍ଧଚନ୍ଦ୍ରମା ଭାଲଉପମା ତେଣୁ ବଳେ କାମବୃଦ୍ଧି ॥
କପୋଳମୂଳ ଗଣ୍ଡଯୁଗଳ ନିର୍ମଳ ମୁକୁର ଆଭା ।
ହେମରତନ ମକରାନନ କୁଣ୍ଡଳ ଶ୍ରବଣେ ଶୋଭା ॥
ଅନଙ୍ଗଯାନେ କହ କି ଜାନ୍ତୁ ଚଞ୍ଚଳ ଅଛିର ଖଟେ ।
ଅବଳାଉରେ ଶମ୍ଭୁଯୁଗଳେ ଦଣ୍ଡାଦିଅ ମୋର ହିତେ ॥
ଲାବଣ୍ୟଜଳେ ଗଣ୍ଡରେଖଲେ ଦେଖି ପୀନସ୍ତନୀ କମ୍ପେ ।
ଭୁରୁକମାନ ଅପାଙ୍ଗବାଣ ଦେଖିକି ଅନଙ୍ଗ ଝାମ୍ପେ ॥
ଅରୁଣାଧର ପ୍ରେମମନ୍ଦର ବାଞ୍ଛିତ ଦୁଃଖ ଖଣ୍ଡନ ।
ମଧୁରହାସ ପୀୟୂଷରସ ଗୋପିକା ଚିତ୍ତମଣ୍ଡନ ॥
ଦଶନପନ୍ତି ସିନ୍ଦୂରେ ମୋତି ଦାଡ଼ିମ୍ବ ବୀଜକୁ ଜିଣି ।
ରତିସଂଗ୍ରାମେ ଯେ ଅତିକ୍ରମେ ସେନାଗ୍ରୀ ସେମୁଦ୍ରା ଯେନ ।
ବଚନଧୀର ମେଘଗମ୍ଭୀର ମୃଦୁଳ ମଧୁର ଧ୍ୱନି ।
ଶୁଭିଲେ ବେଣୁ ଦ୍ରବାଇ ତେଣୁ ଯେଣୁ ବାଣୀ ହୃଦେଦହନ ॥

ମଳୟଗିରି ଆଶ୍ରୟକରି ଏ ବନ୍ଧୁ ସ୍ରବେ ଚନ୍ଦନ ।
ଅଧରେଲାଗି ବେଣୁଧ୍ୱନିରେ ତେଣୁ ଜଗତେ ବନ୍ଦନ ॥
ସେ ଅଭିମାନେ ମଧୁର ସ୍ୱନେ ଉଚ୍ଚାଟ ସକଳାଙ୍କରେ ।
ମଳୟବାତ ହେଲା କହନ୍ତି ମଦନ ଶରହ ଭରେ ॥
ସ୍ମିତ ଚିବୁକ ସୁଖଦାୟକ ନିର୍ମଳ ମୁଖମଣ୍ଡଳ ।
ବନ୍ଧ ଗୃହାଣି ସ୍ମିତକାହାଣୀ ବେଢ଼େ କର୍ଣ୍ଣକୁଣ୍ଡଳ ॥
କୃଷ୍ଣ ଭ୍ରମର କଣି ଚିକୁର କାମଭିତ୍ର ଦାଣ୍ଡ ଜନ୍ମା ।
ମଲ୍ଲି ମାଳତୀ ଯାତି କେସରୀ କେତକୀପାଖୁଡ଼ା ବେଢ଼ା ॥
ବଂଶୀଶାଖାବଳ ଆଗକୁ ଢଳ ମୟୂରଚନ୍ଦ୍ରିକା ଚୂଳ ।
ମଣିମୁକୁଟ କୋଷାଣ୍ଡ୍ରକଟ ସକଳ ଚଞ୍ଚଳ ଦଳ ॥
କମ୍ବୁକଣ୍ଠର ହେମମେଢ଼ର ଆଭା ନେତ୍ରର ଖଞ୍ଜଣୀ ।
ମୁକୁତାହାର କୁସୁମମାଳ ଲମ୍ବେ କଉସ୍ତୁଭ ମଣି ॥
ଶ୍ରୀବତ୍ସ ଚିହ୍ନ ହୃଦେ ଶୋଭନ ବାମହସ୍ତେ ପୀତରେଖା ।
ପ୍ରିୟାକୁ ଦେହେ ସର୍ବଦା ବହେ ଘନେ ସ୍ୱର୍ଣ୍ଣରେଖା ॥
କସ୍ତୁରୀ ରଙ୍ଗିଆ ଚନ୍ଦନରଙ୍ଗିଆ କର୍ପୂରକୁଙ୍କୁମ ଲେପନେ ।
ଆମୋଦନ ଭୁଜ ଆଜାନୁ ମରକତ ସ୍ତମ୍ଭ କି କୁନ୍ଦେ ॥
ସୁରଙ୍ଗ ନବ କମଳପାଣି ନ ଚିତାଖଣ୍ଡା କଉଜ ।
କାମ ନମିରେ ଉରଣମ୍ଭରେ ଯାଜକ ଖଡ୍ଗ ନାଭିଜ ॥
ହେମକଙ୍କଣ ମୁଦିକାଗଣ କମନୀୟ ରତନରେ ।
ଗୋପିକା କୁଚ କଠିନ ଉଚ୍ଚ ମର୍ଦ୍ଦନକୁ ଯତନରେ ।
ମାଟେଶୋଭନ ପୀତବସନ ମେଖଳାକିଙ୍କିଣୀ ସାଜେ ।
ପ୍ରିୟାସଙ୍ଗମେ କାମସଙ୍ଗ୍ରାମେ ଶିବଡମ୍ବୁରୁ କି ବାଜେ ॥
ଉଲଟ ରମ୍ଭା ଚରଣଶୋଭା ନିନ୍ଦିଣି ନୀଳ କାନ୍ତ ଛନ୍ଦେ ।
ସୁନ୍ଦର ପାଦ ନୂପୁର ନାଦ ଧାଇଁ ଆସନ୍ତି ଆନନ୍ଦେ ॥
କଲ୍ପପାଦପ ହେମମଣ୍ଡପ ମଣିମୟ ସିଂହାସନ ।
ପ୍ରିୟାରସଙ୍ଗେ ବିହାରରଙ୍ଗେ ରୂପ ମଦନମୋହନ ॥
ବ୍ରହ୍ମାଶଙ୍କର ଗୋଚରାଗୋଚର ନାହିଁ କହିବା ରସ ।
ନରଲୀଳାରେ ବ୍ରଜବିହାର ଲୀଳା ଅନୁଭବି ପ୍ରକାଶ ॥
ସେ ରସ କାହିଁ ଜାଣିବ ମୁହିଁ ସାଧୁଙ୍କ ମୁଖାରୁ ଶୁଣି ।
ଶରଧାକଲି ଅଶେଷବାଲି ଷଡଭଙ୍ଗ ଦୋଷ ଗଣି ॥
ବ୍ରଜବିହାର ବୋଲିମାଗର ପାଠ ତା ସେବନ ନନ୍ଦ ।
ପ୍ରଥମଭାଗ ଦାବାଗ୍ନି ସେ ନ ଅଷ୍ଟ ରଶାଷ୍ଟମେ ଚନ୍ଦ ॥
ଦ୍ୱିତୀୟପ୍ରବନ୍ଧ ନାରଦଙ୍କ ଭକ୍ତି ଏଥି ପରେ ପଦ ।
ଏରୂପେ ବେନ ଛନ୍ଦରେ ଭଣି ମୁଁ ପଢ଼ାଇ ଦେବ ଛନ୍ଦେ ॥

ଶୁଣ ସୁଜନେ ହୋଇ ସୁମନେ ପ୍ରଥମପର୍ବ ପ୍ରକାଶ ।
ଶ୍ରୀବୃନ୍ଦାବନେ ଅନ୍ତର୍ଦ୍ଧାନେ ଜାତହୋଇଲା ଯେଉଁ ରସ ॥
ରାଧାଗୋବିନ୍ଦ ବିରହବିଚ୍ଛେଦ ବନ୍ଧୁ ହୃଦ ଦୁଃଖେ ମିଳନ ।
ନରଲୀଳାରେ ପଣ ନିଖିଳରେ ଉତ୍ସବ ଶ୍ରୀବୃନ୍ଦାବନ ॥
ଦେଖିସଂଯୋଗ ଜନ୍ମିଲା ଆଗେ ଚନ୍ଦ୍ରାବଳୀ ସଖୀକହେ ।
ଭ୍ରମର ବନ୍ଧୁ ପରମସାଧୁ କୃଷ୍ଣହେଣେ ବନେ ରହେ ॥
ଦେଖିବ ଯେବେ ଅନାଥା ହେବେ ବୋଲିଣ ପଥକଢ଼ାଇ ।
ଶୁଣିଣ କୋପ ଜନ୍ମିଲା ଯାହେ ଖଟେ ପଡ଼େ ପଟେ କଢ଼ାଇ ॥
ବନ ପଶନ୍ତେ ଦେଖି ଭରସେ ଶାରଶୁକ ଡାକଦେଲେ ।
ବୃନ୍ଦାଶୁଣିଲେ ବସ୍ତୁ ଯୁବତୀଲେ ଯୋଗମାୟା ଅଗ୍ନି କଲେ ॥
ଧନେ ବନେ ଆକୁଳମନ ଜନ୍ମିଲା ଉଭୟ ପଳାଇ ।
ଧାମାମାନେ ନୀରଭିଜେ ରଖିଲେ ଜୀବନ ଜଳାଇ ॥
ଦ୍ୱାପର ମନ୍ଦ ଅନ୍ତ ବନ୍ଦନ ଗୋକୁଳେ ନାରଦ ଋଷି ।
ବ୍ରହ୍ମାବଚନେ ଶ୍ରୀବୃନ୍ଦାବନେ କୁମାରୀ ମିଳନେ ଆସି ॥
କୃଷ୍ଣମହିମା କହନ୍ତେ ବ୍ରହ୍ମା ମୁନିଗଣ ଲୁବଧ ଚିତ୍ତେ ।
ଦର୍ଶନ ଆନନ୍ଦେ ଜ୍ଞାନୋପଦେଶ ଗୋକୁଳେ ମିଳେ ଗୁପତେ ॥
ଗୋବର୍ଦ୍ଧନ କି ଭ୍ରମାଇ ମୁନି ଗୋପାଳପୁଅଙ୍କୁ ସୃଷ୍ଟି ।
ହରଇଙ୍ଗିତେ କପର୍ଦ୍ଦି ନୃତ୍ୟେ ଖେଳେ ରଙ୍ଗ ପଞ୍ଚଶାଇ ॥
ଦାନ ନମରେ ଆତଜାତରେ ବୃନ୍ଦାବନେ ସାର ଗର୍ଭେ ।
ବଦ୍ଧ ହୋଇ ହଂସକୁ ବନ୍ଧ ବାହୁଡ଼ି ସେଗର୍ଭେଲଭେ ॥
ଏ ପଞ୍ଚଶାଇ ଜ୍ଞାନବୃଦ୍ଧି ଦେଖି ନଚନ୍ତଲେ ମୁନି ।
ଗୋପାଳପୁଂ ଇତରସ୍ତ୍ରାସେ ମଣିମହିମା ନଜାଣି ॥
ବସ୍ତାତା ତହୁଁ ଶୁଣିଲେ ସତ୍ତ୍ୱ ତହୁଁ ହେ ହେତୁ ପାଇଲେ ।
ନ ରହି ରହି ବ୍ରଜଜନାମୀ ସେହିକ୍ଷଣେ ମୋହ ରହିଲେ ॥
ଗୋପକୁମାରୀ କୃଷ୍ଣକୁ ବରି ନାନ ଖେଳ ବିନୋଦରେ ।
ନୀଳ କାହ୍ନୁ ଖେଳ ରାଇ ଶଳଟାହ୍ନି ବୋଲ ଯାରେ ॥
ହେମନ୍ତ ଋତୁ ନବବ୍ରତରେ ଯମୁନା ଜଳେ ଗୋପବାଳୀ ।
ଦାମଡ଼ୀ ତାଇଁ କଦମ୍ବମୂଳର ବାନ୍ଧିଲେ ଶ୍ରୀବନମାଳୀ ॥
ଲଜ୍ଜା ଉପେକ୍ଷି ନମ୍ର ଚନ୍ଦ୍ରମୁଖୀ ବିବସନେ କୃଷ୍ଣଆଗେ ।
କାତ୍ୟାୟନୀ ଆଜ୍ଞାକୁ ମାନି ବନସ୍ତ୍ର ବସନ ମାଗେ ॥
ନବଯୁବତୀ ଯଜ୍ଞଦ୍ୱିଜପତ୍ନୀ ଜାଣି ନନ୍ଦ ଚେରାସନ୍ତ ।
ଶରଦ ସମ୍ପୂର୍ଣ୍ଣ ଲଳିତା ଦୂତୀ ଦେଖି ବନେ ରହିବ ନ ॥
ଏମନ୍ତ ବେଳେ ବିଚାରି ନାଗର ବଂଶୀ ବଜାଇ ପ୍ରତିଆଶ ।
କୃଷ୍ଣରଚନେ ବ୍ରଜନାରୀଙ୍କ ମନ ହରି ନିଶି ଦିବସ ॥

ଶିଶିର ଋତୁ ବିଚ୍ଛେଦ ହେତୁ ରାଧାଭୁବନ ଗମନେ ।
ଗୋକୁଳ ରାଜ୍ୟେ ନାନା ଉପାୟେ ରାଧିକାସଙ୍ଗ ମିଳନେ ॥
କାନନେ ମେଳା ବିବିଧ ଲୀଳା ମତ୍ତ ବଳେ ପରବାସେ ।
ତୀର୍ଥଯାତ୍ରାରେ ଯିବା ବର୍ଷରେ ଅଚିନ୍ତ୍ୟ ବିହାରରସେ ॥
ଗୋପସଙ୍ଗରେ ସବୁ ବର୍ଷରେ ଅମ୍ବିକା ବନକୁ ଯିବା ।
ଏ ଶିବରାତ୍ରି ଘୃତରେ ବତି ଜାଳି ଉଜାଗର ହେବା ॥
ଏମନ୍ତ ଭକ୍ତି ସେବନେ ଚଳ ମନୋରଥ ପୂର୍ଣ୍ଣ କଲେ ।
ଗୋକୁଳ ନୃପ ଗିଳନ୍ତେ ସର୍ପ କୃଷ୍ଣ ପାଦ ପ୍ରହାରିଲେ ॥
ତେଜି ଉରଗତନୁକୁ ସ୍ୱର୍ଗ ନିଜଦେହ ଘେନିଗଲେ ।
ରାମ ଗୋବିନ୍ଦ ଗୋକୁଳ ବୃନ୍ଦ ନନ୍ଦ ଘେନି ବାହୁଡ଼ିଲେ ॥
ଏ ମୂଳସୂତ୍ର ବିସ୍ତାରେ ଶବ୍ଦ ବିଶେଷ ରସ ଘେନିବା ।
ପ୍ରାକୃତ ବୋଲି ହେଳା ନକରି କୃଷ୍ଣ ମହିମା ଶୁଣିବା ॥
ଶ୍ରୀଭାଗବତ କ୍ଷୀର ପୂରିତ ମନ୍ଥି ଉଦ୍ଧରି ଲବଣୀ
ସାଧୁ ମୁଖରେ ଘଣପାକରେ ସର୍ବସାର ଘୃତ ପୁଣି ॥
ସୁଜନ ଜନ ଦୋଷ ନଘେନ ଅଳପ ମୋହର ବୁଦ୍ଧି
ତୁମ୍ଭଙ୍କୁ ଧରି ସିନ୍ଧୁ ପହଁରି ଠୁଳ କରିଅଛୁ ନିଧି ॥
ଯେତେକ ପାରି ତେତେ ଉଦ୍ଧରି ସୁଖେଣ ଘେନ ବିଜସ
ଗୋବିନ୍ଦ ରସ ଶ୍ରଦ୍ଧାରେ ଘୋଷ ନଘେନ ଦାସର ଦୋଷ ॥
ନାରଦ ମୁନି ଚରଣେ ନମି ନଳ କୁବେର ପୃଚ୍ଛନ୍ତି
ପ୍ରଳମ୍ବା ନାଶି ଗୋକୁଳବାସୀ ନିର୍ଭୟ ହୋଇଅଛନ୍ତି ॥
ପଦ୍ମା ଶୈବ୍ୟାଦି ରାଧା ବିବଘା ବର୍ଣ୍ଣାବଳୀ ଗଲେ କାହିଁ
ଜଟିଳା ପଡ଼ି ମଖରା ଲୋଡ଼ି ଅନୁସୂୟାରେ ଆନ ହୋଇ
ବନେ ସେଦିନୁ ସେ ଅଭିମନ୍ୟୁ ନଗଲେ ହୋଇଲି ହତ
ଜାଣି ସେ ବାଳୀ କି ଅବା ଗାଳିକଲେ.ଅବା କି କି କୃତ୍ୟ ॥
ଶରଧା ଚିତ୍ତେ ବିନୟ ମତେ କହ ବୋଲି ଯୋଡ଼ିକରି
ସେ ମୁନିବର ଭାବତାହାର ଦେଖି ପ୍ରେମେ ଗରି ଗରି ॥
କହନ୍ତି ମୁନି ସରସେ ବାଣୀ ଶୁଣ କୁବେର ନନ୍ଦନ
ବହୁତ ମତେ ବିରୋଧ ଯେତେ କଲେ ଚନ୍ଦ୍ରାବଳୀଗଣ ॥
ପ୍ରବଳେ ନଦୀ ସାଗର ଭେଦି କୂଳଲଙ୍ଘି ବହୁଥାଇ
ଲତା ସୂତାରେ ବନ୍ଧ ବାନ୍ଧିଲେ ପ୍ରବାହ କି ତା ରହଇ ॥
ଗୋକୁଳ ଲୋକେ ଏକଆରକେ ଗୁପତରେ କୁହାକୁହି
ରାଧାମାଧବ ପୀରତିଭାବ ବିରୋଧ କେବେହେଁ ନୋହି ॥
ସେ ଚନ୍ଦ୍ରାବଳୀ ସଜନୀମିଳି ବିରୋଧ ଯେତେହେଁ କଲେ
ଲାଜପାଇଲେ କାହିଁ ନୋହିଲେ ତାହାଙ୍କୁ ସେ ହତ ହେଲେ ॥

ଦୁହିଁଙ୍କ ଦୁହେଁ ଅତି ଯେତେନେହେଁ ନଥିଲା ନୋହିବ କାହିଁ
ଏ ଅନୁରାଗେ ଅବନୀସ୍ୱର୍ଗେ ଏମନ୍ତ ନଦେଖି କାହିଁ ॥
ଏମନ୍ତ ବୋଲି ସେ ଗୋପବାଳୀ ସାତପାଞ୍ଚମେଳି କଥା
ଚନ୍ଦ୍ରାବଳୀର ସଖୀନିକର ଶୁଣିଲେ ଲଭନ୍ତି ବ୍ୟଥା ॥
ଏମନ୍ତ କେତେ ଦିନର ଅନ୍ତେ ବୈଶାଖ ଶୁକ୍ଳ ଦ୍ୱିତୀୟା
ରବି କୃତ୍ତିକା ଦିନେ ରାଧିକା ସ୍ନାନେ ତପନ ତନୟା ॥
କେଶ ସାଜେଇ ସୁବେଶ ହୋଇ ପ୍ରିୟ ସହଚରୀମେଳେ
କୃଷ୍ଣଉଦ୍ଦେଶି କାନନେ ପଶି କୁସୁମ ତୋଳିବା ଛଳେ ॥
ମାଧବ ରାଧା କୁଣ୍ଡେ ଶରଧା ଆରାଧନା ନିଜ କରେ
ଲୁଚିଣ ବସି ନେତ୍ର ନିବେଶି ରାଧା ଆସିବା ପଥରେ ॥
ଚିର ବିଚ୍ଛେଦେ ମରମଭେଦେ ମଦନ ବିଷମ ଶର
ଅତି ଆରତେ ମତ୍ତ ସୁରତେ ରାଧା ପ୍ରେମେ ଜରଜର ॥
ଏହି ସମୟେ ପ୍ରେମା ବିଜୟେ ଦେଖି ଉତ୍କଣ୍ଠା ବଢ଼େ
ଆଗେ ଓଗାଳି ବାହୁ ବିସ୍ତାରି ଆଲିଙ୍ଗନ କରି ଲୋଡ଼େ ॥
ଦେଖିଣ ରାଣୀ ଘୂର୍ଣ୍ଣିନ ରହି ସଖୀ ଆଗୁସାରି ହୁଏ
କରେ ସମାର୍ଜି କୃଷ୍ଣଙ୍କୁ ତର୍ଜି ବନ୍ଧବାମେ ବାଳୀ କହେ ॥
ପଥ ଓଗାଳି ବଳେଣୁ ହରି ଲୋଡ଼ୁଛ କୁଳବଧୂଙ୍କି
ଅବଳାଗଣେ ବଳସ୍ୱରୂପେଣ ରାଜଙ୍କୁ ଭୟ ନାହିଁକି ॥
ରବି ପୂଜନେ ଆସନ୍ତି ବନେ ଶୁଚିମନ୍ତ ଯେମାନେ ଏଣୁ
କାହୁଁ ସେ ଆସି ମେଳରେ ପଶି କୋଳକରି ଲୋଡ଼ ଛୁଇଁ ॥
କେଥିଲି ଲୋଡ଼ ଆଖୁଡ଼ାପଡ଼ ପଥକୁ ଆସିଛ ଧାଇଁ
ଦେଖିଲେ ଲୋକ କହିବେ ଧିକ୍ ତୁମ୍ଭଙ୍କୁ ତ ଲାଜ ନାହିଁ ॥
ଯାଅଯା ଘୁଞ୍ଚି ରହଯା ଲଜ୍ଜା ସୂର୍ଯ୍ୟପୂଜା କରି ଆମ୍ଭେ
ବିଳମ୍ବେ କଲି କହିବେ ତୋଷ ମଧ୍ୟେ ନଣନ୍ଦ ଶାଶୁ ॥
ଜ୍ୱଳନ୍ତା ଅନଳେ ଘୃତ ଢାଳିଲେ ସେ ଯେସନ୍ତେ ଅଧିକ ଜଳି ।
ସଜନୀ ବାଣୀ ନାଗର ଶୁଣି ତନମନ ଉତ୍ସାହ ବଳି ॥
ବଢ଼ି ନଦୀ କି ରଖି ହୁଏକି କୂଳ ଲଙ୍ଘି ଯିବ ବୁଡ଼ି ।
କାମ ପ୍ରବଳେ କୃଷ୍ଣ ବିହ୍ୱଳେ ପ୍ରିୟେ ବୋଲି କୋଳ ଲୋଡ଼େ ॥
ରାଧିକା ତନୁ ସୁବାସ ଯେଣୁ ତେଣୁ ଆଘ୍ରାଣେ ପ୍ରମତ୍ତ ।
ହେ ରତିସାଧ୍ୟେ ହୁଅ ସଦୟେ ବାରେ ଦିଅ କେ ଲାଗିତ ॥
କୃଷ୍ଣର ମନ ପ୍ରବଳ ଅତି ଦେଖି ଶ୍ରୀମତୀ ଘଞ୍ଚିଲେ ।
ନ କହି କିଛି କାନ୍ତକୁ ବଞ୍ଚି ଚମ୍ପକ ତଳେ ଲୁଚିଲେ
ଜାଣି ସଜନୀ ଛଦ୍ମ ବାଣୀ କହି ଯେ-ଯାହାରେ ବଞ୍ଚେ ।
ମଦନେ ଅନ୍ଧହୋଇ ଗୋବିନ୍ଦ ପ୍ରିୟେ ପ୍ରିୟେ ବୋଲି ଡକେ ॥

ଆପଣା ମତେ ହରିର ଚିତ୍ତେ ବୋଲନ୍ତି କି କର୍ମ କଲି ।
ନୃପଦୁଲାଳୀ ଅବୋଧ ବାଳୀ କଥା ଭାବି ନ ରଖିଲି ॥
ମଦନ ମୋଦେ ମତ୍ତ ପ୍ରମୋଦେ କୋଳ କରି ଲୋଡ଼ି ବଳେ ।
ବାମଲୋଚନା ହୋଇ ବିମନା ଭାବ ନ ପାଇଣ ଗଲେ ॥
ରସେ ରସାଇ ପ୍ରେମେ ଭସାଇ ମିଶାଇ ତନୁକୁ ତନୁ
ରସିକ ଗୁଣ ନ ଦେଖି ପୁଣି ରସବତୀ ଦୁଃଖୀ ତେଣୁ ॥
ଏତେ ବିଚାରି ଚଞ୍ଚଳ ହରି ଅନୁସରି ଚଳିବେଗ ।
ଚରଣ ଚିହ୍ନ ଅନୁସନ୍ଧାନ କରନ୍ତି ଅବନୀ ଭାଗେ ॥
ରାଧା ଚରଣ ଚିହ୍ନ ଲକ୍ଷଣ ଊନବିଂଶତି ଲକ୍ଷଣେ
ଧରଣୀ ବକ୍ଷ ପୁଲକ ହୋଇ ଗୋବିନ୍ଦ ଚିହ୍ନିତା ଜାଣେ ॥

( ଶ୍ଳୋକଃ )

ଛତ୍ରାରି ଧ୍ୱଜବଲ୍ଲି ପୁଷ୍ପ ବଳୟାନ୍ ପଦ୍ମୋର୍ଦ୍ଧ୍ୱରେଖାଙ୍କୁଶା
ନର୍ଦ୍ଧେନ୍ଦୁଂ ଚ ଯବଞ୍ଚ ବାମ ମନୁପାଂ ଶକ୍ତିଂ ଗଦାଂ ସ୍ୟନ୍ଦନଂ;
ବେଦୀ କୁଣ୍ଡଳ ମତ୍ସ୍ୟ ପର୍ବତ ଦରଂ ଧତ୍ତେଽନୁ ସବ୍ୟଂ ପଦଂ
ତାଂ ରାଧାଂ ଚିର ମୂନବିଂଶତି ମହାଲକ୍ଷ୍ମାର୍ଚ୍ଚିତାଙ୍ଘ୍ରିଂ ଭଜେ ॥

ବାମେ ବିତାନ ବଳୟ ଛତ୍ର ଚକ୍ର କୁସୁମ ବଲ୍ଲିକା
ଅଙ୍କୁଶ ଧ୍ୱଜ ନବ ଜଳଜ ଅର୍ଦ୍ଧଚନ୍ଦ୍ର ଊର୍ଦ୍ଧ୍ୱରେଖା ॥
ଦକ୍ଷିଣେ ରଥ ବେଦି ପର୍ବତ ଗଦା ଶକ୍ତି ବିରାଜିତ
ମନୁ ଯାଦର ମତ୍ସ୍ୟ କୁଣ୍ଡଳ ନବ ଚିହ୍ନରେ ବିହିତ ॥
ଏ ନବ ଦଶ ଚିହ୍ନ ବିକାଶ ରାଧା ପାଦ ଅନୁସରି
କେତେଦୂରେ ଦୂରେ ତୃଣାଚ୍ଛନ୍ନରେ ନ ଦେଖି ବିସ୍ମୟ ହରି ॥
ମତ୍ତ ମରାଳୀ ମଧୁପ ବୃନ୍ଦ ଅନୁଗତ ଦେହ ବେଗେ
ଏମନ୍ତ ଦେଖି କମଳଆଖି ମନ୍ଦଗତି ଭୃଙ୍ଗ ସଙ୍ଗେ ॥
ଗଭୀର ବର୍ତ୍ତି ଭୂମି କାନନ ଖଗ ମୃଗ ଆଦି ଦିଶେ
ଯେ ବେଗେ ରହେ ଅରୁଣଦାନେ ଅଙ୍ଗ ଜ୍ୟୋତି ପରକାଶେ ॥
ଚମ୍ପକ ଲତା ଲୋଭେ ଭ୍ରମନ୍ତା ହୋଇଛନ୍ତି ଅଳିକୁଳେ
ଦେଖିଣ ହରି ମନେ ବିଚାରି ନୃପକୁମାରୀ ଏ ମୂଳେ ॥
ସେ ଚମ୍ପା ଦ୍ରୁମ ଅତି ଉପମ ନବ ପଲ୍ଲବେ ନିଘନ
ଅବନୀ ମଣ୍ଡି ହୋଇଛି ଯୋଡ଼ି କୁସୁମିତେ ଶୋଭାବନ ॥
ମୂଳେ କୁଙ୍କୁମ ଅତି ଉପମ ନୃପ ଯେମା ଲତା ବର୍ଣ୍ଣ
କାନ୍ତ ଅସ୍ଥିର କାମ ବିହ୍ୱଳ ଦେଖି ମଦନ ମନେ ହର୍ଷ ।
ଜାଣି ସେ ହରି ଠଣିକା ଧରି ଡାଳ ଅଣ୍ଡାଇ ଦେଖି
କଞ୍ଚୁକି ଧରି ଆଣେ ଓଟାରି ବୋଲିଲେ ଏବେ କେଉଁ ରଖି ॥
ହସି ସୁକେଶୀ କାନ୍ତଙ୍କୁ ଭଣି ତୁମ୍ଭେ ସେ ଦେଖନ୍ତ କାହିଁ
କୁଟିଳ ଭୃଙ୍ଗେ ବାଧା ମୋ ସଙ୍ଗେ ତୁମ୍ଭଙ୍କୁ ଦେଖିଣ କହି ॥

ଚମ୍ପକଗୋଷ୍ଠୀ ଭୃଙ୍ଗ ବଇରି ସମୟ ପାଇଣ ଏଣୁ
ରୂପଗୁଣରେ ମିତ୍ରପଣରେ ତୁମ୍ଭଙ୍କୁ ଦେଖାନ୍ତି ତେଣୁ ॥
ବୋଲନ୍ତି ହରି ଶୁଣ ସୁନ୍ଦରୀ ତନୁଟା ପଦ୍ମ ସୁବାସ
ହରି ଆଘ୍ରାଣେ ମଧୁପଗଣେ ଜାଣିଲୁଁ ତାଙ୍କ କି ଦୋଷ ॥
ସଖୀ ଗମନେ ପାଦସ୍ପର୍ଶନେ କମନୀୟ ଦିଶେ ମହୀ
ଯେହରେ ଯାଉ ସହିଁବା ଥାଉ ବିକାଶେ ଗଉର ଦେହୀ ॥
ଏ ବୃନ୍ଦାବନେ ମୋର ବଚନେ କାହିଁଲୁ ଲୁଚିବୁ ତନୁ
ଚନ୍ଦ୍ରମା ଯେହ୍ନେ ଗୁପ୍ତଗଗନେ ଲୁଚେ ନବଘନ ବନୁ ॥
କାନ୍ତରବାଣୀ ତରୁଣୀ ଶୁଣି ଛଳ ସପତ୍ନୀ ଦୋଷେ
ଶୁଣି ନେତ୍ରକାନ୍ତ ସହିଁ ଯାଚନ୍ତି ସାତ୍ତ୍ୱିକ ହେଲେ ସେ ହସେ ॥
ସକଳଚନ୍ଦ୍ର ତାରାବୃନ୍ଦ ବାରୁଣୀ ଇଚ୍ଛି ଗମନ୍ତି
ନବୋଢ଼ ଘନ ଶଶାଙ୍କେ ମନ ତାମସୀ ମିଶି ପୀରତି ॥
ଜୀମୂତାକାନ୍ତା ତଡ଼ିତଲତା ଉପଗତ ଆଲିଙ୍ଗନେ
ସେ ଘନପତି ଚନ୍ଦ୍ରେ ପୀରତି କଲେ ନ ଘେନଇ ମନେ ॥
ଚନ୍ଦ୍ରମାପ୍ରଭା ସୁନ୍ଦରଶୋଭା ବିଦ୍ୟୁରେ ଆଦର ନାହିଁ
ପ୍ରେମେ ଭଜଇ ମାନେ ହଜାଇ ଉଭୟେ ଚଞ୍ଚଳବହି ॥
ରସିକଶ୍ରେଣି ବୋଲେ ମିତଣି କହିଲ ଦୃଶ୍ୟ ଆଶ୍ୱାସ
ଜଳଦେ ଶଶୀ କେହ୍ନେ ନ ମିଶି ମଧ୍ୟେ ଅନ୍ତର ଆକାଶ ॥
ବିଦ୍ୟୁ କିରଣେ ଘନଶୋଭନେ ଆନନ୍ଦକିରଣେ ବିବର୍ଣ୍ଣି
ନାୟିକାତନୁ ନାୟକତନୁ ବିରସେ ସରସହୀନ ॥
ରୂପ ଦେଖାଇ ପ୍ରେମ ଚଖାଇ ଅନ୍ତଅନ୍ତର କ୍ଷଣକେ
ବିଦ୍ୟୁ ବିଚ୍ଛେଦ ନବ ଜଳଦ ବିରହେ ଅଷ୍ଟସାତ୍ତ୍ୱିକେ ॥
ବିଚ୍ଛେଦଚଳ ନବପଥିକ ବାଳି ନିବିଡ଼ରେ ସ୍ତମ୍ଭମେଘ
ସଜଳଦଙ୍ଗ ଜାଣି ରୋମାଞ୍ଚ ଘଡ଼ଘଡ଼ି ସ୍ୱରଭଙ୍ଗ
ବରଷାଧାରା କରକାମାଳା ଲୋତକ ସ୍ୱେଦ ଖସଇ
ରସ ବିହୀନ ଦିଶେ ବିବର୍ଣ୍ଣ କ୍ଷୀଣଲୟେ ନିଦ୍ରାଶଇ ॥
ଯୁବତୀ ହସ୍ତା ବାଡ଼ନଦ୍ଧା ସ୍ୱଦସ୍ତା ଏତେକେ ଲୁହେ
ମଦନାନଳେ ପ୍ରଳୟୁ ହେଲେ ପ୍ରିୟୁକ ନେତ୍ର ବହୁକହେ ॥
ଶ୍ରୀମତୀଲୋଚ ନେଲ ପୀତବାସ ଯେତେବେଳେ ସେ କ୍ଷୀଣଘନ ॥
ଯେ ଯାହାକାଳେ ସେ ତାହା ପାଏ ଦେଖ ଘନେ ଚନ୍ଦ୍ରଲୀନ
ଏ ଶ୍ୟାମଘନେ ଚନ୍ଦ୍ରଲାଞ୍ଛନ କଳଙ୍କରେ ଲଜବହି
ଲୁଚାଇ ଲୋଡ଼େ ଘନ ନ ଗୁଡ଼େ ଚନ୍ଦ୍ର ଅଙ୍ଗେ ମିଶିରହି ॥
ଘନ ନ ଦେଖି ତଡ଼ିତ ଦୁଃଖୀ ଶୂନ୍ୟଭୁବନକୁ ଚାହିଁ
ତୁମ୍ଭରି ପାଦେ ରେଖା ଉପମେ ନିତ୍ୟଘନ ଶ୍ୟାମ ଭଜେ ॥

ରସେ ଦମ୍ପତି ପ୍ରତି ଉକତି ପ୍ରେମପ୍ରଣୟରେ ଦ୍ରବେ
ବାଧେ ସାତ୍ତ୍ୱିକ ତନୁ ପୁଲକ ପ୍ରେମଅଶ୍ରୁ ସ୍ୱେଦସ୍ରବେ ॥
ସ୍ତମ୍ଭିତହୋଇ କମ୍ପିତଦେହ ଅଙ୍ଗେଅଙ୍ଗ ଅବଲମ୍ବ
ଉର ଉରଜେ ବନ୍ଧନଭୁଜେ ବେନିଏକ କରେକାମ ॥
ଚନ୍ଦ୍ର ଚନ୍ଦନୁ ଶୀତଳତନୁ ଦେହ ବୁଦ୍ଧି ପାଶୋରିଲେ
ମଦନଖେଳେ ଉନ୍ମଦଯୁଗଳେ ଚମ୍ପକ ଲୋଡ଼ାରତନେ ॥
ଲଳିତା ଆଦି ଲତା ଆଚ୍ଛାଦି ଶୁଣନ୍ତି ପ୍ରତି ମଳନ୍ତି
ସୁଖ ସାଗରେ ଆନନ୍ଦଭରେ କଥାମୃତ ଆସ୍ୱାଦନ୍ତି ॥
ଏକକୁ ଆରେ ଅଙ୍ଗୁଳି ଠାରେ ଦେଖାଇ ଇଷିତେ ଭାଷେ
ସଖୀ ବେଭାର ଦେଖ ଆମ୍ଭର ହରି ବଶକରି ରସେ ॥
କୃଷ୍ଣଙ୍କ ବଞ୍ଚ ଭଲ ଗୋ ଲୁଚି ରହିଲେ ସଖୀ ଆମ୍ଭର
ଆରକ ଭଣି ହରିତା ଜାଣି ଆଣିଲେ ମଧୁ ବେଭାର ॥
କେ ବୋଲେ ଯେମା ଘନ ଚନ୍ଦ୍ରମା କେମନ୍ତ ଉପମା ଛଳେ
କେ କହେ ହରି ବଚନେ ପୂରି ଭଲ ଛଳ ଉଦ୍ଧରିଲେ ॥
ଅଷ୍ଟ ସାତ୍ତ୍ୱିକ ଘନ ରୂପକ କେମନ୍ତେ କଲେ ମଣ୍ଡନ
ବୋଲେ ଭେ ସଖି ହରି ଯା କହି ଶୁଣିଲି ଠିକ ଖଣ୍ଡନ ॥
ଚତୁରା ମଣି କାନ୍ତକୁ ଜଣି ପ୍ରତି ଉକତି କି ଖଣ୍ଡି
ଛଳିଲେ ବାମେ ମିଳିଲେ ପ୍ରେମେ ଅଙ୍ଗେ ଅଙ୍ଗେ ରସ ଜଡ଼ି ॥
ବଚନ ରସେ ରସିକ ତୋଷେ ରମଣୀରେ ବଶ ହେଲେ
ଦେବାକୁ ଦ୍ରବ୍ୟ ଅଯୋଗ୍ୟ ସବୁ ଦେଖି ଭାବେ ଅଙ୍ଗ ଦେଲେ
ଚତୁରୀ ମଣି ଅମୀୟ ବାଣୀ ବିଦଗଧ ରସେ ଭାଷେ
ପାଷାଣ ଶୁଣି ହୋଇବ ପାଣି ନାଗର କଏ ନ ରସେ ॥
ମଦନ ଖେଳେ ଉନ୍ମ ଯୁଗଳେ କେମନ୍ତ ଶୋଭା ଦିଶନ୍ତି
ପ୍ରଥମେ ଅଷ୍ଟସଖୀ ଗଣେସୁ ଉପମା ଛଳେ ଭାଷନ୍ତି ॥
ଲଳିତା କହି ଶୁଣ ଗୋ ସହି ମୋତେ ଏମନ୍ତ ଦିଶିଲେ
କରକା ତଳ ମାଳ ଶଇଳ କି ଯୋଗେ ଦ୍ରବ ମିଶିଲେ ॥
ଏ ମହା ଯୋଗ ଜାଣେ ଅନଙ୍ଗ ଅନ୍ୟେଣ ଗୋଚର ନୁହେଁ
ଏ ବୃନ୍ଦାବନ ଦେଖି ସ୍ତମ୍ଭନ ସ୍ତମ୍ଭି ହୋଇ ରହେ ଦୁହେଁ ॥
ତେଣୁ ଲଳିତେ ମଳୟ ବାତେ ବନ ସନମାନ କରେ
ପୁଷ୍ପ ହରିଷେ ମଧୁ ବରଷେ ମଙ୍ଗଳ କୋକିଳ ସ୍ୱରେ ॥
ବିଶାଖା ବୋଲେ ପ୍ରେମ ସାଗରେ କଳ୍ପତରୁ ବାଞ୍ଛା ଲତା
ରୂପେ ତମାଳ ହେମ ମଞ୍ଜୁଳ ନବଢ଼େ ମଣି ଶୋଭିତା ॥
କରି ବିଶାଖେ ଏକ ଆରକେ ଛନ୍ଦାଛନ୍ଦି ନନ୍ଦନରେ ॥
କରଜ ପୁଷ୍ପ ହାସ-ବିକାଶ ପୟୋଧର ଫଳ ଧରେ

ଏହାଙ୍କୁ ସେବି କାମନା ଲଭି କାମେ ପ୍ରଭବ ନୋହିବା
କଳ୍ପ ଲତିକା ବିଧି ନାୟିକା ରସାନୁଭବୀ ହୋଇବା
ବୋଲନ୍ତି ଚାନେ ଦେଖ ବିଚିତ୍ର ମଦନ କେଳି ନାଟକ
ଚିତ୍ର ପ୍ରତନ ହରିତ ଶ୍ୟାମ ପ୍ରେମ ରସେ ବେନି ଏକ ॥
ଗତି ଲଟକ ରତି ନାଟକ ଚତୁଃଷଷ୍ଟି ବନ୍ଧ ଖଞ୍ଜି
କୁସୁମ ଶର ଭବେ ଧୁର୍ଗୁର କରନ୍ତେ ମନକୁ ରଞ୍ଜି ॥
ଆପଣେ ଗୃହୀ ହୋଇଲେ ମୋହି ଦେହ ହଜାଇଲେ ଯେଣୁ
ସୂତ୍ର ଗୁଳକ ତନୁ ନାଟକ ପ୍ରତିମା ସ୍ତମ୍ଭକ ତେଣୁ ॥
ଚମ୍ପକଲତା ଭାବେ ବଳିତା କାମ ବିଶ୍ୱକର୍ମା ଗଢ଼ା
କାଞ୍ଚନ ପୁରି ମାଳା ଚାନ୍ଦରି ମାଳ ପୁରେ ହେମ ବେଢ଼ା ॥
ଶୃଙ୍ଗାର ରସ କଳା ବିଶେଷ ପଢ଼ନ୍ତେ ମୁଦ୍ରଣ ଥାଏ
ଅନ୍ତରେ ରହି ସୁଖ ଲଭଇ କୋଷକାର କୀଟ ପ୍ରାୟେ ॥
ମକରାନନେ କୁଣ୍ଡଳ କର୍ଣ୍ଣେ ଚିହ୍ନ ଦେଖି କୁଚ ଶମ୍ଭୁ
ହୃଦୟ ଭେଦ କରେ କି ସନ୍ଧି ରତି ବନ୍ଧୁ ରିପୁ ଭାବୁଁ ॥
ସେ ରଙ୍ଗ ଦେବୀ ଉପମା ଭାବି ବୋଲନ୍ତି ଶୁଣ ସଜନୀ
ନବ ନୀରଦେ ବିଦ୍ୟୁ ଆଚ୍ଛାଦେ ନିଶ୍ଚଳ ପ୍ରଣୟେ ସେନି ॥
ଲାବଣ୍ୟ ବାରି ବରଷା କରି ଲୋଚନ ଚାତକ ମୋଦ
ଏ ଘନ ଦେଖି ସକଳେ ସୁଖୀ ବନ ଭୂମି ସୁଖପ୍ରଦ ॥
ସୁଦେବୀ ଭାଷେ ଅତି ସରସେ କାଳନ୍ଦୀରେ ଜମ୍ବୁ ନଦୀ
ଉଜାଣି ଟେକି ରହିଲେ ଥକି ଏକ ଆରକକୁ ଭେଦି ॥
ଏକଇ ସଙ୍ଗେ କୂଳକୁ ଲଙ୍ଘେ ପ୍ରେମେ ପୂରି ଉଚ୍ଛୁଳିଲେ
ଖେଳନ୍ତା ମୀନ ନୟନ ମନ ଆନନ୍ଦ ଭାବେ ରହିଲେ ॥
ହେମ କମଳ ନୀଳ ଉତ୍ପଳ ବଦନ ମଣ୍ଡଳ ଶୋଭା
ବାହୁ ମୃଣାଳ ମୃଦୁ ମଞ୍ଜୁଳ କୋକନଦ କର ଆଭା ॥
ଉରଜ ଚକ୍ରବାକ ଆନନ୍ଦ କାଳନ୍ଦୀରେ ବସା ସଞ୍ଚି
ରଜନୀ ଭ୍ରାନ୍ତି କମ୍ପି ଦମ୍ପତି ଶରଣ ପଶି କି ଲୁଚେ ॥
ବୋଲନ୍ତି ତୁଙ୍ଗବିଦ୍ୟା ଏ ହେତୁ ଆନର ହୋଇଛି କାହିଁ
ରସିକ ବନ୍ଧୁ ଧଇର୍ଯ୍ୟ ସିନ୍ଧୁ ଏକାକୀ ମନ୍ଥର ଯାଇ ॥
କୁଚମନ୍ଦର ମନ୍ଥି ହୃଦର ଭୁଜ ଉରଗରାଜରେ
ରତ୍ନ ଚନ୍ଦନରେ ଖଣ୍ଡୁଆ ବନ୍ଧରେ ନାନା ରମ୍ୟ ଜାତ କରେ ॥
ଚୂଡ଼ି କଙ୍କଣ ମୁଦ୍ରିକା ଚନ୍ଦ୍ର ଦଶ ଦରପଣ ତଳ ମିଳି
ଅନୁରାଗରେ ବେଣୀ ଭାଗର ସରସ ମରସ କଳି ॥
କାମ ତରଳ ତେଜ ପ୍ରବଳ ଶିବ ମାଳ ଅଙ୍ଗେ ଧରେ
କୃଷ୍ଣ ସୁମନେ ପିୟୁଷ ପାନେ ଯୁବତୀରତ ଶ୍ରୀହରେ ॥

ବୋଲନ୍ତି ଇନ୍ଦୁରେଖା ଏବିଧି ଏକ ଅଙ୍ଗ ଅର୍ଦ୍ଧେ ଅର୍ଦ୍ଧେ
ବେନି ଜନମେ ଭାଦ୍ରବାଷ୍ଟମେ ଶ୍ୟାମ ଗୌରର ଦ୍ୱିବିଧ ॥
ଏ ପୌର୍ଣ୍ଣମାସୀ ବିଧାନେ ମିଶି ପୂର୍ଣ୍ଣତମ ବୃନ୍ଦାବନେ
ମହା ମୋଦରେ ଆହ୍ଲାଦରେ ତରୁ ଲତା ଜୀବଦାନେ ॥
ଚିତ୍ରା ଧନିଷ୍ଠା ବିଶାଖା ଜ୍ୟେଷ୍ଠା ଅନୁରାଧାଦିରେ ଶୋହେ
ପ୍ରେମ ଅମୃତ ବେନି ପୂରିତ ଲୋଚନ ଚକୋର ପ୍ରାୟେ ॥
ଏ ଅଷ୍ଟବାଣୀ ଧନିଷ୍ଠା ଶୁଣି ବୋଲେ ଏ ବିନ ମଙ୍ଗଳ
ସ୍ୱଗୃହେ ଆସି ଭୋଗବିଳାସୀ ରାଧାରେ ବିହି ନିଷ୍ଠୁଳ ॥
ହେମାଦ୍ରି କୁଚେ ଏ ଘନଲୁଚେ ଦୃଷ୍ଟି ବୃଷ୍ଟି ତେଣୁ ନୋହୁ
କନ୍ଦର୍ପ ନୃପ ନାଶିବ ଦର୍ପ ଭଲେ ନଈହେବା କେହୁ ॥
ଏ ଉଚ୍ଚପାତେ ଅତନୁଘାତେ ମହା ରକ୍ଷଣ ହେବ
ହାର ବସନ ମଧ୍ୟ ଚନ୍ଦନ ଅଙ୍ଗଦେଶୁଁ ଜରସିବ ॥
ପୀରତି ହୋଇ ସୁରତି ଦେଇ ସୁର ମଙ୍ଗଳ ପାଠକୁ
ତନୁ ସୁବର୍ଣ୍ଣ କରସି ଦାନ ମହାଗ୍ରହ ଅରିଷ୍ଟକୁ ॥
ବୋଲନ୍ତି ଜ୍ୟେଷ୍ଠା ଦେଖ ଏ ନିଷ୍ଠା କୃଷ୍ଣ ଗ୍ରହରାଜ କନ୍ୟେ
ଭୃଙ୍ଗ ପ୍ରଶସ୍ତ ବିହିତହସ୍ତେ ମୁଖ ଚନ୍ଦ୍ର ସୁଧା ପାନେ ॥
ନୟନ ମୀନେ ଚିତ୍ତ ଚଳନେ ଶାନ୍ତ ଶୋଭା ଅମୃତରେ
ଯୋଗେ ଯୁଗଳ ଶୁଦ୍ଧ ସକଳ ଉତ୍ସାହ ଲୋକ ସ୍ତମ୍ଭରେ ॥
ମିହ ସହୃଦେ ଉତ୍ତରଭଦ୍ର ଚତୁର୍ଦ୍ଦେଶ ବିଲୋକିତ
ଅନୁରାଗରେ ବନ ଭାଗରେ ଉପରାଗରେ ବିହିତ ॥
କହନ୍ତି ବୃନ୍ଦା ପ୍ରେମପ୍ରସିଦ୍ଧା ଦେଖ ଏ ପ୍ରେମସାଗରେ
କାମ ସାଧବ ରାଧା ମାଧବ ବୋଇତ ସାଙ୍ଗୋପାଙ୍ଗରେ ॥
ନାନାରତନେ ମଣ୍ଡି ଯତନେ ରଖି କାମ କଳାନିଧି
ମଧୁର ରଙ୍ଗ ଲୀଳା ବିଶେଷ ଶେଷ ନପାଇ ଯ ବିଧି ॥
କୁଚ-କଳସ ଅମୂଲ୍ୟକୋଷ ସାତକୁମ୍ଭ ରସ ପୂର୍ଣ୍ଣେ
ସାତ୍ତ୍ୱିକ ବାତମେଲି ବୋଇତ କାମ ମାଳବ ବିଧାନେ ॥
ମହା ଲଙ୍ଗଳେ ଅବଶ୍ୟାନରେ ନିଷ୍ଠୁଳ ଚଉପୂରେ
ଭୁଜ ରଜ୍ଜୁରେ ନିବନ୍ଧନରେ ବିଚ୍ଛେଦ ବାତ ଭୟରେ ॥
ବାଣିଜ୍ୟ ଭାବ ବହୁତଲାଭ ମନ ଧନ ଦେଇ ଯେନ
ଅମୂଲ୍ୟଭାବ ସମନୋଦ୍ଭବ ଦେବ ନିଜ ଯଉବନ ॥
ତୁଳସୀ ଭାଷି ଦିବସ ନିଶି ବେନିମିଶି ମୂର୍ତ୍ତି ଏକ
ତପନଶଶୀ ଗଗନବାସୀ ହାର କୁଣ୍ଡଳ ତାଟଙ୍କେ
ଅରୁଣାଧର ସନ୍ଧ୍ୟା ଯୁଗଳ ଧ୍ୟାନ ମଧ୍ୟାହ୍ନ ନିଶୀଥ
ଅଷ୍ଟକାଳରେ ମିଳେ ଯୁଗଳେ ଅବିଶ୍ରାମ ମନ୍ମଥ ॥

ରଜନୀକର ଦିବାକରକୋଳ କ୍ଷପା ଦିବାକର କୋଳେ
ନୟନ ପଦ୍ମ ମନ କୁମୁଦ ମୋଦେ ରହେ ସଙ୍କୋଚରେ
ଏ ମହାଭାବ ପରମ ଲାଭ ସମ୍ଭୋଗ ସୁଖ ନରୁଚେ ॥
ନେତ୍ର ସମ୍ପଦ ପରମ ପଦ ଦେଖି ମୋଦମନେ ବଞ୍ଚେ ॥
ରୂପମଞ୍ଜରୀ କହେ ବିସ୍ତାରି ମହାନଜଳ ତିଳକ
କୁଙ୍କୁମ ମୃଗମଦ ବିଭାଗ ବିଚିତ୍ରରାଗ ବିଲୋକ
କେଉଁ ସିନ୍ଦୂରୀ ସୂକ୍ଷ୍ମକରି ବିଚିତ୍ରିତ ଲେଖିଲା
ମୋଚନ ଦୁଃଖ ଲୋଚନସୁଖ ଧନ୍ୟତା ଯେହୁ ଦେଖିଲା ॥
ରଙ୍ଗମଞ୍ଜରୀ ଭାଷେ ବିଲୁରୀ ଯେମା ଉପରେ ଶମ୍ଭୁ ରହେ
ନନ୍ଦନନ୍ଦନ ନବ ମଦନ ଦେଖିଣ କମ୍ପିତ ଭୟେ ॥
ଶରୀର ପଣି ଅଙ୍ଗରେ ମିଶି ନିଜ ଆଭରଣ ଯେନ
ଉମ୍ଭକନ୍ତି କଳାଟପଟି ଅର୍ଦ୍ଧଚନ୍ଦ୍ର ଫଣୀବେଣୀ ॥
କାମରେ ତୋଷ ରତିରେ ବଶ ପ୍ରୀତି ଅଭେଦରେ ରହେ
ହୃଦୟଲାଗି ଶୀତଳଭାଗୀ ମହାଜ୍ୱାଳା ନାଶ ହୁଏ ॥
ରସମଞ୍ଜରୀ କହେ ବିସ୍ତରି ମୂର୍ତ୍ତିମନ୍ତେ ରସକଳା
ଶ୍ରୀ ବୃନ୍ଦାବନେ ପରୀକ୍ଷଣେ ବିସ୍ତାରି ଶୃଙ୍ଗାରଲୀଳା ॥
ମହନଦେବ ଅମୂଲ୍ୟଦ୍ରବ୍ୟ ବୋଲିକି ରଖିଲେ ମୁଦ
ହୃଦୟ ତଟେ କୁଚ ସମ୍ପୁଟେ ଶ୍ୟାମରସ ଅନୁବାଦ ॥
ଏମନ୍ତେ ସଖୀ ମଞ୍ଜରୀ ଦେଖି ନାନା ଉପମାରେ ଛଳ
ଏକ ଆରକେ ମତ୍ତ ଉଦ୍ରେକେ ଆନନ୍ଦସିନ୍ଧୁ ଉଚ୍ଛୁଳ ॥
ଲତାର ମୂଳେ ସଲିଳ ଦେଲେ ପତ୍ର ପୁଷ୍ପ ଶୋଭାଯେହ୍ନେ
ରାଧା ମାଧବ ମିଳନଭାବ ସଜନୀ ହରଷ ତେହ୍ନେ ॥
ଯେ ରସେ ରହେ ସେହିରସେ ବୁଝେ ନବୁଝେ ଆନ ଉପାସୀ
ଏ ଦୀନଦାସ ମତ ଲାଳସ ସଖୀ ଦାସୀ, ଦାସୀ, ଦାସୀ
ଏମନ୍ତେ ତହିଁ ଦେଖାଇ ହୋଇ କୁନ୍ଦଲତା ତହିଁ ଭାଷେ
ମଦନ ରାଜା ନୋହୁଁ ପରଜା ଦଣ୍ଡ ଦେଉଛ କି ଦୋଷେ ॥
ବଳେ ଧରାଇ ଉଭାକରାଇ ସାରଣା କରୁଣ ଅଛ
ଉଗ୍ରଅନଳ କି କି ଯେ ବୋଲି ରାଣେ ମଣ୍ଡଳୀ ଦେଉଛ ॥
ସ୍ତନରେ ଉଚ୍ଚ ଡଳେ ନଚଳ ତାକୁ କମ୍ପାଏ ତେଣ୍ଡ ଯନ୍ତ୍ର
ରାଇଉରଜ ଶମ୍ଭୁକୁ ପୂଜ ପାଣିପଦ୍ମ ଦେଇନିତ ॥
ଅନୁ ବରତେ ରାଧା ନେହାନ୍ତେ ଅନୁସରି ଯେଉଁ କାମ
ବିବେକହୀନେ ନକରମନେ ଦଣ୍ଡ ଦେଇ କି ସେ କ୍ଷମ ॥
ବାମ ଉତ୍କଣ୍ଠି ଶୁଣି ଦମନ୍ତି ଦେହ ବୁଦ୍ଧିକି ପ୍ରସରେ
ସଖୀ ସମାଜେ ଲୌକିକ ଲାଜେ କୋଳତେଜ ଅବସରେ ॥

କୃଷ୍ଣର ଅଙ୍ଗେ କୁଙ୍କୁମସଙ୍ଗେ କୁଚସଙ୍ଗ ପ୍ରକାଶଇ
ପ୍ରେମ ସମୂହରେ ହୃଦପୁଟରେ ଚୂଡ଼ ସଞ୍ଚାର ହସଇ ॥
ଯେ ଅଙ୍ଗରାଗ ଲାଗି ସୁଭଗ ବେନି ତନୁ ଶୋଭା ହସେ
ସଖୀ କରେଛି ଦେଖିଣ ସୁଖୀ ନୟନମନ ସନ୍ତୋଷେ ॥
ଜାଣି ଶ୍ରୀମତୀ ସଙ୍କୋଚ ଚିତ୍ତ ବାମ ଭ୍ରୂବ ଉନ୍ନାଇ
ବାମ ଲୋଚନା କରେ ତର୍ଜନା ଉଗ୍ର ନାକର ଚଢ଼ାଇ ॥
ବନରେ ଥାଇ ଗାଈ ଚରାଇ ବଳେ ଧର କୁଳସ୍ତ୍ରୀ ସୀ
ରାଜାକୁ ଡର ନାହିଁ ତୁମ୍ଭର ବଡ଼ା ଅର୍ଘାଦ ସହାର ॥
ନାଟୁଆ ବେଶେ ଅଇଲ ପାଶେ ଛୁଇଁଲ ଏଡ଼େ ଭରସା
ଶାଶୁ ଜାଣିଲେ ଯିବ କି ଭଲେ ଥିଲା ମତେ ଏତେ ଦଶା ॥
ତୁମ୍ଭଙ୍କୁ ଲୁଚି ଯାଆନ୍ତେ ବନ୍ଧୁ ଯୋଗରେ ପଡ଼ିଲ ଭେଟ
ତୁମ୍ଭର ପୁଣ ସେ ଭଲପଣ ଜଣାଗଲା ଗୁଡ଼ ବାଟ ॥
ବୋଲନ୍ତି ହରି ଶୁଣ ସୁନ୍ଦରୀ ହଅ ଆମ୍ଭ ଘାଟ ଦାନ
ରାଜାଙ୍କୁ କେତେ ଡରାଅ ମୋତେ ପଣ, ମୋ ଠେକରୁ ଆନ
ଅଞ୍ଚଳ ଧରି ଘଞ୍ଚାଲ କରି ଦାନଦେ ଦାନଦେ ବୋଲି
ଏ ବୃନ୍ଦାବନେ ବଡ଼ିମା ପଣେ ନିତି ଯାଅ ଫୁଲ ତୋଳି ॥
ଲଳିତା ଧାଇଁ ବାସ ଛଡ଼ାଇ ବୋଲେ ଭଲ ଘଟୁଆଳ
ଅବୋଧ ନାରୀ ପଣନ୍ତ ଧରି କମ୍ପାଇ କରୁଛ ଗୋଳ ॥
ବଳିଷ୍ଠ ହୋଇ ଗରିଷ୍ଠ ନୋହି ଅବଳା ସଙ୍ଗରେ ଲାଗ
ଆଗ ଉଗାଳ ଜଞ୍ଜାଳ କରି ତୁଚ୍ଛକୁ କି ଘାଟ ମାଗ ॥
ଧର୍ମକୁ ଆଜ ଜାଣିବ କାହୁଁ ବନଚର ହୋଇ ବଞ୍ଚ
ରାଜାଙ୍କୁ ଖତ ନକରି ଲାଞ୍ଚ ଦେବା ପଥ ଗୁଡ଼ ଘଞ୍ଚ ॥
ଦେବତା ପୂଜା ସେ ବଳଭେଜା ଦେବା ଏଥି କୁଞ୍ଜେ ଥାଅ
ଯୁବତୀ ଗଣେ ପୁରୁଷ ଜଣେ ଅପଖ୍ୟାତି ନ ହଆଅ ॥
ଏମନ୍ତ ଭାଷି କୃଷ୍ଣଙ୍କୁ ତୋଷି ଶୁଭ୍ରକେଶୀ ଚଳିଗଲେ
କୃଷ୍ଣବିଳାସେ ମତି ଉଲ୍ଲାସେ ବନେ ପଶି ଫୁଲ ତୋଳେ ॥
ରସିକ ମଣି ଚତୁରୀ ବାଣୀ ଯେନ ସେହି କୁଞ୍ଜେ ରହେ
କାମ ଚେଷ୍ଟାରେ ଉତ୍କଣ୍ଠାରେ ଧଇର୍ଯ୍ୟ ଧାରଣା ନୁହେ ॥
ଉହାଡ଼େ ବସି ନେତ୍ର ନିବେଶି ରାଧା ଗମନ ପଥକୁ
କାହିଁ ନ ରସେ ସେହି ସେ ହସେ ବଢ଼ାଇ ମନୋରଥକୁ ॥
ପଲ୍ଲବ ପାଡ଼ି ଶେଜ ସଜାଡ଼ି କୁସୁମ ପାଖୁଡ଼ା ସିଞ୍ଚି
କାମନାଭରେ ଭାବନା କରେ ନାନା ଉପହାର ସଞ୍ଚି
ବିଚ୍ଛୁରିର ଚିତ୍ତେ ଉତ୍ସାହମତେ ନବ କୁଳବତୀ ବାଳା
ବଚନେ ବନ୍ଧି ଗଲା ବା ଲୁଚି ଲୋକ ଲାଜେ ଭୟ କଲା ॥

ପରିରମ୍ଭଣ ସଜନୀଗଣ ଦେଖନ୍ତେଣ ଲାଜ ପାଇ
ପୁଣି କେମନ୍ତେ ଆସିବ ଏଥେ ବଶୁରକୁ ନ ଯୋଗାଇ ॥
ଧଇର୍ଯ୍ୟ ମନେ ଭରସା ଚିତ୍ତେ ସତ୍ୟବାଦୀ ପୁଣ ସେହି
ଦେବତା ପୂଜା ଦେବାକୁ ଭେଜା ଯାଇଛନ୍ତି ମୋତେ କହି ॥
ସଙ୍କେତେ ରଖି ଚତୁରୀ ସଖୀ ଫୁଲତୋଳା ଗଲେ ରଙ୍ଗେ
ପ୍ରିୟ ସଜନୀ ମେଳରେ ଯେନ ମିଳିବେ ଏ ମୋର ସଙ୍ଗେ ॥
ପ୍ରାଣ ବାନ୍ଧବୀ ପ୍ରେମମଣେ ଦୃଢ଼ ଆଲିଙ୍ଗନ ଯେବେ କରେ
ଧଇର୍ଯ୍ୟ ଧରି ରଖି ନପାରି ଚେତା ବୁଡ଼ କାମ-ଜଳେ ॥
ଏବେ ମିଳିଲେ ଯିବ କି ଭଲେ ରସବତୀଶିରୋମଣି
ସୁରତିରଣେ କେ ହାରେ ଜିଣେ ଅଜ ବୁଝି ପରମାଣି ॥
ଚିନ୍ତି ମନରେ ଛନଛନରେ ଏମନ୍ତେ ଚଞ୍ଚଳେ ଭ୍ରମେ
ମଦନ ବଳେ ହରି ବହିଲେ ଝଲଝଲ ତନୁ ପ୍ରେମେ ॥
କଙ୍କଣ ଧ୍ୱନି ଯେ ହରେ ଶୁଣି ସେ ହରେ ନୟନ ଡେରି
ଅଇଲେ ଜାଣି ବାହାରି ପୁଣି ପଥ ଯାଇ ଅନୁସରି ॥
କେତେହେଁ ଦୂରେ ଯାଇ ବହୁରେ କୁଞ୍ଜେ ଆସିଥିବେ ପରି
ଲୋଡ଼ନ୍ତି ଆସି କୁଟିରେ ପଶି ନ ଦେଖି ଲାଗଇ ହରି ॥
ତନୁ ଚମକେ ଉର ଦମକେ ଅପ୍ରତେ ସଖୀ ବଚନେ
ନିଶ୍ଚେଷ୍ଟ ନଇଲେ ଭୁଲଇ ଗଲେ ଚିନ୍ତ ଲୋଚକ ନୟନେ ॥
ଅଧୈର୍ଯ୍ୟ କାହ୍ନୁ କୁସୁମ ଧନୁ ବିନ୍ଧଇ ତନକୁ ଯୋଖି
ରାଧା ଉଦ୍ଦେଶି କାନନେ ପଶି ପୁଞ୍ଛ ହରି ଶାରି ଦେଖି ॥
ଯୁବତୀଗଣେ ନାୟିକା ଜଣେ ଦେଖିଲ କି ଗଲା ଏଣେ
ଚିତ୍ତ ଚୋରାଇ ଯେନି ପଳାଇ ଲୋଡ଼ ମୁଁ ପାଇବ କେଣେ
ଶାରିକା ଭାଷି ହେ ବନବାସି ଚିତ୍ତ ଚୋର ତବ ହସ
ତୁମ୍ଭର ତହୁଁ ଅଧିକ କେହୁ ଅବଳାକୁ ହଅ ଦୋଷ ॥
ସେ କୁଳବତୀ ତୁମ୍ଭକୁ ପ୍ରୀତି ସମ୍ଭାଳି ମସ୍ତକେ ରଖି
ଦେଖାଇ ହୁଅ ଚୋରିକେ ନୋହି ତୁମ୍ଭ ଯୋଗୁଁ ସେହି ଦୁଃଖୀ ॥
ବୋଲଇ କୀର ଶ୍ୟାମ ସୁନ୍ଦର ମୋତେ ଚୋର ସେ ବାଳୀ
ତୁମ୍ଭର ପ୍ରେମ କହୁ ଗାୟନ ଏ ବନେ କୁସୁମ ତୋଳି ॥
ଖଣ୍ଡେ ଏ ବାଟ ଗଲେଣି ଭେଟ ପାଇବ ଯୁବତୀବୃନ୍ଦ
ଶୁକର ବାଣୀ ସାନନ୍ଦ ଶୁଣି ତହୁଁ ବଜ ଯୁ ଗୋବିନ୍ଦ ॥
ଏମନ୍ତ ରାଧା ବନ୍ଧଛନ୍ଦେ ବାଧା ବିହ୍ୱଳ କୁସୁମ ତୋଳା
ମଦନାନଳେ ତନୁ ତରଳେ ନୁଆଁଇ ନ ପାରେ ଡାଳ ॥
ତୋଳିବା ମୁଠି ପଡ଼ଇ ଫିଟି ଫୁଲ ବୋଳା ପର ତୋଳେ
ମନ ଚଞ୍ଚଳେ କର ନ ଚଳେ କଣ୍ଟକ ବିହ୍ୱଳ ଭୋଳେ ॥

ମଦନ ମତେ ବିକାର ଯେତେ କହେ ସଖୀଙ୍କି ବଞ୍ଚାଇ ॥
ଅଳସ ହୋଇ ପ୍ରରଇ ହାବ ନୂହେ ସମ୍ଭାଳ ଲୁଗୁର ॥
ବଲ୍ଲଭ ଯେଣେ ଗୁହିଁଇ ତେଣେ ଆହା ବୋଲି ଦୁଃଖ ମନେ
ଲୀଳା କମଳ କାହିଁ ମୋହର ଗୁଡ଼ ମୁଁ ଅଇଲି ବନେ ॥
ଏମନ୍ତ ବୋଲି ସେ ବନ୍ଧୁ ଚଳି ଗହନ ବନରେ ମିଳେ
ଏକ ଆରକେ ମନ୍ତ୍ର ଉତ୍ସୁକେ କୁସୁମ ତୋଳିବା ଛଳେ ॥
ନୃପ ନନ୍ଦନା ଯତନେ ବଣା ଲତା ଅଭ୍ୟନ୍ତରେ ଗଲେ
ସଙ୍କେତ ସ୍ଥାନେ ମିଳି ଗୋପନେ କାନ୍ତ ନ ଦେଖି ଆକୁଳେ ॥
ଶ୍ରୀବନମାଳୀ ଏ ବନେମିଳି ଦେଖିଲେ ସଜନୀଗଣ
କୁସୁମ ତୋଳି ବନରେ ବୁଲି ଲତାକରେ ଜଣ ଜଣ ॥
ରାଈ ନ ଦେଖି କମଳଆଖି ଖେଦ ଲଭି ଚିନ୍ତେ ମନେ
ମୋ ପ୍ରାଣ ସହି ମଦନେ ଦହି ଲୁଚିସେ ରହିଲେ ଏଣେ ॥
ନବ ତରୁଣୀ ଚତୁରମଣୀ ହୃଦୟ ନୋହିଲା ଜାଣି
ପ୍ରିୟସଖୀଙ୍କି ନ କହି ନିକି କେଣେଗଲେ ପ୍ରାଣଧନୀ ॥
ଏମନ୍ତ ଭାଳି ଶ୍ରୀବନମାଳୀ ସଜନୀଙ୍କି ମିଳି କହି
ଭ୍ରମୁଛ ଅନ୍ଧ ଫଳ ତୋଳୁଛ ରାଇପୁଣ ଗଲେ କାହିଁ ॥
କୃଷ୍ଣର ବାଣୀ ଶୁଣି ତରୁଣୀ ରାଈଙ୍କି ନ ଦେଖି ପାଶେ
କୁସୁମ ତୋଳା ତେଜିଣ ବାଳା ଲୋଡ଼ି ଏକ ଆରେହସେ ।
କେବୋଲେ ବଣା ନୃପ ଦୁଲଣା ଫୁଲତୋଳି କେଣେଗଲେ
କେବୋଲେ ମୁହିଁ ଥିଲି ଅନାଇଁ ଚମ୍ପକ ମୂଳରେ ଥିଲେ ॥
କେବୋଲେ ପୂରେ ଶାଖୁଣ୍ଡରେ ଗଲେଅବା ଏକା ହୋଇ
କେଉଁ ଶଙ୍କାଟେ ଏତେ ଆକୃଟ ଭାଲେ ଆମ୍ଭଙ୍କୁ ନକହି ॥
କେବୋଲେ ଥିଲେ ମାଧବୀ ତଳେ ଅଙ୍କରେ ଫୁଲ ତୋଳେ
ମୁଖରେ ଆସି କି କାନସ ହସି ମେଲକରେ ଅବା ନେଲେ ॥
କେବୋଲେ ଆଜ ପଙ୍କଜେ ସୂର୍ଯ୍ୟ ଆରେଣି ଜଟିଳା ଆସି
ବିଳମ୍ବ ଜାଣି ତରୁଣୀ ମଣି ଗଲେବା ଆମ୍ଭଙ୍କୁ ରୁଷି ।
କେବୋଲେ ଶିଖ ମୟୂର ନୃତ୍ୟ ଦେଖୁଥିବେ ଅବା କାହିଁ
ତମାଲ ଦ୍ରୁମ ଶେଷ ଉପମ ହୋଇଥିବେ ଅବା ଗୁହିଁ
କେବୋଲେ ଗାତ କରି ପବିତ୍ର ଯମୁନାସ୍ନାନେ କି ଗଲେ
ଦେଖିବା କୃଷ୍ଣସାରକୁ ତୃଷ୍ଣ ହୋଇଣ କାହିଁ ରହିଲେ ॥
ଏମନ୍ତେ ସଖୀ ରାଈ ନ ଦେଖି ଦୁଃଖଭରେ ବିଚ୍ଛେଦରେ
ଗୋକୁଳ ଖାର ଶୁଣି କାତର ମନସିଜ ଆରତରେ ॥
ବିରହ ଭରେ ନିଃଶ୍ୱାସଖରେ ଦମ ଦମ ହୋଆପଡ଼େ
ମଦନ ଦୁଃଖେ ବଦନ ସୁଖେ ବନେବନେ ପଶି ଲୋଡ଼େ ॥

ଏମନ୍ତେ କେତେ ଦୂରର ଅନ୍ତେ ଚନ୍ଦ୍ରାବଳୀ ଆଳୀଭେଟେ
ସଖୀ ବିରହେ ଛଳକୁ ବହେ କୃଷ୍ଣଙ୍କୁ ନେବା ଉଚାଟେ ॥
ଏକାନ୍ତେ ଦେଖି କମଳ ଆଖି ମିଶାଇଣ ଅନେଗ କହେ
ଚନ୍ଦ୍ରବଦନୀ ମୋ ପ୍ରାଣଧନୀ ବିନ୍ କାମତନୁ ଦହେ ॥
ଜଗିଣ ବାଟ ନ ପାଇଭେଟ ସେ ଗେ ଦେଖିଲୁ ତୁମ୍ଭଙ୍କୁ
ସଖୀ କୁଶଳ କହ ସକଳ ଲୋଡ଼ୁ କି ଥାଅ ଆମକୁ ॥
ଏତେଡ଼କ ରୋଷ କେବଣ ଦୋଷ କରିଛୁଁ ଘେନିଛ ମନେ
ମୋହର ପାଇଁ ପାଣେ ଜଣାଇ ଘେନାଇ ନଗଲ ବନେ ॥
ପଦ୍ମା ଶୈବ୍ୟାଦି ରସାନୁବାଦୀ ବୋଲନ୍ତି ହେ ବନମାଳୀ
ରାଧିକା ପ୍ରୀତି ସର୍ବ ସମ୍ପତ୍ତି କି କରିବେ ଚନ୍ଦ୍ରାବଳୀ
ଏହି ସମୟେ ପ୍ରବେଶ ହୁଏ ସୁବଳ ମଧୁମଙ୍ଗଳେ
ଦେଖି ଗୋବିନ୍ଦ ମନ ସାନନ୍ଦ ସୁବଙ୍କ ହସନ୍ତି ଛଳେ ॥
ରସ ସମୁଦ୍ର ସେ ପୂର୍ଣ୍ଣଚନ୍ଦ୍ର ଅମୃତମୟ ମୂରତି
ତାହାର ଛବି ଏ ବନଭୂମି ଶୋଭନ୍ତି ନେନ୍ତ୍ର ସମ୍ପତ୍ତି ॥
ଯା ଆହ୍ଲାଦ ମୁରସମ୍ପଦ ଜଗତ ଆନନ୍ଦ କରେ
ରାଧାଦି ତାର ଅଦ୍ଭୁତ ପର ପାଶେ ବର୍ଣ୍ଣି ଅନୁସାରେ ॥
ଯା କଲ୍ପ ଏକ ଧରି ମସ୍ତକ ହରହରେ ଗର ଜ୍ୱାଳା
ଜଗ ଉଜ୍ଜ୍ୱଳା ରୂପେ ମଞ୍ଜୁଳା ବିଧୁନୁଦ ତାରେ ହେଲା ॥
ଯୋଗେ ବା ବାଟେ ପଡ଼ିଲେ ଭେଟେ ଷଣେ ସୁଧା ସମ୍ଭୋଗରେ
ରାଧାଦି ତାରେ କି ଅନୁସାରେ ସଦା ସଙ୍ଗ ଅଯୋଗରେ ॥
ସୁବଳ ହସି ରାହୁ ଗରାସି ପୂର୍ଣ୍ଣଶଶୀ ରସକ୍ଷୀଣ
ନିତି କି ନିତି ଶେଷାନୁମିତି କୃଷ୍ଣପକ୍ଷେ କଳାହୀନ ॥
ଭାନୁ ଯାହାରେ ଶରଣଧରେ ଦରଶନ ହସି ଲଭେ
ବିଶାଖା ଭୁଲେ ସେ ଭାନୁ ମିଳେ ରାଧା ଦରଶନ ପାଏ ॥
ଏ ଆଦିଗ୍ରହ ଯେଣୁ ଆଗ୍ରହ ଏଣୁ ଭୋଗକରେ ମାସ
ଯେଣୁ ଏ ରାଧା ସକଳ ସୁଧା ଏଣୁ ଶ୍ୟାମ ରାହୁ ବଶ ॥
ସୁବଳ ବାଣୀ ମାନିନୀ ଶୁଣି ଗର୍ବ ଧ୍ୱଂସି ବିରସରେ
ପୁଛନ୍ତି ହରି ଶ୍ରୀଚନ୍ଦ୍ରାବଳୀ ଅଇଲେ କି ଅବସରେ ॥
ବୋଲନ୍ତି ବାଳୀ ହେ ବନମାଳୀ ଚନ୍ଦ୍ରାବଳୀ କ୍ଷୀଣ ଯେଣୁ
କି ବ୍ୟାଧିଜାଣି ନପାରି ପୁଣି ତୁମ୍ଭରେ ଅଇଲୁ ବେଣୁ ॥
ନବମ ଦଶା ଥିଲା ଭରସା ଏଣିକି ନହବ ବୁଦ୍ଧି
ତୁମ୍ଭେ ତ ବୈଦ୍ୟ ଗୋପ ପ୍ରସିଦ୍ଧ ଦେଖସେ କେବଣ ବ୍ୟାଧି ॥
ଏମନ୍ତ ଶୁଣି ଚତୁରମଣି ବୋଲନ୍ତି ସାଧ୍ୟ ସେ ବ୍ୟାଧି
ପୂର୍ବେଣ ଜାଣି ଅଛଇ ପୁଣି ଦେଖି ଦେବା ମହୌଷଧି ॥

ଧଇର୍ଯ୍ୟହୁଅ ବେଗେଣ ଯାଅ କରାଅ 'ସଖୀପଥ୍ୟକୁ
ସଖୀଙ୍କୁ କହି ଗାଣ୍ଠି ରଖାଇ ଯିବୁଁ ଗଉରୀ ତୀର୍ଥକୁ ॥
ଏମନ୍ତ ଭଣି ଧରିଣ ପାଣି ଦକ୍ଷିଣ ନାୟକ ଗୁଣେଶ
ବିନୟ ହୋଇ ମେଲାଣି ଦେଇ ତହୁଁ ଚଳେ ତିନି ଜଣେ ॥
ରାଇ ଉତ୍କଣ୍ଠି ନେତ୍ର ନିବେଶି ସ୍ଥାନେ ସ୍ଥାନେ ଲୋଡ଼ି ଦେଖେ
କାହିଁ ନପାଇ ବିକଳ ହୋଇ ସଖୀଙ୍କୁ କହନ୍ତି ଦୁଃଖେ ॥
ଅମୂଲ୍ୟ ନିଧି ପାଇଣ ବାନ୍ଧି ଥିଲି କାହିଁ ଫିଟି ପଡ଼ି
ବିବେକ ହୀନେ ବିଯୋଗ ମନେ ପାଇବି କି ବନେ ଲୋଡ଼ି ॥
ଏତେକ ଭଣି ମଣ୍ଡନେ ବସି ଲୋତକ ଖସିଣ ବହେ
ତନୁ ଦ୍ରବଇ ସ୍ୱେଦ ଖସଇ ବିବେକ ନରହେ ଦେହେ ॥
ମଣ୍ଡନେ-ବସି-ନୟନ ଖୋସି ରାଧା ରୂପ ପରିଧାନେ ॥
କୃଷ୍ଣ ଚରିତ ଦେଖି ସେ ମିତ ଦୁଃଖେ ଦୁଃଖୀ ବେନି ଜନେ ॥
ସେହି ବିଶ୍ୱାସେ କୃଷ୍ଣ ଅବଶେ ଶୁଆଇ କମଳ ଶେଜେ
ସଲିଳ ସିଞ୍ଚି ପଲ୍ଲବେ ବିଞ୍ଚି ଶୀତ ଉପଚାର କୁଞ୍ଜେ ॥
ତନୁ ତାପରେ ଅନୁଲେପନରେ ଅଧିକେ ତପତ ଘୋଟେ
ତାତିଲ ଘୃତେ ଜଳ ପଡ଼ନ୍ତେ ସେ ଯେହ୍ନେ ଜଳିଣ ଉଠେ ।
ରାଧା ବିଚ୍ଛେଦେ ମଦନ ମଦେ ସନ୍ତାପେ ପ୍ରଳାପ ଭାଷେ
ଆପେ ମୁଁ ହୁଡ଼ି ଦେଇଛି ଗୁଡ଼ି ଏବେ ଲୋଡ଼ିଲେ କି ଆସେ
ଆହା ହେ ସଖି ଚନ୍ଦ୍ରମାମୁଖି କେଣେ ଲୁଚି ଦେଇଗଲୁ
ଏ ରମ୍ୟ ବନେ ମଧୁ ଭଜନେ କାମମୁଖେ ମୋତେ ଦେଲୁ ।
ଆଶା ବଢ଼ାଇ ମନ ଗୋଡ଼ାଇ ସଙ୍ଗ ନଛାଡ଼ଇ ଚୋର
ନରହେ ଭାବ ଏ ଦୁଃଖ ଲଭି କେଉଁ ଅପରାଧ ମୋର ।
କୁସୁମ ତୋଳି ଆସଇ ବୋଲି ଗଲୁ ସଖୀ କଣ୍ଟକର
କୁଞ୍ଜେ ରଖାଇ ଅଙ୍ଗ ଦେଖାଇ ନେତ୍ର ଭଙ୍ଗି ମାରେ ଠାର ।
ଏମନ୍ତେ ଶୁଣି ସେ ମିତ୍ର ବେନି କୃଷ୍ଣ ପ୍ରବୋଧକୁ ଭାଷି -
ସେ ନୃପଯେମା ବିବେକ ସୀମା କୁଞ୍ଜେ ରହିଁଥିବେ ବସି ।
ସଙ୍କେତ ବନେ ଉଦ୍ଭ୍ରାନ୍ତ ମନେ ନରହି ଚଞ୍ଚଳ ଚିତ୍ତ
ପଥକୁ ଆସି ନେତ୍ର ନିବେଶି ଲୋଡ଼ୁଥିବେ ବନଗତେ ।
ସଙ୍ଗେ ସଜନୀ ନଥିବେ ଯେନି ଏକାକିନୀ ହୋଇ ଭ୍ରମ
ବିଚ୍ଛେଦ ଭୟେ ଭ୍ରମର ପ୍ରାୟେ ବନେ ବନେ ପରିକ୍ରମେ ।
ବିବେକଶୀଳ ନୁହ ବିହ୍ୱଳ ବୋଲି କୃଷ୍ଣେ ଘେନି ଚଳିଲ
କୁଞ୍ଜ ବନରେ ସଙ୍କେତ ସ୍ଥଳେ ରାଧା ଅନୁସରି ବୁଲିଲ ।
ଏମନ୍ତେ ସଖୀ ଯେମା ନଦେଖି ସୂର୍ଯ୍ୟ ପୂଜାସ୍ଥଳେ ଚଳେ
ଲଳିତା ଆଦି ଅଷ୍ଟ ପ୍ରସିଦ୍ଧି ଯେମାଲୋଡ଼ି ସଙ୍ଗେ ମିଳେ ।

ବୋଲନ୍ତି ଭଲ ନବୀନ ବାଳା ନକହି ସଙ୍ଗରୁ ଆସି
ଆମ୍ଭେ ଯେ ତେଣେ ଆକୁଳମନେ ନଦେଖି ତୁମ୍ଭଙ୍କୁ ପାଶ ।
ଯାହାକୁ ଲୋଡ଼ି ଏ ଦୁଃଖେପଡ଼ି ସେ ଯାଇ ଆମ୍ଭରେ ମିଳେ
ତୁମ୍ଭ ବିଚ୍ଛେଦେ ମଦନ ମଦେ ବନେ ବନେ ଲୋଡ଼ି ବୁଲେ ।
ଯାହାର ପାଇଁ ଏତେ ବିରହୀ ତାହାରେ କି କେବାମତା
ଲୋତକ ଢାଳେ ଲତାଙ୍କ ମୂଳେ ଲୋଡ଼ନ୍ତି ଏତେ ମମତା ।
ତୋର ବିମନ ଭାନ୍ତି ମଳିନ ଦେଖିଣ ନପାରୁ ସହି
ମଦନାନଳେ ତୋତନୁ ଜଳେ ଅମ୍ଭର ହୃଦୟ ଦହି ।
ଲତାର ମୂଳ ଯେବେ ଅନଳ ଦହିବ ଅଗେ ମଣ୍ଡଳେ
ଆନନ୍ଦ ଜଳେ ମୂଳ ବୁଡ଼ିଲେ ପୁଣି ନବୀନେ କଅଁଳେ ।
ଏମନ୍ତ ସେହୁ ତାଙ୍କୁ ନକହୁ ହୃଦୟେ ବେଦନା ରଖି
ଯେମନ୍ତ ହୋଇ ଆସୁ ନକହି ଜୀବନ ରାଧିକେ ସଖୀ ।
ବିରସ ମନେ ନୀରସ ବନେ ନୁହସି ପ୍ରାଣ ସଜନୀ
ଲୋଡ଼ିଣ ହରି ଆଣିବୁ ଧରି ଏ ତୋର ଆଦେଶ ଘେନି ।
ଚିତ୍ତକୁ ଚୋରି ଯେବେ ସେ କରି ତାକୁ ପାଇଲେ କି ଛାଡ଼ି
ବନରୁ ଖୋଜି ଆଣିବୁଁ ଆଜି ବାହୁପାଶେ ରଖ ଭିଡ଼ି ।
କରଜ କ୍ଷତ ଦଶନଘାତ କାମ ଧର୍ମେ ଯା ଲେଖିଛି
ଯେ ହରେ ଚିତ୍ତ ଚୋର ଉଚିତ ଦଣ୍ଡେ ଦୋଷନାହିଁ କିଛି ।
ହାସ ଚତୁରୀ ନୃପ କୁମାରୀ ଶୁଣି ଗଣ୍ଡ ପୁଲକଇ
ଦଶନ ବାସ ପ୍ରେମରେ ହାସ ଲଜ୍ଜା ସମ୍ଭାଳି ରଖଇ ।
ଲଳିତା ଜାଣି କମଳ ପାଣି ଦେଇଣ ବାହୁ ପଇଠେ •
କୃଷ୍ଣ ଉତ୍କଣ୍ଠି ଗହନେ ପଶି ଧୀରେ ଧୀରେ ଜେମା ଉଠେ
ବନେ ସେ ଗମି ଅନେକ ଭ୍ରମି କାହିଁ କୃଷ୍ଣଙ୍କୁ ନଦେଖେ
ଏମନ୍ତେ ସନ୍ତେ ଯୋଗେଣ ପଥ ଚନ୍ଦ୍ରାବଳୀ ସଖୀ ଦେଖେ
ଭେଟିଣ ବେନିକୁଳ ସହାଣୀ କୁଶଳ ସେଁ କୁହାକୁହି
କେତେ ଗୋ ଆଳି ଉତ୍ତର ଦେଲ ଧୂରେ କି ଜଞ୍ଜାଳ ନାହିଁ
ଶୈବ୍ୟା ଚତୁରେ କି ସମାପ୍ତିରେ ଏ ନିଧାର ହେଲେ ଭ୍ରମ
ଅଧୀହୀ ହନୁ କରିତେ ତନୁ ଭ୍ରମି ଭ୍ରମି ପରିଶ୍ରମ ।
ବିଶାଖା ଭଣି ଶୁଣ ମିତଣି ଦୁର୍ବାସା ଋଷି ବଚନେ
ଗୁରୁଜନେତ ଅଜ୍ଞା ମାନିତ ମଧ୍ୟାହ୍ନେ ରବି ଅର୍ଚ୍ଚନେ ।
କୁସୁମ ବନୁ ତୋଳି ସେ ଭାନୁ ପୂଜିବା ନିମନ୍ତେ ଭ୍ରମୁ
ନନ୍ଦ ନନ୍ଦନ ଦେଖେ ନ ପୁଣ ଲୁଚି ଲୁଚି ତେଣୁ ଗମୁଁ ।
ଲଳିତା ଭଣେ କେଉଁ କାରଣେ ଚନ୍ଦ୍ରାବଳୀ ବିନୁ ବନେ
କି ଅବା ଲୋଡ଼ି ଏ ଦୁଃଖ ପଡ଼ି ହରିଷ ବିରସ ମନେ ।

ପଦ୍ମା ବୋଲନ୍ତି ଶୁଣ ସୁମତି ଚନ୍ଦ୍ରାବଳୀଙ୍କ ଆଦେଶେ
ନୈବେଦ୍ୟ ନେଇ ଗଲୁଁ ସଜନି ପୌର୍ଣ୍ଣମାସୀଙ୍କର ପାଶେ ॥
ତେଥେ ଆସନ୍ତେ ହରି ଭୁଲିତେ ଆଗେ ଓଗାଳି କହନ୍ତି
ସଖୀ ଗୁମ୍ଫରେ ଅବକାଶରେ କହିବ ମୋର ବିନତି ॥
ମାନ ଭଞ୍ଜାଇ କଥା ବୁଝାଇ ଆଣିବ ଗଉରୀ ତୀର୍ଥେ
ତହିଁରେ ମୁହିଁ ଥିବଇଁ ରହି ତୁମ୍ଭେ ଥିବ ତୁମ୍ଭ ପଥେ ॥
ଏମନ୍ତ କହି କୁସୁମ ଦେଇ ପେଷି ଚନ୍ଦ୍ରାବଳୀ ପାଶେ
ଥିଲେ ସେ ଏଥେ ଗଉରୀତୀର୍ଥେ ଗଲେ ସଖୀ ପ୍ରତିଆଶ
କୃଷ୍ଣ ଦଇବ ଯାଉଛନ୍ତି ଦେଖ ମାଗିଣ ଏକା ଆସିବେ
ଜଗିଣ ରହି ନିରାଶ ହୋଇ କୃଷ୍ଣ ମଦନେ ଭେଟିବେ ॥
ଯାଉଛନ୍ତି ବୋଲି କୁସୁମ ତୋଳି ଯୋଗେ ଭ୍ରମର ମିଳନ
ତୋଳ ସୁମନ ପୂଜ ତପନ କୃଷ୍ଣ ନୁହ ବେଦମନ
ଏମନ୍ତ ବୋଲି ଗଲେ ସେ ବାଳୀ ଶୁଣି ଜେମା ହତମଣି
ଭରସା ତେଜି ଦୁଃଖରେ ମଜ୍ଜି ଚରଣ ନ ଚଳେ ପୁଣି
ସରସ ବାଣୀ ନ କହି ଭୁଜ ଅଧର ବିମ୍ବ ନୀରସ
ନଳୁତରଳ କାମ ଅନଳ ଜଳନ୍ତେ ଅନ୍ତେ ବିରସ ॥
ଲୋତକ ଡୋଳେ ଧାର ଅଞ୍ଚଳେ ଫରିଗ ଛଳେ ଗୁପଇ
କୃଷ୍ଣ ବିଳାସ ତେଜି ନିରାଶ ଅବଶେ ତନୁ ତାପଇ
ଯତ୍ନେ ଫୁଟଇ ହାର ତୁଟଇ ଫିଟଇ ବନ୍ଧନ ନୀବି
କର କଙ୍କଣ ମୁଦ୍ରିକା ଗଣ ଖସିଲେ ପଡନ୍ତି ଭୁବି ॥
ଅଳସି ହୋଇ ବନ୍ଦନ ରହି ଊର୍ଦ୍ଧ୍ୱେ ଅଙ୍ଗୁଳି ଛନ୍ଦରେ
ସ୍ୱେଦ ଖସଇଁ ହୋଇ ଆସନ୍ତୁ ସଜନୀ ଫଟିକ ଧରେ ॥
ବୋଲନ୍ତି ସଖୀ ହେ ଚନ୍ଦ୍ରମୁଖି ମନେ କାହା ଏତେ ବ୍ୟଥା
ଯେ ଅପଦଶି ସତ କି ଭଣି କପଟ ସକଳ କଥା ॥
ପ୍ରୀତି ଲଗାଇ କନ୍ଦ ଭଙ୍ଗାଇ ଜଗାଇଣ ସ୍ଥାନେ ସ୍ଥାନେ
କୃଷ୍ଣଙ୍କୁ ନେବା ଉପାୟେ ବାମା ଆସି ଥିଲେ ଏଥୁ ବନେ
କୃଷ୍ଣଙ୍କ କହି ଆଶା ଦେଖାଇ ନ ଯାଇ ରହିଲେ ଏଥୁ
ବଚନେ ତୋଷି ଏହାଙ୍କୁ ପେଷି ସଙ୍କେତ-ଗଉରୀ ତୀର୍ଥେ ॥
ତେଣୁ ଏ ବାଳୀ ଆମ୍ଭର ମିଳି ଯତନେ କହେ ଭଙ୍ଗାଇ
ଆମ୍ଭର ଗଲେ କୃଷ୍ଣର ମେଳେ ସଖୀ ମନକୁ ରଞ୍ଜାଇ ॥
ଚତୁରୀ ହୋଇଁ ନ ତେଜୁ ସହି ସପତ୍ନୀ ଜନ ଗତି
ଭୁଲ ଏ ବାଟେ ଏହି ନିକଟେ ଭେଟିବା ଭ୍ରମର ପତି ॥
ଏମନ୍ତ ବୋଲି ସେ ପଥ ଚଳି ଦେଖିଲେ ଚରଣ ଚିହ୍ନ
ଚିହ୍ନିଣ ଜାଣି ବୋଲନ୍ତି ପୁଣି ଯାଇଛନ୍ତି ତିନି ଜଣ ॥

ତିନି ଚରଣ ଏକ ଲକ୍ଷଣ ଶଙ୍ଖ ଚକ୍ର ପଦ୍ମାଦିରେ
ସଂଶୟେ କୃଷ୍ଣ ବିସ୍ମୟେ ରହି ଅନୁମାନ ପୁଣ କରେ ॥
କୃଷ୍ଣ ସମାନ ଏ ବେନି ଜନ ଅଣୁ ଏ ଜଣା ନୁହନ୍ତି
ହରି ଲକ୍ଷଣେ ଏ ବିଚକ୍ଷଣେ ସକଳ ଚିହ୍ନ ବହନ୍ତି ॥
ଏ ବେନି ସଙ୍ଗେ ଅଛନ୍ତି ପାଖେ ଆମ୍ଭର ହିତ ସଜନୀ
ମଧ୍ୟରେ ହରି ଚାଲ ନପାରି ଚିହ୍ନି ପାଦଧୂଳି ଦେଇ ॥
ରାଧାର ପତି ନନ୍ଦ ନାତି ଚିହ୍ନ ଶ୍ରୀଚରଣେ ବହେ
ରାଧିକା ଚିହ୍ନି ସଜନୀ ଜାଣି ଧରଣୀ ଧରଣ ଶୋହେ ॥

ଶ୍ଳୋକଃ ।

ଚନ୍ଦ୍ରାର୍ଦ୍ଧଂ କଲସଂ ତ୍ରିକୋଣଧନୁଷୀ ଖଂ ଗୋଷ୍ପଦଂ ପ୍ରୋଷ୍ଠିକାଂ
ଶଙ୍ଖଂ ସବ୍ୟପଦେଽଥ ଦକ୍ଷିଣପଦେ କୋଣାଷ୍ଟକଂ ସ୍ୱସ୍ତିକଂ;
ଚକ୍ରଂ ଛତ୍ର ଯବାଙ୍କୁଶଂ ଧ୍ୱଜ ପବୀ ଜମ୍ବୂର୍ଦ୍ଧ୍ୱରେଖାମ୍ବୁଜଂ
ବିଭ୍ରାଣଂ ହରିମୂନବିଂଶତି ମହାଲକ୍ଷ୍ମ୍ୟର୍ଚ୍ଚିତାଙ୍ଘ୍ରିଂ ଭଜେ ॥

ଗୀତ ୮

ରାଧା ସଙ୍ଗମେ କୃଷ୍ଣ ଉଦ୍ୟମେ ମଦନ ମୋହନ କରେ
ସର୍ବ ବିଭୂଷି ଊନବିଂଶତି ଚିହ୍ନକୁ ଚରଣେ ଧରେ ॥
ଦକ୍ଷିଣ ପଦ ସ୍ୱସ୍ତିକ ପଦ୍ମ ଛତ୍ର ଧ୍ୱଜ ଜମ୍ବୁ ପବୀ
ଅଙ୍କୁଶ ଚକ୍ର କୋଣ ଅଷ୍ଟକ ଊର୍ଦ୍ଧ୍ୱରେଖା ଯବ ଛବି ॥
ବାମେ କଳସ ତ୍ରିକୋଣ ଝସ ଧନୁ ଶଙ୍ଖ ଅର୍ଦ୍ଧଚନ୍ଦ୍ର
ଗୋଷ୍ପଦ ଶୂନ୍ୟ ଲବଣ୍ୟ ଚିହ୍ନ ବହେ ବୃନ୍ଦାବନଚନ୍ଦ୍ର ॥
ଯାହା ନ ପାରେ ଯେ ଅବତାରେ ତାଙ୍କ ଚିହ୍ନ ଏତେ ନୁହେ
ଆଦ୍ୟ ପୁରୁଷ ରାଧା ବିଳାସ ଗୋକୁଳେ ଏ ଚିହ୍ନ ବହେ ॥
ଚନ୍ଦ୍ରମାମୁଖୀ ହରଷ ଦେଖି ନିଜ କାନ୍ତ ପଦ ସଙ୍ଗେ
ଘେନି ସେ ଧୂଳି ଉରଜେ ବୋଳି ସଖୀଙ୍କି କପଟେ ବଞ୍ଚେ ॥
ମୁହ ପଡ଼ଇ ନିଳି ଲୋଡ଼ଇ ପାଦ ଧୂଳି ସଙ୍ଗେ ଘେନି
ଉରେଣ ଲଦି ଅଙ୍ଗୁଳି ମୁହ ଯାଆନ୍ତେ ଭୂଷିତ ଧନୀ ॥
ଗୋବିନ୍ଦ ଅଙ୍ଗ ଲଗି ସୁରଙ୍ଗ ତରୁଲତା ଗନ୍ଧବହେ
ଆଘ୍ରାଣେ ପାଇ ଫୁଟିଲ ହୋଇ ଜାଳଧରି ମିତ୍ରେ ରହେ ॥
ଗମନ କରେ ଲଟା ବାଙ୍କରେ ଗମନରେ ଆଡ଼େ ଆଡ଼େ
ପିବା ଉଷ୍ଟ୍ରକେ ମଧୁ ପୁଳକେ ଉର୍ଣ୍ଣନାଭି ଜାଲ ଛିଡ଼େ ॥
ବନ ସୁବାସେ ଶ୍ୟାମଳ ବେଶ ସୁସ୍ୱରେ ଭାଷେ କୋକିଳ
ତନୁ ହରଷେ ମଧୁ ବରଷେ ବୃଷ୍ଟି ହୁଏ ଫୁଲକୁଳ ॥
ନାରୀ ଜାଣିନେ ଆନ୍ତି ଜାଣେ ମଙ୍ଗଳ ସଙ୍କେତ ଦେଖି
ଭରସା ପାଇ ସେଠାକୁ ଯାଇ ସ୍ଥାନେ ସ୍ଥାନେ ଉଦ୍‌ଲସି

କୃଷ୍ଣ ଦେଖିବା ଦୁଃଖ ଲେଛୁବା ସବୁରି-ମନ ସଙ୍କଳ୍ପ
ଏମନ୍ତେ ତହିଁ ଦେଖିଲେ ଯାଇ ଗୋବିନ୍ଦ ବାସକତଳ୍ପ ॥
କୃଷ୍ଣର ଅଙ୍ଗ ଲାଗି ସୁଭଗ ଦେଖି ସୁନ୍ଦରୀ ବିଚାରି
ମୋର ବିଚ୍ଛେଦ ମଦନ ମଦେ ଏଥି ଶୁଣିଥିଲେ ହରି ॥
ଗନ୍ଧ ଚନ୍ଦନ ଗନ୍ଧ ବନ୍ଧନ କୁସୁମ କୃଷ୍ଣ ଉଲଗି
ସ୍ୱେଦ ଲୋତକ ଆଦି ଯେତେକ ପଲ୍ଲବଶେଯରେ ଲାଗି ॥
ଯତନେ ତହିଁ ଶୁଙ୍ଘିଣ ବାଇ ଉରବାଧ ଦୂରକରେ
ତାପ ବିନାଶି କୋଟିଏ ଶଶୀ ଆହ୍ଲାଦ ଶୀତଳରେ ॥
ଦେଖି ସଜନୀ ଚିବୁକେ ପାଣି ମନେ ମନେ ବିଚାରନ୍ତି
କୃଷ୍ଣ ଉଲଗି ଶୋଭନ୍ତୁ ଭାଗୀ ଦେଖିଣ ବଳିଲ ମତି ॥
ଧଇର୍ଯ୍ୟଧରି ରଖି ନପାରି ଉଦ୍ଧତଭାବେ ବିହ୍ୱଳ
ଶ୍ୟାମ ଭେଳକ ଲାଗି ସଖୀଙ୍କି ତେଜି ଲାଜ କୁଳଶୀଳ ॥
କୃଷ୍ଣର ଶଯ୍ୟା ପାଇଣ ତେଜ୍ୟା କଲ ସେ ଆମ୍ଭମାନଙ୍କୁ
ଏଠାରୁ ଚଳେ ଆଉକି ଚଳେ କରି ଆନ ବିଧାନକୁ ॥
ଏମନ୍ତ ଭାଳି ସକଳଆଳୀ ତୁଳସୀଙ୍କୁ କହି ପେଶି
କୃଷ୍ଣଙ୍କୁ ଯାଇ କହ ମଣାଇ ଦେଖନ୍ତୁ ପ୍ରିୟାକୁ ଆସି ॥
ମାଳ ଚନ୍ଦନ କର୍ପୂରପାନ ଘେନିଣ ତୁଳସୀଚଳେ
ଶ୍ରୀ ବୃନ୍ଦାବନେ ଚରଣ ଚିହ୍ନେ ଭେଟିଲେ କଦମ୍ବତଳେ ॥
ଦୂରରୁଁ ଦେଖି କମଳ ଆଖି ରାଧା ସଖୀ ବୋଲି ଜାଣି
ନେତ୍ର ନିବେଶି ସଖୀଙ୍କୁ ପେଶି ପାଛୋଟି ଗଲେସେ ଘେନି ॥
ମନେ ଗୋବିନ୍ଦ ହେଲେ ଆନନ୍ଦ ତୁଳସୀ ଆସିଲେ ଯେବେ
ନଷ୍ଟସ୍ୱରଣି ଏ ବନେରହି ପରତେ ହୋଇଲା ଏବେ ॥
ଏମନ୍ତେ ଯାଇ ତୁଳସୀପାଇ କର୍ପୂର ଚନ୍ଦନ ଘେନି
ଆନନ୍ଦେ ହରି କରିପ୍ରସାରି ଘେନି ଲଗାଇ ମୂର୍ଦ୍ଧନି ॥
ସଭିରେ ପୁଚ୍ଛି ପ୍ରିୟା କାହିଁଛି ଗୁଡ଼ଣ ଅଇଲ କାହିଁ
ସଙ୍କେତେ ରଖି ଗଲେ ଯେ ସଖୀ ମନେ ମୁଁ ପଡ଼ିଲି ନାହିଁ ॥
ଆଶାୟୀ ହୋଇ ସମାଧି ଧ୍ୟାୟି ପଥଗୃହିଁ ବସିଅଛି
ତୃଷା ଆରତେ ଗଗନାମୃତେ ଯେମନ୍ତ ଚାତକ ପକ୍ଷୀ ॥
ତୁଳସୀ ଭାଷେ ହେ ପୀତବାସେ ଚନ୍ଦ୍ର ସେ ଗଗନାମୃତ
ଏଣେ ରସିକ ଯେଉଁ ଚାତକ ଆନେ କି ରସଇ ଚିତ୍ତ ॥
ଗଗନ ଭେଦି ଧବଳ ନଦୀ ପଦ୍ମାକରେ ଶୋଭା ବହେ
ଚନ୍ଦ୍ରମାଦ୍ରବ ଚାତକଭାବ ତୃଷାଶାନ୍ତି କି କେ ନୁହେ ॥
ମନ୍ତ୍ରମଣ୍ଡନୀ ତୃଷାଖଣ୍ଡନୀ ପୁରୁଷ ହସ୍ତୀ ନରସେ
ନାଗର ଭାଷି ଶୁଣ ସୁକେଶୀ ବଶ ଚଉଦ୍ଭାନ ରସେ ॥

ତୁଳସୀ ପୁଣି ଇଙ୍ଗିତେ ଭଣି ଶଶା ଶଶୀ ଅଙ୍ଗେ ବସେ
ତୃଷା ଶାନ୍ତିକି ତୁଷାରନିକି ଅବିବେକ ପ୍ରତି ଆଶେ ॥
ମୃଗତୃଷ୍ଣାରେ ଜଳଭ୍ରମରେ କୃଷ୍ଣସାର ଫୁଟି ଧାମେ
ଜଳ ସେ ଯହିଁ ନଯାଇ ତହିଁ ପରିଶ୍ରମେ ମତିଭ୍ରମେ ॥
ମଧୁ ମଙ୍ଗଳ ଭାଷେ ମଞ୍ଜୁଳ ଭଲ କହିଲ ତୁଳସୀ
ଯେଉଁ ଚାତକ ଏକ ବ୍ରତକ ଘନରସେ ତୃଷାନାଶି ॥
ସେ ଘନରସ ଦେଇ ସମ୍ବାଧ ନକରେ ଉଦିତ ହୋଇ
ଚିର ବିଚ୍ଛେଦ ସନ୍ତାପ ଖେଦେ ଚାତକ ଆନେ କି ଯାଇ ॥
ଯେ ଯହିଁ ରସେ ସେ ତହିଁ ବସେ ଆନେ ନରସଇ ମତି
ଆଶା ବଢ଼ାଇ ଯାଏ ଗୋଡ଼ାଇ ମୃଗ ମୃଗତୃଷ୍ଣା ପ୍ରୀତି ॥
ଯେସନେ ତୁମ୍ଭ ସଖୀଙ୍କ ଦମ୍ଭ ଦେଖାଇ ଆରମ୍ଭେ ଧୂଅ
ଯେ ସମାଚାର ମନ ବିଚାର ଦେଖି ପୁଣି ଏବେ ଲୁଚ ॥
ଆରତେ ହରି ପୁଣି ପଚାରି ପ୍ରାଣଧନୀ ମୋର କାହିଁ
ଚାରୁ ମୃଗାକ୍ଷୀ କି କରୁଅଛି କାମାନଳେ ମୋତେ ଦହି ॥
ପୁରୁଷ ବଧ ନାରୀ ନିଷେଧ ନୁହଇ ଏ ସମାଚାର
ସଜନୀ ଗଣ ଅଛ ଚହଳ ନ କହ ଭଲ ବିଚାର ॥
ତୁଳସୀ କହେ ନାଗର ବିପ୍ରେ କୁଞ୍ଜେ ନ ଦେଖି ତୁମ୍ଭଙ୍କୁ
ମନ ଆକୁଳେ ବନରେ ବୁଲେ ଏକାକୀ ତେଜି ଆମ୍ଭଙ୍କୁ ॥
ସଙ୍କେତ ସ୍ଥଳେ ଲତାର ତଳେ ପୁନଃ ପୁନଃ ସଖୀ ଦେଖେ
ତୁମ୍ଭର ତହୁଁ ଅଧିକ ସେହୁ ଭ୍ରମିଣ ବିଚ୍ଛେଦ ଦୁଃଖେ ॥
ସଖୀ ସାନ୍ନିଧ୍ୟେ ନ ଦେଖି ତେବେ ଲେଉଟିଲୁ କାନନେ ପଶି
ଚାରୁ ବିମ୍ବୋଷ୍ଠୀ ଦୁଃଖେଣ ଭେଟି ଦେଖିଲୁ କ୍ଷୀଣ ସୁକେଶୀ ॥
ବାତୁଳ ପ୍ରାୟ ବଚନ କହେ ପୁଛନ୍ତେ ହୁଏ ମଉନ
ଚାଲନ୍ତେ ଫୁଟେ ଝାଳହିଁ କଣ୍ଟେ ପିଟେ କବରୀ ବନ୍ଧନ ॥
ସ୍ମର ଗରଳେ ତନୁ ତରଳେ ଗଳଇ ନୟନୁ ଲୁହ
ପ୍ରେମ ଆନନ୍ଦେ ଭ୍ରମେ କାନନେ ମଦନ କର୍ଦ୍ଦନ ଭୂଅ
ତମାଳ ତରୁ ଦେଖିଲେ ଆରୁ ପରିକ୍ରମା କରି ବୁଲେ
ମୟୂର ନୃତ୍ୟ ଦେଖି ବିଚିତ୍ର ନିଶ୍ଚଳ ନେତ୍ର ନଚଳେ ॥
ଚନ୍ଦ୍ରାବଳୀର ସଖୀ ନିକର ଆସିଣ ମିଳିଲେ ଏଥି
ସେହୁ କହିଲେ ମାଧବ ଥିଲେ ଗଲେ ସେ ଗଉରୀତୀର୍ଥେ ॥
ଚନ୍ଦ୍ରାବଳୀଙ୍କି ନେବୁ ତହିଁକି ବନଯେ ନ ପଶିଲେ ହରି
କୁସୁମ ବନେ ତେଜିଲ ସୁମନେ କହି ସେ ଗଲେ ଚତୁରୀ ॥
ଏମନ୍ତ ଶୁଣି ତରୁଣୀ ମଣି ହୋଇଲେ ଧଇର୍ଯ୍ୟ ଧ୍ୱଂସ
ଚନ୍ଦ୍ରମା ମୁଖୀ ଅଧର ଶୁଖି କାତର ଖର ନିଃଶ୍ୱାସ ॥

ସଖୀଙ୍କ ସଙ୍ଗେ ଗମନ ମାର୍ଗେ ଭୂମ୍ୟ ପାଦ ସଞ୍ଚା ଚହ୍ନି
ଭରସା ବୃହ୍ନି ସରସ ବକ୍ଷ ଉରେ ପାଦଧୂଳି ଘେନି ।
ନେତ୍ର ନିବେଶି ଗୋଡ଼ାଇ ଆସି ଭୂମିର ବୀସକ ତଳେ
ଦେଖି ଶୟନ ଅଶ୍ରୁ ନୟନ ଅଙ୍ଗ ସଙ୍ଗ ଅନୁକ୍ରମେ ।
ଖେଦ ବିରହେ ସମାନ ଦୁହେଁ ନିଜ ଦେହ ମଣେ ଭାର
ଏମନ୍ତ ହୋଇ ନଥିବ କାହିଁ ପ୍ରେମତନ୍ମୟ ସିନ୍ଧୁ ସାର ।
ପ୍ରିୟାନୁଭବ ଶୁଣି ମାଧବ ପୁଲକ ଗଦଗଦରେ
ତୁଳସୀ କର ଧରି ସୁନ୍ଦର କହନ୍ତି ଅତି ମୋଦରେ ।
ସଖୀ ଭେଟାଇ ଦୁଃଖ ତୁଟାଇ କାମ କୂପରୁ ଉଦ୍ଧର
ବିଳମ୍ବ କ୍ଷଣେ ନ କରି ଏଣେ ଆଣ ପ୍ରାଣଧନୀ ମୋର ।
ବେଗେଣ ଘେନି ଆଣ ସଜନୀ ନିଭୃତ ରାସ କୁଞ୍ଜକୁ
ତହିଁରେ ମୁହିଁ ଥିବଇ ରହି ଭଜଣ ମନସିଜକୁ ।
ଦୁଃଖ ଜଣାଇ କଥା ଘେନାଇ ମଣାଇ ଯେମନ୍ତେ ଆଣ
ପଥକୁ ଚାହିଁ ଥିବଇଁ ରହି ବାଣ ଦେଇ ରଖ ପ୍ରାଣ ।
ଏମନ୍ତ ବୋଲି କମଳମାଳ ତୁଳସୀ ପାଣିରେ ଦେଲେ
ତୁଳସୀ ଯେଣି ପାଶ୍ଚେଷ୍ଟି ଆସି କୃଷ୍ଣ ରାସକୁଞ୍ଜେ ଗଲେ ।
ଏଣେ ସୁକେଶୀ ତୁଳସୀ ଦେଶୀ ରାତ୍ରେ ବିଗ୍ରହ କରି
ହରି ନଦେଖି କହିଲେ ସଖୀ ଜୀବନ କି ରଖି ପାରି ॥
ଜାଣୁଛି ମୁହିଁ ମାଧବ ନାହିଁ କପାଇଁ ଥିବେସେ ସେଥେ
ମୋପରି ହୋଇ କେତେ ବା ନାହିଁ ଅନୁସରି ପଥେ ପଥେ ॥
ସ୍ନେହରେ ଆସି ଦେହରେ ମିଶି ପ୍ରଥମେ ମାଗିଲେ କୋଳ
ସଜନୀ ସେତେ ଦାରୁଣ ମତେ ବୋଲିଲେ ନକଲେ ଛଳ ॥
ଲୁଚନ୍ତି ଯାଇ ଲୋଡ଼ିବା ପାଇ ଯେତେ ଯତ୍ନ ପୁଣି ଦେଲେ
ମୁଁ ଅବିବେକୀ କାହିଁ ପାଇଁ କି ସେ ସୁଖ ତେଜିଲି ଭଲେ ॥
ଲାଜ ଗ୍ରହକୁ ଆଜ କରକୁ ଅଇଲା ନିଧି ଛାଡ଼ିଲି
ଲୋକ ଦୁର୍ବାଦ କି ପରମାଦ ଅମୃତ ପାଇ ଏଡ଼ିଲି ॥
କୁଳେ କଳଙ୍କ ହୋଇଲେ ନିଜ ମୃତ୍ୟୁସଞ୍ଜୀବନୀ ତେଜି
ନୋହିଲେ ତନୁ ଦହେ ଅତନୁ ନଜାଣିବା ଦେଶ ଗଞ୍ଜି ॥
ଏ ଦୁଃଖସହି ଧରିବି ଦେହୀ ତୁଳସୀ ଆସିବା ଯାଏ
ନିରାଶ ବାଣୀ ଜୀବନ ଘେନି ଯିବତ କାହିଁକି ଭୟେ ॥
ଏମନ୍ତ ବେଳେ ତୁଳସୀମିଳେ ଦୂରୁଁ ଦେଖି ଶ୍ୱାସ ଛାଡ଼େ
ହେଠ ବଦନେ କର ଶ୍ରବଣେ ଦମ ଦମ ହୋଇ ପଡ଼େ ॥
ଦେଖି ତୁଳସୀ ତୁରିତେ ଆସି ପ୍ରସନ୍ନବଦନେ କହେ
ହରିକି ଦେଖି ଅଇଲି ରଖି ରାସକୁଞ୍ଜେ ପଥ ଚାହେଁ ॥

ପିୟୂଷ ବାଣୀ ଶ୍ରବଣେ ଶୁଣି ପୁଲକି ଆନନ୍ଦ ହୋଇଲେ
କୃଷ୍ଣର ମାଳା ଲମ୍ବାଇ ଗଳା ଗତି ସେହି ଅନୁକୂଳେ ॥
ବିରସ ତେଜି ସରସ ଭଜି ତୁଳସୀ ପୂଜି ଆଦରେ
କୃଷ୍ଣ ମୂରତି ଚନ୍ତି ସ୍ୱମତି ଗତି କମଳ ପାଦରେ ॥
କୃଷ୍ଣ ଚରିତ ଶୁଣିତ ଚିତ୍ତ ଜାଣି ଲଳିତା ପଚାରେ
କହ ତୁଳସି କୃଷ୍ଣ ଉଦ୍ଦେଶି ଦେଖିଲ କି ସମାଚାରେ ॥
ତୁଳସୀ କହି ଗଲା ଯେ ମୁହିଁ କୃଷ୍ଣ ଭେଟି କୁଞ୍ଜବନ
ଚମ୍ପକ ତଳେ ଦେଖିଲି ଢୋଳେ ଉଭା ନବଘନ ଶ୍ୟାମ ॥
ଚମ୍ପକ ଫୁଲେ ନେତ୍ର ନିକ୍ଷେପିଲେ ରାଧା କି ବସିଛନ୍ତି ଥିଲେ
ଲୋତକ ଖସି ଉରେ ବରଷି ପୀତବାସ ତିନ୍ତିଗଲେ ॥
ବଟୁ ସୁବଳ ସଙ୍ଗେ କେବଳ ଦର୍ଶନେ ଲୋତକ ଝରେ
ବିଶ୍ୱାସ ବାନ୍ଧି ଆଶ୍ୱାସି କହି ମିତ୍ର ଭାବେ ଅନୁତାପେ ॥
ମୋତେ ସେ ଯହୁଁ ଦେଖିଲେ ତହୁଁ ଜାଣି ପଥ ଅନୁସରେ
ହରି ରାତ୍ରେ ସଙ୍କେତରେ ମିଳିଲି ଏ ଅବସରେ ॥
ପାଶ୍ଚେଷ୍ଟି ଆସି ବନସ୍ପତି ଭାଷି ତୁମ୍ଭର ଯେଣୁ ସଜନୀ
ଗତ ମତରେ କୃତ କୃତ୍ୟରେ ମାଳ ଚନ୍ଦନକୁ ଘେନି ॥
ଯତ୍ନରେ ପୁଚ୍ଛି ସଖୀ କାହିଁ ଛି ଛାଡ଼ିଣ ଅଇଲି କାହିଁ
କୁଞ୍ଜ ନରହି ଉଚ୍ଛାହା ବହି ଲୋଡ଼ି ନପାଇଲି ମୁହିଁ ।
ବନରେ ଲୋଡ଼ ଯେ ଦୁଃଖପଡ଼ି କହିଲା ବିଚ୍ଛେଦ ଦଶା
ଶୁଣି ସେ କାହ୍ନ ଲୁହ ନୟନୁ ନରହେ ନ ଆସେ ଭାଷା ॥
ବଦନେ କର ଦେଇ ମୋହର ବୋଲନ୍ତି ଆଉ ନକହ
ସଖୀର ଦୁଃଖ ଶୁଣି କି ସୁଖ ଅଛି ର ମୋହର ଦେହ ॥
ବେଗେଣ ଯାଅ କ୍ଷଣେ ନରହ ଅଣାଅ ଯାଇ ଯେମାକୁ
ରାସ କୁଞ୍ଜରେ ଗଲେ ବେଗରେ ମୋତେ ପେଶିଲେ ନେବାକୁ ॥
ଯାଆନ୍ତେ ତହିଁ ଏମନ୍ତ କହି ପ୍ରବେଶ ହେଇଲେ କୁଞ୍ଜ
କୃଷ୍ଣ ବିଳାସେ ମନ ଲାଳସେ ଗଜଗାମୀ ସଖୀ ମଧ୍ୟେ ॥
ସଙ୍କେତେ ହରି ବିଜୟ କରି କୁଞ୍ଜ କୁଟିରେଣ ପଶି
ଶଯ୍ୟାକୁ ରଚି କୁସୁମ ସିଞ୍ଚି ପଥେ ନୟନ ନିବେଶି
ଏମନ୍ତେ ରାଧା ପ୍ରବେଶ ହୋଇ ବେନିଜନ ହେଲେ ଭେଟ
ନେତ୍ର ଭଙ୍ଗିମା ହାସ ରଙ୍ଗିମା ଅଧରେ କୁଣ୍ଠିତ କଣ୍ଠ ॥
ପ୍ରେମ ସମୁଦ୍ର ବଦନ ଚନ୍ଦ୍ର ପୂର୍ଣ୍ଣ ଦର୍ଶନେ ଉଚ୍ଛୁଳେ
ପଞ୍ଚବିଂଶିକ ପେଟେତ ଦୁଃଖ ତେଜି ଆନନ୍ଦେ ବୁଡ଼ିଲେ ॥
ରସିକ ବର ନେତ୍ର ଚକୋର ଚନ୍ଦ୍ରବଦନୀ ନିରେଖି
ବୋଲନ୍ତି ସୁଖେ ମଦନ ମୁଖେ କେଉଁ ଗଲି ମୋତେ ରଖି ॥

ଜଳ ବିହୀନ ନବଞ୍ଚେ ମୀନ ମୀନ ବିନୁ ଜଳ ଧୀର
ବୋଲେ ବିମ୍ବୋଷ୍ଠୀ ହୃଦୟ ଫାଟି ପୟଃ ବିନୁ ପଙ୍କ ଯେ ॥
ଏମନ୍ତେ କେବଳ ସ୍ନେହରେ ଭଣି କୋଳାଗ୍ରତ ପରରମ୍ଭ
ଅଧର ଚୁମ୍ବ ବଦନ ଚୁମ୍ବ ମଦନ କେଳି ଆରମ୍ଭ
ଶଯ୍ୟା ଆସନ ଫେଡ଼ ବସନ ନିଶ୍ଚିନ୍ତ ମନ୍ତ୍ର ବଶରେ
ଶୃଙ୍ଗାର ଲୀଳା ବିବିଧ କଳା ପ୍ରମତ୍ତ ରତି ରସରେ ॥
ଚିର ବିଚ୍ଛେଦ ମଦନ ମତ୍ତେ ଶାନ୍ତ କେବେହେଁ ନୁହନ୍ତି
ଏକକୁ ଆର ରସାନୁସାରେ ଦେହ ବୁଦ୍ଧି ବିସୋରନ୍ତି ॥
ଭାବରେ ଭୋଳା ବିବିଧ ଲୀଳା କୁଞ୍ଜେ କୁଞ୍ଜ ସଖୀ ସଙ୍ଗେ
ଶୀତ ଗନ୍ଧରେ ଧୀର ସମୀରେ ବିହରନ୍ତି ନାନାରଙ୍ଗେ ॥
ନୃତ୍ୟ ଗାୟନ ବୀଣା ବାଦନ କାହିଁ ବସି ଖେଳ ଦୋଳ
କାହିଁ ଶୟନ ବେଶ ଅଶନ କାହିଁ ରହି ପଶା ଖେଳ ॥
କ୍ଷଣ ବିୟୋଗ କୋଟିଏ ଯୁଗ ଯୁଗଳେ ଯୁଗ କ୍ଷଣକ
ବିଳମ୍ବେ ମାନ ବିଚ୍ଛେଦେ ଧ୍ୟାନ ଏ ଆଦି ଲୀଳା ଅନେକ ॥
ଏମନ୍ତେ ତହିଁ କାନନ ଦହି ଦାବାନଳ ଆସେ ମାଡ଼ି
ଗୋପାଳ ପୁଏ ଗାବ ଚରାଏ ଦେଖି ଦେଖି ଅଗ୍ନି ବଢି ॥
ପ୍ରଚଣ୍ଡ ଖର ଭୀଷଣ ଧାର ପ୍ରଖରେ ଜଳି ଉଠଇ
ଶିଖା ଚହଳେ ଲହ ଲହରେ ନଭ ଅବନୀ ଘୋଟଇ ॥
ଧୂମ ଅନ୍ଧାରେ ପକ୍ଷୀ ଧନ୍ଦାରେ ବସାକୁ ଛାଡ଼ି ପଳାଇ
ଉଡ଼ିବାକୁ ଲେଖି ନଗଲା ପକ୍ଷୀ ଅନଳେ ଅଙ୍ଗ ଜଳାଇ ॥
କୁସୁମ ଲତା ଫଳ ଶୋଭିତା ମହା ମହା ଦାରୁ ପୋଡ଼େ
ମୃଗ ନିକର ଭୟେ କାତର ଡାପ ଧାପ ଧଡ଼ପଡ଼େ ॥
ସୁରଭି କୁଳ ଭୟେ ଆକୁଳ ହେମାରାବ ଉଚେ କରି
ଗୋପାଳ ପୁଏ ଜୀବନ ଭୟେ ଡାକେ ହରି ନାମ ଧରି ॥
ଆହେ ମାଧବ ଦୀନବାନ୍ଧବ ଆରତ ଭୟ ଛେଦନ
ହେ ଶ୍ୟାମଘନ ହେଲୁଁ ଦହନ ବୋଲି କରନ୍ତି ରୋଦନ ॥
ଏମନ୍ତ ଶୁଣି ପୁଚ୍ଛନ୍ତି ମୁନି ବନ୍ଦଣ ନଳ କୁବେର
ସର୍ବଜ୍ଞ ମୁନି ସଂଶୟ ଶୁଣି ବିରସ ମନେ ମୋହର ॥
ଯେ ବୃନ୍ଦାବନ ହରି ରମଣ କୋଟି ଚନ୍ଦ୍ର ଆହ୍ଲାଦ
ଅମୃତ ତାଳ ସ୍ଥାବର ପାଳ ସର୍ବ ସୁଖ ବାଞ୍ଛା ପ୍ରଦ ॥
ଯହିଁ ତପନ ଶୀତ କରଣ ମଳୟ ପବନ ବହି
ଶୀତଳ ମହି ଯମୁନା ବହି ମଳୟ ଭୁବନ ତହିଁ
ବସନ୍ତ ବହି ପରିମଳଇ ଇନ୍ଦ୍ର ପାଳଇ ଯହିଁରେ
ରକ୍ଷା ପାଳନେ ଦେବତା ଗଣେ ଅନଳ ଦହି ତହିଁରେ ॥

ଏତେ ବନରେ ବର୍ତ୍ତମାନରେ ବିହରେ ରାଧା ମାଧବ
ଗୋରୁ ଗୋପାଳ ବେଢ଼େ ଅନଳ ଶୁଣିତ ଏ ଅସମ୍ଭବ ॥
ଚରଣେ ଚଢ଼େ କରକୁ ଯୋଡ଼ି ବୋଲଇ ଫେଡ଼ ସଂଶୟ
ନାରଦ ମୁନି ଏମନ୍ତ ଶୁଣି ମନ ର ବଡ଼ ବିସ୍ମୟ
ପୂର୍ବେଣ ବେଦବ୍ୟାସ ସମ୍ବାଦ ଏ ଭାଗବତ କହିଲି
ସେହିତ ଶୁଣି ମୁନିଙ୍କ ପୁଣି ନହିଲୁ ଏଥି ନମାଇଲି ॥
ଏତେ ବିଗ୍ରହ ଶତ୍ରୁ ସୁମର ବୃନ୍ଦାଦେବୀଙ୍କ ଆରାଧି
ଶ୍ରୀପୌର୍ଣ୍ଣମାସୀ ଧାନେଣ ଦଶି ଦ୍ବନ୍ଦ ପ୍ରକାଶେ ଯେ ବିଧି ॥
ଲୋଚକ ବହି ପୁଲକ ହୋଇ ସବେ କଣ୍ଠ ଗଦଗଦ
ନଳ କୁବେର ଧନ୍ୟ ତୋହର ବ୍ରଜବାସୀ ସିଦ୍ଧ ପଦ ॥
ତୋହର ମୋଦେ ମୋହର ହୃଦେ କହିଲେ କରୁଣାମୟୀ
ଏହୁ ବିଗ୍ରହ ଆନେ ଗେ ଚର ନୁହଇ ନ ଜାଣେ ମୁହିଁ ॥
ଯେଉଁ କାରଣ ଶ୍ରୀବୃନ୍ଦାବନ ଦହନ ହୋଇଲା ଶୁଣ
କୃଷ୍ଣଙ୍କୁ ବରି ସଙ୍କେତ କରି ଗଲେ ଚନ୍ଦ୍ରାବଳୀ ଗଣ ॥
ଗଉରୀ ତୀର୍ଥେ ବିହାର ଅର୍ଥେ ଚନ୍ଦ୍ରାବଳୀ ଯେନି ରହେ
କୃଷ୍ଣ ଆଗମ ଉତ୍ସାହାକାମେ ଛନଛନ ମନେ ଗୃହେ ॥
ବିଳମ୍ବ ଜାଣି ଦୂତୀରେ ପୁଣି ରହିଲେ ଅଙ୍କୁ ଭଣ୍ଡି
ରାଧାର ସଙ୍ଗେ ରମିଲେ ରଙ୍ଗେ ଆଜ ତାଙ୍କ ସୁଖଖଣ୍ଡି ॥
ଏମନ୍ତ ଭାଳ ସେ ଚନ୍ଦ୍ରାବଳୀ ଆଳୀ ଅନୁସରି ଗଲେ
କଖଟୀ ଦ୍ୱାରେ ପଶି ନଗରେ ମଙ୍ଗଳ ଧ୍ୱନି ଶୁଣିଲେ ॥
ବାହାରେ ରହି ବିଷାଦ ବହି ସଙ୍କେତ ଠଣିକା ଜାଣି
ଶବ କୁଞ୍ଜରେ ଉଚ ବାଟରେ ପଶାଖେଳ ଶୁଣିପୁଣି
ତାପିତ ହୋଇ ମତ ଭ୍ରମଇ ମାନ ଅନଳ ଜଳଇ
ପ୍ରତିପକ୍ଷରେ ଅତି ଦୁଃଖରେ ଚନ୍ଦ୍ରାନନୁ ନସରଇ ॥
ଶଠନାୟକ କହିବା ଠକ ଧୋଡ଼ ପୋଡ଼ୁ ଏହୁବନ
କେତେ କହିଲେ କଥା ଗୋ କଲେ ମିଥ୍ୟାଗୋ କୃଷ୍ଣ ବଚନ ॥
ସଖୀ ବିରହୀ ଦେଖି ନ ସହି ବାଞ୍ଛିଲେ ଯୁବତୀ ଜଣେ
ଜଟିଳା ପାଶେ କହି ବିଶ୍ୱାସେ ଯେନିଆସ ବେଗେ ଏଠେ ॥
ଶୁଣିଲେ ଶାଶୁ ଦେଖିବେ ଆସୁ ବିଚ୍ଛେଦ ହୁଅନ୍ତୁ ବେନି
ଏମନ୍ତ ଭାଳି ଦେଲସେ ଘୁଲ ଗଲା ବାଳୀ ଆଜ୍ଞାଘେନି ॥
ଖେଳାଇ ବାଳୀ ଯାବଟେ ମିଳି ଏକାନ୍ତେ ଜଟିଳା ପାଶେ
ନେଇ ପାୟେ ଜଟିଳାକହେ କଲ୍ୟାଣ ବାଞ୍ଛିତ ତୋଷେ ॥
କାହିଁଗୋ ଥିଲ କେବେଣ ଅଇଲ କହସି ଅମ୍ଭ କୁଶଳ
ବୋଲଇ ବାଳୀ ସେ ଚନ୍ଦ୍ରାବଳୀ ତୁମ୍ଭ କଲ୍ୟାଣେ ମଙ୍ଗଳ ॥

ଯମୁନା କୂଳେ ସଜନୀ ମେଳେ ତୁମ୍ଭରେ ଓଳଗି ପେଷେ
ଶୁଣି ସେ ବୃନ୍ଦା ପାଇଲେ ଶ୍ରଦ୍ଧା କଲ୍ୟାଣ କରିଣ ଭାଷେ ॥
ବଧୂ ଯେ ମୋର ମୂଳେ ଭାସ୍କର ଦେଖିଲ କି ସଖୀମାଝେ
ଦେଖିଲୁଁ ବନେ ସଜନୀ ଗଣେ ରବିଛବି ବାସେ ପୂଜେ ॥
ବେଲ ଉଚ୍ଛୁର କପାଇଁ ପୁର ନଇଲେ ପୂଜା ବଢାଇ
ବଧୂ ତୁମ୍ଭର ପାଇଲେ ବର କମଳ ମାଳ ଚଢାଇ ॥
କି ବର ପାଇ କହସି ଆଣ୍ଡ ଦେବ ତୁମ୍ଭରେ ବଧାଇ
ନନ୍ଦନନ୍ଦନ ବର ପାଇଣ ଆମ୍ଭରେ ପୁଣ ସଧାଇ ॥
ନନ୍ଦ କୁମର ବିରୋଧୀ ମୋର ସେ ପୁଣ କି ବର ଦେବ
କନ୍ଦର୍ପ କଳା ବିବିଧ ଲୀଳା ରତିରସେ ପ୍ରେମ ଭାବ ॥
ପାଦକୁ ପାଦ ବେନି ସମ୍ବାଦ ଶାଶୁ ଜାଣି କୋଡ଼ ହୋଇ
ବୋଲଇ ସତେ ଦେଖାଇ ମତେ ପାଖବଳ ସଙ୍ଗେନେଇ ।
ଦେଖିବ ଯେବେ ଆସ ଗୋ ତେବେ ବୋଲିଣ ପଛୁ କଢାଇ
ଜଟିଳା ତାପେ ଉଠିଣ ଧାପେ ଖଟୋଇ ପଛେ ଗୋଡ଼ାଇ ॥
ହାତରେ ବାଡ଼ି ତର୍ଜ୍ଜଇ ବୁଢ଼ୀ ବନେ ଗମେ କୋପ ମନେ
ଏ ଖରାକାଳ ମଧ୍ୟାହ୍ନବେଳ ବେନିଜନ ଆଗମନେ ॥
ପଥରେ ଜଗି ଥିଲେ ସେ ସଙ୍ଗୀ ନାନ୍ଦୀମୁଖୀ ବନ୍ଦ୍ରମଣି
ଏ ବେନିଦେଖି ସେ ବେନି ସଖୀ ପାଶେ ଆସି ପଚ୍ଛରନ୍ତି ॥
କି କାର୍ଯ୍ୟ ମାଏ ଏବେଣେ ବିଜୟେ ଅତି ପ୍ରଚଣ୍ଡ ଖରାଏ
ତପତ ବାଲି ନପାରି ଚାଲି ଅଗ୍ନି କଣିକା ପରାୟେ ॥
ବଧୂ ତୁମ୍ଭର ପୂଜି ଭାସ୍କର ଆସି ନପାରି ରହିଲେ
ପେଷି ଆମ୍ଭଙ୍କୁ ଶ୍ରମ ଶାନ୍ତିକୁ କହି ନବାକୁ କହିଲେ ॥
ତୁମ୍ଭେ କାହିଁକି ଯାଅ ତହିଁକି ଲେଉଟି ସଦନେ ଯିବା
ଫୁଟିଣ ରାନ୍ଧି ଅଛନ୍ତି ରହି ଶୀତଳ.ସାମଗ୍ରୀ ଦେବା ॥
ଜଟିଳା ଭଣେ ଅପୂର୍ବ ଏଣେ ଦେଖିଣ ଅଇଲେ ଏଥୁ
ଯିହିର ସଙ୍ଗୀ ସୁବର୍ଣ୍ଣ ମୃଗୀ ଦେଖିବାକୁ ବନେ ଯାଉ ॥
ତୁମ୍ଭେ ହେ ଆସ ଦେଖ ରହସ୍ୟ ବନେ ଉତ୍ପାତ କଥା
ବୋଲନ୍ତି ବେନି ରଞ୍ଜାଇ ପୁଣି କହିଲେ ଯାହା ଏ ମିଥ୍ୟା ॥
ସିଂହ ଘରଣୀ ହେମ ହରିଣୀ ଦେଖିତ କର ଶରଧା ·
ବିଷମ ଯହିଁ ନପାଇ ତହିଁ ତୁମ୍ଭେତ ବିବେକ ବୃଦ୍ଧା ॥
ନଶୁଣି ବାଳୀ ତାମସେ ଚଳି ଖେଳାଇ ବେଗେ କଢ଼ାଇ
ଏ ବେନି ବାଳୀ ବିଷାଦେ ଭାଳି ଆସନ୍ତି ପଛେ ଗୋଡ଼ାଇ ॥
ଗୁପତ ଲୀଳା ପ୍ରଘଟହେଲା ବୁଢ଼ୀଇ ଦେଲା ଖେଳାଇ
ଭେ ଭେ ଦଇବ କଦଣ୍ଡ ହେବ ଶାଗୁନ୍ତମହା ଟଳାଇ ॥

ରଖ ଗୋ ବୃନ୍ଦାବନ ଆନନ୍ଦା ନିନ୍ଦା ନପାଇବ ଯେପରେ
ଆଜ ବଞ୍ଚାଇ ରଖ ଲୁଚାଇ ଲାଜଭୟ ନିସ୍ତାରଣେ ॥
ସେ ବୃନ୍ଦାଦେବୀ ଅଛନ୍ତି ସେବି ରାଧାକୃଷ୍ଣ ସନ୍ନିଧାନେ
ମଧୁର ଲୀଳା ରସେ କୁଶଳା ଜାଣି ପାଶେ ସାବଧାନେ ॥
ଅନେକ ମତେ ମିଳନ ଯତ୍ନେ ପଶାଖେଳାଇ ଜଗାଇ
ବୃନ୍ଦାନୁବାସୀ ଖଗ ମୃଗାଦି ବିବାଦ ଦେଖି ଭଙ୍ଗାଇ ॥
ଏମନ୍ତେ ବନେ ଏ ଯୁଗଳଜଣେ ତପନ ତାପେ ଅଦୃଶ୍ୟ
ବୃନ୍ଦା ପଲ୍ଲବେ କେତେହେଁ ଦୂରେ ଖେଳାଇ ବୋଲଇଆସ
ପଥ ନପାଇ ଧନ୍ଦି ହୋଇ ଫୁଟି ଜଟିଳା ନଚଳେ
ତପତ ବାଲି ନପାରେ ଚାଲି ଖେଳାଇ ନିଅଇ ବନେ ॥
ଶୁକ ସାରୀଙ୍କ ଚଞ୍ଚଳ ଡାକେ ଜଟିଳା ଅଇଲ ଧ୍ୱନି
କୁଞ୍ଜ ମେଳରେ ପଶା ଖେଳାରେ ବୃନ୍ଦାଦେବୀ ତାହା ଶୁଣି ॥
ଆରତ ଭାବେ ବଚ୍ଛରେ ଶଠ ଜଟିଳା ଆସୁ ଅଛଇ
କୃଷ୍ଣର ମେଳେ ଏ ପଶାଖେଳେ ଶାଶୁକ ଭଲେ ଶୁଣଇ ।
ଅନେକ ଦୁଃଖେ ମିଳନ ସୁଖେ ପଶାରସେ ମନଦେଇ
ଜଟିଳା ଧାଡ଼ ଏବେ ସେ ପଡ଼ ଆମ୍ଭେ କି କଲଇଁ ଥାଇ ॥
ବନ ଜଳାଇ ଦେବା ଭୁଲାଇ ପଳାଇ ଜଟିଳା ଯାଉ
ରାଧା ମାଧବ ମଦନ ଭାବ ନିଶ୍ଚିନ୍ତ ହୋଇଣ ରହୁ ॥
ଏମନ୍ତ ବୋଲି ମନରେ ଭାଳି ଦେଖନ୍ତି ସେ ପଶାଖେଳା
ରାଧାଙ୍କ ହେନ ସବୁ ସଜନୀ କୃଷ୍ଣହେନ ପଶାମେଳା ॥
ଗୋଟି ଗୋଟିକା ସାରି ରାଧିକା ସାତପଞ୍ଚଲେ ମିଶିବେ
ମାତ ନପାଇ ସୁଖେଣ ଯାଇ କଣିଣ ଘରେ ପଶିବେ ॥
ଏମନ୍ତ ବେଳେ ବୃନ୍ଦା ଡାକିଲେ ହେ ସଡ଼ାନଳ ବାମତା
ଦେଖି ପକାଅ ଖେଳ ରଖାଅ ନୋହିଲେ ସକଳ କଞ୍ଚା ॥
ସତ୍ୟେ ଜଣାଇ ପଶା ମଣାଇ ଅନଳ ଅନଳ ସଞ୍ଚ
ରାଧା ଗୋବିନ୍ଦ ଯୁଗଳାନନ୍ଦ ରକ୍ଷଣେ ଉପାୟ ରଚେ ।
ଡାକିଲେ ରାଣ୍ଡ ପଡ଼ିଲେ ଯେହୁ ପଶା ନିବନ୍ଧରେ ରହେ
କୃପୀଟଯୋନି ପବନ ହେନ ଆଜ୍ଞାମାନ ବନଦହେ ॥
ବୈଶାଖ ମାସ ମେଘେ ଦିନେଶ ରବି ଦ୍ୱିଷସ୍ଥା କୃତ୍ତିକା
ମଧ୍ୟାହ୍ନକାଳ ଜାତ ଅନଳ କାଠେ କାଠ ଘଷି ଶିଖା ॥
ଜଟିଳା ମନେ କୁପିତା ବନେ ଅନୁସରି ବୁହିଁ ବୁଲେ
ଶ୍ରମେ ପୁଟଇ ଝାଳକଣାଇ ଜାଣିବା ଜାଣିବା ବୋଲେ ॥
ଏମନ୍ତ ବେଳେ ଅନଳ ଜଳେ ଧୂମ ପୁଞ୍ଜ ଘୋଟିଲେ
ଜଣ ବଣିଆ ଝଣ ଝଣିଆ ପ୍ରଚଣ୍ଡେ ଜଳ ଉଠିଲେ ॥

ପବନ ବଳେ ପ୍ରଖରେ ଜଳେ ଚତୁର୍ଦ୍ଦିଗ ହୋଇ ପୋଡ଼େ
ପଛରୁ ବୁଲେ ଆଗେ ଓଗାଳେ ଲହ ଲହ ଶିଖାବଢ଼େ ॥
ଚଡ଼ ଚଡ଼ରେ ମଡ଼ ମଡ଼ରେ ଘୋରଧ୍ୱନି ଧୂମମୟେ
ଚଉ ପାରୁଶ ଅନଳ ଗ୍ରାସ ଦେଖିଣ ଜଟିଳା ଭୟେ ॥
ଆଗ ପଳାଇ ପଛକୁ ଯାଇ ଅଗ୍ନିକି ଚାହିଁ ନପାରେ
ନବଦଶେ ବୁଦ୍ଧି ଆରତେ ଧନ୍ଦ ସେ ବେନି ପଣନ୍ତ ଧରେ ॥
ଚପଟ ଲାଗି ବିକଳ ଭାଗୀ ପଶଇ ସବୁରି ମଝି
କି ଦଣ୍ଡେ ପଡ଼ି ମରିବା ପୋଡ଼ି ଅଇଲି ଯେ ବୋଲି ଗର୍ଜ୍ଜି
ବାପୁଡ଼ି ମୋତେ ଆଣିଲୁ ଏଥ ମରଣ ପଥ କଢ଼ାଇ
ଯମ ଭଉଣୀ ବନକୁ ଆଣି ମାଇଲୁ ଆଜ ପୋଡ଼ାଇ ॥
ଏମନ୍ତ କହୁଁ ପଣନ୍ତେ ତହୁଁ ଅନଳ ଆସିଣ ଲାଗେ
ଚମକ ପଡ଼ି ବସନ କାଢ଼ି ବୋବାପାଡ଼ ଝାଡ଼ିବେଗେ ॥
ବିକଳେ ବୁଢ଼ୀ ହୁଅଇ କୋଡ଼ି ସେ ବେନି ବାସ ଓଟାରେ
ଚପଟ ପାଇ ଆରତେ ଧାଇଁ ପଡ଼ଇ ଯାଇ କଣ୍ଟାରେ ॥
ସେ ବେନବାଳୀ ଆଶ୍ୱାସି ବୋଲି ପଳାଇ କାହିଁକି ଯାଅ
ସିଂହର କୋଳେ ହରିଣୀ ଖେଳେ ଦେଖିବ ପରି ଗୋ ଥାଅ
ଜଟିଳା ବୋଲେ ମରଣ କାଳେ ସେ କଥା କପାଇଁ କହ
ଏଥୁଁ ଉଦ୍ଧାର ଉପାୟ କର କେମନ୍ତେ ରହଇ ଦେହ ॥
ତୁମ୍ଭର ବୋଲି ଭର୍ତ୍ସିଲି ଫଳ ପ୍ରତ୍ୟକ୍ଷେ ହୋଇଲା ଆସି
ଏମନ୍ତେ କହି ଏ ବନେ ରହି କୃଷ୍ଣଙ୍କୁ ଯେନ ବିଳସି ॥
ଏମନ୍ତ ଶୁଣି ସେ ବେନି ଭଣି ଅସହଣୀ ଏହାକହେ
ସେ ମହାସତୀ ଦୂଷଣ ଶବ୍ଦ ତହୁଁ ଦଣ୍ଡ ଦେଖ ହୁଏ ॥
ହବ୍ୟମାନଳ ସତ୍ୟେ ଶୀତଳ ଅସତ୍ୟ ଜନ ଦହଇ
ଏହୁ ନିର୍ଦ୍ଦୋଷୀ ସତ୍ୟ ବିକାଶି ସୁବର୍ଣ୍ଣ ଶୋଭା ବହଇ ॥
ଯେ ତୁମ୍ଭ ବଧୂ ସାଧବୀ ସେହୁ ତାହାର ଦୂଷଣ ଲୋଡ଼ି
ଏହାର ବୋଲି ସତ୍ୟ ମଣିଲି କେଆନ ମରିବ ପୋଡ଼ି ॥
ଦୋଷୀର ତୁଲେ ନିର୍ଦ୍ଦୋଷୀ ଥିଲେ ସେହି ନାଶ ଯାଇବଲେ
ଏହାର ଯୋଗୁଁ ତୁମ୍ଭର ସଙ୍ଗୁ ଆମ୍ଭେ ନାଶଗଲୁଁ ଭାଳେ ॥
ଏଥକୁ କର୍ତ୍ତା ହେଲ ଗୋ ମାତା ଏବେକି ଲୋଡ଼ୁଛ ବୁଦ୍ଧି
ଅନଳ ମୁଖୁଁ କେ ଅବାରଖୁ ମହାସତୀ ଅପରାଧୀ ॥
ଖଳୋଇ ବୋଲେ ଶୁଣଗୋ ଭଲେ ରାଧା ପତିବ୍ରତା ଯେବେ
ସତ୍ୟ ଅନଳ ହୋଉଶୀତଳ ପରୀକ୍ଷ ବୁଝିବା ତେବେ ॥
ସେ ବନ୍ଦମତୀ ଧର୍ମିକୁ ଶବ୍ଦ ବୋଲନ୍ତି ପ୍ରମାଣ ଏହୁ
ରାଧିକା ସତୀ ଯେବେ ଅଟନ୍ତି ତେବେ ଅଗ୍ନି ଭୟ ନୋହୁ ॥

ଏକଇ ପତି ବିନା ପିରତି ରତିଯେବେ ଆନେ ନାହିଁ
ହେ ହୁତାଶନ ନ ଦହ ବନ ଯେବେ ପତିବ୍ରତା ରାଇ ॥
ସେ ନାନ୍ଦୀମୁଖୀ ବୋଲନ୍ତି ସାକ୍ଷୀ ହୁଅ ଧର୍ମ ଅଗ୍ନିଦେବ
ଏକଇ ପତି ରାଧିକା ସତୀ ଯେବେ ତୁମ୍ଭେ ତେବେ ଲଭ ॥
ବୁଢ଼ୀ ବୋଲନ୍ତି ମୋ ବଧୂ ସତୀ ଯେବେ ସେ ନମରି ପୋଡ଼ି
ସତ୍ୟ ଉଚାରି ପରୀକ୍ଷ କରି ବୃନ୍ଦା ଆଜ୍ଞା ଅଗ୍ନି ଘୁଞ୍ଚ ॥
ପୁଣି ସେ ଖେଡ଼େ ଡ଼ାକଲେ ଗାଢ଼େ ଚଉବାଞ୍ଚ ଖେଡ଼ ରହୁ
ବୃନ୍ଦାଙ୍କ ବାଣୀ ଦାବାଗ୍ନି ଶୁଣି ବାଟ ଘୁଞ୍ଚ ଦୂରେ ତହୁଁ ॥
ସତ୍ୟେ ଅନଳ ହୋଇ ଶୀତଳ ଦେଖି ଜଟିଳା ବିଚାରେ
ମୋହର ବୋହୂ ସାଧବୀ ସେହୁ ଦୋଷ ଦେଇ ଅବିଚାରେ ॥
କୁଳ ମଣ୍ଡନୀ ଦୁଃଖ ଖଣ୍ଡନୀ ମୁଖ ପଦ୍ମ ବିକାଶଇ
ସେ ମହାସତୀ ମୁଁ ହୀନମତି ଖଳ ବୋଲେ ଝିଙ୍ଗାସଇ ॥
ଏମନ୍ତ ଭଳି ଲେଉଟି ଚଳି ଖଳୋଇ ଲାଜେ ଗୋଡ଼ାଇ
ଟେକି ବଦନ ନଚାହେଁ ପୁଣ ପଣନ୍ତେ ମୁଖ ଘୋଡ଼ାଇ ॥
କେତେହେଁ ଦୂରେ ଗୋରୁଗୋପାଳେ ଅନଳ ବେଢ଼ିଛୁଦେଖି
ଦୂରେଣ ରହି ଆକୁଳେ ଚାହିଁ କେ ପୁଣ ଏହାଙ୍କୁ ରଖି ॥
ସେ ଗୋପ ସୁତେ ଅନଳ ଖିଚେ ବୋଲନ୍ତି ହେ ଗୋପବୀର
କାନନ ପୋଡ଼ି ଅନଳ ବେଢ଼ି ବେଗେ ଏଥୁଁ ପାରିକର ॥
ପଶା ବଢ଼ିଲେ ଡ଼କା ପାଡ଼ିଲେ ଶୁଣି ହରି ବେଗେ ଆସେ
ରାଧା ବିଜୟେ ସୂର୍ଯ୍ୟ ପୂଜାଏ ଶୁଭେ ଭବନେ ପ୍ରବେଶେ ॥
ସଙ୍ଗେ ସୁବଳ ମଧୁମଙ୍ଗଳ ହେନ କୃଷ୍ଣ ଗୋଷ୍ଠ ବିଜେ.
ଗୋରୁ ଗୋପାଳ ଅତି ଆକୁଳ ଘୋର ଦାବାନଳ ତେଜେ
ଗାବ ଚରଇ ଥିଲୁ ପଳାଇ ଗୋପାଳେ କୃଷ୍ଣଙ୍କୁ ଚାହିଁ
ବୋଲନ୍ତି ଭାଇ ରହ ଅନାଇ ଅନଳ ଆସୁଛି ଦହି ॥
ହେଲୁଁ ନିରେଖ'ପାଶରିଲ ରଖ ଆନ ବେଳ ପରି ନୁହେ
ପ୍ରଳୟାନଳ ମହା ପ୍ରବଳ ସମୀର ସାହାରେ ବହେ ॥
ବଟୁ କହଇ ଶୁଣରେ ଭାଇ ସେ ଯାହା ସତ୍ୟ ଉଚାର
ସତ୍ୟରେ ଶାନ୍ତ, ଅରୁଣ ମୂର୍ତ୍ତି ଲୋଚନ ବୁଜ ବିଚାର ॥
ଶୁଣି ଏମନ୍ତ ସକଳେ ନେଇ ବ୍ରଜ ଏମନ୍ତ ବୋଲନ୍ତି
କୃଷ୍ଣ ଆମ୍ଭର ବନ୍ଧୁ ସୋଦର ନାହିଁ ନାହିଁ ଆନ ଗତି ॥
ବୋଲନ୍ତି ହରି ସତ୍ୟ ଉଚାରି ଜିତେନ୍ଦ୍ରିୟ ଆମ୍ଭେ ଯେବେ
ଗୋକୁଳ ଜନ ମୋର ଜୀବନ ସତ୍ୟେ ଅଗ୍ନି ଲିଭୁ ତେବେ
ଅନଳ ଭୟେ କଙ୍କର ପ୍ରାୟେ ଜାଣି ହରି ବର ଦେଲେ
ମାଘ ପୂର୍ଣ୍ଣିମୀ ନର ମାନବୀ ପୂଜିବେ ଗ୍ରାମ ସକଳେ ॥

ଏ ଦୋଳା ଲୀଳା ଏ ପଶା ଖେଳା ରଖିଲି ତୁମ୍ଭେ ଆମ୍ଭର
ଦୋଳ ଉତ୍ସବେ ପୂଜା ସମ୍ଭବେ କରିବୁଁ ଆମ୍ଭେ ତୁମ୍ଭର ॥
ଶ୍ରୀବୃନ୍ଦାବନ ଯେ ହୁତାଶନ ଆପଣା ଗର୍ଭେ ରଖିଲେ
ଅନଳ ଲିଭି ବନ ପଲ୍ଲବି ନୂତନ ଶୋଭା ଦେଖିଲେ ॥
ଗୋପାଳ ସୁଏ ଆନନ୍ଦ ହୁଏ ଗୋବିନ୍ଦ ଚରଣେ ବନ୍ଦି
ଜଟିଳା ବୃଦ୍ଧି ଆଶ୍ଚର୍ଯ୍ୟ ହୋଇ ଆପେ ଆପେ ହୁଏ ନିନ୍ଦି ॥
ଏମନ୍ତ ଯେହି ତାହାକୁ ମୁହିଁ ଅପବାଦ ଦେଉଥାଇ
ଖଳ ବାଦକୁ କୁଳ ବଧୂକୁ ନିନ୍ଦ ନିନ୍ଦ ହିନସାଇ ॥
ତ'ହାର ଧର୍ମେ ବର୍ତ୍ତିଲି କର୍ମେ ଶାନ୍ତ ଶାନ୍ତ ସୁରେ ଚଳେ
ବଧୂକୁ ଦେଖି ହୋଇଣ ସୁଖୀ ଲଳିତରେ ପ୍ରତିପାଳେ ॥
ଦିବସ ଶେଷ ଗୋପେ ପ୍ରବେଶ ଗୋଧନ ଘେନି ଶ୍ରୀ ବିନ୍ଦ
ଗୋକୁଳ ସର୍ବ ଅନଳ ଲିଭି ଶୁଣି ସକଳ ଆନନ୍ଦ ॥
ଶୁଣହେ ଧନପତି ନନ୍ଦନ ଏ ନିମନ୍ତେ ବନ ଦହେ
ତୁମ୍ଭର ପାଇଁ ହୃଦରେ ଥାଇ ଭଗବନ୍ତ ଏହା କହେ ॥
ବ୍ରହ୍ମାକୁ ଯେହି ଗୋଚର ନାହିଁ ଆମ୍ଭେ ତା ଜାଣିବୁଁ କାହିଁ
ବଚନ ଗଦ୍ଗଦେ ନାରଦ ସାତ୍ତ୍ୱିକେ ନ ପାରେ କହି ॥
କୁବେର ବାଳା ଲୋତକ ମାଳା ଶୁଣି ପୁଲକ ହୁଅଇ
ମନରେ ଶାନ୍ତ ସ୍ୱର୍ଗ ସମ୍ପତ୍ତି କଣ୍ଟକ ସମ ନୁହଇ ॥
ବ୍ରଜବିହାର ଚରିତ ସାର ଦାବାନଳ ହେତୁ ରସ
ହୃଦରେ ରହି ହରି ଯା କହି ତାହା ଲହେ ଦୀନ ଦାସ ॥
ସୁଜନ ଜନେ ସଂଶୟ ମନେ ନକର ବ୍ରଜ ଚରିତେ
ଜାଣିବ ଯେବେ ପଚ୍ଛର ତେବେ ସେହି ଏ ରସ ଭକତେ ॥
ଶାସ୍ତ୍ରେ ପ୍ରଗଲ୍‌ଭ ହୋଇଲେ ଗର୍ବ ବହିଲେ ଭାବ ନପାଇ
ସକାନ୍ତି ମେଳେ ଭାବନା କଲେ ମନ ବଳାଇଲେ ପାଇ ॥
ଶ୍ରଦ୍ଧାରେ ଶୁଣି ଯେବା ବଖାଣି ଆରତ ବିପତ୍ତି ନାଶ
ଅନଳ ଭୟେ କେବେହେଁ ନୁହେ ଅନ୍ତେ ଗୋକୁଳେ ନିବାସ
ବ୍ରଜବିହାର ସପ୍ତମ ବୋଲି ପୂର୍ବ ବିଭାଗ ସମ୍ପୂର୍ଣ୍ଣ
ବୋଲଇ ଦାସ ପାମର ରସ ଶୁଣିବା ସୁଜନ ଜନ ॥

—*—

( ଗୁଣ ସାଗର ବୋଲରେ ଗାଇବ )

ଏ ବ୍ରଜବିହାର ଅମୃତ ସାଗର ପ୍ରେମ ମୂଳ ଭାବ ଦ୍ରୁମ
ସପ୍ତମ ସ୍କନ୍ଧ ଉତ୍ତର ଭାଗ ଛନ୍ଦ-ବଂଶାକ୍ଷରେ ପଦସମ ॥
ଲୀଳା ରହଣରେ ବନ ଦହନରେ ରସ ଗର୍ଭ ହେଉଥିଲେ
ନାରଦ କହନ୍ତେ ଧନପତି ସୁତେ ସାନନ୍ଦ ପୁଲକ ଚିତ୍ତେ ॥
ସଂଶୟ ମନରେ ବିନୟ ଭାବରେ କର ଯୋଡ଼ିଣ ପଚାରେ
ଅତି ଗୂଢ଼ତର ନିଗମେ ଗୋଚର ନୁହେ ଲୀଳା ଲୋକାନ୍ତରେ
ସେ ରାଧାମାଧବ ମନରେ ଯେ ଭାବ ଗୁପତ ପ୍ରକଟ ରସ
ବ୍ରହ୍ମା ଶେଷ ଶିବ ଯେ ରସ ଅଗମ କେମନ୍ତେ ତୁମ୍ଭଙ୍କୁ ଦିଶ
ଦୋଷ ମୋ ନ ଘେନ କୃପାକର ସ୍ୱାମୀ ପରତେ ଯିବଇ ଯେଣେ
ଏମନ୍ତ ସେ ଭଣି ମୂର୍ଦ୍ଧନରେ ପାଣି ପ୍ରଣାମ କରେ ଚରଣେ
ଏମନ୍ତ ଶୁଣି ନାରଦ ମହାମୁନି ବୋଲନ୍ତି ହେ ଧନ୍ୟ ଧନ୍ୟ
ବ୍ରଜବାସୀ ସେଣୁ ଶୁଦ୍ଧ ମନ ତେଣୁ ପ୍ରସଙ୍ଗରେ ପରମ ଜ୍ଞାନ ॥
ସୂକ୍ଷ୍ମ ସନ୍ଧି କେ ପୁଣ ପାରେ ଭେଦି ପୂର୍ବେ ସନତ କୁମାର
ପୁଚ୍ଛିଲେ ସେ ଯାହା କହିଲୁଟି ତାହା ପ୍ରକଟ ନିତ୍ୟବିହାର
ସେକାଳେ ଏଦୃଶ୍ୟ ନୁହେଁ ଗୂଢ଼ରସ ତୁମ୍ଭ ପ୍ରଶ୍ନରେ ଏବେ ଦିଶେ
ଆମ୍ଭର ସିଦ୍ଧି ଶୁଣିବା ପୂର୍ବବିଧି ଉପଦେଶ ବ୍ରଜରସେ
ବହୁତ ଜନମେ ସାଧୁଙ୍କ ସଙ୍ଗମେ ଗୋବିନ୍ଦ ଗୁଣ ଶୁଣିଲୁଁ
ଚରଣ ସେବଣ ଉଚ୍ଛିଷ୍ଟ ଭକ୍ଷଣ ନିରତେ ନାମ ଗୁଣିଲୁ ॥
ଶ୍ରଦ୍ଧାନୁ ଦିବସେ ଲାଳସା ମାନସେ ନୃତ୍ୟଭାବେ ଆସକ୍ତ
ବିଷୟ ଭୁଞ୍ଜଇ ଆନ ନରୁଚଇ ହରି ରସେ ସଦା ରତ ॥
ବାସନା ବଳରେ ବ୍ରହ୍ମାଙ୍କ କୁଳରେ ଋଷି ରୂପେ ଉତପତି
ନିଗମ କର୍ମରେ ଏ ଲୋକ ଧର୍ମରେ ନ ପଶେ ସେ ରସେ ମତି
ବେଦମାର୍ଗେ ଥାଉଁ ଅ ସକତ ନୋହୁଁ ପ୍ରଭୁଭାବେ ହୋଇ ସୁଖୀ
ଦେବ ଋଷିଗଣେ ସର୍ବ ଋଷିମାନେ ଉପହାସ କରେ ଦେଖି
ବିଧାତା କେବଳ କରନ୍ତି ଆଦର ପ୍ରଭୁଙ୍କ ସେବକ ଜାଣି
ଶ୍ରୀ ବ୍ରଜଚରିତ ଭାବଇ ନିରତ ଚିତ୍ତ ମୋର ପରମ ଣି ॥
ଗୋକୁଳ ମନ୍ତ୍ରରେ ଗାୟତ୍ରୀ ଛନ୍ଦରେ ଋଷି କଲେ ଗୋକୁଳରେ
ବ୍ରହ୍ମା ଦୀକ୍ଷା ପାଇ ବ୍ରଜରେ ସେବଇ ପ୍ରକଟ ଲୀଳା ରସରେ ॥
ଏମନ୍ତ ହୋଇ ଶ୍ରୀହରି ସଙ୍ଗେ ଥାଇ ପ୍ରେମ ରସକୁ ନପାଇ
ବ୍ରଜେଶ୍ୱରୀ ଯେବେ ସେଦୟା କରି ତେବେ ସେ ଏରସ ପାଇ
ବ୍ରହ୍ମାଙ୍କ କୃପାରୁ ବୃନ୍ଦାଙ୍କ ସେବାରୁ ତୁମ୍ଭର ପ୍ରଶ୍ନରୁ ଦିଶେ
ପୂର୍ବେ ଗୋପକନ୍ୟା କୃଷ୍ଣରେ ଭାବନା ଘଟନା ଧାତା ଆଦେଶେ
ଏମନ୍ତ ଶୁଣି କୁବେର ସୁତ ଭଣି ଶୁଣିବା ଭେଦେ ବ ମୁନି
କେଉଁ ଅବସରେ ବ୍ରହ୍ମା ଶିକ୍ଷା ଦେଲେ ସେବିଲେ କି ଭାବ ଘେନି
ବିସ୍ତାରି କହିବା ସୁଦୟା ବହିବା ଫେଡ଼ିବା ହୃଦୟ ବ୍ୟଥା
ଏମନ୍ତ ଶୁଣି ନାରଦ ମହାମୁନି କହେ ଅନୁଭବ କଥା
ସାନନ୍ଦ ହୋଇ ଲୋତକ ଧାରବହି ଶୁଣ କୁବେର ନନ୍ଦନ
ଏକଇ ଦିନେ ସରସ୍ୱତୀ ଭୁବନେ ବ୍ରହ୍ମାଙ୍କୁ କଲୁଁ ଦର୍ଶନ

ସକଳ ମୁନି ଆଦରେ ପଦ୍ମଯୋନି ଏ ଟମାର ମୁଖକୁ ଚାହିଁ
ଶ୍ରୀ ବୃନ୍ଦାବନରେ ବଛା ହରଣରେ ଗୋବିନ୍ଦ ମହିମା କହି ।
ଆମ୍ଭେ ଆଜଗଲୁଁ ଦରଶନ କଲୁଁ ଗୋବିନ୍ଦ ବାଳକ ବେଶ
ଏକ ସମାଚାର ନାହିଁ ନା ଆଚାର ଉଚ୍ଛିଷ୍ଟ ସେ ଭୁଞ୍ଜାଭୁଞ୍ଜି
ବୁଦ୍ଧି ଭ୍ରମହେଲା ପରତେ ନକଲୁଁ କପଟ ଲୋଡ଼ିଲୁ ହରି
ଦେଖିବା ସେ ଆଜକଣରେ କ କାର୍ଯ୍ୟ ବଛାବାଳ କଲୁଁ ଚୋରି
ଆପଣାର ଗର୍ଭୁଁ ଜାତକଲେ ପ୍ରଭୁ ଗୋପସୁତ ଗାବ ବଛା
ଯେମନ୍ତ ଯେ ରୂପ ବୟସ ସ୍ୱରୂପ ସ୍ୱଭାବ ଯେଯାହା ଇଚ୍ଛା ।
ଦେଖିଲୁଁ ମହିମାରେ ଜନଲୁଁ ଗରମା ବଛାବାଳ ନେଇଦେଲୁଁ
ଅନେକ ସ୍ତୁତିକରି ପାଦେ ପ୍ରଣତି ବିନୟ ଭଗତି ହେଲୁ ॥
ସେଯେ ଦୟାନିଧି ମୁହିଁ ଅପରାଧୀ କ୍ଷମାକଲେ ସବୁ ଦୋଷ
ଜଗତ ପାଳନେ ସୁବୁଦ୍ଧି ସୁଜ୍ଞାନେ ଦେଲେ ପୁଣ ଉପଦେଶ,
ନାଶ ମହାଭାର ନଷ୍ଟେ ଅବତାର ପୂର୍ଣ୍ଣବ୍ରହ୍ମ ସନାତନ
ସଂଶୟ ଛୁଟିଲା ସୁପଥ ଫିଟିଲା ଭଗବାନ ଦରଶନ ॥
ପତିତ ତାରିବେ ଲୀଳା ବିସ୍ତାରିବେ ଭକ୍ତଜନେ ସୁଖଦେବେ
ଜଗତ ନିମନ୍ତେ ଗୋପୀଙ୍କ ସଙ୍ଗତେ ମଧୁର ରସେ ରସିବେ
ଏମନ୍ତ ଧାତା କହନ୍ତେ ଉଦ୍ଧବରେତା ଶୁଣି ଶରଧାଅଶେଷ
ଅଷ୍ଟାଙ୍ଗ ଯୋଗେ ନପାଇବେବେଦ ମାର୍ଗେ ସେପ୍ରଭୁ ସ୍ୱୟଂପ୍ରକାଶ
ନିଗମ ଆଗମ ସେଁ ପୁଣ ଅଗମ୍ୟ ସେ ପ୍ରଭୁ ମାନବ ରୂପେ
ଅବିଦ୍ୟାବଳେଗୋପାଳମେଳେଖେଳେବୃନ୍ଦାବନଚନ୍ଦ୍ର ଗୋପେ
କ କ ଲକ୍ଷଣ କେବଣ ବର୍ଣ୍ଣିବନ୍ଧ କେମନ୍ତ ଲାବଣ୍ୟ ରାଶି
ଦେଖିବା ଭୋଳେ ଉତ୍ସାହ ମନକଲେ ବରିଷ୍ଠ ସକଳ ଋଷି
ବେଦ ବଚନ ଜାଣିଣ ତତ୍ତ୍ୱଜ୍ଞାନ ସାକ୍ଷାତ ମୁଖୁଁ ଶୁଣିବା
ଜ୍ଞାନ କର୍ମ ଯୋଗ ଉତ୍ତମଯେ ମାର୍ଗ ତତ୍ତ୍ୱ କରି ତା ଘେନିବା
ସଂସାର ଚରିତ ଜୀବ ଆତଯାତ କେଉଁ ଭାବେ ହେଉଛନ୍ତି
କାହିଁ ଆସନ୍ତି କାହିଁ ପୁଣ ଯାନ୍ତି କାହାର ବଳେ ଭ୍ରମନ୍ତି ।
ଏ ସବୁ ସାଧନ ଜାଣିବା ନିଦାନ ଭଗବାନ ପରସନେ
କୁତ୍ସିତ ସଙ୍ଗ କରିବେ ବେଗେ ତ୍ୟାଗ ଦେବେ ସୁଖ ଦରଶନେ
ବିଦ୍ୟା ସମ୍ବାଦ ଜାଣିବା ତତ୍ତ୍ୱ ଭେଦ ସେ ପ୍ରଭୁ ସବୁ କାମଦ
କହିବେ ଯଥାର୍ଥ ପରମ ଯେ ଅର୍ଥ ନିଗମ ଉପନିଷଦ ॥
ଏମନ୍ତେ ଚିତ୍ତ ଅଇଲେ ସବୁ ଯତି ଆମ୍ଭେ ହେଁ ଅଇଲୁ ସଙ୍ଗେ
ଶ୍ରୀବୃନ୍ଦାବନେ ଗୋବିନ୍ଦ ଦରଶନେ ପ୍ରବେଶ ହୋଇଲୁଁ ବେଗେ
ଦେଖିଲୁଁ ବନ ଅତ୍ୟନ୍ତ ଶୋଭାବନ ନବଦଳ ତରୁ ଲତା
ଅବନୀ ଲୋଳଇ ପବନେ ଟଳଇ ଫଳ କୁସୁମେ ଶୋଭିତା ।

ନିର୍ମଳ ବାଲି ସୁସଜ୍ଜ ପୀଠସ୍ଥଳୀ ପରଗ ଗୁଣ୍ଡି ସୁଷମେ
ମଧୁକର କୁଳ ମୁଖରିତ ଘୋଳ ଶାରୀ ଶୁକ ମନୋରମେ ॥
କୋକିଳ ଗାୟଇ ବନ ସୁବାସଇ ମଳୟ ଗନ୍ଧ ମରୁତେ
ଖଗ ମୃଗ ରଙ୍ଗେ ବିହରେ ସୁସଙ୍ଗେ ସୁବାସ ରସ ବସନ୍ତେ ॥
ଯମୁନା ନଦୀ ବହଇ ବନ ଭେଦି ଶୀତଳ ପାତଳ ଜଳ
କୁମୁଦ କମଳ ଆଦି ଫୁଲ କୁଳ ପ୍ରଫୁଲ୍ଲେ ଦିଶେ ମଞ୍ଜୁଳ ॥
ମୀନ କୁଳ ଖେଳେ ତରଙ୍ଗ ଚଞ୍ଚଳ ହଂସ ଚକ୍ର ଚକ୍ରବାକ
ପନ୍ତି ପନ୍ତି ଭାଷେ କଳରବ ଘୋଷେ ସୁସ୍ୱରେ ଡାହୁକ ଡାକ ॥
ମଣ୍ଡିଣ ବାଲୁକା ତଟରୁ ଲତିକା ମୂଳ ଅତି ମନୋହର
ସଲଳାନିଳ ସ୍ପର୍ଶ ବାଲି ଶୀତଳ ଗୋବିନ୍ଦ ସୁଖ ବିହାର ॥
ପିନ୍ଧିଲେ କାଛେଣି ମାଳ ଗଉଛୁଣି କାଞ୍ଚିଦାମ ଘଣ୍ଟିସାର
ଫୁଲ ଓହଳଇ ଝୁମ୍ପା ଦୋହଲଇ ବିବିଧ ପଦକ ହାର ॥
ଧାଗୁଡ଼ି ମାଳୀ କଟିବନ୍ଧ ଶଙ୍କୁଳ ଥୋପା ଜାଲବନ୍ଧ ଗୁନ୍ଧ
କଟି ଓଡ଼ଆଣି କନକ କଙ୍କିଣୀ ନାନା ବର୍ଣ୍ଣେ ବାସପିନ୍ଧ ॥
କରେ କଙ୍କଣ ମୁଦ୍ରିକା ଶୋଭାବନ ଗଳେ ବନମାଳ ଲମ୍ବେ .
କର୍ଣ୍ଣେ କୁଣ୍ଡଳ ଅଳକା ବେଢ଼ସାର କମନୀୟ ରତ୍ନ କମେ
କପୋଳେ ଶବକ ବିଚିବ ତିଳକ ଚୂଳ ଶୋଭା ଗଭା ଫୁଲେ
ବିଚିବ ଶିଖା ମୟୂର ଚନ୍ଦ୍ରିକା ରୁଞ୍ଜ ଗୁଞ୍ଜ ଫୁଲମାଳେ ॥
ସର୍ବାଙ୍ଗେ ଚନ୍ଦନ ଝାଳେ କରଦନ ଶିଙ୍ଗା ବେଣୁ ଧ୍ୱନିକରେ
ତାଣ୍ଡବ ସ୍ୱଞ୍ଚାରେ ଆଳାପ ଉଚାରେ ଗାୟନ ଏକଇ ସ୍ୱରେ
କଟିରେ କଙ୍କିଣୀ ନୂପୁର ବାଜେଣି ତାଳ ଅନୁଗତେ ବାଜେ
ଗୋଧନ ଚରାଇ ଲଉଡ଼ି ଖେଳାଇ ସାଧନ ମେଳାଇ ସାଜେ
ଉଦ୍ଧ୍ୱେଣ ଥାଇ ଗୋପାଳ ବୃନ୍ଦ ଚାହିଁ ଚିହ୍ନି ନ ପାରିଲୁଁ ହରି
ସବେ ସମଏକ ନାହିଁ ଊଣାଧିକ ଜାଣିବୁ କେମନ୍ତ କରି ॥
ଆଜ ଭଗବାନ ନଇଲେ ବା ବନ ରହିଲେ ଗୋପ ନଗରେ
ଜଗତ ଈଶ୍ୱର ଲକ୍ଷ୍ମୀ ପରଗ୍ୟର ସେକ ଗୋରସ ସଙ୍ଗରେ ॥
ଗୋପାଳବେଶରେବନରେବିହାରେଫଳେକ ତୋଳିଣ କରେ
କବଳେ ଖାଇ ଆରେକ ମୁଖେଦେଇ ସ୍ୱାଦୁ ବୋଲିପ୍ରୀତିଭରେ
କେହୁ ଝାଳରହି ଘେନିଣ ପଳାଇ ଅଙ୍ଗୁଳି ହଲାଇ ଖାଇ
ସ୍ୱାଦୁ ଫଳ ଗଛି ଆରବାରକେ ଅଛୁ ଥୁ ଥୁ ଛେପକୁ ପକାଇ
ଅମୃତ ବୋଲି ନଅନ୍ତି ଜ୍ୱରକରି କେହୁ ଲୁଚାଇ କେ ପାଇ
ଖେଡ଼ରେ କଣି କନ୍ଧରେବସି ପୁଣି ହେଉ ଘେନ କେହୁ ଯାଇ
ବାହୁ ଯୁଦ୍ଧ କରି ହୋଇ ଧରାଧରି ଯୋଡ଼ି ବନ୍ଧେ ଗଡ଼ାଯାଇ
ହୁଙ୍କାରନାଦେ ଉଠିକେ ମାରେ ପାଦେ ଉପେକ୍ଷଣ ପୁଣପଳାଇ

ଧାଇଁଧରନ୍ତେ ଶରଣଧରି ଦନ୍ତେ ଦୋଷକଲିବୋଲିବୋଲେ
କେ ଦୁଇ ଜଣ ଯେଣ ମାଲବନ୍ଧାଣ କେହୁ ଉପରେକେତଲେ
କେ ପେଲାପେଲି ନଅଇ ଖଣ୍ଡେଠେଲି ସେପୁଣ ଢୂଙ୍କାଇଆଣେ
ନୁହେ କେହୁ ଓଣ୍ଡ ଦୁହେଁ ସମକକ୍ଷ ଯୁଦ୍ଧ ରଙ୍ଗେ ଜଣେଜଣେ
ଘୁଉଡ଼ନ୍ତି ନଉଡ଼ ଘଉଡ଼ା ଘଉଡ଼ ଠାଣେ ରହି ଠୁକାଠୁକ
ଫେରଇ ବୁଲଇ ଫିଟିକେ ପଳାଇ ପାଞ୍ଚେ ରହି ଟକା ଟକ
ବସି ଅଭ୍ୟାସି ଲଉଡ଼ କେହୁ କସି ଗଳପଳାଇଣ ପିଟି
କେ ପୁଣି ଆଉଁ ଲୀଳାଗତ ଲଉଡ଼ ଗଳାମାଳା ନଏ ଘୁଟି ॥
ସାଧନସାରେ ଆଉ ବାଙ୍କ ସୁସାରେ ଯିବା ଆସିବା ଛଟକେ
ଧାଇଁ ଧପଟେ ରହନ୍ତି ଆଉପଟେ ହାର କୁଣ୍ଡଳ ଝଟକେ ॥
ଅଙ୍ଗ ଡଳାଇ ବେନି ବାଉବୁଲାଇ ନୃତ୍ୟକାରୀ ପ୍ରାୟେଁ ଭ୍ରମେ
ମଣ୍ଡଳ ଆକାରେ ଚନ୍ଦ ଅନୁସାରେ ଶର ନିବାରଣ କ୍ରମେ ॥
ଚଉଲଉଡ଼ ଊର୍ଦ୍ଧ୍ୱକୁ କେହୁମୁଣ୍ଡ ଏକଧରି ଆର ଫିଙ୍ଗେ
ଯିବା ଆସିବା କରେ ଧରି ପେଶିବା ସାଧନ ସ୍ୱଭାବ ରଙ୍ଗେ
କେବୋଲେବାଣ୍ଟ ନୋହିଲାଭଇ କଣ୍ଟଆଗେସାଧନଦେଖାଇ
ଲଉଡ଼ ପରେ ଲଉଡ଼ ଊର୍ଦ୍ଧ୍ୱେ ଧରେ ସାଧନ ବଳେରଖାଇ
ଏକ.ଆରକେ ସାଧନ କଉତୁକେ ବେଳୁ ବେଳ ଚନ୍ଦପଡ଼େ
ଆଶ୍ଚର୍ଯ୍ୟ ପାଇଲୁଁ ଦେଖିଣ ରହିଲୁଁ ଶ୍ରଦ୍ଧା ଅନୁରାଗଗାଢ଼େ
ରାମ ଗୋବିନ୍ଦ ନପାଇରୂପ ଭେଦ ଉର୍ଦ୍ଧ୍ୱ ଋଷି ସର୍ବରୂପି
କାନନ ମଧ୍ୟ ଗୋପସୁତ ସନ୍ନିଧି ପ୍ରବେଶ'ହୋଇଲୁଁଆସି
ଆମ୍ଭଙ୍କୁ ଦୃଷ୍ଟିଂକୁମାରେ ଭକ୍ତି ବହି ମୂର୍ଦ୍ଧନରେ ଦେଲେକର
ହେ ମୁନିଗଣେ ରହିଲ କିଁ କାରଣେ ଗୃଉଡ଼ ଖେଡ଼ ଆମ୍ଭର
କଲ୍ୟାଣ କରି କହିଲୁଁ ବ୍ରହ୍ମବୃଷ୍ଟି ତୀର୍ଥଯାତ୍ରା କରିଯାଉଁ
ତୁମ୍ଭଙ୍କୁ ଦେଖି ହୋଇଲୁଁ ବଡ଼େ ସୁଖୀ କଉତୁକେ ଦେଖିରହୁଁ
ଶୁଣିଏମନ୍ତ ଗୋପାଳେ ତୋଷଚିତ୍ତ ପୁଣିଲୀଳା-ବିନୋଦେ
ସୁମେଳ କରାଇ ଗାଈଙ୍କୁ ଚରାଇ ଶିଙ୍ଗା ଶଙ୍ଖ ବେଣୁନାଦେ
ଶ୍ରମରେ ଫୁଟି ହୋଇଲେ ଏକ ଗୋଷ୍ଠୀ ବାମାଧରାଉଛଳେ
ଚଉଷମ ପୀଠ ବସ୍ତାର ନିବାଡ଼ ଘୁମ୍ବା ପଲ୍ଲବ ଗହଳ
ତହିଁରେ ରହି ଶୀତଳ ତନୁହୋଇ ଉପାଧି ନିଖେଡ଼ ଭୁଆଇ
ତବଶ କୋଠି ଚଳୁର ପାଳିକାଠି ଘୁରି ଘୁରି ସାର ନିଆଇ
ମଧୁମଙ୍ଗଳ ଆଗେ ହୁଏ ସୁବଳ ଦାମ ଶ୍ରୀଦାମ ଏ ବେନି
ବଳାଇ କହ୍ନାଇ ଯାଷୀ ହୋଇଆଉ ସକଳ କୁମାର ଯେନି
ଛକଡ଼ା କଉଡ଼ି ଝିମକାଣ ଦେ ଦଶ ପଚିଶ ଏ ଡ଼ାକେ
ଏହାକେ ଦାହାର ପୁଅ ଯେନିସାର ଛକାବାର ନପୁଁ ସକେ

ସୁର ତିନ ଦୁଇ ହାତଦାନ ଏହି ଏରୂପେ ସପତ ଦାନ
ଦଶ ପଚିଶ ଦାନମଧ୍ୟେ ସରସ ପ୍ରଥମେ ସାରି ଗମନ ॥
ଦାନବଳେ ଚଳେ ଚଉକଡ଼େ ବୁଲେ ମାଡ଼ମାରି ପାଶରେ
ଦାନର ସ୍ଥାନେକେତେକୋଠୀଗମନେ ମାଡ଼ଖାଇଣଲେଉଟେ
ଛକେ ଯେବେ ଥାଇ ମାଡ଼ ତହିଁନାହିଁ ଏରୂପେ ଏ ପଞ୍ଚଶାଇ
ପୀଡ଼କୁ ପୀଡ଼ ସଂସାର ବନ୍ଧଖେଡ଼ ହେତୁନୁହେ ମୁନି ଦୃଷ୍ଟିଁ ॥
ଋଷିଙ୍କି ଜ୍ଞାନ ସଖାଙ୍କୁ ସନମାନ ବୃନ୍ଦାବନେ ନବଲୀଳା
ବଟକୁ ହରାଇ ରହସ୍ୟ କରାଇ କପର୍ଦ୍ଦୀ ଖେଳରେ ମେଳା ॥
ତାମସ ରାଜସେ ହରଷ ବରଷେ ତୋଷପାଉ ମାଡ଼ ଛଳେ
ନୁହେକଲେ ଦାଣ୍ଡୀ କପର୍ଦ୍ଦୀ ଯେଉଛାଦାନକର୍ମବଳେତଳେ
ଥୋନାଏ ବେଳ ଏରୂପ ରଚିଖେଳ ଚଞ୍ଚଳଦୃଷ୍ଟି ହୋଇଲେ
କେତେଗଳେଗାଣ୍ଡ ଧାଅଁ ଧାଅଁ ଭାଇବୋଲିଖେଳଭଙ୍ଗି ଗଲେ
କୃଷ୍ଣ ପ୍ରସନ୍ନ ନୋହିଲେ ଦରଶନ ନପାଇ ନଜାଣି ଗଲୁଁ
ବାର୍ତ୍ତା ଜାଣି ମିଳିଲେ ପଥେ ପୁଣି ଦେଖିଣ ପ୍ରମାଣ କଲୁଁ ॥
ପୁଚ୍ଛିଲେ ବନ୍ଧୁ ସକଳେ ଥିଲେ କାହିଁ କହିଲୁଁ ସର୍ବ ଚରିତ
ବୋଇଲୁ ହରି ଗୋକୁଳେ ଅବତରି ଶୁଣି ଲୁବ୍ଧ ଆମ୍ଭଚିତ୍ତ
ଗଲୁଁ ବୃନ୍ଦାବନେ ପ୍ରଭୁଙ୍କ ଦର୍ଶନେ ଭେଟ ନପାଇଲୁଁ ତହିଁ
ଗୋପାଳ ବାଳ ଖେଳନ୍ତି କୁତୁହଳ କେବଳ ଦେଖିଲୁଁ ରହି
ଲଉଡ଼ଖେଳ ପ୍ରବୀଣ ହୋଇ ମେଳ ପଶାଖାଇ ନାମେଖେଳେ
ସୁରଗୋପାଳେସୁଶପାଳିଆବୋଲେସାକ୍ଷୀବେନିଗୋଷ୍ଠବାଳେ
ବାର୍ତ୍ତା ଜାଣି କହିଲେ ପରମାଣି ବୋଲନ୍ତି କହିବା ଆମ୍ଭେ
ଦରଶନ କଲ ଜାଣିନପାରିଲ ଗର୍ବ ବିସ୍ମରିଲ ତୁମ୍ଭେ ॥
ସେ ଭଗବାନ ଦେବେଆଗେଦର୍ଶନଗୋପାଳସଙ୍ଗେଚରିବେ
ବିଦ୍ୟା ବିବାଦେ ଜ୍ଞାନ ଯୋଗସମ୍ବାଦେ ଆମ୍ଭରସଙ୍ଗେମଜ୍ଜିବେ
ଏମନ୍ତ ମନ ଜାଣି ଗର୍ବଗଞ୍ଜନ ଦେଖାଦେଇ ଭୁଲାଇଲେ
ଗୋପାଳ ପୁଏ ଶ୍ରୀକୃଷ୍ଣ ଭିନ୍ନନୁହେ ଏବୁଦ୍ଧି ତୁମ୍ଭେନୋହିଲେ
ନିଜ ପାରିଷଦ ଭକତ ପ୍ରସିଦ୍ଧ ସମସ୍ତ ମୁକୁନ୍ଦବତ
ତାଙ୍କ ସମାନ ଆମ୍ଭେ ପଞ୍ଜଳପନ ନୋହୁଁ ନୋହୁଁ ସତ୍ୟସତ୍ୟ
ଗୋପାଳେ ଇତର ବୁଦ୍ଧିସେ ତୁମ୍ଭର ହରିଙ୍କି ପାଇବ କାହୁଁ
ମୋପାଇ ହୋଇ ନିହାଇଲ ଗହଳ ଅନ୍ତର ଦେଖିଲି ଯହୁଁ
ଏ ନନ୍ଦନ ସମ ବପୁସ ଅନୁପମ ପୁତ୍ରବନ୍ତ ସମାନ ମତେ
ବ୍ରହ୍ମାନନ୍ଦ ସୁଖ ପ୍ରଦାନକରେ ଦେଖି ଚେତ ନପାଇଲ ଚିତ୍ତ
ତୁମ୍ଭେ ଯେ ମନେକଲିକର୍ମଜ୍ଞାନେ ଦେଖି ଦେଖି ନଜାଣିଲ
ଇତର ଖେଳ ବୋଲି ମନେକଲ ଉପଦେଶ ନମାନିଲ ॥

ସକଳ ଆନନ୍ଦ ସକଳ କାମଦ ଯେ ଯାହା ଭାବଇ ପାଇ
ସଂସାରେ ହାସ ତୁମ୍ଭଙ୍କୁ ଉପଦେଶ ଖେଳରଚ ପଚସାଇ ॥
କାମନାଯାହା ଦେଖିଲୁଁ ପୁଣତାହା କେବଳ ମୋହିବାହେତୁ
ଜୀବ-ସଞ୍ଚାର ଜ୍ଞାନ କର୍ମ ବିସ୍ତୃର ସଂସାର ବେଭାର ତତ୍ତ୍ୱ
ଏମନ୍ତ ଶୁଣି ଚରଣେ ନମି ମୁନି ବୋଲନ୍ତି କିରୂପେ କହି
ଈଶ୍ୱର ଯହିଁ ସକଳ ଶୋଭା ତହିଁ ତୁମ୍ଭେହେତୁ ଲୀନ ନୁହି ॥
ଇତର ଖେଳ ପରମଜ୍ଞାନ ବୋଲି କିରୂପେ ହେବ ଘଟନା
ଅଳପ ବୁଦ୍ଧି ପାରିବୁ କାହିଁ ଭେଦି ତୁମ୍ଭେ ଜାଣି କହିକନା
ବିଧାତା ଭଣେ ଶୁଣିବା ମୁନିଗଣେ ପିଣ୍ଡ ବ୍ରହ୍ମାଣ୍ଡ ବିସ୍ତର
ପଚିଶ ପ୍ରକୃତି ଜୀବସଙ୍ଗେ ଘେନି ପଚିଶାଇ ନାମତାର ॥
ଯେ ପାଲଗୋଟି ବ୍ରହ୍ମାଣ୍ଡ ପୁଣସେହି ଚତୁର ଦିଗ ପ୍ରକାଶି
ତ୍ରିଗୁଣ ଜନ୍ମେ ସତୁରି ନାଡ଼ି ଭେଦେ ଆଠକାଳ ବାରମାସି
ଆର୍ଥିଚକ ଯେତୁ ଆଠକ୍ଷେତ୍ର ସେତୁ ମାଡ଼ି ନଖାଇ ତହିଁରେ
ଋଷିଖାନ ସାର ବିଶ୍ୱଗର୍ଭେ ଠୁଳ ଜନମ ଦାନ କର୍ମରେ ॥
ଋଷି ପ୍ରଜାପତି କରେ ଉପପତ୍ତି ସାକ୍ଷୀ ଯେଠି ଗ୍ରାମହରି
ନୁହେ କଲେବାଞ୍ଛା କନ୍ଦର୍ପ ଯେ ଇଚ୍ଛା ଷଡ଼ ଅଙ୍ଗରେବିହରି
ଯଜନ ଯାଜନ ଧଗ୍ୟନ ଧ୍ୟାପନ ଦାନ ପ୍ରତିଗ୍ରହ ଆଦି
ଅଧୋର୍ଦ୍ଧ୍ୱ ବଦନେ ପ୍ରଜାପତି ଖାଣେ ବଳଶି ଗୁଣେ କପର୍ଦ୍ଦି
ସପତଦାନ ସପତ ଆବରଣ ପଚିଶଠି ପରକୃତି
ପୁଅ ଏଥି ଯେତୁ ଜୀବ ଆତ୍ମା ସେତୁ ଘେନି ଗର୍ଭ ଉତପତ୍ତି ॥
ଏଯେ ଦଶଦାନ ଦଶ ଇନ୍ଦ୍ରି ଜାଣ ମନ ବୀଜ ଶରଧାଏ
ନପୁଂସକ ଦାନ ଛକା ବାରଜାଣ ଏ ପୁଣ ଯେମନ୍ତ ଦେହେ
ଶୃଙ୍ଗାର ଆଦି ଯେତ୍ତୁ ରସ ପ୍ରସିଦ୍ଧି ବାରବୋଲି ଘେନି ତାହା
କାମ କ୍ରୋଧଆଦି ଏ ଷଡ଼ ବିବାଦୀ ଛକା ଦାନ ହୋଲା ଯାହା
ଧର୍ମ ଅର୍ଥ ମୋକ୍ଷକାମ ଏ ପ୍ରତ୍ୟକ୍ଷ ହାତ ଦାନ ଦୁଗା ଗୁଣ
ଅଧି ଆତ୍ମା ଘେନି ନିପୁ ଗୁଣ ତିନି ପାପ ପୁଣ୍ୟ ଦୁଗାବୋଲି ॥
ସପତ ବିଭାଗ ଚଉଷଠି ଅଙ୍ଗେ ବ୍ରହ୍ମାଣ୍ଡ ଏ ଆତଯାତ
ଚଉରାଶି କୋଟି ନର୍କଯୋନି ଏହି ଭୂମି ସାର ଗର୍ଭସ୍ଥିତ
ଦାନ ସ୍ଥାନେ ଯାଇ କେତେ କୋଠିଥାଇ ମାଡ଼ଖାଇ ଲେଉଟଇ
କେହୁ ଦାନବଳେ ଢ଼େଇଁଯାଇ ହେଲେ ପେଟରେ ଯ ଇପାତଇ
ଅନେକ ଯୋନି ସଂସାରେ ଜୀବ ଭ୍ରମି ମନୁଷ୍ୟ ଜନମ ଏହି
ଏଠାରେ ଯେବେ ମାଡ଼କୁ ଖାଇତେବେପୁଣି ତେତିକଭ୍ରମଇ
ଚେତିଲେ ଗର୍ଭେ ପଶିଣମୋକ୍ଷଲଭେ ଏ ରୂପେ ସଂସାରଲୀଳା
ସଖାଙ୍କୁଶିଖାଇ ତୁମ୍ଭଙ୍କୁ ଦେଖାଇ ସାକ୍ଷୀହୋଇ କରେ ଲୀଳା

ଖେଳଇ ଖେଳାଇ ଜୀବ ଆତ୍ମାହୋଇ ଭଗବାନ ମନଇଚ୍ଛା
ବିଦ୍ୟା ପ୍ରଗଲ୍‌ଭ ଭାଙ୍ଗିଣ ତୁମ୍ଭଗର୍ବ ପ୍ରାକୃତେ ପୁରଇ ବାଞ୍ଛା
ଗୋପ କୁମାରଙ୍କୁ ନ ଆସେ ମନକୁ କୃଷ୍ଣନିଜ ପାରଷଦ
ସେ ଯାକୁ ପ୍ରସନ୍ନଦିଅନ୍ତି ଦର୍ଶନ ଗୋବିନ୍ଦ ପରମ ପଦ
ଅବନୀଭାର ଖଣ୍ଡନେ ଅବତାର ଏମନ୍ତ ସେ ଆମ୍ଭେ ଜାଣି
ଭଗତ ଜନେ ପ୍ରେମରସ ପ୍ରଦାନେ ନିଜ ଅଭିଷ୍ଟଏ ପୁଣି ॥
ଜ୍ଞାନେ ବାଅଜ୍ଞାନେହରିଦରଶନେ ଧନ୍ୟସେ ବୋଲି ତାହାଙ୍କୁ
ତୁମ୍ଭେ ଗୃହିଲ ଉପଦେଶ ପାଇଲ ଧ୍ୟାନେ ନଂ ପାଇଯାହାକୁ
ଏମନ୍ତ ଶୁଣି ବୋଲନ୍ତି ନମି ମୁନି ତୁମ୍ଭକୃପାରୁ ଜାଣିଲୁଁ
ଆତ୍ମ ତପ ଫଳ ହୋଇଲା ସଫଳ ଏବେଯେହେତୁଁ ପାଇଲୁଁ
ଏମନ୍ତ ବର ଦିଅସି କୁଶକର ଶ୍ରୀବୃନ୍ଦାବନେ ଭ୍ରମିବୁଁ
ଗୋପ କୁମାରେ ଗୋବିନ୍ଦଅନୁସାରେସେହିଭାବରେରସିବୁଁ
ଏମନ୍ତ ଶୁଣି ହରଷେକୁଶପାଣି ଅସ୍ତୁ ହେଉ ହେଉ ବୋଲେ
ସ ନିଧେ ମୁହିଁ ରହିଲି ଏକା ହୋଇ ତଟସ୍ଥ ନେ ମୁନିଗଲେ
ମୋତେ ଅନାଇ ହସିଲ ଭାବହୋଇ ବିହି କରଦେଇଶିରେ
ଗୋଲୋକ ଋଷି ବ୍ରଜରସେ ଲାଳସୀ ହରି ପ୍ରସନ୍ନ ତୁମ୍ଭରେ
ଏବେ ତୁମ୍ଭେଯାଅ ଗୋକୁଳେରଥାଅଗୋପକନ୍ୟାଙ୍କୁରସ ଅ
ପୂର୍ବେ ସେ ଋଷି ଦଣ୍ଡକା ବନବାସୀ କୃଷ୍ଣ ସଙ୍ଗରେ ମିଶାଅ
ନୃପତି ଯେମା ଶୁଣି ରସମହିମା ମନରେ ପତି ବରିଲେ
ଏକ ପତ୍ନୀ ବ୍ରତ ନପାଇ ଯୁଗତ ଏ ଯୁଗେ ଅନୁସରିଲେ
ଅନଳ ନନ୍ଦନେ ହରିଙ୍କି ଶୋଭନେ ଭାବିନୀ ଭାବକୁ ଇଚ୍ଛି
ଏରୂପେ ତିନି ପ୍ରତି ବ୍ରଜ ନନ୍ଦିନୀ ଚାରିପ୍ରକାରେ ମୃଗାକ୍ଷୀ
ଯେମନ୍ତେ ପାରି ଉପାୟ ଯାଇକର ଗୋବିନ୍ଦସଙ୍ଗେ ମିଳାଅ
ନର ଲୀଳାରେ ଲୋକ ସମାଚାରେ ଲଜ୍ଜା ଛଡ଼ାଇଖେଳାଅ
ପିତା ଆଦେଶ ପାଇ ମନେ ହରଷ ପ୍ରଣାମ କରି ଅଇଲୁଁ
ଧାତା ଅନୁମତେ ଅନୁଗତପଥେ କଳିଯୁଗ ସଙ୍ଗୀହେଲୁଁ ॥
ଯୁଗରେ ଧନ୍ୟ ଅଳପେ ବହୁପୁଣ୍ୟ ହରିନାମେ ସର୍ବସିଦ୍ଧି
ଶଙ୍କଠା ଖେଳ କଳିର ଧର୍ମବଳ ଭିଆଇ ଯତନେ ବିଧି ॥
ପାଂଚପାଲି ଯେତୁ ଯୁଗରୂପ ସେତୁ ଆଠକାଳ ବାରମାସୀ
ହୃଦ ସଦନେ ରାମକୃଷ୍ଣ ନର୍ତ୍ତନେ ଶାଳଗ୍ରାମ ଶୋଭାଦଶି ॥
ଅଙ୍ଗରେ ଚିହ୍ନ ଏକବିଂଶ ଲକ୍ଷଣ ବିନ୍ଦୁ ମନ୍ତ୍ର ମୁଦ୍ରାଧରେ
ଚାରିଖାନି ସରେ ଗୁଣ ଅନୁସାରେ ମନ୍ତ୍ରଦାନ ଅନୁସରେ
ଏମନ୍ତ ଅଙ୍ଗ ଧରିଣ କଳିଯୁଗ ଉପଗତ ଅଦଭୂତେ
ଆରିଧି ଯୋଗ ଜାଣିଲୁଁ କଳିଯୁଗ ବିଧାତାଦେଲେସଙ୍ଗତେ

କାଖେଣଯାକ ବୋଲନ୍ତି ଲୋକେଦେଖି କଲି ଧୋକଡ଼ଯନ୍ତିକ
କଳିପ୍ରିୟ ମୁନି ବୋଲିଉ ପ ଯେନ ଦୁଃଖ ନକରୁଁ ତନ୍ତିକ ॥
ଏମନ୍ତେ ଆସି ଗୋକୁଳ ପୁରେ ପଶି ଗୁପତ ପ୍ରକଟ ଦେଖି
ଗୋପ କୁମାରୀ ଯେମନ୍ତେ ହରି ବରି ଉପାୟବିଧାନଯୋଖି
ଏ ଗୋପ ନଗର ଗୃହବର୍ତ୍ତେ ଘର ଏକ ଅନେକ କୁମାରୀ
ଅପୂର୍ବ ସୁନ୍ଦରୀ ନବିନ କିଶୋରୀ ଲକ୍ଷ୍ମୀରୂପେ ଅନୁସରି ॥
ଜନକ ଜନନୀ ଏନିଜ ନନ୍ଦିନୀ ରୂପଗୁଣ ଶୋଭା ଗୃହିଁ
ନନ୍ଦ ନନ୍ଦନ ବରଣ ମନେମନ ଭରସି ନପାରେ କହି ॥
ସୁବେଶ କରି ଯତନରେ କୁମାରୀ ନନ୍ଦ ମନ୍ଦିରେ ପଶନ୍ତି
ଯଶୋଦା ଦେବୀ ଚରଣେ ନିତ୍ୟେ ସେବି ପ୍ରମୋଦପାଇ ଆସନ୍ତି
ରୂପପୁଣ ଗୃହିଁ ମାଏ ତୋଷାହୋଇ କୃଷ୍ଣ ବିଭାକୁ ବିଚାରି
ଏକଇ ପୁତ୍ର ସହସ୍ର ଉପଗତ କାହାକୁ ଏଥିରେ ବରି ॥
ରୂପଗୁଣେ ବାଳୀ ଏକ ଆରେବଳି ବଧୂଭାବ ଅନୁରାଗେ
ଖାରଢ଼ି ଦେଖି ପୀରତି ମନେରଖି ଫେଡ଼ି ନକହେ କାଆଗେ
ନବ କିଶୋରୀ କୃଷ୍ଣ ମାଧୁରୀ ଦେଖି ମଦନେ ବିରହୀ
ମୂର୍ଚ୍ଛି ନପାରି ସମସ୍ତ ଅନୁସରି କୃଷ୍ଣ ଯାହିଁଥାନ୍ତି ରହି
ଗୋଷ୍ଠ ଗୋଦୋହନେ କାନନ ଗମନେ ଜଗି ଶ୍ରୀମୁଖ ନିରେଖେ
କୃଷ୍ଣ ନଦେଖି ନିମିଷ ଯୁଗ ଲେଖି ଚଞ୍ଚଳ ଚିତ୍ତ ସନ୍ତାପେ
କୃଷ୍ଣକୁ କେହି ଯେମନ୍ତ ଶଶୀମୁଖୀ କୃଷ୍ଣଙ୍କ ତେମନ୍ତ ଗୃହିଁ
କେହି କାହାକଥା ନପାଇଣ ବ୍ୟଥା ଅନ୍ତର୍ଗତେ ଜଡ଼ିରହି ॥
ସୁଦାମ ଉଜ୍ଜ୍ୱଳ ବସନ୍ତ କୋକିଳ ବସୁଦାମ ଅରଜୁନ
କିଙ୍କିଣୀ ଗନ୍ଧର୍ବ ନର୍ମ ସଖାସର୍ବ ଜାଣନ୍ତି ଗୋବିନ୍ଦ ମନ ॥
ନବ କୁମାରୀ ରସହାସ ଚାତୁରୀ ଭଙ୍ଗିମା ରଙ୍ଗ ରହିବା
ଅଳସୀ ହୋଇ ଅଙ୍ଗଶୋଭା ଦେଖାଇ ଅକାଙ୍କ୍ଷାପିତେ ଗୃହିଁବା
ଏ ସର୍ବକଥା ମନେ ଯେତେ ବ୍ୟବସ୍ଥା ପିତାଙ୍କସଙ୍ଗେ ଭାଳେଣି
କନ୍ୟାଙ୍କୁ ଦେଖି ମଦନେ ହୋଇ ଦୁଃଖୀ କହନ୍ତି କମଳପାଣି
ପୁରକୁ ଗଲେ ଜନନୀଗଣ ମେଳେ ଲଜ୍ଜିତ ନପାରେ ଗୃହିଁ
ପଥେ ଅଇଲେ ଗୁରୁଜନ ଗହଳେ କି କହିବା ଅବା ତହିଁ
ନବକନ୍ୟା ସର୍ବେ ଏ କାନନେଥିବେକେମନ୍ତେଭେଟପାଇବା
ପ୍ରିୟଇଆଖି ହୋଇବା ଦେଖାଦେଖି ଖେଳିରସେରସାଇବା
ବୋଲନ୍ତ୍ୟସୁଦାମ ଶୁଣ ପ୍ରିୟତମ ଯେତେ ଏ ଗୋପକୁମାରୀ
ତାତ ଜନନୀ ତୁମ୍ଭଙ୍କୁଛନ୍ତି ମାନ ଆନ ନ ବରିଣ ନଛି ॥
ଯତନେ ଶୁରେ ଦେଖାଦେଇ ତୁମ୍ଭରେ ଯାଆନ୍ତି ନବସୁନ୍ଦରୀ
ତୁମ୍ଭଙ୍କୁ ଦେଖି ମନରେ ହୋଇସୁଖୀ ହୃଦୟ ମଦନେ ଘାରି

ବନ ଗମନେ ଦେଖିତ ଦୁଃଖମଧେ ଆସନ୍ତି ପଛେଗୋଡ଼ାଇ
ବିଚ୍ଛେଦ ଖେଦ ମଦନ ମଦହ୍ରଦେ ବିବେକ ବୁଦ୍ଧି ବୁଡ଼ାଇ ॥
ତୁମ୍ଭ ପାଦଧୂଳି କେବଳ ଶଙ୍ଖାନି ଯେନ ଖେଳୁଥାନ୍ତି ବନେ
ମନକୁ ଖେଳନ୍ତି ଦେଖିଲେ ପଳାନ୍ତି ଏହିରୂପେ ପ୍ରତିଦିନେ ॥
ଜଗିଲେ ବାଟ ପାଇବା ଅବାଭେଟ ନିକଟ ହେଲେ ପଳାଇ
ଅବୋଧ ବାଳୀ ନଜାଣେ ରସକେଳି କେହ୍ନେ ପାରିବ ମିଳାଇ
ଶୁଣି ସରାଗେ କୁମାରୀ ଅନୁରାଗେ ଉଦବେଗ ଗୋପୀନାଥ
ରଙ୍ଗେ ଗୋଧନ ଚରାନ୍ତି ଉପବନ ଜଗିଣ କୁମାରୀ ଯୂଥ ॥
ସେହି କୁମାରୀ ନବ ପ୍ରେମଚାତୁରୀ ହରି ଦର୍ଶନ ଲାଳସେ
ଯମୁନାବନେ ପାଦଧୂଳି ସେବନେଖେଳେ ମନୋହରବେଶେ
ଆମ୍ଭେ ଯେଗଲୁଁ ପରବେଶହୋଇଲୁଁ ଯମୁନାରେସ୍ନାନକଲୁ
ଗୋକୁଳ ନଗରୀ ପରିକ୍ରମା କରି ପୌର୍ଣ୍ଣମାସୀ ସ୍ଥାନେ ଗଲୁଁ
ସେଭଗବତୀ ପାଦେ ନୋଇ ଭକତି କଲୁଁ ବନ୍ଦନ ଅର୍ଚ୍ଚନା
ସେ ଦେବୀ ହସି ବୋଇଲେ ବିହିପେଣି କୃଷ୍ଣ କୁମାରୀସର୍ଜ୍ଜନା
ଆମ୍ଭେତହିଁକି ଉପାୟେଅଛୁଁ ଯୋଖି ଏକାନ୍ତେ ନୁହସଯୋଗେ
ସେ ସତ୍ୟ ଯୁଗ ପାଇଛୁଁ ଉଦବେଗ କେମନ୍ତେ କୃଷ୍ଣସମ୍ଭୋଗ
ବୃନ୍ଦାହିଁ ମଞ୍ଜି ହୋଇଣ ଛନ୍ତି ଗଞ୍ଜି ଏକାନ୍ତେ ମିଳନନୁହେ
ତୁମ୍ଭେ ଅଇଲ ହୋଇଲା ଏବେଭଲ ମିଳନ କରାଅ ଦୁହେଁ ॥
ସେକୃପାଶୀଳେମୋହରେଦୟାକଲେବୋଇଲେହେଦେବରଷି
ମଧୁରରସ ଭାବନେ ଯେବେଆଶ ପୂରୁଷଗୁଣ ତେଜସି ॥
ଗାନ୍ଧର୍ବୀମନ୍ତ୍ରେ ନ୍ୟାସକଲେ ମୋ ଗାତ୍ରେଶ୍ରୀକୁଣ୍ଡେସ୍ନାନକରାଇ
ଯୁବତୀ ଭାବ ବିକାର ଉଦ୍ଭବ ନାରଦୀ ଭେଦକୁ ପାଇ ॥
ତାଳ ମର୍ଦ୍ଦଳ ବୃନ୍ଦାବନ ମଙ୍ଗଳ ନାମ କୀର୍ତ୍ତନେ ଗାଇଲୁଁ
ଦେବୀ ଆଦେଶେ ରହିଲୁଁ ବୃନ୍ଦାପାଶେ ମହାଆନନ୍ଦପାଇଲୁଁ
ବୃନ୍ଦା ଆରାଧି ହୋଇଲୁଁ ତନୁସିଦ୍ଧି ବ୍ରଜେଶ୍ୱରୀଙ୍କ ପରସନ୍ନେ
ଯମୁନାକୂଳେ କୁମାରୀଗଣ ଖେଳେ ଉପଗତ ଦରଶନେ ॥
କୃଷ୍ଣ ପାଦଧୂଳି ଘରଦ୍ୱାରେ କରି ଆସନ ବସନ ଧନ
ଦୁଆରେ ଯାଇ ଅତିଥି ଭାବେବରହି କଲୁଁ ବେଦ ଉଚ୍ଚାରଣ
ଅଥର୍ବ ବେଦ ଗୋକୁଳ ଗୁଣଭେଦ ଗୋପାଳ ତାପିନୀପଢ଼ି
ବରଜ ମହାତ୍ମ୍ୟ ଅନ୍ତହିଁ ଉତ୍ତମ ଶୁଣନ୍ତେ ଶରଧା ବଢ଼ି ॥
ତପୋଧନ ଜାଣି ସଲକ୍ଷେ ତରୁଣୀ ଧୂଳି ଜଳାସନ ଦେଇ
ବିମାତହୋଇ ଓଳଗି ପାଦେ ଶୋଇ ସଙ୍କୋଚତେ ଉଠିରହି
ଓଳଗ ଯେନ କଲ୍ୟାଣ କଲୁଁ ପୁଣି ଭିକ୍ଷା ମାଗିଲୁଁ ଯତନେ
ଶୁଣି କୁମାରୀ ନିର୍ମ୍ମଳ ମନ କରି ସମ୍ପାଦି ଅନ୍ନ ବ୍ୟଞ୍ଜନେ ॥

ଭୋଜନ ଦ୍ରବ୍ୟ ନାମକୁ ଧରି ଘରେ ପରଶନ୍ତି ଧୂଳି ଆଣି
ମନେ ହୋଇ ତୋଷି ସେ ଧୂଳି ଗରସି ଦେବଙ୍କୁ କ୍ଷେପିଲୁଁ ପୁଣି
ବ୍ରହ୍ମାଆଦି ଦେବେ ନ ପାଇ ଯାଗବେ ଗୋକୁଳଅବନୀରେଣୁ
କୃଷ୍ଣପାଦ ଗନ୍ଧ କୁମାରୀ ସମ୍ପାଦ ଭାଗ୍ୟରେ ପାଇଲୁଁ ଏଣୁ
ଅନ୍ତେ ଯଦ୍ଧି ପଢ଼ ଦୁର୍ବାସନା ଛାଡ଼ି ପ୍ରେମଭକ୍ତି ଉଦେ ହୁଏ
ଗ୍ରାମକୁ ପାଇ ଆଉ ଗ୍ରାସ ଭଞ୍ଜାଇ କନ୍ୟାଏ ନମିଲେ ପାଏ
ଯେମୁନ ବାଳା ଲୀଳା ଏ ଧୂଳିଖେଳା ମିଥ୍ୟା ଏଗୃହ ବିଧାନ
ସତ୍ୟେ ଚଢ଼ଶୀଳ ଅନ୍ତର୍ହିତହୋଇଗଲ ଦେଲୁଁ ସେ ଧୂଳିଭୋଜନ
ଅପ୍ରାଧକଲୁଁ ନିନ୍ଦେଇଲୋକେ ହେଲୁଁ ଏ ଦୋଷଆମ୍ଭ ନଯେନ
ବହୁତ ବନସ୍ତେ କରସି ସଦସ୍ତେ ଶୁଣି ଆମ୍ଭେ ତୋଷ ମନ
ବୋଇଲୁଁ କୁମାରୀ ଧନ୍ୟ ସେତୁମ୍ଭର ଭାବେ ମତେଭିକ୍ଷାଦେଲ
ସେ ତୁମ୍ଭର ଇଚ୍ଛା ଭଲମନୋବାଞ୍ଛା ପତି ହୋନ୍ତୁ ନନ୍ଦବାଳ
କନ୍ୟା ଗଣ ଶୁଣି ହାସିଣେ ଭଣି ଯେମୁନ ଏ ମିଥ୍ୟା ଧର
ମିଥ୍ୟାଭୋଜନ ପାଇଣ କୋପମନ ଦେଉଅଛ ମିଥ୍ୟାବର ।।
ସେ ରାଜକୁମାର ରୂପେଣ ସୁନ୍ଦର ଆମ୍ଭଙ୍କୁ କାହିଁ ବରିବ
ତୁମ୍ଭେ ଯେମୁନ ନକହ ମିଥ୍ୟାବାଣୀ ଏବର କେମନ୍ତେହେବ
ପ୍ରତିଜ୍ଞା କରି ବୋଇଲୁଁ ହେ ସୁନ୍ଦରି ଆମ୍ଭ କଥାନୁହେ ଆନ
ନିଶ୍ଚୟହରି ପତିହେବେ ତୁମ୍ଭର ମନୋବାଞ୍ଛା ହେବ ପୂର୍ଣ୍ଣ
ଅପ୍ରତ୍ୟୟେହେବପାଇଲମନେତେବେଖେଳେକେଯିବା ଖେଳାଇ
ଖେଳ ଖେଳନ୍ତେ ଆସିବେ ନନ୍ଦସୁତେ ଦେଖି ନମିବ ଚଳୋଇ
ଶୁଣି ଏ ଧ୍ୱନି ଆସିବେ ଆଗେ ମୁନ ସେହୁ ତୁମ୍ଭ ପୁରୋହିତ
କୃଷ୍ଣଙ୍କ ମିଳାଇ ତୁମ୍ଭଙ୍କୁ ଖେଳାଇ ଆମ୍ଭର ଜାଣିବ ସତ ।
ଏମନ୍ତ ବୋଲି କାଖରୁ କାଢି ପାଲି ମେଲି ସାର ବସାଇ
ମଧ୍ୟରେ ଧୂଳି ଥୋଇଣ କଂସାଥାଳି ମୁଦ୍ରା ଧରି କାଠି ଦୁଇ
ପକାଇ କାଠି ଖେଳନ୍ତି ସେ ବନ୍ଧୁସ୍ତ୍ରୀ କହନ୍ତି ଶିଖାଇ ରତି
ଖେଳ ଅନୁପମ ଶକଟାହା ନାମ ନଷ୍ଟେ ଜାଣ କୃଷ୍ଣ ଆସି ।।
ଶକଟାଭଞ୍ଜନ ଖେଳରେ ମଜନ ଖେଳ ବନୋବସ୍ତ ହରି
ଡାକିବ ଦାନେ ଆସିବେ ସନ୍ନିଧାନେଶକଟାହାଖେଳେ ବରି
ଆଜିର ମଧ୍ୟ ହୋଇବ କାର୍ଯ୍ୟସିଦ୍ଧ ଦେଖି ତପୋବଳମୋର
ଏମନ୍ତ ଖେଳ ଗଲେ ଯେମୁନ ଚଳାଚଳ କନ୍ୟା ନମସ୍କାର
ମୁନି ଯାଆନ୍ତି କୁମାରୀ ତୋଷତନ୍ତ୍ରସଙ୍ଗେହୋଇ ଏକମେଳ
ମନ ବିଧାନେ ଘୃତ ନାଶ ପ୍ରଧାନେ ମନ ଉତ୍ସାହରେ ଖେଳ
ଏହି ସମୟେ ନନ୍ଦରାଜ ତନୟେ ପ୍ରବେଶ ହୋଇଲେ ତହିଁ
ଶଙ୍କୁନ ଯହିଁ ଲତାରେ ଲୁଚିରହି ଦରିଦ୍ର ନିଧିକି ପାଇ ।।

ସଖୀଙ୍କୁ ବାଛି ଉହାଡେଣ ରଖାଇ ବୋଲନ୍ତି ଦେଖା ନଦିଅ
ଆମ୍ଭଙ୍କୁ ଦେଖି ଶରଦ ଚନ୍ଦ୍ରମୁଖୀ ପଳାଇବେ ଲୁଚି ରହିଅ ।।
ନୟନ ସମ୍ପଦ ନ କର ବିଚ୍ଛେଦ ଦେଖିଦେଖି କନ୍ୟା ଶୋଭା
ପୁରୁଷ ଦେଖି ଧରଣ କେହୁ ସହି ଦେଖି ହେଲ ମନ ଲୋଭ
ସମୀପେ ଯିବା ତାଙ୍କସଙ୍ଗେ ଖେଳିବା କେପାଶୁ ଏମନ୍ତ କର
ମୋର ମନୋରଥକରିବ ଯେ ସାର୍ଥ ବେଗେ ହୁଅ ଅଗ୍ରସର
ଏମନ୍ତ ଶୁଣି ହ୍ରାସେ ବଟୁ ଭଣି ମତେ ଆଗ ପଠିଆଅ
କଥା ବଢ଼ାଇ ଲଜ୍ଜା ତାଙ୍କ ଛଡ଼ାଇ ପଛେ ପୁଣ ତୁମ୍ଭେଯାଅ
ହରି ବୋଲେ ଯହିଁ ବୃନ୍ଦାରାଧା ତହିଁ ଅନୁକୂଳ ଗନ୍ଧବହେ
ବଟୁହରଷେ ଚଳିଲେକନ୍ୟାପାଶେ ଖଣ୍ଡେପାଇ ଦଣ୍ଡେ ରହେ
ପ୍ରେରିତାଇ ଗୁଳି ପଡଇ ଝଟିବାଳି ଶ୍ୟାମସୁନ୍ଦରହେବୋଲେ
ଉଠିଣ ଧୀରେ ଚତୁର ଜାବେ ପର୍ବତରେ ଶ୍ୟାମ ଏପଥେ କଗଲେ
କନ୍ୟାଙ୍କୁ ଦେଖି ଦକ୍ଷିଣ କରେ ଆଖି ନଚେରଖିନଚେରଖି ପୁଚ୍ଛି
ଡାକ ତୁମ୍ଭର ଶୁଣି ଶ୍ୟାମ ଆମ୍ଭର ଅଇଲେ ଜାଣ ମୃଗାକ୍ଷୀ
ପଦେକ କହି ସାହାସି ବଟୁ ହୋଇ କାସି ଉଠଇ ବସଇ
ଭଡ଼ାଏ ଯାଇ ଥରି ଥରି ହୁଅଇ ହରି ହରି ହସେ ଭାଷଇ ।।
ବଟୁକୁ ଚାହିଁ ଆଶ୍ଚର୍ଯ୍ୟ କନ୍ୟାପାଇ ବୋଲନ୍ତି ହେ ନବଦ୍ୱିଜ
କେଣେ ଶ୍ୟାମଗୁଡ଼ ଆମ୍ଭପାଶେ ଲୋଡ଼ଲୋକେଶୁଥିବାକୁଲଜ
ବୋଲ ମଧୁମଙ୍ଗଳ ଶୁଣ ବଧୂ ବଦନ ଆମ୍ଭର କଥା
ଭୁବନ ମଙ୍ଗଳ ନେଇ ଶ୍ୟାମସୁନ୍ଦର ପୁଚ୍ଛନ୍ତି ପାଇଲେ ବ୍ୟଥା
ତୁମ୍ଭେତ ପୁଣି ଖେଳୁଛ ତାଙ୍କୁ ହେନ ଆମ୍ଭଙ୍କୁ ଭ୍ରମାଇଁ କହ
ଏମନ୍ତ ଶୁଣି ଚେତିଣ ମୁନ ବାଣୀ ବୋଲନ୍ତିହେ ବିପ୍ର ରହିଁ ।।
ଶରଧା ବସି ବଟୁରେ କଷ୍ଟ ଭଣି କାହିଁ ତୁମ୍ଭ ଶ୍ୟାମ ଦେଖ
ଅବରା କୁମାରୀ କାହାକୁ ନକରି ଏଥିରେ କଳଙ୍କ ରଖ ।।
ବଟୁ ବୋଲନ୍ତି ଶୁଣ ନବ ଯୁବତୀ ଏ ଖେଳଟି ଶକଟାହା
ଭାଙ୍ଗି ଶକଟ ଏହି ନାମେ ପ୍ରକଟ କହିଲେ ନଚେତ ତାହା ।।
ନାମ ଶୁଣନ୍ତେ ଗଲଜ୍ଜି ମନେ ପ୍ରତେ କହିବା ଯାହା ପଟ୍ଟର
ଏହି ଚଖେଳଲୀଳା ତୁମ୍ଭ ତାଙ୍କଖେଳା ଗୋଟିଗୋଟିକବ୍ୟୁର
ପାଳି ଉଣ ଦ୍ୱାଦଶଭାଗ ବନ କୋଠି ଅଷ୍ଟ କୁଞ୍ଜ ଶୋଭା
ଚତୁର ଦଗ ମଧ୍ୟରେ ମହାଭାଗ ଦେଖ କଂସରାଜା ସଭା ।
ତଥି ଉପରେ ତୁମ୍ଭର ନୃତ୍ୟ କରେ ଦିବ୍ୟ ରୂପ ଦୁଇ ଗୋଟି
ଅଙ୍ଗେ ମୁଦ୍ରାଚିହ୍ନ ଲକ୍ଷଣରେ ପୂର୍ଣ୍ଣ ରାମକୃଷ୍ଣ ଭାବ ଏଟି ।।
ଚଟୁଳ ଉଜ୍ଜ୍ୱଳ ବିନ୍ଦୁରେ ମଣ୍ଡଳ ଏକତ୍ର ଦ୍ୱାଦଶପାଏ
ମନ୍ମଥସ୍ତୁଦାନେ ବାଞ୍ଛା ପୂର୍ଣ୍ଣ ସାର ଆତଯାତ ହୁଏ ।।

ଷୋଳସହସ୍ରଙ୍କର ଗୋପକନ୍ୟା ସାର କାଳ ଶ୍ୟାମଳୀରଙ୍ଗିଣୀ
ଗଉଣୀ ଆଦି ବୃନ୍ଦାବନର ପ୍ରସିଦ୍ଧି ଏକେକେ ସଙ୍ଗେ ସଙ୍ଗିନୀ ॥
ବସିଣ ଭଲ ଦାନ ଲୀଳା ସୁନ୍ଦର ଦ୍ୱାଦଶାକ୍ଷରବନ୍ଧ ଯପି
ବନେ ଅଭ୍ୟାସୀ କୁଞ୍ଜେ ଅନୁସରି ମାରେ ଆଖି ଅନୁତାପୀ ॥
ପ୍ରତିପକ୍ଷେ ଅବା ସୁହୃଦେ ଅଥବା କୁପାରେ ସୁପାରେପାଏ
ଲେଉଟିଯାଇ ନିଭୃତେ ଦାନ ପାଇ ଫୁଟିଣ ସେ ପୁଣ ରହେ
ଆମ୍ଭରେ ବୁଝ ତୁମ୍ଭରେ ଏବେ ହେଜ ଏରୂପେ ଖେଳଘଟନ
ବିଧାତା ପାଞ୍ଚ ସ୍ୱରୂପେ ଅଛୁ ରଚ ତୁମ୍ଭ ତାଙ୍କ ପର୍ଯ୍ୟଟନ ॥
ଏକାନ୍ତେ ଯେବେ ଖେଳ ନବ କାମିନୀ ପରସ୍ପରନ୍ତେ କର ଛଳ
ଆମ୍ଭଙ୍କୁ ଲେଖୁ ତୁମ୍ଭଙ୍କୁ ଅଛୁ ଗଛୁ ବଶକଲ ନନ୍ଦବାଳ ॥
ମନେ ଯା ମନାସି ଶୁଣନ୍ତା ସୁକେଶୀ ଏକ ଆର ମୁଖଂ ଚାହିଁ
ପ୍ରେମରେଭାସି ମନରେ ହୋଇ ତୋଷି ସଲଜ୍ଜ ଭାବରେରହି
କନ୍ୟାଙ୍କଚିତ୍ତ ମୋହିଲେ କହି ହିତ ଆଦରେ ପୂଜାପାଇଲେ
ଏ ଖେଳ ଘରେ ପୁରୋହିତ ବେଶରେ ମଧୁମଙ୍ଗଳ ରହିଲେ
କୁମାରୀ ମନ ଜାଣି ବଟୁ ବଚନ କହନ୍ତି ଅତି ସରସେ
ନିଷ୍ଠୁର ହରି ଆସିବେ ତୁମ୍ଭ ପୁରୀ ପୂଜିବ ମନ ହରଷେ ॥
ଶକଟା ଖେଳାଇ ଜିଣିବା ଭୁଲାଇ କିଣିବା ମୂଲାଇ ଭାବେ
ତୁମ୍ଭବାହାରେ ନ ରମିବେକାହାରେ ଖାଣ୍ଟିନଖେଳେଖିଥିବେ
ହସାଇ ରସାଇ ଶକଟା ଖେଳାଇ ନାନା କଉତୁକେ କହି
ଲଜ୍ଜା ଛଡ଼ାଇ ପ୍ରେମରସେ ବୁଡ଼ାଇ କୃଷ୍ଣ ଆସିବାକୁ ଚାହିଁ ॥
ଏମନ୍ତେବାଳୀ ଶକଟାରସେ ବୋଲ ବାରବାରଦାନଡାକେ
ଶ୍ୟାମସୁନ୍ଦର ଶୁଣି ମନେ ଅସ୍ଥିର ଦେଖାଦେଇ କଉତୁକେ
ଲୀଳା କମଳ ଭ୍ରମାଇଣ ମଣ୍ଡଳ ପ୍ରିୟ ସଖାଗଣ ସଙ୍ଗେ
ମଧୁହାସେ ମିଳିଲେ କନ୍ୟାପାଶେ ନୃତ୍ୟ ଲୀଳା ଆହ୍ଲାଦରଙ୍ଗେ
ଦେଖି କୁମାରୀ ସାତ୍ତ୍ୱିକେ ଲଜ୍ଜାଧାରି ବାସ ଉହାଡ଼ ବଦନେ
ତନୁ ଝମ ଝମ ଉର ଦମ ଦମ ମନ ଉଦ୍ଦାମ ମଦନେ ॥
ନବ ଯାଙ୍ଗୋପାଙ୍ଗେ ଶ୍ରଦ୍ଧା ଅନୁରାଗେ ଲଜ୍ଜାପଙ୍କେ ମିଶିରହେ
ଚରଣ ନଚଳେ ଲୋଚନ ନିଷ୍ଠଳେ ଚାହିଁ ନିଶ୍ଚଳ ଛାୟେ ॥
ମଧୁମଙ୍ଗଳ ସଙ୍ଗେ କୃଷ୍ଣ ସୁବଳ ଦେଖାନ୍ତି ସେ ଧୂଳି ଘର
ଗୃହ ସମାଧାନ ସେତେକ ବିଧାନ ଦ୍ରବ୍ୟ ସଞ୍ଚା ପୁର ପୁର ।
ସେ ମଧୁମଙ୍ଗଳ ଦେଖାଇ ସକଳ ଡାହାଳେ ଆଙ୍ଗୁଳି ଯେଣ
ଦେଖି ହରି ହସି କୁମାରୀ ପ୍ରଶଂସି ବୋଲନ୍ତି ଏ ଧନ୍ୟ ଧନ୍ୟ ॥
ଗୃହ ଚରିତ ଦେଖିଣ ତୋଷଚିତ୍ତ ଅନୁସରି ପୁରେ ପୁରେ
ଶଯ୍ୟାନିକେତେ ଉନ୍ନିଦ୍ରରେ ଜଳଜେ ଏକାକୀ ଦେଖିବରେ

ତୁମ୍ଭ ବସ୍ତ୍ରେ ଉନ୍ନିଦ୍ରା ଏ ଶଯ୍ୟନେ ଚତୁରୀ ଏ ଗୁଣବତୀ
ସୁରତ ବଚନ ବହିବ ଭୋମିନ ଏହାଙ୍କରେ କର ପ୍ରୀତି ॥
ଏମନ୍ତେ ତହିଁ ଶକଟା ଖେଳ ଯହିଁ ତହିଁ ପ୍ରବେଶ ହୋଇଲେ
କୃଷ୍ଣ ଆସିବା ଦେଖିଣ ନବ ବାମା ଖେଳ ଗୁଡ଼ି ରହିଥିଲେ
ଖେଳକୁ ଚାହିଁ ଜାଣିଲେ ଭବଗ୍ରାହୀ ନାରଦ ଭିଆଣ ଏହୁ
ଆମ୍ଭେପଞ୍ଚଶାଇ ଖେଳ ସେ ଦେଖାଇ ତହିଁକି ଭିଆଇସେହୁ
ଭକ୍ତ ମନୋରଥ ଆମ୍ଭର ଯଥାର୍ଥ ଖେଳିବା କନ୍ୟାଙ୍କ ସଙ୍ଗେ
ଏତେବଚନ ବଟୁକୁ ନେଇଠାରି କନ୍ୟାଖେଳାଇବାରଙ୍ଗେ
କୁମାରୀଙ୍କି ଚାହିଁ ବଟୁ ହିତ କହି ଏଯେ ପୁରକୁ ଅଇଲେ
ଆଦରେନୃଜଖେଳରେ ମନ ରଞ୍ଜି ବନ୍ଧୁ ବେଭାରେରହିଲେ
ଆହାରେ ବେଭାରେ ଲଜ୍ଜା ପରିହରେ ଏମନ୍ତ ଶାସ୍ତ୍ରଲେଖିଛି
କହିବୁଁ ହିତ ଆମ୍ଭେ ସେ ପୁରୋହିତ ଦୋଷ ନାହିଁ ଏଥିକିଛି
ଯାହାକୁ ମନେଭାବୁଛବାସି ଦିନେସେସେବେଯୋଗେଅଇଲେ
ତାହାଙ୍କୁଦେଖି ପଣେ ମୁଖଡ଼ାଙ୍କି କହୁ ଭାଷା ନପାଇଲେ
ପୂର୍ବର ଧର୍ମେ ଅଳସୀ ତୃଷୀ କର୍ମେ ଗଙ୍ଗା ଦୁଆରେବହିଲେ
ଏ ଘର ଶୁଦ୍ଧ ଭଲ ଯାଗେ ଆରମ୍ଭ ନିଧି ପଶିଣ ରହିଲେ
ସୁନ୍ଦର ପଣକୁ ସୁନ୍ଦର ଜଣକୁ ବନ୍ଧୁ ଭେଟାଇଛୁ ଆଣି
ରସିକମଣି ଗୁଆଁରୀ ଗୁଣ ଜାଣି ବିମୁଖୁ ନଯାଉଁ ପୁଣି ॥
କୁଳକୁମାରୀ ଲଜ୍ଜାରେ ହୋଇ ଭଙ୍ଗ ଶିର ଲମ୍ବାଇ ମଉନ
ପଦ୍ମନପକ୍ଷୀ ପ୍ରାୟେ ଚରଳ ହୃଦୟେ ବାହାରଭାବେ ଗଉନ
ଦେଖିଣ ବଟୁ ଗରବେ କହେ କଟ ଗରବ ତୁମ୍ଭ ସରବ
ଏହାଙ୍କ ଆଗେ ଉଭାହେବ ଉଲଗେ ଯାହାବୋଲିବେକରିବ
ଜାଡ଼ି ବାହିବ ବଚନ ନକହିବ ଏମନ୍ତେ ଛଳେ ହୋଇବ
ଆମ୍ଭେ ଯେ କହୁଁ ବଚନହିଁ ନପାଉ ତୁମ୍ଭେକତାଙ୍କିନୋହିବ
ଏମନ୍ତ ଶୁଣି ସଖିପୁରେ ତରୁଣୀ ବୋଲନ୍ତି କ ଦିଅ ଆଜ୍ଞା
ଆମ୍ଭ ପୁରୋହିତ ହୋଇ ଏଥି ଶପ କଲୁ କି ତୁମ୍ଭ ଅବଜ୍ଞା
କି କରିବୁଁ କହ କୋପମନ ନୁହ ହସିସୁନା ବଟୁ ବୋଲ
କୃଷ୍ଣକୁ ଖେଳାଇ ହୁଡ଼ରେ ହରାଇ ଆଣିବା ମୁକୁତାମାଳୀ ॥
ସନମତ ବାଳୀ ମଧୁମଣି ବୋଲ କନ୍ୟାଗଣେ ଯୂଥଶ୍ରେଣୀ
କୃଷ୍ଣରସଙ୍ଗେ ଶକଟା ଖେଳ ରଙ୍ଗେ ବସିଲେ ପାଞ୍ଚଆବୋରି
ହୁଡ଼ିକୁ ରଖି ଉଭୟ ବଟୁ ସାକ୍ଷୀ ପକାଇ ଶକଟା କାଠି
ପକାଇ ଦାନ ବାହାନ୍ତି ସାତମାନ ସଖା ସଖୀ ଏକ ଗୋଷ୍ଠୀ
କୃଷ୍ଣର ପକ୍ଷ ଅଛନ୍ତି ସବସଖ ସବ କନ୍ୟା ଏକମନ
ବୃନ୍ଦା ନାରଦ ଅନ୍ତେ ଚାହିଁ ସାନନ୍ଦ ବରକନ୍ୟା ଏକାସନ

ହାରିଲେ ବାଳୀ ଜିଣିଲେ ବନମାଳୀ ବୋଲନ୍ତି ମଧୁମଙ୍ଗଳ
ହୁଡ଼ୁକୁ ଦିଅ ବିକଳ ମନେ ନୁହ କୃଷ୍ଣ କଣ୍ଠେ ହେମ-ମାଳ
ଶୁଣି ସେ ବାଳୀ ବଚନ ପ୍ରତିପାଳି କୃଷ୍ଣଗଳେ ମାଳଦେଲେ
ସଖୀ ସାନନ୍ଦେ ହୁଳହୁଳି ଶବଦେ ବେଣୁ ବଜାଇ ନାଚିଲେ
ପୁଣ ହୋଡ଼କରି ଖେଳନ୍ତି କୁମାରୀ ଭାବେ କୃଷ୍ଣଙ୍କୁ ଜିଣିଲେ
ଦେଖିଣବଟୁ ମୁକୁତା-ମାଳ କଣ୍ଠୁ ଫେଡ଼ି କନ୍ୟାଗଣେ ଦେଲେ
ତାଳି ବଜାଇ ହାସ୍ୟ ବଟୁ କରଇ ହାରିଲୁ ହାରିଲୁ ହରି
ଆମ୍ଭ ପକ୍ଷମାନ ନବ ବାଳାଗଣ ଜିଣିଲେ ଜିଣିଲେ ବୋଲି
ମଳୟ ଗନ୍ଧେ ମରୁତ ମନ୍ଦେ ମନ୍ଦେ ତରୁ କୁସୁମ ବରଷେ
ମଧୁପ ରଣେ ବନଜୀବ ହରଷେ କୋକିଳ ମଙ୍ଗଳ ଭାଷେ ।
ପୁଣିହିଁ ଖେଳ ହସିଣ ବଟୁ ବୋଲି ଏ ବେଳ ଏହୁ ହାରିବ
ବିଭା ବେଭାରେ ଏହୁ ଗୋପ ସଭାରେ ଆନକେହୁ ନ ବରିବ
ଏମନ୍ତେ ହୁଡ଼ୁ ଖେଳନ୍ତେ ସେହୁ ପିଡ଼ି ହାରିଲେ ଗୋପକୁମାରୀ
ଦେଖି କୁମାରେ ବୋଲନ୍ତି ନବବାଳେ ରହିଲ ହୋଇ ଆମ୍ଭର
କନ୍ୟାଛଳ ବହି ବଟୁ ପୁଣି କହି ଏ ପିଡ଼ି ଯେହୁ ହାରିବ
ପାଲଟା ବସନ ବହିଣ ସେ ପୁଣ ତାହାର ସେବା କରିବ
ପୁଣିହିଁ ଖେଳ ଖେଳନ୍ତେ ରଖିହୋଡ଼ ଜିଣିଲେ ନବ ସୁନ୍ଦରୀ
ବଟୁ ହସି ଉଚ୍ଚେ ବେଣୁ ମାରି ନାଚେ ପାଲଟା ବହିବୁହରି
ଏମନ୍ତବେଳେ ପ୍ରବେଶ ଯୋଗେ ହେଲେ କୁଳବୃଦ୍ଧା ମହତାରି
ଥକିତ ହୁହିଁ ଗଣ୍ଡରେ କରଦେଇ ରସନା ଚୁପି ଧିକ୍କାରି ॥
କୁଳ କୁମାରୀ ଅବଧାରି ସୁନ୍ଦରୀ କହିଲ ହେନେଣ ଖେଳ
କେହୁ କରିବ କାହିଁ ଦିନ ସରିବ କୁଳରୁ ବାହାର ହେଲ ॥
ଗୋପ ନଗର ନାଗର ବେଣୁଧର ଏହାର ବୁଦ୍ଧିରେ ପଡ଼ି
ଜାଣିଲେ ଲୋକ କହିବେ ଧିକ ଧିକ ଜାତି ପ୍ରତି ଆଣ ଗୁଡ଼ି ॥
ଅଜାଗେ ଯାଇ ସନ୍ନିଧି ବୃଦ୍ଧା ପାଇ ଦେଖି ପଳାଇଲେ ଲାଜେ
ଶିଖାଇ ନୋହି ସନ୍ନିଧିକେ କରିଥିଲେ କନ୍ୟା ଯେ ଥାକାର୍ଯ୍ୟେ
କୃଷ୍ଣର ସଙ୍ଗ ବିନୋଦ ଖେଳ ରଙ୍ଗ ରସରେ ରସି କାମିନୀ
ଲୋକ ଅପବାଦ ବିପଦ ପ୍ରମାଦ ମନରେ ଭୟ ନ ଘେନି ॥
ନ ରହେ ମତି ନ କରନ୍ତି ଆରତି ପୀରତି ନନ୍ଦ ନନ୍ଦନେ
ହୋଇବେ କାନ୍ତ କରନ୍ତି ବାରବ୍ରତ ଦେବ ବ୍ରାହ୍ମଣ ବନ୍ଦନେ
ଏଥୁଅନ୍ତରେ କେତେ ଦିନ ଅନ୍ତରେ ହିମ ଋତୁ ପରବେଶ
ଉତ୍ତର ପବନ ଶୀତ ଆଗମନ ନିର୍ମଳ ଦିଶେ ଆକାଶ ॥
ତୁଷାର ପଡ଼େ ଅବନୀ ତରୁ ଜାଡ଼ ମହାଜାଡ଼େ ତନୁ ଥରେ
ଶୀତ ଭୟେ ଜୀବେ ରହନ୍ତି ନିର୍ଜୀବେ ବାହାର ନୁହନ୍ତି ଘରେ
କମ୍ପି ଯୁବତି ଦଶନ ବେନି ପନ୍ତି ଧୂମ ବଦନୁ ବାହାରେ
ଦହନ୍ତି ସଙ୍କୋଳି ଉରକୁ ଆବୋରି ଦିନଜନେ ଛନ୍ଦ କରେ
ଅନଳ ରବି ଆଦରରେ ଜନେ ସେବି ଜଳରେ ଅଇରି ଭାବ
ସୁଖଦ ଉଷ୍ଣମ ବିଷାଦକୁ ଶରମ ଶ୍ୟାମ ଆଲିଙ୍ଗନେ ଧବ ॥
ନ ରୁଚେ ବେନି ଚନ୍ଦ୍ରମା ଚନ୍ଦନ ପ୍ରପାନ ଅଶନ ଆଦି
ରଜନୀ ଦିବସେ ନିବିଡ଼ ନିବାସେ ତୁଳି ବସନ ଆଚ୍ଛାଦି ॥
ତପନ କିରଣ ନିପତନ ଦେଖିଣ ଦିବସ ପରମ କ୍ଷୀଣ
ଚନ୍ଦ୍ରମା ପରମା ଶୋଭା ପ୍ରିୟତମା ନିଶି ଦେଖି ବର୍ଦ୍ଧମାନ ॥
ଝରିଲା ଜଳେ ଉଷ୍ମ ଧୂମ ଉଠିଲା ତପନ ଦେଖିଲେ ଯାଇ
ଯେସନେ ଯାର ଯୁବତୀ ଏ ବିହାର ତେଜି ଦ୍ରୁତଗତେ ପଳାଇ
କମଳ ମଣ୍ଡଳ ପ୍ରବାଳ କଅଁଳ ତରୁ ଲତା ଶୋଭାବନ
ଫୁଟିଲେ ନୀଳ ଇନ୍ଦୀବର ମଞ୍ଜୁଳ ଲୋଧ ଲବଙ୍ଗ ସୁମନ ॥
ପାଚିଲେ ଧାନ କ୍ଷିତି ଅତି ଶୋଭନ କ୍ରୌଞ୍ଚପକ୍ଷୀ ଉଚ୍ଛ୍ୱନ
କୁସୁମ ନୀରସ ଭ୍ରମର ବିରସ ହରଷ କାନ୍ତ କାମିନୀ ॥
ଚକ୍ରବାକ ଶୋକେ ରଜନୀ ଅଧିକେ ପ୍ରବଳ ସେ ବଢ଼ୁହେତୁ
ପଥିକ ଜନ ଦୁଃଖିତେ ବଞ୍ଚେ ଦିନ ରଜନୀ ରମଣ ହେତୁ ॥
ଏ କାଳେ ପତି ନାହିଁ ଯେଉଁ ଯୁବତୀ ତାହାର କି ସୁଖଅଛି
ଏମନ୍ତ କାଳେ ଗୋପ କନ୍ୟା ସକଳେ କୃଷ୍ଣ ଅଙ୍ଗ ସଙ୍ଗଇଚ୍ଛି
ଅନଳେ ଝାସିବେ ଜଳରେ ପଶିବେ ଗ୍ରାସିବେ ଗରଳହେଲେ
ଏମନ୍ତ କଲେ ପାଇବା ହରି ଭଲେ କରିବେ ଜୀବନ ଗଲେ
ଲାଜ କୁଳ ଶୀଳ ତେଜିଲେ ସକଳ କେବଳ କୃଷ୍ଣରେ ମତି
ଯେହୁ ଯାହାର ଅଙ୍ଗ ଭୋଗ ଆହାର ଛାଡ଼ିଲେ ସକଳ ପ୍ରୀତି
ବନେ ବନେ ବୁଲି ଜାଣି ତପସ୍ୱୀ ମିଳିଲେ ସେ ବନେଆସି
ଦେଖିଣ ଉକତ ହୋଇ ସେ ଯୁବତୀ ସଲଜ୍ଜ ହୋଇଣ ଭାଷି
ଦେଲ ଯେ ବର ନୋହିଲେ ତ ଆମ୍ଭର ସ୍ୱପନ ଧନ ପରାୟେ
ନବଘନ ଉଦେ ଗଗନ ଆଚ୍ଛାଦେ ବୃଷ୍ଟି ବିନୁ ଦୁଃଖମୟେ
ଏମନ୍ତ ଶୁଣି ବୋଇଲୁଁ ଭୋ ତରୁଣୀ ଜଳଦ ଯେ ନବଘନ
ପ୍ରସନ୍ନ ଅବଶ୍ୟ ବରଷାରେ ଶସ୍ୟ ରସ ହେବ ଉତପନ ॥
ଏମନ୍ତ କହି ଗଲୁଁ ଯେ ପଥବହି ହେତୁ ପାଇ ସେ କୁମାରୀ
ଦୀକ୍ଷା ଉପଦେଶ ପାଇସେ ବିଶ୍ୱାସ କରି ସେ ତପ ଆଚରି
ପ୍ରଥମ ମାସ ମହା ହିମ ପ୍ରବେଶ ବ୍ରତ ହବିଷ ପାଳିଲେ
ନିଶି ଶେଷଭାଗେ ବିବସନ ଅଙ୍ଗେ କାଳିନ୍ଦୀରେ ତପକଲେ
ବସନ କୂଳେ ରଖିଣ ଶୀତ ଜଳେ ପଶିଣ ଆକଣ୍ଠେ ରହି
ମାନସେ ଚିନ୍ତି ଶ୍ୟାମଘନ ମୂରତି ସବୁଙ୍କର ଜପ ଏହି ॥

ଏମନ୍ତେ ମାସେ କୁମାରିକାଏ କ୍ଲେଶେ ଦୃଢ଼ବ୍ରତ ଆଚରେ
ଉଚ୍ଚାଟ ହରି ଦୁଃଖ ସହି ନପାରି କନ୍ୟା ଛାରିବା ବସ୍ତ୍ରରେ
ପୂର୍ଣ୍ଣ ଦିବସ ନଦୀ କୂଳେ ପ୍ରବେଶ ପ୍ରିୟସଖୀ ସଙ୍ଗେ ଘେନି
ପ୍ରଭାତକାଳେ ଦେଖିଲେ ଶୀତଜଳେ ତପ କରନ୍ତି କାମିନୀ ॥
ଅନେକ କନକ ମୁଖ ଅକଳଙ୍କ କମଳ ପ୍ରଫୁଲ୍ଲ ଜଳେ
କି ଅବା ଯମୁନା ଜନକ ଅର୍ଚ୍ଚନା କରନ୍ତି ଉଦୟକାଳେ ॥
ଶୀତେ ଅଧର କମ୍ପମାନେ ସୁନ୍ଦର ଦନ୍ତ କିରଣ ବିକାଶେ
କି କଳଧୀ ବସି ଉଦେକ ତାରଣୀ ଅନୁରାଗ ଶୋଭାଦିଶେ
କି ଅବା ନୀଳ ମଣିମାନେ ମଞ୍ଜୁଳ ବଦନ ପଦ୍ମ ପଦକ
ଶ୍ରୀବୃନ୍ଦାବନ ଧରି ହୃଦେ ଶୋଭନ ଗୋବିନ୍ଦ ସୁଖଦାୟକ ॥
ହେମବରନା ଅଳଙ୍କାରେ ଯମୁନା ଭୂଷଣେ ଅତି ଶୋଭନ
ଏମନ୍ତେ ହରି ଦେଖି ନବ ସୁନ୍ଦରୀ ଜାଣିତପେ ଦୃଢ଼ମନ ॥
ଗୋଧନ ଚାଳନେ ପେଷି ସଖାଗଣେ ଏକାକୀ ହୋଇଣ ରହି
କନ୍ୟାଙ୍କ ଭାବ ନବୀନ ଅନୁଭାବ ତପ ନ ପାରନ୍ତି ସହି ॥
ଅନୁରାଗେ ହରି ହୃଦୟ ଆକୁଳ ପ୍ରୀତିବନ୍ଧକରି ଲୋଡ଼େ
ପାଳଟ ବାସେ ପଦ୍ମ ଗନ୍ଧ ସୁବାସେ ମଧୁପ ଲୁବଧେ ଜଡ଼େ
ଶରଧା ମନେ ବହିଂକଥା ଚାଳନେ ବସନ ଉଡ଼ାଇ ନେଲେ
କଦମ୍ବେ ମଣ୍ଡି ପତାକା ପ୍ରାୟେ ଉଡ଼ି ଥୋକାଏ ମାଡ଼ିବସିଲେ
ନୀପ ଉପରେ ମୁରଲୀ ଧରିକରେ ଅଧରେ ସୁସ୍ୱରେ ବୋଲେ
ଏ ଶୀତକାଳେ କପାଇଁ ପଶି ଜଳେ ଉଠିଆସ ଏବେ କୂଳେ
ଏମନ୍ତେ ବଂଶୀ ଶୁଣି ଚେତି ସୁକେଶୀ ଉଠି ଚକିତେ ଚାହିଁଲେ
କୂଳେ ବସନ ନଦେଖି ଖେଦମନେ କଦମ୍ବେ ହେଲ ବୋଇଲେ
କୂଳରେ ବେଗେ ଚାହିଁଲେ ଚଉଦିଗେ ନଦେଖି ଅତିକାତରେ
ବସନ କେ ନେଲ ଲଜ୍ଜାତ ହୋଇଲ କମ୍ପନ୍ତି ଶୀତ ଭୟରେ
ମୁରଲୀ ଧ୍ୱନି ଶୁଭିଲା କେଣେ ପୁଣି କଦମ୍ବକୁ ଦେଲେ ଚାହିଁ
ଦେଖିଲେ ହରି ପତାକା ବାନ୍ଧିକରି ଜଳେ ବୁଡ଼ି ଲଘେ ରହି
ଭୃତ୍ୟବତ୍ସଳ ପତାକା ଫରହର ମନୋହରତରୁ ଦିଶି
ଭୁବନମୋହନ ଗୋପୀଙ୍କି ଭାବେଣ ଡାକନ୍ତି ମୁରଲୀ ଘୋଷି
ମରଣୁ ଲାଜ ବଳିଲା ସଖି ଆଜ ଭଲ ବାଳୀ ଅନୁରାଗେ
ଶ୍ୟାମସୁନ୍ଦର ଦିଅ ବାସ ଅମ୍ବର ବିନୟ କହିଣ ମାଗେ ॥
ରାଜ କୁମାର ହୋଇଣ ଅବେଭାର ପାଲଟା ବାସ ରଖିଅ
ଅବଳାଦ୍ରବ୍ୟ ବଳିଲ ମନ ଏବେ ଧାର୍ମିକ ଗୋପେ ବୋଲିଅ
ଯେବେ ଅନ୍ୟାୟେ କଲ ଯେଣୁ ନ୍ୟାୟେ ଧର୍ମିକେମନ୍ତେ ସମ୍ଭବ
ଆମ୍ଭ ବିନୟ ଘେନିଣ ବସ୍ତ୍ରଦିଅ ବେଭାର ଯେବେ ରହିବ ॥

ରାଜାଙ୍କ ଛାମୁରେ କହିବୁଁ ନଦେଲେ ଡାକିଲେତ ଶୁଣୁନାହିଁ
ଶୀତରେ ଥର ଥର ତନୁ ଆମ୍ଭର କି କରିବୁଁ ଏବେ କହ ॥
ତୁମ୍ଭର ଦାସୀ ଦେଖିଲେ ଲୋକେ ଆସି ଏଲାଜ କାହାକୁ ହେବ
ବସନ ଦେଇ ଶୀତ ଭୟୁ ବଞ୍ଚାଇ ଲଜ୍ଜା ଘୁଞ୍ଚାଇ ରଖିବ ॥
ଏମନ୍ତ ଶୁଣି ବୋଲନ୍ତି ବେଣୁପାଣି ଶୁଣ ଗୋ ସୁନ୍ଦରୀଗଣେ
ଚଣ୍ଡ ପବନ ଉଡ଼ାଇଣ ବସନ ଘେନି ଯାଉଥିଲା ଏଣେ ॥
ଆମ୍ଭେ ତା ଦେଖି କଦମ୍ବେ ଆସିଲୁଁ ଆଶ୍ଚର୍ଯ୍ୟ ପାଇ ରହିଲୁଁ
ଧରି ଦୁକୂଳ କଦମ୍ବେ କରିଚୂଳ ତହିଁର ଫଳ ପାଇଲୁଁ ॥
ତୁମ୍ଭର ଯେବେ ଚିହ୍ନେଣ ନଅଏବେ ଆଉ ଆମ୍ଭେତା ନଛୁଇଁ
କୂଳରେ ବାସ ରଖିଣ ଜଳେ ପଶି ଲାଜ ଭୟ ତୁମ୍ଭନାହିଁ ॥
ଚତୁରବର ବଚନେ କନ୍ୟାକୁଳ ଏକ ମୁଖ ଆରେ ରହି
ଦଇବ କଷଣ ଅମ୍ବର ଦୂଷଣ ପୂର୍ବେ ବର୍ଣ୍ଣ ଛନ୍ତି କହି ॥
ବସନ ତାଙ୍କି ନରହିଁ ମୁଖ ଟେକି କୋପେ ବର୍ଣ୍ଣେ ବୋଲେ ଯାହା
ଏ କୃଷ୍ଣ ଆଗେ ଉଭାହେବେ ଜଳେ କେ ଆନ କରିବ ତାହା
ସେ ବିପ୍ରବାଣୀ ଭେଟିଲି ଆସି ପୁଣି ଯାହା ବୋଲିବେ କରିବା
ବୁଡ଼ିଣ ଶୀତେ ରହିବା ଅଜ୍ଞାନକେତେ ଚାଲ ତାଙ୍କଠାକୁ ଯିବା
ବସନ ମାଗି ପିନ୍ଧିବା ଚାଲ ବେଗି ଲାଜ କଲେ କାର୍ଯ୍ୟ ନାହିଁ
ଆନକେ ନଦେଖି କୃଷ୍ଣ ପଛେ ଦେଖି ହିନ ତୋଷକରେ ରହି
ଏମନ୍ତ ବୋଲି ବାହାର ସର୍ବଆଳୀ ମଦନ ସଦନେ ପାଣି
କିବା ଯମୁନା ଘେନି ନବ ଅଙ୍ଗନା କୃଷ୍ଣଙ୍କୁ ସମର୍ପେ ଆଣି ॥
କିଶୋରୀ ବ୍ୟବସ୍ଥା ଜନମ ଅବସ୍ଥା କନକ ପ୍ରତିମାଗଣେ
ଦେଖିଣ ହରି ନିଶ୍ଚଳ ଚକ୍ଷୁ କରି ନିରେଖନ୍ତେ ଜଣେ ଜଣେ ॥
କୃଷ୍ଣ କୁନ୍ତଳ ସଜଳ ଜଳଧର ପୃଷ୍ଠଦେଶେ ବରଷନ୍ତି
ବଦନ ପଦ୍ମ ଅଳକା ଅଳିବୃନ୍ଦ ବେଢ଼ିକି ମଧୁ ଚୁମ୍ବନ୍ତି ॥
ନାସିକା କୀର ଚଞ୍ଚୁ ବିମ୍ବ ଅଧର ଦାଡ଼ିମ୍ବ ବୀଜ ଦଶନ
ନୟନ ନଳିନ ଖଞ୍ଜନ ଗଞ୍ଜନ ଭୁରୁ କାମ ଶରାସନ ॥
ଶ୍ରବଣ ବେନି ଅନଙ୍ଗ ପାସଜାଣି ଅର୍ଦ୍ଧେନ୍ଦୁ ଭାଲ ଚିବୁକ
ଚନ୍ଦ୍ର-ବଦନ ମଣ୍ଡଳ ଢଳ ଢଳ କୃଷ୍ଣର ସୁଖ-ଦାୟକ ॥
ସୁଗ୍ରୀବ ଶଙ୍ଖ ରେଖାବଳି ସୁରେଖ ଖୁଆଡ଼ୁଆ ଶୋଭାବନ
ମୃଣାଳ ଭୁଜ ହେମକ କୁନ୍ଦେ ଉଚ ପ୍ରଲମ୍ବେ ଅତି ଶୋଭନ
ଉର ବିପୁଳ ପୟୋଧର ଯୁଗଳ କଠିନ ଚଞ୍ଚଳ ସଞ୍ଚେ
ହୃଦୟଦେଶ ମଦନ ରସ କୋଷ ବଢ଼ିଲେ ବର୍ତ୍ତୁଳ ଉଚେ
କିବା ତବ ବୀଣା ତୁମ୍ବୀ ଯନ୍ତ୍ରଗୁଣା କଣ୍ଠମୁକେ ଜାଣି ଖଞ୍ଜେ
ଶ୍ୟାମା ରୋମାବଳୀ ମଧ୍ୟଦଣ୍ଡ ଝୁଲ ନାଭି ପରିଯନ୍ତେ ସାଜେ

ହେମ ମଞ୍ଜୁ ଭେଦ କି ଅବା କାଳନ୍ଦୀ କୂଳ ଚକ୍ରବାକ ଦୁଇ
ନମ୍ରୀକ ଲଗି ହୋଇଲେ ଏକ ସଙ୍ଗୀ ବିଚ୍ଛେଦ ନପାରି ସହି
ଏହି ନମ୍ରୀକୂଳ ବିବାଦ ଯୁଗଳ କୁଚ ଗିରିକ ବଢ଼ିଲେ
କଠିନ ଯହୁଁ ନିଷ୍ଠୁର ସ୍ୱଭାବହୁଁ ମଧ୍ୟ ସନ୍ଧି ନଛାଡ଼ିଲେ ॥
ହରି-ନେତ୍ର-ପକ୍ଷୀ ପଞ୍ଜୁରି ଏହୁକି ପରି ବାହାରି ନପାରେ
ଗୃହୀ ନିଷ୍ଠଳେ କର ଦୁଇ ଚଞ୍ଚଳେ ମନ ଛନ ଛନ କରେ
ମଧ୍ୟ ଅତିକ୍ଷୀଣ ଭାର ସଜବନ ବିହ୍ୱଳ ଭାଳି ମନରେ
ରୋମାବଳୀସ୍ତମ୍ଭ ନାଭିଠାପେ ଦମ୍ଭ ବାନ୍ଧି ତ୍ରିବଳୀରଜ୍ଜୁରେ
ଶ୍ରୋଣୀ ସୁନ୍ଦର ସଞ୍ଚ ଘଞ୍ଚ ଉଦର ଉଚ୍ଚ ନିତମ୍ବ ଯୁଗଳ
ଅଭିରାମ ଶ୍ୟାମ କାମ ସିଂହାସନ ଘନ ଜଘନ ପୃଥୁଳ ॥
ଉଲଟ ରମ୍ଭା ପ୍ରାୟେକ ଉରୁ ଶୋଭା ପାଦ କୋକନଦ ଛବି
ଅଶୋକ କଳି ଅଙ୍ଗୁଳି ନଖ ଝଳ ଶଶୀକି ଚରଣେ ସେବି ॥
ନବକୁମାରୀ ସର୍ବଅଙ୍ଗ ମାଧୁରୀ ନିର୍ମିଲେ ହରି ନିରୋପେ
ଏକ ଆରକେ ଗୁଣ ଶୋଭା ଅଧିକେ କି ଶୋଭି ସମ ସ୍ୱରୂପେ
ଉଲଗ୍ନେ ରଖି ପୂରାଇ ଆଖି ଦେଖି ଶାନ୍ତ ଏତେକେ ନୁହଇ
ଜଘନ ସନ୍ଧି କର ପଦ୍ମ ଆଚ୍ଛାଦି ଦେଖିବା ମନ ହୁଅଇ ॥
ଲଜ୍ଜା ଛଡ଼ାଇ କର ଯେବେ କଢ଼ାଇ ତେବେ ରସାଇ ଲଜାଣି
ରସିକ ସେହୁ ଅବୋଧ ବୋଧ ଯେହୁ ଆଜ ବୁଝି ପରମାଣି
ଏମନ୍ତ ବିଚାରି ବୋଲନ୍ତି ଶ୍ରୀହରି ଶୁଣ ନବୀନା ସକଳେ
ଅପ୍ରାଧ ଅର୍ଜିଲ ଉଲଗ୍ନେ ମଜ୍ଜିଲ ତପନ ତନୟା ଜଳେ ॥
ସୂତା ଅପ୍ରାଧ ପିତାଙ୍କ ବନ୍ଧ ବୋଧ ଖଣ୍ଡ ବେଗେ ଦୁଇକର
ମୂର୍ଦ୍ଧନ କରେ ଉଲଗ ଜଦେବେ ନିର୍ମଳ କରିଣ ଚଉ
ରାଧା ଶ୍ରୀମତୀ ତର୍ପନେ କରି ପ୍ରୀତି ସକଳ ଲୋକବନ୍ଦିନୀ
ଏବେ ଗୋ ତୁମ୍ଭେ ସୂର୍ଯ୍ୟଙ୍କୁ ପୂଜ ଭାବେ ତୋଷ କଳନ୍ଦ-ନନ୍ଦିନୀ
ନବ ଶ୍ୟାମଘନ ଅମିୟ ବଚନ ସରସେ ସୁନ୍ଦରୀ ଶୁଣି
ଲଜ୍ଜାକୁ ତେଜ ନାଗରଭାବେ ମଜ୍ଜି ଏକଆରେ ଅନା ଅନି
ଦକ୍ଷିଣ କର ଦେଇଣ ମୂର୍ଦ୍ଧନର ଉଲଗନ୍ତି ଧନମଣି
ନାଗର ଭଣି ବିଶେଷରେ ତରୁଣୀ ଅପ୍ରାଧ ଅର୍ଜିଲ ପୁଣି ॥
ଏକଇ କରେ ଦେବତା ଉଲଗିଲେ ନାଶଇ ସକଳ ଫଳ
ନବ ତରୁଣୀ ବିବେକ ଶିରୋମଣି ଏତେକ କର୍ମ କମ୍ପାକଲ ॥
ଏବେ ବେନିକର ଯୋଡ଼ିଶିର ପର ଉଲଗି ଭଗତ ମାଗ
ନିର୍ଦ୍ଦୋଷୀ ହୁଅ ବାଞ୍ଛିଲ ଫଳପାଅ ଦେଖ ଭାନୁଅନୁରାଗ ॥
ଏମନ୍ତଶୁଣି ଏକ ଆରେ ତରୁଣୀ ଶିରେ ବେନି କରଯୋଡ଼େ
ସୁର ସଦନ ନିର୍ମଳ ଦରଶନ ଅଙ୍ଗ ଅନଙ୍ଗରେ ପୀଡ଼େ ॥

ବିଶୁଦ୍ଧ ମନ ଜାଣି ନନ୍ଦ ନନ୍ଦନ ସୁବର୍ଣ୍ଣ ବଂଶୀକି ଘେନି
ନିଷ୍ଠୁରେ ମୋର ତୁମ୍ଭେ ମୁହିଁ ତୁମ୍ଭର ଏମନ୍ତ ହସିଣ ଭଣି ॥
ଯେଝା ବସନ ଫେଡ଼ିଦେଲେ ବହନ ପିନ୍ଧନ୍ତି ଗୋପ କୁମାରୀ
ଅଙ୍ଗୁଳି ଦେଖାଇ ବସନ ଚହ୍ନାଇ ମାଗନ୍ତି କେଉଁ ସୁନ୍ଦରୀ
ଆହେ ବନମାଳି ଏ ମୋ ହଂସାବଳୀ ସାଢ଼ି ଫେଡ଼ି ବେଗେ ଦିଅ
କଟାଳ ସହିକି ଜାଣିବା ନାହିଁକି ଯେ ତୁମ୍ଭ ବର୍ତ୍ତନ ନିଅ ॥
କେହୁ ବୋଲେ ଶ୍ୟାମ ଫୁଲପଡ଼ି କମ ଭ୍ରମର ମାଳା ବସନ
ନାଗର ଯେମନ୍ତ ଦେଖିଲେ ନ ଚିତ୍ତ ବେଗେ ତର କରଦାନ
କେବୋଲେରସିକବାମପାଖେଦେଖଚନ୍ଦ୍ରୋଦୟ ସାଢ଼ି ଫେଡ
ଅନୁଗ୍ରହ କର ଶୀତ ଭୟ ହର ତରୁ ଆରୋହଣ ଛାଡ଼ ।
ଭାଷେ କେଉଁ ରାମା ହେ ଗୋପଚନ୍ଦ୍ରମା ମୋ ତାରାବଳୀଅମ୍ବର
ତରୁକୁ ମଣ୍ଡିଲ ଆମ୍ଭଙ୍କୁ ଦଣ୍ଡିଲ ଏଥିଁ କି କାର୍ଯ୍ୟ ତୁମ୍ଭର ॥
ହେ ପୀତବାସ କ୍ଷୀରୋଦ୍ର ବାସବଶ ଦେଖିଲେ ଦୁଃଖ ନିଘେନ
ଜଳେ ସର ସର ତନୁ ଜର ଜର ଶୀତେ ଥରହର ପୁଣ ॥
କେଉଁ ସୁନ୍ଦରୀ ବୋଲନ୍ତି ବେଣୁଧାରି ଦୁକୂଳ ଲୁଚାଇ ଚେଳିଲୁଁ
ଦେଖି ଏ ଅବସ୍ଥା ନକର ବ୍ୟବସ୍ଥା କେତେ ରୂପରେ ଭଜିଲୁଁ
ଆହେ ଦୟାନିଧି ରସିକ ବାରିଧି ଅତନୁ ଶୀତେ କମ୍ପାଅ
ସିନ୍ଧୁରିଆ ଫେଇ ଦିଅ ମୁହିଁ ପିନ୍ଧଇ ଦେଖିଲେ ସୁଖ ନପାଅ ॥
କେହୁ ଜଳାପାଢ଼ କାନଢ଼ସାଢ଼ୀ କର ପ୍ରସାରି ମାଗଇ
ପରିଧାନରେ ସୁଖୀ ଅବଧାନରେ ହେବ ତୁମ୍ଭଙ୍କୁ ଲାଗଇ
ବୋଲେ ଚନ୍ଦ୍ରମୁଖୀ ମୋ ବାସ ଏସଖି ମାଗିଲେ ନଦିଅଁ ଫେଡ଼
ଦଇବ କରିବ ଏମନ୍ତ ହୋଇବ ନପାଇବ ପୁଣ ଲୋଡ଼ ।
କେଉଁ ସୁନ୍ଦରୀ ବୋଲେ ଆମ୍ଭେ ତୁମ୍ଭର ଦେଖି ଯୌବନ ଧନ
ଯତନେ ରଖ ହୋଇବ ଏଣେ ସୁଖ କରି ବାସେ ଆଚ୍ଛାଦନ
କେହୁ ପୁଣ ମାଗି ମୋରକଳାମେଘୀ ଦିଅ ମୁଁ ତନୁ ଘୋଡ଼ାଇ
ଓଷା ପାଳିଲୁ ଫଳ ଆଜ ଫଳିଲା ସକଳ ଗଲୁଁ ବୁଡ଼ାଇ
କେବୋଲେମାଧବଅବଳା ବାନ୍ଧବ ପୀତାମ୍ବର ମୋ ଓଢ଼ଣୀ
କେଉଁ ତରୁଣୀ ବୋଲଇ ହେଳାରେ ଦିଅ ମୋ ଶ୍ୟାମ ଓଢ଼ଣୀ
କେଦଣ୍ଡ ବାଳୀ ବସନ ମାଗ ବୋଲ ବ୍ରତକାନ୍ତରେ ନୋହିଲୁଁ
ମଦନ ରାଏ ଜଳାଇ ଆମ୍ଭ ଦେହ ଦିଗମ୍ବର ହେଣୁ ହେଲୁଁ
ପତକା ଉଡ଼ାଇ କୁଳରୁ ଛଡ଼ାଇ ଆଣିଲ କଢ଼ାଇ ଏଣେ
ଛାଡ଼ ବଢ଼ାଇ ମାଗି କରବଢ଼ାଇ ନପାଇଲୁଁ ବାସ ଜାଣେ ॥
କେ ବୃକ୍ଷେ ଚଢ଼ିଲ କେତରୁ ଓଢ଼ାଇ କେ ତାଳମା ରଣଡାକେ
ଊର୍ଦ୍ଧ୍ୱମୁଖ ରବେ କରତାଳି ସର୍ବେ ଦେଖି ହରି କଉତୁକେ

ହରିଣ ଛପି ଶୁଣ ନବ ସୁକେଶୀ ରସବତୀ ବାମା ଉଡ଼
ସର୍ବାଙ୍ଗ ଶୋଭାକୁ ବସନ ଦେବାକୁ ସତେ ନବଲଇ ନଫେଡ଼ା ।
ପଞ୍ଚମଙ୍କ ନାହିଁ ରତିରଙ୍ଗ ନାହିଁ ଆନନ୍ଦ ହୋଇଲ ସଜ
ଜଳରେ ପଶି ଶ୍ରମକୁ ଅନ୍ତନାଶି ସଙ୍ଗେ ସଙ୍ଗ ମନସିଜ ॥
ମଦନ ସାହା ପାଇଏତେ ଉଚ୍ଛାହା ଆମ୍ଭଙ୍କୁ କର ତର୍ଜନା
ବସନ ନେଇ ଦେବାପେ ଦୁଃଖପଡ଼େ କନ୍ଦେବ ତା କହକନା
ବୋଲେ ତରୁଣୀ ବଚନେ ରସଧର ସ୍ମରଦେବ ରତିଦେବା
ଦେଖଏ ପ୍ରସନ୍ନ ସବୁରି ବଦନ ଯେହ୍ନ ଏ ଭ୍ରମର ସେବା ॥
ରସିକମଣି ବସନ ମାନେନେଇ ଦିଅନ୍ତ ଜଣ ଜଣକୁ
ସାଡ଼ି ପାଇଲେ ହରଷ ବଳାହେଲେ କଅବା କାମରଣକୁ
ଏମନ୍ତେ ସୁନ୍ଦରୀ ବସନ ପହରି ରହିଲେ କୃଷ୍ଣଙ୍କୁ ବେଢ଼ି
ବୃକ୍ଷରୁ ହରି ଓହ୍ଲାଇ ବନେଜକରି ଅନୁରାଗ ପ୍ରେମେ ନେଢ଼ି
ତ୍ରିଭଙ୍ଗ ଛନ୍ଦେ ମୁରଲୀ କରବନ୍ଧେ କଦମ୍ବ ଅବଲମ୍ବନେ
ହେମ ପଦକ ମଧ୍ୟେ ନୀଳା ନାୟକ ହେଲେ ଯେମନ୍ତଶୋଭନେ
ମନ୍ଦେ ମନ୍ଦେ ହସି ନନ୍ଦନନ୍ଦନ ଛପି ଶୁଣଗୋ ନବୀନ ବାଳେ
ଆମ୍ଭରଆଗେ ଉଲ୍ଲଙ୍ଘେହେଲ ଉଲଗ୍ନେ ଲଜ୍ଜାକୁ ତେଜିଲ ତାଳେ
ନାରୀ ଉଲଗ୍ନେ ଦେଖିଲେ ପାପଲାଗେ ନୁହଇ ଏତ ଉଚିତ
ରାଜ କୁମର ବୋଲି ଉପୁନକର କରିବା କି ପ୍ରାୟଶ୍ଚିତ ॥
କାହାକୁପୂଜିବା ଏ ଦୋଷ ତେଜିବା କାହାକୁ କପୁଣଦେବା
ବୃନ୍ଦାଙ୍କ ଆଦେଶେ ଶୁକ ବୃକ୍ଷସ୍ଥାନେ ବ୍ରଜେନ୍ଦ୍ରସୁତ ଶୁଣିବା
ଉଲଗ୍ନ ଦୋଷ ଲେଖିଛୁ ମୁନିଶାସ୍ତ୍ର ଉପଦେଶେ ମୁନିର
ପଣି ପଦ୍ମ ପୂଜ ଶୁଦ୍ଧ ଦ୍ୱିଜରାଜ ମୁଖେ ରମ୍ଭଦାନ କର ॥
ବୋଲନ୍ତେ ହରି ଶୁଣିଲେକ ସୁନ୍ଦରୀ କହେଯାହା ଶୁକଦ୍ୱିଜ
ତୁମ୍ଭେ ଯେ ପାଶ ଦେବଙ୍କ ଶୁଦ୍ଧନାଥ ଦାନଦେବା ଯେନ ଆଜ
ଶରଦ କାଳେ କାର୍ତ୍ତିକ ପୌର୍ଣ୍ଣମୀରେ ମହାଦାନ ଦେବାପୁଣ
ସୁଶମ୍ଭୁପନ୍ନା ଦ୍ୱିଜରାଜ ବଦନୀ ଯୋଗେ ତୋଷହେବ ମନ ॥
ଶୁଣି ସୁନ୍ଦରୀ ଅବନୀ ମୁଖକରି ଚରଣ ଅଙ୍ଗୁଳି ଘସି
ଲଜ୍ଜା ହାସ୍ୟସଙ୍ଗେ ପ୍ରେମ ଅନୁରାଗେ ଚିର ସଙ୍କେତରେ ହାସି
କନ୍ୟାଙ୍କ ମନ ଜାଣି ନନ୍ଦ ନନ୍ଦନ ପ୍ରସନ୍ନ ଭାବେକି କହେ
ତୁମ୍ଭେ ମୋରମନ୍ତ୍ରୀ ଭାବେଅଛକିଣି ଋଣୀ ହୋଇଅଛଦେହେ
ଜାଣିଲି ସତ୍ୟ ତୁମ୍ଭର ଦୃଢ଼ବ୍ରତ ଏକାନ୍ତେ ମୋତେ ଭଜିଲ
ଗୃହ ପରିଚର୍ଯ୍ୟା କୁଳଶୀଳ ଲଜ୍ଜା ମୋଲାଗି ସର୍ବ ତେଜିଲ ॥
ତୁମ୍ଭର ପ୍ରୀତି ଅନୁରୂପେ ଭଗତି କରିତ କ୍ଷମ ନୁହଇ
ପ୍ରେମ ତପ ତୋଷ ହେଲି ତୁମ୍ଭବଶ ପରମ ସୁଖ ଦେବଇଁ

ଶରଦ ପୂର୍ଣ୍ଣ ରଜନୀ ବୃନ୍ଦାବନ ରାସରସେ ବିଳସିବ
ଅଚିନ୍ତ୍ୟ ରୂପ ବିହାର ମନେନଚାହେଁ ଚିର ବିରହ ନାଶିବ ॥
ଏବେ ବାଞ୍ଛିବା ବୃନ୍ଦାଙ୍କ ପାଦେ ସେବ ରାସରଙ୍ଗ ଲୀଳା ଶିଖ
ଯମୁନାକୂଳେ ନିଶିଶଶୀ ଉଜ୍ଜ୍ୱଳେ ତେବେ ସେ ହୋଇବ ସୁଖ
ସଙ୍ଗୀତ ସାହିତ୍ୟ ନୃତ୍ୟରସ ଗୀତ ତାଳମାନ ରସକଳା
ଏକାନ୍ତେ କାନ୍ତ ସଙ୍ଗେ ସେତେ ସୁରତ ଅଶନ୍ୟସୁଖଦଲୀଳା
ଗାନ୍ଧର୍ବୀବିଦ୍ୟା ରାସଗ ଶିକ୍ଷା ବୃନ୍ଦା ଦେବୀଙ୍କ କରଭାବନା
ନନ୍ଦୀମୁଖୀ ବନ୍ଦ ହୁଅ ସର୍ବାରୀଦ୍ଧ କାମବୀଜ ଉପାସନା ॥
ମୁରଲୀ ଧରି ନପୁମ ହୁଇଁ କରି ସତ୍ୟ ଏ ସତ୍ୟ ଆମ୍ଭର
ବନେ ନିଶି ସଙ୍ଗେ ରତିରସ ରଙ୍ଗେ ତୋଷିବ ମନ ତୁମ୍ଭର
ଆଜଗୋ ଘର ଗୁପତ କଥାକର ସାବା ଉତ୍ସବେ ମିଳନ
• ଶନ୍ୟାନକର ହସ୍ତିନ୍ତରେ ବିହାର ଜାଣିଲୁ ମୋର ମନ ॥
ଶୁଣି ତରୁଣୀ କୃଷ୍ଣର ଦୃଢ଼ ବାଣୀ ହରଷ ମାନସ ହେଲେ
ବ୍ରତକୁଜଜୋଇ ଶତ୍ରୁକୁ ମଜ୍ଜାଇ ସେ ଯାହା ଭୁବନେଗଲେ
ତହୁଁ ବନମାଳୀ ଗୋଗୋଷ୍ଠକୁ ଚଳି ମିଳିଲେ ସଖାସମାଜେ
ମନହରଷେ କନ୍ୟାଗଣ ପୌରିଶେ ହାସ ବଦନ ପଙ୍କଜେ ॥
ଦେଖିଣ ବତ୍ସ ହାସ୍ୟରେ କହେ କନ୍ଦ ଆଜତ ବଡ଼ ହରଷ
ସହସ୍ରଯୋନି ଦର୍ଶନ ଫଳ ଯେନ ପାଇଛକ ସୁଧାରସ ॥
ସହସ୍ର ସହସ୍ର ସୁବର୍ଣ୍ଣକଳସ ପିୟୂଷ ଧରି ଯା ପାଶେ
ମାଠିକଳସେ ଗୋରସଆମ୍ଭପାଶେ ଦେଖି କପାଇଁ ସେରସେ
ସଙ୍ଗୀତ ସାହିତ୍ୟ ନୃତ୍ୟରସଗୀତେ ସୁନ୍ଦରୀ ମଧ୍ୟେ ଯେବଞ୍ଚେ
ଗହ୍ବରବନେ ରଖି ନାନା ବାଣୀଶିଖି ଗୋପାଳ ମେଳକରିଚେ
ଶୁଣି ଶ୍ରୀହରି ବଟୁକୁ ସ୍ତୁତି କରି ତେମନ୍ତ ଆଜ୍ଞା ତୁମ୍ଭର
ଅକାମୀ ଦ୍ୱିଜ ବଚନେ ହେଲା ଆଜ ମନେକଲୁଁ ଏ ବିସ୍ମର
ବେଳଉଚ୍ଛୁର ହୋଇଲ ଯିବା ପୁର ବେଗେଦୋହନ ବଢ଼ାଅ
ଦୁଧ ପୂରଇ ଭାର ଆଗେ ଚଳାଇ ଆପଣା ପଥ କଢ଼ାଅ ॥
ଏମନ୍ତ ଜହ୍ନ ଗାବ ସର୍ବ ଦୁହାଁଇ ଭାରବୁହାଇ ଅଇଲେ
ଯେ ନିତମନ୍ତେ ଜନନୀ ତୋଷରତ୍ନେ ମାଜଣା ମଣୋହିକଲେ
ଶୁଣି ସେନକ ଯୋଡ଼ଣ ବେନକର ନାରଦଙ୍କୁ ପୁଣ ପୁଚ୍ଛି
ହେମୁନିବର ସୁଦୟା ମୋତେ କର କଥାଏ ପର୍ଚ୍ଚୁଅଛି ।
ତରୁଣୀମଣି ନବୀନ ଯଉବନୀ ରସିକଭାବେ ରସିଲେ
ବିବସ୍ତ୍ରେଆସି ଯମୁନାରେ ସୁକେଶୀ ନାଗର ନେହ ତୋଷିଲେ
ଯେଯାହା ବୋଲନ୍ତ ସେତାହ କରନ୍ତି ସର୍ବାଙ୍ଗଦେଖିନର୍ତ୍ତିଲେ
ସ୍ତନ ଜଘନ ନଗୋପି ନରସିଂହ ରମଣ କମ୍ପା ନକଲେ ॥

ଏକାନ୍ତ ସ୍ଥାନ ନାହି ଜନ ଗମନ କଦମ୍ବ ବନ ମନ୍ଦିର
କିଶୋର ରସିକ ନାଗର ନାୟକ କମ୍ପା ନକଲେ ବିହାର
ବୋଲେ ମୁନିବର ହେ ନଳକୁବର ଗୋବିନ୍ଦ ଗୁଣ ଗମ୍ଭୀର
ଯେଉଁ ନିମିତ୍ତ ନହେଲେ କେଳିରତ କହିବା ତହିଁ ବିସ୍ତର ॥
ଅବୋଧ ବାଳା ନଜାଣେ କାମକଳା ମନ୍ତ୍ର ଉପାସନା ନାହିଁ
ରାଧାଙ୍କ ପାଦେ ସେବା ନାହିଁ ସୁହୃଦେ କୃଷ୍ଣଙ୍କୁ ରମିବେ କାହିଁ
କନ୍ୟାଙ୍କଠାରେ ପ୍ରସନ୍ନ ହେବେ ନହେଲେ ରାସରସ ସୁରତକୁ
ମୁରଲୀ ଛୁଇଁ ନିୟମ କରି କହି ଏକାନ୍ତରେ ରମିବାକୁ ।
ସେ ରାସ ଉତ୍ସବ ରାଧାରେ ସମ୍ଭବ ଏକା କୃଷ୍ଣରେ ନୁହଇ
ଏଣୁ ଗୋବିନ୍ଦ ଭାବରେ ହୋଇ ବୋଧହିତ ଉପଦେଶ ଦେଇ
ଗାନ୍ଧାର ବିଦ୍ୟାରେ ନାନ୍ଦୀବୃନ୍ଦା ଦ୍ୱାରେ କାମବୀଜ ଉପାସନେ
ରାଧାଙ୍କୁ ସେବିବେ ତେବେ ସେ ଲଭିବେ କୃଷ୍ଣସଙ୍ଗ ଏକାସନେ
ଏମନ୍ତ ସହୁଁ ନୋହିଣ ଥିଲେ ସେହୁ ତେଣୁ ଅଯୋଗ୍ୟ ସମ୍ଭୋଗେ
ସୁନ୍ଦରୀଙ୍କ ସ୍ନେହ ଯେଉଁଣ ନକରେ ଘଟାଇବା ଅନୁରାଗେ ॥
କାମବୀଜ ଭାବ ରାଧାପାଦେ ସେବ ହେବେ କୃଷ୍ଣ ଅଙ୍ଗପାଇ
ଏ ବିନୁ ଯେତେ ସାଧନ ବିଧିମତେ କେବଳଭକ୍ତିହୋଇ ॥
ଧନପତି ଶିଷ୍ୟ ତତ୍ତ୍ୱ ଉପଦେଶ ଏହିଟି ଜାଣ ଗୁପତ
ଏଘେନ ହରି କନ୍ୟା ଭୋଗ ନକରି ଧୀର ଲଳିତ ମହତ୍ତ୍ୱ ॥
ଶୁଣି ସନ୍ତୋଷ ପରମ ଉପଦେଶ ହୃଦୟ ମର୍ମ ମୂଳେ ରଖି
ମୁନି ପଦ୍ମର ବନ୍ଦି ନଳକୁବର ସାତ୍ତ୍ୱିକ୍ୟ ନାରଦ ଦେଖି ॥
ବ୍ରଜ ରହସ୍ୟରେ ବଚନ ସରସ ନାରଦ ଗଦ ଗଦରେ
ଶ୍ରୀ ଭାଗବତ ଗୋପଲୀଳା ଚରିତ କହନ୍ତି ଅତି ମୋଦରେ ॥
ଏମନ୍ତେ ହେମନ୍ତ ଅନ୍ତେ ଆଗମ ଶିଶିର ମକର ଆଦି
ତୁଷାର ବରଷି ନିରସ ସାରସି କୁହୁଡ଼ି ଦିଶ ଆଚ୍ଛାଦି ॥
ଚନ୍ଦ୍ରଲତା ମାଡ଼ି ହିମ ଜଳପଡ଼ି ଝର ଝର ବରଷନ୍ତି
ଘୋଟି ଅନ୍ଧକାର ଏକଇ ଆକାର ରବିଛବି ନିଦଶନ୍ତି ॥
ଦିଗୁଣରେ ଶୀତପଡ଼ି ଯେ ଜଗତ ଦିବସ ନିଶି ପ୍ରାୟେକ
ଚକ୍ରବାକ ଦୁଃଖୀ କଉଷିକ ସୁଖୀ ଅଭିସାରିକା ନିଃଶଙ୍କ
ସନ୍ନିଧି ଥିଲେ ନଦେଖି କେହି ଭଲେ ଇନ୍ଦ୍ରଜାଲ ପ୍ରାୟେ ଘୋଟି
ଉଦୟରେ ସୂର୍ଯ୍ୟ ବେଳୁ ବେଳ ତେଜ ଲଗିଣ କୁହୁଡ଼ି ଫାଟି ॥
ଯେସନେ କଳ୍ମଷ ଘୋଟି ଅଙ୍ଗେ ଦେଶ ଜନମ ଆଦିରୁ ଥାଇ
ଶ୍ରୀହରି ନାମେ ସାଧନ ଅନୁକ୍ରମେ ନିଃଶେଷ ହୋଇଣ ଯାଇ
ଉତ୍ତରଗତି ହୋଇଲେ ଗ୍ରହପତି ମାର ମକର ଆରୋହି
ଶିଶିର ଜାଣି ବସନ୍ତ ଆଗ ଆଣି ଦକ୍ଷିଣ ପବନ ବହି ॥
ମକର ଧାଡ଼ି ସ୍ଥାବର ଲତା ଝଡ଼ି ସରସୀ କୁଳ ଛାଡ଼ିଲେ
ବସନ୍ତ ଭେଦେ ମଦନ ଅନୁବାଦେ ଦମ୍ପତି ପ୍ରୀତି ବଢ଼ିଲେ
ମକର ଯାତ୍ରେ ସୁର ନର ଜଗତେ ତଣ୍ଡୁଳ ଉତ୍ସବ କରେ
ତପସ୍ୱୀମାନେ ବିପ୍ରାଦି ଗୃହବର୍ଣ୍ଣେ ତେଜତ ତାପ ଆଦରେ ॥
ପଞ୍ଚବକ ଅଂଶ ରସାଳ ବଉଳ କଇରବ ମଉଳିଲେ
ନାସିକ ନ ସେବ ଶଶୀକି ନଭାବ ନର ଶୀତଳ ସଳିଳେ ॥
ଅନଳ ଉଷ୍ଣବେ ଛନ୍ଦ ଠାବେ ଠାବେ ଦନ୍ତୁଦନ ଶୀତଦୃଷ୍ଟି
କୁନ୍ଦ କୁମୁଦ ଆଦିରେ ଭୃଙ୍ଗମୋଦ କମଳା ଫଳାଦି ପାଶ ॥
ମନସିଜ ସଖା ଆଗୁଆଣି ପଙ୍କାସୈନ୍ୟ ଶିଶିର ସାଜଇ
ରଜନୀ ଶେଷେ କୁକୁଟ ଧ୍ୱନି କଷେ ବୀର ନିଶାଣ ବାଜଇ ॥
କୋକୋ କୋକୋ ଡାକେ ଉଚ୍ଚାଟରେ ଲୋକେ ସାହିକେ ଶୀତ ସଙ୍କୋଚରେ
ତୁଣ୍ଡ ଜାଡ଼ି ବାହି ଥରଥର ଦେହୀ ଭୂଷାରେ ରୋମଟାଙ୍କୋରେ
ମନସିଜ ରାଜ ବଜେ ଅଇଶ୍ୱର୍ଯ୍ୟ ବସନ୍ତ ପଞ୍ଚମୀ ଜାତେ
ଫଗୁ ଧୂଳି ରଙ୍ଗେ ନବ ଅନୁରାଗେ ଫୁଲଧନୁ ଧରି ହସ୍ତେ ॥
ଗୁଣ ଭୃଙ୍ଗମାଳେ ଚୂତାଙ୍କୁର ଶରେ ମିତ୍ରଚନ୍ଦ୍ର ଅଶ୍ୱିନୀରେ
ମକରଧ୍ୱଜ ଆଗମ ଗ୍ରହରାଜ ଆଗେ କୁମ୍ଭ ଧନଦ୍ୱାରେ ॥
ଏକାଳେ ଗୋକୁଳେ ଗୋବିନ୍ଦ ବହ୍ନିଲେ ରାଧାପୁରେ ଅଭିସାର
ନିଶି ଅନ୍ଧାରେ ବିଜୟ ଏକସରେ ଉଚ୍ଚାଟରେ ପଞ୍ଚଶର ॥
ନବଜ ଘନତନୁ ନୀଳବସନ ନାସିକ ନିଶି ଅନ୍ଧାରେ
ଲୋକ ଭୟରେ ମନ୍ଦଗତି ପଥରେ ଅମଡ଼ା ଖୁଣ୍ଟ କଣ୍ଠାରେ ॥
କଷ୍ଟେ କଷ୍ଟରେ ପ୍ରବେଶ ଯାବନ୍ତେ ଯେ ତରଳ ଚଞ୍ଚଳ ଭଟେ
ଚନ୍ଦ୍ରମା ବୁଡ଼ି ରଜନୀ ପାହିଁଛଡ଼ି ଥର ଥର ହୋଇ ଶୀତେ ॥
ଦ୍ୱାରେଣ ଲଗି ସମସ୍ତ ଜାଗିଜଗ ଉହାଡେ ଲୁଚି ସାଙ୍କୋର
ଶିଶିର ପଡ଼ି ବସନ୍ତେ ତନୁ ଜଡ଼ି କମ୍ପିଣ ରୋମଟାଙ୍କୋର ॥
କଏ ଡାକନ୍ତେ ପଳାଇ ଯାଇ କେତେ ପୁଣ ସଖୀ ପାଖେ ଆସି
ଯିବା ଆସିବାରେ ରହିଲ ଦୁଆରେ ଛନ୍ଦେକେ ମିଶିଣ ଯଶି ॥
ରାଧିକା ପୁର ଭୂଅ ବନ୍ଧ ଆକାର ଆଡ ବାଙ୍କ କନ୍ଧ କନ୍ଧ
ବେଶରେ ଅନ୍ଧାରେ ମଦନ ଧନ୍ଦାରେ ଭେଦ ନପାରିଣ ଧନ୍ଦ
ଯାନ୍ତି କାହିଁ ଖଣ୍ଡି କାହିଁରୁ ଲେଉଟି କାହିଁ ପୁଣ ଡେଇଁ ଯାଇ
ଚରଣ ହୁଡ଼ି କାହିଁରେ ପୁଣି ପଡ଼ି କାମେ ଶରେ ବିକହଜାଇ ॥
ସାତ୍ତ୍ୱିକ ମତରେ ଲୋକେ କମ୍ପିତରେ ସ୍ତମ୍ଭକ ତୈଳ ଟେଳା ଡରେ
ପ୍ରିୟାଙ୍କୁ ନପାଇ ଖେଦକ ରୂପଇ ତନୁ ଦାସ ଜରଜରେ ॥
ଦମ ଦମ ବୁକୁ ଯୁଝିବେ କାହାକୁ ସଦନ ସାହାସେ ଭ୍ରମେ
ଖରନିଃଶ୍ୱାସ ମତ୍ତ ଅତି ବିରସ ପ୍ରିୟା ଭାବ ପରିଶ୍ରମେ ॥

ଜଟିଳା ସଦନେ ନନ୍ଦ ଶୟନେ ଦେଖିଣ ଭୟେ ବାହୁଡ଼
ଛନଛନ ଚିତ୍ତେ ଚନ୍ଦ୍ରାହଆରତେସୁରେପୁରେପ୍ରିୟାଲେଉଡ଼ ॥
ପଦ୍ମ ଗନ୍ଧ ଘ୍ରାଣେ କୃଷ୍ଣ ଭୃଙ୍ଗ ଜାଣେଅନୁସରଆସେପାଶେ
ଏକାନ୍ତେ ରାଜ୍ଞ ଶୟନ କରେପଦ୍ମିନୀଜ୍ୟୋତିର୍ମୟପୁରନ୍ଦରେଶ ॥
ନବଜ ମନ୍ଦର ଅଭେଦ ସମୀର ଚନ୍ଦ ଅମ୍ବର ମଣ୍ଡଣି
ଗଜଦଶନ ପଲଙ୍କେ ଦିବ୍ୟାସନ ଶୁଦ୍ଧ ଆସ୍ତରଣ ଷୋଡ଼ଶୀ ॥
ଅଗ୍ର ଧୂପଧୂମ ସୁବାସ ସୁଷମେ ଶୃଙ୍ଗ ହାଟ ନିର୍ମିତରେ
ଚନ୍ଦ୍ରପ୍ରତିମା ବାଡ଼ିରେ ଅନୁପମା ଗୋପୀକାଶ୍ୟାମପ୍ରେମରେ ॥
ମାଣିକ୍ୟବନ୍ତ ଜଳଇ ଚନ୍ଦ୍ରକାନ୍ତ ନିର୍ମଳ ଶୋଭା ଦିଶନ୍ତ
ଶୟନ ଭୁଜ ଗୁରୁବାସ ମୁଚୁଳ ମଧ୍ୟ ପହୁଡ଼ ଶ୍ରୀମନ୍ତ ॥
ନିହାଳି ଯୋଡ଼ି ସଜନୀ ପାଶେବଡ଼ି କୃଷ୍ଣମହିମା କଥନେ
ନିଦ୍ରାନ୍ତୁନେଦେଖିଣସଖୀଗଣେଗଲେଯେଯାହାଶୟନେ ।
ନାଗର ଭୟେ ମିଳି ଏହିସମୟେ ପ୍ରିୟା ଶୟନକୁ ଗୃହିଁ
ଦରନିଦ୍ରା ପଇଲା ପ୍ରାୟେ ବୁଦ୍ଧି ଦୁଃଖଲେଛି ସୁଖବହି ॥
ଶଯ୍ୟାରେ ବସିଲକ୍ଷାରେ ନଭରସି କହିତ ଭାଷା ନ ଆସେ
ନବଳେ ସତବତାଇରଖେହସ୍ତଧୀରେଧୀରେଦେଇବାସେ ॥
ଅଳସ ହାଲଇ ଲୁଳିକ ଚଳାଇ କର ଗଳାଇ ଚରଣ
ଧୀରେ ଧୀରେ ଧଇ ଆଶ୍ୱାସେମଞ୍ଜୁଳନଭଙ୍ଗନ୍ତ ନିଦ୍ରାପୂଣ ॥
ନେତ୍ରନ ଫିଟଇଚେତେଜେମାଦେଇଦାସୀସେବାକଲେ ଜାଣେ
ନିଦ୍ରାରବନ୍ଧୁଲେଉଟିଁଉଠିଁ ବୋଲେଚରଣଧୁଆଇଆଣେ ॥
ସୁରତେ ମଧୁହର ମନ୍ତ ବୃତେଶାୟୀ ପୁଣିହି ପାଦ ଧଇଲେ
ଶୀତଳ ଜଳେ ଜେମାପାଦ ନିହିଏ ନାହିଁନାହିଁନାହିଁବୋଲେ
ବିଷାଦେ ହର ଦେହଧର ନପାର ପ୍ରିୟାଭାବେ ଅନୁତାପି
ପୁଣି ହିଁ କର ଗଳାଇଲା ନାଗର ଧୀରେଧୀରେ ଧର ଗୁପି ॥
ଏତେକେ ଚେତା ନପାଇ ନୃତ୍ୟମୃତା ଦେଖିନାଗରବନ୍ଧୁଆ
ନଖଚଳାଇ ଜାନୁ ସୁଗଙ୍ଗଚଳାଇ ଖମାଇ ଚିହ୍ନାସିନ୍ଧୁଆ ॥
ସ୍ୱପନେ ଜେମାଶ୍ରୀକୃଷ୍ଣର ସେପ୍ରେମା ବସନେ ଫିଟେନ୍ତେଣ ଧରେ
ବାମତା ଭାବରେ ରମନ୍ତାଧବରେ କଲେଚେକିନାହିଁକରେ ॥
ମାୟାଶ ଜାଣି ବରଯ ବେନୁବାଣୀ ସ୍ପର୍ଶିହିଁ କରଜ ଗୁଳେ
ଚେତନା ପାଇଁ ଚମକେଜେମାଗୃହିଁସ୍ୱପନେମୁନ୍ଦପମିଳେ ॥
କାନ୍ତମୁଖ ଦେଖି ମନେହୋଇଦୁଃଖୀ ରସନାଦଶନେଗୁପି
ଶୀତଅନ୍ଧାରେ ଅଇଲେଏକାକୀରେରଚିତ୍ତମନରେସନ୍ତାପି ॥
ପଣନ୍ତ ପାଡ଼ ଚରଣଧୂଳି ଝାଡ଼ ଶ୍ରୀଅଙ୍ଗ ବସନେ ଗୁପି
ଶୃଙ୍ଗାରର ପଟ ଅଣାଇ ନିକଟ କର ଉଷୁମାଇ ଗୁଡ଼ି ॥

ମୋଦ ବିଷାଦେ ପୁଚ୍ଛନ୍ତି ଗଦଗଦେ ଏତେ ଦୁର୍ଗମେ ଅଇଲ
ପିଉଳ ପାଇଁ ମାଳମଣି ହଜାଇ ମନେ ଭୟ ନପାଇଲ ॥
ତନୁ କରସ୍ପର୍ଶି କହନ୍ତ ନାଗର ଯେତେ କଷ୍ଟରେ ଅଇଲୁଁ
କଣ୍ଟା ଖଣ୍ଡ କଣା ପଡ଼ ହୋଇବଣାଯହିଁଯେମନ୍ତେ ରହିଲୁଁ
ଧୀର ଧୀର ବାତେ ଥର ଥର ଶୀତେ ସର ସର ଶିଶିରରେ
ଲୋକଭୟରେ ପଳାଇଲୁତବାରେତୋରପ୍ରେମଜରଜରେ
ଏ ଦୁଃଖସଖୀ କଞ୍ଚିତ ପ୍ରାୟେଲେଖିତୋବାଞ୍ଛେଦଦୁଃଖଗୁରୁ
କାମବଶୀଖ ଭେଦନ୍ତେ ଯେଉଁ ଦୁଃଖକେପୂଣିତାସହିପାରୁ ॥
ଶୁଣି ଗୁଣବନ୍ତୀ ବିକଳ ଯେ ମତ୍ତ ନେତ୍ର ଲୋତକ ବହଇ
କାନ୍ତକୁ ଜଡ଼ ଅଙ୍ଗରେ ଅଙ୍ଗଭିଡ଼ ଧଇର୍ଯ୍ୟଧର ନୁହଇ ॥
କାନ୍ତରେ ରମଇ ବଦନ ଚୁମ୍ବଇ ଉରଜ ଯୁଗ ଯୋଡ଼ାଇ
କାନ୍ତ ମନୋରଥ ମତ୍ତ ମନମଥ ରସେ ଲେଉଟେବୁଡ଼ାଇ ॥
ବିବିଧ ସୁରତେ ରମିଲେ ଏକାନ୍ତେ ଶୀତଭୀତି ମନୁତେଜ
କେଳି ଭଙ୍ଗବନ୍ଧ ପାଦପାଣିଛନ୍ଦେ ଏକଆରକରେ ମଜ୍ଜି ॥
ଶେଷେ ପହୁଡ଼ ନିବଡ଼େଭିଡ଼ାଭିଡ଼ପଙ୍କ ତୋଳେଯୋଡ଼ହୋଇ
ଗଣ୍ଡ ଚୁମ୍ବନ ଅଧର ସୁଧାପାନ ପ୍ରେମରସେ କୁହାକୁହି ॥
ପ୍ରବାସେରମିବା ତୀର୍ଥଯାତେ ଯିବାଦେଖିବାସେସ୍ଥାନେସ୍ଥାନେ
କେମନ୍ତେ ଶୀତ ବିଦେଶେ କେତେଭ୍ରାନ୍ତବିହରିବାବନେବନେ
କାନ୍ତଙ୍କୁ ଜଣାଇ ଭାବରେ ମଣାଇ ଅଚିନ୍ତା ବିହର ରସେ
ନାଗର ଭଣି ହଉ ହଉ ମିଳଣି ଯିବାନିଶ୍ଚେ ପରବାସେ ॥
ଏମନ୍ତ ରସେ ରଜନୀ ଅବଶେଷ ମୁରୁଛି ନବଳେ ମନ
ରାଧା ଅପଶାନ୍ତ ଚନ୍ଦ୍ର ଲୋକଭ୍ରାନ୍ତ ବିଷାଦେ ହର ଗମନ ॥
ରାତ୍ର ପାହୁଛି କୃଷ୍ଣଗୃହିଁ ଲେଉଟି ପୁଣ ପୁଣ ଚୁମ୍ବେ ମୁଖ
ନଚଳଇ ପାଦ ଚନ୍ଦ୍ର ମତ୍ତଖେଦ ଦୁଃସହ ବିଚ୍ଛେଦ ଦୁଃଖ ॥
ରାଧାନିଦ୍ରାଯାହୁଁ ବାହାର ସେ ତହୁଁ ମନ୍ଦ ମନ୍ଦ ଗତିକଲେ
ମାଢସ୍ୱାହାନେବାହାରପୁରଜନେହାରମେଲହେଲ-ଗଲେ ॥
ନିଜ ମନ୍ଦିରେ ଶୟନ ହରିକଲେ ନପାରିଲେ କେହିଜାଣି
କୃଷ୍ଣ ଆସନ୍ତେ ସଖୀଜେମା ପୁରନ୍ତେ ଅନୁସର ପଦ୍ମମଣି ॥
ରହି ଏକଆରେ କୃଷ୍ଣ ଅଭିସାରେ ତଥି ଅନୁସାରେ ସଖୀ
ବନ୍ଦ ମନ୍ତ୍ରୀ ବୋଲେ ହରଷ ହାସରେବନ୍ଧୁ ଆଜକେତେଦେଖି ॥
କୃଷ୍ଣ ଚନ୍ଦ୍ର ତନ କ୍ଷୀଣ ଦିନୁଦିନ ଅତନୁରେ ଭାନୁ ଜାରେ
ସୁହୃଦେ ସେବ ଯୋଡ଼ାଇବାସେ ତବ ତେଣୁ ନନ୍ଦଶୀସଖୀରେ
ଶଶୀରେଖା ଭଣି ପ୍ରତ୍ୟଦର୍ଶନ ନିଶି ମୁଖେ ଅନୁରାଗୀ
ବଧୂକ୍ଷୀଣ ଅଙ୍ଗେ ବାମ୍ୱାଧସ୍ୱସଙ୍ଗେନଜାଣିକେୟସ୍ଥାବପଙ୍ଗୀ ॥

ବୋଲେ ଦୂତୀଅଳି ସ୍ୱୟଂ ଦୂତୀଆଳି ଚନ୍ଦ୍ରିମା କୋଳେ ରବମି
ରସିକବନ୍ଧୁ ଚନ୍ଦ୍ରିକାଗଲା ମଧୁ କୋକିଳେ ବେଳକୁ ଥିଲେ ଆସି
ଭୃଙ୍ଗଯୂଥ ବୋଲେ ଚନ୍ଦନ ଯୁଗାଙ୍ଗରେ ଲେଖ ଏ ଆଜନି ଯାମେ
ନବକୁମାରୀ କସ୍ତୁରୀ ବିଦାରିଣୀ କେଶେ ସଙ୍ଗମେ ॥
ବୋଲନ୍ତି ତରୁଣୀ ଶ୍ୟାମ ବିଭାବରୀ ବଧୂଜନ ମଧୁ ଶେଷ
ହର ଆଜରେ ଚତୁର୍ଥୀ ଯାମନ୍ତରେ ବଧୂ ନ ଦେଖି ପ୍ରଭୁ ଜେ
ସାତ ମଙ୍ଗଳେ କାମଦେବ କ ତରେ ବୁଝି ଅନୁରାଗ ଜଳେ
ଅମୃତପାନ ରମଣୀ ଯଉବନ ସାତକୁମ୍ଭ ଏଡ଼େ ଗଲେ ॥
ଘାଞ୍ଚି ସଜନୀ ବୋଲେ ଆଜ ପଞ୍ଚମୀ ବସନ୍ତ କାମ ଉତ୍ସବେ
ବାରୁଣୀ ସୋମ ଦେଖି ନବ ମଦନ ମଣ୍ଡ ରତି ପ୍ରିୟାଭାବେ
ସ୍ୱୈରବସନ୍ତେ ଚେଣ୍ଡୁ ସ୍ୱୈରସ୍ୱରେ ଷଷ୍ଟ ସଜନୀ ଯେ ଭାଷେ
ଶ୍ରୀଅଙ୍ଗ ଲାଗି ଗତ ରାତ ଉଲଗି ଘୋଡ଼ ଓଢଣି ସୁଭାସେ
କୃଷ୍ଣ କସ୍ତୁରୀ ଲୁଣ୍ଠଣ କୁଚଗିରି ପଞ୍ଚଶର କଟାକ୍ଷରେ
କନକ ଭୂମି ଚରଇ ମୃଗଭ୍ରମି ଦେଖା ନଦେଇ ଖାତରେ
ସପ୍ତମ ସଖୀ ବୋଲେ କେ ନ ଦେଖି ଜାରିଲ୍ଲ ପାହୁଣାରେ
ନାଗର ସାଗର ନଗ ଅଭ୍ୟାସ ସଙ୍ଗମ ଚନ୍ଦ୍ରଭାଗାରେ ॥
ଅଷ୍ଟକଳା ରସେ ସଖୀଜନ ଭାଷେ ରତି ଅନ୍ତ ଚିହ୍ନାଗ୍ରହି
କୃଷ୍ଣଚନ୍ଦ୍ର ବନୁ ଅର୍ଦ୍ଧ ଚନ୍ଦ୍ର ତନ ସଖୀକଳା ପୂର୍ଣ୍ଣରହି ॥
ହାସ ଇଙ୍ଗିତେ ଶୁଣି ପ୍ରେମା ଲଜ୍ଜିତେ ମନ୍ଦହାସ ଚନ୍ଦ୍ରମୁଖେ
ନିଶି ବାସରେ କୃଷ୍ଣ ଗୁଣରସରେ ହାସ ପରିହାସ ମୁଖେ ॥
ଏମନ୍ତେ ପ୍ରଦୋଷେ ଗୋପ ସଭାବାସେ ଗୋକୁଳର କୁଳବୃଦ୍ଧ
ରାମ ଗୋବିନ୍ଦ ଘେନିଣ ସଖାବୃନ୍ଦ ବିଜେକରିଛନ୍ତି ନନ୍ଦ ॥
ଜଉତିଷ ଚିହ୍ନି ସପତାଙ୍ଗ କହି କର ଯୋଡ଼ିଣ ଯଣାଇ
ହେ ନନ୍ଦରାଜ ଅମ୍ବିକା ବନପୂଜା ଷାଠିଏ ବରଷେ ହୋଇ
ସୋମ ଶ୍ରବଣା ଶିବ ଯୋଗ ସମ୍ମିଳା କୃଷ୍ଣକୁମ୍ଭ ଚତୁର୍ଦ୍ଦଶୀ
ହର ହରଜନ୍ମ ମହାଯୋଗ ପୁଣ୍ୟ ପୂଜା ଉଜାଗରେ ନିଶି ॥
ଏମନ୍ତ ଶୁଣି ଶରଧା ସର୍ବେ ପୁଣି କୃଷ୍ଣ ବୋଲନ୍ତି ହେ ପିତା
ଆଜ୍ଞା ଦେବା ସକଳେ ଚଳିବା ଦେଖିବା ସେ ଶିବଯାତ୍ରା
ହରଷ ହୋଇଲେ ନନ୍ଦ ସକଳେ ଆନନ୍ଦ ଘୋଷଣା ନଗ୍ରେ ଦିଆଇ
ଶୁଣି ସକଳେ ଉତ୍ସାହ ମନକଲେ ଲୋଡ଼ିଣ ସର୍ବ ଭିଆଇ
ଅମ୍ବିକାବନେ ଚଳିଲେ ତୋଷମନେ ଯେଯାହା କୁଟୁମ୍ବ ଘେନି
ଶକଟ ଆରୋହି ପାଦଗତି କେହି ଦୋଳା ହାନ୍ଦୋଳ କେପୁଣି
ଆଗେ ବଣିଜାର ହୋଇଲେ ବାହାର ପସରାମାନ ଘେନାଇ
ଠାବେ ଠାବେ ବାଡ଼ି ବକାକଣା ଲୋଡ଼ ଦୂରଦେଶରୁ ଅଣାଇ

ଯାଆନ୍ତେ ଲୋକ ଗହଳ ଚଉପାଶ ମୁଖରବ ଉଚ୍ଛୁଳଇ
କୃଷ୍ଣର ମାର୍ଗେ ଦେଖିବା ଯାହାଙ୍କର ସବୁରି ଶ୍ରଦ୍ଧା ବଳଇ
ଦ୍ରବ୍ୟ ବସନ ଅଳଙ୍କାର ଭୂଷଣ କୁସୁମ ଗନ୍ଧ ଚନ୍ଦନ
ମନ ଆନନ୍ଦ ଗମନେ ଗୋପବୃନ୍ଦ ମଧ୍ୟେରେ ନନ୍ଦନନ୍ଦନ ॥
ରାଧା ଚନ୍ଦ୍ରାବଳୀ ଯେତେ ଗୋପବାଳୀ ଆସନ୍ତି ଯେଯାହା ମତେ
ଗୋପ ରମଣୀ ନାନ୍ଦୀମୁଖୀ ଘେନି ଆସନ୍ତି ଉତ୍ସାହ ଚିତ୍ତେ ॥
ଆଗେଣ ନନ୍ଦ ଘେନିଣ କୁଳବୃଦ୍ଧ ବିଜୟ କରନ୍ତି ଧୀରେ
ସକଳ ସଖା ଅଛନ୍ତି ବେଢ଼ି ପଖା ରାମକୃଷ୍ଣ ଗମନରେ ॥
ଯଶୋଦା ଦେବୀ ଗହଣେ ସର୍ବେ ସେବ ନାରୀଗଣ ଅନୁସରି
ନିର୍ମଳ ଜଳ ଦେଖିଣ ଦିବ୍ୟସ୍ଥଳ ରନ୍ଧନ ଭୋଜନ କରି ॥
ଏମନ୍ତେ ଯାଇ ଅମ୍ବିକା ବନେ ପାଇ ଦେଖିଲେ ଉତ୍ତମସ୍ଥାନ
ନିର୍ମଳ ଜଳ ଅବନୀ ପରିମଳ ଅତି ମନୋହର ବନ ॥
ସୁସ୍ୱାଦୁଫଳ ଅମୃତ ସମତୁଲ ପ୍ରଫୁଲ୍ଲ ପୁଷ୍ପ ସୁବାସେ
ମଧୁକରକୁଳ ମୁଖରବ ରୋଳ ଶାରୀ ଶୁକ ନାଦ ଘୋଷେ ॥
ହର ଗଉରୀ ସର୍ବଦା ଆନନ୍ଦକରି ଷଡଋତୁ ବିହରନ୍ତେ
ଯେଯେତେ ବେଳେ ଯହିଁକି ଇଚ୍ଛାକରେ ସେହି ଫଳ ତହିଁ ପାଏ
ଗୋକୁଳ ଲୋକେ ଦେଖନ୍ତି କଉତୁକେ ତରୁଲତା ଫୁଲଫୁଲ
ରହିଲେ ମାଡ଼ି ଗୋପାଳ ସୈନ୍ୟପଡ଼ି ସଜାଡ଼ିଣ ବସାଚୁଲ
ଗୋପ ଆକାରେ ଯେହୁ ଯାହା ପାଖରେ ରହିଲେ ସେରୂପେ ଜାଣି
କେହୁ ଛଣପଲ କେହୁ ପର୍ଣ୍ଣଶାଳା କେହୁ ସାଡ଼ି ଘର ଟାଣି ॥
ବସିଲା ବାଟ ବସିଲା ନିତି ହାଟ ଗୋକୁଳ ନଗର ପ୍ରାୟେ
ମୁଖରବ ଗୋଳେ କାନନ ଉଚ୍ଛୁଳେ ସ୍ୱର୍ଗେ ଦେଖେ ଦେବତାଏ
ସେଦିନ ନିଶି ହୋଇଣ ତୀର୍ଥବାସୀ ଉପାସ କରି ରହିଲେ
ତୀର୍ଥପୂଜ ମିଳ କଲ୍ୟାଣ ସେ କରି ଶିବ ପୂଜଣ କହିଲେ ॥
ରଜନୀ ଅନ୍ତେ ଉଠିଣ ଯେଝାମତେ ନିତ୍ୟକର୍ମକୁ ବଢ଼ାଇ
ଶିବ ଗଙ୍ଗାରେ ସ୍ନାନ ବିଧାନରେ ସେ ମନ୍ତ୍ର ବାକ୍ୟ ବତାଇ
ଅନେକ ଦାନ ଦେଲେ ବ୍ରଜ-ରାଜନ ଜଣେଜଣେ ଅନୁମତେ
ବିପ୍ର ବେଦଧ୍ୱନି ତୋଷ ଦାନେ ଘେନି ଦେବସ୍ଥଳ ଉପଗତେ
ପ୍ରାସାଦ ବେଢ଼ା ଅଗଣା ଦ୍ୱାର ଗଡ଼ା ମେଢ଼ ମଣ୍ଡପ ଜଗତି
ବିବିଧ ସୁର କନକମୟ ବିଗ୍ରହ କଇଳାସ ବାରସ୍ୱନ୍ତି ॥
ହର ଗଉରୀ ବିଜୟ ତହିଁ କରି ସିଂହ ବୃଷଭ ଆଗରେ
ପାର୍ଶ୍ୱେ ଅଛନ୍ତି କାର୍ତ୍ତିକ ଗଣପତି ନନ୍ଦୀ ଭୃଙ୍ଗୀ ସଙ୍ଗରେ ॥
ହେମ ରଜତ ମରକତ ବଜ୍ରକତ କନକମୟ ଦ୍ରବ୍ୟ ଶୋଭା
ସୁବେଶରେ ବିଜେ ସିଂହାସନ ମଧ୍ୟେ ଦେବାସୁର ନରଲୋଭା

ପ୍ରତିହାରି ଦ୍ୱାରେ ନନ୍ଦଙ୍କୁ ସମ୍ମୁଖରେ ଦର୍ଶନ କରାନ୍ତି ନେଇ
ଆପଣେ ନନ୍ଦ ଧେନୁ ଧନ ନୈବେଦ୍ୟ ପ୍ରଣାମ କରାଇ ନେଇ
ଫଳ ଚଣ୍ଡଳ ମାଣ୍ଡୁଆ ଦୁକୁଳ ଅନେକ ଧନଙ୍କି ଦେଲେ
ହରି ଗଜସ୍ତ ଦର୍ଶନ ନନ୍ଦଙ୍କର ବିସ୍ମିତ ଭକତ ହେଲେ ॥
ଅନେକଦେଶ ଲୋକନିବାସ ପ୍ରବେଶ ଗନ୍ଧଳଚ୍ଛନ୍ଦ ବେଳେ ବେଳ
ଦର୍ଶନ କରି ଅଇଲେ ଦଣ୍ଡଧାରି ହାତେକରି ଗୋବିନ୍ଦ ଲବଳ
ରାମଗୋବିନ୍ଦ ଦେଖି ଲୋକ ଆନନ୍ଦ ଦେବ ଦର୍ଶନ ତାପୋଶ
ଉବୁଡ଼ା ଉବୁଡ଼ି ପାଦ ମଣ୍ଡା ମଡ଼ି ଗୋଡ଼ ଇସି ନର ନ ସି
ବୋଲନ୍ତି ଧନ୍ୟ ଯେବଣଦେଶ ଜନ୍ମ ଧନ୍ୟ ଯେହୁଛାତିମାତ
ଧନ୍ୟ ଆମ୍ଭର ଦେଖି ରୂପସୁନ୍ଦର ଧନ୍ୟଏହୁ ବନଜାତ ॥
ଶରଧା ବଢ଼ାଇ ଆସନ୍ତି ଗୋଡ଼ାଇ ବଢ଼ାଇ ଅନୁରାଗରେ
ମୂରୁଛି ନପାରି ରହି ଅନୁସରି ବୁଡ଼ି ଲାବଣ୍ୟ ସାଗରେ ॥
ଏମନ୍ତେ ନଗରେ ପ୍ରବେଶ ହୋଇଲେ ବନ୍ଧୁଣୀ ଭୋଜନରସେ
ନନ୍ଦ ରାଜନ ପୁରଧେନ ଭୋଜନ ରହିଲେ ତହିଁ ହରଷେ
ବ୍ରତ ଆଚରି ସକଳ ନର ନାରୀ ହରିଧ୍ୟାନ ଏକବାର
ରଜନୀ ଶେଷେ ସ୍ନାହାନ ଉପବାସେ କରି ଦୀପ ଉଜାଗର
ଗୋପ ନନ୍ଦନୀ ନାନ୍ଦୀମୁଖୀ ବନ୍ଦନୀ ବୃନ୍ଦାଦେବୀଙ୍କି ସେବିଲେ
କାମ ଗାଇତରି ବୀଜ ଆଦିକରି ଭକତିଭାବେ ଲଭିଲେ ॥
ଗାନ୍ଧାର ବିଦ୍ୟା ଶିଖିବାରେ ଶରଧା ଦୀକ୍ଷାଧେନ ଶୁଦ୍ଧଚିତ୍ତେ
ସଙ୍ଗୀତ ସାହିତ୍ୟ ନୃତ୍ୟରଙ୍ଗ ଗୀତ ବୀଣାଯନ୍ତ୍ର ଆଦି ଯେତେ
ସେ ବୃନ୍ଦାଦେବୀ ଗୋବିନ୍ଦଯୋଗ୍ୟଭବନରତେ ଲଗି ଶିଖାନ୍ତି
ଯେମାନ୍ଙ୍କୁ ଜଣାଇ କୁମାରୀ ଧେନାଇ ସେବା ମଣାଇ ରଖାନ୍ତି
କନ୍ୟାଙ୍କ ପ୍ରୀତି ଦେଖିତୋଷ ଶ୍ରୀପତି ନିଜ ଆତ୍ମାପ୍ରାପ୍ତକଲେ
କୃଷ୍ଣର ମନ ତୋଷିବାକୁ ପ୍ରସନ୍ନ ରାସଲୀଳା ଆଜ୍ଞା ଦେଲେ
ଯାହାରେ ଠୁଳ ସକଳେ ଏକମେଳ ଦେଶକାଳ ପାଶମିଳେ
ପରମ କାମନା ରସ ଉପାସନା ରାଧା ଆରାଧନା କଲେ
ସେହୁ କାମ୍ୟବନ ସର୍ବକାମ ପୂର୍ଣ୍ଣ କାମପଦ୍ମା ଯେ ସେହୁ
ନବ କାମିନୀ ଶ୍ରୀକୃଷ୍ଣ ଭାବଧେନ ସର୍ବସିଦ୍ଧ ହେଲେ ତହିଁ ॥
ଏମନ୍ତେ ଜାଗର ଜାଳ ଉଜାଗରେ ରଜନୀ ଶେଷ ହୋଇଲେ
ଶିବଗଙ୍ଗାରେ ସ୍ନାହାନ ପ୍ରାତଃକାଳେଅନେକଦାନହିଁଦେଲେ
ଦେବତା ଦର୍ଶନ ଯେବିଧି ଅର୍ଚ୍ଚନ କଲେ ପାରଣାଭୋଜନ
ରଜନୀ ଅର୍ଦ୍ଧ ହୁଅନ୍ତେ ପୁଣ ନନ୍ଦ ଶଯ୍ୟାରେ କଲେ ଶୟନ
ଏମନ୍ତେ ଆସି ସର୍ପେକ ପୁରେପଶି ନନ୍ଦ ପାଦଧରି ଗିଳେ
ଡାକଲେ ନନ୍ଦ ଆରତେ ଉଚ୍ଚନାଦ ଚଳ ନପାରନ୍ତି ଡଳେ
ଆରତ ଶୁଣି ଉଠିଲେ ନନ୍ଦସ୍ୱାମୀ ସ୍ୱାମୀ ସର୍ପଘାତ ଦେଖି
ବୋବାଳିପାଡ଼ି ହୋଇକୋଡ଼ିକଡ଼ି ଗୋପାଳେ ବ୍ରାଜପକ୍ଷି
ଉଠିଣସକଳେ ମାରମାର ବୋଲି ହାତେ ନପଡ଼ନ୍ତି ଲଉଡ଼ି
କେଯୁଣି ଆଣି ଧରିଣ ପୋଡ଼ାକାଠ ସର୍ପ ଉପରେ ପେଡ଼ି
ଢେଲା ପାଷାଣ ହେଉଛି ବରଷଣ ମୂଷଳ ଧେନ କେ ପିଟି
ଖଣ୍ଡା ସାବେଳ କୁନ୍ତଭଲା ପ୍ରହାରି ସର୍ପର ଦେହେ ନକାଟି ॥
ନନ୍ଦ ପଦ୍ମର ଧରିଣ ଅଜଗରେ ଗିଳୁଅଛି ବେଗେ ବେଗେ
ହରାଇ ବୁଦ୍ଧି ସକଳେ ହୋଇଣିଧନ୍ଦ କେହି ନ ରହନ୍ତି ଆଗେ
ନିଶ୍ୱାସବାତେ ଗର୍ଜିବ ସେ ରବାତେ ବନଭୂମି କମ୍ପମାନ
ବିପଦ ନନ୍ଦ ଦେଖିଣ ଗୋପବୃନ୍ଦ ଶୋକଭରେ ହତଜ୍ଞାନ ॥
ନନ୍ଦ ଆକୁଳେ ଗୋବିନ୍ଦ ରଖ ବୋଲେ ସକଳେ ଚାହାନ୍ତିତହିଁ
ପିତା ଆରତ ଶୁଣିଣ ଗୋପୀନାଥ ତୁରିତେ ମିଳିଲେ ଯାଇ
କୃଷ୍ଣଙ୍କୁ ଚାହିଁ ଭରସା ସର୍ବେପାଇ ସର୍ପକୁ ଧରନ୍ତି ବଳେ
ଉଚ୍ଛୁଡ଼ି ଲୋଡ଼ନ୍ତି ତୋଳି ନପାରନ୍ତି ଗୁଡ଼ଣ ଅଲଗା ହେଲେ
କୃଷ୍ଣ ପଦ୍ମର ମାରନ୍ତେ ଅମ୍ବର ଯାତନା ତନୁ ତେଜିଲା
ଦିବ୍ୟ ମୂରତି ଧରିହରି ଭକତି ଆନନ୍ଦେ ପାଦେ ପୂଜିଲା ॥
ଗାନ୍ଧାର ବିଦ୍ୟା ଗନ୍ଧର୍ବରେ ପ୍ରସିଦ୍ଧା ହରିଚରଣେ ସମର୍ପେ
ପୂର୍ବେ ଗନ୍ଧର୍ବ ରୂପେଣ ମତ୍ତଗର୍ବ ସର୍ପ ସର୍ବ ମୁନିଶାପେ ॥
ସର୍ବ ବିଭୂତି ଦେଇପାଦେ ଭକତି ସ୍ୱର୍ଗେ ଗଲା ମୋକ୍ଷହୋଇ
ଗାନ୍ଧାରବିଦ୍ୟାଧେନଲେ ପାଦୁଁ ବୃନ୍ଦା ନବକନ୍ୟାଗଣେଦେଇ
ହରି ଇଷିତେ ଦେହପୁଷ୍ଟି ସଙ୍ଗତେ ଜଣେ ଜଣେ ବାଣ୍ଟି ଦେଲେ
ଗନ୍ଧର୍ବମତେ ବିଭାକନ୍ୟା ଯୁଗତେ ବିଦ୍ୟାଧରୀ ଶୋଭାହେଲେ
ନନ୍ଦ ଚରଣ ଉଦ୍‌ଗାରି ମରଣ ଲଭିଲା ସର୍ପକୁ ଦେଖି
ଉଶ୍ୱାସ ପାଇ ଉଠି ନନ୍ଦ ବସଇ କୃଷ୍ଣ ମୁଖଚାହିଁ ସୁଖୀ ॥
ସକଳେ ଆନନ୍ଦ ମହିମା ଆପଦ ବେଢ଼ି କୃଷ୍ଣଙ୍କୁ ପ୍ରଶଂସି
ଏ ବଡ଼ ଅହି ଗିଳିଲା ସଖ୍ୟ ନୋହି ପାଦପ୍ରହାରେ ବିନାଶି
କେବୋଲେ ମାଡ଼ ଖାଇଣ ସର୍ପହାଡ଼ ଭାଙ୍ଗି ଚଳ ନପାରିଲା
ପ୍ରାଣ କଣ୍ଠଗତେ ହରି ପାଦଘାତେ ଦଇବେ ପ୍ରାଣ ହାରିଲା
ଏମନ୍ତେ ଥୋକେ କହେ ଏକ ଆରକେ ମୃତସର୍ପ କଢାଇଲେ
ମହାଦେବପାଦେ ସେବାଅପ୍ରମାଦେ ହେମଚମ୍ପା ଚଢ଼ାଇଲେ
ଏମନ୍ତେ ତହିଁ ରହିଲେ ସୁଖପାଇ ଇଚ୍ଛା ସୁଖରେ ବିହରି
ସେ ଗୋପ ନାଗର ରସିକ ସାଗରସଙ୍ଗେ ଧେନଗୋପନାରୀ
ସେ ବନେବୁଲି କରନ୍ତି ନାନାକେଳି ବୃଷଭାନୁ ଜେମାମୂଳେ
ସ୍ଥାନେସ୍ଥାନେ ଦେଖି ହୋଇମହାସୁଖୀ ମନୋରଥପୂର୍ଣ୍ଣକଲେ

ଯହିଁରେ ସେବ ଅନନ୍ତ ବୃନ୍ଦାବନେଶ୍ୱରୀ ସେ ବନ ଅଛି ମାରସେ
ରାଧାକୃଷ୍ଣ ଶ୍ରୀଦେ ମନଜାଣି ସେବେ ଫଳ କୁସୁମ ସରସେ ॥
ସ୍ୱରୂ-ଚନ୍ଦ୍ରମୁଖୀ ଏହ୍ୱାପାଡ ନେଇ ନାନା ଦେଶୁଁ ଆସିଥିଲେ
ମଦନଗୋପାଳ ଦେଖିଥିଲେ ଖେଳ ନିଜ ରାଜ୍ୟକୁ ନଗଲେ
ରାଧା ଚନ୍ଦ୍ରାବଳୀ ଆଦି ଗୋପବାଳୀ କୃଷ୍ଣର ସୁହାଗ ଜଣ
ଏହି ଅନେକ ରସ୍ୱଣ ଲଭି ସୁଖୀ ରହିଲେ ନବତରୁଣୀ ॥
କୃଷ୍ଣ ଲାବଣ୍ୟ ବାରିଧି ମଧ୍ୟେ ମଗ୍ନ ହୋଇ କୂଳକୁ ତେଜିଲେ
ଗୋବିନ୍ଦଶ୍ରୀବେ ଗୋପୀଙ୍କ ପାଦସେବେ ରାଧାଦିବିସେଭଜିଲେ
ଏମନ୍ତେ ତହିଁ କେତେହେଁ ଦିନ ରହି ଗୋକୁଳକୁ ଆଗମନ
ଘୋଷରେ ଦିଆଇ ଆଜ୍ଞା ଚଳାଇ ରଜନୀ ଶେଷେ ଗମନ ॥
ଦେବ ଉପସ୍ଥର ଶୁଭ ଅନୁକୂଳ ନାନାଛନ୍ଦେ ବାଦ୍ୟ ବାଜେ
ବିବିଧ ରଙ୍ଗେ ଗୋପାଳ ଗଣ ସଙ୍ଗେ ବ୍ରଜ-ମହୀପତି ବିଜେ
ପୁରେ ଯେଥିଲେ ଉତ୍ସବନରେକଲେ ପାତ୍ରଷ୍ଟିଆସିଣନେଲେ
ରାମ ଗୋବିନ୍ଦ ନେଇ ଶ୍ରୀନନ୍ଦ ନିଜପୁରେ ବିଜେ କଲେ ।
ଗୋକୁଳବାସୀ ଯେ ଯାହାପୁରେଆସି ହରଷ ବିଧାନେରହି
ବିବିଧ ବାଦ୍ୟ ଆଣି ଯେତ୍ତୁ ଅପୂର୍ବ ପ୍ରିୟ ବାନ୍ଧବେ ହେଳାହି
ନାରଦ କହନ୍ତି ଶୁଣ ଧନପତି ଅମ୍ବିକା ବନ ଗମନେ
ଗନ୍ଧର୍ବ ଚାରଣି କନ୍ୟାଙ୍କ କାରଣେ ପ୍ରିୟା ବଚନ ପାଳନେ
ସବ ସୁଖପ୍ରଦ ମହିମା ଅଗାଧ କରୁଣା-ସମୁଦ୍ର ହରି
ସେ ନଳ କୁବେର ଶୁଣି ଜରଜର ମୁନି ପାଦ ପୂଜା କରି ॥
ଏ ବ୍ରଜବିହାର ଅମୃତ ଭଣ୍ଡାର ସତେ ଉତ୍ତର ଭାଗ
ଅଗ୍ନି ଚାରଣ କନ୍ୟା ବିଧୂହରଣ ସମ୍ପୂର୍ଣ୍ଣ ବେନ ବିଭାଗ ॥
ସହସ୍ର ପଦ ସହସ୍ର ଦଳ ପଦ୍ମ ମକରନ୍ଦ ଗନ୍ଧ ଅଛି
ଏଣେ ମୁଁ ବଞ୍ଚଇ ରସକୁ ସଞ୍ଚଇ ଦୀନ ଦାସ ମଧୁ ମାଛି ॥
ମୋ ମୁଖୁଁ ବାହାର ଦୋଷକୁ ନ ନେନ ମଧୁ ବେଭାରେଦୋଷ
ଗୋବିନ୍ଦ ଚରିତ ମଙ୍ଗଳ ଜଗତ ମୋମୁଖର କଣ୍ଠିତ ମାସ ॥
ନୁହଇ ପଣ୍ଡିତ ନୁହେ ବିଦ୍ୟାବନ୍ତ ଉତ୍ତମ ସଙ୍ଗହିଁ ନାହିଁ
ହରି ଚରଣେ ଭଜନ ସୁମରଣେ ବିଶ୍ୱାସ ଅବା ମୋ କହିଁ
କେମନ୍ତେଅବା ପୂର୍ବଜନ୍ମେ ମୋସେବା ହୃଦୟେ ପଦପ୍ରକାଶି
ମୋହବର୍ତ୍ତରେ ଗୂଢ଼ ରସ ଉଚ୍ଚାରେ ଖତକୂଟରେ ଭୂଲକ୍ଷ୍ମୀ
ଶୁଣ ସୁଜନ ଦୂତେଣି ହୃଦେ ଘେନ ରାଧା କୃଷ୍ଣ ବ୍ରଜଲୀଳା
ଦାଶରଥି ଦାସ ଏରସ ଲାଳସ ଜନ୍ମେ ଜନ୍ମେ ଗଲେମାଳ ॥

ଶ୍ରୀ ବ୍ରଜବିହାର ସପ୍ତମ ବୋଲି ସମ୍ପୂର୍ଣ୍ଣ ।

# ଅଷ୍ଟମବୋଲ

( କୁଞ୍ଚିତକେଶୀ ବାଣୀରେ ଗାଇବା )

ନମାମି ରାଧେ ପଦାରବିନ୍ଦେ ।
ନମାମି ପରିଜନ କୃପାନିଧେ ॥
ଜୟ ଗାନ୍ଧର୍ବ କୃଷ୍ଣବାନ୍ଧବ ।
ଅଖିଳବନ୍ଦନୀ ସତୀ ସାଧବୀ ॥
ବ୍ରଜେଶ୍ୱର ନବ କିଶୋରୀ ।
ଗୁଣ ଗଉରୀ କୃଷ୍ଣ ମନୋହାରୀ ॥
ଶ୍ୟାମ ବିଳାସି ଲାବଣ୍ୟ ରାଶି ।
ବଦନ ସମ୍ପୂର୍ଣ୍ଣ ଶରଦ ଶଶୀ ॥
କୁଟିଳକେଶି ମଧୁରହାସି ।
ରସିକ ନାଗର ମୋହନ ପାଶି ॥
କୁଞ୍ଜନିବାସି-କୁଞ୍ଜବିଳାସି ।
କୃଷ୍ଣ-କେଳିକଳା-ରସ-ଲାଳସି ॥
ମୃଗଲୋଚନି ପିକବଚନି ।
ଗୋବିନ୍ଦ କନ୍ଦର୍ପ ତାପ ମୋଚନି ॥
ହେମବରନି ମଣିମଣ୍ଡନି ।
ରସିକ ନାଗର ଦୁଃଖ ଖଣ୍ଡନି ॥
ନୀଳବସନା ଗଜଗମନି ।
ଶ୍ୟାମବିନୋଦିନି ଜଗମୋହିନି ॥
କୋମଳଅଙ୍ଗି ଗୁରୁ ଭ୍ରୂଭଙ୍ଗି ।
ନିତ୍ୟ ନିକୁଞ୍ଜେ ହରି ଅଙ୍ଗସଙ୍ଗି ॥
ରାସବିନୋଦି ରସେ ପ୍ରସିଦ୍ଧି ।
ପ୍ରେମତରଙ୍ଗିଣି କୃପାନୁବାଦ ॥
ଘନଜଘନି ସୁ-ପୀନସ୍ତନି ।
ନାରୀଶିରୋମଣି କୃଷ୍ଣଭାବିନି ॥
ଚାରୁସୁନ୍ଦର ବିମ୍ବାଧର ।
କୃଷ୍ଣପ୍ରିୟା ବୃଷଭାନୁ କୁମାରୀ ॥
ଶ୍ୟାମରଞ୍ଜନି ରମେ ରଜନୀ ।
ପରପାଳ ଲଜ୍ଜାଦି ସଜନୀ ॥
ହେ ଦେବି ବୃନ୍ଦେ ସଦୟ ହୃଦେ
କୃପାକର ବ୍ରଜବିହାର ପଦେ ॥
ସପ୍ତମବୋଲ ସମ୍ପୂର୍ଣ୍ଣ କଲି ।
ଅଷ୍ଟମବୋଲ ଏବେ ଲବ୍ଧ ଭଲ ॥

ଗୋକୁଳେଶ୍ୱରୀ ପରମେଶ୍ୱରୀ ।
କୃପାବିନ୍ଦୁ କେହ୍ନେ କହିବ ପାରି ॥
କରୁଣାମୟୀ ସୁଦୟା ବହି ।
କହିଦେଉଛନ୍ତି ହୃଦରେ ରହି ॥
ଅଷ୍ଟମ ସ୍କନ୍ଦ ଯୁଗଳ ଛନ୍ଦ ।
ପ୍ରଥମେ ଏକ ବଂଶାକ୍ଷରେ ପଦ ॥
ବସନ୍ତ ଋତୁ ବିହାର ହେତୁ ।
ଫଗୁ ଉତ୍ସବ ଶଙ୍ଖଚୂଡ଼ ମୃତ୍ୟୁ ॥
ଅନେକ ନାରୀ ରମଣ ହରି ।
ଦେଖି ମାନ ବୃଷଭାନୁ-କୁମାରୀ ॥
ରାସକୁ ତେଜି ଦୁଃଖରେ ମନ୍ତି ।
ଏକାନ୍ତରେ କାନ୍ତେ ତାପ ଉପୁଜି ॥
ରାଧା ନଦେଖି ଗୋବିନ୍ଦ ଦୁଃଖୀ ।
ଅନୁସରି ବ୍ରଜନାରୀ ଉପେକ୍ଷି ॥
ଧୀର-ସମୀରେ ଯମୁନା-ତୀରେ ।
ବନମାଳୀ ବନେ ବସିଣ ଭଲେ ॥
ଦୂତୀ କହନ୍ତେ ସନ୍ତୋଷ ଚିତ୍ତେ ।
ଅଭିସାରି ବୃଷଭାନୁ ଦୁହିତେ ॥
ନିଶି ଗହନେ ସଙ୍କେତ ସ୍ଥାନେ ।
ନିଭୃତେ ଚନ୍ଦ୍ରାବଳୀ ହରିମିଳନେ ॥
ରାଧାକୁ ମଣି ଭେଟିଲେ ରମଣୀ ।
କରନ୍ତେ ପୁଣି ରତି ଅନ୍ୟେ ଜାଣି ॥
ଉତ୍ସାହ ଚିତ୍ତେ ସଙ୍କୋଚ ଭାବେ ।
ମିଳିଲେ ହରି ରାଧିକା ପୁରତେ ॥
ନବ-ନାୟିକା ଅଭିସାରିକା ।
କୃଷ୍ଣ ଉତ୍କଣ୍ଠା ହୋଇଣ ରାଧିକା ॥
ସୁରତ ରଙ୍ଗେ ଚିହ୍ନ ସଂଯୋଗେ ।
ଗୁରୁମାନିନୀ ଦେଖି କାନ୍ତ ଅଙ୍ଗେ ॥
ସେ ନୃପସୁତା କୋପ ଖଣ୍ଡିତା ।
ବଲ୍ଲଭ ଗୁରୁ କଲହାନ୍ତରିତା ॥
ସଖୀ ବଚନେ ମାନ ମୋଚନେ ।
କାନ୍ତ ସଂଗେ ହାସ ରସ ଲୋଚନେ ॥

ଗୀତଗୋବିନ୍ଦ ଚରିତ ଭେଦ ।
ବିସ୍ତର ସୁଜନେ କର ଆସ୍ୱାଦ ॥
ଦ୍ୱିତୀୟ ଗ୍ରନ୍ଥ ଲଳିତ ବନ୍ଧ ।
ଦଶ ଅକ୍ଷରେ ପାଦ ସୁଖପ୍ରଦ ॥
ନିଦାଘ କାଳେ ବନେ ଗୋପାଳେ ।
ଚଳି ନ ପାରନ୍ତି ମଧ୍ୟା ଆକୁଳେ ॥
ବିପ୍ରଙ୍କ ଯାଗେ ଅନ୍ନକୁ ମାଗେ ।
ନ ଦେଲେ ନିଜ କର୍ମ ଉଦ୍‌ବେଗେ ॥
ପୁରେ ବ୍ରାହ୍ମଣୀ ଯହୁଁ ସେ ଶୁଣି ।
ଅନ୍ନ ବ୍ୟଞ୍ଜନକୁ ସମର୍ପେ ଆଣି ॥
ହରିଙ୍କି ଦେଖି ହୋଇଣ ସୁଖୀ ।
ବର ପାଇ ପୁରେ ଗଲେ ସୁମୁଖୀ ॥
ଦ୍ୱିତୀୟ ସୂତ୍ର ଏହୁ ଚରିତ ।
ଏରୂପେ ବେନି ଛନ୍ଦ ମୂଳ କୃତ ॥
ବିସ୍ତାରେ ରସ ହେବ ବିଶେଷ ।
ଶୁଣି ସୁଜନେ ନଦେଖିବା ଦୋଷ ॥
ଶ୍ରୀଭାଗବତ ଲୀଳା ଅମୃତ ।
ଏହିନ ଗୀତ ଗୋବିନ୍ଦ ଚରିତ ॥
ନଳ କୁବେର ଯୋଡ଼ିଣ କର ।
ଭଗତି ହୋଇ ନାରଦ ପୟର ॥
ପୁଚ୍ଛଇ ପୁଣି ଭେଦେବ ମୁନି ।
କହିବା ଅମିୟ ସରସ ବାଣୀ ॥
ଅମ୍ବିକା ବନ ଯାତ ସମ୍ପୂର୍ଣ୍ଣ ।
ତହୁଁ ଆସି କଲେ କିକ ବିଧାନ ॥
ବେଲକୁ ବେଲ ଅତି ମଧୁର ।
ଯେସନେ ଇକ୍ଷୁ ରସ ପରିମଳ ॥
ଶୁଣନ୍ତେ ଶ୍ରୁତି ନୁହେ ତୃପତି ।
ଅମୃତୁଁ ଅଧିକ ଗୋବିନ୍ଦ କୀର୍ତ୍ତି ॥
ଶୁଣି ନାରଦ ଭାବେ ଆନନ୍ଦ ।
ଗୋବିନ୍ଦ ପଦ ଗୁଣି ଗଦଗଦ ॥
କହନ୍ତି ଧୀରେ ଶୁଣ କୁମରେ ।
ଗୋବିନ୍ଦ ଚରିତ ଏଥି ଉତ୍ତରେ ॥
ଏମନ୍ତେ ଆସି ବସନ୍ତ ପଟି ।
ବିଶେଷେ ଶୋଭା ବୃନ୍ଦବନ ଦିଶି ॥

ଚୂତ ପଲ୍ଲବ ସୁଫଳ ଲଭି ।
କୁସୁମ ପରାଗେ ମଣ୍ଡିତ ଭୂବି ॥
ଲତା ବଉଳ ପଦ୍ମ କଅଁଳ ।
ପୁଷ୍ପ ମକରନ୍ଦେ ପ୍ରମତ୍ତ ଅଳି ॥
ଫୁଟିଲେ ମଲ୍ଲୀ ଚମ୍ପା ନିଆଳି ।
ଅଶୋକ କିଂଶୁକ ଗୁନ୍ତ୍ର ପାଟଳି ॥
ନାଗକେଶର ସୁଙ୍କନିଅର ।
ମାଧବୀ ସେବତୀ କୁନ୍ଦ ମନ୍ଦାର ॥
କରୁଣା ବାଣ କେତକୀ ଜାଣ ।
କୋଳୁଆଁ କୁରୁବେଲି ଶୋଭାବନ ॥
ରଙ୍ଗଣୀ ଜାତି ଜୂତି ମାଳତୀ ।
ତଗର ତରାଟ ପ୍ରଫୁଲ୍ଲ ଅତି ॥
ନବ ବକୁଳେ ମଧୁପ କୁଳେ ।
ଝଙ୍କାର ନାଦେ କାନନ ଉଛୁଳେ ॥
କୁସୁମ ଧନୁ ଧରି ଅତନୁ ।
ମନ୍ଥୁ ଅଛି ଯୁବାଜନଙ୍କ ତନୁ ॥
କାନ୍ତରେ ଭଜ ସୁରତେ ମଜ୍ଜି ।
ବର୍ତ୍ତମାନେ ତପ ଲଜ୍ଜାକୁ ତେଜି ॥
ବିରହୀ ବାଳୀ ହୃଦୟୁ ଜ୍ୱାଳି ।
ଶୀତ ଉପଚାର ସମିଧ ଢାଳି ॥
ନୁହେ ଶୀତଳ କାମ ଅନଳ ।
କେବଳ ଗତି କାନ୍ତସଙ୍ଗ ଜଳ ॥
ପଥିକ ନାରୀ କାନ୍ତ ସୁମରି ।
ଗତ ରତି ଚିନ୍ତି ଜୀବନ ଧରି ॥
କାମ ସନ୍ତାପେ ଚିନ୍ତା ବିଳାପେ ।
ଅବଧି ଜାଣି ନାୟକ ସମୀପେ ॥
ବସନ୍ତୋତ୍ସବେ ନାନା ସମ୍ଭବେ ।
ବିଜେ ବିୟୋଗୀ ଜନ ପରାଭବେ ॥
ଏମନ୍ତ କାଳେ ଗୋପେ ଗୋପାଳେ ।
ସକଳେ ଏକମେଳ ଫଗୁ ଖେଳେ ॥
ଗୁରୁ ଗୌରବ ମିତ୍ର ବାନ୍ଧବ ।
ନାହିଁ ମାନିତ ବସନ୍ତ ଉତ୍ସବ ॥
ଅବିର ଗୁଣ୍ଡି ଅବନୀ ମଣ୍ଡି ।
ଦଶଦିଗେ ପୂରି ଗଗନେ ଉଡ଼ି ॥

ଏକକୁ ଆନରେ କଉତୁକରେ ।
ଫଗୁ ମାର ବାସେ ଚଇଳ ତାଳେ ।।
ସୁନ୍ଦର ଅଙ୍ଗ ବସନ୍ତ ପାଗ ।
ସିନ୍ଦୂରେ ଝୀନ ଗନ୍ଧା ଫଗୁ ରଙ୍ଗ ।।
ଶତ ସହସ୍ରେ ମିଳ ହରଷେ ।
ଫଗୁ ଖେଳନ୍ତି ନଗ୍ର ପୁର ଦେଶେ ।।
ସମ୍ମୁଖେ ଖେଳେ କେ ଲୁଚ ମାରେ ।
କେହୁ ବଞ୍ଚଇ ଯାଇ ଅଙ୍ଗଡାଳେ ।।
ପୁର ପ୍ରାଙ୍ଗଣ ମେଡ଼ ଅଙ୍ଗଣ ।
ତରୁ ଖଗ ମୃଗ ଶ୍ରୋଣିତ ବର୍ଣ୍ଣ ।।
କାନନ ନଗ ଅବନୀ ସ୍ୱର୍ଗ ।
ଗୋପ ମଣ୍ଡଳ ପୁର ଅନୁରାଗ ।।
ଅରୁଣ ଉଦେ ସଦା ଆଚ୍ଛାଦେ ।
ପଦ୍ମ ଅନୁରାଗେ ଉଦେ ଉନ୍ନିଦ୍ରେ ।।
ଶ୍ରୀକାମପାଳ ଗୋପାଳ ମେଳ ।
ଖେଳନ୍ତେ ଫଗୁ ଅବନୀ ଗହଳ ।।
ଗୋପକୁମାରୀ ଶ୍ରୀଚନ୍ଦ୍ରାବଳୀ ।
ମଦନ ଗୋପାଳ ସଙ୍ଗରେ ଖେଳ ।।
ବଟୁ ସୁବଳ ସଙ୍ଗେ କେବଳ ।
ଫଗୁ ସଂଯୋଗି ଦେଇ କରତାଳ ।।
କଳ କୁଞ୍ଚିଣୀ ଯନ୍ତ୍ର ଘୁଞ୍ଚେଣି ।
ଘୁଲନ୍ତେ ଫଗୁ ବରଷେ ଧରଣୀ ।।
କେବଣ ବାଳୀ ଉପରେ ଢାଳ ।
ଚକ୍ଷୁ କର୍ଣ୍ଣ ବୁଜି ନପାରେ ଚଳ ।।
ଫୁଲ ପାଖୁଡ଼ି ଅବିର ଗୁଣ୍ଡି ।
ସଂପୁଟ ଫାଟି କୁଚତଟେ ପଡ଼ ।।
ମାର କି ମାରେ ନାଟ ନାଟରେ ।
ଜଡ଼କ ନାଟ ଅନୁରାଗଭରେ ।।
ସିନ୍ଦୂରେ ଶୋଭା ଶମ୍ଭୁ କଅବା ।
ହେମ ଅଙ୍କେ କି ଅରୁଣ ପ୍ରଭା ।।
ଏପୁରନ୍ଦର କୁଚକନ୍ଦର ।
ଅନୁରାଗେ ପୂଜେ ଦେଇ ମନ୍ଦାର ।।
ଫଗୁ ବନରେ ଅଶାକ୍ଷଣରେ ।
ବୃଷ୍ଟି ପଡ଼ୁଅଛି ଜଣ ଜଣରେ ।।

କେ ନାରୀ ବଞ୍ଚି ଲତାରେ ଲୁଚି ।
ଝଡ଼ଣ ଚହଟି ଫଗୁ ପଡ଼ୁଅଛି ।।
ସୁନ୍ଦରୀଗଣେ ଅମ୍ବର ରଣେ ।
କୃଷ୍ଣଙ୍କୁ ବେଢ଼ି ମାରେ ଜଣେ ଜଣେ ।।
କରେ କଙ୍କଣ ଏ ରୁଣ ଝୁଣ ।
କି ଜାଣି ମଦନ ଶର ନିଷାଣ ।।
ନବ ଅଙ୍ଗନା ପ୍ରେମ ଲୋଚନା ।
ମାରନ୍ତି ଫଗୁ କରନ୍ତି ତର୍ଜ୍ଜନା ।।
ବିଦ୍ୟୁତ ଧାଡ଼ି ଜମ୍ଭୁତ ବେଢ଼ି ।
ନବଘନ ଅଙ୍ଗ ଫଗୁରେ ବେଢ଼ି ।।
ଶଠତ ମୁଖରେ ହାସ ସୁଖରେ ।
ଖେଳନ୍ତି ନାରୀ ଫଗୁ ସମ୍ମୁଖରେ ।
ନେତ୍ର ଭଙ୍ଗିମା ହାସ ରଙ୍ଗିମା ।
କୃଷ୍ଣ ପ୍ରେମେ ବୁଡ଼ି ସକଳ ବାମା ।।
ଅଳସୀ ହୋଇ ନିଭଙ୍ଗେ ରହି ।
ଫଗୁ ମୁଠି ଫିଟି ପଡ଼ଇ ରହି ।।
ଶ୍ରବଣ ମୂଳେ କହିବା ଛଳେ ।
ବଦନ ଚୁମ୍ବେ କି ମଦନ ଭୋଳେ ।।
ନେତ୍ର ଛଟାରେ ବାସ ଓଠାରେ ।
କେଉଁ ସୁବତୀ ରତିକ କଟାଳେ ।।
ଆପଣା ନଖ କରଣ ଶିକ୍ଷ ।
ଚକ୍ର କହଇ ହରି ଦେଖ ଦେଖ ।।
ଜାଣିଛ ଅଛ ହୁଅସି ପକ୍ଷ ।
ମଦନ ବଶିଖେ ଘସି ନିହଉଛ ।।
କେବଣ ବାମା ବୋଲେ ଜାଣିମା ।
ରହିବ ଦେଖି କାହାର ଗରିମା ।।
ରଣକୁ ସଜ ହୋଇଛ ଆଜ ।
ଏ ରଚନେ ହାରିଲେ ସେ ରଣେ ଯୁଝ ।।
କେଉଁ ବିଳାସୀ ଇଙ୍ଗିତେ ଭାଷି ।
ଭଲ ଅନଙ୍ଗ ଅନୁରାଗ ପାଶୀ ।।
ଏ ରଙ୍ଗେ ଲେଛୁ ଯିବ କେ ବଞ୍ଚି ।
ଦେଖିଣ ଲାଜ ପଳାଇଲା ଘୁଞ୍ଚି ।।
କେଉଁ ସୁନ୍ଦରୀ ଅଙ୍ଗୁଳି ଧରି ।
ହଲାଇ ନଖ ଶିକ୍ଷ ଅନୁସରି ।।

ଗତ ସୁରତ ଉରଜ କ୍ଷତେ ।
କମ୍ପାଇ ତନୁ ଚେତାଇଣ ଚିତ୍ତେ ।।
କେ ପୁଣ ତହିଁ କଟାକ୍ଷେ ଗୃହିଁ ।
କୃଷ୍ଣ କର କମ୍ପମାନ କରାଇ ।।
କେଉଁ ସୁକେଶୀ କୁଚ କଳସୀ ।
କୃଷ୍ଣ ଅଙ୍ଗରେ ମିଶାଇଣ ଉସି ।।
ଗୋବିନ୍ଦ ଅଙ୍ଗ ଫଗୁ ସୁରଙ୍ଗ ।
କୁଚ କୁଙ୍କୁମ ଚନ୍ଦନ ସଂଯୋଗ ।।
ଶ୍ୟାମଳେ ମିଶି ସୁନ୍ଦର ଦିଶି ।
ତତ୍ତୁର ବରଣ ଲାବଣ୍ୟ ରାଶି ।।
କାମିନୀ ମଧ୍ୟେ କେଳି ବିନୋଦେ ।
ବସନ୍ତେ ଫଗୁ ଉତ୍ସବ ଗୋବିନ୍ଦେ ।।
ନୃତ୍ୟ ବେଶରେ ରାସ ରସରେ ।
ମନୋହର ନଟବର ବେଶରେ ।।
ଏମନ୍ତେ ତହିଁ ଗୁପତେ ରହି ।
ଶଙ୍ଖଚୂଡ଼ କୃଷ୍ଣ ଲୀଳାକୁ ଚାହିଁ ।।
ଫଗୁ ଉଦନରେ ଘୋରବନରେ ।
କନ୍ୟାଗଣ ଦେଖି ଲୋଭ ମନରେ ।।
ଦୁଷ୍ଟ ପ୍ରକୃତି ଦର୍ପରେ ମତ୍ତ ।
କେମନ୍ତେ ହରି ନେବଇଁ ଯୁବତୀ ।।
ଏହେ ବରଜ ନନ୍ଦ ତନୁଜ ।
ଭୋଗ କରଇ ରାଜଅଇଶ୍ୱର୍ଯ୍ୟ ।।
କନ୍ୟାଙ୍କ ସଙ୍ଗେ ବିନୋଦ ରଙ୍ଗେ ।
ବିହାର କରିଅଛି ଦିବ୍ୟ ଭୋଗେ ।।
ଏହାକୁ ମାରି କନ୍ୟାକୁ ହରି ।
ଘେନିଣ ଯିବଇଁ ଅଳକା ପୁରୀ ।।
ଏ ଶୁଭ୍ରକେଶୀ ସଙ୍ଗେ ବିଳସି ।
ତେବେ ସେ ଜୀବନ ହୋଇବ ତୋଷି ।।
କଲିର ଗତି ଏମନ୍ତ ଚିନ୍ତି ।
ଅବସର ପାଇ ମିଳିଲା କତି ।।
କୃଷ୍ଣ ବିଚ୍ଛେଦ ଜାଣିଲା ଭେଦ ।
ମାୟା ରୂପେ ହରି କାମିନୀବୃନ୍ଦ ।।
ଜାଣି ଶ୍ରୀହରି ଶଙ୍ଖାକୁ ମାରି ।
ଶଙ୍କଟୁ ଉଦ୍ଧାରି ଗୋପ କୁମାରୀ ।।

ନଳ କୁବେର ଯୋଡ଼ିଣ କର ।
ବୋଲନ୍ତି ଶୁଣ ସଂଶୟ ମନର ।।
ଶ୍ରୀବନମାଳି ବସନ୍ତ କେଳି ।
ବିଚ୍ଛେଦ କମ୍ପା ହେଲେ ବ୍ରଜବାଳୀ ।।
ଯୁବତୀଗଣେ ଶଙ୍ଖା ହରଣେ ।
ହରି ନଜାଣିଥିଲେ କି କାରଣେ ।।
ଭ୍ରମୁନି ଖେଦ ଏମୋର ଛେଦ ।
ଶୁଣନ୍ତେ ମତ୍ତ ମୋ ଅତି ବିଷାଦ ।।
ଶୁଣି ନାରଦ ଭାବେ ସାନନ୍ଦ ।
ବୋଲନ୍ତି ଶୁଣ ଏ ପରମ ଭେଦ ।।
ଶ୍ରୀବନମାଳୀ ଅନେକ ବାଳୀ ।
ଘେନି କରେ ରାସ ବସନ୍ତ କେଳି ।।
ଏମନ୍ତ ବେଳେ ରାଧିକା ମିଳେ ।
ମୁରଲୀ ଧ୍ୱନି ଶୁଣି ବନେ ଚଳେ ।।
କୃଷ୍ଣ ସଙ୍ଗତେ କେଳି ନିମନ୍ତେ ।
ବନ ଶୋଭା ଦେଖି ଉଲ୍ଲାସ ଚିତ୍ତେ ।
ଦେଖିଲେ ହରି ଅନେକ ନାରୀ ।
ଘେନିଣ ରାସରସରେ ବିହରି ।
ସେ ଚନ୍ଦ୍ରମୁଖୀ ଏମନ୍ତ ଦେଖି ।
ଲତା ଅନ୍ତେ ରହି ଦେଖାନ୍ତି ସଖୀ ।।
ଦୁଃଖେ ବିମ୍ବୋଷ୍ଠୀ କମ୍ପାଇ କଣ୍ଠି ।
ବିରସେ ପୁଣ ପୁରକୁ ଲେଉଟି ।।
ସୁନ୍ଦରୀବୃନ୍ଦ ମଧ୍ୟେ ଗୋବିନ୍ଦ ।
ଦେଖିଲେ ରାଧିକା ବଦନଚନ୍ଦ୍ର ।।
ନୟନ ଶର ଭେଦ ଶରୀର ।
ସ୍ୱେଦ ସ୍ରବଣ ଗଣ୍ଡ ଜରଜର ।।
ଚିତ୍ତ ଶଙ୍କିତ ହସ୍ତ କମ୍ପିତ ।
କୁସୁମେ ଫଗୁ ଯନ୍ତ୍ର ବିଚଳିତ ।।
ଚକିତେ ଚାହିଁ ସଙ୍କୋଚ ପାଇ ।
ଅନଙ୍ଗ ବିଶିଖରେ କ୍ଷୀଣ ହୋଇ ।।
ରାଧା ପୀରତି ହୃଦରେ ଚିନ୍ତି ।
ବନେ ଲୋଡ଼େ ତେଜି ବ୍ରଜଯୁବତୀ ।।
ଚିତ୍ତ ଚମକେ ଉର ଦମକେ ।
ଛନ ଛନ ମନ କାମ ଉତ୍ସୁକେ ।।

ହେସଖି ବୋଲି ଲୋଡ଼ନ୍ତି ହରି ।
ରଣ୍ଡର ପାଦ ଚିହ୍ନ ଅନୁସରି ॥
କାମ ତରଙ୍ଗେ ଭ୍ରମେ ବନସ୍ତେ ।
କାଳିନ୍ଦୀ କୂଳେ ମିଳିଲେ ଏମନ୍ତେ ॥
କୁଞ୍ଜରେ ପଶେ ବିଷାଦେ ଭରଷେ ।
ଅନଙ୍ଗ ବାଣରେ କ୍ଷୀଣ ମାନସେ ॥
ରାଧା ଗମନେ ସଖୀ ବିମନେ ।
କୃଷ୍ଣ ସେ ପଶି ଲୋଡ଼େ ବନେ ବନେ ॥
ଦୂତିକା ଯୋଗେ ମିଳିଲେ ଆଗେ ।
ଦେଖିଣ ହରି କହେ ଅନୁରାଗେ ॥
ପ୍ରାଣ ସଜନୀ ଗରୁମାନିନୀ ।
ଦେଖି ମୋର ସଙ୍ଗେ ବ୍ରଜକାମିନୀ ॥
ନବ ତରୁଣୀ ଲେଉଟି ପୁଣି ।
ପୁରକୁ ଗଲେ ମୋ ମନକୁ ଘେନି ॥
ତାହାର ବିନୁ ଏ ମୋର ତନୁ ।
ଦହୁଛି ଦାରୁଣ କୁସୁମ ଧନୁ ॥
ସଖି ସକଳ ଦେହ ଶୀତଳ ।
କରସି ଦାରୁଣ ମଦନାନଳ ॥
କହ ଯେମନ୍ତେ ଆଣ ଏକାନ୍ତେ ।
ବସି ରହୁଁଥିବ କୁଞ୍ଜ ସଙ୍କେତେ ॥
ଲୋଡ଼ି ନପାଇ ବିବଶ ହୋଇ ।
ଦଇବ ତୁମ୍ଭଙ୍କୁ ଆଣି ମିଳାଇ ॥
ଦୂତିକା ଶୁଣି ସରସେ ଭଣି ।
ରସ କର ଘେନି ବ୍ରଜ ତରୁଣୀ ।
ରସ ବିଳାସେ ମନ ହରଷେ ।
ଆସିଥିଲେ ସଖୀ ଗଲେ ବିରସେ ॥
ଆଦର ସହୁଁ ନପାଇ ସେହୁ ।
ପୁରେ ଗଲ ଲୋଡ଼ ପାଇବ କାହୁଁ ।
ମଦନେ ଦୁଃଖୀ ହୋଇ ମୋ ସଖୀ ।
ଉନ୍ମାଦ ମନ ବନ ଶୋଭା ଦେଖି ॥
ଭୃଙ୍ଗ ମାଧବୀ କୁସୁମ ଚୁମ୍ବି ।
ରହେଁ ମୋ ପ୍ରାଣସହୀ ହୁଏ ସ୍ତମ୍ଭୀ ॥
କୋକିଳବାଣୀ ଚମକେ ଶୁଣି ।
ଜଳନ୍ତା ନଳେ ଘୃତ ଢାଳେ ଜାଣି ॥

ମଳୟ ବାତ ବିଷ ସଂଜାତ ।
ବିରସେ କାହ୍ନି ନ ରସଇ ଚିତ୍ତ ॥
ବିରହ ଭରେ ରହି ନପାରେ ।
ମନ ବୁଡ଼ି ଏକା ତୁମ୍ଭର ଠାରେ ॥
ଏ ବୃନ୍ଦାବନ ଯେ ଶୋଭାବନ ।
ତୁମ୍ଭ ବିନେ ହେଲା ରିପୁ ସମାନ ॥
ଜଳ ବିହୀନ ଯେହ୍ନେ ନଳିନ ।
ପ୍ରିୟତପନ କିରଣେ ମଳିନ ॥
ବସନ୍ତ ଜାତେ ଉନ୍ମାଦ ଚିତ୍ତେ ।
ଆସିଥିଲେ ତୁମ୍ଭ ମୁରଲୀ ଗୀତେ ॥
ଅନ୍ୟ ବଶରେ ରାସ ରସରେ ।
ତେଣୁ ସଖୀ ମୋ ଗଲେ ବିରସରେ ॥
ଏ ଅପମାନେ ନ ରହି ବନେ ।
ଗୁରୁତର ମାନେ ଗଲେ ସଦନେ ॥
ଆଉ କେମନ୍ତେ ଆସିବେ ଏଥେ ।
ମନକୁ ମୋହର ନପାଇ ପ୍ରତେ ॥
ମୁରଲୀପାଣି କୋମଳ ବାଣୀ ।
ଦୂତି କର ଧରି ବୋଲନ୍ତି ପୁଣି ॥
ଦୁଃଖ ଜଣାଇ କଥା ଘେନାଇ ।
ନିଶ୍ଚୟ ଦେବ ମୋ ପ୍ରାଣ ଅଣାଇ ॥
ରଜନୀ ମାନେ ସଜନୀ ବନେ ।
ଘେନିଆସ କେଳି ସଙ୍କେତ ସ୍ଥାନେ ॥
ମାଧବ ବାଣୀ ଦୂତିକା ଘେନି ।
ଚଳିଲେ ସହିଁ ସେ ନୃପ ନନ୍ଦିନୀ ॥
ଏଣେ ସୁନ୍ଦରୀ ନ ଦେଖି ହରି ।
ବନେ ଭ୍ରମନ୍ତି କୃଷ୍ଣ ଅନୁସରି ॥
ସେ ଚନ୍ଦ୍ରମୁଖୀ ହରି ନ ଦେଖି ॥
ବିଚ୍ଛେଦଭରେ ହୋଇ ଅତିଦୁଃଖୀ ॥
ବିନ୍ଧା ଖେଦରେ ଗଦ ଗଦରେ ।
କରନ୍ତି ଶୋକ ମନ ବିଷାଦରେ ॥
ହେ ପ୍ରାଣନାଥ କଲ ଅନାଥ ।
କେତଣେ ଗଲ ବନେ ନଜାଣୁ ପଥ ॥
ତନୁ ଲୁଗ୍ଣଇ ରହିଲ କାହିଁ ।
ଆମ୍ଭଙ୍କୁ ଅନଙ୍ଗ ମୁଖରେ ଦେଇ ॥

କଲୁ କି ଦୋଷ ଏଡ଼େ ନିଘୃଣ ।
ନକହି ଗଲ ନଷ୍ଟେ ଗଲୁଁ ନାଶ ॥
ଅବଳାଗଣେ ଘୋର ଗହନେ ।
କୃଷ୍ଣ ବିୟୋଗେ ଭୟ କମ୍ପମାନେ ॥
ଏକ ଆରକେ ଲୋଡ଼ନ୍ତି ଶୋକେ ।
କୁଚ ଅଞ୍ଚଳ ତିନ୍ତିଲ ଲୋତକେ ॥
ତରୁ ତୃଣଙ୍କୁ ମୃଗଗଣଙ୍କୁ ।
ପୁଚ୍ଛନ୍ତି ଲତା ପତଙ୍ଗମାନଙ୍କୁ ॥
କୃଷ୍ଣ ଗମନ ଚରଣ ଚିହ୍ନ ।
ଅନୁ ସରଣ ଚନ୍ଦ୍ରାବଳୀ ଗଣ ॥
ଗୋବିନ୍ଦ ସହିଁ ପ୍ରବେଶ ତହିଁ ।
ଗୋପ କୁମାରୀ ଗଣ ବଣା ହୋଇ ॥
ଯୁବତୀ ଯୂଥ ନଜାଣି ପଥ ।
ଉଚାଟ କରୁଅଛି ମନମଥ ॥
ବାତୁଳମତି ବନେ ଭ୍ରମନ୍ତି ।
ହେ ନାଥ ବୋଲି ଉଚ୍ଚେ ରୋଦନ୍ତି ॥
ସେ ଶଙ୍ଖଚୂଡ଼ କିନ୍ନର ମୂଢ଼ ।
ମାୟାରେ ପୁଣି ହୋଇଲା ଗଉଡ଼ ॥
କୃଷ୍ଣ ବିଚ୍ଛେଦ ଜାଣିଲା ଭେଦ ।
ଆଗରେ ମିଳି କରଇ ସମ୍ବାଦ ॥
ଲୋକ ନିର୍ଜ୍ଜନେ ଘୋର ଗହନେ ।
ଗୋବିନ୍ଦ ଗଲେ କେଳି ରଙ୍ଗସ୍ଥାନେ ॥
ମୋତେ ସେ ସଖି ବିଶ୍ଵାସେ କହି ।
ପଠିଆଇଛନ୍ତି ତୁମ୍ଭଙ୍କୁ ନେଇ ॥
ଉତ୍ତରଦିଗେ ଚାଲ ଗୋ ବେଗେ ।
ସୁଖେ କେଳିକର ମାଧବ ସଙ୍ଗେ ॥
ଏମନ୍ତ ଶୁଣି ଗୋପ ତରୁଣୀ ।
ତା ପଛେ ଗୋଡ଼ାନ୍ତି ସ୍ଵରୂପ ମଣି ॥
ବେଗେଣ ଚଳେ ଆସଗୋ ବୋଲେ ।
ଉହ୍ଲାହରେ ଏକ ଆରେକେ ବୋଲେ ॥
ସୁନ୍ଦରୀଗଣେ କାନ୍ତ ଦର୍ଶନେ ।
ସତ୍ଵରେ ଗମନ୍ତି ହରଷ ମନେ ॥
ବଟୁ ସୁବଳ ଜାଣି ଆକୁଳ ।
ଆଗେ ଓଗାଳିଲେ ଯୁବତୀକୁଳ ॥

ବୋଲନ୍ତି ରହ କାହିଁକି ଯାଅ ।
ଅଗମ୍ୟ ଗହନେ ଭୟ ନପାଅ ॥
ବୋଲନ୍ତି ବାଳୀ ଶ୍ରୀ ବନମାଳୀ ।
ଏଣେ ଅଛନ୍ତି ଏ ଗୋପାଳ ବୋଲି ॥
ମାୟା ଗୋପାଳ ଦେଖି ସୁବଳ ।
ବୋଲନ୍ତି ହେ ତୁମ୍ଭେ କାହାର ବାଳ ॥
ଏମନ୍ତ ଯହୁଁ ପୁଚ୍ଛିଲେ ତହୁଁ ।
ତକ୍ଷଣେ ନିଜ ତନୁଧରେ ସେହୁ ॥
ଭିନ୍ନର ମୁଖ ଚୂଡ଼ରେ ଶଙ୍ଖ ।
କଟି ଭାଗ ସର୍ପ ଦେଖି ବିମୁଖ ॥ ୧୯୦ ॥
ବିସ୍ତାରି କାୟେ ଗର୍ଜିବା ଧାଏ ।
ନବ ସୁନ୍ଦରୀ ଦେଖି କଲେ ଭୟେ ॥
ବାହୁ ବିସ୍ତାରି ପଛ ଆବୋରି ।
ନିଃଶ୍ଵାସେ ଉଡ଼ାଇ ନିଅଇ ହରି ॥
ଲେଉଟି ତହିଁ ଆସିତ ନୋହି ।
ପଛକୁ କେହି ନ ପାରନ୍ତି ଯିହିଁ ॥
ବଟୁ ସୁବଳେ ସତ୍ଵରେ ଚଳେ ।
ଲେଉଟି ଯିହିଁ ନ ପାରନ୍ତି ଭଲେ ॥
ନୁହେ ଆସିତ ଅଣଆୟତ୍ତ ।
ଗୋପୀ ଆରତ ଦେଖି ଖେଦ ଚିତ୍ତ ॥
ଶିଙ୍ଗା ନାଦରେ ରିପୁ ଭେଦରେ ।
ବଜାନ୍ତେ ଧ୍ଵନି ଶୁଣି ସ୍ତଂବଧରେ ॥
ଶୁଣି ସକଳ ଖେଦେ ଆକୁଳ ।
ଧାଇଁଲେ ରାମ ଆଦି ଯେ ଗୋପାଳ ॥
କୃଷ୍ଣ ଯେ ଥିଲେ ଯମୁନା କୂଳେ ।
ଚନ୍ଦ୍ରାବଳୀ ଆସନ୍ତେଣ ଦେଖିଲେ ॥
ମନରେ ଭ୍ରମ ହେଲା ବିଷମ ।
ଏତ ଅଇଲେ ଜାଣିବେ ମରମ ॥
ଦୂତୀ ଯେ ଗଲେ ରାଧା ଆଣିଲେ ।
ବିଶେଷେ ଦୁଃଖ କରିବେ ଏ ଥିଲେ ॥
କେମନ୍ତେ ଲୁଚି ଯିବା ସେ ବଞ୍ଚି ।
ଏମନ୍ତେ ହରି କୁଞ୍ଜେ ରହି ପାଞ୍ଚି ॥
ଏମନ୍ତ ବେଳେ ଶିଙ୍ଗା ଶୁଣିଲେ ।
କନ୍ୟାଙ୍କୁ ଶଙ୍ଖଚୂଡ଼ ହରିନେଲା ॥

ଚନ୍ଦ୍ରାବଳୀଙ୍କି ଅଗ୍ରତେ ଦେଖି ।
ପୁଚ୍ଛନ୍ତି କନ୍ୟାଏ ଗଲେ କାହିଁକି । ୬୦୩ ।।
କନ୍ସର ହର ନେଉଛନ୍ତି ନାରୀ ।
ବଟୁ ସୁବଳ ଅଛନ୍ତି ଆଗୁଳି ।।
ଯାଉଛନ୍ତି ତେଣେ ଦୁଷ୍ଟ ମାରଣେ ।
ଗୋପୀ ଲେଉଟାଇ ଆଣିବୁ ଏଣେ ।।
ଏମନ୍ତ କହି ବେଗେଣ ଧାଇଁ ।
ମିଳିଲେ କନ୍ୟାଗଣେ ଛନ୍ତି ଯହିଁ ।।
ଗତି ବିକ୍ରମ ଧାଇଁଲେ ରାମ ।
ଆଗେ ଓଗାଳି ଅତି ଗରୁତମ ।।
ମେରୁହିଁ ବଡ ଦେଖିଣ ବାଡ଼ ।
ଛାଡ଼ ପଳାଏ ଭୟେ ଶଙ୍ଖଚୂଡ଼ ।।
ସମ୍ଭାଳି ବାଳୀ ରଖିଲେ ହରି ।
ଗୋପ କୁମାର ଯେନ ମହାବଳୀ ।।
କେତେହେଁ ଦୂରେ ପଳାଇ ଡରେ ।
ଗୋଡ଼ାଇ ହରି ଶଙ୍ଖଚୂଡ଼ ମାରେ ।।
ମୁଥେକ ମାରି ମୂର୍ଦ୍ଧନ ଚୂରି ।
ଶଙ୍ଖ ମଣି ଯେନ ଲେଉଟେ ହରି ।।
କନ୍ୟା ସମ୍ମୁଖେ ରାମଙ୍କୁ ଦେଖେ ।
ମଣି ସମର୍ପେ ଅତି ମତି ସୁଖେ ।।
ମଣିକି ପାଇ ଉରେ ଲମ୍ବାଇ ।
ହରଷ ରାମ କୃଷ୍ଣ ମୁଖ ଚାହିଁ ।।
ଶଙ୍ଖାକୁ ମାରି କନ୍ୟାକୁ ତାରି ।
ଏମନ୍ତେ ପ୍ରବେଶ ହୋଇଲେ ପୁରି ।।
ଗୋକୁଳବାସୀ ପାଉଛନ୍ତି ଆସି ।
କୃଷ୍ଣ ମହିମା ଶୁଣି ପରଶଂସି ।।
ନିଜ ସଦନ ସ୍ନାନ ଭୋଜନ ।
ପ୍ରଦୋଷେ ସଭା ଯେନ ବନ୍ଧୁଜନ ।।
ନଳକୁବେର ଯୋଡ଼ିଣ କର ।
ବୋଲଇ ସଂଶୟ ଗଲା ମୋହର ।।
ମାଧବ ବୋଲେ ଦୂତୀ ଯେ ଗଲେ ।
ବୃଷଭାନୁସୁତା କେମନ୍ତ କଲେ ।।
ଯମୁନା ତଟେ ହେଲେ ନିକଟେ ।
ଚନ୍ଦ୍ରାବଳୀ ଜଗିଥିଲେ ସେ ବାଟେ ।।

କୃଷ୍ଣତ ଗଲେ ବନ୍ଦି ହୋଇଲେ ।
ଏଥି ଉତ୍ତରୁ କହ କି କି କଲେ ।।
ଶୁଣିତ ମୁହିଁ ଭଜନ ନୋହି ।
ତୁମ୍ଭେ ମହତ ପତିତକୁ ସାହି ।।
କହନ୍ତି ଯତି ବୃନ୍ଦାଙ୍କୁ ଚିନ୍ତି ।
ରାଧା କୃଷ୍ଣ ପ୍ରେମ ପରମ ପ୍ରୀତି ।।
ଶୁଣ ହେ ଧନପତି ନନ୍ଦନ ।
ଦୂତିକା ପ୍ରବେଶ ରାଧା ଭୁବନ ।।
ଦୂରହୁଁ ରାଈ ଦୂତୀକି ଚାହିଁ ।
ଦୁଃଖଭରେ ହୃଦ ବେଦନା କହି ।।
ଅନେକ ନାରୀ ଯେନ ଶ୍ରୀହରି ।
ମୋତେ ଲେଛି ରାସ ବିହାର କରି ।।
ପ୍ରତ୍ୟକ୍ଷେ ମୁହିଁ ଦେଖିଲି ସବୁ ।
ଧଇର୍ଯ୍ୟଧରି ନ ପାରିଲି ରହି ।।
ନାରୀ ସମାଜେ ନରହିଲି ଲାଜେ ।
ବିଅର୍ଥେ ଆଜ ନିଜ ଦର୍ପ ଗଞ୍ଜେ ।।
ଏ ଅଭିମାନୁ ଅଇଲି ବନୁ ।
ଅତନୁରେ ଧରି ନପାରେ ତନୁ ।।
କୃଷ୍ଣ ବିଯୋଗ ନିମିଷ ଯୁଗ ।
ନ ରହେ ମାନ ମନ ଉଦବେଗ ।।
ମନ୍ଦ ମନ୍ଦରେ ଶୀତ ଗନ୍ଧରେ ।
ଦକ୍ଷିଣ ପବନ ବହେ ଭେଦରେ ।।
ପୁଷ୍ପ ପ୍ରଫୁଲ୍ଲ ମଧୁପକୁଳ ।
କରନ୍ତି ମଧୁପାନେ କୋଳାହଳ ।।
କୋକିଳ ନାଦ କାମ ପ୍ରମୋଦ ।
ଧରିକି ଧଇର୍ଯ୍ୟ କାନ୍ତ ବିଚ୍ଛେଦ ।।
ଏକାଳେ ମୋତେ ତେଜିଲେ କାନ୍ତେ ।
କେଳିକରେ ବ୍ରଜନାରୀ ସଙ୍ଗତେ ।।
ଦୂତିକା ଭଣି ଶୁଣ ମିତଣି ।
କୃଷ୍ଣ ସନ୍ଦେଶ ମୁଁ ଅଛଇ ଜାଣି ।।
ଧୀର ସମୀରେ ଯମୁନା ତୀରେ ।
ବନମାଳୀ ବସିଛନ୍ତି ବନରେ ।।
ହେ ଚନ୍ଦ୍ରମୁଖି ତୋତେ ନ ଦେଖି ।
ସାତ୍ତ୍ୱିକ ବାଧାରେ କେଳି ଉପେକ୍ଷି ।।

ଲାବଣ୍ୟ ରାଶି ତୋ ପ୍ରେମେ ରସି ।
ବ୍ରଜନାରୀ ତେଜ ଯାଉଛନ୍ତି ଆସି ॥
କ୍ଷଣେହେଁ ସହି ରହିଲୁ ନାହିଁ ।
ବନେ ବୁଲନ୍ତି ହରି ତୋରେ ବିରହି ॥
ଯମୁନା ତୀରେ କୁଞ୍ଜ କୁଟୀରେ ।
ବସି ତୋର ରୂପ ଭାବନା କରେ ॥
ପବନେ ଉଡ଼ି ପତ୍ରଗ ପଡ଼ି ।
ମଣଇ ତୋ ତନୁ କୁସୁମ ଗୁଣ୍ଡି ॥
କୋକିଳ ବାଣୀ ଚମକେ ଶୁଣି ।
ଏ ତୋର ବଚନ, ପରାୟେ ମଣି ॥
ଗନ୍ଧ ପବନ ପାଇ ଆଘ୍ରାଣେ ।
ଏ ତୋର ତନୁ ସୌରଭ ଭଣେ ॥
ନେତ୍ର ନିଶ୍ଚଳେ ପଥ ନିହାରେ ।
କିଞ୍ଚିତ ଧ୍ୱନିକି ଶ୍ରବଣ ଡେରେ ॥
ଶଯ୍ୟାକୁ ରଚି କୁସୁମ ସିଞ୍ଚି ।
ତୋର ଗମନ ପ୍ରତି ଆସେ ବଞ୍ଚି ॥
ଯୋଗେଣ ମୋତେ ଦେଖି ପୁରତେ ।
ଆଦରେ ଯେତେବା କହିବ କେତେ ॥
ତୋର ବମନ ଯେ ଅଭିମାନ ।
ବିଷାଦେ ଲେଉଟି ପୁର ଗମନ ॥
କହିଲ ଯେତେ ଶୁଣ ଏକାନ୍ତେ ।
କି କହିବ ହରି ଉତ୍ସାହ ଯେତେ ॥
ମୋ କର ଧରି ବିନୟେ ହରି ।
ବୋଇଲେ କାହିଁ ମୋ ପ୍ରାଣ ଈଶ୍ୱରୀ ॥
ଦୁଃଖ ଜଣାଇ ଆସ ଘେନାଇ ।
ରଜନୀ ପ୍ରବେଶେ କଥା ମଣାଇ ॥
ତେଜ ବରସ ହୁଅ ସୁବେଶ
କାନ୍ତ ସଙ୍ଗେ ରଙ୍ଗେ ନିଶି ବିଳସ ॥
ପୁଷ୍ପ ବିକାଶେ ବନ ସୁବାସେ ।
କୋକିଳ ମଧୁପ ମଙ୍ଗଳ ଭାଷେ ॥
ମଳୟାନିଳ ବହେ ଶୀତଳ ।
କାନନ ଶୋଭା ଅତି ପରିମଳ ॥
ମାଧବ ଘେନି ରସ ସଜନୀ ।
ଦେଖ ପ୍ରବେଶ ହୋଇଲା ରଜନୀ ॥

ଦୂତୀ ଏମନ୍ତେ କହିଲେ ଯେତେ ।
ତରୁଣୀ ମଣି ଶୁଣି ତୋଷ ଚିତ୍ତେ ॥
ଉଲ୍ଲାସ ହୋଇ ସୁବେଶ ହେଇ ।
ବନେ ଚଳେ କାନ୍ତ ଆଦେଶ ପାଇ ॥
କୃଷ୍ଣ ଚରିତ ଜାଣି ଉଦ୍ଧତ ।
ଧରଣ ବାରଣ ନ ଯାଇ ଚିତ୍ତ ॥
ଗଜଗମନୀ ଘେନ ସଜନୀ ।
ବନେ ଅଭିସାର କରି ରଜନୀ ॥
ଉତ୍କଣ୍ଠା ରଙ୍ଗ ସଖୀଙ୍କି କହି ।
ହରିଙ୍କି କିରୂପେ ଗୃହିବ ମୁହିଁ ॥
ଦେଖିବେ ହସି ମଧୁର ଭାଷି ।
କୋଳକରି ନେବେ ଯାଉଛନ୍ତି ଆସି ॥
ଶଯ୍ୟା ଉପରେ ବସାଇ କୋଳେ ।
ଚିର ଆଉଁସି ଚୁମ୍ବଦେବେ ହେଲେ ॥
ଲଜ୍ଜା ପାଇବ କି କି କହିବ ।
କର ଧରିଥିବ ଫେଡ଼ନ୍ତେ ନୀବି ॥
ବହୁତ ଦିନେ ନବ ମିଳନେ ।
କହି ନପାରି ରହିବ ମଉନେ ॥
ପ୍ରଥମେ ଗୃହିଁ ହୋଇବ ମୋହି ।
ସହିବ ପୁଣ ଯାହାକଲେ ସେହି ॥
ତାଙ୍କ ଆସୂତ ହୋଇବ ମିଠ ।
ମଧୁର ରସରେ ମୋହିବେ ଚିତ୍ତ ॥
ହୃଦୟେ ଭିଡ଼ି ରହିବେ ଜଡ଼ି ।
ନିଘନେ ବସନ ଚନ୍ଦନ ଏଡ଼ି ॥
ଯାନ୍ତେଣ କହି ହରଷ ବହି ।
ନିଭୃତ କୁଞ୍ଜରେ ମିଳିଲେ ଯ ଇ ॥
ରଖିଣ ଦୂତୀ ଚଳେ ତଡ଼ିତି ।
ନିଶି ଗହନ ଅନ୍ଧକାର ଘାଟି ॥
ଠଣିକା ଧରି ଲେଉଡ଼ଇ ଧରି ।
ସଙ୍କେତ କୁଞ୍ଜେ ପଶି ଅନୁସରି ॥
ଦେଖିଲେ ତହିଁ ମାଧବ ନାହିଁ ।
ଶଙ୍ଖଚୂଡ଼ ବଧେ ଅଛନ୍ତି ଯାଇଁ ॥
କୃଷ୍ଣ ନ ଦେଖି ଦୂତିକା ଦୁଃଖୀ ।
ଶଠ ବଚନରେ ଆଣିଲା ସଖୀ ॥

କି ବୋଲି ଯାଇଁ କହିବି ମୁହିଁ ।
ଶୁଣି କି ବିସ୍ମରିବେ ଜେମାଦେଈ ।।
ଏ ଅପଯଶ ତ୍ରାଣେ କି ଆଶ ।
ଏଣେ ସଖୀ ନ ପାଇବେ ସନ୍ଦେଶ ।।
ମୋତେ ଯେ ପେଶି ନେଇ ନିବେଶି ।
କେଳି ଆସେ କୁଞ୍ଜେ ଅଛନ୍ତି ବସି ।।
ଭେଳେ ଭେଳେ ହୋଇବ କଦଣ୍ଡ ହେବ ।
ସଖୀ ମୋ କେମନ୍ତେ ବାହୁଡ଼ି ଯିବ ।।
ଚିନ୍ତି ବିଷାଦ ମନରେ ଖେଦ ।
ଲେଉଟି ଆସି ନ ଚଳଇ ପାଦ ।।
ଦୂତୀ ବିଳମ୍ବେ ମନ ନରମେ ।
ଛନ ଛନ ରାଈ ଚିତ୍ତ ବିଭ୍ରମେ ।।
ମଦନେ ବାଧା ପାଇଣ ରାଧା ।
ସଖୀରେ ଭାଷଇ ବିପ୍ରଲବ୍ଧା ।।
ଜାଣୁଛି ମୁହିଁ ମାଧବ ନାହିଁ ।
ଦୂତୀ ତାଙ୍କୁ ଭେଟ ପାଇବ କାହିଁ ।।
ମୋତେ ସେ ଲେଛି ରହି ମୃଗାକ୍ଷୀ ।
ନିଭୃତେ ହେନ କ୍ରୀଡ଼ା କରୁଅଛି ।।
ନବ ନାଗରୀ ଯୌବନେ ଭରି ।
ବକ୍ଷେ ରହିଁ ହରି ଚିତ୍ତକୁ ହରି ।।
ଅଳସୀ ହୋଇ ଥିବେ ସେ ରହି ।
ଦେଖାଇ କୁଚ ଅଞ୍ଚଳ ଖସାଇ ।।
ଜଘନ ଶୋଭା ଉଲଟ ରମ୍ଭା ।
ଛନ୍ଦ ସୁନ୍ଦରୀ ହୋଇଥିବେ ଉଭା ।।
ସେ ବେନି ସନ୍ଧି ନୟନ ଭେଦ ।
ରଖିଥିବ ହରି ତହିଁରେ ବୁଦ୍ଧି ।।
ଈଷିତେ ରହିଁ ଲଜ୍ଜାକୁ ପାଇ ।
ଲୋଡ଼ୁଥିବେ ଉତରେ ବାସ ଘୋଡ଼ାଇ ।।
ହରି ସୁରତେ କୋଳ କରନ୍ତି ।
ନାହିଁ ନାହିଁ କରି ନିବାରି ହସ୍ତ ।।
ଉରଜେ ହରି କରଜ ମାରି ।
କମ୍ପାଇ ତନୁ ଆଲିଙ୍ଗନ କରି ।।
ମାବ ମୋଥଣେ ସୁରତ ରଚଣେ ।
ବେନି ମନଭେଦି କୁସୁମ ବାଣେ ।।

ଚତୁରୀମଣି ସୁରତେ ଜାଣି ।
ରସେ ରସାଇ କୃଷ୍ଣ ମନ କିଣି ।।
ତାହାଙ୍କୁ ଆଜ ପାଇବି କାହୁଁ ।
ଶୋକେ ଲୋତକ ବହେ କହୁଁ କହୁଁ ।।
ଏମନ୍ତେ ଦୂତୀ ବିରସେ ମତି ।
ପ୍ରବେଶ ହୋଇଲେ ରାଧିକା କତି ।।
ଦୂତୀ ବଦନ ଦେଖି ମଳିନ ।
କହନ୍ତି ପୁଣ ଗାନ୍ଧର୍ବୀ ବଚନ ।।
ଜାଣୁଛି ମୁହିଁ ମାଧବ ନାହିଁ ।
ଭ୍ରମର କି ଦୋଷ ବିରସ ବହି ।।
ଶଠ ନାୟକ ଦୁଃଖ ଦାୟକ ।
ନ ଆସି ପେଶିଲେ ଫୁଲସାୟକ ।।
ଅଣାଇ ମୋତେ ନାଶ ନିମନ୍ତେ ।
ଯୁବତୀ ବଧେ ଭୟ ନାହିଁ ଚିତ୍ତେ ।।
ବାଳକ କାଳେ ପୂତନା ମାରେ ।
ଏବେ ବିନାଶେ ମୋତେ ବନଘୋରେ ।।
ଯାହାର ସଙ୍ଗେ ରମଇ ରଙ୍ଗେ ।
କ୍ଷଣେ ବିଯୋଗ ମଣୁଥିବ ସୁଭଗ ।।
ହରି ସୁହାଗୀ ନବାନୁରାଗୀ ।
ଇଚ୍ଛିବେ କିମ୍ପା ମୁହିଁ ମନ୍ଦଭାଗୀ ।।
ଏତେକ କହି ବିଷାଦ ବହି ।
ଖର ନିଃଶ୍ୱାସ ଆକାଶକୁ ଚାହିଁ ।।
ଖେଦ ବିମନେ ଅଶ୍ରୁ ନୟନେ ।
କିଶଳୟ ଦଳ ଶଯ୍ୟା ଶୟନେ ।।
ଏଣେ ଗୋବିନ୍ଦ ଗୋପାଳବୃନ୍ଦ ।
ମଧ୍ୟରେ ବସି ଚିନ୍ତେ ରାଧା ହୃଦ ।।
ନ ପୁଣି ରାଈ ବାହୁଡ଼ି ଯାଇ ।
ଆମ୍ଭଙ୍କୁ ନ ଦେଖି ବିଷାଦ ପାଇ ।।
ମୋର ବିରହ କହନ୍ତି ଦୂତୀ ।
ନିଶ୍ଚୟ ବନେ ଆସିବେ ଶ୍ରୀମତୀ ।।
ଏମନ୍ତ ଭଳି ଶ୍ରୀବନମାଳୀ ।
ନିଦ୍ରା ଅଳସରେ ସଭାରେ ଢଳି ।।
ଶୟନ ପୁରେ ପଲଙ୍କ ମିଳେ ।
ଛଦ୍ମେ ଶୁନ୍ତି ବନଦେଶେ ଚଳେ ।।

ରାଧା ବିରହେ ମଦନ ମୋହେ ।
ସଙ୍କେତ କୁଞ୍ଜେ ପୁଣ ଆସି ରହେ ॥
ଦୂତୀ ଯେ ଲେଉଡ଼ି ଗଲେ ବାହୁଡ଼ି ।
କୃଷ୍ଣ ନ ଦେଖି ଖେଦ ଜଳେ ବୁଡ଼ି ॥
ମାଧବ ଭୃଙ୍ଗ ପଦ୍ମିନୀ ଅଙ୍ଗ ।
ସୁଗନ୍ଧ ନ ପାଇଣ ଉଦବେଗ ॥
ମନେ ବିଚାରେ ଦୂତୀ ଯେ ଗଲେ ।
ନ ଆସିଲ ବନେ ବିଳମ୍ବ କଲେ ॥
ମୋତେ ନ ଭେଟି ଗଲେ ଲେଉଟି ।
ଆସିଥିଲେ ଥାନ୍ତା ଗନ୍ଧ ଚହଟି ॥
ଭୟ ମନକୁ ଗୁରୁଜନଙ୍କୁ ।
ଆଜ ବା ଆସି ନପାରେ ବନକୁ ॥
ଗୋପୀ ହରଣ ଶଙ୍କା ମାରଣ ।
ଜାଣି ବା ସଜନୀ କଲେ ବାରଣ ॥
ବିଚାରେ ପୁଣି ମୋ ପ୍ରାଣଧନୀ ।
ପୁରେ କି ରହିଲେ ସନ୍ଦେଶ ଶୁଣି ॥
ଗୁରୁ ସୁକେଶୀ ରତି ଲାଳସୀ ।
ଏକ୍ଷଣି କୁଞ୍ଜେ ମିଳିବେ ଆସି ॥
ବଢ଼ାଇ ଆଶା ଜଗିଣ ନିଶା ।
ଶ୍ରବଣେ ଡେରି ନିରେପନ୍ତ ଦିଶା ॥
ଏମନ୍ତେ ମିଳି ସେ ଚନ୍ଦ୍ରାବଳୀ ।
ଅନୁସରି ରହି ଶ୍ରୀବନମାଳୀ ॥
ନାଶିଣ ବିଘ୍ନ ପ୍ରକଣ କନ୍ଦର୍ପ- ।
ସେନା ମଣାଇ ପାଇକୃଷ୍ଣ ସଙ୍ଗ ॥
ଗୋବିନ୍ଦ ରତି ମଧୁର ପ୍ରୀତି ।
ପୁରେ ନଯାଇ କୁଞ୍ଜେ ଜଗିଛନ୍ତି ॥
ସେ ସହଚରୀ ଗୋଡ଼ାଇ ହରି ।
ଗୁପତେ ରହି ଜଗି ଅନୁସରି ॥
ମାଧବ ପୁଣି କୁଟଞ୍ଜ ରଜନୀ ।
ବିଜୟେ ଜାଣି ଜଣାଇ ସଜନୀ ॥
ଏ ଭୁମ୍ଭ ଆଗେ କୁଞ୍ଜ ନିବାସେ ।
କୃଷ୍ଣ ଅଭିସାର କଲେ ହରଷେ ॥
ବିରସ ତେଜି ହରଷ ଭଜି ।
ସୁବେଶ ହୋଇ କାନ୍ତ ମନରଞ୍ଜି ॥

ଏମନ୍ତ ଶୁଣି, ତରୁଣୀମଣି ।
ହଜିଲା ଧର୍ମ ଲଭିଲାକ ପୁଣି ॥
ସୁବେଶେ ଚଳେ ସଜନୀ ମେଳେ ।
କୃଷ୍ଣ ଯହିଁ ତହିଁ ଚତୁରୀ ମିଳେ ॥
ରାଣ ପ୍ରାୟେକ ମଣି ରସିକ ।
କାମେ ବାଉଳ ହଜାଇ ବିବେକ ॥
ଦେଖିଲେ ଯହୁଁ ଉଠିଲେ ତହୁଁ ।
ମାଧବ ଆନନ୍ଦ କେ ଅବା କହୁ ॥
ମଦନ ଭୋଳେ ଧଇଲେ କୋଳେ ।
ଦେଖି ସଖୀଜନ ଅପସରିଲେ ॥
ଶଯ୍ୟାରେ ବସି ସୁରତେ ରସି ।
ବେଦଜନ ମନ ସନ୍ତାପ ନାଶି ॥
ବିବିଧ ବନ୍ଧେ ରତି ବିନୋଦେ ।
ଜାଣିଲେ ନାଗର ସୁରତ ଛନ୍ଦେ ॥
ରଜନୀ ଶେଷେ ରତି ସନ୍ତୋଷେ ।
ଚନ୍ଦ୍ରାବଳୀ ଚଳେ ନିଜ ନିବାସେ ॥
ଶ୍ରୀବନମାଳୀ ବିଷାଦେ ଭାଳି ।
କି କରିବେ ବୃଷଭାନୁ ଦୁଲାଳୀ ॥
ଥିବେ ସେ ତହିଁ ମୋରେ ବିରହୀ ।
ତାହାଙ୍କୁ କିରୂପେ ଦେଖିବି ମୁହିଁ ॥
ଏମନ୍ତେ ରାଧା ଭାବକୁ ବନ୍ଧି ।
ଆରତରେ ଦେହ ବୁଦ୍ଧି ହଜାଇ ॥
ନିଭୃତ କୁଟଞ୍ଜେ ସଖୀ ସମାଜେ ।
ଦେଖିଲେ ରାଧାଙ୍କୁ ବାସକଶେଯେ ॥
ଗୃହିଁ ଚମକ ହୃଆ ଦମକ ।
ରହିଲେ ରାଧିକା ଅଗ୍ରତେ ଥକି ॥
ଦେଖିଲେ ଯହୁଁ ସଜନୀ ତହୁଁ ।
ସଖୀଙ୍କି ଚେତାଇ ବସାଇ ସେହୁ ॥
ସୁରତି ରଙ୍ଗେ କୁଙ୍କୁମ ସଙ୍ଗେ ।
ରତି ଅନ୍ତ ଚହ୍ନି ମାଧବ ଅଙ୍ଗେ ॥
ଦେଖିଣ ମାନେ ରହି ମଉନେ ।
ଶିର ଲମ୍ବାଇ ଲୋତକ ନୟନେ ॥
ଦେଖି ନାଗର ଖେଦ ସାଗର ।
ବୁଡ଼ି କରଯୋଡ଼ି କହେ ଆଗର ॥

ହେ ପ୍ରାଣେଶ୍ୱର ଗୁଣ-ଗହ୍ୱର ।
ଦଣ୍ଡ ଦିଅ ମୋର ଦୋଷ ବିଚାର ॥
ତୁମ୍ଭଙ୍କୁ ଦେଖି କେଳି ଉପେକ୍ଷି ।
ଆସନ୍ତେ ଭେଟ ନ ପାଇଲି ସଖୀ ॥
ଦୂତୀ ଆଗରେ କହି ତୁମ୍ଭରେ ।
ପେଶିଲି ରହି ଯମୁନା କୂଳରେ ॥
ତୁମ୍ଭ ବିମୁଖେ ଗୋପୀ ଅରକ୍ଷେ ।
ହରିନେଲା ଶଙ୍ଖଚୂଡ଼ ପ୍ରତ୍ୟକ୍ଷେ ॥
ସିଂହ ନାଦରେ ବଂଶୀ ବାଦ୍ୟରେ ।
ରିପୁ ଭେଦରେ ଧାଇଁଲୁଁ ଖେଦରେ ॥
ଶଙ୍ଖାକୁ ମାରି କନ୍ୟାକୁ ତାରି ।
ରଜନୀ ହୋଇଲା ଆସନ୍ତେ ପୁରି ॥
ବାନ୍ଧବ ଜନ ତୋଷିଣ ମନ ।
ତୁମ୍ଭ ସଙ୍କେତକୁ ଅଇଲୁ ବନ ॥
କୁଞ୍ଜରେ ନିଶି ଉନିଦ୍ରେ ବସି ।
ତୁମ୍ଭପ୍ରାପ୍ତ ମୋଁତେ ସକଳ ଦିଶି ॥
ଏଠାରେ ରହି ନଗଲି ତହିଁ ।
ଅନଙ୍ଗ ଅନ୍ଧକାରେ ପ୍ରାଣସହି ॥
ମାଧବ କହି ପଥରେ ରହି ।
ବିଚ୍ଛେଦାନଳେ ନିରନ୍ତର ଦହି ॥
ଚିର ତୃଷାର୍ତ୍ତ ମିଳିଲି ଏଥି ।
ପ୍ରେମ ଜଳ ଦେଇ କରସି ଶାନ୍ତି ॥
ଏମନ୍ତେ କହି ନିକଟେ ରହି ।
ଦେଖି ପଛମୁଁଖେ ବସିଲେ ରାଈ ॥
ଆଗେ ଉଭାରି ଦର୍ପଣ ଧରି ।
ସେବିଲେ ଶଶିରେଖା ସହଚରୀ ॥
କୃଷ୍ଣର ଦେହି ପ୍ରକାଶେ ତହିଁ ।
ପ୍ରତିବିମ୍ବରେ ରତିଚିହ୍ନ ଗୃହିଁ ॥
ଖଣ୍ଡିତା ବାମା ଛଳେ ଉପମା ।
ବିଲୋକନ୍ତି କାନ୍ତ ସୁରତ ସୀମା ॥
ଆହେ ରସିକ କୃଷ୍ଣ ପ୍ରାପ୍ତେକ ।
ଅଙ୍ଗେ ବହିଅଛ ଚିହ୍ନ ଅନେକ ॥
ସୁରତେ ସଜ ହାରିଲ ଆଜ ।
ମୁକୁରେ ଲୁଚି ନ ପାଇଲ ଲଜ ॥

ଭଲ ତରୁଣୀ ରଣରେ ଜିଣି ।
ଚିହ୍ନି ଲହି ସ୍ଥଳ ଦେଇଛ ପୁଣି ॥
କରଜ କ୍ଷତ ରଦନ ଘାତ ।
କୁଚ କୁଙ୍କୁମରେ ବିବର୍ଣ୍ଣ ଗାତ୍ର ॥
ଚୁମ୍ବନେ ହେଲା କଜ୍ଜ୍ୱଳ କଳା ।
ଅଧର ସୁରଙ୍ଗ ଗଣ୍ଡେ ରଖିଲା ॥
ତିନ ରଙ୍ଗରେ ଶୋଭା ଅଙ୍ଗରେ ।
ତାମ୍ବୂଳ ସୁରଙ୍ଗ ଗଣ୍ଡ ଯୁଗଳେ ॥
ବକ୍ଷେ ବିହିତ ସିନ୍ଦୂର ଚିହ୍ନ ।
ନିର୍ମଳ ଗଗନେ କି ପ୍ରାତଃ ମିହ ॥
ଅଳକ୍ତା ରଙ୍ଗ ହୃଦୟ ଭାଗ ।
ପ୍ରକାଶ ହୋଇଅଛି ଅନୁରାଗ ॥
ଚୂଡ଼ ସୁଆଁର ଚିହ୍ନ ରୁଚିର ।
ଆଲିଙ୍ଗନେ କମନୀୟ ଶରୀର ॥
ସତ୍ୟ କହିଲ ରଣେ ରହିଲ ।
ଗାଢେ ଶଙ୍ଖଚୂଡ଼ ଚିହ୍ନ ବହିଲ ॥
ନିଦ୍ରା ଆଳସେ ନେତ୍ର ମାରସେ ।
ଚଞ୍ଚଳ ଚୂଳ ବିଗଳିତ ପୁଷ୍ପେ ॥
ଏମନ୍ତ କହି ଅବନୀ ଲହି ।
ବଦନ ଲମ୍ବାଇ ଲୋତକ ବହି ॥
ଗୁରୁ ମାନିନୀ ଅରୁଣାନନୀ ।
ଦେଖି ବୃନ୍ଦା ଆଦି ହୋଇଲେ ଭିନ ॥
ଦର୍ପଣେ ଗୃହିଁ ରୂପକୁ ଚାହିଁ ।
ସଙ୍କୋଚେ ହରି ନ ପାରନ୍ତି କହି ॥
ଏମନ୍ତେ ସଖୀ ଦର୍ପଣ ଢାଙ୍କି ।
ଗୁରୁତର ମାନ ଶ୍ରୀମତୀ ଦେଖି ॥
ଉଠିଣ ଚଳେ ସଦନେ ମିଳେ ।
ଯେ ସମାସ୍ଥିର ନିତ ପ୍ରାତଃକାଳେ ॥
ଶ୍ରୀବନମାଳୀ ବିଷାଦେ ଭାଳି ।
ବିବେକ ବିନାଶି କି କର୍ମ କଲି ॥
ରାଧିକା ମଣି ହେଲେ ରମଣୀ ।
କଲି ଚନ୍ଦ୍ରାବଳୀ ନିଶି ନ ଚିହ୍ନି ॥
ସେ ଚିହ୍ନ ହେଜ ନ ଦେଖାଇ ପୁଣି ।
ଏଥିକି କିମ୍ବା ନୋହିବେ ମାନିନୀ ॥

ଚିର ବିରହେ ରତି ଉତ୍ସାହେ ।
ସଙ୍କେତ ପାଇ ନିକୁଞ୍ଜରେ ରହେ ॥
ନବବର୍ଦ୍ଧିତ ମଦନେ ମତ୍ତ ।
ଅନ୍ୟରତ ଚିହ୍ନ ଦେଖି ଖଣ୍ଡିତା ॥
ଏ ମୋର ଦୋଷେ ଗଲେ ସେ ରୋଷେ ।
ଆଜ କି ଆସିବେ ମୋର ବିଳାସେ ॥
ଏମନ୍ତ ଚିନ୍ତି ଆକୁଳ ମତି ।
ନୀରସ ଅଧର ବିରସ ମତି ॥
ଗୋଷ୍ଠେ ପ୍ରବେଶ ନାହିଁ ହରଷ ।
କହନ୍ତି ବଚ୍ଛ ସୁବଳେ ବିଶ୍ୱାସ ॥
ଯେତେ ଚରିତ ଶୁଣି ସେ ମିତ ।
ବୋଲନ୍ତି ଚିନ୍ତା ନକରସି ଚିତ୍ତ ॥
ବିହି ଘଟନା ନୁହେ ମେଣ୍ଟଣା ।
ମନୁଷ୍ୟ ଆୟତ୍ତ ନୁହଇ କିନା ॥
ଉପାୟେ ବିଧି ସକଳ ସିଦ୍ଧି ।
କରିବା ସିଦ୍ଧ ସଖୀ ଜନ ବଦ୍ଧ ॥
ଏମନ୍ତ ଭାଷି କୃଷ୍ଣଙ୍କୁ ତୋଷି ।
ଗାବଙ୍କୁ ଦୁହାଁଇ ପୁରକୁ ଆସି ॥
ଯଶୋଦା ଆଣ୍ଡ ପୁତ୍ରକୁ ଚାହିଁ ।
ନୀରସରେ ଅଙ୍ଗ ସରସ ନାହିଁ ॥
କ୍ଷୀର ସ୍ରବନ୍ତେ ଲୋତକ ନେତ୍ରେ ।
ପୁଚ୍ଛନ୍ତି ମାଏ ସ୍ନେହଭର ଚିତ୍ତେ ॥
ପ୍ରଭାତେ ତୋର ମୁଖକମଳ ।
ନ ଦେଖି ଆଜ ହେଉଛି ଆକୁଳ ॥
ରାତିହିଁ ଯାଉ ନିଦେ ଘୁମାଉ
ସୁକୁମାର ତନୁ ଦୁଃଖେ ଗଞ୍ଜାଉ ॥
ବିରହ ବହ୍ନି ଉଦର ପଶି
କି ଅବା ଜାଣି ମାସ ଉପବାସୀ ॥
ମୁଁ ହୀନଦୁଃଖୀ ଏମନ୍ତ ଦେଖି ।
ପିଣ୍ଡେ କି ପ୍ରାଣକୁ ପାରିବି ରଖି ॥
ଶରୀର ଯାକେ କ୍ଷତ କଣ୍ଟକେ ।
ପୁଣି ପୁଣି ଚାହିଁ ପୁଚ୍ଛେ ବାଳକେ ॥
ବଚ୍ଛ ଉଡ଼ାଇ କହେ ଘୋଡ଼ାଇ ।
ସ୍ୱରୂପ କହି କଥାରେ ବୁଡ଼ାଇ ॥

ଶୁଣସି ମାତଃ ଏ ତୋର ସୁତ ।
ଯମୁନାକୂଳେ ଗଲା ଆଜ ରାତ ॥
ହେମ ଗଉରୀ ଯହିଁ ଉଚ୍ଚାର ।
କୃଷ୍ଣ କଟାକ୍ଷେ କହେ ମରହର ॥
ହେମ ଗଉରୀ ଚିହ୍ନ କସ୍ତୁରୀ ।
ଯମୁନା କୂଳେ ରଜନୀରେ ଚରି ॥
ତାର ସୁଗନ୍ଧେ ମନପ୍ରମୋଦେ ।
ଜଟିଥିଲେ ଆଜ ନପଡ଼ ଫାନ୍ଦେ ॥
ହେମ ହରିଣୀ ଯୋଗରେ ପୁଣି ।
ପଡ଼ନ୍ତେ ଫାନ୍ଦେ ଛାଡ଼ିଦେଲେ ଜାଣି ॥
କସ୍ତୁରୀ ଆଶେ କାନନଦେଶେ ।
ଭ୍ରମଇ ନିଶି କେହି ନାହିଁ ପାଶେ ॥
ସଙ୍ଗରେ ଥାଉଁ ଅନ୍ତର ନୋହୁଁ ।
କେବଳ ପୁରକୁ ଭୁଞ୍ଜିଣ ଯାଉଁ ॥
ସଦନ ଦୂର ହେଲା ଉଚ୍ଛୁର ।
ଏତେ ଅନ୍ତରେ ଭୁଞ୍ଜର କୁମର ॥
ଯଶୋଦା ମାତ ଶୁଣି ଚକିତ ।
ଲୋତକେ ମୂରତି ଭୟେ କମ୍ପିତ ॥
ଦୁଃଖରେ ମାଏ ଶୋକରେ କହେ ।
ଏମନ୍ତ ଶୁଣି କି ଜୀବନ ରହେ ॥
ବନରେ ଗାଈ ରଖିବା ପାଇଁ ।
କେତେ ପ୍ରକାରେ ଚିତ୍ତ ନବଳଇ ॥
ଜଣ ଜଣକୁ ପେଷି ବନକୁ ।
ଭୟ ଜାତ ହେଉଥାଏ ମନକୁ ।
ନିଶି ଗହନ ଏକା ଗମନ ।
ମୃଗୟା ଯାଇ ଏଡ଼େ ଅବାରଣ ॥
କେମନ୍ତେ ମୁହିଁ ଧରିବି ଦେହି ।
କାହିଁ କସ ହେଲେ ପଶିବ କାହିଁ ॥
ଯଶୋଦା ଶୋକେ ସର୍ବ ବାଳକେ ।
କହନ୍ତି ହସ୍ତଧରି ଏକେ ଏକେ ॥
ରଜନୀ କାଳେ କୃଷ୍ଣର ମେଳେ ।
ଭୁଞ୍ଜିବ ପୁରେ ନଯିବ ସକଳେ ॥
ଖାଇବ ଯାହା ଦେବଇଁ ତାହା ।
ନିରେଖ ଗୋଟିକ ହୋଇବ ସାହା ॥

ଏତେକ କହି ପୁତ୍ରକୁ ନେଇ ।
ଆପଣେ ଥାଇ ମାର୍ଜଣା କରାଇ ॥
ସୁବେଶ କରି ଶ୍ରୀରାମ ହରି ।
ପ୍ରବେଶ ହୋଇଲେ ଭୋଜନ ପୁରି ॥
ସଖାଙ୍କ ସଙ୍ଗେ ଭୋଜନ ରଙ୍ଗେ ।
ରୋହିଣୀ ଭୁଲା ପରସି ସଂଯୋଗେ ॥
ଷଡ଼ ରସରେ ଭୁଞ୍ଜି ତୋଷରେ ।
ବଟୁ ସୁବଳ ଗୋବିନ୍ଦ ପାଶରେ ॥
ଯଶୋଦା ଆଣି ଦିଅନ୍ତି ଥାଇ ।
ମାଗନ୍ତି ଯେ ଯାହା ସୁଆଦ ପାଇ ॥
କୁମାର ବୃନ୍ଦେ ଭୁଞ୍ଜେ ସାନନ୍ଦେ ।
କୃଷ୍ଣଙ୍କୁ ନ ରୁଚେ ରାଧା ବିଚ୍ଛେଦେ ॥
ଜନନୀ ଭୟେ ଭୁଞ୍ଜିଲ ପ୍ରାୟେ ।
ଛଟକେ ବଟୁ ପତ୍ରକୁ ପକାଏ ॥
ସୁବାସ ନୀରେ ଆଚମନରେ ।
ତାମ୍ବୂଳ ଭୁଞ୍ଜି ଭୁଲ ଆପସରେ ॥
ସନ୍ଧି ବିରହେ ଶରୀ ନରହେ ।
ଏକାନ୍ତେ ବଟୁ ସୁବଳରେ କହେ ॥
ନୃପ ନନ୍ଦିନୀ ଗରୁ ମାନିନୀ ।
ପ୍ରସନ୍ନ ଆଜକ ହେବେ ଭାମିନୀ ॥
ବିଚାରି ବୁଦ୍ଧି କରିବା ସିଦ୍ଧି ।
ଉଠ ଚାଲିଯିବା ସର୍ବଙ୍କି ବୋଧି ॥
ସେମାନେ ଦେଖି କହିବେ କି କି ।
ଜାଣି ସେ ପାଇବା ଉପାୟ ଯୋଖି ॥
ବୋଇଲେ ସୁବଳ ନୁହ ଚଞ୍ଚଳ
ଦୂତୀକି ପେଷି ବୁଝିବା ସକଳ ॥
ଏମନ୍ତ କହି ଦୂତୀକି ରାଇ ।
ସବୁ ଚରିତ କହିଲେ ମଣାଇ ॥
ରାଧା ପୁରତେ ଯିବ ତ୍ୱରିତେ ।
ସେ ସମାଚାର ବୁଝିବ ଗୁପତେ ॥
ବଢମ ମାନ ପୁର ଗମନ ।
କେ କିସ ଚର୍ଚ୍ଚି କହନ୍ତି ବଚନ ॥
ଆସିବ ଜାଣି ଚରିତ ମଣି ।
ବୁଝିବ ତହିଁ କଥା ପରିମାଣି ॥

ଶୁଣି ସେ ଦୂତୀ ଚଳେ ତଡ଼ିତ ।
ପ୍ରବେଶ ହେଲେ ରାଧା ଯହିଁଛନ୍ତି ॥
ଯହୁ ମୃଗାକ୍ଷୀ ନକହି କଛୁ ।
ବିଷାଦଭରେ ମଗନ ହୋଇଛୁ ॥
ଏହି ସମୟେ ପ୍ରବେଶ ହୁଏ ।
ଚନ୍ଦ୍ରାବଳୀଗଣ ସଖୀ ନିଶ୍ଚୟେଁ ॥
ତାରକାପାଳୀ ଯେ ଶିବା ବାଳୀ ।
ପଦ୍ମା ଶୈବ୍ୟାଦି ଯେତେ ପ୍ରିୟ ଆଳୀ ॥
ମୂଳରେ ଜଳ ଲତା ପ୍ରଫୁଲ୍ଲ ।
ତେସନେ ହରଷେ ସଖୀ ସକଳ ॥
ଅବର ଖେଳ ଯତନେ ବାଳୀ ।
ଯାବତେ ଆସି ରାଧାପୁରେ ମିଳି ॥
ପୀରତି ମତେ ବଢ଼ିମା ଚିତ୍ତେ ।
କହି ଲୋଡ଼ନ୍ତି ଶ୍ୟାମ ପ୍ରେମ ଯେତେ ॥
ଦେଖିଣ ଶ୍ରୋତା ପୁଚ୍ଛେ ଲଳିତା ।
କହ ଚନ୍ଦ୍ରାବଳୀ ଶୁଭ ବାରତା ॥
କହନ୍ତି ବାଳୀ ସେ ଚନ୍ଦ୍ରାବଳୀ ।
ନାଗର ମାଧବ କେଳି ସଙ୍ଗାଳି ॥
ସର୍ବ କୁଶଳ ଦୁଃଖ କେବଳ ।
ଆଜ ରଜନୀ ଉନ୍ନିଦ୍ର ସକଳ ॥
ତେଣୁ ଗୋ ସଖି ଘୂର୍ଣ୍ଣିତ ଆଖି ।
ହେଲେଣ ତୁମ୍ଭଙ୍କୁ ନପାରୁଁ ଦେଖି ॥
ବଚନା ଶୁଣି ଅଳପ ହସି ।
ସକଳେ ଉନ୍ନିଦ୍ର କପାଇଁ ନଶି ।
ବୋଲନ୍ତି ଶୈବ୍ୟା ନାଗର ଲୋଭ ।
ରଜନୀ ମିଳନେ ଉନ୍ନିଦ୍ର ସଭ ॥
ସୁରତି ରସେ କୁଞ୍ଜେ ବିଳସେ ।
ଘୁଡ଼ ନିଦ୍ରଅନ୍ତ ରଜନୀ ଶେଷେ ॥
ଅଇଲୁଁ ବନେ ଗୋଡ଼ାଇ ଥିଲେ ।
ଏବେଣ ଉନ୍ନିଦ୍ର ହେଲୁଁ ସକଳେ ॥
ଏମନ୍ତ କହି ଘୂର୍ଣ୍ଣିତ ବହି ।
ଶୁଣି ଏକ ମୁଖ ଆରକ୍ତ ଯହିଁ ॥
ମେଲାଣି ହେଲେ ସଦନେ ଗଲେ ।
ରାଧା ସେବ ନିଜ ସଖୀ ରହିଲେ ॥

ସେ ଚନ୍ଦ୍ରମୁଖୀ ବୋଲନ୍ତ ସଖୀ ।
ଯହିଁ କହିଲେ ସେ ଶୁଣିଲିଟିକ ॥
ସଙ୍କେତେ ବସି ଦୁଃଖକ ପେଣି ।
ମୋତେ ନେଇ ଚନ୍ଦ୍ରାବଳୀ ବିଳସି ।
ସେ ରତ ରଙ୍ଗ ଚିହ୍ନକୁ ଅଙ୍ଗ ॥
ଧରି ଦେଖାନ୍ତ ମୋରେ ଅନୁରାଗ ॥
ସ୍ୱବଶ ଦେଖି ଧରିକ ରହି ।
ଏତେ ଅବସ୍ଥା ନପାରିଲି ସହି ॥
ଯୋଗେ ଆସନ୍ତେ ଦେଖିଲେ ପ୍ରାତେ ।
ଶୁଣିଲତ କଥା କହିଲେ ଯେତେ ॥
ପ୍ରତ୍ୟେକ୍ଷେ ଏବେ ଶୁଣିଲ ସର୍ବେ ।
କହିଲେ ଯାହା ବାଳୀ ଅନୁଭବେ ॥
ନୁହଇ ମିଛ କଥା ପ୍ରତ୍ୟକ୍ଷ ।
ଆଜ ଏ ସତ୍ୟ ନୁହେ ପ୍ରତିପକ୍ଷ ॥
ମୋହର ଆଗ ତା କଥା ରଙ୍ଗ ।
ନ କହିବ ଆଜୁ ପୂର୍ବାନୁରାଗ ॥
ଶଠ କପଟୀ ସେହୁ ଜାଣଟି ।
ମାନ ବଢ଼ିଲା ମୋ ହୃଦୟୁ ଫାଟି ॥
ଏମନ୍ତ କହି ମଉନ ରହି ।
ହେଠ ମାଥେ ବସି ଲୋତକ ବହି ॥
ନ କହେ ଫେଡ଼ି ଅନ୍ତରେ ଜଡ଼ି ।
ଶ୍ୟାମ ପ୍ରେମରଙ୍ଗେ ମାହୁସ ବଢ଼ି ॥
କୃଷ୍ଣର ଦୁଃଖ କେଳି ବିମୁଖ ।
ଦେଖିଥିଲେ କାନ୍ତ ନୀରସ ମୁଖ ॥
ଚିତ୍ତେଇ ଚିତ୍ତେ ଭାବଇ ଅନ୍ତେ ।
କୃଷ୍ଣ ବିଚ୍ଛେଦରେ ବିରହ ଯେତେ ॥
କ୍ଷିତି ଶୟନ କାନ୍ତ ମଳିନ ।
ନାହିଁ ହାସ ରସ ବେଶ ଅଶନ ॥
ଏମନ୍ତ ଦେଖି ସେ ପ୍ରିୟସଖୀ ।
ଚିନ୍ତାଭରେ ସଖୀ ଦୁଃଖରେ ଦୁଃଖୀ ॥
ବିଷମ ମାନ ମହା ଗହନ ।
ବୃନ୍ଦା ଆଦି ଦେଖି ବିସ୍ମୟମନ ॥
ଦୂତିକା ଜାଣି ଲୋଡ଼ନ୍ତି ପୁଣି ।
କହନ୍ତେ ବିରସ ଗୋକୁଳମଣି ॥

ସେ କୁନ୍ଦଲତା ଅନ୍ତ ବାରତା ।
କହନ୍ତେ କେତେ ଭରସା ମମତା ॥
ସଖୀଙ୍କୁ ଘେନି ଜଗି ରଜନୀ ।
ଅନୁସରି ରହି ଖଣ୍ଡ ସଜନୀ ॥
ପ୍ରିୟା ବିରହେ ଚିତ୍ତ ନ ରହେ ।
ଉପଗତ ହୋଇ ଆରତେ କହେ ॥
ଲଳିତା ପାଶେ କହେ ବିଶ୍ୱାସେ ।
ତୁମ୍ଭ ଯେ ସେବ ଭଜନୀ ଦିବସେ,
ମୋ ପ୍ରାଣଧନୀଙ୍କ ଦୋଷ ଘେନ ।
ନିଜ ଦାସୀ ଯେ କପିଁ ଏତେ ମାନିନୀ ॥
ଦାରୁଣ କାମଶର କୁସୁମ ।
ନିରତେ ବିନ୍ଧଇ ଖୋଜି ମରମ ॥
ବସନ୍ତକାଳେ ଅତି ପ୍ରବଳେ ।
ଗଣ୍ଡିବନ୍ଧୁ ନାଶ ଯାଉଛୁ ତାଳେ ॥
ମୋହର ପାଇଁ ବାସ ପକାଇ ।
ମାଗିବ ଦୋଷ କ୍ଷମା କରାଇ ॥
ଲଳିତା ଭଣି ଶୁଣ ବେଣୁପାଣି ।
ଅତି ଗୁରୁମାନ ନୃପ-ଦୁଲଣୀ ॥
ନିୟମ ଦେଇ ଅଛନ୍ତି କହି ।
ତୁମ୍ଭ ବିଷୟୁ ନ କହିବା ପାଇଁ ॥
ଯେତେକ ଶ୍ୟାମ ଚିହ୍ନ ପ୍ରତିମ ।
ଲେପିଲେ ତହିଁ ଚନ୍ଦନ କୁଙ୍କୁମ ॥
ନ ଘେନେ ଗନ୍ଧ ଶ୍ରୀ ମୃଗମଦ ।
ନୀଳ ବାସ ନୀଳ ପୁଷ୍ପ ବିଷାଦ ॥
ହେମ ପଦକ ନୀଳା ନାୟକ ।
ଖସାଇ ବସାଇ ମଣି ମାଣିକ୍ୟ ॥
କଜ୍ଜ୍ୱଳ ଚିହ୍ନ ନ ଘେନେ ନେତ୍ର ।
ନ ଦେଖେ ଯେତେ ଶ୍ୟାମ ବର୍ଣ୍ଣମାତ୍ର ॥
ଏଥି କେମନ୍ତେ ତୁମ୍ଭ ନିମନ୍ତେ ।
କହିବ କଥା ଜାଣୁ ଜାଣୁ ଏତେ ॥
ଚଢ଼ଆ ଖଞ୍ଜି ଖଦିର ତେଜ ।
ଶ୍ୟାମ ବର୍ଣ୍ଣ ବୋଲି ତାହା ନ ଭୁଞ୍ଜି ॥
ତଥାପି ତୁମ୍ଭେ କହିଲ ଯେବେ ।
ଜଣାଇମା ଦେଖି କଥା ପ୍ରସ୍ତାବେ ॥

ଏମନ୍ତ ଯହୁଁ କହିଲେ ସେହୁ ।
ବିଶାଖା ପୁରତେ ଚଳିଲେ ତହୁଁ ॥
ମୁରଲୀ ଧରି ନିସ୍ୱନ କରି ।
ବୋଲନ୍ତି ସଖୀ ଦୋଷ ନାହିଁକରି ॥
ତୁମ୍ଭେ ଯେ ବିଶ୍ୱ ପ୍ରାଣର ସଖୀ ।
ପ୍ରସନ୍ନ କରାଅ ମୋ ଦୁଃଖ କହି ॥
କମଳ ବୋଲି କୁମୁଦ ଅଳି ।
ଚୁମ୍ବିଲି ରଜନୀ ବିବେକ ହାରି ॥
ଭୃଙ୍ଗ ମାତୁଲା ପଦ୍ମ ସୁଶୀଳା ।
ଏ ଦୋଷ ଯେଣୁ କି କରିଇ ହେଲା ॥
ବିଶାଖା ବୋଲେ କହିଲ ଭଲେ ।
ମେରୁର ସମାନ ଅନଳ ଜଳେ ॥
ତୁଷାର ବଳେ ଲିଭଇ ପାରେ ।
ତୁମ୍ଭ କଥା ଘୃତେ ଅତି ପ୍ରଜ୍ୱଳେ ॥
ପୁସ୍ତକ କଣ୍ଠ କାଳୀ ଲେଖନ ।
ନ ଗୃହିଁ ନ ପଢ଼ି ନାମୋଚାରଣ ॥
ଓଦନି ବୋଲି କସ୍ତୁରୀ ଗୋଳି ।
ଜାଣି କରି ମେ ର ଦିଅନ୍ତି ପେଲି ॥
ଭରସା କରି କହି କି ପାରି ।
ସାଗର ସମାନ କୋପ ସୁନ୍ଦରୀ ॥
ଗୋକୁଳ ପୂର୍ଣ୍ଣଚନ୍ଦ୍ର କିରଣ ।
ପ୍ରକାଶେ ଅଧିକେ ଉଛୁଳେ ପୁଣ ॥
ସାକ୍ଷାତ କରି କେ କହିପାରି ।
ଜଣାଇବା ଦେଖି କଥା ବିସ୍ତାରି ॥
ଆମ୍ଭ ଉଦ୍ୟମ ତୁମ୍ଭ କରମ ।
ସକଳ ସଖୀଙ୍କି କରଯା ସମ ॥
ଏମନ୍ତ ଶୁଣି ସଖାଙ୍କୁ ଘେନି ।
ତହୁଁ ଶଚୀପ ଶେ ପ୍ରବେଶ ଜାଣି ॥
କଥା ଘେନାଇ କହି ମଣାଇ ।
ମଦନ ବେଦନା ମୋର ଜଣାଇ ॥
ମୋତେ ଲୁଗୃଇ କଥା ବଞ୍ଚାଇ ।
ମିଳାଇବ ପଛେ ମାନ ଘୁଞ୍ଚାଇ ॥
ବୋଲନ୍ତି ଶଠେ ହେ ପଦ୍ମନେତ୍ରେ ।
ଅପ୍ରମାଣ ମାନ ଗଗନ ଯେତେ ॥

ସୁଚତୁର ପକ୍ଷୀ ଗମି ପାଶକ ।
ନିର୍ଘାତ ପଡ଼ନ୍ତେ କେ ପ୍ରାଣରକ୍ଷୀ ॥
କାଳମାରେଖି ପ୍ରତିମା ଲେଖି ।
ସଖୀ ଦୁଃଖିତରେ ତାହା ଉପେକ୍ଷି ॥
ନୀଳ ଅମ୍ବର ହୋଇଲେ ଦୂର ।
ଚନ୍ଦ୍ରାତପରେ ଆଚ୍ଛାଦେ ଅମ୍ବର ॥
ଦେଖ ଧୂର୍ଜଟୀ ନନ୍ଦୀ ଭୃକୁଟୀ ।
ଶିଖିବାହନକୁ ନକରେ ଦୃଷ୍ଟି ॥
କହସି ସଖୀଗଣଙ୍କୁ ଦେଖି ।
ସମସ୍ତ ପାଇଲେ କହିବା ଯେ ଖି ॥
ଶୁଣି ଗୋବିନ୍ଦ ବଢ଼ାଇ ପାଦ ।
ଚମ୍ପକଲତାରେ ମିଳି ସମ୍ବାଦ ॥
ବୋଲନ୍ତି ସହି ଚନ୍ଦ୍ରମାମୁହିଁ ।
ଗୁମୁରେ ମିଳାଅ ମୋ ଦୁଃଖ କହି ॥
ଯମୁନା ତଟେ ମିଶି ତା ଭେଟେ ।
ଜଗି ରହିଲି ଅନୁସରି ବାଟେ ॥
ନ ଗଲେ ତହିଁ ପଥରେ ରହି ।
କି ଦୋଷ କଲି ନକହିଲ କେହି ॥
ବୋଲେ ସେ ବାଳୀ ହେ ବନମାଳି ।
ପଦ୍ମ ପାଶେ ସିନା ଗମଇ ଅଳି ॥
ପଦ୍ମ ପ୍ରଫୁଲ୍ଲ ମଧୁ ଉଦ୍‌ଗାରେ ।
ବାଟ ଗୃହିଁ ଗୃହିଁ ମୁଦ୍ରିତ ହେଲେ ॥
ଭୃଙ୍ଗ ଚୁମ୍ବିତେ ନାହାନ୍ତି କେତେ ।
ଚମ୍ପକ କେତକୀ ଏ ବନ୍ଧୁ ଯେତେ ॥
ପଙ୍କଜ ଶଙ୍ଖ ଧରଯା ପୁଣ ।
ଦେଖା ହୁଅସି ଏତେ ବଡ଼ମନ ॥
ମହତ ଭୃଙ୍ଗ ବାସଙ୍ଗ ସଙ୍ଗ ।
ପଦ୍ମ ହୋଇଲେ କରେ ପରିତ୍ୟାଗ ॥
ବୋଲନ୍ତି ହରି ଗୁଢ଼ ଚାତୁରୀ ।
ମାନ ଭଞ୍ଜିବ କେମନ୍ତେ ସୁନ୍ଦରୀ ॥
ବୋଲେ ଚତୁରୀ ଶୁଣହେ ହରି ।
ସାକ୍ଷାତ କରି ଜଣାଇ ନପାରି ॥
କୃଷ୍ଣ ଭ୍ରମର ସେବେ ପାଶରି ।
ତୁମ୍ଭ ଘେନା ଏବେ ହୋଇଲା ଦୂର ॥

ସଖୀଙ୍କ ସଙ୍ଗେ କଥା ପ୍ରସଙ୍ଗ ।
ଜଣାଇବା ଥିବ ଯେ ତୁମ୍ଭ ଭାଗ୍ୟ ॥
ଶୁଣି ଏମନ୍ତ ଯେତେଣ ମିତ ।
ତହୁଁ ଗଲେ ରଙ୍ଗଦେବୀ ଅଗ୍ରତ ॥
କୃଷ୍ଣ ବୋଲନ୍ତି ହେ ଗୁଣବତି ।
ତୁମ୍ଭର ରାଧାର ଅତି ପୀରତି ॥
ଦୋଷ ଜଣାଇ କ୍ଷମା କରାଇ ।
ପାରିବକି ମୋତେ ବାରେ ମେଳାଇ ॥
ଅମୃତ ଦେଇ ଯାକୁ ଜିଆଇ ।
ପୁଣ କି ତାକୁ ପ୍ରେତ ମୁଖେ ଦେଇ ॥
ତନୁ କାରଣ ଗଲି ଶରଣ ।
ମିଳାଅ ଧରୁଛି କର ଚରଣ ॥
ବୋଲେ ତରୁଣୀ ରାଇ କୋପିନୀ ।
ଗୁରୁତର ମ ନ ପୁର ଅବନୀ ॥
ତୁମ୍ଭର ପାଇଁ କହିବୁ କାହିଁ ।
କକାର ବର୍ଣ୍ଣ ଉଚ୍ଚାରଣ ନାହିଁ ॥
ଭରସା ତହିଁ କେମନ୍ତେ ମୁହିଁ ।
ପାରିବି ତୁମ୍ଭଙ୍କୁ ତାଙ୍କୁ ମିଳାଇ ॥
କଥା ପ୍ରସ୍ତାବେ କହିବି ଭାବେ ।
ଶଙ୍କର ଧବଳ ଚନ୍ଦ୍ର ପ୍ରଭାବେ ॥
ଶିରରେ ଥାଇ ତନୁ ବ୍ୟାପଇ ।
କଣ୍ଠ ତଟକୁ ଯେଣୁ ନ ଦେଖଇ ॥
ଯେ କୃଷ୍ଣ ଚିହ୍ନ ନିଜ ସେବନ ।
କୁ ବୋଲି ଯହୁଁ ବୁଜିଲେ ଶ୍ରବଣ ॥
ଅକ୍ଷରେ ଯହୁଁ ନ ଶୁଣେ ତହୁଁ ।
ବୁଦ୍ଧି ସରିଲା ମୋ କେମନ୍ତେ କହୁଁ ॥
କଥା କଢ଼ାଇ ଭାଷା ବଢ଼ାଇ ।
କହିବା ଦେଖି ସେ କି ପଢ଼ଇ ॥
ଏମନ୍ତ ତହିଁ ବଚନ ପାଇ ।
ମିଳିଲେ ସୁଦେବୀ ଅଛନ୍ତି ଯହିଁ ॥
ବୋଇଲେ ଦେଖି ହେ ପ୍ରାଣ ସଖି ।
ମାନ ଘୁଞ୍ଚାଇ ପାରିବକି ରଖି ॥
ଅମୃତ ବୋଲି ମଧୁ ପିଇଲି ।
ଉନ୍ମତ୍ତ ହୋଇ ବୁଦ୍ଧି ହରାଇଲି ॥

ଆପଣା ଜନ କରେ ଶୋଚନ ।
ଶାନ୍ତି କି ଦେଇ ନାନା ରସ ପାନ ॥
ସୁଦେବୀ ବୋଲେ ସେ ପ୍ରାତଃ କାଳେ ।
ଯେ ରୂପ ଧରିଥିଲ ତେତେବେଳେ ॥
ସେ ପ୍ରିୟ ସଖୀ ଯେ ଚିହ୍ନ ଦେଖି ।
ଧଇର୍ଯ୍ୟ ଧରିକି ପାରଇ ରଖି ॥
ଯେ ମଧୁ ପିଇଁ ବୋଲି କୁହଇ ।
ଘୃତ ରସରେ ତଇଲ ମିଶାଇ ॥
ବିଷମ ଯେଣୁ ହୋଇଛି ତେଣୁ ।
ନିରନ୍ତରେ ମାନ ପୂରିତ ତନୁ ॥
ଯମୁନା ଜଳେ ସ୍ନାନ ନ କରେ ।
ତୁମ୍ଭ ରୂପ ଯହୁଁ ପଡ଼େ ମନରେ ॥
ସାକ୍ଷାତେ ମୁହିଁ କେମନ୍ତେ କହି ।
ବଢ଼ି ନଦୀ ବାଲି ବନ୍ଧେ କି ରହି ॥
ତୁମ୍ଭ ଆସିବେ ଉପାୟ ଯେତେ ।
କହିବା ସଜନୀ ସେନ ଏକାନ୍ତେ ॥
କଞ୍ଜଲୋଚନ ଶୁଣି ମଣ୍ଡନ ।
ତୁଙ୍ଗ ବିଦ୍ୟାପୁରେ କଲେ ଗମନ ॥
ବୋଇଲ ହେ ସଖୀ ମୁଁ ବଡ଼ ଦୁଃଖୀ ।
ଚକୋର ଯେସନେ ଚନ୍ଦ୍ର ନ ଦେଖି ॥
ଦୋଷ କଣ୍ଟକ ଦଣ୍ଡ ବିହିତ ।
ଶିରିଷ କୁସୁମେ କୁଳିଶ ଘାତ ॥
ସଖୀରେ ଶ୍ରେଷ୍ଠ ଗୁଣେ ଗରିଷ୍ଠ ।
ତୁମ୍ଭ ଜଣାଇଲେ ଫିଟିବ କଷ୍ଟ ॥
ରାଈରେ କହ ତାର ଏ ଦେହ ।
ଅନଙ୍ଗ ଅନଳେ କରୁଛି ଦାହ ॥
ସଖୀ ପିୟୂଷ ଦେଇ ବରଷ ।
କାମ ଦାବାନଳ ହେଉ ବିନାଶ ॥
କହନ୍ତି ତୁଙ୍ଗ-ବିଦ୍ୟା ପ୍ରସଙ୍ଗ ।
ସୁରତେ ଖିନ୍ନଭିନ୍ନ ତୁମ୍ଭ ଅଙ୍ଗ ॥
ଥିଲୁ ଯେ ରାତ୍ରି ଏମନ୍ତ ହୋଇ ।
ଆସୁଥିଲ ରତି ଅବସ୍ଥା ବହି ॥
ତଦ ଭାବନା ଯେଉଁ ଅଙ୍ଗନା ।
ସେକି ସହିପାରେ ବିରହ ବନା ॥

ରାଇ ଏ ଯେବେ ଗୁରୁ ମାନିନୀ ।
କହିବାକୁ କ୍ଷେମ ନୋହୁଁ ସଜନୀ ॥
ଭ୍ରମର ଛଳେ କେଦାର ଗୀତେ ।
ଗାଇଲୁଁ ବୀଣା ବାଇଲୁ ଲଳିତେ ॥
ଏ ଚନ୍ଦ୍ର ପକ୍ଷ ଉଜ୍ଜ୍ୱଳ ଦେଖ ।
କୃଷ୍ଣ ପକ୍ଷେ ନାହିଁ କେବଣ ସୁଖ ॥
ଏମନ୍ତ ଶୁଣି ଶ୍ରବଣ ନେନି ॥
ବ୍ରଜ ଭୂମରେ ରାଇ ଜନ୍ମ ମୁନି ।
ବଜ୍ର ପଡ଼ିଲା ପ୍ରାୟ ମଣିଲା ।
ବୀଣା ନଶୁଣି ବେଗେ ଉଠିଗଲା ॥
ଏମନ୍ତ ଯହୁଁ ସଖାତେ ମୁହିଁ ।
କହିଲେ ନିକ ସେ ବଦନ ଚାହିଁ ॥
କଥା ଦେଖାଇ ହିତ ଶିଖାଇ ।
କହିବା ପୁରାଣ କଥା ପକାଇ ॥
କାଲି ଦିନାନ୍ତେ ବସନ୍ତ ଯାତେ ।
ବିଜେ କଲେ ଜନ୍ମ ଜାଣିବା ରତ୍ନେ ॥
ଏମନ୍ତ ଭାଷା ପାଇ ଭରସା ।
ଚାତକ ଯେହ୍ନେ ଘନ ଉଦେ ଆଶା ॥
ବ୍ରଜ ମୋହନ ତହୁଁ ଗମନ ।
ପ୍ରବେଶ ଚନ୍ଦ୍ରରେଖା ସନ୍ନିଧାନ ॥
ବିନୟ ଭାଷି ଶୁଣ ସୁକେଶି ।
ରାତ୍ରମୀନ ଜଳେ ଯାଉଛି ଭାଷି ॥
ତୁମ୍ଭେ ଦ୍ୱୟ ସଖୀ ପାଶର ରଖି ।
କଲେ ଉଦ୍ଧର ମୋ ଅବସ୍ଥା ଦେଖି ॥
କୋପେ ପ୍ରଖର ସ୍ରୋତେ ଅସ୍ଥିର ।
ଖଣ୍ଡନ କରେ ଖଣ୍ଡିତା ମକର ॥
କାମ କୁମ୍ଭୀର ଗ୍ରାସେ ଶରୀର ।
ବୁଡ଼ାଇବ ବୁଦ୍ଧି ଖେଦ ସାଗର ॥
ବୋଇଲେ ସୁନ୍ଦରୀ ଶୁଣ ଶ୍ରୀହରି ।
ବଦନ ଚାହିଁନ୍ତେ ଦର୍ପଣ ଧରି ॥
ଦିଶନ୍ତେ କେଶ ତୁମ୍ଭେ ଆଭାଷ ।
ମୁକୁର ପକାଇ ମନେ ବିରସ ॥
ଏତେ ମାନିନୀ ଯେଉଁ କାମିନୀ ।
ମୋର କହିଲେ କି ବିନୟ ନେନି ॥

ତୁମ୍ଭର ଦୋଷ ଅଛି ବିଶେଷ ।
ଅଭିସାରି ନାରୀ ଭାଙ୍ଗିଛ ଆଶ ॥
ଦୂତୀକୁ ମେଣି ଯେନାଇ ଆସି ।
ଉଜାଗରେ ରହି ପୁହାଇ ନିଶି ॥
ଅନ୍ୟ ସଙ୍ଗତେ କେଳି ସୁରତେ ।
ସେ ଛନ୍ଦେ ଆସି ଦେଖାଇଁ ପ୍ରଭାତେ ॥
ନାରୀ ସଂସାରେ କେ ସହି ପାରେ ।
ଏଥିକୁ ଆନ ନାହିଁ ପ୍ରତିକାରେ ॥
ମାନ ସରିତ ପ୍ରଖର ସ୍ରୋତ ।
ଅନଳ ତାଙ୍କି ପାରଇ ରଖିତ ॥
ପାରିଲେ ଧର ପାଦ କମଳ ।
ଲତା ବିନୁ ଆନ ନାହିଁ ସେ ପାର ॥
ସଜନୀଗଣେ ଥିବୁଁ ଗହଣେ ।
କହିବ କୃଷ୍ଣ ବିନୟ ବଚନେ ॥
ଆମ୍ଭେ ତାହାଙ୍କ କହିବୁଁ ଯୋଖି ।
ଯିବ ତୁମ୍ଭେ ଜେମା ଶୟନ ଦେଖି ॥
ନନ୍ଦ ନନ୍ଦନ ଶୁଣି ଏସନ ।
ମନ ଶାନ୍ତ ନହିଁ ଅତି ଉଛନ୍ନ ॥
ସଖୀ ଜନଙ୍କୁ ଜଣ ଜଣକୁ ।
ଏମନ୍ତେ କହି ଆସେ ସଦନକୁ ॥
ସଖୀ ଏମନ୍ତେ ଚଳେ ଦିନାନ୍ତେ ।
ମିଳନ୍ତେ ରାଧା ଅନ୍ତଃପୁର ଗତେ ॥
ଜେମା ବିରସେ ସେବନ୍ତି ପାଶେ ।
ନାହିଁ ସୁଖ ଭୋଗ ନିଶି ଦିବସେ ॥
କୃଷ୍ଣ ବିଚ୍ଛେଦ କାମେ ବିଷାଦ ।
ନୟନ ପାଶକୁ ନଆସେ ନିଦ ॥
ଜଗିଣ ବସି ପ୍ରଥମ ନିଶି ।
ସଖୀଜନ ବୁହିଁ ତୁଳସୀ ଭାଷି ॥
କହସି କଥା ତୁଟେ ସେ ବ୍ୟଥା ।
ଜେମାନେଦଣ୍ଡ ହେବେ ସେତେଣେ ଶୋରତା
ଦିବ ବଚନରେ ଲଳିତା ଠାରେ ।
କହସି ତୁମ୍ଭେ ପ୍ରଥମ ପ୍ରହରେ ॥
ଶୁଣି ଲଳିତେ କଥା ସମ୍ମତେ ।
ବିଶାଖା ହୁଁ ହୁଁ କରନ୍ତି ଆଗ୍ରତେ ॥

ଲଳିତା ଭଣି କାନ୍ତ କାମିନୀ ।
ନିଶି ଭ୍ରମି ରମି ଅନ୍ୟ ନଜାଣି ॥
ଶୁଣି ସକଳ କହସି ବୋଲେ ।
ସ୍ୱକୀୟା କନ୍ୟା ପରକୀୟା ହେଲେ ॥

ତଥାହି ଶ୍ରୀ ଗୀତଗୋବିନ୍ଦ ଶ୍ଲୋକଃ ।
ଆଶ୍ଲେଷାଦନୁଚୁମ୍ବନାଦନୁନଖୋ-
ଲ୍ଲେଖାଦନୁ ସ୍ୱାନ୍ତଜ
ପ୍ରୋଦ୍‌ବୋଧାଦନୁସମ୍ଭ୍ରମାଦନୁରତା-
ରମ୍ଭାଦନୁ ପ୍ରୀତୟୋଃ ।
ଅନ୍ୟାର୍ଥଂ ଗତୟୋର୍ଭ୍ରମାନ୍ମିଳିତୟୋଃ
ସମ୍ଭାଷଣୈର୍ଜାନତୋ-
ର୍ଦମ୍ପତ୍ୟୋରିହ କୋନ କୋନ ତମସି
ବ୍ରୀଡ଼ାବିମିଶ୍ରୋ ରସଃ ।

ଶ୍ରୋତା ହରଷେ କହେ ସରସେ ।
କାମପୁର ବୋଲି ଏକଇ ଦେଶେ ॥
ତହିଁର ରାଜା ସେବ ଗିରିଜା ।
ନିଷ୍ଠିନ୍ତେ ପାଳଇ ଜନ ପରଜା ॥
ତହିଁରେ ସ୍ଥିତି ଏ ଗୃହ ଜାତ ।
ସର୍ବ ସମ୍ପଦେ ଜାଣିବାରସ୍ତୁତ ॥
ମାଧବ ଧନୀ ରସିକମଣି ।
କଳାବତୀ ନାମେ ତାର ରମଣୀ ॥
ଅନ୍ୟ ରମଣେ ନିଶି ଗମନେ
ସାଧବ ଧନୀ ଲୋଡ଼ି ସ୍ଥାନେ ସ୍ଥାନେ ॥
ତାର କାମିନୀ ଗୁରୁ ମାନିନୀ ।
ଯହୁଁ କାନ୍ତ ରମେ ଅନ୍ୟ ତରୁଣୀ ॥
ସେ କଳାବତୀ ସୁରତି ଚିନ୍ତି ।
ଅନ୍ୟ ପୁରୁଷରେ ବଳାଇ ମତି ॥
ସଙ୍କେତ କରି ସେ ଅଭିସାରୀ ।
ଭ୍ରମନ୍ତେ ଅତି ଘୋର ବିଭାବରୀ ॥
ମିଳିଲେ ଦେନି କାନ୍ତ କାମିନୀ ।
ଯା'ପାଇଁ ଗମିଲେ ତା' ପରି ମଣି ॥
କରନ୍ତି ରତି ବିବିଧ ଗତି ।
ନଖ ଦନ୍ତକ୍ଷତେ ପ୍ରମତ୍ତ ଅତି ॥

ଗଣ୍ଡେ ଚୁମ୍ବନ ଭୁଜେ ବନ୍ଧନ ।
ହୃଦରେ ଭିଡ଼ ଗାଢ଼େ ଆଲିଙ୍ଗନ ॥
ବିବିଧ ଛନ୍ଦେ ରତି ବିନୋଦେ ।
କରନ୍ତି କେଳି ନାନା ଅନୁବନ୍ଧେ ॥
ପରକୀୟା ରସ ସୁଖ ବିଶେଷ ।
ଦେନିମନ କେଭେ ନୁହଇ ତୋଷ ॥
ସୁରତି ରସେ ବଚନ ଭାଷେ ।
ଜାଣେ ଦେନିଜନ ଲଜ୍ଜା ବିଶେଷେ ॥
ବୋଲେ ତଭୁସି ଦୋଷକୁ ଧରି ।
ନକର ପରି ତୁମ୍ଭେ ଅନ୍ୟନାରୀ ॥
ଜାଣିମା ପାଇଁ ଅଇଲି ମୁହିଁ ।
ଏତେ ରଙ୍ଗକର ଆନର ତହିଁ ॥
ଏମନ୍ତ କହି ସଙ୍କୋଚ ବହି ।
ପୁରେ ଗଲେ ମୋତେ କଥା ନ କହି ॥
ହାସ୍ୟ ଅଧିକେ ବୋଲେ ବିଶାଖେ ।
କହନ୍ତି ଯାହା ଚନ୍ଦ୍ରାବଳୀ ସଖେ ॥
ରାଧିକା ଶୁଣି ମନରେ ଗୁଣି ।
କୃଷ୍ଣରେ ଅନୁରାଗ ବଢ଼େ ପୁଣି ॥
ଏମନ୍ତେ ନିଶି ପ୍ରହରେ ଆସି ।
ଚିନ୍ତା ମୁଖ ଗୃହିଁ ତୁଳସୀ ଭଷି ॥
ଯେବଣ କଥା କହେ ଲଳିତା ।
ଏ ଅନୁରୂପେ କହ ସଖି ଚର୍ଚ୍ଚା ॥
ନୃପତି ସୁତା ଶୁଣି ମମତା ।
ବକୃତା ରାବେ କହନ୍ତି ବିଚକ୍ଷା ॥
ରମଣ ବୋଲି ଏକ ନଗରୀ ।
ସୁଭଗା ନାମେ ତହିଁ ଦଣ୍ଡଧାରୀ ॥
ତାର କୁମର ରୂପେ ସୁନ୍ଦର ।
ନାମ ଅଟଇ ତା କୁସୁମାକର ॥
ମନ୍ତ୍ରୀର ନାମ ଗୁଣାନୁପମ ।
ଦୁହିତା ତାର ଯୁବତୀ ଉତ୍ତମ ॥
ନାମ ସୁଶୀଳା ନବୀନା ବାଳା ।
ବସନ୍ତ ଉତ୍ସବ ଯାହାରେ ମେଳା ॥
ରାଜା ନନ୍ଦନ ଦେଖି ବଦନ ।
ଦେନିଜନ ମନ ପୀଡ଼େ ମଦନ ॥

ମାଲୁଣୀ ଗଲି ବିଶ୍ୱାସ କହି ।
କୁମର ବନସ୍ପ ପତ୍ରିକା ଲହି ॥
ହେମବରନ ମହୀମଣ୍ଡନ ।
ନେହ-ଫାନ୍ଦେ ଗଲୁ ମନକୁ ଘେନ ॥
ଚନ୍ଦ୍ରକ ଗନ୍ଧେ ଚୋର ବିରହେ ।
ବଦନ ବିଚ୍ଛେଦ ମଦନ ଦହେ ॥
ପତ୍ରିକା ବନ୍ଧେ ଗନ୍ଧ ପ୍ରବନ୍ଧେ ।
ଘେନ ମାଳତୀ ମାଲୁଣୀ ପ୍ରମୋଦ ॥
ପ୍ରସାଦ ପାଇ ମେଲାଣି ହୋଇ ।
ମନ୍ତ୍ରୀ ପୁରେ ଚଳେ କୁସୁମ ଦେଇ ॥
ସେ ମନ୍ତ୍ରୀସୁତା କୁମର ଚିନ୍ତା ।
ଚରଳ ଚନ୍ଦ୍ର ଛନ ଛନ ଚେତା ॥
ଏମନ୍ତବେଳେ ମାଲୁଣୀ ମିଳେ ।
କୁସୁମ ଗନ୍ଧ ଲେଖ ନେଇ ଦେଲେ ॥
ଖଞ୍ଜନନୟନୀ ଗନ୍ଧ ପ୍ରଶଂସି ।
ଚିଟାଉ ପଢ଼ି ପ୍ରେମଜଳେ ଭାସି ॥
ମାଲୁଣୀ ଗୃହେଁ ହରଷ ବହି ।
କୁମର କଥା ପୁଣ ପୁଣ କହି ॥
ଖଞ୍ଜନନୟନା ସେ ପ୍ରତିଭାଷା ।
ଲେଖି ମାଲୁଣୀ ଦୂତୀ ଉପଦେଶା ॥
ଜଗସୁନ୍ଦର ଗୁଣ ମନ୍ଦର ।
କନ୍ଦର୍ପ ସନ୍ତାପ କୃପେଁ ଉଦ୍ଧର ॥
ଆରତ ପତି କାମ ବିପତ୍ତି ।
ଖଣ୍ଡନେ ନାହିଁ ତୁମ୍ଭବିନୁ ଗତି ॥
କମଳ କଢ଼ି ଜଳରେ ବୁଡ଼ି ।
ତପନ କରେ ପ୍ରଫୁଲ୍ଲ ପାଖୁଡ଼ି ॥
ତୁମ୍ଭେ ସେ ଭୃଙ୍ଗ ଆନେକ ଯୋଗ୍ୟ ।
ଇଚ୍ଛା ଯହିଁ ତହିଁ କରସି ଭୋଗ ॥
ଲେଖକୁ ମୁଦ୍ର ଦେଲା ସମ୍ବାଦେ ।
ସେବତୀ ଫୁଲେ କାର୍ଯ୍ୟ କରସିଦ୍ଧି
ନୃପତି ସୁତ ଲେଖ ଭୁଜତେ ।
ଦେଲା ସେ ଘେନ ପଢ଼ିଣ ସମ୍ପତେ ॥
ସେ ରେବା ନଦୀ ଗଗନ-ଭେଦୀ ।
ତଟରେ ବେତସ ବନ ଆଚ୍ଛାଦି ॥

ତହିଁରେ ଦୁହେଁ ମିଳନ ହୁଏ ।
କଦମ୍ବ ଗନ୍ଧ ଘେନ ଗନ୍ଧ ବହେ ॥
ବଢ଼ିଲା ଆଶା ନୂପୁରେ ତୃଷା ।
ମିଳନେ ବଢ଼ଣ ମହାଦୁଃଖ ଦଶା ॥
ଏମନ୍ତେ ହନେ ବେନି ମିଳନେ ।
ସୁରତି ଅନ୍ତେ ବସି ଏକାସନେ ॥
କୁମାର ମାଗେ କୁମାରୀ ଭାଷେ ।
ବିଭାହୋଇ ଭୋଗକର ନିବାସେ ॥
କେତେ କଷ୍ଟରେ ନଣି ଭେଟରେ
ଆସି ଲୁହଇ ପୁଭ ଆକଟରେ ॥
ହୋଇଲେ ବିଭା ସେରନ୍ତା ସେବା ।
ନାନା ସୁଖରେ କେଳି ଆରମ୍ଭିବା ॥
ଏମନ୍ତେ ବେନି ବିହୁର ଘେନ ।
ପୁରେ ଯାଇ ଦୁଃଖେ କୁମରମଣି ॥
ବଦନ ମାଡ଼ି ଭୂମି ପଡ଼ୁଛି ।
ନ ଉଠେ ବେଲ ହେଲା ବେନିଘଡ଼ି ॥
ସେବକେ ବେଗେ ନୃପତି ଆଗେ ।
ଜଣାନ୍ତେ ରାଜା ଜାଣି ଉଦବେଗେ ॥
ଭୁବନେ ଆସି ଶଯ୍ୟାରେ ବସି ।
ପୁତ୍ରକୁ ଆଶ୍ୱାସି ବଚନ ଭାଷି ॥
କି ଅପମାନେ ଭୂମି-ଶୟନେ ।
ଶୋଇଲୁ ବାବୁ କିସ ଚିନ୍ତା ମନେ ॥
କହିବୁ ଯାହା କରିବୁଁ ତାହା ।
ସତ୍ୟ କରୁଅଛୁ ମାଗିବୁ ଯାହା ॥
କୁମରମଣି ବୋଲଇ ବାଣୀ ।
ବିଭା କରିଦେବ ମନ୍ତ୍ରୀ ଦୁଲଣୀ ॥
ଶୁଣି ରାଜନ ହରଷମନ ।
ବୋଇଲେ ବିଭା ହୁଅ ଆଜହନ ॥
ଆସ୍ଥାନେ ଗଲେ ମନ୍ତ୍ରୀକି କହି ।
ଉଠିଣ ଯାଉ ମାଗଣା ମଣୋହି ॥
କୁମର ତୋଷି ଆସ୍ଥାନେ ବସି ।
ମନ୍ତ୍ରୀକି ରାଇଣ ବଚନ ଭାଷି ॥
ପୁତ୍ର ଆମ୍ଭର ପୁତ୍ରୀ ତୁମ୍ଭର ।
ବିଭା କରିବା ଦ୍ରବ୍ୟ ନିର୍ଦ୍ଧା କର ॥

ଶୁଣି ସେ ମନ୍ତ୍ରୀ ସାନନ୍ଦ-ମତି ।
ସିଦ୍ଧ ହୋଇଲା ଯାହା ମନେଚିନ୍ତି ॥
ଉତ୍ସବମତେ ବରଙ୍କୁ ଯେତେ ।
କନ୍ୟା ଦାନ ଦେଲା ନୃପତି ସୁତେ ॥
ସେ ନୃପବଳା ଯେହ୍ନେ ସୁଶୀଳା
ଚନ୍ଦ୍ର କିରଣେ ପୂର ଚନ୍ଦ୍ରଶାଳା ॥
ମନ ହରଣେ ଦିବ୍ୟ ବିଳାସେ ।
ରମନ୍ତେ ଦୁହେଁ ସେ ପ୍ରେମ ସରସେ ॥

> ଯଃ କୌମାରହରଃ ସ ଏବ ହି ବର-
> ସ୍ତା ଏବ ଚୈତ୍ରକ୍ଷପା-
> ସ୍ତେଚୋନ୍ମୀଲିତମାଲତୀସୁରଭୟଃ
> ପ୍ରୌଢ଼ାଃ କଦମ୍ବାନିଲାଃ ।
> ସା ଚୈବାସ୍ମି ତଥାପି ତତ୍ର ସୁରତ-
> ବ୍ୟାପାରଲୀଳାବିଧୌ
> ରେବା ରୋଧସିବେତସୀତରୁତଳେ
> ଚେତଃ ସମୁତ୍କଣ୍ଠତେ ॥

ନାୟିକା ମୁଖ ଶୁଣି ନାୟକ
ଭାବେ ବୋଲଇ ସଖି ଦେଖ ଦେଖ ॥
ରଜନୀ ମାନେ ବେତସ ବନେ ।
ସେ ସୁଖ ନୁହେ ଏ ନିଜ ସଦନେ ॥
ଚଇତ୍ର ନିଶୀ ଶଶୀ ପ୍ରକାଶି ।
ମୁହିଁ ସେ କାନ୍ତ ତୁମ୍ଭେ ସେ ପ୍ରେୟସୀ ॥
ଉଭୟ ତରସ୍ତେ ସେ ସୁଖ ଯେତେ ॥
ସେ ପୁଣ କାହିଁ ନୋହିଲା ଏଥେ ॥
ପରକୀୟା ରସ ସୁଖ ବିଶେଷ ।
ଶୁଣ ଗୋ ସଖି କଥା ହେଲା ଶେଷ ॥
ଚମ୍ପାଲତିକେ ହାସ ଅଧିକେ ।
ଏକ ଆରକେ ଛଳ କଉତୁକେ ॥
ସ୍ୱୈର ସୁରତ ଲାଳସ ମତି ।
ସ୍ୱକୀୟାରେ କାହିଁ ହେବ ସେ ପ୍ରୀତି ॥
ଲୋଡ଼ିଲେ ଆଜ ପାଇବେ କାହିଁ ।
ଏ ରସ ରସିକ ନାଗର ଯେହିଁ ॥

ଏଯେ ମୃଗାକ୍ଷୀ ତାହାଙ୍କୁ ଲୋଡ଼ୁଛି ।
ସୁଖ ତେଜି ଦୁଃଖେ ବନ ନେଉଛି ॥
ଏ ମଧୁମାସ ବନ ବିଳାସ ।
ନକର କରଛି କାନ୍ତରେ ରୋଷ ॥
ଶୁଣି ସେ ଗଣ୍ଡ ବଟୁର ପାଇଁ ।
କେ ନେଇ କୃଷ୍ଣଙ୍କୁ ଦେବ ମିଳାଇଁ ॥
ଏମନ୍ତେ ବେନି ଯାମ ଯାମିନୀ ।
ନମାଣ୍ଡେ ନିଦ୍ରା କୃଷ୍ଣଭାବ ଘେନି ॥
ରଙ୍ଗଦେବୀରେ ତୁଳସୀ ବୋଲେ ।
ତୃତୀୟ ପ୍ରହର ତୁମ୍ଭ ଭାଗରେ ॥
ସେ ରଙ୍ଗଦେବୀ ହରଷ ଲଭି ॥
ବୋଲନ୍ତି ସଖୀଙ୍କ କଥା କହିବି ॥
ତଦ୍ଭାବମୟୀ ସମ୍ଭୋଗ ସେହି ।
ଏଥି ମଧ୍ୟେ ପୁଣି ଶରଧା କାହିଁ ॥
ସମ୍ଭୋଗମୟୀ କଥାରେ କହି ।
ଶୁଣିବା ଶ୍ରଦ୍ଧାମନ ସର୍ବେ ହୋଇ ॥
ସେ ରଙ୍ଗବତୀ କଥା କହନ୍ତି ।
ସନ୍ନିଧେ ସୁଦେବୀ ହୁଁ ହୁଁ କରନ୍ତି ॥
ଅବନ୍ତୀ ରାଜ୍ୟେ ଶ୍ରୀ ଅଇଶ୍ୱର୍ଯ୍ୟେ ।
ସାନନ୍ଦ ବୋଲିଣ ଏକଇ ଦ୍ୱିଜେ ॥
ବୟସେ ଯୁବା ଅପୂର୍ବ ଶୋଭା ।
ଦେଖିଲେ ଯୁବତୀ ହୁଅନ୍ତି ଲୋଭା ॥
ତାର ବନିତା କମଳଲତା ।
ନିଜ ନିବାସେ ବିଳସେ ଅଶାନ୍ତା ॥
ଏମନ୍ତେ ଦିନେ ରାଜା ସଦନେ ।
ଗଲା ଦ୍ୱିଜ ଦେବ ସେବା ଅର୍ଚ୍ଚନେ ॥
ଗଣିକା ନୃତ୍ୟ ଦେଖି ମୋହିତ ।
ଧନ ଦେଇ ତାରେ କଲା ସୁରତ ॥
ତା' ଭାବପାଇ ସକଳ ଦେଇ ।
ନିଜ ଭାରିଜା ସଙ୍ଗ ନ ଇଛଇ ॥
ଧନ ସରିଲା ଦରିଦ୍ର ହେଲା ।
ଗଣିକା ଜାଣି ସେ ଅଙ୍ଗ ନଦେଲା ॥
ବେଶ୍ୟାନୁରାଗେ ସ୍ତ୍ରିୟାଙ୍କୁ ମାଗେ ।
ଅଳଙ୍କାର ଦିଅ ଯେତେ ତୋ ଅଙ୍ଗେ ॥

ସମ୍ଭୋଗସ୍ପୃହୀ ତାକ ଦେଖଇ ।
ପିତାମ୍ବରେ ଗଲା ଅବଜ୍ଞାବଦ୍ଧ ॥
ଦ୍ୱିଜ ଦାରିଦ୍ର୍ୟେ ଭାସେ ସମୁଦ୍ରେ ।
ଉଠଇ ପଡ଼ଇ ମହା ଅଗାଧେ ॥
ପ୍ରାଣ ବିକଳେ ଗୋବିନ୍ଦ ବୋଲେ ।
ନାବ ଗୋଟିଏକ ଦେଖିଲା ଡୋଳେ ॥
ବସି ତହିଁରେ ନିକୁଟାଚଳେ ।
ଲାଗିଲା ଯୋଗେ ପବନର ବଳେ ॥
ନାବୁଁ ଓହ୍ଲାଇ ଶ୍ରମକୁ ପାଇ ।
ଶାଳ ତରୁତଳେ ଶୋଇଲା ଯାଇ ॥
ମେଘା ରାକ୍ଷସ ତହିଁ ନିବାସ ।
ମନୁଷ୍ୟ ମାଂସରେ ଜୀବନ ତୋଷ ॥
ସେ ରାତ୍ରିଚର ନିଶା ଭ୍ରମର ।
ପ୍ରବେଶ ଯାଇ ବାରାଣସୀ ପୁର ॥
ମାୟା ରୂପରେ ରାଜ ନଗରେ ।
ପଶି ରହିଲାନ୍ତ ଦୁହିତା ପୁରେ ॥
ଶିବ ପାଳନ ମହାରାଜନ ।
ବର ନପାଇ ଦୁହିତା ସମାନ ॥
ଅବିବାହିତା ବେମାର ମତ ।
କୃଷ୍ଣ ନ ସ୍ମରି ପଲଙ୍କେ ଶୁତ ॥
ରାକ୍ଷସ ତହିଁ ଛିଦ୍ରକୁ ପାଇ ।
ପଲଙ୍କ ସହିତେ ଆଣିଲେ ବହି ।
ନିକୁଟା ଚଳେ ପ୍ରଭାତେ ମିଳେ
ବିପ୍ରକୁ ଦେଖି ଶାଳ ତରୁତଳେ ॥
ବିସ୍ମୟରେ ମନ ସଫଳ ଦିନ ।
କନ୍ୟାଲାଭ ଏଣେ ବିପ୍ର ଭୋଜନ ।
ନୃପ ଦୁହିତା ପାଇଣ ଚେତା ।
ଶୋକ ଆରତେ ମହାଘୋର ଚିନ୍ତା ॥
ରାକ୍ଷସ ସ୍ୱରେ ପ୍ରବେଶ କରେ ।
ଭାର୍ଯ୍ୟା ତାର କାନ୍ଦେ ବେଷ ଭରେ ॥
ଏହାକୁ ଦେଖି ମୋତେ ଉପେକ୍ଷି ।
ନଖାଇ ରଖିଛ ସୁନ୍ଦର ଦେଖି ॥
ରାକ୍ଷସ ତୋଣ୍ଡି ରାକ୍ଷସୀ ଭାଷି ।
ବେନି ଜନ ଗ୍ରାସ ମିଳିଛି ଆସି ॥

ଏହାକୁ ମୁହିଁ ଖାଇବି, ତୁମ୍ଭ ।
ଖାଅ ତରୁ ତଳେ ଯେ ଅଛି ଶୋ[illegible] ॥
ଶୁଣି ରାକ୍ଷସୀ ତୁରିତେ ଆସି ।
ବିପ୍ର ରୂପଦେଖି ହୋଇଲା ତୋଷି ॥
ବିଶ୍ୱରେ ମତ କରିବ ପତି ।
ସେ ଯେବେ କଲାଣି ଅନ୍ୟ ଯୁବତୀ ॥
ଏମନ୍ତ ବୋଲି ଚରଣ ଗଲା ।
ନିଦ୍ରା ତେଜି ବିପ୍ର ଦେଖିଲା ବାଳୀ ॥
ରାକ୍ଷସୀ କହି ପୀରତି ହୋଇ ।
ମୋହିନୀ ରୂପ ଦେଖାଇଣ ମୋହି ॥
ରାକ୍ଷସୀ ବିଶେ ଜୀବନ ଆଶେ ।
କାନ୍ତ କାନ୍ତା ଭାବେ କେଳି ଲାଳସେ ॥
ରାକ୍ଷସ ଏଣେ କନ୍ୟା ରମଣେ ।
ଲୋଡ଼ନ୍ତେ ବାଳୀ କହେ ବିସ୍ମରଣେ ॥
ଯେବଣ ଦ୍ୱିଜ ଦେଖିଲି ଆଜ ।
ତାକୁ ଆଣିଲେ ହେବ ଶୁଭ କାର୍ଯ୍ୟ ॥
ବିଭା ହୁଅସି ଭୋଗ କରସି ।
ଅବଶ୍ୟ ଛୁଇଁଲେ ଧର୍ମ ବିନାଶି ॥
ସେ ବିପ୍ର ଥାଇ ବିଭା କରାଇ ।
ଖାଅବା ରଖିବା ତୁମ୍ଭ ବଢ଼ାଇ ॥
କୁମାରୀ ବାଣୀ ମଧୁର ଶୁଣି ।
ବଶ ହୋଇଲେ ବ୍ରାହ୍ମଣ ଆଣି ॥
ଗମିଲା ବେଗେ ବିପ୍ରର ସଙ୍ଗେ ।
ଦେଖିଲା ନିଜ ପ୍ରିୟା କେଳି ରଙ୍ଗେ ॥
ଧାଇଁଲା କୋପେ ବେନି ସମୀପେ ।
ଗମନ ଛନ ଛନ ମହୀ କମ୍ପେ ॥
ତାର ରମଣୀ ଥିଲା ଯେ ଜାଣି ।
ରାକ୍ଷସ ମୃତ୍ୟୁଭେଦ ପରମାଣି ॥
ଶିକଡ଼ ଥିଲା ବିପ୍ରକୁ ଦେଲା ।
ମାତନ୍ତେ ତୋଳି ଦୁଷ୍ଟ ଜଳିଗଲା ॥
ଦେବେ ହରଷେ ପୁଷ୍ପ ବରଷେ ।
ବେନି ଜନ ମିଳି ସେ କନ୍ୟା ପାଶେ ॥
ନିର୍ଭୟେ କରି ନୃପ କୁମାରୀ ।
ବୋଇଲେ ଗୁଡ଼ିବା ଯେ ମୋର ପୁରୀ ॥

ରାକ୍ଷସୀ ତହିଁ ହସ୍ତିନୀ ହୋଇ ।
ଚଳିଲା ଦୁହିଁଙ୍କ ପୃଷ୍ଠେ ବସାଇ ॥
ସେ ରାଜ୍ୟ ଲୋକେ କନ୍ୟାର ଶୋକେ ।
ଦେଶ ବିଦେଶ ଲୋଡ଼ନ୍ତି ଉତ୍ସୁକେ ॥
ଯୋଗେଣ ଭେଟ ଗଙ୍ଗାର ତଟ ।
ବେଦନ ଶୁଣି ମିଳିଲେ ନିକଟ ॥
ସେ ରାଜାରାଣୀ ଅଇଲେ ଶୁଣି ।
ଦୁହିତା କହନ୍ତି ସକଳ ଜାଣି ॥
ରାକ୍ଷସୀ ବୋଧି ବିପ୍ରକୁ ବନ୍ଧ ।
କନ୍ୟା ବିଭାକଲେ ନିତ୍ୟ ସମ୍ପାଦ ॥
ବସ୍ତ୍ର କନକ ଧନ ଅନେକ ।
ଅବନ୍ତୀ ପୁରେ ଚଳେ ଜଉତୁକ ॥
ମେଘା ରାକ୍ଷସ ସଞ୍ଚିଲା କୋଷ ।
ସକଳ ଘେନି ଅବନ୍ତୀ ପ୍ରବେଶ ॥
ମିତ୍ର ବାନ୍ଧବେ ପୀରତି ଭାବେ ।
ପୂର୍ବ ଭାରିଜା ଶୁଣି ମନ କ୍ଷୋଭେ ॥
କପାଇଁ ମୁହିଁ ଗର୍ବକୁ ବହି ।
ମାଗିଲେ ଅଙ୍ଗ ଆଏ ନ ଦେଲଇଁ ॥
ପିତାର ଘରେ ଧନକ ସରେ ।
ସେତ୍ତିକ ଆଦର କରିବେ ମୋରେ ॥
ଯୁବତୀ ଯେତେ ଅଛ ଜଗତେ ।
ମାନ ଗରବ ନ କରିବ କାନ୍ତେ ॥
ଏମନ୍ତେ ତହୁଁ ସନ୍ତାପି ହୋଇ ।
କେତେ ଦିନେ ପୁଣ କାନ୍ତ ନିଆଇ ॥
ଭଗିନୀ ଆସି ରାଇକ ତୋଷି ।
ବେହୂକୁ ବୋଧି ଭବନେ ନିବେଶି ॥
କାନ୍ତ ଅଦରେ ସପତ୍ନୀରେ ।
ପୂର୍ବ ଚରିତ କହଇ ହାସରେ ॥
ମନ୍ତ୍ର ଶୁଣି ସେହୁ ବ୍ରାହ୍ମଣୀ ।
ମୃତ୍ୟୁ ଲଭିଣ ଗଲା ସଞ୍ଜୀବନୀ ॥
ଏ ଅପରାଧ ଯାତନା ମଧ୍ୟେ ।
କାନ୍ତ କଲା ସ୍ୱାମୀ ସୁଖ ବିରୋଧେ ॥
ପତି ଭଗତି ସେ ସନ୍ଧ୍ୟାବତୀ ।
ହୁଅନ୍ତେ ପୁଣ ସେ ହେଲା ଯୁବତୀ ॥

ବଲ୍ଲଭ ସୁଖ ଖଣ୍ଡନେ ଦୁଃଖ ।
ବଲ୍ଲଭ ଭକ୍ତିରେ ଏମନ୍ତ ଦେଖ ॥
ସେ ଦ୍ୱିଜୋତ୍ତମ ଗୋବିନ୍ଦ ନାମ ।
ସୁମରିବା ମାତ୍ରେ ଏତେ ଉତ୍ତମ ॥
ନଳକୁବେରେ ନାରଦ ବୋଲେ ।
ଉକତ ରୁକ୍ମାଙ୍ଗଦ ନାରଦରେ ॥
ଏବେ ଶ୍ରୀମନ୍ତ କଥା ସଙ୍ଗତ ।
କହିଲୁଁ ରଙ୍ଗଦେବୀଙ୍କ ଉକତ ॥
କଥା ବଢ଼ିଲେ ବ୍ୟଥା ଛାଡ଼ିଲେ ।
ରାଣ୍ଡା ଶୁଣି ମାନ ଜ୍ୱର ତେଜିଲେ ॥
ଏମନ୍ତେ ନିଶି ତ୍ରିଯାମ ଆସି ।
ଭୃଙ୍ଗବିଦ୍ୟା ତହିଁ ତୁଳସୀ ଭାଷି ॥
ଶେଷ ପ୍ରହର ତୁମ୍ଭ ଜାଗର ।
କହସି କଥା ବ୍ୟଥା ହେଉ ଦୂର ॥
ସେ ଭୃଙ୍ଗବିଦ୍ୟା ରସେ ପ୍ରସିଦ୍ଧା ।
ବୋଲେ କି କଥା କହିବ ପ୍ରମଦା ॥
ସମ୍ଭୋଗମୟୀ କହିଲେ ଏହି ॥
ତୁମ୍ଭେ କହ ଏବେ ତଦ୍ଭାବମୟୀ ॥
ନଳ ଦମୟନ୍ତୀ ସତୀ ସାବିତ୍ରୀ ॥
ଏଥି ମଧ୍ୟେ କି କହିବ ବୋଲନ୍ତି ॥
ଜେମା ପ୍ରସନ୍ନେ ତୁଳସୀ ଭଣେ ।
ନଳ ଦାରୁଣ ଦମ୍ପତି କର୍ଷଣେ ॥
ଶୁଣିଛୁଁ ପୂର୍ବେ ଶରଧା ଏବେ ।
ସତୀ ସାବିତ୍ରୀ କଥା କହ ଭାବେ ॥
ଶରଧା ରାଣ୍ଡ ଜାଣି ସେ କହି ।
ହୁଁ ହୁଁ କରନ୍ତି ଚନ୍ଦ୍ରରେଖା ତହିଁ ॥
କାଞ୍ଚି ଭୁବନ ଧର୍ମ କେତନ ।
ନାମେଣ ରାଜା ଧର୍ମ ପରାୟଣ ॥
ତାର ଦୁହିତା ନାମ ସାବିତ୍ରୀ ।
ସୁମତି ରାଣୀ ଗର୍ଭ ଉତପତ୍ତି ॥
ରୂପ ସୁନ୍ଦରୀ ହେମ ଗଉରୀ ।
ସମାନ ବର ନପାଇ ନବରି ।
ଗଛ ଅଏଁଳା କୁଙ୍କୁମ ଗୋଳା
ବୁହାଇ ଉଦଧାର ନବବାଳା ॥

ଯେ ଅବା ଯାଇ ବନ୍ଦମି ଡେଇଁ ।
କାନ୍ତ କର ତାକୁ ବରଣ ମୂର୍ତ୍ତି ॥
ସତ୍ୟନିବାର ସାକ୍ଷୀ ନିଧାର ।
ବନ୍ଦମି ନୁହେଁ ବହୁତ ବସ୍ତାର ॥
ଦେଖି ନୃପତି ପାଇଲେ ଖ୍ୟାତି ।
କେଅବା ଡେଇଁ ଯିବ ପାଦଗତି ॥
ଏମନ୍ତେ କେତେ ଦିନର ଅନ୍ତେ ।
ଶ୍ରେଷ୍ଠା ଗୋଷ୍ଠୀଏ ପଥ ବହିଯାନ୍ତେ ॥
ତଟରେ ରହି ବସ୍ତର ପାଇ ।
କେମନ୍ତେ ଧାର ଯିବ ପାରହୋଇ ॥
ନୁହଇ ନଦୀ ସାଗର ଭେଦ ।
ବହୁଛି କାହାର ତନୁ ସୁଗନ୍ଧି
ଏହୋଷକୃତେ ପଶି କେମନ୍ତେ ।
ଆଶୁକ ପାଣିରେ ବୁଡ଼ିଣା ମୋତେ ॥
ଏମନ୍ତ ଚିନ୍ତି ଆକୁଳ ମତି ।
ନଯାଇ ହର ବୋଲେ ଉଠେ ଅତି ॥
ଚଣ୍ଡ ପବନେ ପଙ୍ଗୁ ଗମନେ ।
ରେଣୁ ପାର ହେଲା ଦେଖିଲେ ଜନେ ॥
ମେଡରେ ରହି ସାବିତ୍ରୀ ରୂପିଁ ।
ଦେଖିଲା ପଙ୍ଗୁ ତନଧାର ଡେଇଁ ॥
ଯିତା ଜଣାଲ ମେଢୁଁ ଓହ୍ଲାଇ ।
ବରଲେ ପଙ୍ଗୁ କଣ୍ଠେ ମାଳା ଦେଇ ॥
ଦେଖିଣ ଜନ ବିକଳ ମନ ।
କେ ବୋଲେ ପୂର୍ବେ ଯେ ଯାହା ଅଧୀନ ॥
ସତ୍ୟ ପାଳିଲେ ବିଭା ହୋଇଲେ ।
ସେ ଦିନୁ ସତୀ ସାବିତ୍ରୀ ବୋଇଲେ ॥
ଉଚ୍ଚେ ନିବାସେ ରହେ ହରଷେ ।
କର୍ମ ଆଦର ରହେ ପଙ୍ଗୁ ପାଶେ ॥
ସତୀ ସାବିତ୍ରୀ ଆରାଧି ପତି ।
ଚଢ଼ ଖାଟରେ ହୋଇ ଆସକତି ॥

ଏମନ୍ତେ କେତେ ଦିନର ଅନ୍ତେ ।
ପଙ୍ଗୁ ଦେଖିଲା ଗଣିକା ଯାଆନ୍ତେ ॥
ମଦନେ କ୍ଷୀଣ ବିଷାଦ ମନ ।
ନରୁଚଇ ସୁଖଭୋଗ ଭୋଜନ ॥
ସେ ପତିବ୍ରତା କାନ୍ତର ଚିନ୍ତା ।
ଦୁଃଖେ ଦୁଃଖୀ ହୋଇ ପୁଚ୍ଛେ ବନିତା ॥
ସେ ପଙ୍ଗୁ କହି ଶୁଣ ଗୋ ସତି ।
ବେଶ୍ୟା ନାରୀ ନେଲେ ମୋ ମନ ମୋହି ॥
ଏତେକ କହି ମଉନେ ରହି ।
ମଦନ କଦନେ ଲୋତକ ବହି ॥
କହେ ସାବିତ୍ରୀ ଯେ ତୁମ୍ଭ ପ୍ରୀତି ।
କରିବି ନିଷ୍ଠେ ନୁହ ଖେଦମତି ॥
ଏମନ୍ତ କହି ଚଉଭାବମୟୀ ।
ରାତ୍ର ପହରେ ଥାଉଁ ଉଠିଯାଇ ॥
ବେଶ୍ୟା ଦୁଆରେ ନିତି ପହଁରେ ।
ଚନ୍ଦନ ଛଡ଼ା ଦେଇ ଆସେ ପୁରେ ॥
ସେ ବେଶ୍ୟା ନାରୀ ଦେଖି ବିସ୍ମିତ ।
ରାତ୍ରହିଁ ଆସି କେହୁ ଏହା କରି ॥
ଜାଣିବା ପାଇଁ ଜଗିଣ ରହି ।
ସତୀ ସାବିତ୍ରୀ କର ଧରେ ଯାଇଁ ॥
ବୋଲେ ତୁମ୍ଭର ନୁହେଁ ବେଭାର ।
କି କାର୍ଯ୍ୟ ତୁମ୍ଭେ କହ ମୋ ଆଗର ॥
ବୋଲେ ସାବିତ୍ରୀ ମୋହର ପତି ।
ତୁମ୍ଭଙ୍କୁ ଦେଖି ବଳାଇଲା ମତି ॥
ଏହି ନିମିତ୍ତେ ସେବଇଁ ନିତ୍ୟ ।
ପତି ଦାନକୁ ଦେବ ତୁମ୍ଭେ ମତେ ॥
ଧନ ବସନ ଆଣିଛି ଯେଉନ ।
କାନ୍ତି ସମର୍ପି ଅଙ୍ଗ ଆଭରଣ ॥
ବେଶ୍ୟା ତରୁଣୀ ବୋଲଇ ରାଣୀ ।
ହୋଇଲା ଶୁଝିବ ଆଜ ରଜନୀ ॥
ତାକୁ ମନାଇ କାନ୍ତେ ଜଣାଇ ।
ନିଶିରେ ପତି କାନ୍ଧେ ବହି ନେଇ ॥
ବେଶ୍ୟା ପାଶରେ ପ୍ରବେଶ କରେ ।
ମିଳାଇ ଜଗି ରହିଲା ଦୁଆରେ ॥
ଅଳପ ରାତି କେତେ ପୀରତି ।
ପଙ୍ଗୁ ଚିନ୍ତାରେ ଉତ୍କଣ୍ଠ ମତି ॥
ବଲ୍ଲଭ ଚିନ୍ତା ସେ ପତିବ୍ରତା ।
ଜାଣି ସୁମରଣା କଲା ବିଧାତା ॥

ଗଣିକା ପ୍ରୀତି ମୋ ପତି ରତି ।
ଆଜ ରାଣୀ ହେଉ ସପତି ରାତି
ଉପପତି ହେଉ ରଜନୀ ପାନ୍ଥ ।
ମୁଁ ଯେବେ ପତିବ୍ରତା ଆନ ନୋହୁ ॥
ସଙ୍ଗୀ ସାବନୀ ବଚନ ଯେତି ।
ଏକା ରାତି ହେଲା ସପତି ରାତି ॥
ପଙ୍କୁ ଉପପତି ପାଇଲା ରାତି ।
ପତି ଯେନ ପୂରେ ଚଳେ ସାବନୀ ॥
ଯେଉଁ ଅଙ୍ଗନା କାନ୍ତ କାମନା ।
ପୂରାଇ ତାକୁ ବୋଲି ତଦମନା ॥
ପୁରାଣ କଥା ଭୁଟିଲ ବ୍ୟଥା ।
ସଙ୍କୋଚେ ଜେମା ନ ତୋଳନ୍ତି ମଥା ॥
ଶ୍ବଶୁରେ ମନ କୃଷ୍ଣରେ ମାନ ।
ଅପରାଧେ ହେଲ ଗର୍ବଗଞ୍ଜନ ॥
କାଲି କେମନ୍ତେ କୃଷ୍ଣ ସଙ୍ଗତେ ।
ମିଳିବ ବସନ୍ତ ଉତ୍ସବ ଯାତେ ॥
ଏମନ୍ତ ଚିନ୍ତେ ଚନ୍ଦ୍ରଲ ମାତେ ।
ଜାଣିଲେ ସଜ୍ଜା ପ୍ରସନ୍ନ ଗାତ୍ରେ ॥
ପାଇଲେ ନିଶି ହସ ପ୍ରକାଶି ।
ଶଶୀ ତାରାଗଣ ମଳିନ ହସି ॥
ନୂପୁରଳଣା ମନ ଫୁଲଣା ।
ଶଯ୍ୟା ତେଜି ବେଗେ ହୁଏ ମାଜଣା ॥
ଦନ୍ତ ଘଷାଇ ସୁବେଶ ହୋଇ ।
ବସନ୍ତ ଉତ୍ସବ କାନନେ ଯାଇ ॥
ଦିନାନ୍ତ କାଳେ ଯମୁନା କୂଳେ ।
ଧୀର ସମୀର ବନ ପରିମଳେ ॥
କାନନ ବୁଲି କୁସୁମ ତୋଳି ।
ମଦନ ମତ୍ତେ ଏକ ଆରେ ଛଳି ॥
ବୃନ୍ଦା କହନ୍ତେ କୃଷ୍ଣ ଭୂଶତେ ।
ବିଜେ କଲେ କୁଞ୍ଜ ରାଣୀ ପୁରତେ ॥
ମାଧବୀ କୁଞ୍ଜେ ସଖୀ ସମାଜେ ।
ବସି ରାଣୀ ମଧ୍ୟ ଚରେ କରଜେ ॥
କୃଷ୍ଣଙ୍କୁ ଦେଖି ଉର ଦମକ ।
ଲାଜେ ବଦନ ନପାରଇ ଟେକ ॥

ସଖୀ ଇଙ୍ଗିତେ ରାଣୀ ଅଗ୍ରତେ ।
କୃଷ୍ଣ ଗୂଢ଼ କହେ ବିନୟ ମତେ ॥
ଗୋ ପ୍ରାଣ ପ୍ରିୟେ କର ସଦୟେ ।
ମଦନ ଅନଳ ଦହଇ କାୟେ ॥
ତେଜସି ମାନ ହୁଅ ପ୍ରସନ୍ନ ।
ଦିଅସି ମୁଖ-ପଦ୍ମ-ମଧୁ ପାନ ॥
ବଦନ-ଶଶୀ କିଞ୍ଚିତେ ହସି ।
ଦନ୍ତ ରୁଚିର କିରଣ ବିକାଶି ॥
କାମ ଅନ୍ଧାର ହେଉସେ ଦୂର ।
ତୋଷ ହେଉ ମୁହିଁ ଚକ୍ଷୁ ଚକୋର ।
ନିଶ୍ଚେ କୋପିଣୀ ମୋ ଦୋଷ ଘେନ ।
ଦଣ୍ଡଦେବ ଯାହା କହଇ ପୁଣି ॥
ତୀକ୍ଷ୍ଣ ତୋହର ନୟନ ଶର ।
ଭେଦ ଛାତୁରେ ମୋର ଘାତ କର ॥
ଭୁଜ ବନ୍ଧନ ଗଣ୍ଡେ ରଦନ ।
ଖଣ୍ଡନକର ଯେଣେ ତୋଷମନ ॥
ତୁ ମୋର ପ୍ରାଣ ଅଙ୍ଗ ଭୂଷଣ ।
ମଦନ କେଳି-ଜଳଧି-ରତନ ॥
ନେସ ନଳିନ ମଦନ ବାଣ ।
ମୋର ରୁଧିରେ ଏ ଶୋଣିତ ବର୍ଣ୍ଣ ॥
ଭିଡ ରୂରୁଶୀଳେ କୁଚ ମଣ୍ଡଳେ ।
ଲମ୍ବାଅ ମଣି ମୋତିବର ମାଳେ ॥
ଘନ ଜଘନେ ଖଞ୍ଜ ଯତନେ ।
ରସନା କାମ ଆଦେଶ ଘୋଷଣେ ॥
ପାଦଯୁଗଳ ସ୍ଥଳ କମଳ ।
ରଞ୍ଜି ରଞ୍ଜାଇ ମୋ ହୃଦ-ମଣ୍ଡଳ ॥
ସୁରତି ରଙ୍ଗେ ଯେ ଅନୁରାଗେ ।
ଅଳତା ଦେବ ସେ ପାଦସୁରଙ୍ଗେ ॥
ସ୍ମର-ଗରଳ ଖଣ୍ଡସି ମୋର ।
ପାଦପଲ୍ଲବ ଦେଇ ମଣ୍ଡ ଶିର ॥
ତନୁ ପ୍ରଜ୍ୱଳ ହେଉ ଶୀତଳ ।
ଦାରୁଣ ମଦନ କଦନାନଳ ॥
ତୁ ମୋର ସ୍ୱତ୍ୱ କରସି ବାନ୍ଧ ।
ଚରଣେ ଶରଣ ପଶିଲି ମୁହିଁ ॥

ଏମନ୍ତ ବୋଲି ଶ୍ରୀ ବନମାଳୀ ।
ପାଦକୁ ପାଣି ବଢ଼ାଇଲେ ସେବାଳୀ ॥
ମୋଦ ଘୁଞ୍ଚାଇ ବାସେ ଲୁଗୁଇ ।
ମାନ ମୁଖ ମନ୍ଦହାସେ ବଞ୍ଚାଇ ॥
କାନ୍ତ ବଦନ ଅବଲୋକନ ।
ଘନ ଘନ ଅଙ୍ଗେ ପୀଡ଼େ ମଦନ ॥
ସଖୀଙ୍କି ଲାଜେ କହନ୍ତି ବ୍ୟାଜେ ।
ଉଠ ଚାଲ ଯିବା ସଦନମାଝେ ॥
ନୃପ ଦୁଲ୍ଲଣୀ ମନକୁ ଜାଣି ।
କୃଷ୍ଣଙ୍କୁ ସଜନୀ କହନ୍ତି ପୁଣି ॥
କୁଞ୍ଜ ସଙ୍କେତେ ଯାଅ ଗୁପତେ ।
ରାଧିକା ଭେଟିବ ପ୍ରଦୋଷଅନ୍ତେ ॥
ଜେମାକୁ ଘେନି ସଜନୀ କହି ।
କୃଷ୍ଣଙ୍କୁ ମାନ ନକର ଲୋ ସହି ॥
ଏ ଯୁବାଚନ୍ଦ୍ର ମାଧବ ବନ୍ଧୁ ।
ବିଅର୍ଥ ହେବ ଦନ୍ତବ ଅଚନ୍ଦୁ ॥
ଅଙ୍ଗ ଭୂଷଣ ଅମୃତାଶନ ।
ସୁଖ ଭୋଗ ସବୁ ବିଷ ସମାନ ॥
ତୋଳସି ମଥା ହସିଣ କଥା ।
କହସି ହରି ଶୁଣି ଯାଉ ବ୍ୟଥା ॥
ସଖୀ କହନ୍ତେ ନୟନ ଅନ୍ତେ ।
ଚାହିଁ ଦରହାସ ବିମ୍ବାଧର ରାସେ ॥

ମାଧବ ଅଙ୍ଗେ ମଦନ ସଙ୍ଗ ।
ଭେଟନ୍ତେ ଗଲେ କଳ୍ପତରୁକୁଞ୍ଜ ॥
ଶଯ୍ୟାକୁ ରଚି କୁସୁମ ସିଞ୍ଚି ।
ପ୍ରାଣ ପ୍ରିୟା ରତିରସକୁ ସଞ୍ଚି ॥
ପ୍ରଦୋଷେ ରାଣୀ ସୁବେଶ ହୋଇ ।
ଅଭିସାର କଲେ ଉତ୍ସାହ ବହି ॥
ଚିର ବିଚ୍ଛେଦ ମନ ବିଷାଦ ।
ଦୁଃଖ ଏଡ଼ି ବୁଡ଼ି ସୁଖ-ସମୁଦ୍ର ॥
ମାଧବ ପାଶେ ମିଳିଲ ହରଷେ ।
ଚଉଚକ୍ଷୁ ଭେଟ ମଧୁର ହାସେ ॥
ସଜନୀ ରହି ଅନ୍ତର ହୋଇ ।
କେବଳ ସଙ୍ଗେ ଅନଙ୍ଗ ଅଛଇ ॥
ଶଯ୍ୟା ଉପରେ ବିଜେସୁ କରେ ।
ବେନି ମନ ଏକ କେଳିରସରେ ॥
ବ୍ରଜବିହାର ଅଷ୍ଟ ବୋଲିର ।
ପୂର୍ବଭାଗ ପୂର୍ଣ୍ଣ ଅମୃତ ସାର ॥
ଶ୍ରୀଜୟଦେବେ କହେ ଯା ପୂର୍ବେ ।
ସେହି ଅବଶେଷ ରଚଇ ଏବେ ॥
ସୁଜନ ଜନ କର ଶ୍ରବଣ ।
ଦାଶରଥି ଦାସ ଦୋଷ ନ ଘେନ ॥

ଇତି ଶ୍ରୀ ପୂର୍ବ ବିଭାଗ ସମ୍ପୂର୍ଣ୍ଣ ।

—o—

## ଅଷ୍ଟମ ବୋଲି ଦ୍ୱିତୀୟ ବିଭାଗ

ଯଥା ବାଣୀରେ ଗାଇବ ।

ସାଧୁଜନେ ଏଣେ କର୍ଣ୍ଣ ଦିଅ ।
ବ୍ରଜବିହାର ଅମୃତ ପିଅଁ ॥
ଅଷ୍ଟମ ବୋଲି ପର ବିଭାଗ ।
ଦଶ ଅକ୍ଷରେ ଛାନ୍ଦ ସଂଯୋଗ ॥
ନଳକୂବରେ ନାରଦ କହେ ।
ଶେଷ ବସନ୍ତ ଏମନ୍ତ ହୁଏ ॥
ନବ ନିଦାଘ ଋତୁ ପ୍ରବେଶ ।
ଅତି ଗ୍ରୀଷ୍ମ ଦୀର୍ଘ ଦିବସ ॥

ନଭେ ପ୍ରଚଣ୍ଡ ଏଚଣ୍ଡକର ।
ଦଶ ଦିଶରେ ଖର ପ୍ରଖର ॥
ସରଶୁଖି ପଙ୍କିଳ ଫାଟିଲେ ।
ନଦୀନଦ ପ୍ରବାହ ତୁଟିଲେ ॥
ଦାବାନଳେ କାନନ ଦହନ ।
ବହେ ପ୍ରଖର ଝଞ୍ଜା ପବନ ॥
ଲତାତରୁ ଗଣ ଝାଉଁଳିଲେ ।
ନବଦଳ ଫୁଲ ମଉଳିଲେ ॥

ଭୁମି ଝାଗର ରପରଣମସ୍ୱେ ।
ରେଣୁ ଅଗ୍ନି କଣିକା ପରସ୍ୱେ ॥
ପଥ ନଗ୍ଳଲ ପଥିକ ଡରେ ।
ଚରୁଚଳଗ୍ଢଇ ଆଶାକରେ ॥
ମାର ନକୁଞ୍ଜେ ମୃଗ ବଞ୍ଚନ୍ତି ।
ମୀନ ଗମ୍ଭୀର ଜଳେ ଲୁଚନ୍ତି ॥
ମଧ୍ୟଗତେ ମହାତେଜା ରବ ।
ଗୃହ୍ଣି ନ ପାରେ ପ୍ରଚଣ୍ଡ ଛବ ।
ଜଳ ଯନ୍ତ୍ର ଉଷିର ସେବନେ ।
ଶ୍ୟାମା ରମଣୀ କୁଚ ଚନ୍ଦନେ ॥
ଶୀତ ବାତ ଆଳଝ ବଞ୍ଜଣୀ ।
ଦନ ବଞ୍ଚନ୍ତି ଯେ ସୁଖୀ ପ୍ରାଣୀ ।
ମୃଗତୃଷ୍ଣା ଦେଖି ମୃଗ ଧାମେ ॥
ଜଳ ପ୍ରାପ୍ତ ମଣି ପରଶ୍ରମେ ॥
ଯେହ୍ନେ ସଂସାରେ ଅଜ୍ଞାନୀ ଜନେ ।
ମିଥ୍ୟା କଥା ସତ୍ୟ ପ୍ରାପ୍ତ ହେନ୍ତେ ॥
ଦନ ଅନ୍ତେ ହୁଏ ମନୋରମ ।
ଧୀର ପବନ ଗ୍ରୀଷ୍ମ ଆରମ ॥
ମଲ୍ଲିଚକା ନ ଶବା ଗ୍ଳଡ଼ଲେ ।
ଆମ୍ବ ପଣସ ପାଚ ଝଡ଼ଲେ ॥
ପଥେ ପାଣି ପଣା ଛତ୍ରଦାନ ।
ମୁଖେ ଦଅନ୍ତି ସେ ମହାଜନ ॥
କ୍ଷଣ କ୍ଷଣକରେ ଗୁଳୁଗୁଳ ।
ଲୋକେ ନଶି ଶଶୀ ଆଶ୍ରେକର ॥
ବଞ୍ଜଣୀ କ ନାହିଁ ଅବସର ।
ଝାଳ ଗଳଇ ସର୍ବଶରୀର ॥
ଶୀତ ଉପଚ୍ଚରେ ତୋଷମନ ।
ରୁଚେ ଶୀତ ପ୍ରପାନ ଅସନ ॥
ଏଣୁକାଳେ ଗୋପେ ଗୋପୀନାଥ ।
ସଙ୍ଗେ ଘେନଣ ଯୁବତୀ ଯୂଥ ॥
ଯମୁନ ରେ ପଶି ଜଳକେଳ ।
କୃଷ୍ଣପରେ ଶୀତଜଳ ଢ଼ାଳ ॥
ନବକାମ ରଜନ ରସିକ ।
କୁଚ-କୁମ୍ଭେ ହୁଏ ଅଭିଷେକ ।

ଗ୍ରୀଷ୍ମ ପୀଡ଼ ବାଡ଼ ମନେ ହର ।
ଜଳଯନ୍ତ୍ର ବଢନ ମନ୍ଦର ॥
ଜଳ ଉଠେ ନାନା କଉତୁକେ ।
ଲତା ପଲ୍ଲବ ପୁଷ୍ପ ସ୍ତବକେ ॥
ଦନାନ୍ତରେ ତାପ ଜଳମଧ୍ୟେ ।
କୃଷ୍ଣ ବନ୍ଦରେ ଗୋପୀକାବୃନ୍ଦେ ॥
ମାରେ ପିଚକା ଚନ୍ଦନ-ନୀରେ ।
ଗୋପୀ ଘନକୁଚ ଯୁଗପରେ ॥
ଉରଦେଶରେ ଶମ୍ଭୁ ଅନେକ ।
ଜାଣି ରସାଣ ଶୁଦ୍ଧ କନକ ॥
ଅଭିଷେକେ ଦଗମ୍ବର ସେବେ ।
ନେତ୍ର ନୀଳୋତ୍ପଳେ ପୂଜେ ଭାବେ ॥
ପାଣି ପଦ୍ମ ପୁଣପୁଣ ଦଏ ।
ନଖକ୍ଷତ ଖଣ୍ଡଚନ୍ଦ୍ର ଶୋଭେ ॥
ରାଧା ଘେନ ରାଧାକୁଣ୍ଡ ମାଝେ ।
ଗ୍ରୀଷ୍ମ ମଣ୍ଡପ ଉପରେ ବଜେ ॥
ଏମନ୍ତେଣ ଏ ସକଳ ଲୀଳା ।
କେତେବେଳେ ସଖୀ ସଙ୍ଗେମେଳା ॥
ବପ୍ର କାମିନୀ ନସ୍ତାର ପାଇଁ ।
ବନେ ବଜସ୍ୱେ ଗାବ ଚରାଇ ॥
ବଇଶାଖ ଶୁକଳ ଦ୍ୱାଦଶୀ ।
ଗାବ ଦୁହାଁନ୍ତି ନ ପାହୁଁ ନଶି ॥
ସଙ୍ଗେ ଗୋଧନ ଗୋପାଳ ଘେନ ।
ରଙ୍ଗେ ବନେକଲେ ଭାଇ ବେନ ॥
ଖରା ନକରୁଁ ବେଗରେ ଚଳେ ।
ଶିଙ୍ଗା ବେଣୁ ଶୁଣି ପୁଏ ମିଳେ ॥
ତରତରେ ପନ୍ଥରେ ଗୋଡ଼ାଇ ।
ଗାବ ଗହନ ବନେ ଅଡ଼ାଇ ॥
କାଳୀ ହ୍ରଦ ଉତ୍ତର ବଭାଗେ ।
ଘନ ଅଶୋକ ବପିନ ଲାଗେ ॥
ଶୀତଳ ଜଳ ତୃଣକୁ ପାଇ ।
ସୁଖେ ଚରାଇଲେ ତହିଁ ଗାଈ ॥
ବନ କୁସୁମ କୁମାରେ ତୋଳ ।
ନାନା ପରବନ୍ଧେ ଗୁନ୍ଥେ ମାଳୀ ॥

ରାମ କୃଷ୍ଣଙ୍କୁ ଆଗରେ ଦେଇ ।
ଫୁଲ ଅଳଙ୍କାର ବେଶ ହୋଇ ॥
ନଟବର ରୁଚିର କାଛେଣି ।
ନୃତ୍ୟରଙ୍ଗେ ଏକ ଆରେ ଜିଣି ॥
ଉଚ୍ଚସ୍ୱରେ କେ ଗାୟନ କରେ ।
କେହୁ ଗାବଇ ଲଳିତ ସ୍ୱରେ ॥
ତାଳ ମୃଦଙ୍ଗ ଅମୃତ ବୀଣା ।
ଏକବାଦ୍ୟ ଆରକକୁ ଜିଣା ॥
ବନ ପୂରିଲେ ମଧୁର ସ୍ୱନେ ।
ଗୀତ ଶୁଣି ବନଜୀବ ମାନେ ॥
ଗାବ ତୃଣ ଧରି କଣ୍ଠ ଡେରି ।
ନଦୀ ଉଜାଣି ବହିଣ ପୂରି ॥
ବନେ ବହିଲେ କୂଳକୁ ଲଙ୍ଘି ।
ରାଧା ମାଧବ ଚରଣେ ଲାଗି ॥
ସୁଖେ ସବେ ଜଳ ପାନ କଲେ ।
ତୃଷା ନାଶି ସବେ ତୋଷିହେଲେ ॥
ଅତି ଆଶ୍ଚର୍ଯ୍ୟ କର୍ମକୁ ଦେଖି ।
ଗୋପସୁତେ ମନେ ମହା ସୁଖୀ ॥
ଏମନ୍ତେଣ ମଧ୍ୟଗତେ ରବି ।
ବେଳକୁଁ ବେଳ ସେ ତାପିତ ଭୂବି ॥
ଗୋପପୁଏ ରାମକୃଷ୍ଣ ସଙ୍ଗେ ।
ଶ୍ରମ ଭୂଷିତ ହୋଇଣ ଅଙ୍ଗେ ॥
କ୍ଷୁଧାଭରେଣ ଆକୁଳ ହୋଇ ।
କରଯୋଡ଼ି କୁମାରେ ଜଣାଇ ॥
ଆଜ ସସହୁଁ ବନ ଗମନ ।
କେହୁ ଆଣି ନାହୁଁ ସଂଙ୍ଗେ ଅନ୍ନ ॥
ଭୋକ ଲାଗିଲା ନଚଳେ ଦେହ ।
ଏବେ କବୁଦ୍ଧି କରିବୁଁ କହ ॥
ଘର ନିକଟ ନୁହଇ ଯିବୁଁ ।
ଭୋକ ସହିଣ କେମନ୍ତେ ଥିବୁଁ ॥
ଆଜ ଆଣିଲ ଅଶୋକ ବନେ ।
ଶୋକ ଜାତ ହେଉଅଛି ମନେ ॥
କେଳ କରୁଛ ସନ୍ତାନ ତଳେ ।
ଗୋପ ସନ୍ତାନ ନାଶିଲ ତାଳେ ॥

ଶୁଣି ରାମକୃଷ୍ଣ ବେନି ଭାଇ ।
ବିମ୍ବାଧରେ ହସ ହସ ହୋଇ ॥
ରାମ ବୋଲନ୍ତି ଆରେତ ନୁହ ।
ଅନ୍ନ ଭୁଞ୍ଜିବ କ୍ଷଣକେ ରହ ॥
ଗାବ ରକ୍ଷି ହୋଇଛ ବାହାର ।
ଫଳମୂଳ ସେ ଜଳ ଆହାର ॥
ଲୋଡ଼ି ଯେଥା ଅନୁରୂପେ ଆଣ ।
ଭୁଞ୍ଜି ରଖ ଆଜ ନିଜ ପ୍ରାଣ ॥
ପୁଏ ବୋଲନ୍ତି ହେ ରାମ ଶୁଣ ।
ନୁହେ ତାଳ କପିତ୍ଥ ଏ ବନ ॥
ତରୁ ପଲ୍ଲବ ଘାଇ ଗହଳ ।
ଏଥି ମିଳିବ କାହିଁ ବା ଫଳ ॥
ଗୀତ ଗାୟନ ତୁମ୍ଭର ଶୁଣି ।
ନଦୀ ବହିଲା ଯେହ୍ନେ ଉଜାଣି ॥
ଜଳ ପିଇଁ ତୃଷା ଶାନ୍ତ ହେଲା ।
ଏଡ଼େ ଆଚମ୍ବିତ ଯେହୁ କଲା ॥
ଅନ୍ନ ସେହିରୂପେ ଏବେ ଆସୁ ।
ଭୁଞ୍ଜି ଆମ୍ଭର ଉଦର ତୋଷୁ ॥
କେହୁ ବୋଲଇ ଅନ୍ନ ବ୍ୟଞ୍ଜନ ।
କେହୁ ବୋଲେ ଘୃତଶାଳି ଅନ୍ନ ॥
କେହୁ ବୋଲନ୍ତି ମୂଣ ପାୟସ ।
କେହୁ ବୋଲେ ଦେବ ଷଡ଼ରସ ॥
ବାଳ ବଚନେ କରୁଣା ସିନ୍ଧୁ ।
ମନ୍ଦ ମନ୍ଦହାସେ ମୁଖବିଧୁ ।
ଭୃତ୍ୟ ବତ୍ସଳ ଉଡ଼ଇ ବାନା ।
ପୂର୍ଣ୍ଣ କରିବେ ନିଷ୍ଠ କାମନା ॥
ପାଶେ ଡାକି ଗୋପାଳଙ୍କୁ କହେ ।
ତୁମ୍ଭେ ଯାଅ ଖଣ୍ଡେ ଦୂର ଯାଏ ॥
ଏହି ବନ ଉତ୍ତର ବିଭାଗେ ।
ବିପ୍ରେ ଅଛନ୍ତି ସେ ମହାଯାଗେ ॥
ପୂର୍ଣ୍ଣ ଆହୁତି ଆଜର ଦିନ ।
ଶୁଭୁ ଅଛି ବେଦଧ୍ୱନିମାନ ॥
ତୁମ୍ଭେ ତୁରିତେ ତହିଁକି ଯାଅ ।
ମୋର ମାଗିଲା ବୋଲିଣ କହ ॥

ଯାଗ କର୍ମରେ ଏମନ୍ତ ଅଛି ।
ଯେହୁ ଯାହା ମାଗେ ମନେ ଇଚ୍ଛି ॥
ତତ୍କାଳେ ତାକୁ ତାହା ଦେଇ ।
ବିମୁଖରେ ଗଲେ ଫଳ ନାହିଁ ॥
ନିମନ୍ତ୍ରଣ କରସେ ଆମ୍ଭଙ୍କୁ ।
ଆମ୍ଭେ ଏବେ ପେଶୁଛୁଁ ତୁମ୍ଭଙ୍କୁ ।
ଏଣୁ ଆମ୍ଭ ମାଗିଲା କହିବ ।
ପାଇଁ ଅନ୍ନ ବ୍ୟଞ୍ଜନ ପାଇବ ॥
ଶୁଣି କୃଷ୍ଣ ବଚନ କୁମାରେ ।
ହେଲେ ଏକୁଆର ଆଗୁସାରେ ॥
ସେହି ଅଶୋକ ବିପିନେ ଚଳେ ।
ଯଗଶାଳେ ଯାଇ ବେଗେ ମିଳେ ॥
ଚିତ୍ର ବିଚିତ୍ର ସେ ଯାଗଶାଳ ।
ପୁର ମଣ୍ଡପେ ସେ ପରିମଳ ॥
ସର୍ବଦେବ ହବିର୍ଭାଗ ସ୍ଥାନ ।
ସମ ଦେବାକୁ ନାହିଁ ସେ ଆନ ॥
ଦ୍ୱିଜବର ଶୁଚିମନ୍ତ ହୋଇ ।
ଅଗ୍ନିମୁଖେ ଆହୁତିକା ଦେଇ ॥
ଯାଗାନେକେସ କୁଣ୍ଡ ସମୀପେ ।
ମନ୍ତ୍ର ଉଚ୍ଚରି ସମିଧ କ୍ଷେପେ ॥
ମହା ସମ୍ଭବ ଗୋପାଳେ ଚାହିଁ ।
କୃଷ୍ଣ ଗତି ତହିଁ ଆଉ ନାହିଁ ॥
ସୁଖ ପ୍ରଦ ନୁହଇ ମନକୁ ।
ଉଚେ କହନ୍ତି ବିପ୍ର ଜନଙ୍କୁ ॥
ରାମ କୃଷ୍ଣର ଆଜ୍ଞା ପ୍ରମାଣେ ।
ଆମ୍ଭେ ଅଇଲୁଁ ଏହି କାରଣେ ॥
ଆଜ ରାତ୍ରୁ ଅଇଲୁଁ ବନ ।
ସଙ୍ଗେ ଆଣି ନପାରିଲୁଁ ଅନ୍ନ ॥
ଏହି ବନେ ଚରାଉଁ ଗୋଧନ ।
ଦୂର ଏଠାକୁ ଗୋଷ୍ଠ ଭୁବନ ॥
ସେଠି ଅଛନ୍ତି ରାମ ମାଧବ ।
ଅନ୍ନ ପୁଡ଼ାଏ ଆମ୍ଭଙ୍କୁ ଦେବ ॥
କ୍ଷୁଧାଭରେ ଛାଇତଳେ ରହି ।
ଆମ୍ଭମାନଙ୍କୁ ପେଷିଲେ କହି ॥

ତୁମ୍ଭ ଅନ୍ନେ ଉଦର ପୋଷିବୁଁ ।
ଆମ୍ଭମାନଙ୍କ କ୍ଷୁଧା ନାଶିବୁଁ ॥
ନିମନ୍ତ୍ରଣ କରିଅଛ ପୁଣ ।
ଏବେ ଯାଚ କହିଲେ ନଶୁଣ ॥
ଶୁଣି ଦେବା ନଦେବା ନବୋଲେ ।
ଗୋପାଳଙ୍କ କଥା ନ ଶୁଣିଲେ ॥
ଫଳ କରଗତ ଆସି ହେଲେ ।
କର୍ମ ଆକୁଣ୍ଡ ପଣ୍ଡିତ ଭଲେ ॥
ପୁଏ ଆଶା ବଢ଼ାଇଣ କହି ।
ଗଲେ ନପାଇ ନିରସ ହୋଇ ॥
କ୍ଷୁଧାଭରେ କୁମାରେ ଲେଉଟି ।
ରାମ କୃଷ୍ଣଙ୍କୁ ଯାଇଣ ଭେଟି ॥
କ୍ଷୁଧାଭରେ ନପାରେ ଚଳିତ ।
ପୁଏ କହନ୍ତି ସର୍ବ ଚରିତ ॥
ଅନ୍ନ ମାଗିଲୁଁ ବିପ୍ରଙ୍କୁ ଯାଇ ।
ତୁମ୍ଭ ଦୁଇ ଭାଇ ନାମ କହି ॥
ଦେବା ନଦେବା ଯେ ନ ବୋଇଲେ ।
ଯାଗ କର୍ମେ ମହାମତ୍ତ ହେଲେ ॥
ତୁମ୍ଭ ମାଗିଲୁ ବୋଲି କହିଲୁଁ ।
ନ ଶୁଣିଲେ ନିରାଶ ଅଇଲୁଁ ॥
ଗୋପାଳଙ୍କ ତହୁଁ ରାମ ଶୁଣି ।
କ୍ରୋଧେ ଅରୁଣଲୋଚନ ବେନି ॥
ହସି କହନ୍ତି ସେ ଗୋପୀନାଥ ।
ଆଶ୍ୱାସିଣ ଗୋପାଳେ ପୁଅନ୍ତ ॥
ଏବେ ଆରବେଳେ ତୁମ୍ଭେ ଯାଅ ।
ବିପ୍ର କାମିନୀ ଗଣଙ୍କୁ କହ ॥
ସେହୁ ଜାଣନ୍ତି ଆମ୍ଭଙ୍କୁ ଭଲେ ।
ଅନ୍ନ ଦେବେ ସେ ତୁମ୍ଭେ ମାଗିଲେ ॥
ବିପ୍ରେ ଅଛନ୍ତି ସେ ଯଜ୍ଞ କର୍ମେ ।
ବିପ୍ରକାନ୍ତାଛନ୍ତି ଗୃହ ଧର୍ମେ ॥
ଦୁଃଖ ପାଇଥାଅ ତାଙ୍କ ଯାଏ ।
ସେ ଯେ କରିବେ ନିଷ୍ଟେ ସହାୟେ ॥
ସେହୁ ଜାଣନ୍ତି ମୋତେ ଭଲେ ।
ତୁମ୍ଭେ କହ ଯାଇ ଏକାବେଳେ ।

କର୍ଣ୍ଣେ ବ୍ରହ୍ମାଣୀ ଶୁଣିଲା ମାନସ ।।
ଅନ୍ନ ଯେବେ ଆସିବେ ତୁରିତେ ।
ଆଗେ ଭଦ ଲମ୍ଫା ଶଙ୍ଖ ଶୋଳ ।
ଯାଅ ଏହି ଶୁଭ ଅନୁକୂଳ ।।
କୃଷ୍ଣ ବଚନ ଶୁଣି କୁମାରେ ।
ବିପ୍ର ଶାସନେ ଗମନ କରେ ।।
ଯାଇଁ ପ୍ରବେଶ ହୋଇଲେ ତହିଁ ।
ପୁଏ ଆନନ୍ଦ ଶାସନ ଗୃହିଁ ।।
ଉଗ୍ରସେନ ରାଜନର ଦାନ ।
ଅଛି ତ୍ରିଶର ସଦନ ମାନ ।।
ପୂର୍ବ ପଶ୍ଚିମେ ଶାସନ ବସେ ।
ଦେବ ଭୁବନ ପରାଏ ଦିଶେ ।।
ସମ ସୁଷମ ଏକ ପଙ୍କତି ।
ପୀଡ଼ି ବାଡ଼ ପ୍ରାଙ୍ଗଣ ଜଗତି ।।
ଚିତ୍ର ଲେଖନ ଚାରୁ ଗବାକ୍ଷ ।
ମେଢ଼ି ଅଟ୍ଟାଳ ଦ୍ୱାର ପାବଚ୍ଛ ।।
ଥୋଇରଥିତ୍ର ହଂସ ପାଣି ପାଟି ।
ଶୁକ ପାଲଟିଆ ଝିଣ୍ଟି ପିଟି ।।
ଗୃହ ଚକ୍‌କଣ ସକଳ ଚିକନ ।
ଚିତ୍ର ପ୍ରତିମା ବିବିଧ ବର୍ଣ୍ଣେ ।।
ବସେ କନକ କଳସମାନେ ।
ନାନା ବାସେ ପତକା ଉଡ଼ନ୍ତି ।।
ମଣ୍ଡି ନେତ ପଟ୍ଟ ପୀତାମ୍ବର ।
ଚନ୍ଦ୍ରାତପ କୁସୁମ୍ଭ ଗୁମର ।।
ହେମ କାଙ୍ଗୁଳି ମୁକୁତା ଜାଳ ।
କେଶ କେଶ ଝୁମ୍ପା ମାଳ ମାଳ ।।
ଦାଣ୍ଡେ ସମତୁଲ ପରିମଳ ।
ଛଡ଼ା ପକାଇ ଚନ୍ଦନ ଜଳ ।।
ପୂର୍ଣ୍ଣ କୁମ୍ଭ ଚୂତ ପତ୍ର ଡାଳେ ।
ରମ୍ଭା ରୋପି ତୋରଣା ମାଳେ ମାଳେ ।।
ବିପ୍ର ତରୁଣୀଗଣ ଯେ ତହିଁ ।
ଶୁଚିମନ୍ତେ ଦିବ୍ୟ ବେଶ ହୋଇ ।।
ଅର୍ଘ୍ୟସ୍ଥାଳୀ ଘେନି ଦେଖା ଯିବେ ।
ପୂର୍ଣ୍ଣ ଅଦ୍ଭୁତ ଯଜ୍ଞ ଉତ୍ସବେ ।।

ଦଶ ବଂଶ ଏକ ମେଳ ହୋଇ ।
କୃଷ୍ଣ ଚରିତ ଯେ କୁହା କୁହି ।।
ଏମନ୍ତେ ଯେ ଗୋପସୁତେ ମିଳି ।
ଦେଖି ଗୃହାରେ ପୁଚ୍ଛନ୍ତି ବାଳୀ ।।
କାହୁଁ ଅଇଲ କୁମର ମାନେ ।
ଦେଖି ନାହୁଁତ ତୁମ୍ଭଙ୍କୁ ଦିନେ ।।
ସ୍ୱର୍ଗୁଁ ଅଇଲ ପ୍ରାୟେକ ଦିଶ ।
ହୋଇ ଅଛ ଏ ଅପୂର୍ବ ବେଶ ।।
ଶ୍ରମ ପାଇଣ ଅଛତ ପଡ଼ି ।
ସର୍ବାଙ୍ଗରେ କାଳ ଅଛି କଣ୍ଟି ।।
କାହୁଁ ଅଇଲ କକ ଯେଁ ଏଥେ ।
କହ କହ ଶୁଣୁଁ କର୍ଣ୍ଣ ପଥେ ।।
ଶୁଣି ବ୍ରାହ୍ମଣୀଙ୍କ ପ୍ରିୟ ବାଣୀ ।
ସ୍ଥିର କରିଣ କୁମାରେ ଭଣି ।।
ନନ୍ଦ ରାଜନ ଗୋପ ଭୁବନ ।
ଆମ୍ଭେ ସର୍ବେ ଗୋପାଳ ନନ୍ଦନ ।
ରାମକୃଷ୍ଣ ରାଜପୁତ୍ର ସଙ୍ଗେ ।
ବନେ ଗୋଧନ ଚରାଉଁ ରଙ୍ଗେ ।।
ଆଜ ଗହନୁଁ ଅଇଲୁଁ ବନେ ।
ବାଳ ତପତିକ ଭସ୍ମ ମନେ ।।
ନିଦ୍ରା ଆଳସ୍ୟ ଅଇଲୁଁ ଯେଣୁ ।
ଅନ୍ନ ଆଣି ନପାରିଲୁଁ ତେଣୁ ।।
ରାମ ମାଧବ ଆମ୍ଭଙ୍କୁ ପେଷି ।
ଷ ଧାଡ଼ରେ ଗୁଚ୍ଛହେଲେ ବସି ।।
ଶ୍ୟାମସୁନ୍ଦର ଲାବଣ୍ୟ ରାଶି ।
ଅନ୍ନ ମଗାଇ ଆମ୍ଭଙ୍କୁ ପେଷି ।।
ଗୃହେଆଇ ଯଜ୍ଞଶାଳା ଶ୍ରେଣୀ ।
ଅନ୍ନ ଭୁଞ୍ଜାନ୍ତି ଲଳିତ ବାଣୀ ।
ଦିବ୍ୟ ଶାଳିଅନ୍ନ ଯେ ନ ଖାଇ ।
ଏବେ ମାଗି ବଡ଼ିମା ନ ପାଇ ।।
ସର ଲବଣୀ ଥକାରେ ଯେହୁ ।
ବନେ କୋଳି ତୋଳି ଖାଏ ସେହୁ ।।
ଯାଗ ଶାଳରେ ମାଗିଲୁଁ ଅନ୍ନ ।
ଶୁଣି ନ ଦେଲେ ବ୍ରାହ୍ମଣ ଜନ ।।

ଆମ୍ଭେ ବିମୁଖେ ବାହୁଡ଼ି ଗଲୁଁ ।
ରାମକୃଷ୍ଣଙ୍କୁ ଯାଇ କହିଲୁ ।
ଶାନ୍ତ କରିଣ ଆମ୍ଭଙ୍କୁ କହେ ॥
ବିରେ ଯାଅ ବ୍ରାହ୍ମଣୀଙ୍କ ପାଏ ॥
ମୋତେ ଜାଣନ୍ତି ସେମାନେ ଭଲେ ।
ଦୟା କରିବେ ତୁମ୍ଭେ କହିଲେ ॥
କୃଷ୍ଣ ବଚନେ ଅଇଲୁଁ ମାଏ ।
କ୍ଷୁଧାଭରେଣ ଆକୁଳ କାୟେ ॥
ସୁକୁମାର ସେ ଯଶୋଦା ବାଛା ।
ଏତେବେଳ ଯାଏ ଭୋକେ ଅଛି ॥
ଅନ୍ନ ଯୋଗାଏ ବେଗ ମାତ ଦେବ ।
ବନେ ଭୁଞ୍ଜିବେ ରାମ ମାଧବ ॥
ଗୋପ କୁମାର ବଚନ ଶୁଣି ।
ଅତି ଆନନ୍ଦ ମନେ ବ୍ରାହ୍ମଣୀ ॥
ଚର୍ମ-ଲୋଚନ ହରି ଦେଖିବା ।
କି କହିବେ କର୍ଣ୍ଣରେ ଶୁଣିବା ॥
ଗୋପ ମିତ୍ରଙ୍କୁ କୋମଳ କହି ।
ବାଳ୍ୟ କ୍ଷଣେ ଥାଅ ତୁମ୍ଭେ ରହି ॥
ଅନ୍ନ ବ୍ୟଞ୍ଜନ ସଂଯୋଗି ଆଣୁ ।
ରାମକୃଷ୍ଣ ମାଗୁଛନ୍ତି ଯେଣୁ ।
ଏତେ କହି ଯେଝା ପୁରେ ଗଲେ ।
ଅନ୍ନ ବ୍ୟଞ୍ଜନକ ସଂଯୋଗିଲେ ॥
କ୍ଷୀରି କ୍ଷୀରିଷା ପୁରି କାକରା ।
ବଡ଼ ମଧୁର ମୁଗ ଶାକରା ॥
ଲକ୍ଷ୍ମୀବିଳାସ ସରୁ ମଣ୍ଡା ଲା ।
ହେଲା ଦଧି ଅଦାରେ ବାଟୁଳା ॥
ଦଧି କୋଡ଼ମା ଚମ୍ପା ପଖାଳ ।
ଶିଖରିଣୀ ସେ ସର ବହୁଳ ॥
ଘୃତ ଲବଣୀ ଦଳିତ ଅନ୍ନ ।
ଦୁଧ ଦଧି ସଂଯୋଗ କେ ପୁଣ ॥
କାନ୍ତି ଲଡ଼ୁ ମନୋହର ଗଜା ।
ଆମ୍ବ କଦଳୀ ଆଦାରେ ଭଜା ॥
ନାଡ଼ୁ ଝିଲି ପାରିଜାତ ବଡ଼ା ।
ଅପମାଲୁ କୋରା ଖଣ୍ଡମଣ୍ଡା ॥

ଘୃତ ନବାତ ପାକରେ ରଚି ।
ଯେବେଣି ରାମକୃଷ୍ଣ ମନ ରୁଚି ॥
ଦ୍ରବ୍ୟ ସଂଯୋଗି ବେଗେ ବାହାରି ।
ଉଛା କହିବା କେତେ କାହାର ॥
କାଖେ ବସାଇ ସେ ଅନ୍ନଥାଳୀ ।
ହୁଳହୁଳି ଦେଇ ବିପ୍ର ବାଳୀ ॥
ଗୀତ ଗାଇ ଚଳେ ଏକସଙ୍ଗେ ।
ଗୋପ କୁମାରେ କଢ଼ାନ୍ତି ଆଗେ ॥
ଯା'ନ୍ତେ କୃଷ୍ଣର ରୂପ ଭାବନ୍ତି ।
ଗୀତ ଗୋବିନ୍ଦ ଭବେ ଗାବନ୍ତି ॥
ଦଶହରି ପୂରି ଗୀତ ସ୍ୱନେ ।
ଅତି ଉତ୍ସାହ କୃଷ୍ଣ ଦର୍ଶନେ ॥
ଯାଗଶାଳେ ଯେ ବ୍ରାହ୍ମଣ ଥିଲେ ।
ଜାଣି ଆସି ଆଗେ ଓଗାଳିଲେ ॥
କର କପାଳେ ମାରି ଧିକ୍କାରି ।
କେଉଁ ବନେ ଯାଅ ତେଜି ପୁରି ॥
କେହୁ ଉଚାଟ କଲା ତୁମ୍ଭଙ୍କୁ ।
ନିନ୍ଦା କରିବେ ଲୋକେ ଆମ୍ଭଙ୍କୁ ॥
ମାତ ଯୁବତୀ ପରବଶ୍ୟ ହୋଇ ।
ଅନ୍ନ ଘେନି ବନ ଦେଶେ ଯାଇ ॥
ଶୁଣି କହନ୍ତି ତରୁଣୀ ଗଣେ ।
ରାମକୃଷ୍ଣ ଅଛନ୍ତି ଏ ବନେ ॥
ଭୋକେ ତରୁ ତଳେ ଛନ୍ତି ବସି ।
ଅନ୍ନ ମଗାଇ ତୁମ୍ଭରେ ପେଷି ॥
ଧର୍ମ ସ୍ଥାପନ ହୋଇବ ଯାଗେ ।
ଅନ୍ନ ଦେଇଣ ଆସିବୁ ବେଗେ ॥
ଯଜ୍ଞ ମାଗିଲେ ନ ଦେଲ ଅନ୍ନ ।
ଘେନଗଲେ ଯେତେ ତୁମ୍ଭ ପୁଣ୍ୟ ॥
ସେହୁ ପୁଣ୍ୟ ଆଣିବାକୁ ଯାଉଁ ।
ଯଜ୍ଞ କର୍ମ ଫଳ ଆମ୍ଭ ରହୁ ॥
ବିପ୍ର ବୋଲନ୍ତି ନ ଜାଣ ତୁମ୍ଭେ ।
ଅନ୍ନ ମାଗିଲେ ନ ଦେଲୁଁ ଆମ୍ଭେ ॥
ଗାବ ରଖନ୍ତି ବନେ ଆଭିର ।
ଦଧି ଦୁଧ ଖାଇ ବଳୀୟାର ॥

କଂସରାଜା ସେନାପତି ମାରି ।
ବଳେ ହରନ୍ତି ସେ ପରସ୍ତିରି ॥
ଏହି ରୂପେ ବହୁତ ଅନିଆ ।
ବନେରହି ରାଜା ଅମାନିଆ ॥
ଛାଡ଼ିଗଲେ କି ଜାତି ରହିବ ।
ନିଶ୍ଚେ କୃଷ୍ଣ ବାହାର ହୋଇବ ॥
କଂସ ଜାଣିଲେ କରିବ ରୋଷ ।
ନାଶ ଯିବ ଯଶ ପଉରୁଷ ॥
କେହି କୃଷ୍ଣଙ୍କୁ ଗୋ ବାଇକଲା ।
ବିଷ୍ଣୁ ପ୍ରାପ୍ତ ମଣି ନନ୍ଦବଳା ॥
ବିପ୍ରେ କହିଲେ ନିବାରି ସେତେ ।
ବାଳୀ ନ ଘେନିଲେ ତାହା ଶତେ ॥
ହରିଷବେ ଉନମତ ହୋଇ ।
ନଘା ବଢ଼ିଲେ କି ବନ୍ଧ ରହି ॥
ଶତେ ମୂରୁଖ ବଳଆଇଁ ଗଲେ ।
ବିପ୍ର ରଖି ସମର୍ଥ ନୋହିଲେ ॥
ଏକ ବ୍ରାହ୍ମଣୀ ଏ କ୍ଷୀଣା ହୋଇ ।
ସଙ୍ଗେ ମିଶି ନ ପାରିଲା ଯାଇ ॥
ତାଙ୍କ କାନ୍ତ ବାହୁଡ଼ାଇ ନେଲେ ।
ପୁରେ ବାହାର କବାଟ ଦେଲେ ॥
ଯାଗଶାଳେ ପୁଣ ମିଳେ ଆସି ।
ପୂର୍ଣ୍ଣ ଆହୁତି ସମସ୍ତେ ମିଶି ॥
ପୁରେ ବ୍ରାହ୍ମଣୀ ଅଛି ବନ୍ଧନେ ।
ମୁଣ୍ଡମାରି ବିକଳେ ରୋଦନେ ॥
ମନ ପେଷିଲା ଶ୍ରୀକୃଷ୍ଣ ପାଶେ ।
ଅନ୍ନ ବ୍ୟଞ୍ଜନ ଘେନି ହରଷେ ॥
ମାନସିକେ ସେବି ବନମାଳୀ ।
ପାଦ ସୁବାସ ଜଳେ ପଖାଳି ॥
ଦିବ୍ୟ ଆସନେ ବସାଇ ପୂଜେ ।
ବସ୍ତ୍ର ଅଳଙ୍କାର ଦେଇ ସାଜେ ॥
ସୁବାସିତ କୁସୁମ ଚନ୍ଦନ ।
ଷଡ଼ରସରେ ଅନ୍ନ ବ୍ୟଞ୍ଜନ ॥
ମାନସିକେ ବ୍ରାହ୍ମଣୀ ପରଷେ ।
ହରି ଭୋଜନ କରେ ହରଷେ ॥

ଆଚମନ, କରି ମୁଖବାସ ।
ଖଟ ତୋଳରେ ସେବଇ ପାଶ ॥
ଧୀରେ ଧୀରେ ବ୍ୟଞ୍ଜନ ସେବଇ ।
ବିଶ୍ରାମରେ ବନ୍ଧନେ ଭାବଇ ॥
କୃଷ୍ଣ କୃଷ୍ଣ ବୋଲି ଉଚ୍ଚେ ଘୋଷି ।
ନିଜ ଆତ୍ମା ଚରଣେ ନିବେଶି ॥
କେହି ନ ପାଇଁ ଏ ଆଗେ ଯାଇ ।
କୃଷ୍ଣ ତୋଷ ଏହା ପୂଜା ପାଇ ॥
ଏମନ୍ତେଣ ବ୍ରାହ୍ମଣୀଏ ଗଲେ ।
ବିପ୍ର ବାହୁଡ଼ିଣ ଠୁଳ ହେଲେ ॥
ବ୍ରାହ୍ମଣଙ୍କ କୋଟ-ମୁଖ ଦେଖି ।
ପୁଏ ପଳାଇ ଥିଲେ ଉପେକ୍ଷି ॥
ପୁଣ ଆସିଣ ପଥ କଡ଼ଇ ।
ବିପ୍ର କାମିନୀ ସନ୍ତ ଗୋଡ଼ାଇ ॥
ଯାଇ ପ୍ରବେଶ ସନ୍ୟାନ ବନ ।
ଅତି ପରିମଳ ଶୋଭାବନ ।
ରାମକୃଷ୍ଣ ଗୋପସୁତ ସଙ୍ଗେ ।
ଛାଇତଳେ ଖେଳ ନାନା ରଙ୍ଗେ ॥
ମନ୍ଦ ଗନ୍ଧ ବାତ ଅନୁକୂଳ ।
କୃଷ୍ଣ ଭେଟିଲେ ମନ୍ଦାରମୂଳ ॥

ମନ୍ଦାର ମୂଳେ ମଦନାଭିରାମଂ ।
ବିମ୍ବାଧରେ ଶୋଭିତ ବେଣୁନାଦଂ ॥
ଗୋଗୋପଗୋପୀଜନ ମଧ୍ୟସଂସ୍ଥଂ ।
ଗୋପଂଭଜେ ଗୋକୁଳ ପୂର୍ଣ୍ଣଚନ୍ଦ୍ରଂ ॥

ନବ ଅଭିରାମ କାମଶୋଭା ।
ତନୁ ତ୍ରିଭଙ୍ଗି ଛନ୍ଦରେ ଉଭା ॥
ସର୍ବ ଲାବଣ୍ୟ ଆଶ୍ରିତ ସ୍ଥାନ ।
ତରୁ ଅବଲମ୍ବେ ଶୋଭାବନ ॥
ଗୋପୀ ଗୋଧନ ବେଢ଼ିଣ ରହି ।
ଖଗମୃଗ ଆଦି ସର୍ବ ଗୃହିଁ ॥
ଚକ୍ଷୁ ଚକୋର ସୁଧା ଆନନ୍ଦ ।
ଭଜେ ଗୋକୁଳର ପୂର୍ଣ୍ଣଚନ୍ଦ୍ର ॥
ବିପ୍ର କାମିନୀ ସନ୍ନିଧ୍ୟେ ମିଳି ।
ଦେଖି କାଖୁଁ ଥୋଇଲେ ଅନ୍ନ ଥାଳୀ ॥

ରୂପ ଗୃହିଁଣ ନେତ୍ର ନିଶ୍ଚଳ ।
ସ୍ରବେ ବୃଦ୍ଧାଙ୍କ ଆନନ୍ଦ ଜଳ ॥
ଜନ୍ମ କର୍ମ ଲୀଳା ଶୁଣିକର୍ଣ୍ଣେ ॥
ସୁଖୀ ହେଉଥାନ୍ତି ଦିନେ ଦିନେ ॥
ତାଙ୍କୁ ସାକ୍ଷାତେ ନେତ୍ରେ ଗ୍ରହିଲେ ।
ତୃଷା ଭରେ ଅମିୟ ପିଇଲେ ।
ସ୍ତମ୍ଭୀଭୂତେ ରହିଲେ ବିମ୍ବୋଷ୍ଠୀ ।
ଦରଶନେ ଦେଲେ ଦେବଦୃଷ୍ଟି ॥
ନେତ୍ର-ଅଳି ମୁଖ ପଦ୍ମେ ପଡ଼ି ।
ଲୋଭେ ଆସି ନ ପାରେ ବାହୁଡ଼ି ॥
ଇଚ୍ଛା କରୁଥାନ୍ତି ଯାକୁ ନିତ୍ୟେ ।
ବାରେ ଦେଖିବା ତାଙ୍କୁ କେମନ୍ତେ ॥
ଭବଦେବ ହରି ପରସନ୍ନ ।
ଅନ୍ନ ମାଗି ଦେଲେ ଦରଶନ ॥
କୃଷ୍ଣ ବିପ୍ରନାରୀଗଣ ଦେଖି ।
ମୁଖ ପ୍ରସନ୍ନ କମଳ-ଆଖି ।
ବିମ୍ବାଧରେ ମୃଦୁ ମୃଦୁ ହସି ।
ବଂଶୀ ହୃଦରେ ଧରିଣ ଭଷି ॥
ଅମା ଅଇଲ ମୋ ଦୁଃଖ ଶୁଣି ।
ଅନ୍ନ ବ୍ୟଞ୍ଜନକୁ ସଙ୍ଗେ ଘେନି ॥
ପର ଆରତ ନପାର ସହି ।
ବନେ ଆଣିଅଛ ଅନ୍ନ ବହି ॥
ଏହୁ ଉତ୍ତମ ଜନଙ୍କ ରୀତି ।
ଲୋକେ ବଢ଼ିତ ତୁମ୍ଭର କୀର୍ତ୍ତି ॥
ପର ଉପକାର କରେ ଯେହୁ ।
ସର୍ବଧର୍ମ ପରେ ଶ୍ରେଷ୍ଠ ସେହୁ ॥
କ୍ଷୁଧା ସମୟେ ଅନ୍ନ ଯେ ଦେଇ ।
ପୁଣ୍ୟ ଅଶେଷ ଶେଷତା ନୋହି ॥
ମହା ବଇଶାଖ ଖରବେଳେ ।
ବନେ କ୍ଷୁଧା ତୃଷା ଗୋପବାଳେ ॥
ଏଥି ଦେଲ ତୁମ୍ଭେ ଅନ୍ନ ଦାନ ।
କେହୁ କହିବ ତୁମ୍ଭର ପୁଣ୍ୟ ॥
ତୁମ୍ଭେ ଅଟ ଜଗତଜନନୀ ।
ସ୍ଥିତି ଅଛୁ ତୁମ୍ଭ ଧର୍ମ ଘେନି ॥

ଏଡ଼େ ଦୁର୍ଗମେ ଅମା ଅଇଲ ।
ବ୍ୟଥା ପାଇ କ୍ଷୋଭିତ ନୋହିଲ ॥
ପତିବ୍ରତା ସର୍ବଗୁଣେ ସର ।
ମୋହ ପାଇଁ କଲ ଦୂରଗୁର ॥
ପତି ବୋଲ ଭଙ୍ଗି ବନେ ଆସ ।
ମୋତେ ଦେଲ ଆଣି ଷଡ଼ରସ ॥
ପ୍ରତି ତୁଲ୍ୟ କି ଅବା କରିବ ।
ଋଣୀହୋଇ ତୁମ୍ଭର ମୁଁ ଥିବ ॥
ଏହୁ ସତ୍ୟ କଲ୍ପଦ୍ରୁମ ଯେବେ ।
ସର୍ବ ଧର୍ମ ପରାପର ତେବେ ॥
ବିପ୍ର ଧନ ଅରଜିବେ ଦୁଃଖେ ।
ତୁମ୍ଭେ ବିଳସିବ ତାହା ସୁଖେ ॥
ଏବେ ଦେଲ ତ ମୋହରେ ଅନ୍ନ ।
ବେଗେ ଯାଅ ଯା ନିଜ ସଦନ ॥
ବିପ୍ରେ କରୁଥିବେ ମନେ ରୋଷ ।
ଦେଖି ହୋଇବେ ତୁମ୍ଭଙ୍କୁ-ତୋଷ ॥
ସେବା କର ବେଗେ ଯାଇ ମାତ ।
ମନେ ଥିବ ମୁଁ କେବଳ ମାତ୍ର ॥
କୃଷ୍ଣ ମୋହନ ବଚନ ଶୁଣି ।
ସ୍ନେହଭରେ ସକଳ ବ୍ରାହ୍ମଣୀ ।
ପାଦ ଅଙ୍ଗୁଳି ଅବନୀ ଘଷି ।
ଶୋକଭରେ ହୋଇ ବାଳୀ ଭଷି ॥
ପୁରେ ଯିବୁଁ କି କାର୍ଯ୍ୟ ଆମ୍ଭର ।
ସେବି ରହିବୁଁ ପାଦେ ତୁମ୍ଭର ॥
ପତି ସୁତ ବାନ୍ଧବଙ୍କୁ ତେଜି ॥
ବନେ ଅଇଲୁଁ ତୁମ୍ଭଙ୍କୁ ଭଜି ॥
ପାଶେ ନରଖି ଦିଅ ମେଲାଣି ।
ଏହି କଥା ଦୁଃଖ ପରମାଣି ॥
କୃଷ୍ଣ ବୋଲନ୍ତି ନୁହଇ ମିତ ।
ଲୋକେ ଆଚରିବେ ତୁମ୍ଭ ଘାତ ॥
ମୋର ବୋଲ ଘେନ ଅମା ଯାଅ ।
ଗଡ଼ ଶତେ ଗୁଣେ ସୁଖ ପାଅ ॥
ମନେଥିଲେ ଅଛୁ ତୁମ୍ଭ ପାଶ ।
ତାଉ ତନ୍ତ୍ରଲେ ହୋଇବ ଦୃଶ୍ୟ ॥

ଆତ୍ମା ନିର୍ମଳ ଦର୍ପଣ ପ୍ରାୟେ ।
ଯେହ୍ନେ ଯେମନ୍ତେ ଭାବଇ ପାଏ ॥
ପିରତି କି ନୁହଇ ମୁଁ ଦୂର ॥
ଯେହ୍ନେ କୁମୁଦକୁ ନିଶାକର ॥
ଏବେ ପୁରକୁ ଚଳକୁଗୋ ଅମା ।
ଆମ୍ଭ ଅପ୍ରାଧ କରିବା କ୍ଷମା ॥
ପୂର୍ଣ୍ଣଆହୁତି ବେଳ ହୋଇଲେ ।
ପୁରେ କର ଉତ୍ସବ ମଙ୍ଗଳେ ॥
ସ୍ୱାମୀଜନଙ୍କୁ ସେବା ସେ କର ।
ଏହୁ ଉଚିତ ଧର୍ମ ତୁମ୍ଭର ॥
କ୍ଷୁଧାବେଳେ ଦେଲ ଅନ୍ନ ଦାନ ।
ଏଣେ ରଖିଲ ସକଳ ପୁଣ୍ୟ ॥
ଏତେ ବାଳକ ପ୍ରାଣ ରଖିଲ ।
ଆମ୍ଭ ଅବସ୍ଥା ବନେ ଦେଖିଲ ॥
'ନାନା' ଦ୍ରବ୍ୟ ସମ୍ଭାର ଆଣିଲ ।
ଧର୍ମ କରି ଆମ୍ଭଙ୍କୁ କିଣିଲ ॥
ସର୍ବେ ଗୋଡ଼ବ ଚର୍ଣ୍ଣେ ମିଳବୁଁ ।
ଯାହା ବୋଲିବ ତାହା କରିବୁଁ ॥
ଭୃତ୍ୟବତ୍ସଳ ମଧୁର ବାଣୀ ।
ଶୁଣି ପୁରେ ଚଳିଲେ ବ୍ରାହ୍ମଣୀ ॥
ମନ ରଖି ଉନମତ୍ତେ ଯାଇ ।
ହୁଳହୁଳି ଦେଇ ଗୀତ ଗାଇ ॥
ବିପ୍ରଗଣ ନିଜ ନାରୀ ଦେଖି ।
ହେତୁ ପାଇ ମନେ ଉପଲକ୍ଷି ॥
ପୁରାଣରେ ଶୁଣିଛୁଁ ଏମନ୍ତ ।
ବିଷ୍ଣୁ ହୋଇବେ ଗୋକୁଳେ ଜାତ
ନନ୍ଦସୁତ ରାମ କୃଷ୍ଣ ନାମେ ।
ଜାଣୁଁ ଜାଣୁଁ ହେଲୁ ମତ୍ତ ଭ୍ରମେ ॥
ଯଜ୍ଞବେଳକତା ଅନ୍ନ ମାଗଇ ।
ଆମ୍ଭ ଅଭାଗ୍ୟ କର୍ମ ଭଙ୍ଗାଇ ॥
ଦେବା ନଦେବା ନକହି ଜଣେ ।
ବାହୁଡ଼ି ଗଲେ ଦୁଃଖମନେ ॥
ନାରୀଗଣେ ଶୁଣି ହେତୁ କଲେ ।
ବନେ ଅନ୍ନ ବହି ନେଇ ଦେଲେ ॥
ଶାସ୍ତ୍ର ବାଦ କରି କର୍ମ ଲୋଡ଼ି ।
ଶ୍ରୁତି ସ୍ମୃତି ପୁରାଣ ପଢ଼ି ॥
ଋଷିଗଣଙ୍କୁ ସମ ନୋହିଲୁଁ ।
ଯଜ୍ଞ କର୍ମରେ ଅନ୍ଧ ହୋଇଲୁଁ ॥
ସେହି ନନ୍ଦରାଜା ଧନବନେ ।
ଯାଗ କରୁଅଛୁଁ ତାର ବୋଲେ ॥
ତାଙ୍କ ପୁଅ କ୍ଷୁଧାଭର ହୋଇ ।
ଅନ୍ନ ମାଗିଲେ ବନେ ନ ପାଇ ॥
ଏବେ ଦେଖିବା ଚାଲ ହେ ବନେ ।
ଏତେ ଋଷିଗଣ ଆଗମନେ ॥
କୁଳ ବୃଦ୍ଧ ଋଷିରେ ବାହୁଡ଼ି ।
କଂସ ଭୟେ ଲୁଚି ଗୋପେ ବଡ଼ି ॥
ଆମ୍ଭ ଯିବାର ଉଚିତ ନୋହି ।
ବ୍ରାହ୍ମଣୀଏ ତ ଦର୍ଶନ ପାଇ ॥
ଏତେ ଚିନ୍ତି ନିଜ ନାରୀଗଣେ ।
ଶ୍ରେଷ୍ଠ ଗଉରବ ଜଣେ ଜଣେ ॥
ଏମନ୍ତେଣ କୃଷ୍ଣ ଗୋପମେଳେ ।
ଅନ୍ନ ଦେଇ ବ୍ରାହ୍ମଣୀ ଅଇଲେ ॥
ହରି ଗୋପାଳେ ଗୋବିନ୍ଦେ କହି ।
ଅନ୍ନ ବ୍ୟଞ୍ଜନ ଆଣିଲେ ବହି ॥
ଠୁଳ ହୋଇଅଛୁ ଅନ୍ନ-କୂଟ ।
ଭୁଞ୍ଜି ମନକଲେ ପୂରାଅ ପେଟ ॥
ଶୁଣି କୁମାରେ ହୋଇ ହରଷ ।
ତୋଳି ଆଣିଲେ ରାଇ ପଳାଶ ॥
ରାମ କୃଷ୍ଣଙ୍କୁ ବେଢ଼ି ବସିଲେ ।
ଉଠି ପୁଣି କୃଷ୍ଣ ଚରଚିଲେ ॥
ବିପ୍ରନାରୀ ଆଣିଥିଲେ ଯେତେ ।
ଶତେଗୁଣ କୃଷ୍ଣ ପରଶନ୍ତେ ॥
'ପୁଏ ବୋଲନ୍ତି ହେ ପଦ୍ମମୁଖ ।
ତୁମ୍ଭ ପତର ଆଗ ବାଢ଼ି ରଖ ।
ଏକାବେଳେ ମନ୍ଦ ଯେବେ ଭୁଞ୍ଜି ।
ତେବେ ବହୁତ ସୁଖ ଉପୁଜି ॥
ସଖା ବଚନ ଶୁଣି ମାଧବ ।
ସର୍ବ ବର୍ଣ୍ଣେ ବାଢ଼ି ନିଜ ଠାବ ॥

ପରଶିଲେ ସେ ନିମିଷ ମାନେ ।
ପୁଣ ବସିଲେ ଆପଣା ପନ୍ତେ ॥
ନେଜନେଜକାର କରଣି ଭୁଞ୍ଜିଲେ ।
ହାସ ରସରେ କନ୍ଦ ରଞ୍ଜିଲେ ॥
ଇଚ୍ଛା ସୁଖେ ଭୋଜନକୁ ପାଇ ।
ଅମୃତକୁ ନିନ୍ଦାକଲେ ଖାଇ ॥
ଭୋଜନରେ ଏକ ସମାଗୁର ।
ନାହିଁ ସାନ ବଡ଼ କୁଳାଗୁର ॥
ଦେବେ ଦେଖନ୍ତି ଭୋଜନ ଲୀଳା ।
ପଞ୍ଚ ଭୋକତା ବାଳକ ମେଳା ॥
ଭୁଞ୍ଜି ହୋଇଲେ ସକଳେ ତୋଷ ।
ବନଜୀବେ ଭୁଞ୍ଜି ଅବଶେଷ ॥
ବ୍ରହ୍ମା ଶଙ୍କର ମାଳେ କାହିଁ ।
ସେହି ବନଜୀବେ ତାହା ଖାଇ ॥
ଆଚମନ କଲେ ନଦୀ ଜଳେ ।
ମୁଖବାସ ଯାହା ଆଣିଥିଲେ ॥
ଭୁଞ୍ଜି ଉଦର କରେ ଆଉଁସି ।
ତନ୍ମତଳେ ଆସନରେ ବସି ॥
ମନ୍ଦ ଗନ୍ଧ ସୁଶୀତଳ ବାଏ ।
ସୁଖୀ ହୋଇଲେ ଗୋପାଳ ପୁଏ ॥
ରାମକୃଷ୍ଣଙ୍କୁ ପ୍ରଶଂସି କହେ ।
ବନ୍ଧୁ ବନକୁ ଏ ମନ ରହେ ॥
ବନେ ଅମୃତ ଭୋଜନ ହୁଅ ।
ସଦାପୁରେ ତୁମ୍ଭେ ପୂଜା ପାଅ ॥
ତୃଣ ଜଳ ଗାବଙ୍କୁ ଖୁଆଇ ।
ବନେ ଏମନ୍ତ ଦିନ ପୁହାଇ ॥

ସନ୍ଧ୍ୟା ସମୟେ ଗୋପେ ବାହୁଡ଼ି ।
ଚଳେ ଗୋଧନ ଗୋପଙ୍କ ମାଡ଼ି ॥
ପୁରେ ପ୍ରବେଶ କରନ୍ତି ମନେ ।
ନିଜ ମତେ ଯେ ଯାହା ସଦନେ ॥
ସ୍ନାନ ସୁବେଶି ଭୋଜନ କଲେ ।
ଗାବ ଧେନୁ ସମ୍ଭାଳି ଗୁହାଳେ ॥
ପୂର୍ବ ରଜନୀରେ ସଭା ନାସ୍ତି ।
ଯେଝା ଅନୁରୂପେ କଥା ଭାଷି ॥
ଅନ୍ନ ମାଗି ଭୁଞ୍ଜିବା ଚରିତ ।
ନନ୍ଦ ଆଦି ଶୁଣି ତୋଷ ଚିତ୍ତ ॥
ନିଦ୍ରା ଆଳସ୍ୟରେ ରାମହରି ।
ନିଜ ଜନନୀ ନିଏ ହକାରି ॥
ଦୁଧସର ପୁଣି ସେ ଖୁଆଇ ।
ଦିବ୍ୟ ପଲଙ୍କେ ନେଇ ଶୁଆଇ ॥
ଦାସ ଚରଣେ ସେବା କରନ୍ତି ।
ଜାନୁ ପରେ ପସ୍ତର ଧରନ୍ତି ॥
ଧୀର ଧୀର କରଣ ମଞ୍ଚାଳି ।
ଦଶ ଶତଦଳ ପଦେ ଅଳି ॥
ଦାଶରଥି ଦାସ ନିତ୍ୟ ବନ୍ଦେ ।
ବ୍ରଜ ବିହାର ଅଷ୍ଟମ ଛନ୍ଦେ ॥
ପୂର୍ଣ୍ଣ ହୋଇଲେ ଦ୍ୱିତୀୟ ଭାଗ ।
ସାଧୁଜନଙ୍କର ଅନୁରାଗ ।
ବେନି ବିଭାଗ ସମ୍ପୂର୍ଣ୍ଣ ହେଲେ ।
ହୃଦେ ହରି ଯାହା ଆଜ୍ଞା ଦେଲେ ॥
ତାହା କଲି ପୁସ୍ତକେ ଲେଖନ ।
ଦାଶରଥିର ଦୋଷ ନ ଘେନ ॥

ଇତି । ଶ୍ରୀ ଅଷ୍ଟମ ବୋଲ ସମ୍ପୂର୍ଣ୍ଣ

## ନବମ ବୋଲି

ବୃତ୍ତ କହ୍ୱଳା ରାଗେଣ ଗୀୟତେ ।

ଶ୍ରୀ ବୃନ୍ଦାବନ ଗୋବର୍ଦ୍ଧନ ।
ଗୋବିନ୍ଦ ସୁଖ ବିବର୍ଦ୍ଧନ ॥
ସକଳ ଗିରିବରେ ରାଜା ।
କୃଷ୍ଣ ଯାହାକୁ କଲେ ପୂଜା ॥
ଦ୍ୱାଦଶ ବନ ଆବରଣ ।
ଗୋକୁଳ ଯାହାର ଶରଣ ॥
ଏ ଘୋର ବରଷା ତାରଣ ।
ଜନଙ୍କ ଜୀବନ ତାରଣ ॥
ବାସବ ଗରବ ଗଞ୍ଜନ ।
ଗୋପର ଆରତ ଭଞ୍ଜନ ॥
ସୁଶୀଳ ଶ୍ରୀକୃଷ୍ଣ ଧାରଣ ।
ଗୋକୁଳ ମଙ୍ଗଳ କାରଣ ॥
ଶ୍ରୀକୁଣ୍ଡ ଶ୍ୟାମକୁଣ୍ଡ ବେନି ।
ନୟନ ଶୋଭା ପରମାଣି ॥
ଥୋର ହସ୍ତ ଏ ଗିରିତଟ ।
ଯମୁନା ସରିତରେ ଭେଟ ॥
ଲୌହିଶିକୁଳା କିବା ଧରି ।
ଜଳ କମଳ କିବା ତୋଳି ॥
ଦନ୍ତ ପୁଷ୍କଳ ଗିରି ଶୃଙ୍ଗେ ।
ସିନ୍ଦୂର ଶିଳା ଭାର ସଙ୍ଗେ ॥
ଉଚ୍ଚ ଅଟ୍ଟାଳ କୁମ୍ଭସ୍ଥଳେ ।
ପଲାଶ ଦଳ କର୍ଣ୍ଣଗଳେ ॥
ତରୁ ଲତିକା ରୋମାବଳି ।
ପୁଷ୍ପ ପରାଗ ପଦଧୂଳି ॥
କୃଷ୍ଣ ମଧୁପ ସଦା ରଙ୍ଗେ ।
ପାଇ ପଦ୍ମିନୀ ମୁଖ ଚୁମ୍ବ ॥
କୋଟର ଗିରି ଗଜଶୁଣ୍ଡ ।
ଯହିଁ ସକଳ ହୋଇ ଟୁଣ୍ଡ ॥
ମୃଗ ବିହଙ୍ଗ କରେ ନାଦ ।
ନିଶ୍ଚଳ ଅବନୀରେ ପାଦ ॥
କୁସୁମ ଗୁମ୍ଫରେ ମଣ୍ଡିତ ।
ପଶି ତପନେ ପୁଣ୍ୟବନ୍ତ ॥
ଘଣ୍ଟିକ ଲମ୍ବେ ବେନି ପାଶେ ।
ଅରୁଣାମ୍ବରେ ଶୋଭା ଦିଶେ ॥
ପୃଷ୍ଠରେ ମାଧବୀ ମଣ୍ଡପ ।
କୁସୁମ ତଳ୍ପ ଚନ୍ଦ୍ରାତପ ॥
କେଶର କୁସୁମ ବିଚନ୍ଦ ।
ଜାଣି କନକ ଦଣ୍ଡଛନ୍ଦ ॥
ଲୀଳାରେ ବ୍ରଜଇନ୍ଦ୍ର ବିରାଜେ ।
କରେ ମୁରଲୀ ବଜ୍ରେ ସାଜେ ॥
ନାଦ ଅବଳା ବଳୀ ଗଞ୍ଜେ ।
ବରଷା ଋତୁ ଯେବେ ଭଜେ ॥
ମାଦ୍ଧନ୍ତ ପଗଡ଼ିଏ ବେନି ।
ବଟୁ ସୁବଳ ସେବା ଯେନି ॥
ବସନ୍ତଋତୁ ଯେବେ ହୁଏ ।
ଗିରି ମକର ଶୋଭା ପ୍ରାପ୍ୟେ ॥
ମଦନ ଗୋପାଳ ଏ ରାଜେ ।
ମାନିନୀ ମାନ ତେଜି ଭଜେ ॥
ସଦା ନବୀନ ତରୁଲତା ।
ଫଳ କୁସୁମେ ହୁଏ ନତା ॥
କୁଞ୍ଜ କୁଟିର ଶୀଳା ପୀଠ ।
ଶକ୍‌କଣ ତଉସମ ବେଢ଼ ॥
ଶୀତ ମନ୍ଦରେ ଗନ୍ଧ ବହେ ।
ରାଧା ମାଧବ ଯହିଁ ରହେ ॥
ଏମନ୍ତେ ଯେଉଁ ଗୋବର୍ଦ୍ଧନ ।
ନେଜ ମୁଁ କରଇ ବନ୍ଦନ ॥
ଗୀତେ ମଙ୍ଗଳ ଆଚରଣ ।
ବ୍ରଜବିହାର ସୁମରଣ ॥
ଶ୍ରୀ ରାଧାଗୋବିନ୍ଦ ଚରିତ ।
ଅଷ୍ଟମ ବୋଲି ସମାପତ ॥

ଏବେ ନବମ ବୋଲ ଲିଖ ।
ସେ ଗୋବର୍ଦ୍ଧନ ହୃଦେ କହ ॥
ଶ୍ରୀ ଭାଗବତ ସୁବଛନ୍ଦ ॥
ନବମ ଅକ୍ଷରେ ଏ ପାଦ ॥
ବରଷା ଋତୁର ବର୍ଣ୍ଣନ ।
ଗାବ ଚରାଇ ଗୋବର୍ଦ୍ଧନ ॥
ରାଧା ପୂଜିବେ ଗିରିଶିଳା ।
କୃଷ୍ଣ ଅଙ୍ଗରେ କରି ଲୀଳା ॥
ରାମ ଶ୍ରୀକୃଷ୍ଣ ସ୍ୱନକ୍ଷତ୍ର ।
ଉତ୍ସବ ରାଧା ଜନ୍ମଜାତ ॥
ଗୋବିନ୍ଦ ଗୋକୁଳ ବଚନ ।
ପୂଜିବେ ଗିରି ଗୋବର୍ଦ୍ଧନ ॥
ବାସବ ଯଜ୍ଞ ଭଗ୍ନ କୋପେ ।
ଘୋର ବରଷା ବାତ କୋପେ ॥
ଗୋକୁଳ ଦୁଃଖ ଦେଖି ହରି ।
ଛତ୍ର ଆକାରେ ଗିରି ଧରି ॥
ସପତ ଦିନ ସେ ବରଷି ।
ଡରେ ଶରଣ ଇନ୍ଦ୍ର ପଶି ॥
ସପ୍ତ ସମୁଦ୍ର ସାତ ଦିନ ।
ବରଷି ସେ ସୁର ରାଜନ ॥
ସୁରଭୀ ସଙ୍ଗେ ବ୍ରଜଧାରୀ ।
ଗୋବିନ୍ଦ ଅଭିଷେକ କରି ॥
ବରୁଣ ହରିନେଲେ ନନ୍ଦ ।
ତହିଁରୁ ଆଣିଲେ ଗୋବିନ୍ଦ ॥
ଅରିଷ୍ଟ ନାମେ ଷଣ୍ଢ ସୁର ।
ନାଶ ହୋଇଲା ଗୋପପୁର ॥
ରାଜା ପରଜା ଖେଳ କରି ।
ଶ୍ରୀହରି ବ୍ୟୋମାସୁର ମାରି ॥
ଶ୍ରୀ ଭାଗବତ ରାଜମାନ ।
ବିସ୍ତାରି ହୋଇଛି ଜଗତ ।
ବକତା ସୁଜନ ସୁମନେ ।
ଶ୍ରୋତା ଅମୃତ ପାନ ଯେନେ ॥
ନଳ କୁବେର କରଯୋଡ଼ ।
ନାରଦ ମୁନି ପାଦେ ପଡ଼ ॥

ଭାବେଣ ଲୋତକ ବହଇ ।
ଉଠିଣ ପୁଲକେ କହଇ ॥
ହେ ମୁନି ଗ୍ରୀଷମ ଅନ୍ତରେ ।
ବିକଳେ ବରଷା ଭିତରେ ॥
ଛତ୍ର ପ ଦୁକା ବିନୁ ଦୁଃଖେ ।
ଡିମ୍ଭ କେମନ୍ତେ ଗାବ ରଖେ ॥
ସ ନନ୍ଦେ କହେ ମୁନିବର ।
ଶୁଣ ହେ କୁବେର କୁମର ॥
ଋତୁ ଋତୁରେ ଲୀଳା ଆନ ।
ଶୁଣି ଶରଧା ମୋର ମନ ॥
ଏମନ୍ତେ ଗ୍ରୀଷମର ଶେଷ ।
ନବ ବରଷା ପରବେଶ ॥
ଗଗନେ ଘନ ଉଦେ ହୋଇ ।
ତପନ ଶଶୀଙ୍କି ଘୋଡ଼ାଇ ॥
ନ ଦିଶେ ନକ୍ଷତ୍ର ନିକର ।
ରଜନୀ ଘୋର ଅନ୍ଧକାର ॥
ମେଘ ଗର୍ଜନ ଘଡ଼ଘଡ଼ ।
ନିବଡ଼େ ଜଳଧାର ପଡ଼ ॥
ବୃଷ୍ଟିରେ ଦାବାନଳ ଲିଭ ।
ପ୍ରକାଶି ଜନ୍ତୁ ଜନ୍ତୁ ଛବ ॥
ମଉନ ଗିରି ଦ୍ୱିଜକୁଳ ।
ପାଷାଣ୍ଡ ଭେକ କୋଳାହଳ ॥
ନିଗମ ବଚନ ନିବର୍ତ୍ତି ।
ବଉଦେ ଯେସନେ ପ୍ରବର୍ତ୍ତି ॥
ତୃଣ ଅଙ୍କୁର ପଥ ରୁନ୍ଧ ।
ପଥିକଜନ ହୋନ୍ତି ଧନ୍ଦ ॥
ବ୍ରାହ୍ମଣେ ବେଦମାର୍ଗ ଛାଡ଼ ।
ଯେସନ୍ତେ ଅସତ୍ ପଥ ମାଡ଼ ॥
ନିର୍ମଳ ଜଳ ହୁଏ ଗୋଳା ।
ସୁଜନ କୁଜନରେ ମେଳା ॥
ଝିଟିକେ ଝିଟିକ ବିଜୁଳି ।
କ୍ଷଣେ ଉଦୟ ଆଦ୍ରାବଳୀ ॥
ସଂସାର ମିଥ୍ୟା ଏ ଜାଣଇ ।
ଚିର ନିଷ୍ଟଳେ କେହି ନାହିଁ ॥

ରେଣୁ ଜଗତେ ବ୍ୟାପିଥିଲେ ।
ଅବନୀ ସଙ୍ଗରେ ମିଶିଲେ ॥
ଜୀବ ଯେସନେ ପ୍ରଳୟରେ ।
ମିଶନ୍ତି ବିରାଟ ଦେହରେ ॥
ତାପେ ତାପିତ ଦେଖି ମହୀ ।
ଶୀତଳ ଜଳ ମେଘ ଦେଇ ॥
ଅବନୀ ପାଇଣ ଜୀବନ ।
ଗଗନେ ଦେଖି ଶ୍ୟାମଘନ ॥
ତଡ଼ିତ ପୀତପଟ ଜାଣି ।
ମୁକୁତା ମାଳ ବକ ଶ୍ରେଣୀ ॥
ତଡ଼ିତ ଏ ଶକ୍ର କୋଦଣ୍ଡ ।
କରଟ ମୁକୁଟ ଶ୍ରୀଖଣ୍ଡ ॥
ମେଘ ଗମ୍ଭୀର ବେଣୁନାଦ ।
ବାତ ଶୀତଳ ଆହ୍ଲାଦ ॥
ଭକ୍ତ-ଚାତକ ତୋଷକର ।
ସକଳ ଲୋକ ଦୁଃଖ ହର ॥
ଇନ୍ଦ୍ର ଗୋପ ଏ ମହାରାଗେ ।
ଏ ରୂପ ଚାହିଁ ଅନୁରାଗେ ॥
ଅଷ୍ଟ ସାତ୍ତ୍ୱିକ୍ୟ ଭାବେ ମହୀ ।
ଲୋତକ ବଢ଼ି ନଦୀ ବହି ॥
ସ୍ୱରଭଙ୍ଗ ଏ ଗଦ ଗଦ ।
ପ୍ରବାହ ଝର ଝର ସ୍ୱେଦ ॥
ତୃଣ କୁଳରେ ପୁଲକିତ ।
ଅଚଳ ରୂପରେ ସ୍ତମ୍ଭିତ ॥
କମ୍ପିତ ବାତେ ତରୁଦ୍ରୁମ ।
ଲତାବଳୀରେ ବୈବର୍ଣ୍ଣ ।
ମହା ବରଷା ଜଳ ପୂର ।
ପ୍ରଳୟ ଜାଣି ବସୁନ୍ଧରା ॥
କୃଷ୍ଣ ସ୍ୱରୂପ ଘନ ଦେଖେ ।
ମହୀ ସାନନ୍ଦ ଫଳ ମୁଖେ ॥
ବିବିଧ କୁସୁମ ଫୁଟିଲେ ।
ସୁଗନ୍ଧେ ଦିଗ ଚହଟିଲେ ॥
ମାଳତୀ ସୁଜାତି ଯୂଥିକା ।
କଦମ୍ବ ନେପାଳୀ ମଲ୍ଲିକା ॥

କେତକୀ ଚମ୍ପକ ବକୁଳେ ।
କୁମୁଦ କୋକନଦ ଜଳେ ॥
ମଧୁପକୁଳ ମଧୁ ତୃପ୍ତେ ।
କାମୀ କାମିନୀ ରସେ ରମେ ॥
ଜୀବନ ପାଇଣ ଅନଙ୍ଗ ।
ମନ୍ଥୁଣି ଅଛି ସର୍ବ ଅଙ୍ଗ ॥
ଏକାଳେ ମଦନ ଗୋପାଳ ।
ନ ପାଇ ରାଧା ସଙ୍ଗ ମେଳ ॥
ମହୀ କର୍ଦ୍ଦନେ ତୃଷା ଯେଣୁ ।
ବନ ବିହାର ନୁହେ ତେଣୁ ॥
ନଣନ୍ଦ ଶାଶୁଙ୍କ ଆକଟ ।
ଜଗି ନ ପାଇ କୃଷ୍ଣ ଭେଟ ॥
ରାଧିକା ଦର୍ଶନ ଲାଳସେ ।
ଗାଈ ଚରାଇ ଆସେ ପାଶେ ।
ଯତନେ ଉଚେ ରହି ଚାହିଁ ।
ଅନୁବରତେ ଭାବେ ରାଈ ॥
ଗାଈ ଚରାଇ ଗୋବର୍ଦ୍ଧନେ ।
ସୁଖ ଲଭନ୍ତି ସ୍ଥାନେ ସ୍ଥାନେ ॥
ତରୁ ଲତିକା ଶିଳାକୁଳ ।
ଆବୋରି ଦିଶନ୍ତି ତଟ୍ଟୂଳ ॥
ନିବିଡ଼ ପଲ୍ଲବ ଶ୍ରେଣି ।
ପୁର ମଣ୍ଡପ ପ୍ରାୟ ଜାଣି ॥
ବିବିଧ କୁସୁମେ ମଣ୍ଡିତ ।
ପ୍ରବାଳମାଳ ଅଖଣ୍ଡିତ ।
ଭେଦଇ ନାହିଁ ତହିଁ ଜଳ ।
ମୂଳ ମଞ୍ଜୁଳ ପରିମଳ ॥
କାହିଁର ତଉସମ ଶିଳା ।
ତଉକ ଖଟ ସେ ମୁଚୂଳା ॥
ପୀଠ ଆସନ ମେଡ଼ ପୀଡ ।
ଆଉଜା ଅପସର ବାଡ଼ ॥
ତରୁଲତାରେ ବେଢ଼ି ଡାଙ୍କେ ।
ପଟ ଗନ୍ଦଲ ବନଯାକେ ॥
ବରଷାବେଳେ ତହିଁ ବସି ।
ଖେଳ ଖେଳନ୍ତି ସୁଖେ ହସି ॥

ବଟ ପଳାଶ ତରୁତଳେ ।
ଗାବ ରଖନ୍ତି ଏକମେଳେ ॥
ପ୍ରିୟା ଛଟକ ଶୋଭା ଭୁଲି ।
ମୁଖ ହଲଇ ନୁହେ ବୋଲି ॥
ଦୋହଲେ ମକର କୁଣ୍ଡଳ ।
ଝଟକେ ଏଗଣ୍ଡ ମଣ୍ଡଳ ॥
କାମକ ଯାନୁ ଚମକାଇ ।
ଚନ୍ଦ୍ର ହାସକୁ ଝମକାଇ ॥
ଜାଣି ସେ ମର୍ମ ସଖାମାନେ ॥
କହନ୍ତି ଇଙ୍ଗିତ ବଚନେ ॥
ଦେଖ ସୁନାଷି ଧାଡ଼ ଧାଡ଼ ।
ହେମ କୁସୁମେ ହୁଏ ମଣ୍ଡି ॥
ଭୃଙ୍ଗ ଏହାକୁ ଦେଖି ଲେଷ୍ଟୁ ।
ଏକା ପଦ୍ମିନୀ ସଙ୍ଗ ଇଚ୍ଛୁ ॥
ଭୁବନ ମଧ୍ୟେ ପଦ୍ମ ଥାଇ ।
ଏଥି ଲୋଡ଼ିଲେ କାହିଁ ପାଇ ॥
ବୋଲନ୍ତି ସେ ମଧୁମଙ୍ଗଳ ।
କୁଟିଳ ମଧୁପ ବାତୁଳ ॥
ଯହିଁ ଦେଖଇ ପୁଷ୍ପବନ୍ତ ।
ତହିଁ ରମଣେ ବଳେ ମତ୍ତ ॥
ଲେଖଇ ଚମ୍ପକ କେତକୀ ।
ବାଛଇ ବାସଙ୍ଗ ବାର୍ତ୍ତିକ ॥
ଶୁଣି ସୁବଳ ବୋଲେ ଛଳ ।
ଦକ୍ଷ ନ ପୂକ ଏହୁ ଅଳ ॥
ସର୍ବ ସମାନ ଭାବେ ମତ୍ତ ।
ସକଳ ଫୁଲ କୂଳବନ୍ତ ॥
ଯେ ଯାହା ରସ ଯେନ ଚଳେ ।
ନିଶି ରହଇ ପଦ୍ମକୋଳେ ॥
ଏମନ୍ତ ଯେତୁ ସେ ଲଳନା ।
ସ୍ୱଚ୍ଛନ୍ଦା ଭ୍ରମର ଭାବନା ॥
ସୁଦାମ କହେ ସ୍ନେହ ମୁଖେ ।
ଲବଣ୍ୟ ବନଗିରି ଶିଖେ ॥
ସ୍ୱଭାବେ ପଦ୍ମ ବିକାଶିବେ ।
ମଧୁପ ମନକୁ ତୋଷିବେ ॥

ଇଷିତେ କହେ ବସୁଦାମ ।
ଦେଖ ଏ ବିକାଶ କୁସୁମ ॥
ମଧୁ ଯାଚନ୍ତି ମତ୍ତଭରେ ।
ଏ ଭୃଙ୍ଗ ନାହିଁ ନାହିଁ କରେ ॥
କୃଷ୍ଣ କାମିନୀ ଅବଲୋକେ ।
ଉଜ୍ଜ୍ୱଳ ଛଳ କଉତୁକେ ॥
ଦେଖି ବଦନ ପୂର୍ଣ୍ଣଚନ୍ଦ୍ର ।
ଉଚ୍ଛୁଳେ ଲବଣ୍ୟ-ସମୁଦ୍ର ॥
କମଳ ବଦନ ଚଳଇ ।
ଗଣ୍ଡରେ ମକର ଖେଳଇ ॥
ମନ୍ଥେ ମନ୍ଥନ ହୃଦସୂରେ ।
ଅମୃତ ଜାତ ହାସ ଧରେ ॥
ଶ୍ରୀକୃଷ୍ଣ ପ୍ରୀତି ଅନୁସାରେ ।
ଗନ୍ଧର୍ବ ରସକୁ ପ୍ରସାରେ ॥
ନେତ୍ର-ଖଞ୍ଜନ ଦେଖି ଉଡ଼େ ।
କୃଷ୍ଣ କମଳ ମୁଖେ ପଡ଼େ ॥
ପ୍ରିୟଭ୍ରମଣ୍ଡ ଭାବ ଇଚ୍ଛି ।
ଜାଣି ନୁହଇ ମୁଖ ବଙ୍କ ॥
ହେଲେହେଁ ବଡ଼ ରାଜଯୋଗ ।
ଏଥେ ନୁହେ ସେ ଅନୁରାଗ ॥
କୃଷ୍ଣ ପ୍ରସନ୍ନ ମୁଖ ଦେଖି ।
କଙ୍କିଣୀ କହେ ଉପଲକ୍ଷି ॥
ଗୋକୁଳଚନ୍ଦ୍ର ଗିରି ଶିଖେ ।
ଉଦେ ହୁଅନ୍ତେ ସର୍ବେ ଦେଖେ ॥
କାମାର୍ତ୍ତେ ମୃଗାକ୍ଷୀର ମୂର୍ତ୍ତି ।
ଅମୃତ ଲୋଭରେ ମିଶନ୍ତି ।
ହଲଇ ମୁଖ ଚନ୍ଦ୍ର ବାରେ ।
ଏ ଦୋଷେ ମୃଗ ଲୋଭ କରେ ॥
ଗୋକୁଳ ସଖା ଗୁଣ ଗୁଣି ।
ଗେ ବନ୍ଦ ଭାବ ପରମାଣି ॥
ଦେଖ ଏ ଚନ୍ଦ୍ରମା ବଦନ ।
ସକଳ ଗ୍ରହଙ୍କ ସଦନ ॥
ଜ୍ୟେଷ୍ଠା ଧନିଷ୍ଠା ଶତାଆର୍ଦ୍ରା ।
ରାଧା ବିଶାଖା ଅନୁରାଧା ॥

ଏ ମୁଖଚନ୍ଦ୍ର ଗ୍ରହରାହୁ ।
ଚଳେ କୁଣ୍ଡଳ ବେନି ଗୁରୁ ॥
ଏଣୁ ଅମୃତ ହାସ ବୃଷ୍ଟି ।
ପିବେ ଚାତକ ଏକ ଦୃଷ୍ଟି ॥
ଏକାଳେ ମଣ୍ଡନ ଆମ୍ବର ।
ହୋଇବା ଉଚିତ ବେଭାର ॥
ଏ ମର୍ମ ଅଷ୍ଟ ସଖା ଆଦି ।
ଛଳନ୍ତେ କୃଷ୍ଣ ମନ ଭେଦି ॥
ହସି ମିତ୍ରଙ୍କୁ ଆଲିଙ୍ଗନ ।
ସୁଖେ ବିହାର ଗୋବର୍ଦ୍ଧନ ॥
ସୁରଭି ପେଟ ପୁରାଇଲେ ।
ନବୀନ ତୃଣ ଚରାଇଲେ ॥
ପର୍ବତୁ ଓହ୍ଲାଇ ଦିନାନ୍ତେ ।
ପୁରେ ପ୍ରବେଶ ନନ୍ଦମତେ ॥
ରାଧିକା ପୁର ଅଟ୍ଟାଳିରେ ।
କୃଷ୍ଣ ଦର୍ଶନ ଲାଳସରେ ॥
କଥା ପ୍ରସ୍ତାବେ ସଖୀ ସଙ୍ଗେ ।
କହନ୍ତି କୃଷ୍ଣ ଅନୁରାଗେ ॥
ଦେଖ ନବୀନ ଜଳଧର ।
ଦିଗ ଘୋଟିଣ ଅନ୍ଧକାର ॥
ବିଦ୍ୟୁଝଟକେ ଘଡ଼ଘଡ଼ି ।
ଚମକ ବଜ୍ର ସୂଚପଡ଼ି ॥
ନ ଦିଶେ ରବି ଶଶୀତାରା ।
ଅବିଚ୍ଛିନ୍ନରେ ଜଳଧାରା ॥
ଏଥେ ଗୋପାଳ ଗାଈ ରଖେ ।
ବନ କନ୍ଦରେ ଅତି ଦୁଃଖେ ॥
ତିନ୍ତି ବସନ ଜର ଜର ।
ଶୀତେ ହୁଅନ୍ତି ଥର ଥର ॥
ସଙ୍କୋଚ ଉର ବାହୁ ଛନ୍ଦେ ।
ନଉଡ଼ି ବସ୍ତ୍ର ଛନ୍ତି କନ୍ଧେ ॥
ଘୁଡ଼ିଏ ସେ ଯାହା ବଢ଼ାଇ ।
ଗାଈ ନ ପାରନ୍ତି ଅଡ଼ାଇ ॥
ଏଥି କେମନ୍ତେ ଏ ନାଗର ।
ବିହରେ ବାଳକ ସଙ୍ଗର ।
ସଦନ ସୁଖ ଭୋଗ ଲେଖୁ ।
ବରଷାକାଳେ ବନେ ବଞ୍ଚୁ ॥
ଶୁଣି ବୋଲନ୍ତି କୁନ୍ଦଲତା ।
ତୁମ୍ଭ ଭଜନେ ବଳବନ୍ତା ॥
ବରଷା ଋତୁ ସୁଖ କରେ ।
ବିହରେ ଗୋବର୍ଦ୍ଧନ ଘରେ ॥
ସେ ଗିରି ଅତି ମନୋହର ।
ସମ ହୋଇବ କେଉଁ ପୁର ॥
ପଲ୍ଲବ କୁଟି ତଳେ ରହି ।
ସୁଖେଣ ସୁରଭି ଚରାଇ ॥
ଦେଖି ଶରଧା ଯେବେ ମନେ ।
ଚାଲ ସେ ଯିବା ଗୋବର୍ଦ୍ଧନେ ॥
ତୁମ୍ଭର ସଙ୍ଗେ ରଙ୍ଗ ଇଚ୍ଛି ।
ବରଷା ଗୋବର୍ଦ୍ଧନେ ବଞ୍ଚି ॥
ବିଚ୍ଛେଦ ବିରହ କାତରେ ।
ନରହେ ନଗର ଭିତରେ ॥
ତପୀଙ୍କ ପ୍ରାୟେ ଦୁଃଖ ସହେ ।
ତୁମ୍ଭର ବିନୁ ସୁଖ ନୁହେ ॥
ଶ୍ରୀମତୀ ଶୁଣେ ଇଙ୍ଗିତରେ ।
ହୃଦର ପଡ଼ିଲ ମନରେ ॥
କହୁଛ ଯେବେ ତାଙ୍କ ହିତେ ।
ବାରେକ ଯାଅ ସେ ପର୍ବତେ ।
ହୃଦର ସଙ୍ଗେ ଲୀଳା କରି ।
ବିରହି ତାଙ୍କ ଦୁଃଖ ହରି ॥
ଏହି ସମୟେ ପୌର୍ଣ୍ଣମାସୀ ।
ପ୍ରବେଶ ଯାବଟରେ ଆସି ॥
କଲ୍ୟାଣ କରି ପୁରେ ଦେବୀ ।
ଦେଖି ଜଟିଳା ପାଦେ ସେବି ॥
କହି ସକଳ ସର୍ବ ଶୁଭ ।
ଗୋଧନ ବୃଦ୍ଧି କ୍ଷୀର ଲାଭ ॥
ଜଟିଳା କହେ ବୃନ୍ଦାବନୀ ।
ପଲ ମୋ ଗଲେ ଯେଉଁ ଦିନ ।
ସେ ଦିନୁ ଦୁଧ ନ ହେ ପାଇ ।
ଘୃତ ଭେଟିବି ଏବେ ନାହିଁ ॥

ଏଘେନ ନନ୍ଦନ ହୋଇଲ ।
ସଞ୍ଚିତ ଧନ ମୁଁ ବ୍ୟୟିଲି ।।
ଜଟିଳା ବଚନେ ହର୍ଷାସି ।
ତୋଷେ କହନ୍ତି ପୌର୍ଣ୍ଣମାସୀ ।।
କହିବା ଯେନ ଏକ ଦୀକ୍ଷା ।
ହେବ ପକ୍ଷ ବର୍ଦ୍ଧନ ବାଞ୍ଛା ।।
ଏ ଚତୁର୍ମାସ ଗୁରୁବାର ।
ଶ୍ରୀ ନାରାୟଣ ପୂଜାକର ।।
ଏଣେ ହୋଇବ ସର୍ବ ସିଦ୍ଧି ।
ନଷ୍ଟଲେ ରହିବ ପ୍ରସିଦ୍ଧି ।।
ଏହି ଯେ ଗୋବର୍ଦ୍ଧନ ଗିରି ।
ଗୁପତେ ଶୀଳା ରୂପ ଧରି ।।
ଅଛନ୍ତି ଲକ୍ଷ୍ମୀ ନାରାୟଣ ।
ସେବନ୍ତେ ବ୍ରତପରାୟଣ ।।
ପୂଜା କରାଅ ବଧୂ ପେଶି ।
ସେ ଦେବରାଜ ହେବେ ତୋଷି ।।
ଏ ନାନ୍ଦୀମୁଖୀ ସଙ୍ଗେ ଥିବେ ।
ବିଧାନେ ପୂଜା କରାଇବେ ।।
ଶୁଣି ଜଟିଳା ତୋଷଚିତ୍ତେ ।
ନାନ୍ଦୀଙ୍କି ଘେନଣ ସଙ୍ଗତେ ।।
ମିଳିଲେ ରାଇ ଛନ୍ତି ଯହିଁ ।
ପୌର୍ଣ୍ଣମାସୀଙ୍କ ଆଜ୍ଞା କହି ।।
ଏ ଚତୁର୍ମାସ ଗୁରୁବାର ।
ସିଦ୍ଧ ଶୀଳାକୁ ପୂଜାକର ।।
ଲଳିତା ଆଦି ସଙ୍ଗମେଳେ ।
ବିଜୟେ ଗୋବର୍ଦ୍ଧନ ସ୍ଥଳେ ।।
ଏ ନାନ୍ଦୀମୁଖୀ ସଙ୍ଗେ ଥିବେ ।
ଯାଇଁ ହରିଙ୍କୁ ଚଢ଼ାଇବେ ।।
ଆଳସ ନ କରିବ ମାଏ ।
ଯିବ ଏ ଗୋବର୍ଦ୍ଧନ ଯାଏ ।।
ହରିଙ୍କ ବ୍ରତ ଗୁରୁବାର ।
ଗନ୍ଧ ସୁବାସ ଅଳଙ୍କାର ।।
ଏଣେ ହୁଅଇ ସର୍ବ ସିଦ୍ଧି ।
ବଧୂକୁ କହନ୍ତି ପ୍ରବୋଧି ।।

ରାଇ ବୋଲନ୍ତି ଏହା ଶୁଣି ।
ଏଣେ ତ ପୂଜେ ଦିନମଣି ।।
ଏ ଘୋର ବରଷା କାଳରେ ।।
ପୂଜିବା ଶ୍ରୀଗୁରୁବାରରେ ।।
ଖଣ୍ଡ କଣ୍ଟକ ଶୀଳା ଲାଗି ।
ଉଠାଣି ଉଠି ଦୁଃଖଭାଗୀ ।।
କେମନ୍ତେ ପାରିବଇଁ ଯାଇ ।
ବିଘ୍ନ ହୋଇଲେ ଫଳ ନାହିଁ ।।
ଏ ଗୋବର୍ଦ୍ଧନ ସିଦ୍ଧଶୀଳା ।
ପୂଜା କରନ୍ତୁ ଏ କୁଟିଳା ।।
ଯାଇ ଆସି ମୁଁ ନ ପାରିବି ।
ଦୂଷଣ ବାଦୁଁ ନିସ୍ତରିବ ।।
ଜଟିଳା ବୋଲନ୍ତି ଗୋ ମାଆ ।
ମନେ କରୁଛ କିମ୍ପା ତାହା ।।
ସେହୁତ ପରର ଯୁବତୀ ।
ଯେ ପୂଜେ ତାହାର ସମ୍ପତ୍ତି ।
ହୋଇବ ଧନ ପୁତ୍ରବତୀ !
ହରସ ନ କରିବ ମତି ।
ଶୁଣି ମଉନ ହେଲେ ରାଇ ।
ଅନ୍ତ ସାନନ୍ଦ କେବା କହି ।।
କଳ୍ପନା କରିଥିଲି ଯାହା ।
ଭେଟିଲି ଚତୁରକାଳେ ତାହା ।।
ଏ ସର୍ବ ଯିବାର ହରଷେ ।
ଅଛନ୍ତି ଉତ୍ସାହ ମାନସେ ।।
ଏମନ୍ତେ ଶାଶୁ କହିଗଲେ ।।
ସକଳ ସଖୀଗଣ ମେଳେ ।।
କୁନ୍ଦଲତାକୁ ରାଇ ହସି ।
କେମନ୍ତ ଯୋଗରେ ମନାସି ।।
ସଜନୀ ହରଷ ହୋଇଣ ।
ବୋଇଲେ ଯିବା ଗୋବର୍ଦ୍ଧନ ।
ଗିରି ବିହାର ବରଷାରେ ।
ରାଧା ମାଧବ ଅନୁସରେ ।।
ଏକାନ୍ତେ ଯୁଗଳ କରାଇ ।
ଦେଖିବା ନୟନ ପୂରାଇ ।।

ଏମନ୍ତେ ଆଷାଢ଼ ଶୁକ୍ଳ ।
ଯୋଗେ ଦଶମୀ ଗୁରୁବାର ॥
ପ୍ରଭାତୁଁ ମିଳି ସଖୀଗଣ ।
ରାଧାଙ୍କୁ କରାଇ ସ୍ନାହାନ ॥
ବାସ କୁସୁମ ଅଳଙ୍କାର ।
ସୁବେଶ ଶ୍ୟାମ ମନୋହର ॥
ସେ ପୂଜା ଦ୍ରବ୍ୟ ଉପହାର ।
ଘେନାଇ ସଜଣୀ ବାହାର ॥
ଜଟିଳା ସାବଧାନ ହୋଇ ।
ସକଳ ବିଅନ୍ତ ଚଳାଇ ॥
ନାନ୍ଦୀମୁଖୀଙ୍କି ଘେନି ସଙ୍ଗେ ।
ଗୋବର୍ଦ୍ଧନକୁ ବିଜେ ରଙ୍ଗେ ॥
ପ୍ରବେଶ ହେବ ପୂଜା ଛଳେ ।
ଏ ରୂପେ ଜେମାଦେଈ ଚଳେ ॥
ତହିଁକି ଶତେ ଗୁଣେ ସାଜ ।
ବିଜୟେ ସିଦ୍ଧଶିଳା ପୂଜ ॥
ଯାତ୍ରା ମଙ୍ଗଳ ଅନୁକୂଳେ ।
ଉତ୍ସବ ପଥ ପରମଳେ ॥
ନିଜଗଣଙ୍କୁ ଘେନି ସଙ୍ଗେ ।
ବୃନ୍ଦା ଦର୍ଶନ କଲେ ବେଗେ ॥
ଫୁଲ ପଲ୍ଲବ ଫଳ ମୂଳେ ।
ଦେଖି ଶ୍ରୀମତୀ ହସି ବୋଲେ ॥
ଭିଆଣ କରଅଛ ଜାଣି ।
ଗିରି ପୂଜିବା ପରମାଣି ॥
ଏମନ୍ତେ ଆଜ୍ଞା ବୃନ୍ଦା ଭାଷେ ।
ପଥ ମଣାଇ ବନ ଦେଶେ ॥
ଏମନ୍ତେ ନିଜ କୁଣ୍ଡେ ମିଳି ।
ସେ ଜଳେ ବଦନ ପଖାଳି ॥
ଶ୍ୟାମ କୁଣ୍ଡରୁ ଜଳ ତୋଳି ।
ଶିରେ ସିଞ୍ଚଣ ଉରେ ବୋଳି ॥
ଗହନ ବନେ ତହୁଁ ପଶେ ।
ବିବିଧ ପକ୍ଷୀ ନାଦ ଘୋଷେ ॥
ଦେଖିଣ ମୃଗଗଣ ରହି ।
ନିଶ୍ଚଳ ଲୋଚନରେ ଚାହିଁ ॥

ମିଳିଲେ ଗିରିବର ତଟେ ।
ଅର୍ଘ୍ୟା ଅଷ୍ଟିକ ଭେଟି ବାଟେ ॥
ବୋଲନ୍ତି ଏହୁ କସ ହାଡ଼ ।
ମାଡ଼ ପଡ଼ିଛି ଭୂମି ଖଣ୍ଡ ॥
ନାନ୍ଦୀ କହନ୍ତି ଆଗସରି ।
ସେ ଅର୍ଘାସୁର କୃଷ୍ଣ ମାରି ॥
ସବୁଙ୍କୁ ଗିଳିଥିଲା ଏଟି ।
ବାହାର ହେଲେ ତାକୁ ଫୁଟି ।
ଶୁଣି ଶ୍ରୀକୃଷ୍ଣ ଗୁଣ କର୍ମ ।
ଶ୍ରୀମତୀ ଉରେ ଦମ ଦମ ॥
ଏମନ୍ତେ ସହୁଁ ଯାନ୍ତି ଚଳି ।
ଶବର ପଲ୍ଲିରେଣ ମିଳି ॥
ବାହାର ପୁଳିନ୍ଦ ନନ୍ଦଣୀ ।
ଭୃଙ୍ଗି ମଲ୍ଲିକା ଏ ବେନି ॥
ହାରିଦ୍ର ଫଳ ଥୋଇ ଭେଟି ।
ଦର୍ଶନ କରି ମଥା ଲେଟି ॥
ଧୂଳି ସାଉଁଟି ଘେନି ଶିରେ ।
ନିସ୍ତରି ନିସ୍ତରିଲୁ ବୋଲି ॥
ଭାଗ୍ୟେ ମିଳିଲୁ ଆଜ ଆସି ।
ଶୁଭେ ପାହିଲା ଆଜ ନିଶି ॥
ପୁଚ୍ଛନ୍ତି ଶରଧାରେ ସଖୀ ।
ପୁଳିନ୍ଦ କନ୍ୟା ଭାବ ଦେଖି ॥
ଏ ଘୋରବନେ ରହିଥାଅ ।
ଏଥିରେ ଭୟ ଗୋ ନ ପାଅ ॥
କି ରୂପେ ବଞ୍ଚ ବନବାସେ ।
କହଁ । ନରହ ନଗ୍ର ପାଶେ ॥
ସୌହାର୍ଦ୍ଦ୍ୟ ପ୍ରିୟବାଣୀ ଶୁଣି ।
ଭୃଙ୍ଗି ମଲ୍ଲିକା ସେ ଭଣି ॥
ଆମ୍ଭର ବଂଶ ଅନୁସାରେ ।
ବନ କନ୍ଦର ଆଶ୍ରା କରେ ॥
ସିଦ୍ଧ ଶିଳାଙ୍କ ପରସାଦେ ।
ଗହନେ ବଞ୍ଚୁ ଅପ୍ରମାଦେ ॥
ଭୟ ଯେ ନ କରୁ କାହିଁକି ।
ବଞ୍ଚୁ ପଲ୍ଲବ କାନ୍ଦୁ ଭକ୍ଷ ॥

କର୍ମେ ଅର୍ଜିଣ ଯାହା ପାଇଁ ।
ଲୋଡ଼ଣ ଫଳମୂଳ ଖାଇଁ ॥
ସ୍ୱର୍ଗ ଭୋଗନ୍ତି ନ ଯୋଗାଇ ।
ଏ ଗିରି ଝର ନୀର ଖାଇ ॥
ଲଳିତା ବୋଲନ୍ତି ଗୋ ବାଳୀ ।
ଆମ୍ଭେ ଅଇଲୁଁ ତୁମ୍ଭ ପଛି ॥
ତୁମ୍ଭର ହଅଁ ଅଛୁ କାହିଁ ।
ଦେଖି ଶରଧା ଜେମାଦେଇ ॥
ଆଗେଣ ପଥକୁ କଢାଅ ।
କଣ୍ଟକ ଲତିକା ଛଡ଼ାଅ ॥
ଏ ବୃଷଭାନୁର ଝିଅକୁ ।
ଦର୍ଶନ କରାଅ ହଅଁକୁ ॥
ବୋଲନ୍ତି ଭୃଭଙ୍ଗି ମଲ୍ଲିକା ।
କାହାରି ନୁହନ୍ତି ସେ ଏକା ॥
ବ୍ରହ୍ମାଦି ଭାବନ୍ତି ଯାହାକୁ ।
ଦର୍ଶନ ନହଏ କାହାକୁ ॥
ଭାବରେ ଦେଖା ଦେ ହଅନ୍ତି ।
ଅଭାବେ ଦୃଶ୍ୟ ସେ ନୁହନ୍ତି ॥
ଆମ୍ଭର ପିତାମହ ପୂର୍ବେ ।
ଯା'କହିଛନ୍ତି ଶୁଣ ଏବେ ॥
ଶବର ବିଶ୍ୱାବସୁନାମ ।
ସର ଦ୍ୱୀପରେ ତାର ଧାମ ॥
ନୀଳମାଧବ ନୀଳଗିରି ।
ପୂଜଣ ସୁଖ ଭୋଗକରି ॥
ଏକ ବିପ୍ରଙ୍କୁ ପ୍ରୀତି ପଣେ ।
ଦେଖାଇଲେ ଗୁପ୍ତ ତତ୍କ୍ଷଣେ ॥
ଏହି ପର୍ବତେ ଆସି ରହି ।
ଲୋଡ଼ନ୍ତେ ଭେଟ ଏଥେ ପାଇ ॥
ଆମ୍ଭର କୌତୁକ ବେଭାରେ ।
ପୂଜା କରୁଛୁଁ ଗିରିବରେ ॥
ନନ୍ଦ ନନ୍ଦନ ଏବେ ଆସି ।
ଶୀଳାର ପରମଣି ହଶି ॥
ଏ କୃଷ୍ଣ ରୂପେ ଶୋଭା ପାଇ ।
ଏତେ ଦେବତା ହେଲେ ମୋହି ॥

ଗୁପତେ ରହେ ସଖୀ ଭାବେ ।
ତାଙ୍କୁ ଭେଟିବ କାହିଁ ଏବେ ॥
ପ୍ରସନ୍ନ ହେଲେ ନନ୍ଦବଳା ।
ଦର୍ଶନ ଦେବେ ସିଦ୍ଧଶୀଳା ॥
ଶୁଣି ସେ ବୃନ୍ଦା କଣ୍ଠ'ସ୍ୱରେ ।
ଗୃହିଁନ୍ତେ ଶବଦ ଓଁହାଳେ ॥
ହସ୍ତ ସମାଜ ନାନ୍ଦୀମୁଖୀ ।
କହନ୍ତି ସନ୍ନିଧିକ ଡ଼ାକି ॥
ଶ୍ରୀ ପୌର୍ଣ୍ଣମାସୀଙ୍କର ଆଜ୍ଞା ।
ଭୃଭଙ୍ଗି ନକର ଅବଜ୍ଞା ॥
ରାଧିକା ଶ୍ରୀକୃଷ୍ଣ ବିହାର ।
ବରଷା କାଳେ ଗିରିପର ॥
ଭଗବତୀଙ୍କ ଆଜ୍ଞା ଶୁଣି ।
ସାନନ୍ଦ ପୁଳନ୍ଦ ନନ୍ଦନୀ ॥
ଆଗେଣ ପଥକୁ ମଣାଇ ।
ସକଳ ଚିହ୍ନାଇ ଜଣାଇ ॥
ସଖୀରେ ବିଜୟେ ବିମ୍ବୋଷ୍ଠୀ ।
ପାଦ ପାଦକେ ଗିରି ଉଠି ॥
ପାଇ ଶ୍ରୀରାଧା ପଦ୍ମପାଦ ।
ଅଚଳ ପରମ ଆନନ୍ଦ ॥
ପାଦ ଧଉତ ମଧୁଧାରେ ।
କୁସୁମ ଛତ୍ରଦ୍ରୁମ ଶିରେ ॥
ସୁବାସ କୁସୁମ ପରାଗ ।
ଗହଳେ ପଡ଼ିଛନ୍ତି ମାର୍ଗ ॥
ପ୍ରବାଳ ବକୁଳ ଗୁମର ।
ସୁଗନ୍ଧେ ବହଇ ସମୀର
ଲତା କୁସୁମ ବୃଷ୍ଟି କରେ ।
ଲୋଟନ୍ତି ତରୁ ଫଳଭରେ ॥
ସୁସ୍ୱରେ ଭୃଙ୍ଗ ବେଣୁ ରନ୍ଧ୍ରେ ।
ମଙ୍ଗଳ ମଧୁର ଶବଦେ ॥
କୁମ୍ଭ ଶ୍ରୀଫଳ ଚୂତ ଡ଼ାଳେ ।
ସୋଣା ପଲ୍ଲବ ମାଳେ ମାଳେ ॥
ତରୁ ଲତାରେ ଛନ୍ଦାଛନ୍ଦ ।
ଦେଖାଇ ପ୍ରିୟ ଅନୁବାଦୀ ॥

ଅଳି ଗୁଞ୍ଜିତ ହୁଳହୁଳ ।
କରନ୍ତ ପରଶମା ବୁଲି ॥
ମଙ୍ଗଳ ପଢ଼େ ଶୁକ ଶାରୀ ।
କଳାପୀ କୁଳ ନୃତ୍ୟ କରି ॥
ବହୁତ ପକ୍ଷୀ କୋଳାହଳେ ।
ବିବିଧ ବାଦ୍ୟ କି ଉଚ୍ଛୁଳେ ॥
ପାଦ ମଣାଇ ରାଧେ ସଖୀ ।
ପଦ ଧରଇ ବୋଲି ଡାକି ॥
ଚିକ୍କଣ ପୀଢ଼ ସ୍ଥାନେ ସ୍ଥାନ ।
ସୁବାସ କୁସୁମ ଅଶନ ।
ଅଗ୍ର ଚନ୍ଦନ ଗନ୍ଧ ଫୁଲ ।
ନାନା ସୁପକ୍ୱ ସ୍ୱାଦୁ ଫଳ ॥
ଏ ରୂପେ ଯେହ୍ନ ଉପଚାର ।
ପୂଜା କରନ୍ତି ଗିରିବର ॥
ସାତ୍ତ୍ୱିକ୍ୟ ସ୍ୱଭାବେ ଅଚଳ ।
ପୁଲକ କରି ତୃଣକୁଳ ।
ଲୋତକ ଜାଣି ନଦୀ ଧାରା ॥
ମକରନ୍ଦ ଏ ସ୍ୱେଦ ମାଳା ।
ନାନା କୁସୁମରେ ବିବର୍ଣ୍ଣ ॥
ପୁଲକ ଲତା କମ୍ପମାନ ।
ପକ୍ଷୀ ଶବ୍ଦ ସ୍ୱରଭଙ୍ଗ ॥
ଜୟ ରାଧିକା ପଦଯୁଗ ।
ଏମନ୍ତେ ପ୍ରବର୍ତ୍ତି ସାତ୍ୟକେ ।
ଦେଖି ବଦନ ଅବଲୋକେ ॥
ପାବଚ୍ଛ ଚନ୍ଦ୍ରମଣି ଶୀଳ ।
ଦ୍ରବେଣ ତରଳ କୋମଳ ॥
ନମ୍ର ହୋଇଣ ପାଦ ଧରେ ।
ପୁଲକ ହୁଅନ୍ତେଣ ତୋଳେ ।
ଏ ଯେହ୍ନ ଶ୍ରମକୁ ନ ପାଇ ।
ସୁଖେ ବଜଚ୍ଛେ ଜେମାଦେଈ ॥
ଆରେଗଣ ଭ୍ରୂଭଙ୍ଗି ମଲ୍ଲିକା ।
ସ୍ଥାନ ମଣାଇ କରେ ଦେଖା ॥
ଶ୍ରୀ ଜେମାଦେଈ ଗିରିସ୍ଥଳ ।
ସର୍ବ ଗୋପାଳେ ଏଥି ମେଳ ॥

ଏ ଯେ ପଲାଶ ତରୁତଳ ।
ଉଚ୍ଚ ପାଷାଣ ସମତୁଲ ॥
ବିସ୍ତାର ମଣିମୟ ଶୀଳ ।
ପୂଜନ୍ତେ ସର୍ବସିଦ୍ଧ ଫଳ ॥
ବରଷା ବେଳେ ଗୋପୀନାଥ ।
ରହନ୍ତି ଯେହ୍ନ ମିତ୍ର ଯୂଥ ॥
ଏ ଯେ ମାଧବୀ ବିସ୍ତୃତ ଶୀଳା ।
ଗୋପଜନେ ହୋନ୍ତି ଏଥେ ମେଳା ॥
ଦେଖ ଏ ଶାଳ ତରୁ ତଳେ ।
ଉଚ୍ଚ ପାଷାଣ ସମତୁଲେ ॥
ଏଥି ଉପରେ ଉଠି ହରି ।
ଡାକନ୍ତି ଗାବ ନାମ ଧରି ॥
ସୁସ୍ୱରେ ଶୁଣି ବେଣୁନାଦ ।
ଆସି ବେଢ଼ନ୍ତି ଗାବବୃନ୍ଦ ॥
ଏ ଉଚ୍ଚ ଶୀଳାପରେ ଉଠି ।
ଚଉଦିଗକୁ ଦେଇ ଦୃଷ୍ଟି ॥
ତାଙ୍କି ରହିଛି ଦେବଦାରୁ ।
ଦେବ ନିର୍ମାଣ ପ୍ରାୟ ସ୍ଥିରୁ ॥
ଚିକ୍କଣ ଚଉସମ ସ୍ଥାନ ।
ଏ ଯେ ମାଧବ ସୁଖାସନ ॥
କ୍ଷଣେବା ପହୁଡ଼ନ୍ତି ଏଥ ।
ଜଗି ବସନ୍ତି ମିତ୍ର ଯୂଥ ॥
ଆକାଶେ ଗଙ୍ଗାକୁଣ୍ଡ ଦେଖ ।
ସ୍ନାନେ ଲଭନ୍ତି ଏଥି ସୁଖ ॥
ଏ ରୂପେ ଦେଖାନ୍ତି ଚିହ୍ନାଇ ।
ସ୍ଥାନକୁ ସ୍ଥାନ ଏ ମଣାଇ ॥
ପାଷାଣ ପୀଢ଼ ପୀଢ଼ ସ୍ଥଳୀ ।
ବୁଲି ଦେଖନ୍ତି ସର୍ବ ବଳି ॥
ଚକଟା ପାଲ କାଠି କାହିଁ ।
କେଉଁ ପୀଢ଼ରେ ପଞ୍ଚ ଶାଇ ॥
କାହିଁ ଲବଣ୍ୟ ରେଖାବଳୀ ।
କାହିଁରେ କାଠି ପଶାପାଲି ॥
କାହିଁରେ ନାନାରଙ୍ଗ ଘୋର ।
ପାଷାଣ ମାନ ଚିତ୍ର କରି ॥

ଶ୍ରୀକୃଷ୍ଣ ନାନା ବେଶ ଭଙ୍ଗୀ ।
କାହ୍ନିଁବା ଶ୍ରୀଅଙ୍ଗ ଉଲଗି ॥
କୁସୁମ ଚନ୍ଦନ ତାମ୍ବୂଳ ।
ମଣ୍ଡିତ କେବଣହିଁ ଶୀଳ ॥
ଶ୍ରୀକୃଷ୍ଣ ଚାହ୍ଲମାନ ରହିଁ ।
ଶ୍ରୀମତୀ ଲୋଭମନ୍ତ ହୋଇ ॥
ଯତନେ ବସେ ଶ୍ରମଭରେ ।
ଅଙ୍ଗ ଉଲଗି ଦେଖିବାରେ ॥
ଉତ୍ସାହ ଜାତ ଅନୁକ୍ଷଣେ ।
ଗତ ସୁରତ ଚନ୍ଦ୍ର ମଦନ ॥
ଅଛନ୍ତି ସିଦ୍ଧଶୀଳା ଯହିଁ ।
ଏମନ୍ତେ ପରବେଶ ତହିଁ ॥
ଦେଖିଲେ ଅଗ୍ର ତରୁ ତଳେ ।
ଶ୍ୟାମଳ ଜ୍ୟୋତିର୍ମୟ ଶୀଳେ ॥
ଶ୍ରୀନାରାୟଣ ମୂର୍ତ୍ତିମନ୍ତେ ।
ଶୋଭିତ ଶଙ୍ଖ ଚକ୍ର ହସ୍ତେ ॥
ଦେଖିଣ ନମସ୍କାର କଲେ ।
କୃଷ୍ଣ ଦର୍ଶନେ ମନାଶିଲେ ॥
ପୂଜା ଆରମ୍ଭେଁ ବିପ୍ର ବାଳୀ ।
ମଙ୍ଗଳ ଗୀତ ହୁଳହୁଳି ॥
ସୂଦଶୀ ବ୍ରତର ଯେ ବିଧି ।
ନାନ୍ଦୀ ମୁଖୀରେ ପୂଜା ସିଦ୍ଧି ॥
ସଂଯୋଗି ନୃପତ ଦୁଲାଳ ।
ଦେଲେ ସେ କୁସୁମ ଆଞ୍ଜୋଳ ॥
ପୂଜା ବଢ଼ାଇ ବିଧିମତେ ।
ପ୍ରସାଦ ଦେଲେ ଜେମାହସ୍ତେ ॥
ପୁଣି ଓଳଗି ବର ମାଗେ ।
ଶ୍ରୀକୃଷ୍ଣ ଅଙ୍ଗ ଭୋଗ ଯୋଗେ ॥
ଏମନ୍ତେ ଉଦବେଗ ମନ ।
କୃଷ୍ଣ ନ ଦେଖି ଛନ ଛନ ॥
ଶିଖରୁ ଶିଖର ଆରୋହି ।
ଚଉଦିଗକୁ ଦେଲେ ରହିଁ ॥
ଦେଖନ୍ତି ନଗ୍ରପୁର ଜନ ।
ହେଜ ଜାଣନ୍ତି ସ୍ଥାନ ସ୍ଥାନ ॥

ପୁରେ କଳସ ପନ୍ତି ପନ୍ତି ।
ଉଡ଼େ ପତକା ନୀଳକାନ୍ତି ॥
କୃଷ୍ଣ ଠାରେ କି ହସ୍ତ ଲଇ ।
ଆମ୍ଭେ ଯିବୁଁ ସେ ଥାଅ ତହିଁ ॥
ଏମନ୍ତେ କୃଷ୍ଣ ବନ ବଜେ ।
ଶିଙ୍ଗା ମୁରଲୀ ବେଣୁ ବାଜେ ॥
ଗୋଧନ ଚଳାଇଣ ଆଗେ ।
ପଛେ ଗୋପାଳ ବାଳ ସଙ୍ଗେ ॥
ମିଳିଲେ ଗିରିବର ତଳେ ।
ଦେଖି ରାଧିକା ସଖୀ ମେଳେ ॥
ନିଶ୍ଚଳ ଲୋଚନେ ନିରେଖେ ।
ସାତ୍ତ୍ୱିକ୍ୟ ବ୍ୟାଧି ଜର କମ୍ପେ ॥
ଜାଣି ସେ ପ୍ରିୟନର୍ମ ସଖୀ ।
ଭାଷେ ଉପମା ହାସ ଯୋଖି ॥
ଲଳିତା କହେ ଲଳିତରେ ।
ଦେଖାଇ ସଖୀ ଇଙ୍ଗିତରେ ॥
ଗୋକୁଳେ ଶ୍ୟାମଘନ ଘୋଟି ।
ଲାବଣ୍ୟ ଜଳ କରେ ବୃଷ୍ଟି ।
ନେତ୍ର ଚାତକ ପିଏ ଧୀରେ ॥
କୁଚ କଳାପୀ ନୃତ୍ୟ କରେ ।
ରୋମାଞ୍ଚ ନାଗପୁଷ୍ପ ଜାଣି ।
ଲୋତକ ନଦୀ ପରମାଣି ॥
ମୀନକେତନ ବାସ ଚୂଡ଼ି ।
ଶ୍ୟାମ ଲାବଣ୍ୟ ଜାଲ ଭିଡ଼ି ॥
ଗଣ୍ଡରେ ମକରକୁଣ୍ଡଳ ।
ଖେଳ ଲୋଡ଼ନ୍ତି ସଙ୍ଗମେଳ ॥
ନୟନ ମୀନ ତହିଁ ପଡ଼ି ।
ଆହି ନ ପାରଇ ବାହୁଡ଼ି ॥
ଚମ୍ପକଲତା ବୋଲେ ସିଧି ।
ଧବଳୀ ବୃନ୍ଦ ଏ ପୟୋଧି ॥
ମନ୍ଥନେ ମାଧବ ଆଗତ ।
ବିବିଧ ରସ ହେବ ଜାତ ॥
ଅନଙ୍ଗ ଦେବ ଆଦି ମେଳେ ।
କୁଚ ମନ୍ଦର ଆଗ ତୋଳେ ॥

ବେଢ଼ି ଖଚର ମୋଣ୍ଡମାଳ ।
ଢୋଳିବା ଭରେ ଟଳ ଟଳ ॥
ନୃପଦୁହିତା ମତ୍ତ ଭାବ ।
ଦେଖାଇ କହେ ରଙ୍ଗଦେବୀ ॥
କୃଷ୍ଣସାରକୁ ଦେଖି ଦୂରେ ।
ହରିଣୀ ନେତ୍ର ନିଶ୍ଚଳରେ ॥
ଅନୁକମ୍ପନେ ଅଶ୍ରୁ ମୁଞ୍ଚେ ।
ପୁଲକ ହୁଅଇ ରୋମାଞ୍ଚେ ॥
ସଙ୍ଗିନୀ ଗଣ ତେଜି ଆଗେ ।
ଧାଇଁ ମିଶିବ ପଦ୍ମ ବେଗେ ॥
ସୁଦେବୀ କହଇ ଇଙ୍ଗିତ ।
ସୁରଶ୍ମି ଏ ସୁର ସରିତ ॥
ଯେନ ଗୋବନ୍ଦ ଭାଗୀରଥୀ ।
ଲିଭିବ କାମାନଳ ଏଥି ॥
ଶୀତଳ କୁଚ ପାଦ ହେବ ।
ଶରଣ ସରିତ ବାନ୍ଧବ ॥
ରାଧା ସାତ୍ତ୍ୱିକ୍ୟ ଭାବ ଦେଖି ।
କହନ୍ତି ତୁଙ୍ଗବିଦ୍ୟା ସଖୀ ॥
ନରେପି ଶ୍ୟାମ ନବକାମ ।
ଉରଜ ଶମ୍ଭୁ ଦମ ଦମ ॥
ସୁନ୍ଦରୀ ଅଙ୍ଗ ଆଶ୍ରେ ଧନୀ ।
ଚନ୍ଦନ ଭସ୍ମ ବେଣୀଫଣୀ ॥
କପାଳ ଖଣ୍ଡ ସୁଧାକର ।
କଟି ଡମ୍ବରୁ ଘଣ୍ଟିସାର ॥
ଭ୍ରୁରୁ ପିନାକ ଧନୁସାଜ ।
ଗୁରୁ ଅଞ୍ଜନ ଗୁଣମାଜ ॥
ନୟନ ମନଭେଦୀ ବାଣ ।
ବନ୍ଧୁଛି ପୁରଇ ଆକର୍ଣ୍ଣ ॥
କାମ-ସଙ୍ଗ୍ରାମେ ଆଗ ଜିଣି ।
ରତି ରମଣୀ ନିଶ୍ଚେ ଯେନି ॥
ବୋଲନ୍ତି ଚନ୍ଦ୍ରରେଖା ସଖୀ ।
ଏ ବୃନ୍ଦାବନରାଜ ଦେଖି ॥
କମ୍ପନ୍ତି ଉରବାସୀ ଭୟେ ।
ଯେଣୁ ଏ କରପୀଡ଼ା ଦଏ ॥

ଦଶାର୍କ ଲକ୍ଷ ଲକ୍ଷ ଦେଇ ।
ହାର ବସନ ନ ରଖଇ ॥
ସକଳ ଶିଶୁ ହରି ମାନେ ।
ମୋନାମ ମାତ୍ର ହରମ୍ୟରେ ॥
ଅଷ୍ଟ ଉପମା ଶୁଣିରସେ ।
ତୁଳସୀ ସ୍ୱରୂପେଣ ଭାଷେ ॥
ଆଷାଢ଼ ଶୁକ୍ଳ ଦଶମୀ ।
ପ୍ରିୟା ବକ୍ଷେଦ ଶନ୍ତୁ ସ୍ୱାମୀ ॥
ଶ୍ୟାମ ସୁନ୍ଦର କନ୍ଦରରେ ।
ମନୋରଥରେ ବିଜେକରେ ॥
ଦେଖ ମାଧବ ଘୋଷ ଜାତ ।
ଉତ୍ସବ ସର୍ବତନୁ ମାତ ॥
ହାସେ କହନ୍ତି କୁନ୍ଦଲତା ।
ଶିର ବିଚ୍ଛେଦ କାନ୍ତକାନ୍ତା ॥
ଆଜ ଏ ହୋଇବେ ମିଳନ ।
ପାଇବା ସଖୀ ଜନେ ଧନ ॥
ଶୁଣି ସଲଜ୍ଜା ଗୁଣଶାଳୀ ।
ସାତ୍ତ୍ୱିକ୍ୟ ନପାରେ ସମ୍ଭାଳି ॥
ଏମନ୍ତେ ସଖୀ ହାସରସେ ।
ଭାସନ୍ତି ଶ୍ରୀମତୀ ହରଷେ ॥
କୃଷ୍ଣେ ସେ ଗିରିତଳେ ରହି ।
ପୂଜା ଉତ୍ସବ ଶୁଣି ତହିଁ ॥
ମଙ୍ଗଳ ଧ୍ୱନି ସେ ଉଛୁଳ ।
ସୁସ୍ୱର ନାଦେ ହୁଳହୁଳ ॥
କ୍ରମ ଶବଦ ଏ ପର୍ବତ ।
କହନ୍ତି ସୁବଳ ବର୍ବର ॥
ଇଚ୍ଛା ଯେ କଲ ଦେବୀସଙ୍ଗ ।
ଗିରିଙ୍କି ଯାଚ ଇନ୍ଦ୍ରଭୋଗ ॥
ଜାଣି ସେ ତୁମ୍ଭ ମନ ପ୍ରୀତି ।
ଉପାସ୍ୟ ରଖ ଭଗବତୀ ॥
ଏକାନ୍ତେ ବୁଝାଇ କହିଲା ।
ଖଣ୍ଡ ପୂଜିବେ ସିଦ୍ଧ ଶୀଳା ॥
ଏ ଚତୁର୍ମାସ ଗୁରୁବାରେ ।
ଶୀଳା ପୂଜିବେ ଗିରିପରେ ॥

ତୁମ୍ଭର ହୋଇବ ମିଳନ ।
ଏ ପୌର୍ଣ୍ଣମାସୀଙ୍କ ବିଧାନ ॥
ଶୁଣି ସାନନ୍ଦ ଦେବହରି ।
ବଟୁର କର ପୁଣି ଧରି ।
ଶିରରେ ନନ୍ଦ ଉତ୍ସାହରେ ।
ସଙ୍କେତେଁ ବୋଲିଣ ପରୁରେ ॥
ମନକୁ ନଆସେ ପରତେ ।
ପୁଣି ପରୁରି ବୋଲେ ସତେ ॥
ବଟୁ ବୋଲନ୍ତି ସତ ଏହି ।
ଅପ୍ରତେ କଲେ ଦେଖ ଯାଇ ।
ଶୁଣି ହରଷ ମନେ ହରି ।
କୁମାରଗଣେ ଗୃଟ୍‌କରି ॥
କୋମଳ ନବଦଳ ଘାସେ ।
ପଶୁଙ୍କୁ ଚରାଇ ସନ୍ତୋଷେ ॥
ଆଜ ଏ ଗିରିକି ନଉଠି ।
କାହ୍ନୁ ଅଛନ୍ତି ଗାଈ ଫିଟି ॥
ଏଠାରେ ଜଗିଣ ଚରାଅ ।
ସକଳ ସୁମେଳ କରାଅ ॥
ହଅଁ ପୂଜନ୍ତି ନାରୀଗଣେ ।
ଶୁଭଇ ହୁଳହୁଳ ଏଣେ ॥
ବହୁତ କରିଥିବେ ଭୋଗ ।
ମାଗି ଆଣିବା ଆମ୍ଭ ଭାଗ ॥
ଖଣ୍ଡକଦଳୀ ଲଡୁ ଫେନ ।
ଆମ୍ଭେ ଆସିବୁଁ ଏହିକ୍ଷଣି ॥
ପୁଅଙ୍କୁ ବୁଝାଇଣ ରଙ୍ଗେ ।
ବେନି ମିତ୍ରଙ୍କୁ ଘେନି ସଙ୍ଗେ ।
ଉଠିଲେ ଗୋବର୍ଦ୍ଧନ ପରେ ।
ରାଧା ଗମନ ଅନୁସାରେ ॥
ଯିବାର ପଥ ଅଛୁପଡ଼ ।
ଡାଳି ଲତିକା ତୃଣ ଛୁଡ଼ ॥
ପାଦ ଚହ୍ନକୁ କାହ୍ନି ଦେଖେ ।
ଲତା ପଲ୍ଲବ ଏକମୁଖେ ॥
ରାଧିକା ଅଙ୍ଗ ସୁଗନ୍ଧରେ ।
ଭୃଙ୍ଗ ଧାଅନ୍ତି ଲୁବଧରେ ॥
ଗଉର ହରଶ ଗିରିବର ।
ଗନ୍ଧ ପବନ ମନୋହର ॥
ଧୋଏଣ ଧାଅନ୍ତି ମୃଗଯୂଥ ।
କୃଷ୍ଣ ଗମନ ସେହିପଥେ ॥
ସଜନୀଗଣ ମଧ୍ୟେ ରାଈ ।
କୃଷ୍ଣ ଗମନ ଦେଖେ ରହି ॥
ନହଣେ ନକଟ ହୁଅନ୍ତେ ।
ବିଷମ ଲତା ଉହାଡ଼ନ୍ତେ ॥
ବିଚ୍ଛେଦ ଭୟେଣ ସୁକେଶୀ ।
ପଥକୁ ତୁଳସୀଙ୍କି ପେଶି ॥
ଏମନ୍ତେ କୃଷ୍ଣ ଶିଖେ ଉଠି ।
ପଥ ନପାଇ ଭ୍ରମି ଫୁଟି ॥
ସୁଗନ୍ଧ ଯେ ହଗେ ପବନ ।
ସେ ହରେ କରନ୍ତି ଗମନ ॥
ଦେଖିଲେ ତରଳ ପାଷାଣେ ।
ଶ୍ରୀମତୀ ପାଦଚହ୍ନି ଜାଣେ ॥
ହଦତ ଉନବଂଶ ଚହ୍ନ ।
ଦେଖି ସାନନ୍ଦ କୃଷ୍ଣମନ ॥
ସେ ଚହ୍ନ ପରିକ୍ରମା କରେ ।
ତୁଳସୀ ଭେଟିଲେ ସେଠାରେ ॥
ଦେଖି ଇଙ୍ଗିତେ କୃଷ୍ଣ ଛପି ।
ଗିରି ଶିଖରେତ ତୁଳସୀ ॥
ତୁଳସୀ ବୋଲେ ତୁମ୍ଭେ ଯହିଁ ।
ପରିକ୍ରମାରେ ତହିଁ ମୁହିଁ ॥
କରୁଣା-ଜଳରେ ପ୍ରଫୁଲ୍ଲି ।
କୃଷ୍ଣ ତୁଳସୀ ତେଣୁ ବୋଲି ॥
କୃଷ୍ଣ ବୋଲନ୍ତି ମୋ ଭୂଷଣ ।
ଭ୍ରମାଇ ରାଈ ପାଦଚହ୍ନ ॥
ଯେ ପାଦ ମାଗିଲେ ନପାଇ ।
ସେ ପାଦ ଗିରି ଶିରେ ଦେଇ ॥
ଭାଗ୍ୟବନ୍ତ ଏ ଗିରିବର ।
ବହିବ ମୋର ଶିରପର ॥
କୋମଳ ପାଦ ଦୁଇଗୋଟି ।
ବଥାଉଥିବ ଗିରି ଉଠି ।

ଷଣେ ମୁଁ ମଞ୍ଜାଳିବି ବସି ।
ଦେବଗଣ ଭେଟାଅ ତୁଳସୀ ॥
ଏମନ୍ତେ କଥାହୋଇ ଚଳି ।
ସର୍ବେ ରାଧିକା ଛନ୍ତି ମିଳି ॥
ନିକଟେ ହୋନ୍ତି ଦେଖାଦେଖି ।
ହାସ୍ୟ କଟାକ୍ଷ ପୋଖାପୋଖି ॥
ଚିର ବିଚ୍ଛେଦ ଦୁଃଖନାଶି ।
ଜଳରେ ଜଳ ପ୍ରାୟ ମିଶି ॥
ସୁବର୍ଣ୍ଣ ମଧ୍ୟେ ମରକତ ।
ନାୟକ ଯେସନେ ଶୋଭିତ ॥
ରସିକ ଶେଖର ନାଗରୀ ।
ଗିରି ବିହାର ରଙ୍ଗେ କରି ॥
ଦେଖନ୍ତି ଠାବେ ଠାବେ ବୁଲି ।
ଡାଳ ନୁଆଁଇ ଫୁଲତୋଳି ॥
ମାଳ ଗୁନ୍ଥିଣ ନାନାବର୍ଣ୍ଣେ ।
ଆନନ୍ଦେ ଲମ୍ବାଇ ସୌହାର୍ଦ୍ଦ୍ୟେ ॥
ବିବିଧ ଧାତୁ ରଙ୍ଗଗୋଳି ।
ଲେଖନ୍ତି ଚିତ୍ର ପତ୍ରାବଳୀ ॥
ସୁବେଶ ହୋଇ ଏକଆରେ ।
ନାନା ବିଚିତ୍ର ଲୀଳାକରେ ॥
ପାଷାଣ ପୀଢ଼ି ତଳସମ ।
ଡାକିଣ ରହିଛନ୍ତି ଦ୍ରୁମ ।
ତହିଁରେ ବସିଣ ପ୍ରଗୂରେ ।
ବୀଣା ବାଦନ ଗୀତସ୍ୱରେ ॥
ଉଚିତ କାଳ ପଂଚମାଣି ।
ରାଗରେ ଗାବନ୍ତି ଗାଏଣୀ ॥
ନୃତ୍ୟକରନ୍ତି ନୃତ୍ୟକାରୀ ।
ଯେଝା ସେବାରେ ସହଚରୀ ॥
ରାଧା ମାଧବ ଏକାନ୍ତରେ ।
ବଲ୍ଲଭ କୁସୁମ ଶଯ୍ୟାରେ ॥
ଜାଣି ଅଛନ୍ତି ବୃନ୍ଦା ମର୍ମ୍ମ ।
ଶୀଳା ପଲ୍ଲବ ତୁଳ ରମ୍ୟ ॥
ଶୟନ କରେ ପ୍ରିୟାସଙ୍ଗେ ।
ଜଗି ସଜନୀ ଅଷ୍ଟଦିଗେ ॥

ବିବିଧ କେଳି କଳାରଙ୍ଗେ ।
ରାଧା ମାଧବ ଏକ ଯୋଗେ ॥
ପ୍ରିୟାଙ୍କୁ ଜାନୁରେ ବସାଇ ।
ବେଶ କରନ୍ତି କୃଷ୍ଣ ତହିଁ ॥
ଦିବ୍ୟ ପଲଙ୍କ ସିଂହାସନେ ।
ସୁଖ ସେବନ୍ତି ସ୍ଥାନେ ସ୍ଥାନେ ॥
କେବଣ ସ୍ଥାନେ ଭୁଞ୍ଜି ବସେ ।
ବଟୁ ସୁବଳ ବେଢପାଶେ ॥
ସଂଯୋଗି ସଖୀଗଣ ଦେଇ ।
ହରଷେ ପରଷନ୍ତି ରାଈ ॥
ପୁଣ ଖଡ଼ିକା ଶାଳପତ୍ର ।
ଭିଆଣ ନାନା ଦନା ପତ୍ର ॥
ଅମୃତ ସ୍ୱାଦ ନାନା ପାକେ ।
ମିଷ୍ଟାନ୍ନ ଆଣିଥିଲେ ଯେତେ ॥
କର୍ପୂର ନାନା ରସାବଳୀ ।
ଅମୃତ ମନୋହର ପୁଳି ॥
ଗୋଧୂମ ମାଣ୍ଡୁଅ କାକରା ।
ପୂରିତ ଅଚ୍ଛୁ କେଳକୋରା ॥
ପାରିଜାତକ ହଂସକେଳି ।
ନାଡ଼ୁ ପାପୁଡ଼ି ଖଣ୍ଡଧୂଳି ॥
ଶାକର ଖଣ୍ଡମଣ୍ଡା ଖିରି ।
ସର ଗୋଟିକା ଚମ୍ପା ଦହି ॥
ସର ବନ୍ଧୁଳ ଶିଖରିଣୀ ।
ରମ୍ଭା ମିଶ୍ରିତ ସର ପୁଣି ॥
ଘୃତ ନବାତ ସୁପାକରେ ।
କର୍ପୂର ମରିଚ ଆଦରେ ॥
ବିବିଧ ସୁପ ନାନା ଭଜା ।
ଖଣ୍ଡ କଦଳୀ ମୁଗଗଜା ॥
ରତ୍ନ ଝରିରେ ବାସପାଣି ।
ସନ୍ନିଧେ ଥୋଇ'ଛନ୍ତି ଆଣି ॥
ଗୋବିନ୍ଦ ରୁଚି ଭୋଜନରେ ।
ଭୁଞ୍ଜନ୍ତି ସଖାଙ୍କ ସଙ୍ଗରେ ॥
ବୃନ୍ଦା ସମ୍ବାଦ ଛନ୍ତି ଯାହା ।
ପରଷେ ରାଈ ଯେନ ତାହା ॥

ଭୋଜନ ଲୀଳା ହାସରସେ ।
ସଖୀ ପକାନ୍ତି ଖନ୍ଦପାଶେ ।।
ଭୋଜନ ଅନ୍ତେ ଆଚମନ ।
କର୍ପୂର ତାମ୍ବୂଳ ଭକ୍ଷଣ ।।
ଶ୍ରୀକୃଷ୍ଣ ଅବଶେଷ ଯହିଁ ।
ସଜନୀ ସେନ ଭୁଞ୍ଜେ ରଙ୍ଗ ।।
ଏମନ୍ତେ ବରଷିଲେ ମେଘେ ।
ନିବଡ଼ ଧାର ଦଶ ଦିଗେ ।।
ପଶିଲେ ନିବଡ଼ କୁଞ୍ଜରେ ।
ବସିଲେ ଉଚିତ ଶୟନରେ ।।
ସମ ଉତ୍ତମ ସୂର୍ଯ୍ୟଶୀଳା ।
ରାଧା ମାଧବ ଏକମେଳା ।।
ସକଳେ ଏକ ମେଳହୋଇ ।
ଜଳ ପବନ ଭେଦନାହିଁ ।।
ଗଳଇ ନାହିଁ ଜଳଧାର ।
ନିବଡ଼ ପତ୍ରେ ପୂରପର ।।
ପଶାଖେଳକୁ ଚହିଁ ରହି ।
ହାର ଜିଣରେ ଉଚ୍ଚବାଚ ।।
ବରଷା ରହିଲେ ବାହାର ।
କରନ୍ତି ପର୍ବତେ ବିହାର ।।
ଗିରି ଶୃଙ୍ଗର ପରେ ଉଠି ।
ଚଉଦିଗକୁ ରହିଁ ଦୃଷ୍ଟି ।।
ନିଝାଡ଼ ଅଗ୍ର ତରୁତଳେ ।
ସ୍ଫଟିକ ତଉସମ ଶୀଳେ ।।
ପ୍ରିୟାକୁ କୋଳରେ ବସାଇ ।
ଦେହରେ ଦେହକୁ ମିଶାଇ ।।
ଦିଗ ବାରନ୍ତି ଚହିଁଥାଇ ।
ଅଙ୍ଗୁଳି ଦେଖାଇ ଚାହାଇ ।।
ଦେଖନ୍ତି ନଗ୍ର ଉପବନ ।
ଗତ ସୁରତ କେଳିସ୍ଥାନ ।।
ଯହିଁରେ କରିଛନ୍ତି ଯାହା ।
ସୁମରି ମନରେ ଉଲ୍ଲାହା ।।
ଆରମ୍ଭି ସେହି ଲୀଳାମାନ ।
ରମ୍ୟ ଉତ୍ତମ ସ୍ଥାନସ୍ଥାନ ।।

ଏମନ୍ତ ବରଷାକାଳରେ ।
ପର୍ବତ ଶିଖରେ ବିହାରେ ।।
ଏମନ୍ତେ ଓହ୍ଲାଇ ବନାନ୍ତେ ।
ମିଳିଲେ ସଖାଙ୍କ ସଙ୍ଗତେ ।
ସିଦ୍ଧ ଶୀଳାଙ୍କ ଭୋଗ ଯେତେ ।
ଗୋପାଳେ ଭୁଞ୍ଜି ତୋଷଚିତ୍ତେ ।।
ଗାଇ ଅଡ଼ାଇ ନଗ୍ରେ ଚଳେ ।
ଯେଯାହା ସଦନରେ ମିଳେ ।।
ରାଧିକା ଭୁବନେ ପ୍ରବେଶ ।
ଜଟିଳା ଦେଖିଣ ହରଷ ।।
ସୁଦଶା ବ୍ରତ ଗୁରୁବାରେ ।
ବିଧି ବିଧାନ ସମାପ୍ତରେ ।।
ଗାଇ ଦୁହିଁଣ ସମ୍ଭାଳିଲେ ।
ଗୁହାଳ ପୋଛି ଧୂଆଁ ଦେଲେ ।।
ଅନଳ ବେଢାଇଣ ତାପି ।
ଗାଈଙ୍କ ଦେହ ବାସେ ଘୁପି ।।
ବାତ ଶୀତକୁ ଉଷୁମାଇ ।
ଶୋଇଲେ ଗାଇ ସୁଖପାଇ ।।
ଜଗିଆ ରଖି କୃଷ୍ଣଗଲେ ।
ସୁଖେ ଭୋଜନ ସର୍ବେ କଲେ ।।
ବରଷାକରେ ଘନ ଘନ ।
ଗୋବିନ୍ଦ ମନ୍ଦିରେ ଶୟନ ।।
ଦାସ କରଇ ପାଦ ସେବା ।
ସୁଜନେ ଶୁଣି ତୋଷହେବା ।।
ଆଷାଢ଼ ଅନ୍ତେଣ ଶ୍ରାବଣ ।
ଉତ୍ସବ ଗହ୍ମା ପର୍ବଦିନ ।।
ବଳଦେବଙ୍କ ଜନ୍ମନକ୍ଷତ୍ର ।
ପୂର୍ଣ୍ଣିମୀ ଶ୍ରବଣା ଜନିତ ।।
ଯେଣୁ ଏ ବସୁଦେବ ସୁତ ।
ତେଣୁ ଉତ୍ସବ ଏ ଜଗତ ।।
ମହୀରେ ବଳଭଦ୍ର ରୂପେ ।
ଗୋଗୋଷ୍ଠ ପୂର୍ବଦିଗେ ସ୍ଥାପେ ।।
ଉତ୍ତାନଶାୟୀ ବାଳଦେହି ।
କର ଚରଣ ସଙ୍କୋଚଇ ।।

ମୁଖ ନାସିକା ଚକ୍ଷୁକର୍ଣ୍ଣ ।
ସପତଫଣୀ ଶୋଭବନ ।।
ବିବିଧ ବସ୍ତ୍ର ଅଳଙ୍କାର ।
ପୁଷ୍ପ ଚନ୍ଦନ ଘନସାର ।।
ଧୂପଦୀପାଦି ନଇବେଦ୍ୟ ।
ବ୍ରାହ୍ମଣେ ପୂଜାଇ ଆନନ୍ଦେ ।।
ଧରଣୀଧର ଏହୁ ଯେଣୁ ।
ମନ୍ତ୍ର ପୂଜନେ ଶତ ଧେନୁ ।।
କଅଁଳା ବାଛୁରି ଗୋଟିଏ ।
ଡିଅଁାଇ ଦେଇ ଜୟେ ଜୟେ ।।
ନନ୍ଦର ଅଗ୍ରତେ ଗାର୍ଗବେ ।
ଏରୂପେ କହିଥିଲେ ପୂର୍ବେ ।।
ଧେନୁ ଭିଆଣ କଲେ ଯେତେ ।
ନଗ୍ର ଶାସନ ଏହିମତେ ।।
ଗୋପାଳ ହୋଇ ଏକରୁଣ୍ଡ ।
ଗହଳ ଗୋପ ନଗ୍ରଦାଣ୍ଡ ।।
ନବୀନ ବସ୍ତ୍ର ଅଳଙ୍କାର ।
ଗନ୍ଧ ଚନ୍ଦନ ପୁଷ୍ପହାର ।।
ଏକ ଆରେକ ବେଶ ସାଜ ।
କେୟୂର କଙ୍କଣ ବିରାଜ ।।
କିଙ୍କିଣୀ ନୂପୁର ଶବଦେ ।
ଗୋପାଳ ନାଚନ୍ତି ଆନନ୍ଦେ ।।
ଗାବଙ୍କ ମଣ୍ଡଣି ଯତନେ ।
ବସନ ସୁବର୍ଣ୍ଣ ରତନେ ।।
କୁସୁମ ଚନ୍ଦନ ସିନ୍ଦୂର ।
ଘଣ୍ଟି ଘାଗୁଡ଼ି ପୁଷ୍ପମାଳ ।।
ବଜାଇ ନଖମଠାରେ ଗାଇ ।
ବିବିଧ ବାଜଣା ବଜାଇ ।।
ମହାଉତ୍ସବ ଗୋପସଭା ।
ଅନନ୍ତ ରୂପ ବଢ ବ୍ରହ୍ମା ।।
ଦେଖନ୍ତି ସେଠା ପରାକ୍ରମ ।
ଛଳ ବହି କେ କରେ ଭ୍ରମ ।।
ବାଜା ବଜାଇ ଡିଅଁା ଡେଇଁ ।
କେ ଆଗେ କେ ପଛେ ଚଳଇ ।।

ଏକ ଆରକେ ସାକ୍ଷୀ ହୋଇ ।
ହସଇ କହେ ଠିହା ଠିକି ।।
ବରଷ କରେ ଦିନେ ଏହି ।
ଆଜ ଯେ ଗହ୍ଲା ଡେଇଁଥାଇ ।।
ଇଷ୍ଟ ମୁଣ୍ଡରେ ଦେଇ ପାଦ ।
ଖଣ୍ଡଇ ସକଳ ପ୍ରମାଦ ।।
ରାମ ଗୋବିନ୍ଦ ସଙ୍ଗମେଳେ ।
ଗହ୍ଲା ଡିଅଁନ୍ତି ଗୋପବାଳେ ।।
ସକଳ ଘରେ ଏ ଉତ୍ସବ ।
ନମନ୍ତି ଇଷ୍ଟ ଯେ ବାନ୍ଧବ ।।
ନାନା ବିଧାନେ ପିଠାପଣା ।
ଭୁଞ୍ଜିଣ ହୁଅନ୍ତି ଫୁରୁଣା ।।
ଏମନ୍ତେ ଶ୍ରାବଣ ଯେ ଶେଷ ।
ଭାଦ୍ରବମାସ ପରବେଶ ।।
ଅଷ୍ଟମୀ ରୋହିଣୀ ନକ୍ଷତ୍ର ।
କୃଷ୍ଣପକ୍ଷ ବୃଷରାଶିସ୍ଥ ।।
ନନ୍ଦର ମନ୍ଦିରେ ଉତ୍ସବ ।
ମଙ୍ଗଳ ଆରମ୍ଭେ ସମ୍ଭବ ।।
ନମନ୍ତି ସୁହୃଦ ବାନ୍ଧବ ।
ନବ ବନସ୍ଥ ପ୍ରିୟଭାବ ।।
ଉପନନ୍ଦ ଯେ ବସୁନନ୍ଦ ।
ଗରିଷ୍ଠ ଆଦି କୁଳ ବୃଦ୍ଧ ।।
ଆସିଲେ ରାଜା ବୃଷଭାନୁ ।
ଗୋବର୍ଦ୍ଧନ ମଲ୍ଲାଭିମନୁ ।।
ଶ୍ରୀପୌର୍ଣ୍ଣମାସୀ ଭଗବତୀ ।
ମୁଖରା ଜଟିଳା ଶ୍ରୀମତୀ ।।
ଲଳିତା ଆଦି ଯେତେ ସଖୀ ।
ବୀର ବୃନ୍ଦାଦି ନାନ୍ଦୀମୁଖୀ ।।
ମିଳିଲେ ନନ୍ଦପୁରେ ଯାଇ ।
ଅନୁରୂପରେ ପୂଜା ପାଇ ।।
ବନ୍ଧୁଗଣଙ୍କ ସଙ୍ଗେ ରାଣ୍ଡ ।
ଯଶୋଦା ପୁର ସରକଣ୍ଠ ।।
ଆଜଏ କୃଷ୍ଣ ଜନ୍ମଦିନ ।
ସକଳେ କରିବେ ଭୋଜନ ।।

ବିଶେଷ ପାକ ସମ୍ପାଦିବ ।
ଯେମନ୍ତ ପ୍ରଶଂସା ହୋଇବ ॥
ଏମନ୍ତ କହି ଉଷ୍ଟୁଧରେ ।
ରନ୍ଧା ନିଯୋଗି ପାକଶାଳେ ॥
ଶ୍ରୀକୃଷ୍ଣ ସ୍ନାନ ଯେ ସୁବେଶ ।
ଉତ୍ତମ ଆସନେ ପ୍ରବେଶ ॥
କୁଳର ପୁରୋହିତ ଗଣେ ।
ବିଧିବିଧାନ ଆଚରଣେ ॥
ମନ୍ତିଣ ବସ୍ତ୍ର ଅଳଙ୍କାର ।
ଭୂଷଣ ଶ୍ରୀକୃଷ୍ଣ ଶରୀର ॥
ବରୁଣ ପୂଜା ଆଦି ଝଟମେ ।
ଯେ ସ୍ୱନକ୍ଷତ୍ର ନିତ୍ୟଧର୍ମେ ॥
ଶଙ୍ଖ କାହାଳୀ ନାନା ବାଦ୍ୟେ ।
ଗୋପାଳେ ନାଚନ୍ତି ଆନନ୍ଦେ ॥
ଶୁଦ୍ଧ ଯୁବତୀଗଣେ ମିଳି ।
ଅର୍ଘ୍ୟ ବନ୍ଦାଇ ହୁଳହୁଳି ॥
ଦୁବା ଅକ୍ଷତ ଦେଇ ଶିରେ ।
ସପତ ଦୀପାବଳୀ କରେ ॥
ଶ୍ରୀମତୀ ଯୁବତୀଙ୍କ ମାଝେ ।
ଅର୍ଘ୍ୟ ଦିଅନ୍ତି ଲାଜେ ଲାଜେ ॥
ଇଙ୍ଗିତ ନୟନର କୋଣେ ।
ବୁଝିବା ସୁଖଭୋଗ ଜାଣେ ॥
ଦେଖି ଶ୍ରୀକୃଷ୍ଣ ସ୍ୱନକ୍ଷତ୍ର ।
ସୁଫଳ କଲେ ସର୍ବନେତ୍ର ॥
ହରଷ ହୋଇ ନନ୍ଦରାଏ ।
ବ୍ରାହ୍ମଣ ଭୋଜନ କରାଏ ॥
ଦରିଦ୍ରେ ଅନ୍ନ ବସ୍ତ୍ରଦାନ ।
ମିତ୍ର ବାନ୍ଧବଙ୍କୁ ସମ୍ମାନ ॥
ନବୀନ ବସ୍ତ୍ର ଅଳଙ୍କାର ।
ଗନ୍ଧ-ଚନ୍ଦନ ଘନସାର ॥
ସୁବାସ ପୁଷ୍ପ ଗନ୍ଧମାଳ ।
ବିବିଧ ଆସନ ତାମ୍ବୂଳ ॥
ଗୋପକୁମାରି କୃଷ୍ଣ ସଙ୍ଗେ ।
ଭୋଜନ କରେ ନାନାରଙ୍ଗେ ॥
ଉଦର ଭରି ଷଡ଼ରସେ ।
କର୍ମ ଇଙ୍ଗିତ ପରିହାସେ ॥
ସୁବାସ ଜଳେ ଆଚମନ ।
କର୍ପୂର ତାମ୍ବୂଳ ଭୋଜନ ॥
ବିଜୟ ଆସ୍ଥାନ ନବରେ ।
ସେବକେ ସେବା ତତପରେ ॥
ଶୁଣି ଗାନ୍ଧର୍ବ ଗୀତବନ୍ଧେ ।
ଅଛନ୍ତି ସର୍ବ ମିତ୍ରବୃନ୍ଦେ ॥
ଗରିଷ୍ଠ ବାନ୍ଧବ ସଙ୍ଗରେ ।
ନନ୍ଦ ଆନନ୍ଦ ଭୋଜନରେ ॥
କୃଷ୍ଣର ଜନ୍ମ ସ୍ୱନକ୍ଷତ୍ର ।
ଉତ୍ସବ ମଙ୍ଗଳ ଚରିତ ॥
ଦଧି ହଳଦି ସଙ୍ଗେ ଗୋଳି ।
ଏକ ଆରକେ ବୋଳାବୋଳି ॥
ନାନା ପିଚକା ଜଳଯନ୍ତ୍ରେ ।
ମାରନ୍ତି ଧରିଁ କରପାତ୍ରେ ॥
ଏମନ୍ତେ ସାତଦିନ ଯାଏ ।
ଉତ୍ସବ ଗୋପପୁର ଯାଏ ॥
ଅବନୀ ପରମ ସାନନ୍ଦ ॥
ସ୍ୱର୍ଗେ ଦେଖନ୍ତି ଦେବବୃନ୍ଦ ॥
ଉତ୍ସବ ସଙ୍ଗ ସାତପୁରୀ ।
ଭୁଞ୍ଜି ଯେ ଯା'ହା ପୁରେ ଚଳି ॥
ଏହି ଭାଦ୍ରବ ଶୁକ୍ଳପକ୍ଷେ ।
ଅଷ୍ଟମୀ ବୁଧ ରାଧାଋକ୍ଷେ ॥
ଉତ୍ସବ ବୃଷଭାନୁ ପୁରେ ।
ଦୁହିତା ଜନମ ତିଥିରେ ॥
ନବ ସମ୍ଭବ ଯେତେମତେ ।
ଏହି ସମ୍ବାଦ ଯଥୋଚିତେ ॥
ନିମନ୍ତ୍ରି ଆଣି ଜଣେ ଜଣେ ।
ପୂଜଣ ବାନ୍ଧବ ବିଧାନେ ॥
ନନ୍ଦ ସଙ୍ଗରେ ରାମ ହରି ।
ଗଉରବରେ ପୂଜା କରି ॥
ଆରାଧି ରାଧା ସ୍ୱନକ୍ଷତ୍ର ।
ଦେଲେ ସେ ଅନ୍ନବସ୍ତ୍ର ଛତ୍ର ॥

ରାଜାଙ୍କ ରାଣୀ କଳାବତୀ ।
ଜାତ କାଳିନ୍ଦୀ ଭାଗ୍ୟବତୀ ॥
ବାତ୍ସଲ୍ୟଭାବ କୃଷ୍ଣେ ଦେଖି ।
ଆନନ୍ଦ-ଜଳେ ପୂରେ ଆଖି ॥
ଧାତ୍ରୀକି ପେଶି ଘେନିଗଲେ ।
ପୁରେ ଆସନେ ବସାଇଲେ ॥
ନିଜ ନନ୍ଦନୀ ରୂପଚାହିଁ ।
ସ୍ନେହେ କୃଷ୍ଣଙ୍କୁ ନିରେଖଇ ॥
ଏହାଙ୍କୁ ଆଗୁଁ ଦେଖିଥିଲେ ।
ବିଭା କରାଇ ଥାନ୍ତ ବଲେ ॥
ବିସ୍ମୟ ବଢ଼ିର ମନରେ ।
ଏରୂପେ ଏଥି ପଟାନ୍ତରେ ॥
ଏମନ୍ତେ ସ୍ନେହକୁ ଭଜାଇ ।
ସୁବେଶ କରାଇ ଭୁଞ୍ଜାଇ ॥
ସୁଷ୍ଟ ପ୍ରଧାନ ଶାଳିଅନ୍ନ ।
ଖିର ଖିରମା ନାନାବର୍ଣ୍ଣ ॥
କୃଷ୍ଣ ନ ଭୁଞ୍ଜେ ଲଜ୍ଜାପାଇ ।
ରାଣୀ ଭୁଞ୍ଜାନ୍ତି ରାଣଦେଇ ॥
ଯଶୋଦା ମାତାଙ୍କ ସପଥ ।
ଉଦର ଭରି ଭୁଞ୍ଜ ଭାତ ॥
ତୁମ୍ଭ ଶରଧା ଯହିଁ ଯହିଁ ।
ଜାଣି ସମ୍ଭାରି ଅଛୁ ରାନ୍ଧି ॥
ଶୁଣି ଗୋବିନ୍ଦ ଲଜେଲଜେ ।
ଅଳପ ଅଳପ ସେ ଭୁଞ୍ଜେ ॥
ଅମୃତ ରାନ୍ଧ ପୂରଣରେ ।
ବେନି ଦର୍ଶନ ପରସ୍ପରେ ॥
ସୁବାସ ଜଳେ ଆଚମନ ।
ମୁଖ ମାର୍ଜ୍ଜନ ସୁବସନ ॥
ରାନ୍ଧ ଭାଙ୍ଗିବା ପାନ ବଡ଼ ।
ଚିହ୍ନି ଘେନିଣ କୃଷ୍ଣ ଫେଡ଼ ॥
ଉଠିଣ ଭିତରୁଁ ଗମନ ।
ଘେନି ଅଇଲେ ସବୁ ମନ ॥
ତାମ୍ବୂଳ ଅଧରୁ ବଳଇ ।
ଅନୁରାଗ କି ଉଛୁଳଇ ॥

ନିଜ ସଭାରେ ଯାଇଁ ବସି ।
ବଟୁ ସୁବଳ ହସା ହସି ॥
ଶ୍ୱଶୁରଘର ମଧୁପୁରୀ ।
ପ୍ରବେଶ ସକଳ ପାଶୋରି ॥
ଗୋବିନ୍ଦ ସଙ୍କୁଚିତେ ହସେ ।
ଅପାଙ୍ଗେ ଅମୃତ ବରଷେ ॥
କୃଷ୍ଣ ଭୋଜନ ଶେଷ ଯେତେ ।
ସଜନୀ ନେଲେ ତା ଗୁପତେ ॥
ରାଧିକା ଭୋଜନରେ ଦେଇ ।
ଅନ୍ୟ ନ ଭୁଞ୍ଜେ ଜାଣି ରାନ୍ଧ ॥
ଏମନ୍ତେ ବୃଷଭାନୁ ରାଣୀ ।
ସଙ୍ଗତେ ଘେନି ବନ୍ଧୁଗଣ ॥
ହାର ବସନ ଗନ୍ଧ ପୁଷ୍ପେ ।
ଭୋଜନ କରି ନାନା ରସେ ॥
ପୂଜା ଆଦରେ ଗୋପବୃନ୍ଦ ।
ବହୁତ ଭୋଜନେ ଆନନ୍ଦ ॥
ପ୍ରିୟ ବାନ୍ଧବ ମିତ୍ର ସୁଖେ ।
ସଭାରେ ବସି ନିଶିମୁଖେ ॥
କହନ୍ତି ଗ୍ରହପୂନେ ମିଳି ।
ଇନ୍ଦ୍ର ଉତ୍ସବ ହେବ କାଲି ॥
ଜ୍ୟେଷ୍ଠା ନକ୍ଷତ୍ରେ ଆଦ୍ୟ ପୂଜା ।
ଏଣେ ସନ୍ତୋଷ ଦେବ ରାଜା ॥
ମାହେନ୍ଦ୍ର ସମୟେ ଭୋ ରାଜ ।
ସ୍ଥାପନ କରି ଇନ୍ଦ୍ରଧ୍ୱଜ ॥
ଶୁଣି ସେ ନନ୍ଦ ଉଦବେଗ ।
ବିଧି ବିଧାନ ଉଦଯୋଗ ॥
କରଣ ରାଇ ପାଞ୍ଜି ଫେଡ଼ି ।
ଗତ ଭୁଆଣ ପତ୍ର ପଢ଼ି ॥
ବାସବ-ଉତ୍ସବ ସମ୍ଭାର ।
ଶୁଣି ବହୁତ ତତପର ॥
ପିତାଙ୍କ ଉଦବେଗ ଚାହିଁ ।
ହସି କହନ୍ତି କୃଷ୍ଣ ତହିଁ ॥
ଆମ୍ଭର ଇଷ୍ଟ ଗୋବର୍ଦ୍ଧନ ।
ଏଣେ ସେ ଗୋଧନ ବର୍ଦ୍ଧନ ॥

ଏବେ ଏ ଗିରି ପୂଜାକର ।
ଇନ୍ଦ୍ରରେ କି କାର୍ଯ୍ୟ ଆମ୍ଭର ॥
ଏଗିରି ତୃଣଜଳ ଖାଇ ।
ଗାଈ ଦୁଧକୁ ଦେବେ ପାଂଇ ॥
ଯେ ଇଷ୍ଟ ପୂଜା ନ କରଇ ।
ସକଳ ଧର୍ମ ତା ସରଇ ॥
ଶୁଣି ସକଳେ କୃଷ୍ଣ ବାଣୀ ।
ଗୁରୁ ବଚନ ପରମାଣି ॥
ଦୋପାଧି ଗାଈଣ ବୋଇଲେ ।
ନଗ୍ରେ ଘୋଷଣା ଦିଆଇଲେ ॥
ଇନ୍ଦ୍ର ଉତ୍ସବ ଯାତ ଦିନ ।
ପୂଜା ହୋଇବେ ଗୋବର୍ଦ୍ଧନ ॥
ବାସବ ପୂଜା ଯେତେମାନେ ।
ତହିଁ କି ହେବ ଯାତ ଦିନେ ॥
ଶୁଣି ସେ ଗୋପପୁର ଲୋକେ ।
କହନ୍ତି ଏକଆରେ ଥୋକେ ॥
ଏ ବଡ଼ ଅଦଭୁତ କଥା ।
ଶୁଣି ଲାଗିଲା ମନେ ବ୍ୟଥା ॥
ଏକେତ କଂସ ଅସହଣି ।
ଦୁଯେ କୋପିବ ବଜ୍ର ପାଣି ॥
ଗିରି କି ଇନ୍ଦ୍ର ଭୋଗ ଦେଇ ।
ଗୋପେ ପାରିବଟିକ ରହି ॥
କେ ବୋଲେ କୃଷ୍ଣର ବଚନ ।
ଅଚଳ ନବୀନ ଅର୍ଚ୍ଚନ ॥
କେ ବୋଲେ କୁଳବୃଦ୍ଧେ ଥାଇ ।
ବାଳ ବଚନେ ହେଲେ ବାଇ ॥
ଘଟିଲା ନଷ୍ଟ ସମାଚାର ।
ପୂଜିବେ ଗିରି କି ବଗୁର ॥
ଇନ୍ଦ୍ର ପରିଏ ଦେବ ତେଜ ।
ତାର ବଇରି ଗିରି ପୂଜ ॥
କେ ବୋଲେ ଏକ ବଜ୍ର ଘାତେ ।
ଭାଜିବ ପର୍ବତ ସହିତେ ॥
କେ ବୋଲେ କୃଷ୍ଣ ବଳୀୟାର ।
କି କରି ପାରେ ବଜ୍ରଧର ॥

ଯେ ଇନ୍ଦ୍ର କଂସକୁ ଶଙ୍କଇ ।
ସେ କଂସ କୃଷ୍ଣେ ଚମକଇ ॥
ଏ କୃଷ୍ଣ ଗୋକୁଳ ତାରଣ ।
ଏଥିରେ ଥିବ କି କାରଣ ॥
ଏରୂପେ ଏକଆରେ ଭୁଣ୍ଡି ।
ଘୋଷିଣ ଶୁଣି ଗୋପଦାଣ୍ଡେ ॥
ରଜନୀ ଉଜାଗର ହୋଇ ।
ସକଳ ଦ୍ରବ୍ୟକୁ ଦବଇ ॥
ଏମନ୍ତେ ରଜନୀ ପାହିଲେ ।
ଯେ ନିତ୍ୟକର୍ମ ବଢ଼ାଇଲେ ॥
ବାହାର ହୋଇ ସର୍ବଜନ ।
ଗିରି ପୂଜାକୁ ଆଗମନ ॥
ଉପକରଣ ଘେନି ସଙ୍ଗେ ।
ଗୋପାଳ ପୂଥି ବେଗେ ବେଗେ ॥
ସକଳ ହୋଇ ଏକଝୁଣ୍ଡି ।
ପୂରି ଚଳନ୍ତେ ଗୋପଦାଣ୍ଡି ॥
ଶକଟ ବଳଦ ଘରରେ ।
ବନ୍ଧି ଚଳାଇ ଯେ ଯାହାରେ ॥
ବାଜଇ ବିବିଧ ବାଜଣା ।
ଗୋପାଳେ ହୋଇଣ ଫୁର୍ତ୍ତିଣା ॥
ନାଚନ୍ତି ଗେଲେ ଯାଉଁ ଯାଉଁ ।
ବାଡ଼ି ବୁଲାଇ ପାଞ୍ଚକେହୁ ।
ଏକ ଆରକେ ପରିହାସ ।
ନୟନ ଠାରି ରଙ୍ଗେ କାହ୍ନ ॥
ବୃଦ୍ଧ ଜନଙ୍କୁ ଘେନି-ନନ୍ଦ ।
ଆଗେ ଚଳାଇ ଗୋରୁ ବୃନ୍ଦ ॥
କୁମାର ମେଳେ ରାମହରି ।
ଦିବ୍ୟ ମୋହନ ବେଶଧରି ॥
ପଛେ ଗୋଡ଼ାଇ ଗୋପବାଳୀ ।
ଯାହା ଉତ୍ସବେ ହୁଳହୁଳି ॥
ପୂଜିବେ ଗୋବର୍ଦ୍ଧନ ଗିରି ।
ଉତ୍ସାହ ମନ ସବୁଙ୍କରି ॥
ବିପ୍ରାଦି ଗୃହବର୍ଗ୍ଗ ଚଳେ ।
ଏମନ୍ତେ ଗିରିତଳେ ମିଳେ ॥

ବେଢିଲେ ଗିରିବର ପାଶେ ।
ପ୍ରଣାମ କରି ଗୋପ ଈଶେ ॥
କରଯୋଡ଼ିଣ ଭାବେ କହି ।
ଆତ୍ମ ପୋଷକ ପ୍ରଭୁ ତୁହି ॥
ଜୟହେ ମହୀଧର ଇନ୍ଦ୍ର ।
ତୋହର ସବୁ ଗୋପବୃନ୍ଦ ।
ଚରଣେ ଦେଉଛନ୍ତି ପ୍ରଣତି ।
ଯେନ ଏ ଜନ୍ମତ ଭକତି ॥
ବିବିଧ ବସ୍ତ୍ର ନିର୍ମଳ ।
ଏକାନ୍ତ କୁସୁମ ଅଞ୍ଜଳି ॥
ଗିରି ଯଜ୍ଞରେ ନନ୍ଦରାଣ ।
ବରଣ କରି ସୁ ବ୍ରାହ୍ମଣ ॥
ଶ୍ରୀକୃଷ୍ଣ ଉପଦେଶ ମାର୍ଗେ ।
ଗିରି ପୂଜିଲେ ଅନୁରାଗେ ॥
ଗନ୍ଧ କୁସୁମ ଧୂପ ଦୀପେ ।
ନୈବେଦ୍ୟ ଦେଲେ ଅନୁରୂପେ ॥
ଦଧି ଦୁଗ୍ଧ ଶିଖରିଣୀ ।
ଅଧାମ ଗୋଟିକା ଲବଣୀ ॥
ରମ୍ଭାଳ ତତୁଣି ଚାଗରା ।
ସର କାକରା କେରା କେରା ॥
ଖଇ କଦଳୀ ଫେଣି ଗଜା ।
ଲଡୁ ପାପୁଡ଼ି ଖଣ୍ଡଖଜା ॥
ମଣ୍ଡା ମାଣ୍ଡୁଆ ରସକୋରା ।
ଅଧାମ ଗହମ କାକରା ॥
ପୂରି ପ୍ରପାନ ମନୋହର ।
ଇକ୍ଷୁ ପରିଡ଼ ଭାର ଭାର ॥
ପଣସ ରସ ଚାଡ଼ଚାଡ଼ ।
ଦ୍ରବ୍ୟ ଅମୃତ କୁଣ୍ଡ କୁଣ୍ଡ ॥
ଶ୍ୱେତ ଶାକର ଘୃତସର ।
ଅମୃତ ପାନ ଘନସାର ॥
ଦୁଧ ଦହିରେ ହୁଏ ସମ ।
ଅମୃତ ରସ ଏକନାମ ॥
ବିବିଧ ବର୍ଣ୍ଣରେ ସମ୍ବାଦ ।
ବୋଲ୍ଲିତ ମତ୍ସ୍ୟ କଚ୍ଛପାଦ ॥

ବହୁତ ସୂପକାର ଜନେ ।
ରନ୍ଧଣା କରି ସ୍ଥାନେ ସ୍ଥାନେ ॥
ପାଷାଣ ସ୍ଥଳୀ ଯେ ଧୂଆଇ ।
କୁଡ଼ାନ୍ତ ଅନ୍ନକୁ ବୁହାଇ ॥
ରଚନା କଲେ ଅନ୍ନକୂଟ ।
ନାନା ବ୍ୟଞ୍ଜନ ଅନ୍ନକୂଟ ॥
ଶିଖରୁ ଘୃତନଦୀ ବହେ ।
ବିବିଧ ପୁଷ୍ପ ଶୀଳାମୟେ ॥
ବେଢ଼ି ପାୟସ ଉପବନ ।
ଖଣ୍ଡ ଦ୍ରୁମରେ ଶୋଭାବନ ॥
ବିବିଧ ସ୍ୱାଦ କନ୍ଦମୂଳ ।
ସର ପାପୁଡ଼ି ପ୍ରତିଫଳ ॥
ରମ୍ଭାଦି ନାନା ଫଳମୂଳେ ।
ଖଞ୍ଜିଣ ଖଣ୍ଡ ଚତୁଡାଳେ ॥
ସାଗର ନଗ ବନଭୋଗ ।
ବିବିଧ ବିଧାନେ ସଞ୍ଜୋଗ ।
ମଣ୍ଡିତ ଏଖଣ୍ଡ ପରାଗେ ।
ଶ୍ୱେତ ଶର୍କର ଖଗମୃଗେ ॥
ଏଗିରି ପୂଜାର ସମ୍ଭାର ।
ନାହିଁ ନୋହିବ ତିନପୁର ॥
ବିନୟେ କହେ ଗୋପ ରାଜା ।
ହେ ଗିରି ଘେନ ଆତ୍ମପୂଜା ॥
ଭିଆଣ କରିଅଛୁଁ ଯେତେ ।
ମଣୋହି କଲେ ଯିବୁଁ ପ୍ରତେ ॥
ନଜାଣୁ ତନ୍ତ୍ର ମନ୍ତ୍ରରାଜ ।
ଆମ୍ଭର ଭାବ ଘେନ ଭୁଞ୍ଜ ॥
ଶୁଣି ସେ ଏମନ୍ତ ବଚନ ।
ଯେ ଗିରି ସେ ନନ୍ଦ ନନ୍ଦନ ॥
ବିଶ୍ୱ ରୂପକୁ ପ୍ରକାଶିଲେ ।
ସେ ଗିରି ଉପରେ ବସିଲେ ॥
ଆକାଶେ ଲାଗୁଅଛି ଶିର ।
ଅତି ବିଶାଳ ଲମ୍ବକର ॥
ଶଶୀ ତପନ ନେତ୍ରବେନି ।
ତନୁ ନବୀନ ମେଘ ଜିଣି ॥

ଗୋପାଳେ ଏହି ରୂପ ଦେଖି ।
ଭଏପୁ ପଳାଇ ବୁଜି ଆଖି ॥
ଏମନ୍ତ ଦେଖି ସେ ପୁରୁଷ ।
ଡାକନ୍ତି ନପାଅରେ ତ୍ରାସ ॥
ମୋତେ ନ ପୂଜି ଅନ୍ୟ ପୂଜା ।
ମୋହର ଚତୁରତା ଭାଙ୍ଗି ।
ଗୋପରେ ଯେତେକ ଅରଷ୍ଟି ।
ଖଣ୍ଡନ କରଇ ମୁଁ ହିଟି ॥
ଏବେ ପାଇଲ ସଦବୁଦ୍ଧି ।
ତୁମ୍ଭର ହେବ ସର୍ବସିଦ୍ଧି ॥
ଶ୍ରଦ୍ଧାରେ ମୋତେ ଦେଲ ଯାହା ।
ସାକ୍ଷାତେ ଭୁଞ୍ଜିବି ମୁଁ ତାହା ॥
କର ବଢାଇ ସବୁ ନେଇ ।
ଏକା ବେଳକେ ଦେଲେ ଖାଇ ॥
ଦେଖି ଗୋପାଳେ ଅଚମ୍ଭିତ ।
ଭୂମିରେ ହୋଇଣ ପ୍ରଣତ ॥
ଉଠି ବୋଲନ୍ତି ଯୋଡ଼କର ।
ରଖ ରଖ ହେ ଗିରିବର ॥
ପଶୁପାଳକ ବନଚର ।
ଆମ୍ଭ ଅପ୍ରାଧ କ୍ଷମାକର ॥
ତୁମ୍ଭର ଭାବେ ପରସନ୍ନ ।
ସାକ୍ଷାତେ ଦେଲ ଦରଶନ ॥
ଆମ୍ଭେ ଯେ ନ ଜାଣୁଁ ତୁମ୍ଭଙ୍କୁ ।
ପୂଜୁଥାଉଁ ଅନ୍ୟ ଦେବଙ୍କୁ ॥
ତୁମ୍ଭର ପଦ ପ୍ରଭୁ ପାଇ ।
ଆନ ସେବିବୁଁ କାହିଁପାଇଁ ॥
ନକଲୁଁ ସୁର ରାଜାଯାଗ ।
ଏ ଯେବେ କରିବ ସେ ରାଗ ।
ଏଥକୁ ତୁମ୍ଭେ ହେବ ସାହା ।
କସ କରିବେ ଶଚୀନାହା ॥
ପ୍ରଭୁ ବୋଲନ୍ତି ଗୋପବୃନ୍ଦେ ।
ମେଘ ଗମ୍ଭୀର ଉଚନାଦେ ।
ଇନ୍ଦ୍ରକୁ ଯେବେ ତୁମ୍ଭେ ଡର ।
ତେବେ ଆମ୍ଭଙ୍କୁ ତୋଳଧର ॥
ଏ ଶୀଳା ବାକ୍ୟ ପଢି ଡାକ ।
ଊର୍ଦ୍ଧ୍ୱେ ଧରନ୍ତୁ ଦେବଲୋକ ॥
ମୋହର ଗର୍ଭେ ସର୍ବେ ଥିବ ।
ବରଷି ବାସବ ହାରିବ ॥
ଏମନ୍ତ ବୋଲି ଶୀଳାଖସି ।
ଦେଖି ସକଳେ ହେଲେ ତୋଷି ॥
ସେ ବାକ୍ୟ ପଢ଼ି ଗୁପତରେ ।
ପ୍ରଭୁ ଅଳସ ଏମନ୍ତରେ ॥
ପ୍ରଣାମ କରି ପୁଣ ନନ୍ଦ ।
ସଙ୍ଗତେ ଯେନି ଗୋପବୃନ୍ଦ ॥
ରନ୍ଧନ କରି ବନଭୋଜୀ ।
ଏମନ୍ତେ ସାତଦିନ ପୂଜି ॥
ତୃଣ ଚରଇ ସୁଖେ ଗାଈ ।
ମାନସ ଗଙ୍ଗାଜଳ ଖାଇ ॥
ଭାଦ୍ରବ ପୌର୍ଣ୍ଣମୀର ଦିନ ।
ଯାଗ ସମ୍ପୂର୍ଣ୍ଣ ଗୋବର୍ଦ୍ଧନ ॥
ପୁଣ ସେ ଦେଇ ଖଣ୍ଡଗିରି ।
ଗିରିଙ୍କି ପରିକ୍ରମା କରି ॥
ମଙ୍ଗଳ ଉତ୍ସବ ସମ୍ଭାରେ ।
ଶୁଭେ ପ୍ରବେଶ,ସର୍ବେ ପୁରେ ॥
ଏମନ୍ତେ ଯଜ୍ଞ ଭଗ୍ନ ଜାଣି ।
କୋପେଣ କ୍ରୁଦ୍ଧ ବଜ୍ରପାଣି ॥
ସମ୍ବର୍ତ୍ତ ମେଘ ଆଖଣ୍ଡଳ ।
ବେଢ଼ିଣ ଗୋକୁଳାମଣ୍ଡଳ ॥
ବଜ୍ରକୁ ଧରିଣ ଝମକ ।
ଅବଶି ଅଚଳ ଚମକ ॥
ଘୋଟି ପ୍ରଳୟ ମେଘମାଳ ।
ତୋଳିଲି ସାତଦିନ ଜଳ ॥
ଏମନ୍ତେ ଗୋପର ଅରଷ୍ଟି ।
ଉପୁ ଛୁଧର ଶୀଳା ବୃଷ୍ଟି ॥
ଦେଖି ଗୋକୁଳ ତ୍ରାସ ପାଇ ।
ବୋଲନ୍ତି ଏବେଳ ମଲଇଁ ॥
ଇନ୍ଦ୍ର ଉତ୍ସବ ଯଜ୍ଞ ଭଜି ।
ଅର୍ଜିଲୁ କର୍ମ ଏବେ ଭୁଞ୍ଜି ॥

ନଷ୍ଟ ଗଲାଇଁ ସର୍ବନାଶ ।
କରିବ ବରଷା ବତାସ ॥
ଅଷ୍ଟାଳ ଝାଙ୍କଇ ପବନ ।
ବିଜୁଳି ମାରେ ଘନଘନ ॥
କେ ବୋଲେ ଇନ୍ଦ୍ର ସେହୁ ରଜା ।
ସକଳ ତାହାର ପରଜା ॥
ପୂର୍ବେ ପର୍ବତମାନ ଉଡ଼ି ।
ପଡ଼ନ୍ତି ନଗ୍ର ପୁର ମାଡ଼ି ॥
ବାସବ କାଟି ଡେଣା ପକ୍ଷୀ ।
ଅଚଳ ନଷ୍ଟକଲେଣ ରଖି ॥
ସେ ଗିରି ପୂଜିବ ଉତ୍ସବେ ।
କମ୍ପା ସେ କୋପ ନ କରିବେ ॥
ପଳାଇ ପଶିବା ହୋ କାହିଁ ।
ରଖନ୍ତା ଈଶ୍ୱରେ ନାହିଁ ॥
କେ ବୋଲେ ରକ୍ଷା ଉପୁକର ।
କୃଷ୍ଣ ଆମ୍ଭର ବଳିଆର ॥
ଏତେ ବିପଦୁଁ ରଖେ ଯେହୁ ।
ଏବେ ରଖିବ ପୁଣ ସେହୁ ॥
ଏମନ୍ତ କୁହାକୁହି ଲୋକେ ।
କୃଷ୍ଣ କହନ୍ତି କଉତୁକେ ॥
କେହ୍ନେ ନ ପାଅ ତୁମ୍ଭେ ଭୟ ।
ଏଥକୁ କରିବା ଉପାୟ ॥
ଅଛନ୍ତି ମନ୍ତ୍ର ଯନ୍ତ୍ର ଶୀଳା ।
ବିଡ଼ବା ବୋଲି ମନ୍ଦବଳା ॥
ପଡ଼ନ୍ତେ ଗିରି ହେବ ଠେକ ।
ଆନେ ବିଡ଼ବା ଆସ ଦେଖି ॥
ଏମନ୍ତ ବୋଲି ସଭିତଲେ ।
କୃଷ୍ଣ ମିଳିଲେ ସଙ୍ଗମେଳେ ॥
ଅଛଇ ଶୀଳା ବଡ଼ ଉଚ ।
ବିସ୍ତାର ଉଚ ସଞ୍ଚ ଘଞ୍ଚ ॥
ସୁବାହୁ ବସନ୍ତ କୋକିଳ ।
ଅର୍ଜୁନ କର୍କିଣୀ ଉଜ୍ଜ୍ୱଳ ॥
ସ୍ତୋକ କୃଷ୍ଣଙ୍କ ସଙ୍ଗମିଶି ।
ଏ ସାତଶୀଳା ବେଢ଼ି ବସି ॥

ତର୍ଜ୍ଜନୀ ଅଙ୍ଗୁଳି ଲଗାଇ ।
ପଡ଼ନ୍ତି ଏକ ଆରେ ରହିଁ ॥

ମନ୍ତ୍ର ଅଡ଼ାଇ ପଦ

ଅଚଳ ରାଜା, ବଜ୍ର ବଜା, ତୁମ୍ଭେ ପରଘର ସାଇଁ ।
ଧରଣୀଧର ମନ୍ତ୍ରି ସାଗର ସାତଲୋକ ସୁଖଦାୟୀ ॥
ସିଦ୍ଧଙ୍କ ବଚନ ସିଦ୍ଧି । ଅଚଳ ଉଠଇ ଗିଦ ଗିଦ ॥
ଏମନ୍ତ ଉଚ୍ଚାରି କୁମାରେ ।
ଶୀଳା ଟେକଲେ ଅଙ୍ଗୁଳିରେ ॥
ବୁଲନ୍ତି ଶୀଳା ଗୁଳି ପାଖେ ।
ଲୋକ ଆଶ୍ଚର୍ଯ୍ୟ ପଡ଼ି ଦେଖେ ॥
ବୋଲନ୍ତି ଭେଟିଲୁ ଏହି ।
ସିଦ୍ଧ ବଚନ ମିଥ୍ୟା ନୋହି ॥
ଇନ୍ଦ୍ରକୁ କମ୍ପା ତୁମ୍ଭେ ଡ଼ର ।
ଗିରିକି ତୋଳ ନୃପକର ॥
ପରତେ ପାଇ ସର୍ବେ ମନେ ।
ପାଷାଣ ରଖି ନିଜ ସ୍ଥାନେ ॥
ଗିରିତଳକୁ ସର୍ବେ ଚଳେ ।
ଧନ ଗୋଧନ ଘେନି ମିଳେ ॥
ଶରଣରେ ବର୍ତ୍ତି ଭୁଞ୍ଜସୁଖରେ ॥
ଶଙ୍ଖ ପାତଏ ବିଦ୍ଧତରେ ॥
ଇନ୍ଦ୍ର ଆଜ୍ଞାରେ ମେଘମାଳେ ।
ପ୍ରଳୟ ବରଷା ଗୋକୁଳେ ॥
ମୂଷଳ ପ୍ରାୟେ ଜଳଧାର ।
ଦିବସ ଦିଶେ ନିଶିପର ॥
ପବନ ଘାତେ ବୃକ୍ଷେ ଉଡ଼ି ।
ଭୁବନ ଘରଦ୍ୱାର ପଡ଼ି ॥
ମହାଭୟରେ ବ୍ରଜବାସୀ ।
ପଳାଇ ତରତରେ ଆସି ॥
ବିକଳେ ଏକାଆରେ ରହି ।
ପାଶେ ଡ଼ାକିଲେ ନ ଶୁଭଇ ॥
ଝିଅ ପୁଅଙ୍କୁ ଘେନି କାଖେ ।
କେ ନାରୀ ସ୍ୱାମୀ ପାଖେପାଖେ ॥
କେ ବୋଲେ ପୁଅ ଗଲା କାହିଁ ।
କେ ବୋଲେ ଝିଅମୋର ନାହିଁ ॥

କେ ବୋଲେ ମୋର ସାନଭାଇ ।
ଅଡ଼ାଇ ଆଣିଗଲା ଗାଈ ॥
ପୁରରୁ ହୋଇଲେ ବାହାର ।
ପଣନ୍ତ ଧରିଛୁ କାହାର ॥
ଧ ମଇ କେହୁ ପଡ଼ଇଟି ।
ବାଆପାଣିକ ଦେଇ ପିଠି ॥
କେ ବୋଲେ ବାସବେ ବିବାଦି ।
ବିନାଶ କାଳେ ମନ୍ଦବୁଦ୍ଧି ॥
କେ ବୋଲେ ନ କରହୋ ଚିନ୍ତା ।
ଗିରି ତୋଳିବେ ବଳବନ୍ତା ॥
ପଶିବା ଆସ ତଳ୍ପିଁ ତଳେ ।
କରିବା ଯାହା ଯେଉଁ କାଳେ ॥
ବତ୍ସ ଗୋଧନ ହେମା ରବେ ।
ପୋତି ବଦନ ଶୀତେ ଧାବେ ॥
ସକଳେ ଗିରିତଳେ ମିଳି ।
ହେ ଗୋବର୍ଦ୍ଧନ ରଖ ବୋଲି ॥
ଭୁଞ୍ଜି ପୂଜନେ ସୁରନୃପ ।
ଗୋପଙ୍କୁ କଲା ଏଡ଼େ କୋପ ॥
ପୂର୍ବେ ଯେ କହିଲ ହେ ଗିରି ।
ରଖ ଆମ୍ଭଙ୍କୁ ଝୋଟେ ଭରି ॥
ନାମ ତୁମ୍ଭର ଗୋବର୍ଦ୍ଧନ ।
ହେବକ ଗୋଧନ ନିଧନ ॥
ହେ କୃଷ୍ଣ ଆରତ ଛେଦନ ।
ବହନ ତୋଳ ଗୋବର୍ଦ୍ଧନ ॥
ମିଛକୁ ଟେକୁଥିଲ ଶୀଳା ।
ବେଳକୁ କରୁଅଛ ହେଳା ॥
ଥରନ୍ତି ବତ୍ସ ଶୀତବ ତେ ।
ଚଳନ୍ତି ଘୋର ବାତଘାତେ ॥
ଗିରିକ ବେଢ଼ିଣ ଗୋକୁଳେ ।
ସକଳେ ହରି ହରି ବୋଲେ ॥
କରୁଣା ସାଗର ଅଚ୍ୟୁତ ।
ଦେଖିଣ ଗୋକୁଳ ଆରତ ॥
ଅର୍ଜୁନ ବସନ୍ତ କୋକିଳ ।
ସୁବ ହ ସୁବଳ ଉଜ୍ଜ୍ୱଳ ॥

ଆପଣେ ମିଶି ଯାତଜଣ ।
ଗିରିଙ୍କି କରି ପ୍ରଦକ୍ଷିଣ ॥
ଗତ ମନ୍ତ୍ରେ ବାକ୍ୟ ପଢ଼ି ।
ଟେକିଲେ ଗିରିଙ୍କି ଉପାଡ଼ି ॥
କୁମାରେ ଲଠିମାତ୍ର ଧରି ।
ତୋଳିଲେ ବାମଭୁଜେ ହରି ॥
ଶୁଭିଲା ମହାଘୋର ଧ୍ୱନି ।
କାତର ହେଲେ ଇନ୍ଦ୍ର ଶୁଣି ॥
ଉର୍ଦ୍ଧ୍ୱକୁ ଗଲେ ଗିରିବଢ଼ି ।
ହାନବାଡ଼ ଦେବ ଗଜ ପଡ଼ି ॥
ଦେଖିଣ ବାସବ ଆଶ୍ଚର୍ଯ୍ୟ ।
କୋପେ ଧମକମାରେ ବଜ୍ର ॥
ପର୍ବତେ କୃଷ୍ଣ ପାଦଚିହ୍ନ ।
ଅନେକ ବଜ୍ର ଛିଡ଼ିଛନ୍ନ ॥
ଦେଖିଣ ବଜ୍ର ଭସ୍ମ ପାଣି ।
ଇନ୍ଦ୍ର କରକୁ ନଆସଇ ॥
ବାସବ କୋପ ଗୋପପୁରେ ।
କଂସ ହରଷ ଜଗତରେ ॥
ଯଅର୍ଥେ ମୋର ସାରେ ମଲେ ।
ଏ ଅନ ସ୍ୱାସେ ନାଶଗଲେ ॥
ଦେଖ ଗୋକୁଳ ଉତପାତ ।
ଏମନ୍ତେ ବଢ଼ିଲା ପର୍ବତ ॥
କଂସ ନାମରେ ଚଳୁ ବଜ ।
କଂସ ଜଗତ ଗଲା ଭଜ ॥
ସେ କଂସ ଭୟେଣ ପରୁଷ ।
କହଇ ମନ୍ତ୍ରୀ ତା ସରୁଷ ॥
ସୁରରାଜାର ଯଜ୍ଞ ଭାଜି ।
ଗୋପାଳେ ଗୋବର୍ଦ୍ଧନ ପୂଜ ॥
ଇନ୍ଦ୍ର ଗୋକୁଳ ଘାଙ୍ଗି ଲୋଡ଼ି ।
ଏ ଗିରି କୃଷ୍ଣକରେ ବେଢ଼ି ॥
ଛତ୍ର ଆକାରେ ଗିରି ବନ୍ଧି ।
ଗୋକୁଳେ ସୁଖେ ଚଳେ ରହି ॥
ଭୁଇଁତେ ଜାତି ନୁଆଘାସ ।
ଚରି ଗୋଧନ ହେଲେ ତୋଷ ॥

ନିଶ୍ଚିନ୍ତେ ଗୋକୁଳର ଜନ ।
କଲେ ସେ ରନ୍ଧନ ଭୋଜନ ॥
କୃଷ୍ଣର କରେ ଗିରି ଦେଖି ।
ଭୟେ ଯଶୋଦା ବୁଜେ ଆଖି ॥
କୋମଳ କର ବଥାଇବ ।
କେତେବେଳେ ସେ ଧରିଥିବ ॥
ବିନସ୍ତି ଗୋକୁଳଙ୍କୁ କହି ।
କ୍ଷଣକେ ତୁମ୍ଭେ ଥାଅ ବହି ॥
କୃଷ୍ଣ ଭୋଜନ କରୁ କରୁ ।
ତୁମ୍ଭର ସଙ୍ଗେ ପୁଣ ଧରୁ ॥
ଏ କୃଷ୍ଣ କାଲ୍‌ଠୁଁ ଉପବାସୀ ।
ପେଟ ଯାଉଛି ହାତେ ପଶି ॥
କୁମାରେ ବୋଲନ୍ତି ଭୋ ମାତଃ ।
ଆମ୍ଭେ ଧରିଛୁଁ ପରବତ ॥
ଭୋଜନ ଆଣି ଦିଅ ମୁଖେ ।
କୃଷ୍ଣ ମଣୋହି କରୁ ସୁଖେ ॥
ବାମ ହସ୍ତରେ ସିନା ଗିରି ।
ଦକ୍ଷିଣ ହସ୍ତେ ଭୁଞ୍ଜୁ ହରି ॥
ଶୁଣି ଯଶୋଦା ତୋଷମନ ।
ଥାଳୀରେ ଘେନ ମିଷ୍ଟ ଅନ୍ନ ॥
ଧରିଲେ ଗିରିବର ପାଶେ ।
ଉଭେ ଭୋଜନ କାଳବଶେ ॥
ଅଚ୍ୟୁତ ତୁମ୍ଭର କୁମର ।
ମାରିଲେ ମହାମହା ବୀର ॥
କାଳସ୍ଥ ଜଳରୁ ଘଉଡ଼ ।
ଧରିଲେ ପର୍ବତ ଉପାଡ଼ ॥
ଏ ରୂପେ ସର୍ବ ସଖା ଭୁଞ୍ଜି ।
ନିଜ ଜନନୀ ମନ ରଞ୍ଜି ॥
ସେ ଦିନୁଁ ନାମ ଗିରିଧର ।
ଗୋପାଳେ କରନ୍ତି ବିଚାର ॥
ବସିଣ ନନ୍ଦ ବେହରଣେ ।
ପୁଚ୍ଛନ୍ତି କୁଳ ବୃଦ୍ଧଗଣେ ॥
ଅଚ୍ୟୁତ ତୁମ୍ଭର କୁମର ।
ମାରିଲେ ମହାମହା ବୀର ॥
କାଳସ୍ଥ ଜଳରୁ ଘଉଡ଼ ।
ଧରିଲେ ପର୍ବତ ଉପାଡ଼ ॥
ଆମ୍ଭର କୁଳେ ଜନ୍ମହୋଇ ।
ଏତେକ ପରାକ୍ରମ ବହି ॥
ମୋହିଲେ ସକଳ ଜନଙ୍କୁ ।
ଗୋଚର ନଯାଇ ମନକୁ ॥
ନନ୍ଦ କହନ୍ତି ମୋତେ ପୂର୍ବେ ।
କହିଣ ଅଛନ୍ତି ଗାର୍ଗବେ ॥
ଏ କୃଷ୍ଣ ହେବ ବଳସାର ।
ନାଶିବ ଅବନୀର ଭାର ॥
ବିଷ୍ଣୁ ସମାନ ବଳବନ୍ତ ।
ବିଦିତ ହେବ ତୁମ୍ଭ ସୁତ ॥
ସେ ମୁନି ତହୁଁ ଅଛି ଶୁଣି ।
ଜନମ ଦିନୁ ପରମାଣି ॥
କଲ୍ୟାଣ କରସି ଏହାକୁ ।
ହେଉ ଏ ଆମ୍ଭର ସାହାକୁ ॥
ଏମନ୍ତେ ସାତଦିନ ଯାଏ ।
ଗିରି ଧରିଲେ ଦେବରାଏ ॥
ପୂର୍ବର ପ୍ରାପ୍ତ ଗୋବର୍ଦ୍ଧନ ।
ଗୋବିନ୍ଦ କରେ ଶୋଭାବନ ॥
ଜଳ ପାଷାଣ ଯେ ବରଷି ।
ମଧ୍ୟ ପରାଗ ଜାଣିଖସି ॥
ସାତ ଦିନରେ ସିନ୍ଧୁ ସାତ ।
କୋପେ ବରଷି ପୂରିହିତ ॥
ଯମୁନା ସଙ୍ଗେ ମିଶି ବହି ।
ସପତ ସମୁଦ୍ର ପୂରିଗଇ ॥
ଫୁଟି ରହିଲେ ମେଘମାଳେ ।
ସ୍ତମ୍ଭିତ ପବନ ନ ଚଳେ ॥
ବିଜୁଳି ଗଗନେ ପଶିଲା ।
ଆକାଶ ନିର୍ମଳ ଦିଶିଲା ॥
ନ ଚଳେ ଐରାବତ ନାଗ ।
ହରି ବାସବ ମନୋଭଙ୍ଗ ॥
ବିଚାରେ ମନ୍ଦ କର୍ମ କଲି ।
ଶ୍ରୀକୃଷ୍ଣେ ଅପରାଧୀ ହେଲି ॥

ମୋହର ଗର୍ବ ଗଞ୍ଜିବାରେ ।
ଗିରି ଟେକିଲେ ବାମକରେ ॥
ଆସୁଛୁ ଗୋବର୍ଦ୍ଧନ ବଳି ।
ସ୍ୱର୍ଗରୁ ଦେବ ଏ ଘଉଡ଼ି ॥
ମୁକୁଟ ଖସିଲା ମସ୍ତକୁଁ ।
ବଜ୍ରହ୍ନି ନଇଲା ହସ୍ତକୁ ॥
ସ୍ୱର୍ଗେ ଗୃହିଁବ କାହାମୁଖ ।
କ୍ଷଣେ ବାସବ ମନ ଦୁଃଖ ॥
ଗୋବିନ୍ଦ ଦର୍ଶନେ ଗୋ ମାତ ।
ଯାନ୍ତେ ଦେଖିଲେ ପୁରୋହିତ ॥
ଚରଣେ ପଡ଼ି ଶଚୀପତି ।
ହେମାତଃ କର ମୋର ଗତି ।
ଶ୍ରୀକୃଷ୍ଣ ତୁମ୍ଭରେ ଭେଟାଅ ।
କରୁଛି ଅପ୍ରାଧ ଛୁଟାଅ ॥
ଶୁଣି ସୁରଭି ତୋଷଚିତ୍ତେ ।
ଇନ୍ଦ୍ରଙ୍କୁ ଘେନିଣ ସଙ୍ଗତେ ॥
ଆକାଶ ମଣ୍ଡଳରୁ ଖସି ।
ମିଳିଲେ ବୃନ୍ଦାବନେ ଆସି ॥
ଏମନ୍ତେ ବରଷା ରହିଲେ ।
ଗଗନେ ତପନ ଉଇଁଲେ ॥
କୃଷ୍ଣ କହନ୍ତି ଉଚ୍ଚ ଡାକେ ।
ବାହାର ହୁଅ ସର୍ବ ଲୋକେ ॥
ବରଷା ବତାସ ରହିଲେ ।
ଯମୁନା ସଧୀରେ ବହିଲେ ॥
ରହସି ଯେ ଯାହା ସଦନ ।
ଲୋଡ଼ା ସଙ୍କୋଳା କରଧନ ॥
ଗୋପାଳେ କୃଷ୍ଣ ବୋଲ ଶୁଣି ।
ବାହାର ହେଲେ ତତକ୍ଷଣି ॥
ଅଜା-ମହିଷ ମେଣ୍ଢ ଗାବ ।
ଗୋପେ ମିଳିଲେ ଘେନି ସର୍ବ ॥
ଯେ ଯାହା ମନ୍ଦିରକୁ ଆସି ।
ବସ୍ତିଲେ ରହି ବ୍ରଜବାସୀ ॥
ସଖା ଚରଣ ଚିହ୍ନ ଗିରି ।
ଶ୍ରୀହରି କରେ ଥିଲେ ଧରି ॥

ଖଞ୍ଜାଇ ଥୋଇ ନିଜ ସ୍ଥାନେ ।
ପର୍ବତ ରହିଲେ ସମାନେ ॥
କ୍ଷୁଧାର୍ତ୍ତ ଦେଖି ଗାବ ଯୂଥ ।
ଚଳାନ୍ତି ବନେ ଗୋପୀନାଥ ॥
ବାସବ ଦେଖିଣ ଏମନ୍ତେ ।
ନମିଲେ କୃଷ୍ଣ ପାଦଗତେ ॥
ମୁକୁଟ ରତ୍ନ ମଣିଗଣେ ।
ପୂଜିଲେ ଶ୍ରୀକୃଷ୍ଣ ଚରଣେ ॥
ଶୋକେ ସାତ୍ତ୍ୱିକ୍ୟେ ଗଦଗଦ ।
ଧରି ନସ୍ତୁଡ଼ି କୃଷ୍ଣପାଦ ॥
ପ୍ରୀତ ଦେଖିଣ ବାସବ ।
କରୁଣା ସାଗର ମାଧବ ॥
ଇନ୍ଦ୍ରଙ୍କୁ ଶ୍ରୀକରେ ଧରିଲେ ।
ଅଶେଷ ଦୁରିତ ହରିଲେ ॥
କର ଯୋଡ଼ିଣ ଶଚୀସାଇଁ ।
କହେ ସୁରଭି ପଛେଥାଇଁ ॥
ତୁ ଦେବ ସକଳ କାରଣ ।
ସ୍ଥିତି ଉତ୍ପତ୍ତି ସଂହାରଣ ॥
ତୁହି ଜୀବନ ପଞ୍ଚଭୂତ ।
ମାୟାରେ ଖେଳଉ ଜଗତ ॥
ସକଳ ପ୍ରାଣୀ ହୃଦେ ଥାଉ ।
ଯାହାକୁ ଯେଉଁ ବୁଦ୍ଧି ଦେଉ ॥
ସେ ଘେନ ଲୀଳା ଅନୁଆନ ।
ବହୁତ ରୂପେ ଭିନ୍ନଭିନ୍ନ ॥
ନଜାଣି ଅପ୍ରାଧ ମୁଁ କଲି ।
କ୍ଷମା କରସି ପ୍ରଭୁବୋଲି ॥
ସୁରଭି କହନ୍ତି ହେ ଦେବ ।
ନାଶିଲ ବାସବର ଗର୍ବ ॥
ଆପଣା ସ୍ଥାଏ ହେଲା ଗଞ୍ଜି ।
ତୁମ୍ଭରେ ଅପ୍ରାଧ ଅରଜି ॥
ଗିରିଟେକି ଗୋକୁଳ ରଖି ।
ଏଣୁ ଅଇଲି ମୁହିଁ ଦେଖି ॥
ଗୋକୁଳ ରଖିଲ ସେ ଯହୁଁ ।
ଗୋବିନ୍ଦ ନାମ ଏବେ ହେଉ ॥

ଗୋବିନ୍ଦ ଅଭିଷେକ ବିନେ ।
ହୁଅ ବାସବ ପରସନ୍ନେ ॥
ଇନ୍ଦ୍ର ବହୁତ ସ୍ତୁତି ଭଣି ।
ଶୁଣି ପ୍ରସନ୍ନ ବେଣୁପାଣି ॥
ବିଜେ ହୋଇଲେ ଅଭିଷେକ ।
ପାଦେ ଖଟିଲେ ସୁର ଲୋକ ॥
ସୁରଭି ଆପଣାର କ୍ଷୀରେ ।
ଗୋବିନ୍ଦ ଅଭିଷେକ କରେ ॥
ତୀର୍ଥ ଜଳକୁ ସ୍ୱର୍ଗୁଁ ଦ୍ୟନ୍ତି ।
ଗୋବିନ୍ଦ ମୂର୍ଦ୍ଧନେ ଢାଳନ୍ତି ॥
କଳ୍ପ ପାଦପ ସିଂହାସନେ ।
ଶ୍ରୀବୃନ୍ଦାବନ ମଧ୍ୟ ସ୍ଥାନେ ॥
ତୀର୍ଥଙ୍କୁ ଯୋଗାଣ ବରୁଣ ।
ସହସ୍ର ଇନ୍ଦ୍ରଙ୍କୁ ବରଣ ॥
କୁବେର ବସ୍ତ୍ର ଅଳଙ୍କାରେ ।
ଅନଳ ଦେଖି ତାଙ୍କ କରେ ॥
ଗନ୍ଧ ଚନ୍ଦନ ଘନସାର ।
ଲେପନ୍ତି ଅଶ୍ୱିନୀ କୁମାର ॥
ଅମୃତ ଧନ୍ୱନ୍ତରି ଖଟି ।
ମେଘେ କରନ୍ତି ପୁଷ୍ପବୃଷ୍ଟି ॥
ବୀଣାରେ ନାରଦ ତୁମ୍ବୁର ।
ସୁତ ମାଗଧ କଏବାର ॥
ସ୍ତୁତି କରନ୍ତି ସୁରମୁନି ।
ଉଠେ ମଙ୍ଗଳ ବେଦ ଧ୍ୱନି ॥
ଗାୟନ କରେ ବିଦ୍ୟାଧର ।
ଗନ୍ଧର୍ବ ଗଣେ ପରିଚର ॥
କର ଯୋଡ଼ିଣ ଧର୍ମରାଏ ।
ଯେ ଯାହା ଗୁହାରି ଜଣାଏ ॥
ଶୁଭ ଲଗ୍ନରେ ବୃହସ୍ପତି ।
ମହେନ୍ଦ୍ର ଅନୁକୂଳ ଦ୍ୟନ୍ତି ॥
ଏମନ୍ତେ ସର୍ବ ଦେବଲୋକ ।
କଲେ ଗୋବିନ୍ଦ ଅଭିଷେକ ॥
ପାଦ ଉଦକ ଶିରେ ବୋଳି ।
ଆଜ୍ଞା ପାଇଣ ସ୍ୱର୍ଗେ ଚଳି ॥

ଏମନ୍ତେ ମିଳିଲେ ଗୋପାଳେ ।
ଗୋଧନ ଚରାଇ ସେ ସ୍ଥଳେ ॥
ଦେଖିଲେ ଅଭିଷେକ ଦ୍ରବ୍ୟ ।
ଗୋପାଳେ ଜୂରକଲେ ସର୍ବ ॥
ଅମୃତ ଆଶନକୁ ପାଇ ।
ପାରିଜାତକ ପୁଷ୍ପ ଲଭି ॥
ବୋଲନ୍ତି ଇନ୍ଦ୍ର ଏଥି ହାରି ।
ଶରଣ ପଶି ପ୍ରଜଗିଶ ॥
କୃଷ୍ଣ ସଙ୍ଗରେ ମିତ୍ର ହେଲା ।
ଗୋବିନ୍ଦ ନାମ ଦେଇଗଲା ॥
କୃଷ୍ଣ ଆମ୍ଭର ବଳସ୍ୱାର ।
କାହାକୁ ନାହିଁ ଆମ୍ଭ ଡର ॥
ଏମନ୍ତ କହି କୃଷ୍ଣସଙ୍ଗେ ।
ବନ ବିହରନ୍ତି ନାନା ରଙ୍ଗେ ॥
ଦିନ ହୋଇଲେ ଅବସାନ ।
ଗୋପେ ବାହୁଡ଼ାଇ ଗୋଧନ ॥
ଶୁଭେ ମିଳିଲେ ପୁରେ ଆସି ।
ଦେଖି ସାନନ୍ଦ ବ୍ରଜବାସୀ ॥
ସ୍ନାନ ଭୋଜନ ଗୋଦୋହନ ।
ବସିଲେ ସଭା ବେହରଣ ॥
ରଜନୀ ପ୍ରହର ସମ୍ପୂର୍ଣ୍ଣ ।
ମିଳିଲେ ଯଶୋଦା ଭୁବନ ॥
କୃଷ୍ଣ ଶୟନ ଅବକାଶ ।
ଚରଣେ ସେବା କଲେ ଦାସ ॥
କହେ ନାରଦ ତପୋବନ୍ତ ।
ଶୁଣ ହେ ଧନପତି ସୁତ ॥
ଏମନ୍ତେ ନନ୍ଦ ଏକାଦଶୀ ।
ଜାଗର ଜାଳି ଉପବାସୀ ॥
ଦ୍ୱାଦଶୀ ଦଣ୍ଡେ ଆରହନ ।
ରାତ୍ରହୁଁ ଉଠି ନନ୍ଦରାଣ ॥
ପାଳଣା ଚିନ୍ତି ତତପରେ ।
ସ୍ନାନ କରନ୍ତି ଯମୁନାରେ ॥
ବରୁଣ ରାଜା ଜଳେ ଥିଲେ ।
ନନ୍ଦକୁ ହରି ନେଇ ଗଲେ ॥

କୂଳେ ଅଛନ୍ତି ଭୃତ୍ୟବୃନ୍ଦ ।
ବୁଡ଼ି ନଉଠି ଦେଖି ନନ୍ଦ ॥
ବହୁତ ଡାକ ଡାକ ପୁଣି ।
ପୁରକୁ ଅଇଲେ ଲେଉଟି ॥
ଗୋପରେ କହିଲେ ବାରତା ।
ଶୁଣି ସେ ବ୍ୟାକୁଳେ ଆରତ ॥
ଉଚ୍ଚେ ରୋଦନ୍ତି ଯଶୋବନ୍ତୀ ।
ଯମୁନା କୂଳକୁ ଧାମନ୍ତି ॥
ଗୋଡ଼ାଇ ଅଛନ୍ତି ଗୋପାଳେ ।
ମିଳିଲେ ଯମୁନାର ଜଳେ ॥
ଲେଉଡ଼ଣ ନ ପାଇଲେ କାହିଁ ।
ଏମନ୍ତେ ନିଶି ଗଲାପାହି ॥
ନନ୍ଦ ଗମନ ପାଦପନ୍ତି ।
ତୀର ବାଲିରେ ନିରେଖନ୍ତି ॥
ଯିବା ଚରଣ ଚିହ୍ନଅଛି ।
ଆସିବା ଚିହ୍ନ ନାହିଁ କିଛି ॥
କେ ବୋଲେ ଏଡ଼େ କର୍ମକଲେ ।
ନନ୍ଦ ରାଜନ ବୁଢ଼ମେଲ ॥
କେ ବୋଲେ କୁମ୍ଭୀର ଗିଳିଲେ ।
କିମ୍ବା ବରୁଣ ହରିନେଲେ ॥
କେ ବୋଲେ ସ୍ରୋତେ ଗଲେ ଭାସି ।
ଦୁର୍ବଳ ବୃଦ୍ଧଦେହ ଆସି ॥
ଜଳରେ ଲେଉଡ଼ନ୍ତି ଗୋପାଳେ ।
ଜାଲ ପକାଇ ମାଳେ ମାଳେ ॥
ନ ପାଇ ରୋଦନ କରନ୍ତି ।
ଅବଶ ଲୋଟି ଯଶୋବନ୍ତୀ ॥
ହେ ନାଥ ରାମକୃଷ୍ଣ ଏଡ଼ି ।
ଜଳ ଭିତରେ ଅଛ ବୁଡ଼ି ॥
ଛେଉଣ୍ଡ ହେଲେ ମୋରପୁଏ ।
ପ୍ରାଣକି ଜୀବ ମୋର ରହେ ॥
ଗୋବିନ୍ଦ ଜନନୀ ବିକଳେ ।
ପିତା ଲେଉଡ଼ନ୍ତି ପଶି ଜଳେ ॥
ଜାଣିଲେ ଯୋଗବଳେ ହରି ।
ବରୁଣ ନେଇଛନ୍ତି ଧରି ॥

ବରୁଣ ପୁରରେ ହରି ବିଜେ ।
ଦେଖି ବରୁଣ ପାଦେପୂଜେ ॥
ସ୍ତୁତି କରଣ ପୁଣ ବନ୍ଦେ ।
କହେ ଆନନ୍ଦ ଗଦଗଦେ ॥
ହେ ନାଥ ଦୋଷ କ୍ଷମାକର ।
ହରି ଆଣିଲି ପିତା ତୋର ॥
ଜଳେ ପଶନ୍ତି ଯେହୁ ରାତେ ।
ତାଙ୍କୁ ଆଣନ୍ତି ମୋର ଭୃତ୍ୟେ ॥
ଦ୍ୱାଦଶୀ ପାରାପୂଣ ଯେହୁ ।
ତାଙ୍କୁ ନ ବାନ୍ଧେ ପୁଣ ଏହୁ ॥
ପୁଣ୍ୟବନ୍ତ ଏ ନନ୍ଦରାଣ ।
ଦ୍ୱାଦଶୀ ବ୍ରତ ପରାୟଣ ॥
ଏହାଙ୍କ ଦରଶନ ଫଳେ ।
ପୂଜିବି ତୋପାଦ କମଳେ ॥
ଜଳ ଉଦ୍ଧାର ଆଖଣ୍ଡଳ ।
ବରଷି ଅଖଣ୍ଡ ମଣ୍ଡଳ ॥
ଧରିତ କରି ବଜ୍ରମହୀ ।
ନଦୀ ସାଗର ପୂରିବହି ॥
ଏଣୁ ଏ ପବିତ୍ର ଜଗତ ।
ମହତ ବିବାଦ ଏମନ୍ତ ॥
ପିତା ପୁତ୍ରଙ୍କ ପାଦ ରେଣୁ ।
ପବିତ୍ର ପୁର ମୋର ଏଣୁ ॥
ଚକ୍ର ଅଙ୍କିତ ଚିହ୍ନେ ବାସି ।
ଅସୁରେ ନ ପାରିବେ ପଶି ॥
ତୁମ୍ଭର ତାତ ନିଅ ଏବେ ।
ପୂଜା ପାଇଣ ବିଜେହେବେ ॥
ଏମନ୍ତ କହି ଜଳପତି ।
ପିତାଙ୍କୁ ଆଣି ସମର୍ପନ୍ତି ॥
କୃଷ୍ଣକୁ ଚାହିଁ ଦେଖି ନନ୍ଦ ।
ମନରେ ବହୁତ ଆନନ୍ଦ ॥
ଏମନ୍ତେ ନିଜ ପୁତ୍ର ଦେଖି ।
ଅଶ୍ରୁ ପୂରିତ ବେନି ଆଖି ॥
କୃଷ୍ଣଙ୍କୁ ଚୁମ୍ବି ନନ୍ଦ ବୋଲେ ।
କେହ୍ନେ ଅଇଲ ଦେବଆଳେ ॥

ଶ୍ରୀହରି ପିତା ଚଉହରି ।
ବରୁଣ ମନ ତୋଷ କରି ॥
ଧରି ଅଛନ୍ତି ପିତାକରି ।
ଜଳରୁ ହୋଇଲେ ବାହାରି ॥
କୂଳରେ ହୋଇଲେ ପ୍ରବେଶ ।
ଦେଖିଣ ସକଳେ ହରଷ ॥
ବୋଇଲେ ଜଳେ ବୁଡ଼ି ଥିଲେ ।
ଗୋବିନ୍ଦ ଲେଉଟ ଆଣିଲେ ॥
କେ ବୋଲେ ଦେବତା ବୁଡ଼ାଇ ।
ରଖି ଗୋ ଥିଲେ କେଉଁଠାଇଁ ॥
କୃଷ୍ଣ ବୁଡିଲ ମାୟକରେ ।
ଅଣ୍ଡାଳ ଆଣି ଧାତକାରେ ॥
ଏମନ୍ତେ ଲୋକେ କୁହାକୁହି ।
ସକଳ ମନ କୃଷ୍ଣ ମୋହି ॥
ବରୁଣ ପୁର ନନ୍ଦ ଦେଖି ।
ସ୍ୱପନେ ଖ୍ୟାତକୁ ଉପଲକ୍ଷି ॥
ପ୍ରବେଶ ନିଜ ଭୁବନରେ ।
ଯେ'ବଧି ନନ୍ଦ ସମାଯ୍ଯରେ ॥
କହନ୍ତି ନାରଦ ହରଷେ ।
ନଳ କୁବର ଶୁଣି ତୋଷେ ॥
କଂସର ଆଦେଶେ ଅରିଷ୍ଟ ।
ପ୍ରବେଶ ହେନଶୈଷ ଗୋଷ୍ଠ ॥
ଗୋବିନ୍ଦ ଗୋଦୋହନ ଲୀଳା ।
ଗୋପାଳ ଗଣ ସଙ୍ଗମେଳା ॥
ବୃଷଭ ମତ୍ତ ଲକ୍ଷେ ଲକ୍ଷେ ।
ଗୋଡ଼ାନ୍ତି ରତ୍ତୁ ଗାବପଛେ ॥
କାମେ ପୀଡ଼ିତ ହୋଇ କେହି ।
ସବୁଙ୍କୁ ମାରି ଘଉଡ଼ାଇ ॥
ଷଣ୍ଢ ଷଣ୍ଢରେ ଯୁଦ୍ଧ ଲାଗି ।
କେହୁ ମାରନ୍ତେ କେହୁ ଭାଗି ॥
ଏକ ଆରେକେ ପଡ଼ନ୍ତେଣ୍ଢ ।
ଯୁଝନ୍ତି ମହାବଳୀ ଷଣ୍ଢ ॥
କେହୁ ସେ ନପାରି ଭାଗଇ ।
କେହୁ ସେ ପାଲଟି ଯୁଝଇ ॥
ଗୋପାଳେ ହୋଇ କଉତୁକ ।
ଯୁଝନ୍ତି ଏକ ଆରେ ବାଛି ॥
ଯାହାର ଷଣ୍ଢ ରଣେ ଭଙ୍ଗ ।
ହାରି ହୁଅନ୍ତି ସେହୁ ଗଞ୍ଜି ॥
ଏ ଅପମାନେ ଛଳଧରି ।
ଏକ ଆରକେ ଯୁଦ୍ଧକରି ॥
ଗୋପ ସୁନ୍ଦରୀ ଯୂଥେ ଯୂଥେ ।
ଯତନେ ରହି ପଥେ ପଥେ ॥
ଗୋବିନ୍ଦ ବାହୁ ଯୁଦ୍ଧ ରଙ୍ଗେ ।
କରନ୍ତି କୁମାରଙ୍କ ସଙ୍ଗେ ॥
ଅରିଷ୍ଟାସୁର ଦେଖି ଡ଼ରେ ।
ମାୟାରେ ଷଣ୍ଢ ରୂପଧରେ ॥
ଦିଶଇ ଅତି ବଡ଼କାୟେ ।
କୈଳାସ ପର୍ବତ ପରାୟେ ॥
ତା ଚୂଡ଼ ଲାଗୁଛି ଗଗନେ ।
ହୁଙ୍କାର ନାଦ ଗରଜନେ ॥
ପାଦ ଘାତରେ କମ୍ପେ ମହୀ ।
ଶୃଙ୍ଗେ ତାଡ଼ଇ ଉଚ ମହୀ ॥
ପୁଚ୍ଛ ଟେକିଣ ବେଗେ ଧାଏଁ ।
ମେଘେ ଉଡ଼ନ୍ତି ବାତ ଘାଏଁ ॥
ଖୁରରେ ଖୋଳୁଅଛି ମହୀ ।
ଦେବେ ପଳାନ୍ତି ଭୟପାଇ ॥
କକୁଦ ଝାଡ଼ିବାରି ଘାଏ ।
ପଳାନ୍ତି ଦିଗପାଳେ ଭୟେ ॥
ଗୋଗୋଷ୍ଠେ ବୃଷଭେ ଯେ ଖେଦେ ।
ଭୟେ ପଳାନ୍ତି ହାରନାଦେ ॥
ତରସ୍ତେ ବଦନ ପୋତଇ ।
ଅଳପ ଅଳପ ମୁତଇ ॥
ଗୁଲଇ ଆଡ଼ପଟ ବାଟେ ।
ଦେଖି ଆରତ ଗୋପ ଲୋକେ ॥
ସୁଏ ପଳାଇ ପଛ ଘୁଞ୍ଚି ।
ଗୋବିନ୍ଦ ପଛେ ଯାଇ ଲୁଚି ॥
ଶ୍ରୀକୃଷ୍ଣ ଦେଖନ୍ତି ସେ ସଙ୍ଗେ ।
ଦୌଡ଼ି ପକାନ୍ତି ବାହୁରଙ୍ଗେ ॥

ପ୍ରବେଶ କର ଗୋଦୋହନେ ।
ଷଣ୍ଢ ରଣକୁ ସାବଧାନେ ॥
ବତ୍ସକୁ ଉପହାସ ବାକ୍ୟେ ।
ଷଣ୍ଢ ପଳାଇ ଯାଅକ କେ ॥
ଗୋକୁଳ ଶରଣ ରକ୍ଷଣେ ।
ଦେବ ଗୁହାର ପରମାଣେ ॥
ବାମ ନୟନ ହମ୍ବୋଷ୍ଟିରେ ।
ଦକ୍ଷିଣ ନେତ୍ର ଅରଷ୍ଟିରେ ॥
ଗୋବନ୍ଦ ଅଷ୍ଟ ଅବଧାନେ ।
ଅରଷ୍ଟ ମିଳ ସାବଧାନେ ॥
ଗୋପ ବଳକ ଦେଖି ହର ।
ବାହୁ ବସ୍ତାର ଆଗସର ॥
ରେ ଷଣ୍ଢାସୁର ଆସ ବେଗେ ॥
ଯୁଦ୍ଧ କରସି ମୋର ଆଗେ ॥
ଗୋପାଳ ବାଳକୁ ଡରଉ ।
ଗୋକୁଳ ଭୟକୁ କରଉ ॥
ରଣ ମରଣ ଘୁରେ ଡରୁ ।
ମାୟା ବୃଷଭ ରୂପଧରୁ ॥
ଗୋରୁ ମୁଖରେ ଝଲେ ଯୁଦ୍ଧ ।
ଗୋରୁ ବ୍ରାହ୍ମଣ ହେବେ ବଧ ॥
ହୋଇଛୁ ସଙ୍ଗ ବନ୍ଧୁଏକା ।
ଆଜ ଦେଖିଯା ବଚ୍ଛା ବକା ॥
ଶୁଣିଣ ଷଣ୍ଢାସୁର କୋପେ ।
ଶିଙ୍ଗ ମାଇଲା ଯାଇ ଆପେ ॥
ଧରଲେ ହର ଶିଙ୍ଗ କରେ ।
ଅସୁର ଚଳଣ ନ ପାରେ ॥
ପଛକୁ ଘେନ ଗଲେ ଠେଲି ।
ଅଠର ଭଡ଼ା ଯାଏ ପେଲି ॥
ସେ ଷଣ୍ଢାସୁର ମହାବଳୀ ।
ପୁଣ ଆସିଲା ସେହୁ ପେଲି ॥
ହଲ୍ଲେମ ପ୍ରହଲ୍ଲେମ ରଣ ।
ଶୂନ୍ୟେ ଦେଖନ୍ତ ଦେବଗଣ ॥
ଷଣ୍ଢା କରଇ ଘୋର ରଡ଼ ।
ଗିର ପାଷାଣ ପଡ଼େ ଝଡ଼ ॥
ପୁଚ୍ଛ ବୁଲାଇ ଅନ୍ତରାଳେ ।
ବେମ କମ୍ପାଇ ଶ୍ରମହାଳେ ॥
ମେଦମା ହେଉଛୁ କର୍ଦ୍ଦନ ।
ଧୂଳରେ ଅଦୃଶ୍ୟ ଗଗନ ॥
ଦେବେ ଡାକନ୍ତ ଶୂନ୍ୟେ ଥାଇ ।
ମାର ଅସୁର ଦୋଷ ନାହିଁ ॥
ଶୁଣି ସେ ସୁରଗଣ ବାଣୀ ।
ଅସୁର ବଳ ପରମାଣି ॥
ଘଞ୍ଜା ଘଞ୍ଜରେ ଷଣ୍ଢାଫୁଟି ।
ନିଃପ୍ରାଣହୋଇ ବଳଭୁଟି ॥
ବରଷା ଧାର ପ୍ରାୟହୋଇ ।
ଷଣ୍ଢା ଦେହରୁ ଝାଳବହ ॥
ରୁଧିର ଶିଙ୍ଗମୂଳୁଁ ଖସି ।
ମହୀରେ ବହୁଅଛୁ ମିସି ॥
ଧର ଅଛନ୍ତ ମହାବଳୀ ।
ଷଣ୍ଢ ନ ପାରେ ଶିର ଟୋଳି ॥
ଛାଡ଼ିଲା ମଳମୂତ୍ର ବେଗି ।
ଦେଖିଣ ହର ଦେଲେ ଫିଙ୍ଗି ॥
ପଡ଼ିଲା ଶଏଭଡ଼ା ଅନ୍ତେ ।
ଉଠିଣ ଧାଇଁଲା ତୁରତେ ॥
ମାରନ୍ତେ ଶିଙ୍ଗ କୃଷ୍ଣଅଙ୍ଗେ ।
ହର ଧାଇଁଲେ ପୁଣ ବେଗେ ॥
ଛଟକେ ଭୂମିତଳେ ପଡ଼ ।
ଆଣ୍ଠୁ ଭରେଣ ବସି ମାଡ଼ ॥
ଆର୍ଦ୍ର ବସନ ପ୍ରାୟେ କର ।
ଶିର ମୋଡ଼ିଲେ ଶିଙ୍ଗ ଧର ॥
ସେହି ଶିଙ୍ଗ ତା ଦେହେ ପଶି ।
ଅରଷ୍ଟାସୁର ପ୍ରାଣେ ନାଶି ॥
ଗୋବନ୍ଦ ଦେହରେ ପଶିଲା ।
ଅବମା ମଙ୍ଗଳ ହସିଲା ॥
ଧରଣୀ ପଡ଼ ମୃତପିଣ୍ଡ ।
ଜାଣି ଶରଦ ମେଘଖଣ୍ଡ ॥
ଜଗତ ଅରଷ୍ଟ ନାଶିଲେ ।
ଦେବେ କୁସୁମ ବରଷିଲେ ॥

ହଗେ ହଶିଲେ ପରିମଳ ।
ପବନ ସୁଗନ୍ଧ ଶୀତଳ ।।
ଗୋବନ୍ଦ ପରାକ୍ରମ ଦେଖି ।
ଗୋପୀ ଗୋପାଳେ ହୋଇ ସୁଖୀ ।।
ଗୋଧନ ମେଳ ସମ୍ଭାଳିଲେ ।
ଦୁଧ ଦୋହାଇ ପୁରେ ମିଳେ ।।
ସ୍ନାନ ଭୋଜନ ନାନାମତେ ।
ସଭାକୁ ହଜେ ପୂର୍ବରାହେ ।।
କହନ୍ତି ଏକକୁ ଆରକେ ।
ଗୋବନ୍ଦ ଆଜ କଉତୁକେ ।।
ଗୋଷ୍ଠେ ମାଇଲେ ଷଣ୍ଢାସୁର ।
ଜଗତେ ସେହୁ ବଳୀୟାର ।।
ଶୁଣି ସାନନ୍ଦ ଗୋପବୃନ୍ଦ ।
ନନ୍ଦ ଯେ ଉପ ବସୁନନ୍ଦ ।।
ଏମନ୍ତେ ସଭା ମଣ୍ଡଳଲେ ।
ଷେ-ନ୍ସୁଖ୍ୟା ସଦନେ ମିଳିଲେ ।।
ରାମ ଗୋବନ୍ଦ ନନ୍ଦ ଘେନ ।
ପୁରେ ପ୍ରବେଶ ହେଲେ ପୁଣି ।।
ନିଦ୍ରାରେ ଘୂର୍ମିତ ନୟନ ।
ହଂସୂଲ ତୁଳରେ ଶୟନ ।।
ଦାସ ଚରଣ ସେବ କରେ ।
ନିଶି ପାହିଲା ଏ ନ୍ତରେ ।।
ଶଯ୍ୟା ତେଜିଣ ରାମହରି ।
ଗାବ ଦୋହନେ ହଜେକରି ।।
ପୁରେ ମିଳିଲେ ଗାବ ଘେନ ।
ସ୍ନାନ ଭୋଜନ ଭାଇବେନ ।।
ଗାବ ଚଳାଇ ବନେ ଚଳେ ।
ମିଳିଲେ ଗୋବର୍ଦ୍ଧନ ତଳେ ।।
ନାନା ବିନୋଦେ ଖେଳରଙ୍ଗ ।
ରାଜା ପରଜା ଖେଳସଙ୍ଗ ।।
ରାମ ହୋଇଲେ ତହିଁ ରାଜା ।
ସକଳେ ହୋଇଲେ ପରଜା ।।
ଥୋକାଏ ଅଜ ମେଷ ଗାଈ ।
ଚୋର ହୋଇଣ କେ ଚୋରାଇ ।।

କୃଷ୍ଣ ହୋଇଲେ ଦଣ୍ଡ ଆସି ।
ଜଗି ବୁଲନ୍ତି ଅହର୍ନିଶି ।।
ମାୟାରେ ବ୍ୟୋମାସୁର ଆସି ।
ଗୋପାଳ ମେଳେ ଖେଳେ ପଶି ।।
ସବୁଙ୍କୁ ନିଅଇ ଚୋରାଇ ।
ପର୍ବତ କନ୍ଦରେ ପୂରାଇ ।।
ଦୁଆରେ ଦେଇଣ ପଥର ।
ପୁଣି ମିଳଇ ଆରବେଳ ।।
ଏମନ୍ତେ ସବୁ ନେଲା ହରି ।
ରହିଲେ ଶେଷ ଦୁଇଚାରି ।।
ଗୁହାରି କରନ୍ତି ଗ୍ରାମୁରେ ।
ପଶୁ ଚୋରାଇ ନେଲେ ଚୋରେ ।।
ତୁମ୍ଭର ପର ରାଜାଥାଇ ।
ଚୋର ପ୍ରବଳ ଛନ୍ତି ହୋଇ ।।
ପରଜା କରନ୍ତେ ଗୁହାରି ।
ଆଜ୍ଞା ଦିଅନ୍ତି ଦଣ୍ଡଧାରୀ ।।
ଦୁସାଧୁ ଆଣି ଦେବ ଲୋଡ଼ି ।
ଚୋରକୁ ଉଚିତରେ ଦଣ୍ଡି ।।
ଯେ ଯାହା ପୁରେ ତୁମ୍ଭେଥିବ ।
ଦୋସାଧୁ ଲୋଡି ଆଣି ଦେବ ।।
ଏମନ୍ତ ରାଜା ଆଜ୍ଞା ଶୁଣି ।
ଯେ ଯାହାମତେ ରହେ ପୁଣି ।।
ନଳ କୁବେର ଏହାଶୁଣି ।
ପୁଚ୍ଛନ୍ତି ନାରଦଙ୍କୁ ପୁଣି ।।
କୃଷ୍ଣ ନଥିଲେ କଂସ ତହିଁ ।
ମାୟା ଅସୁର ନେଲା ବହି ।।
ନାରଦ କହେ ତୋଷ ଚିତ୍ତେ ।
ଶୁଣ ହେ ଧନପତି ସୁତେ ।।
ଗୁଛିବାର ଯେ ସେହିଦିନ ।
ରାଧିକା ହଜେ ଗୋବର୍ଦ୍ଧନ ।।
ରାମ ସଙ୍ଗତେ କୃଷ୍ଣବନେ ।
ଜାଣି ବିରସ ବାଳୀମନେ ।।
ପ୍ରମାଦ ହୋଇଲାତ ଆଜ ।
ସଙ୍ଗତେ ଅଛନ୍ତି ଅଗ୍ରଜ ।।

ଗୋପାଳ ଗୋରୁ ଗୋବର୍ଦ୍ଧନ ।
କେମନ୍ତେ ହୋଇବ ମିଳନ ॥
ଶ୍ରୀମଙ୍ଗ ମନ ପରମାଣି ।
ବିଶାଖା କହନ୍ତି ବଖାଣି ।
କୃଷ୍ଣ ଉପାୟ ବୁଦ୍ଧି ମତେ ।
ଆମ୍ଭଙ୍କୁ ମିଳିବ ଏକାନ୍ତେ ॥
ଏମନ୍ତେ ବିଚାରନ୍ତେ ବାଳୀ ।
ଖେଳ ଭିଆଣ କୃଷ୍ଣ ମିଳି ।
ରାଧିକା ଭାବେ ହୋଇ ଭୋଳା ।
ଗୋବର୍ଦ୍ଧନରେ କରେ ଲୀଳା ॥
ଦମ୍ପତି ପ୍ରୀତି ଅନ୍ତରସେ ।
ଏମନ୍ତେ ଦିନ ହୁଏ ଶେଷେ ॥
ରାଧିକା ନିଜପୁରେ ମିଳେ ।
କୃଷ୍ଣ ଆସନ୍ତେ ଖେଳ ସ୍ଥଳେ ॥
ବାଳକ ବନ୍ଦୀ ଗିରି ଝୋଟେ ।
ଆରତେ ମନର ସଙ୍କଟେ ॥
ଅଚଳ ପଥର ଦୁଆରେ ।
ପଡ଼ିଣ ଘୋର ଅନ୍ଧକାରେ ॥
କହନ୍ତି ଏକ ଆରକଟ୍ଟର ।
ମାୟା ଅସୁର ଏଥି ଛଳେ ॥
ଛଳି ଗୋବିନ୍ଦ କଟୁଆଳ ।
ହରି ଆଣିଲା ସବୁବାଳ ॥
କୃଷ୍ଣ ନ ଥିବେ ଏହା ଜାଣି ।
ବନେ ଲୋଡ଼ୁଣ ଥିବେ ପୁଣି ॥
ଏହା ସେ କେମନ୍ତେ ଜାଣିବେ ।
ଆମ୍ଭଙ୍କୁ ଉଦ୍ଧରି ଧରିବେ ॥
ଏମନ୍ତେ ବୋଲି କୁହାକୁହି ।
କୃଷ୍ଣ ଶୁଣିଲେ ଯାନ୍ତେ ଚହିଁ ॥
ସ୍ଥିରେ ଶୁଣନ୍ତେ କର୍ଣ୍ଣଡେରି ।
ସର୍ବ ବାଳକ ଗୁଣ୍ଡବାରି ॥
କୃଷ୍ଣ ମିଳିଲେ ଝୋଟଦ୍ୱାର ।
ଦେଖିଣ ଧାଇଁଲା ଅସୁର ॥
ନିଜ ରୂପକୁ ବେଗେ ଧରି ।
ଗର୍ଜଇ ଘୋର ନାଦକରି ॥

କୃଷ୍ଣଙ୍କୁ ପ୍ରହାରଇ ମୁଥ ।
ଅଙ୍ଗ ଢାଳିଲେ ଗୋପୀନାଥ ॥
କେଶ ଧରିଲେ ଧାଡ଼କାରେ ।
ଦ୍ୱାର ପାଷାଣ ଆଡ଼କରେ ॥
ଦ୍ୱାର ଫିଟନ୍ତେ ଗୋପସୁତେ ।
ବାହାର ହୋଇଲେ ତୁରିତେ ॥
ଅସୁର କେଶ କୃଷ୍ଣକରେ ।
ଦେଖିଣ ସାନନ୍ଦ କୁମରେ ॥
ରାମ ଗ୍ରାମୁକୁ ଘେନି ଚଳି ।
ସର୍ବ ବାଳକ ସଙ୍ଗେ ମିଳି ॥
ଜଣାନ୍ତି ରାଜାଙ୍କ ଗ୍ରାମୁର ।
ଭୋଗଦେବ ଏହୁ ପଶୁ ଚୋର ॥
ଗିରି ଝୋଟରେ ଥିଲା ଭରି ।
ଲୋଡ଼ି ଆଣିଲା ଚୋରଧରି ॥
ବଡ଼ ମାୟାବୀ ଦେବ ଏହୁ ।
କିଦଣ୍ଡ ଦେବ ଆଜ୍ଞା ହେଉ ॥
ଦେଖି ବୋଲନ୍ତି ରାମ କୋପି ।
ପଶୁ ଚୋର ଏ ମହାପାପୀ ॥
ପଶୁର ପ୍ରାୟେ ମୁଣ୍ଡ ମୋଡ଼ ।
ଦେଖ ଅସୁର ମାୟା ବଡ଼ ॥
ବଳଦେବଙ୍କ ଆଜ୍ଞାପାଇ ।
କେଶ ଝାଙ୍କିଣ ଘେନି ଯାଇ ॥
ଅସୁର ପିଣ୍ଡୁ ପ୍ରାଣ ଛାଡ଼ ।
ପଶୁର ପ୍ରାୟେ ମୁଣ୍ଡ ମୋଡ଼ ॥
ପଡ଼ିଲା ବନଗିରି ମାଡ଼ ।
ଗୋପାଳେ ଲଗୁଡ଼ ପହୁଡ଼ ॥
ଶିଖାଇ ଆମ୍ଭଙ୍କୁ ସେ ନେଲୁ ।
ଗିରି ଝୋଟରେ ପୂରାଇଲୁ ॥
ବିଶ୍ୱାସ ଘାତକରେ ତୁହି ।
କେମନ୍ତେ ସମ୍ଭବନ୍ତି ମହୀ ॥
ପଥର ପକାନ୍ତି ଚାମୁଣ୍ଡେ ।
ଲଉଡ଼ ଢ଼ିହ ମାରି ତୁଣ୍ଡେ ॥
ଆଖିରେ ଗେଞ୍ଜନ୍ତି କେ ବାଡ଼ ।
ଗୋପାଳେ ଆନନ୍ଦେ ବିହରି ॥

ଏମନ୍ତ ରାମକୃଷ୍ଣ ମେଳେ ।
ଗୋଧନ ବାହୁଡ଼ାଇ ଚଳେ ॥
ବଜାଇ ପତର କାହାଳ ।
ଉତ୍ସବେ ଗୋଷ୍ଠ ପୁଏ ମିଳ. ॥
ପ୍ରବେଶ ଯେ ଯାହା ସଦନେ ।
ସ୍ନାନ ଭୋଜନ ଯେ ଗହଣେ ॥
ସଭାରେ ବସିଣ କୁମାରେ ।
କହନ୍ତି ହରଷ ଅନ୍ତରେ ॥
ଆମ୍ଭଙ୍କୁ ବ୍ୟୋମାସୁର ହରି ।
ଗିରି କୋଟରେ ଥିଲା ଭରି ॥
ଦ୍ୱାରେ ପାଷାଣ ଥିଲା ଦେଇ ।
ଯୋଗେ ମିଳିଲେ କୃଷ୍ଣଚନ୍ଦ୍ରେ ॥
ବାହାର କଲେ ଦ୍ୱାର ଫେଡ଼ି ।
ଅସୁର ଶିର ଧଶମୋଡ଼ି ॥
ଏତେ ଜୀବନ କୃଷ୍ଣ ରଖି ।
ଗୋପୀ ଗୋପାଳ ଶୁଣି ସୁଖୀ ॥
ବୋଲନ୍ତି ଭଲ ଭାଗ୍ୟବନ୍ତ ।
ଆମ୍ଭର କୁଳରେ ଉଦିତ ॥
ମରଣୁ ରଖେ ବେଳେ ବେଳେ ।
ଜୀବନ ଦାତା ଏ ଗୋକୁଳେ ॥
କୃଷ୍ଣ ପୀରତି ଅନୁରାଗରେ ।
ଭାବନା କରୁଥାନ୍ତି ନିତ୍ୟେ ॥
ଦାସବତ୍ସଳ ସଖାଭାବେ ।
ବହୁ ମଧୁର ରସେ ସେବେ ॥

ଏମନ୍ତେ ସ୍ନେହକୁ ବଢ଼ାଇ ।
କହନ୍ତି ଗୋବିନ୍ଦ ବଡ଼ାଇ ॥
ମୁହୂର୍ତ୍ତ ନ ପାରନ୍ତି କ୍ଷଣେ ।
ନିମିଷ କୋଟି ଯୁଗମଣେ ॥
ଏ ବ୍ରଜବିହାର ଚରିତ ।
ନବମ ବୋଲି ସମାପତ ॥
କୋମଳ ବଚନ ପଦରେ ।
ସହସ୍ର ଦଳ ଆସ୍ୱାଦରେ ॥
ମତ୍ତ ମଧୁପ ମକରନ୍ଦ ।
ପିବ ସୁଜନେ ପଦ ପଦ ॥
କାଶ୍ୟପ ଗୋତ୍ରେ ହୋଇ ଜାତ ।
ସିଠି କରଣ କୂଳେ ଖ୍ୟାତ ॥
କହଇ ହୀନ ଦାଶରଥି ।
ଶ୍ରୀକୃଷ୍ଣ ପାଦ ଶିରେ ଲଥି ॥
ଅଜ୍ଞା ମାଗିଣ ବସାଇଲ ।
ଗୁପତ ରସ ଭସାଇଲ ॥
ରସିକ ଲୋକେ ଶ୍ରୁତିପଥେ ।
ପ୍ରେମ ଅମୃତ ପିଅ ନିତ୍ୟେ ॥
ବାରୁଣୀ ମହା ମହା ଯୋଗେ ।
ସ୍ନାନ ଫଳ ବା କେତେ ଅଙ୍ଗେ ॥
ସେ ଫଳ କେତେ ଜନ୍ମପାଇ ।
ନିର୍ମଳେ ଯେହୁ ଶୁଣି ଗାଇ ॥
ଭଣିଲା ଦାଶରଥି ଦାଶ ।
ସୁଜନେ ନ ଘେନିବା ଦୋଷ ॥

ଶ୍ରୀ ରାଧାକାନ୍ତ ଶରଣଂ ।
ନବମବୋଲି ସମାପ୍ତ ॥

——*——

## ଦଶମବୋଲ

ରସସାଗର ବୋଲ ବାଣୀରେ ଗାଇବ

ନମୋମା ଅବନୀ ଜଗଜ୍ଜନନୀ ।
ଗୋକୁଳ ମଣ୍ଡଳ କମଳାନନୀ ॥
ଶ୍ରୀକୁଣ୍ଡ ଶ୍ୟାମକୁଣ୍ଡ ନେତ୍ର ବେନି ।
ପକ୍ଷ୍ମପାତ ଅଳି ଅଞ୍ଜନ ଘେନି ॥
ଗୋବର୍ଦ୍ଧନ ଗିରି ନାସିକା ଶୋଭା ।
ମୋତିଫଳ ସୂଚି ସମୀରେ ଶୋଭା ॥
ପାତାଳ ଗଙ୍ଗା ମାନସୀ ତଡ଼ାଗ ।
ହଂସ ଅବତଂସ ଶ୍ରବଣ ଯୁଗ ॥
ଗଣ୍ଡସ୍ଥଳେ ଚନ୍ଦ୍ରତାଟଙ୍କ ଖେଳ ।
କାଳନ୍ଦୀ ତରଙ୍ଗ ଅଳକାବଳୀ ॥
ସ୍ମିତହାସ ରଙ୍ଗଭୂମି ଅଧରଂ ।
କୁନ୍ଦରଦନ କଳକଣ୍ଠ ସ୍ୱର ॥
ବୃନ୍ଦାବନେ ନବ ତାମ୍ବୂଳ ଲତା ।
ଧରଣୀ ତରୁଣୀ ଭୁରୁ ଭ୍ରୂଲତା ॥
ପୁଳିନ ରାସସ୍ଥଳୀ ବକ୍ଷସ୍ଥଳ ।
କୁସୁମ ଚନ୍ଦନ ଗୋପିକା କୁଳ ॥
କୃଷ୍ଣ ମୃଗମଦ ବିନ୍ଦୁ ମଧ୍ୟରେ ।
ରାସରଙ୍ଗ ମହୀ ମୁଖପଦ୍ମରେ ॥
ସେ ରାସେଶ୍ୱରୀ ଚରଣେ ଶରଣ ।
କରଇ ରାସଲୀଳା ସୁମରଣ ॥
ଶ୍ରୀ ବ୍ରଜବିହାର ଦଶମବୋଲି ।
ଏଗାରକ୍ଷରେ ଛନ୍ଦ ରସକେଳି ॥
ଯୋଗମାୟା ଉପାସନେ ରଜନୀ ।
ରାଧା ମାଧବ ଯେହ୍ନଣ ସଜନୀ ॥
ଶ୍ରୀ ବୃନ୍ଦାବନ ଯମୁନା କୂଳରେ ।
ରାମ ଉତ୍ସବ ଚନ୍ଦ୍ର ଉଜାଗରେ ॥
ଶରଦ ସମ୍ପୂର୍ଣ୍ଣ ବିହାର ରଙ୍ଗେ ।
ସକଳେ ଏକମେଳ କୃଷ୍ଣସଙ୍ଗେ ॥
ବିଚ୍ଛେଦ ଲବଧ ବିବଧ ରସେ ।
ଛଳିବା ଛଳିବା ପୀରତି ରସେ ॥
ରାଧା ଚନ୍ଦ୍ରାବଳୀ ଆଦି ସୁନ୍ଦରୀ ।
କୃଷ୍ଣ ଘେନି ରାସରସେ ବିହରି ॥

ଏକ ଆରକେ ବିରୋଧ ତେଜିଲେ ।
ଏକପ୍ରାଣ ପ୍ରାୟ କୃଷ୍ଣ ଭଜିଲେ ॥
ରାଧାଙ୍କୁ ଘେନି ଶ୍ରୀକୃଷ୍ଣ ଅନ୍ତର ।
ଏକାନ୍ତେ ବିହାର ବନ ଭିତର ॥
କନ୍ଧେ ବାହୁ ହରି ପକାଇ ରାଧା ।
ବିଚ୍ଛେଦ ଶୋକ ଶୁଣିବାକୁ ଶ୍ରଦ୍ଧା ॥
ବନେ ବୁଲି ବାଳୀ ଶ୍ରୀମତୀ ଭେଟି ।
ଗୁଣ ବାହୁନି ପୁଲକେ ଲେଉଟି ॥
ବିଳାପ ଶୁଣି ଗୋବିନ୍ଦ ପ୍ରସନ୍ନ ।
ଦେଲେ ମଦନ ମୋହନ ଦର୍ଶନ ॥
ମାନ ତେଜି ଗୋପୀ ଭାବେ ଭସାଇ ।
ସମାସ୍ୟା ଛଳେ ହରିଙ୍କି ରସାଇ ॥
ପ୍ରୀତି ଉଚିତ କହି ସେ ଯାହାର ।
ଯମୁନାରେ କଲେ ଜଳବିହାର ॥
ସହସ୍ର ଦଳ କମଳ କେଶରେ ।
ରାଧା ମାଧବ ଯୁଗଳ ରସରେ ॥
ବୀଜବନ୍ତ ସୂତ୍ର ଶ୍ରୀଭାଗବତ ।
ପ୍ରେମ ଅଙ୍କୁର ବିସ୍ତାର ଜଗତ ॥
ଭାବ ହେତୁ ଗର୍ଭ ଅର୍ଥ ବିଶ୍ରାମ ।
ବିତପନ ଟୀକାଭାବ ଅଗମ୍ୟ ॥
ସଫଳ କରି ଶରଦ ନିଶିକି ।
ପୁଣି ହରି ବିନାଶିଲେ କେଶିକି ॥
ଏଠାରୁ ବ୍ରଜବିହାର ବଢ଼ିଲେ ।
ଅନ୍ତ ନ ପାଇଲା ଯେତେ ଲୋଡ଼ିଲେ ॥
ଶ୍ରୀଗୁରୁଦେବ ବୈଷ୍ଣବ ଗୋସାଇଁ ।
କରୁଣାରେ ଏହି ରସ ବସାଇ ॥
ସୁଜନେ ହରଷ ହୋଇ ଶୁଣିବା ।
ବ୍ରଜ ଉପାସନା ଭାବ ଜାଣିବା ॥
ନଳ କୁବେର ନାରଦ ପାଦରେ ।
ପ୍ରଣାମି କହନ୍ତି ଗଦଗଦରେ ॥
ପ୍ରେମୁନି ଅପୂର୍ବ ରସ ଶୁଣିବା ।
ସ୍ୱର୍ଗ ସୁଖାଦି କଞ୍ଚିତ ମଣିବା ॥

ଇନ୍ଦ୍ର ହାରିଣ ଶରଣ ପଶିଲେ ।
ଲୀଳାରେ ଅରିଷ୍ଟ ବ୍ୟୋମ ନାଶିଲେ ॥
ଏଥି ଉତ୍ତାରୁ କହ ସେ ଚରିତ ।
ବୁହାଅ ଗୋବିନ୍ଦ ଲୀଳା ସରିତ ॥
ଗୋପକନ୍ୟାଙ୍କ ଚୋରାଇ ବସନ ।
କନ୍ୟାଙ୍କୁ କମ୍ପା ନକଲେ ରମଣ ॥
ଛପବଳେ ହରି ମନ ମନ୍ଥିଲେ ।
ରାଧା ଆରାଧନା କରି ନ ଥିଲେ ॥
ଏଘେନ ଶରଦରାସେ ସଙ୍କେତ ।
କେମନ୍ତେ ସେପୁଣ ହେଲେ ଏକତ୍ର ॥
ସେ ରାସେ କିଶୋରୀ କଲେ କରୁଣା ।
ହରି ରମଣ କଲେକ ପୂରୁଣା ॥
ରାଧା ଚନ୍ଦ୍ରାବଳୀ ଯେ ଯୂଥେଶ୍ୱରୀ ॥
ହରିଘେନ ଏକେ ଏକେ ବିହରି ॥
ନ ଜାଣେ ମିଳନ କେହ୍ନ କାହାର ।
ସକଳେ ମିଳି କଲେକ ବିହାର ॥
ଶ୍ରୀ ତୃଷାନ୍ତ ନୁହେ ଶୁଣିଲେ ଯେତେ ।
ପୌର୍ଣ୍ଣମାସୀ ଲୀଳା କହିବା କେତେ ॥
ନାରଦ ଶୁଣି ଭାବେ ଗଦଗଦ ।
କହିବା ଶ୍ରୀକୃଷ୍ଣ ରାସ ବିନୋଦ ॥
ପୁଚ୍ଛିଲ ଶ୍ରୀମତୀ ରାସ ବିଧାନ ।
ରାସ ବିନୋଦ ସର୍ବ ସମାଧାନ ॥
ଯେଉଁ ଲୀଳା ବ୍ରହ୍ମାଣ୍ଡରେ ବନ୍ଦନ ।
ଶୁଣସି ରାଜାଧିରାଜ ନନ୍ଦନ ॥
ଏମନ୍ତେ ବରଷା ଋତୁ ଅନ୍ତରେ ।
ଶରଦ ପ୍ରବେଶ ସର୍ବ ଦିଗରେ ॥
କ୍ଷୀଣ ଘନ ଶ୍ୱେତବର୍ଣ୍ଣ ନୟନେ ।
ଚପଳା ଲେଉଟିଲେ ରସ ବିହାନେ ॥
ବୃଦ୍ଧ ନିର୍ଦ୍ଧନ କ୍ଷୀଣକାନ୍ତ ଦେଖି ।
ଯେସନ୍ତେ ଚଞ୍ଚଳା ଯୁବତୀ ଉପେକ୍ଷି ॥
ଶଶୀ ତପନ କିରଣ ପ୍ରକାଶେ ।
ନିର୍ମଳ ଜଳ କମଳ ବିକଶେ ॥
କଞ୍ଜ ନିକର ବାନ୍ଧବ ଦର୍ଶନେ ।
ବୃଜିନ ବିଚ୍ଛେଦ ଲେଉଟି ପ୍ରସନ୍ନେ ॥

ପାଇଣ ଆହ୍ଲାଦ ସନମାନ ।
ଅଳି ଦ୍ୱିଜରେ ମକରନ୍ଦ ଦାନ ॥
କୁସୁମକୁଳ ପ୍ରଫୁଲ୍ଲ ପ୍ରମୋଦେ ।
ସୁଗନ୍ଧ ମନ୍ଦ ମରୁତ ଆନନ୍ଦେ ॥
ଅତି ପରିମଳ ଶୋଭା ଗଗନ ।
ମାନ ଅନ୍ତେ ଯେସନ୍ତେ ପ୍ରିୟା ଆନନ ॥
ମତ୍ତ ମାତଙ୍ଗ ପ୍ରାୟ ବନ ଶୋହେ ।
ତରୁ ଲତାରୁ ମଧୁ ଧାର ବହେ ॥
ଅତି ଉଜ୍ଜ୍ୱଳରେ ବିରାଜେ ବଧୂ ।
ଉଛୁଳେ ମଦନ ନଦର ସିନ୍ଧୁ ॥
ପ୍ରମତ୍ତ ଜଗତ ଦମ୍ପତି ଯୋଗ ।
ଶରଦଋତୁ କନ୍ୟାକୁଳେ ଭୋଗ ॥
ଅହର୍ନିଶି ସମତୁଲ ହୋଇଲେ ।
ପିକ ମଉନେ ଗହନେ ରହିଲେ ॥
କୃଷ୍ଣ ପକ୍ଷରେ ନିଶି ଅନ୍ଧସାର ।
ପରିଧାନ ତାରାବଳୀ ଅମ୍ବର ॥
ପୂରୁ ଚାନ୍ଦଙ୍କ ମଙ୍ଗଳ ତିଳକେ ।
କୃତ୍ତିକା ପୁଞ୍ଜ ବସଣି ଝଲକେ ॥
ଅଗସ୍ତି ପୃଷ୍ଠାନ୍ଧରେ ଶୋଭାବନ ।
ସାତ୍ତ୍ୱିକ ବିକାରେ ସେ କମ୍ପମାନ ॥
ପ୍ରକାଶ ହୋଇନ୍ତେ କୃଷ୍ଣଚନ୍ଦ୍ର ଛବି ।
ଫିଟି ଖସିଣ ତାରାବଳୀ ନୀବି ॥
ବିଧୁ ଲଭିଣ ସନ୍ନିବନ୍ଧେ ପିଶି ।
ଅଧର ପାନରୁ ତୁଷାର ଖସି ॥
ବିନ୍ଦୁ ବିନ୍ଦୁ ତରୁ ତୃଣ ବହିଲେ ।
ପୁଷ୍ପବତୀ ଫଳମୁଖ ହୋଇଲେ ॥
ତିଳଫୁଲରେ ହେମ ବିନ୍ଦୁ ଗଲେ ।
ଅବନୀ ନାସେ କି ମୁକୁତା ଲୁଳେ ॥
କେଶରେ ଚାନ୍ଦଙ୍କ କମ ସୁପାତି ।
ଲୁଟା ସୂତା ମାଳ ମୋତି ସୀମନ୍ତି ॥
ନାନା ଆଭରଣେ ଧରଣୀ କସେ ।
ପାଚିଲେ ଧାନ ବର୍ଣ୍ଣ ବର୍ଣ୍ଣ ଦିଶେ ॥
କୂଳ ଲଙ୍ଘିବା ଛାଡ଼ିଲେ ସରିତ ।
ନିର୍ମଳେ ସାଗର ସଙ୍ଗେ ମିଳିତ ॥

କୁସଙ୍ଗ ତେଜଣ କୁଳଅବଳା ।
ପତିସେବା କରି ଯେହ୍ନେ ନିର୍ମଳା ।
ପୁତ୍ର ଲଭନ୍ତି ଯେହ୍ନେ ପୁତ୍ରବନ୍ତୀ ।
ଫଳଭରେ ଶୋଭା ତେସନ କ୍ଷିତି ।।
ସୁଖିଲେ ଗିରି ଝର ଦିନେଦିନେ ।
ଚିରପୋଖତ ସ୍ତନକ୍ଷୀର ଯେହ୍ନେ ।।
ପଙ୍କ ଶୁଖି ମହୀ ରେଣୁ ଭୂଷଣ ।
ବିରହୀ ତନୁ ଚନ୍ଦନେ ଯେସନ ।।
କୃଷିକାରୀ କୃଷି ଗୃହ ଆଗତେ ।
ନବାନ୍ନ ଭୋଗ ହୋଇଲେ ଜଗତେ ।।
ନବନୀଳ ଇନ୍ଦୀବର ପ୍ରଫୁଲ୍ଲେ ।
ମଧୁପ ମଧୁପାନ ମତ୍ତ ଖେଳେ ।।
ଇନ୍ଦୀବର ନେତ୍ରୀ ଗୋପକୁମାରୀ ।
କୃଷ୍ଣ ମଧୁପ ମଧୁପାନ କରି ।।
ଜଳ ତଟରେ ବସନ ହରାଇ ।
ହରି ଆରାଧି ପ୍ରସନ୍ନ କରାଇ ।।
ଶରଦ ଋତୁ ସଙ୍କେତ ପ୍ରବେଶେ ।
ସକଳେ ଉତ୍ସାହ ଧାମ ଅବଶେ ।।
କୃଷ୍ଣଙ୍କୁ ଅନୁସରି ଜଗିବାଟ ।
ବନ୍ଧୁ ବହୁତ ଯୋଗେ ହେଲେ ଭେଟ ।।
କହି ନପାରି ଲୌକିକ ବିରୁତେ ।
ଶରଦ ଶରଦ ଉଚ୍ଛେ ଉଚ୍ଛାରେ ।।
ହେ ସଖି ପ୍ରବେଶ ନବଶରଦ ।
ବରଷା ନକଲେ ଶ୍ୟାମ ନୀରଦ ।।
ଚାତକୀ ଦିନ ବଞ୍ଚିବ କେମନ୍ତେ ।
ତୃଷା ଶାନ୍ତ ନ ହୋଇଲେ ଏମନ୍ତେ ।।
ଗୋବିନ୍ଦ ଶୁଣି ଗୋପକନ୍ୟା ବାଣୀ ।
ସଙ୍କେତ କଲେ ଉତ୍କଣ୍ଠା ଜାଣି ।।
ମୁରଲି ମଧୁର ନାଦେ ବଜାଇ ।
ପୌର୍ଣ୍ଣମସୀ ପୌର୍ଣ୍ଣମାସୀ ଭଣାଇ ।।
ଅବଧି ଦିନକୁଁ ଜାଣି ଚତୁରୀ ।
ସଞ୍ଜି ବେଶ ବାସ ରସ ଚତୁରୀ ।।
ଫଳ ତଣ୍ଡୁଳ ଦେଇ ବିଦୁଜନେ ।
ପୁଚ୍ଛନ୍ତି ପୌର୍ଣ୍ଣମାସୀ କେଉଁଦିନେ ।।

ଅବଧି ଦିନକୁ କହନ୍ତି ଜାଣି ।
ଦିନକୁ ଦିନ ତୁ କୋଟି ଯୁଗମଣି ।।
ପ୍ରଭାତୁଁ ଉଠି କାଟନ୍ତି ଗାରକାଟି ।
ପୁଣି ଗଣେ ଭ୍ରମ ହୋଇ ବିମ୍ବୋଷ୍ଠୀ ।।
ପୂର୍ଣ୍ଣିମୀ ଦିନ ହୋଇଲେ ପ୍ରବେଶ ।
ଉଦ ଉଦବେଗ ଦେଖେ ସୁବେଶ ।।
ଛନ ଛନ ମନ ଚିତ୍ତଚଞ୍ଚଳ ।
ପିଟଇ ଜୀବ ଲୋଟଇ ଅଞ୍ଚଳ ।।
ଗୁରୁ ଗଉରବ ଅଣି ଆଦରେ ।
ଶ୍ରବଣ ଡେରି ମୁରଲୀ ନାଦରେ ।।
ମନୋରଥ ମନମଥ ରସରେ ।
ନିମିଷ ଯୁଗ ବିଯୋଗ ବଶରେ ।।
ଗୋବିନ୍ଦ ଗୁଣ ଗୁଣନ୍ତି ସଙ୍ଗରେ ।
ସାତ୍ତ୍ୱିକ୍ୟ ବାଧାକ ଲଜ୍ଜା ସଙ୍ଗରେ ।।
ହୃଦୟ ମନ୍ଥିଣ ଯେଣୁ ମଦନ ।
କୁଙ୍କୁମ ଚନ୍ଦନ ସ୍ୱେଦେ କର୍ଦ୍ଦନ ।।
ଦମ ଦମ ହିଆ ଉର ଉଲ୍ଲସେ ।
ହାଇ ଘନ ଘନ ବହି ଅଳସେ ।।
ଶୁଣୁ ଶୁଣୁ ଭାଷା ମନେ ନ ରହି ।
କଥା କହନ୍ତେ ଭୁଣ୍ଡ ଯାଉବାହି ।।
କୃଷ୍ଣ ଅନୁରାଗେ ନବକିଶୋରୀ ।
ପୀରତି ବଳେ କୀରତି ବିଶୋରି ।।
ନବ ଅଙ୍ଗସଙ୍ଗେ ଉତ୍ସାହ ଅତି ।।
ବେଳୁଁବେଳ ହୁଏ ପ୍ରବଳ ମତି ।।
ଗଗନେ ରବି ଗୃହେଁ ବୋଲେ ଚଳ ।
ଖେଦେବ ଆଜ କମ୍ପାଇ ନିଶ୍ଚଳ ।।
କୁମୁଦିନୀ ଗଣେ ହେବା ପ୍ରସନ୍ନ ।
ଚାପ ଯାଉ ବିଧୁ ପାଉଁ ଦର୍ଶନ ।।
ଏମନ୍ତେ ହୋଇଲେ ଦିବସ ଶେଷ ।
ରବି ଅସ୍ତାଚଳେ ସନ୍ଧ୍ୟା ପ୍ରବେଶ ।।
ଅରୁଣରଙ୍ଗ ଅନୁରାଗ ଜାଣି ।
ଦେଖନ୍ତେ ଧାରି ଅନଙ୍ଗ ବାରୁଣୀ ।।
ଦିନମଣି ଯହୁଁ ବାରୁଣୀ ଭଜ ।
ଶୋଣିତବର୍ଣ୍ଣ ନିଜତେଜ ତେଜ ।।

ଚଞ୍ଚଳ ବର୍ତ୍ତୁଳ ସୁରଙ୍ଗ ନେତ୍ର ।
ବାରୁଣୀ ତରୁଣୀ ସିନ୍ଦୂର ଶିର ॥
ଅନଙ୍ଗ ରାଜନ ବିଜେ ଜାଣିବ ।
ବଜାଇ ଆରତି ଥାଳି ଘେନିବ ॥
ଏମନ୍ତେ ଗୋବିନ୍ଦ ଗାବଚରାଇ ।
ବୃନ୍ଦାବନରେ ସୁମେଳ କରାଇ ॥
ରାଧାସଙ୍ଗେ ଭେଟ କୁଞ୍ଜ କାନନରେ ।
ବିହାର କଳ୍ପପାଦପ ମୂଳରେ ॥
ସଙ୍ଗେ ଘେନି ସର୍ବ ସଖୀ ପଙ୍କତି ।
ଉଦ୍‌ଭାବଭାବମର୍ପି ପତି ଭକତି ॥
କୁତୂହଳେ କୃଷ୍ଣମନକୁ କିଣି ।
ଜଣାନ୍ତି ଦେବୀ ସ୍ଥାନ ପରମାଣି ॥
ନାଗରବର ରସିକଶେଖର ।
ଶୁଣୁଛନ୍ତି ଗୋପ କନ୍ୟା ନିକର ॥
ତାହାଙ୍କୁ ଆଣି ସୁଦୟା କରିବା ।
ଦାରୁଣ ମଦନ ତାପ ହରିବା ॥
ଗୋକୁଳେ ଯେତେ ଏକୁଳଯୁବତୀ ।
ତୁମ୍ଭଙ୍କୁ ସକଳେ ବୋଲାଇ ମତି ॥
ଜାଣି ଏ ତୁମ୍ଭର ମୋର ପିରତି ।
ଲଗାଇ ଦିଅନ୍ତି ଅପକୀରତି ॥
ତାହାଙ୍କୁ ଦେଖିବା ତୁମ୍ଭ ସଙ୍ଗରେ ।
ବିରୋଧ ନଥିବ କେଳି ରଙ୍ଗରେ ॥
ପ୍ରିୟ ରମଣୀର ପ୍ରସନ୍ନ ବାଣୀ ।
ତନୁରେ ଚନ୍ଦନ ଲେପିଲେ ଜାଣି ॥
କହନ୍ତି ଦ୍ରହାସେ ପୁରୁଷୋତ୍ତମ ।
ଯେତୁମ୍ଭ ହିତ ସେ ଆମ୍ଭ ଉତ୍ତମ ॥
ଆଜ ସମ୍ପୂର୍ଣ୍ଣ ଚନ୍ଦ୍ରମା ଉଜ୍ଜ୍ୱଳ ।
ଯମୁନା ପୁଳିନ ନବ ମଞ୍ଜୁଳ ॥
ଅତି ପରିମଳ ଶେଷ ରଜନୀ ।
ବିଜେକର ସଙ୍ଗେ ଘେନି ସଜନୀ ॥
ପୂର୍ଣ୍ଣ ରାସ ରସ ଲୀଳା ବିସ୍ତାର ।
ଏକାମେଳ ସର୍ବ ଲଲନା ବିଧୁର ॥
ଏମନ୍ତେ ବିହାର କରି ଏକାନ୍ତେ ।
ଯେ ଯାହାମତେ ବାହୁଡ଼ି ଦିନାନ୍ତେ ॥

ଗୋପେ ପ୍ରବେଶ ଗୋଧନ ଅଡ଼ାଇ ।
ଦେଖାନ୍ତି ଯୁବତୀ ସଙ୍ଗେ ଗୋଡ଼ାଇ ॥
ଗୋଧୂଳି ସମୟେ ହେଉଛି ଏମନ୍ତେ ।
ସଙ୍କେତ ଇଙ୍ଗିତ ନୟନ ଅନ୍ତେ ॥
ପ୍ରେମ ରଜ୍ଜୁରେ ମନକୁ ବାନ୍ଧାଇ ।
ଗୋପ ଯୁବତୀ ଆରତି ବନ୍ଧାଇ ।
କୁଚ କୁମ୍ଭମାନ କୁମ୍ଭ ସ୍ଥାପିଲେ ।
ସୁପକ୍ୱାବଳୀ ଚନ୍ଦନ ଲେପିଲେ ॥
ରୋମାବଳୀ ଶାଳୀ ସ୍ଥଳରେ ସ୍ଥିତି ।
ମୃଗବେ ଦଶନ ମାଳ ଆହୃତ ॥
ଅବଲମ୍ବନେ ନାସା ସିନ୍ଧୁ ଫଳ ।
ହୁଳହୁଳି ଦେଇ କଲେ ମଙ୍ଗଳ ॥
ଆଳତି ଥାଳି ବଦନ ମଣ୍ଡଳ ।
ହାସ କୁସୁମ ଦଶନ ମଣ୍ଡଳ ॥
ନୟନ ଅଞ୍ଜନ ସୁରେଖ ଦୁବ ।
ମକରୀ ବଦରି ପଣ୍ଡ ସ୍ୱଭାବ ॥
ବର୍ତ୍ତିରେ ଖେଳନ୍ତି ରତ୍ନ ଚାଟକେ ।
ଆଳତି ଜଳନ୍ତେ ଜ୍ୟୋତି ଝଟକେ ॥
କର୍ଣ୍ଣ ଶଙ୍ଖରେ ସପ୍ତସ୍ୱରବାଜେ ।
ଗାଇଲେ ଗଉରୀ ଗଉରୀ ରାଗେ ॥

ଗୋଧୂଳି ସମୟକୁ ଗୀତ
(ରାଗ ଗଉରୀ)

ଧେନୁ ଚରାଇ ଆସେ ବ୍ରଜମୋହନ
ଗୋକୁଳ ବାଳକ ସଙ୍ଗେ ଲଇ
ନାଚନ୍ତ ନଟବର ରସେ ତନୁ ଢଳ ଢଳ
ଗୋଧୂଳି ଧୂସର ଅଙ୍ଗଭଇଁ । ଘୋଷା ।
ଦେଖ ଦେଖ ଶ୍ୟାମ ନାଗର ଓଇ ।
ଲାବଣ୍ୟ ମଳମଳ ତ୍ରାନ ଗୋଇ ॥
କଟି ପୀତ ପୀତବସନ ବନମାଳ ଭୂଷଣ
ଅଭିନବ ମନୋଭବ ରୂପ ଲସାଇ ।
ଭ୍ରୂଲତା କୋଦଣ୍ଡ ମାନ କଟାକ୍ଷ ବିଶିଖ
ବାନ ମର ମର ଖେଳ ଜାନରଖେ କୋଇ ॥
ତନୁ ତ୍ରିଭଙ୍ଗିମା ବିମ୍ବାଧର ରଙ୍ଗିମା
ହାସତ ଭାଷତ ହାଇ ହାଇ ।

ଗାଉଛ ଗଉଡ଼ୀ ବାଉଛ ମୁରଲି ସାଜଇ
ରାସ ବନେ ମାଇ ମାଇ ।

ପଥା ରାଗେ

କୃଷ୍ଣ ଗଉଡ଼ୀ ସ୍ୱରେ ଗାଇଲେ ।
ବେଣୁ ନାଦରେ ସଙ୍କେତ ପାଇଲେ ॥
ବ୍ରହ୍ମ ଆନନ୍ଦକୁ ଇତର ମଣେ ।
ଉପଚୁରବକୁ ସଖୀ ଜଣେ ଜଣେ ॥
କୃଷ୍ଣ ଦର୍ଶନକୁ ଚପଳ ଥିଲେ ।
ପୂର୍ବେ କୃଷ୍ଣଚନ୍ଦ୍ର ଉଦୟ ହେଲେ ॥
ଅରୁଣ ଅମ୍ବର ଚନ୍ଦ୍ରାତପକୁ ।
ଦୁହେଁ ଖଞ୍ଜେ କୃଷ୍ଣ ବଜେ ଗୋପକୁ ॥
ବନବାହୁଡ଼ା ସମୟେ ଶୋଭିତ ।
ଗୋପକୁମାରେ ଦେଖି ପୁଷ୍ପବନ୍ତ ॥
ପୁଷ୍ପବନ୍ତରେ ମହାପୁଷ୍ପବନ୍ତ ।
ମହୀ ଗଗନ ରତନ ପୂରିତ ॥
ପୂର୍ବେ ହୀର ପଶ୍ଚିମରେ ମାଣିକ୍ୟ ।
ମଧ୍ୟେ କୃଷ୍ଣ ନୀଳମଣି ନାୟକ ॥
ବେଶ ଦେଖନ୍ତି ଯୁବତୀ ରତନ ।
ନିଶ୍ଚଳ ପୁଲକ କରି ପତନ ॥
କୁଙ୍କୁମ ବିମ୍ବ ପ୍ରତିବିମ୍ବ ଦିଶେ ।
ବିଶ୍ୱବଶୀ ପୂର୍ବେ ମଙ୍ଗଳ କଳସେ ॥
ହରି ହରି ନିମି ତେଣୁ ଦରିଦ୍ର ।
କୃଷ୍ଣଚନ୍ଦ୍ର ତନୁ ତେଣୁ ହରିଦ୍ର ॥
ରାସେଶ୍ୱରୀ ଦେବୀ ପୂଜା ସମ୍ଭବେ ।
ପ୍ରସନ୍ନରେ ବର ଦର୍ଶନ ଦେବେ ॥
ଏମନ୍ତେ କୃଷ୍ଣ ଧୀରେ ଧୀରେ ଚଳେ ।
ଗାବସମ୍ଭାଳି ନିଜ ପୁରେ ମିଳେ ॥
ଅନ୍ନ ନିଉଛୁଇ ମାତା ପାଳିତ ।
ସ୍ନାନ ସୁବେଶ ଭୋଜନେ ମିଳିତ ॥
ନଉଛଇ ଅନ୍ନ ପୂରେଇ ପେଟ ।
ସଙ୍କେତ ରାସବିଳାସେ ଉଚାଟ ॥
ମାଏହୋ ରାଣ ପକାଇ ଖାଆଇ ।
ଛଟକେ ବଟୁ ପଶୁକୁ ଡ଼ଆଇ ॥
ଆଚମନ ସାରି ତାମ୍ବୁଲ ଭୁଞ୍ଜି ।
ଭୁଲ ବଢଜ ଅପଯର ଆଉଜ ॥
ପ୍ରଦୋଷ ପ୍ରବେଶ ତାରା ଆକାଶେ ।
ପ୍ରାଚୀ କୋଳେ ପୂର୍ଣ୍ଣଚନ୍ଦ୍ର ପ୍ରକାଶେ ॥
ସନ୍ଧ୍ୟା ବାଳୀକ ଦେଇ ମିଷ ଗଲେ ।
ରଙ୍ଗେ ପ୍ରିୟା ଘେନି ବିହାରକଲେ ॥
ରମଣୀ କୁଚ କୁଙ୍କୁମେ ବଞ୍ଚନ୍ତ ।
ମୃଗମଦ ପତ୍ରାବଳୀ ଲାଞ୍ଛନ ॥
ଲଜ୍ଜାରେ ଅଙ୍ଗ କୁଙ୍କୁମ ଛଡ଼ାଇ ।
ରଜନୀ ପ୍ରିୟାରେ କର ବଢ଼ାଇ ॥
ଅଙ୍ଗେ ଲଗାଇ ଗାଢ଼େ ଆଲିଙ୍ଗନ ।
ନିଶିଠି ମିଶି ଲୁହଇ ଲାଞ୍ଛନ ॥
ତାରକା ନିକର ବେଢ଼ିଣ ପାଶେ ।
ତନୁରେ ତନୁରେ କୃତ୍ତିକା ମିଶେ ॥
ଆଜ ଶୋଭାରସ ନ ଦିଶେ ଦୁଯା ॥
ଘୁମୁ ମଣାଇ ରେବଣୀ ପରଜା ॥
ଭୁବନେ ରହି ନିଦ୍ରାରେ ଲଳନା ।
କର ଭଙ୍ଗାଇଣ ମନ ମଳନା ।
କୁମୁଦ ପ୍ରମୋଦ ଆହ ଲାଦରେ ।
ଚକୋର ଚକ୍ଷୁ ନିଶ୍ଚଳ ଆଦରେ ॥
ହରଷ ତରୁ ତୃଣ ଲତା କୁଳ ।
ସୁଗନ୍ଧେ ବିକଶେ ବିବିଧ ଫୁଲ ॥
ମିଷ ସାହା ଘେନି କୁସୁମ ଧନୁ ।
ଉଜ୍ଜ୍ୱଳ ରସରେ ରସାଇ ତନୁ ॥
ସମୁଦ୍ର ଉଛୁଳ ନଦୀ ଉଜାଣି ।
କାନ୍ତ ନିଜସ୍ଥାନେ ଆସି ସୁଜାଣି ॥
ଅବନୀ ଛିରୋଧି ବହ୍ନିଲ କଳସେ ।
ତମାଳ ଗହଳ ଉଜ୍ଜ୍ୱଳ ଦିଶେ ॥
ବେଳୁଁ ବେଳୁଁ ଚନ୍ଦ୍ର ଯେତେ ଆସଇ ।
ବିଯୋଗୀ ଧଇର୍ଯ୍ୟ ତେତେ ତୁଟଇ ॥
ଚନ୍ଦ୍ର ଉଦୟେ ସକଳ ସାନନ୍ଦ ।
ଅଭିସାରିକା ପଦ୍ମିନୀ ବିରୋଧ ॥
ଏମନ୍ତେ ରଜନୀ ଉଦୟ ଗୁହିଁ ।
ରସିକ ନାଗର ଚଞ୍ଚଳ ବହି ॥

ଘନ ଘନ ହୋଇ ଅଙ୍ଗ ଅଳସ ।
ଛନ ଛନ ମନ କେଳି ଲାଳସ ॥
ନଚ୍ଚୁଚେ ନୃତ୍ୟ ଗୀତ ସ୍ତୁତବାଣୀ ।
ସୁବଳ ମଧ୍ମଙ୍ଗଳ ତା'ଜାଣି ॥
ବୋଲନ୍ତି ଚନ୍ଦ୍ର ସଙ୍ଗେ ବିଷଜନ୍ତୁ ।
ଗରଳେ କଳେବରେ ନୀଳବର୍ଣ୍ଣ ॥
ଦେଖନ୍ତେ ବିଷ ଶରୀରେ ଘୋଟଇ ।
ଅଙ୍ଗନା ଝାଙ୍ଗଳ କରେ ତୁଟଇ ॥
ନାହିଁନାଶ ଆମହର ବାଉଆ ।
ଏଥକୁ ଜାତ ଚନ୍ଦ୍ରିମା ଲେଉଆ ॥
ଶ୍ୟାମ ତନୁକୁ ବିଶେଷେ ଘାରଇ ।
ମରମ ପାଇଣ ମାର ମାରନ୍ତି ॥
ହେ କୃଷ୍ଣ କ ଗଳଆକୁ ଅଣାଅ ।
ଚନ୍ଦ୍ର ଗରଳ ଅଙ୍ଗରୁ ଛଡ଼ାଅ ॥
ନୋହିଲେ ଆମ୍ଭେମାନେ ଲେଉଡ଼ଯାଉଁ ।
ଲେଉଡ଼ବୁଁ ନଗ୍ର ପାଇଁବା ନପାଉଁ ॥
ଶୁଣି ହସହସି ବଟୁର କରେ ।
ମନକୁ ଜାଣି କରତାଳ ମାରେ ॥
ଗୁଣିଆ ଆଣ ମେଲାଣି ହୋଇଲେ ।
ବଟୁ ସୁବଳ କେବଳ ରହିଲେ ॥
ତାହାଙ୍କୁ ଘେନ ସକଳ ବିରହ ।
ସଶଯ୍ୟ ହୃଦୟେ ବ୍ୟଥା ପରିହ ॥
ଶୟନେ ନିଜେ କଥା ସିଦ୍ଧକର ।
ସେ ବେନ ହୋଇ ରହିଲେ ପାହାର ॥
ଛଦ୍ମେ ପଲଙ୍କ ପରେ ପହୁଡ଼ି ।
ବିଚକ୍ଷ ପାଇଣ କପାଟ ପାଡ଼ି ।
ନିଯୋଜନା କରି ଯଶୋଦା ଆଈ ।
ପୁର କଳରବ ଭୁନ କରାଇ ॥
ପୌର୍ଣ୍ଣମାସୀ ପୂର୍ଣ୍ଣରସ ସଂଯୋଗେ ।
ଠାବେ ଠାବେ ଆଜ୍ଞାଦେଇ ନିଯୋଗେ ॥
ଭୁବନ ଭୁବନ ମନ ସାଜିଲେ ।
ମନୋହର ପରିମଳେ ରଞ୍ଜିଲେ ॥
କାଳନ୍ଦୀ ନଦୀ ଆହା ତୀର୍ଥଯେତେ ।
ଯେ ଯାହାମତେ ରହୁ ଶୁଭମନ୍ତେ ॥

ନଳନ ବଦନ କୁମୁଦ ହାସ ।
ନୀଳ ଇନ୍ଦୀବର ନେତ୍ର ସଦୃଶ ॥
କୋକନଦରେ ଅଧର ରଙ୍ଗିମା ।
ମୃଣାଳ ଭୁଜ ତରଳ ଭଙ୍ଗିମା ॥
ଭ୍ରମର ଭ୍ରମରୀ ପ୍ରାପ୍ତ ହସନ୍ତି ।
ହଂସାବଳୀ ଧୀରେ ଧୀରେ ଭ୍ରମନ୍ତି ॥
ଫଳଚଢ଼ ସାଢ଼ି ଧଡ଼କ ଶୋଭି ।
ପରିହରଣେ ସର୍ବମନ ମୋହି ॥
ସଞ୍ଚ କୁଚ ଚକ୍ରବାକ ସମ୍ମତ ॥
ଶୀତଳ ସୁଗନ୍ଧ ନିର୍ମଳ କାନ୍ତି ॥
ସହସ୍ର ନାମ ଦ୍ୱିଜ ମଞ୍ଜୁସ୍ୱରେ ।
କୃଷ୍ଣ ଆଗମ କୁଳ ଅନୁସରେ ॥
ବୃନ୍ଦହେନ ସଙ୍ଗେ ବନଗାମିନୀ ।
ବନ ପରିମଳ କରେ ଯାମିନୀ ॥
ବସନ୍ତ ବାତ ବହି ଖରକାଇ ।
ମକରନ୍ଦ ଗନ୍ଧ ରାଗ ପକାଇ ॥
ବିଷମ ମାର୍ଗ ଭୁଲାଇ ପରାଗେ ।
ଫୁଲ ପାଖୁଡ଼ି ସିଞ୍ଚି ଚଉହଗେ ॥
ତରୁ ତରୁରେ ଲତା ଛନ୍ଦାଛନ୍ଦ ।
ମାଧବୀ ମାଳତୀ ତୋରଣୀ ବାନ୍ଧ ॥
କୁସୁମ ବିକଶିତ ମାଳ ମାଳ ।
ରମ୍ଭା ତରୁ ପୟଃପେଟି ଶ୍ରୀଫଳ ॥
କ୍ରୀଡ଼ନ୍ତି ପକ୍ଷୀ ବୀଣାସ୍ୱର ଜାଣି ।
ଚନ୍ଦ୍ର ଯାମିନୀ ହବା ପରମାଣି ॥
ମଲ୍ଲିକଲପରେ ଅଳି ଝଙ୍କାରେ ।
ସମସ୍ତ' ଜାଣିକ ଶଙ୍ଖ ଫୁଙ୍କାରେ ॥
ଦେଖ ଶୋଭା ବୀରବର ବଡାଇ ।
ବନ ଶ୍ୟାମଳ ପତାକା ଉଡ଼ାଇ ॥
ସେବକ ମାଳୀ ଥାଣୁକୁ ବେଢ଼ିଲେ ।
ବନ ହୁଳ ଫୁଲକୁଳେ ମଣ୍ଡିଲେ ॥
କୁଞ୍ଜ କୁଟିମା ତରୁଲତା ମୂଳ ।
ମନୋହର ରମ୍ୟ ଯମୁନା କୂଳ ॥
ଗୋଭ ଗୋଭ ଶୋଭ କେତକୀ ଧଣ୍ଡା ।
ଧାଡ଼ ଧାଡ଼ ରମ୍ଭା ଲମ୍ବାଇ ପେଣ୍ଡା ॥

ରଞ୍ଜିତ ଅନ୍ତ ନେତ୍ରବନ୍ଧ ଥୋପା ।
ଚନ୍ଦ୍ର ପନ୍ତ୍ର ଚମ୍ପା ରଜତ ଝୁମ୍ପା ॥
ରେଖ ରେଖରେ ରଙ୍ଗି କରବର ।
ଲଗ ଲଗରେ ଲଗିନାଗେଶ୍ୱର ॥
କୁସୁମ କନକ ଦଣ୍ଡ ବିସ୍ତାର ।
ଛନ୍ଦନତାଳ ବିରଚେ ଅନୁସର ॥
ପଲଙ୍କ ଦୋଳ ଆସ୍ଥାନ ମଣ୍ଡିଲେ ।
ଜାଇ ପାଖୁଡ଼ା ପାଏଡ଼ା ପାଡ଼ିଲେ ॥
ଏମନ୍ତେ ଦେବଋଷି ମିଶି ସ୍ୱର୍ଗେ ।
ଆକାଶ ମଣ୍ଡନ କରଣ ବେଗେ ॥
ଚନ୍ଦ୍ରକାଜାଲ ପଟଳ ବେଢ଼ାଇ ।
ତାରକୁଳ ଷୋଳଫୁଲ ମଣ୍ଡାଇ ॥
କ୍ଷୀଣ ଘନସେ ଭ୍ରମର ଚହଳ ।
ଧୀର ଅନଳେ ଉଡ଼େ ମାଳ ମାଳ ॥
ପୂର୍ବ ଉତ୍ତରେ ଚଉତ ବୁନ୍ଦୁଆ ।
ମଘବାନ ଶିରେ ବାନ୍ଧ ସିନ୍ଦୁଆ ॥
ଅଗସ୍ତି ପୁଷ୍ପାଦରେ ଥୋପା ଥୋପା ।
ପୂର ମଙ୍ଗଳ ହେମରତ୍ନ ଝୁମ୍ପା ॥
ମଣ୍ଡଳ ମଣ୍ଡନରେ ଅନୁରୂପ ।
ମଧ୍ୟରେ ଚନ୍ଦ୍ର ସ୍ୱରୁଚନ୍ଦ୍ରାତପ ॥
ଧ୍ରୁବ ମଣ୍ଡଳ ନିଶ୍ଚଳ ସ୍ତମ୍ଭାଇ ।
ଶିଶୁମାର ମନକର ଲମ୍ବାଇ ॥
ତ୍ରିକୋଣ ଅଷ୍ଟକୋଣ ଷଟ୍‌କୋଣ ।
ଯୋଡ଼ ଯୋଡ଼ ଧାଡ଼ି ଧାଡ଼ି ବିକୋଣ ॥
କୁମୁଦ ଥୋପ ପ୍ରାୟ ଶୁକଶୋଭା ।
ରଜତ ପଦ୍ମ ପନ୍ତ ପନ୍ତ ଶୋଭା ॥
ସିନ୍ଧୁ ଉଚ୍ଛୁଳ କୁଞ୍ଚିତ ତରଙ୍ଗିଣୀ ।
ଏମନ୍ତେ ଶରଦ ନିଶିମଣ୍ଡନ ॥
ପ୍ରଦୋଷ ଶେଷ ବୃନ୍ଦା ଉପଦେଶ ।
ଶଂପୂନ ତେଜ ବଜେ ପୀତବାସ ॥
ଗତଭିତ୍ତ ଚନ୍ଦ୍ର ଗୋକୁଳ ଜନେ ।
କାହ୍ନୁ ବନୁକେଳି ନଯାନ୍ତ ବନେ ॥
ଏ ଘେନ କାନନ ନିର୍ଜନ ପଥ ।
ଭମନ୍ତ ହରି ସଙ୍ଗେ ମନମଥ ॥

ପ୍ରବେଶ ହେଲେ ବୃନ୍ଦାବନ ମଧ୍ୟେ ।
ପକ୍ଷୀ କୋଳାହଳ ମହା ଆନନ୍ଦେ ॥
ଦେଖିଲେ ମାଧବ କାନନ ଶୋଭା ।
ଉଜ୍ଜ୍ୱଳ ରଜନୀ ମଦନ ଲୋଭା ॥
ନବୀନ ଚନ୍ଦ୍ରଲତା କୁସୁମିତ ।
ଫଳଭରେ କୃଷ୍ଣପାଦେ ଲମ୍ବିତ ॥
ଦର୍ଶନ ଲଭି ଦ୍ରବଣ ବନ୍ଧିଲେ ।
ମଧୁ ଧାରରେ ଚରଣ ଧୋଇଲେ ॥
ମଳୟ ଚନ୍ଦନ ଗନ୍ଧ ସେବଇ ।
ଗମନେ ପୁଷ୍ପ ବରଷି ଭାବଇ ॥
ନବ ପଲ୍ଲବ ଆଳଟ ପକାଇ ।
ପ୍ରବାଳ ଲତା ଛତ୍ରକୁ ଟେକାଇ ॥
ନବ ବକୁଳ ଚାମର ପକାଇ ।
ପରାଗେ ଗମନ ମାର୍ଗ ଭୁଲଇ ॥
ଭୃଙ୍ଗରନ୍ଧ୍ରେ ପଶି ସୁସ୍ୱର ଧ୍ୱନି ।
ଯାତ ମୂର୍ତ୍ତିରେ ବାତ ସେବା ଘେନି ॥
ଚନ୍ଦ୍ର କିରଣ ଚନ୍ଦ୍ରଦୀପ ଧରେ ।
ହନ ତାପହରେ ଆହ୍ଲାଦରେ ॥
କୁସୁମ କୁଳ ପ୍ରଫୁଲ୍ଲ କରାଇ ।
ବୃନ୍ଦାବନରେ ଅମୃତ ପୂରାଇ ॥
ଗୃହ ବିଭାଗେ ପରୀର ସେବାସେବେ ।
ଏ ଅନୁ ରୂପେ କାମ ଆଦିଦେବେ ॥
ପ୍ରଫୁଲ୍ଲ କୁସୁମେ ଭୃଙ୍ଗ ପ୍ରମତ୍ତ ।
ଯୁବତୀ ପ୍ରେମେ ନାୟକ ଯେମନ୍ତ ॥
କୂଜିତ ଧ୍ୱନି ପକ୍ଷୀଙ୍କ ସଞ୍ଚାର ।
ରତିକାମ କି ଗୁପତ ବିହାର ॥
ଯମୁନା ଜଳ ତରଙ୍ଗେ ଝଲକେ ।
କୃଷ୍ଣଙ୍କୁ ଠାରେକ ନେତ୍ର ପଲକେ ॥
ପରିମଳ ପୂର କର୍ପୂର ରେଣୁ ।
କଳାଣି ପଦ୍ମିନୀ ତରୁଣ ତନୁ ॥
ସ୍ନେହଭରେ କୃଷ୍ଣ ଧଇଲେ ଧୂଳି ।
ବିହରେ ଆନ ହେବ ଉସକେଳି ॥
ଘନ ଘନ ମାତ୍ରେ ଲହରୀ କୂଳେ ।
କୃଷ୍ଣ ଘୁଡ଼ିବେ ଘୁଡ଼ିବେ କି ବୋଲେ ॥

ଅଙ୍ଗ ସୁଗନ୍ଧରେ ଅଳି ମଣ୍ଡଳୀ ।
ଫୁଲ୍ଲବନକୁ ସେ ନିତ୍ୟ ଆଗୋଳି ॥
ଷଡ଼ଋତୁ ଫୁଲ୍ଲକୁଳ ବିକାଶ ।
ଚନ୍ଦ୍ରକୁ ଦେଖି କି କରନ୍ତି ହାସ ॥
କଦମ୍ବେ ମୟୂର ଦାଡ଼ିମ୍ବେ ଶୁକ ।
ଦାକ୍ଷେ ସାରିକା ରସାଳେ ପିକ ॥
କପୋତ ଲତା କୁମ୍ଭାଟୁଆ ପୁଞ୍ଜେ ।
ବିବିଧ ପକ୍ଷୀ ସୁସ୍ୱରେଣ କୂଜେ ॥
ଭୂମିରେ ତାମ୍ରଚୂଡ଼ ପ୍ରିୟା ସଙ୍ଗେ ।
ତେଣ୍ଟୁଆ ଡାକୁଆ ଡାକେ ସରାଗେ ॥
ଉଚ୍ଚେ ଉଡ଼ଣ ବୋଲଇ କେକେହୋ ।
କେକୀ ବୋଲେ ବୃନ୍ଦାବନ ଲୋକ ହୋ ॥
ରସିକ ବର ଦେଖେ ସର୍ବ ଶୋଭା ।
ତ୍ରିଭଙ୍ଗି ଛନ୍ଦେ ନୀପମୂଳେ ଉଭା ॥
ରୂପେ ଉପମା କୋଟିକାମ ଜିଣି ।
ପଶ୍ଚିମ ମୁଖେ ଡାକେ ବେଣୁପାଣି ॥
ଅଧରାମୃତେ ପୂରିତ ମୁରଲୀ ।
କୋମଳାଙ୍ଗୁଳି ରନ୍ଧ୍ରେ ରନ୍ଧ୍ରେ ସ୍ଖଳି ॥
ପଞ୍ଚସ୍ୱରେ କଳରବେ ବାଇଲେ ।
ମୋହନ କାମବୀଜକୁ ଗାଇଲେ ॥
ଶୁଣନ୍ତେ ସର୍ବେ ଉଚାଟେ ଧାଇଁଲେ ।
ଚଉପାଶେଣ ବେଢ଼ିଣ ରହିଲେ ॥
ସ୍ତମ୍ଭିତ ଜଳ କମ୍ପିତ ଅଚଳ ।
ଖଗ ମୃଗ କର୍ଣ୍ଣେନେଇ ନିଶ୍ଚଳ ॥
ବିରୋଧ ଚେତନ ସର୍ବେ ଅଇଲେ ।
ଚଉପାଶେଣ ବେଢ଼ିଣ ରହିଲେ ॥
ଖେଚରକୁଳ ନଚଳ ସ୍ତମ୍ଭିତ ।
ଅମର ଗାଆଣି ଶୁଣି ଚକିତ ॥
ଅଳି ଧାମନ୍ତି କମଳ ବିକଶି ।
ମଧୁ ବରଷି ଉଚ୍ଛୁଳେ ସରସୀ ॥
ତପନ ତନୟା ଲଙ୍ଘି କୂଳକୁ ।
ବନ୍ଦୁଛନ୍ତି କୃଷ୍ଣ ପାଦ ମୂଳକୁ ॥
ତରୁ ଲତା ପ୍ରେମଭରେ ହସିଲେ ।
ମଧୁର ଉଦ୍‌ଗାରି ମହୀ ଲମ୍ବିଲେ ॥

ଗୋପଭୁବନେ ମାନିତ ଯେତେକ ।
ମୁରଲୀ ନଶୁଣେ ତାଙ୍କୁ ମାନକ ॥
ରମଣୀଗଣ ମରମରେ ଶୁଣେ ।
ଯେ ଯେଉଁ ରୂପେ ସେହିରୂପେ ଭାବେ ॥
କୁମାରୀ ନିକର ଡାକେ ସରସେ ।
ଶରଦରେ ମାର ସୁଧା ବରଷେ ॥
ଲୀଳା ବସ୍ତ୍ରହରଣ ନବ ଯୁବତୀ ।
ବନେ ଆସିଲେରେ ତୃଷା ଶାନ୍ତି କି ॥
ସଙ୍କେତ ଜାଣିଥିଲେ କନ୍ୟାଗଣ ।
ଏକାବେଳେ ଶୁଣି ଧାଇଁଲେ ପୁଣ ॥
ଗୃହ କାରଣ କରେ କୂଳବଧୂ ।
କୃଷ୍ଣ ରସେ ରସି ବୁଡ଼ାଇ ମତି ॥
ଏକ ଧ୍ୱନି ବହୁରୂପେ ଶୁଭିଲେ ।
ଚେତନ ଅମୂଲ୍ୟ ନିଧି ଲଭିଲେ ॥
କାମନା ବାଳୀ କରୁଥିଲେ ଯାହା ।
ପରତେ ପାଇଣ ଚେତିଲେ ତାହା ॥
ଶୁଣି ସତ୍ୱରେ କାରତି ତେଜିଲେ ।
ମୁରଲୀ ଧ୍ୱନିରେ ମନ ମଜ୍ଜିଲେ ॥
କେଉଁ ରାମା କୃଷ୍ଣ ମହିମା କହି ।
ମଧ୍ୟରେ ଗାଭ ବଚ୍ଛା ଛାଡ଼ି ଦୁହିଁ ॥
ଦୋହନ ଧ୍ୱନି ଗୀତବାଣୀ ଗୁଣେ ।
ଗୋବିନ୍ଦ ସୁଖ ଲୀଳା ପରମାଣେ ॥
ମୁରଲୀ ଶୁଣି ଦୋହଣି ଖସିଲା ।
ସାତ୍ତ୍ୱିକ୍ୟ ବାଧା ବିବେକ ନାଶିଲା ॥
ଦୋହନ ରସରେ ମନ ବଳସେ ।
ଭ୍ରମେ ଦୋହନ ନ ହେଉ କଳସେ ॥
କୁମ୍ଭ ପୂରି କବା ଉଚ୍ଛୁଳି ବହେ ।
ହିମାଦ୍ରି ଭେଦି ସୁର ନଦୀ କିଏ ॥
ଶମ୍ଭୁ ଶିରେକି କରେ ଗୋଦୋହନ ।
ଫଳ ଲଭ ବନେ ଆମ ବହନ ॥
ସଙ୍କେତ ଶୁଣି ଧାମଇଁ ଏମନ୍ତେ ।
ମେ ମନ ହରି ଜାଣିଲେ କେମନ୍ତେ ॥
କେଉଁ ସ୍ୱବକ୍ଷ ଦୁଧ ଆବର୍ତ୍ତନେ ।
ଭାବେ ମନ ନଟବର ନର୍ତ୍ତନେ ॥

ଭ୍ରମଣେ ଉଚ୍ଛୁଳେ ବଢ଼ା ସୁଚର
ଜାଲ କମରେ ଧଣଇ ରୁଚର ॥
ଦେଖି ହସ ହସେ ବୋଲଇ ସଖୀ ।
କାମାନଳେ ଦୁଧ ମୁହଁକୁ ଟେକ ॥
ଡଙ୍କା କରନେ ଆପୃତ ନକର ।
ଉଚ୍ଛୁଳ ପଡ଼ ହେବ ନାରଖାର ॥
ଶ୍ୟାମ ଶୀତଳ ପାଣିକ ମିଶାଅ ।
ଅନଳ ଲଗାଇ ଦୁଧ ବସାଅ ॥
ହସୁ ର ଆଉ କେତେହେଁ କରିବ ।
ଆଉଟି ଆଉଟି ହୋଇ ମରିବ ॥
ଶ୍ରେ ସଖୀ କହିଲ କଥା ଯେ କଲେ ।
ଲୋକେ ନନ୍ଦାବ ଦୁଧ ପାଣି ଦେଲେ ॥
ଶ୍ୟାମ ଶୀତଳ ପାଣି ଆମ୍ଭ କାହିଁ ।
ଯମୁନା ଗଲେ ସଖୀ ସିନା ପାଇ ॥
ବେଣୁ ଡାକେ ଦୁହେଁ ଆସ ଯମୁନା ।
ଶୁଣି ଧାଇଁଲେ ସେ ବେନି ଅଙ୍ଗନା ॥
କେଉଁ ଗୋପୀ ଦୁଗ୍ଧ ଢାଳଇ ମନ୍ଥ ।
କୃଷ୍ଣଙ୍କୁ ଦେବଇଁ ବସାଇ ଦହି ॥
ବେଣୁ ଡାକଇ ଦହି ନୋହୁ ଦହି ।
ଶୁଣି ଗଲ୍ଲ ବାଳୀ ହରଷ ହୋଇ ॥
କେଉଁ ଯୁବତୀ ଫଯାବ ବସାଇ ।
ଯବ ଗହମ ଦୁଧରେ ମିଶାଇ ॥
ଖଣ୍ଡ ମରିଚ ପାନେ ନକ ନକ ।
କାମ ଅନଳେ ଜ୍ୱର ଦକ ଦକ ॥
ହରି ଭୋଗ ଦୁହେଁ ହେବ କେମନ୍ତେ ।
ବିସ୍ମରନ୍ତେ ବେଣୁ ଡାକେ ଏମନ୍ତେ ॥
ଫଯାବ ଥାଉ ସେ ନଜାନ୍ତୁ ଆଣ ।
ଶୁଣି ସନ୍ତୁରେ ସେ ଅଇଲେ ପୁଣ ॥
ଯାନୁରେ ଶିଶୁ ଶୁଆଇ ଯୁବତୀ ।
ଦୁଧ ପିଆଁଇଣ ଗୀତ ଗାବନ୍ତି ॥
ପତନା ଶପୁ ବପୁ ତୋର ହେଉ ।
ଦୁଧରେ ଦୃଷ୍ଟି ପଡ଼ିଅଛୁ ଯାଉ ॥
ବେଣୁ ଡାକଇ ଦୁଧେ ଆମ୍ଭ ଦୃଷ୍ଟି ।
ବାଳକ ପକାଇ ଧାଏଁ ବିମ୍ବୋଷ୍ଠୀ ॥

ମଧ୍ୟରେ ବସି ବାସ ଥୋଇ ବାଳୀ ।
କୃଷ୍ଣ ଅଙ୍ଗଭୋଗ କୁଙ୍କୁମ ବୋଳ ॥
ଭୃଙ୍ଗ ଉରଜ ନନ୍ଦମ୍ବ ଆଉଁସେ ।
ବେଣୁ ଡାକେ ଆମ୍ଭ ଘାଣ ଲାଳସେ ॥
ଚିହ୍ନ କରିବା ବନେ ଘେନି ଆସ ।
ଧାମଇ ବପସ୍ୱେତ ପିନ୍ଧ ବାସ ॥
କେଉଁ ନାୟିକା ପତ୍ରାବଳୀ କୁଚେ ।
ଲେଖଇ ଯେତେ କୃଷ୍ଣ ମନ ରୁଚେ ॥
ସଖୀ ଭଟ୍ଟେ ଭାବ କରି ତାହାକୁ ।
କେତେ ଚିହ୍ନକର କେତେବେଳକୁ ॥
ଦେଖିଲେ ହରି ଧରି ବଦାରିବ ।
ବିଶେଷେ ଅଧରୁ ମଧୁ ହରିବ ॥
ମୁରଲୀ ବୋଲେ କୁଚ କୁମ୍ଭ ମେରୁ ।
ଗୋମନ୍ତ ସଙ୍ଗେ ତୋଳିବା କେ ଗରୁ ॥
ଆସ ଆସ ଡାକେ ସ୍ୱନେ ସୁନ୍ଦରୀ ।
ବନେ ଚଳଇ ସଖୀ କର ଧରି ॥
କେ ନାରୀ ଅଞ୍ଜନ ଏକଲୋଚନେ ।
ଘେନ ଶୁଣି ବେଣୁ କୃଷ୍ଣ ବଚନେ ॥
ଭୁଜାରେ ନେତ୍ରଶରେ ଅଙ୍ଗ ଦହୁ ।
ମଦନ ବାଣ ପୁଣ କେତେ ସହୁ ॥
ବନ୍ଧ ଗନ୍ତ ମନ୍ତ ହାସ ମିଶାଇ ।
ଏବେ ଅଞ୍ଜନ ବିଷରେ ବିଟାଇ ॥
ଏତିକ ହେଉ ଆସ ସଖୀ ବନ ।
ଶୁଣି ବିସୋରି ଗଲା ସେ ନୟନ ॥
କେଉଁ ସୁନ୍ଦରୀ ଗନ୍ଧବାସ ଇଚ୍ଛି ।
କୃଷ୍ଣମନ ରଚି ପିନ୍ଧଇ ବାଛି ॥
ବେଣୁଡାକେ ଆସ ରସମେଳକୁ ।
ବସନ ଯତନ କେତେବେଳକୁ ॥
ଶୁଣି ସେ ସଭରେ ଗମେ ବିମ୍ବୋଷ୍ଠୀ ।
ଖୋସନ୍ତେ ମାଳ ପୁଣ ପୁଣ ଫିଟି ॥
ବେଣୁ ଧ୍ୱନି ଶୁଣି ହୋଇଲେ ବସ ।
ତରତରେ କେତେ ହୁଅନ୍ତି ବେଶ ॥
ଭ୍ରମେ କଜ୍ଜ୍ୱଳ କେ ଘେନନ୍ତି ଭାଲେ ।
ଅଞ୍ଜନ ବୋଲି ଗନ୍ଧ ଦେନେ ଡୋଳେ ॥

ଅଳତା ବୋଲି କେ ନଘେନ ସିନ୍ଦୂର ।
କରେ ଲଇଛି କେପାଦ ନୂପୁର ॥
କଟି କଙ୍କିଣୀ କେ ବାନ୍ଧଇ ଗଳେ ।
ମାଥେ ଖଞ୍ଜି ଅଛି ପଦକ ମାଳେ ॥
ତରତରେ କେହୁ କବରୀ ଖୋସି ।
ଧାମନ୍ତେ କୁସୁମ ପଡ଼ଇ ଖସି ॥
କାଳନ୍ଦୀ ନଦୀର ହଂସ କି ଉଡ଼େ ।
ହେମ ତନୁପାଦ ପଙ୍କଜେ ପଡ଼େ ॥
କେ ଗୋପୀ ମାନସେ କୃଷ୍ଣ ଭୁଞ୍ଜାଇ ।
ଅବଶେଷ ପାଇ ମନ ମଜାଇ ॥
ବେଣୁ ବୋଲେ ଆଣ ମୁଖ ବାସକୁ ।
ବେଗେ ବାଳୀଘେନ ଧାମେ ପାଶକୁ ॥
ସ୍ୱାମୀ ଶୟନେ କେ ବସି ଭାବଇ ।
ମନେ ମନେ କୃଷ୍ଣ ପାଦ ସେବଇ ॥
ବେଣୁ ରାବେ କରେ କର ମର୍ଦ୍ଦନ ।
ଶୁଣି ଧାମେ ବାଳୀ ଝାଳେ କର୍ଦ୍ଧନ ॥
କେ ନାରୀ ସକଳ ଶଯ୍ୟା ବନାଣି ।
ଉଜ୍ଜ୍ୱଳ ରଜନୀ ଦେଖି ମନାସି ॥
କୃଷ୍ଣଙ୍କୁ ଦେଖିଲେ ଧାଇଁ ଧଇବ ।
ଏ ଚନ୍ଦ୍ରନିଶି ସଫଳ କରିବ ॥
ବେଣୁ ବୋଲେ ଧାଇଁ ଧରସି ବନେ ।
ଶୁଣି ଧାମେ ବାଳୀ ହରଷ ମନେ ॥
କେହୁ ସୁବେଶ ପଲଙ୍କେ ଶୟନେ ।
ଏକାନ୍ତେ ନିଦ୍ରା ନଆସେ ନୟନେ ॥
ଚିନ୍ତଣ ସାନ୍ଧିକର୍ଯ୍ୟ ଗତ ସୁରତ ।
ଗଲା ବାଳୀ ପୁଣି କୃଷ୍ଣ ପିରତ ॥
ବାମ ଲୋଚନା ମନକୁ ହରିଲେ ।
ଏମନ୍ତେ ସର୍ବେ ସତ୍ୱରେ ଚଳିଲେ ॥
କେହ୍ୱ କାହାର ଯିବାର ନଜାଣି ।
ମୋତେ ରାଇଲେ ଏକା ପରମାଣି ॥
ବଢ଼ି ନଦୀ ଜାଣି ହେଲେ ବାହାର ।
ମେଳ ହୋଇଚଲେ ଯେହୁ ଯାହାର ॥
ମୁରଲୀ ଧ୍ୱନି ନେଉଛି କଢ଼ାଇ ।
କାମ-ଗୋପାଳ କି ଗାବ ଅଢ଼ାଇ ॥ ;

ନିର୍ଭୟେ ଗମନ୍ତ ଗହନ ପଥ ।
ଆରୋହି ମନୋରଥ ମନମଥ ॥
ଏକକୁ ଆରେକ ବଳ ଧାମନ୍ତ ।
ତୃଣ କଣ୍ଟକ ହରଷେ ଗମନ୍ତ ॥
ଆଗେ ମୁଁ କୃଷ୍ଣ କରିବି ଦର୍ଶନ ।
ହାସ ଲୋଚନେ ହୋଇବେ ପ୍ରସନ୍ନ ॥
ଉତ୍ସୁକେ ଏକ ଆରକେ ଲୁଚଇ ।
ମନ୍ଥର ଗତିରେ ପାଦ ବଞ୍ଚଇ ॥
ଚାଲି ନପାରିଣ ନିତମ୍ବବତୀ ।
ଆଭରଣ ଗରୁ ହୋଇଲା ଚିନ୍ତି
ପକାଇ ଅଙ୍ଗୁ ଫେଡ଼ି ଏକ ଏକ ।
ଡାଡ଼ି ଚୂଡ଼ାହାର ପଦ ପଦକ ॥
ତଥାପି ବେଗରେ ନପାରେ ଚାଲି ।
ସ୍ତନ ନିତମ୍ବ ଗରୁମାନେ ଭାରି ॥
ବିଳମ୍ବ ମୋତେ କରିବନ୍ତି ପଥେ ।
ଆଶା ବଳାଇବ ନାଗର ହାତେ ॥
ଝୁଣ୍ଟି ପଡ଼ି ଉଠି ଫିରନ୍ତି ଧାଇଁ ।
କଣ୍ଟକ ଲାଗି ଚିରି ଚିରି ଯାଇ ॥
ତନୁକ୍ଷତ ଅଙ୍କିତ ନମଣି ।
ବଳିତ ମତି ଲଳିତ ରମଣୀ ॥
ଅଙ୍ଗୁ ଅଳଙ୍କାର ପଡ଼ନ୍ତେ ଗଲା ।
ବିଳମ୍ବ ମଣି ସେ ନଘେନ ତୋଳି ॥
ଧାଇଁବା ଧାପେ ଧୂଳି ସର ସର ।
କେଶ ବସନ ଝାଳେ ଜରଜର ॥
ଗମନ୍ତେ ସ୍ୱମରେ ନବ କିଶୋରୀ ।
ଶୁଭେ ନଅ ମୋତେ ବନ ଈଶ୍ୱରୀ ॥
କୁଳବଧୂ ବ୍ରତ ତେଜି ଅଇଲେ ।
ରମଣୀ ହୋଇ କେହ୍ୱ ନରହିଲେ ॥
ହରି ଭାବେ ଦେହ ବୁଦ୍ଧି ନିଶୋଷି ।
ବଳେଗଲେ ଉଠିପଡ଼ି ଘୋସରି ॥
କ୍ଷୀଣଅଙ୍ଗୀ ଯାଇ ନପାରି ହବ ।
ପୁରେ ଗୋବିନ୍ଦ ଅଙ୍ଗସଙ୍ଗ ଲଭି ॥
ସେ ଆଗେ ନପାଇ ଏ ଆଗେ ପାଇ ।
ଏକାନ୍ତେ ସୁଖେ ହେନ ବିଳସଇ ॥

ଗୋପାଳେ ନିଶ୍ଚିନ୍ତେ ବସି ଆସୁଛେ ।
ଯୋଗମାୟା ମୋହ ମୁରଲୀ ଗୀତେ ॥
ଏମନ୍ତେ ବନେ ଗମନ୍ତେ ଯୁବତୀ ।
ହରିରୂପ ଶୋଭା ଦେଖି ଭାବନ୍ତି ॥
ହଶନ୍ତ ସେହୁ ଯେଣେ ବୃନ୍ଦେଁ ଭୀରୁ ।
ଶ୍ୟାମଳ ମଞ୍ଜୁଳ ତମାଳ ତରୁ ॥
ପକ୍ଷୀ କୋଳାହଳ ମୁରଲୀ ନାଦ ।
ମଳୟ ସମୀର ଅଙ୍ଗ ସୁଗନ୍ଧ ॥
ଶ୍ରବଣ ଅବତଂଶ କର୍ଣ୍ଣିକାର ।
ପରାଗ ପୀତବସନ ଆକାର ॥
ଚଞ୍ଚଳ ନେତ୍ରକି ଖଞ୍ଜନ ପକ୍ଷୀ ।
କେକୀଙ୍କେ ପୁଚ୍ଛ ଚୂଳକି ଅଛି ॥
ମଲ୍ଲି କଢ଼ି ନାସା ଗଜମୋତିକ ।
ଜବାପୁଷ୍ପ ବିମ୍ବାଧର ଜ୍ୟୋତିକ ॥
କୁନ୍ଦକଢ଼ି ଦନ୍ତ ବିକାଶେ ହାସ ।
ଅଶୋକକଳ ଅଙ୍ଗୁଳି ସଦୃଶ ॥
ଅଗସ୍ତି ଶାର୍ଦ୍ଦୁଳ ନଖ ପଦକ ।
କଳ ମୋତିମାଳ ହାର ଅନେକ ॥
ନଖପନ୍ତି ଜାତି କୁସୁମ ଆଭା ।
ନବଦଳ କି କରତଳ ଶୋଭା ॥
ଫୁଲ ପଲ୍ଲବ ଜାଣି ବନମାଳ ।
କିଙ୍କିଣି ଧ୍ୱନିକି ମଧୁପକୁଳ ॥
ତରୁ ଛନ୍ଦାଛନ୍ଦ ତ୍ରିଭଙ୍ଗି ଠାଣି ।
ଚନ୍ଦ୍ରିକା ଚନ୍ଦ୍ର ଚନ୍ଦନ କି ଜାଣି ।
କୃଷ୍ଣ ରୂପରେ ଦେଖନ୍ତି ବନକୁ ।
ପୁଷ୍ପ ହାସ କରେ ବଦ୍ଧ ମନକୁ ॥
ପୁଣି କେତେଦୂରେ ଦେଖି ଯମୁନା ।
ଶ୍ରୀକୃଷ୍ଣ ରୂପ କରନ୍ତି ଭାବନ ॥
ଶ୍ୟାମଳ ନିର୍ମଳ ଶ୍ରୀତନୁ ଆଭା ।
ତରଙ୍ଗ ଭଙ୍ଗ ନୃତ୍ୟ ରଙ୍ଗଶୋଭା ॥
କମଳ ମୀନ କଳହଂସ ମତ୍ତ ।
ପରାଗ ନିକର ଅମ୍ବର ଭ୍ରାନ୍ତ ॥
ପକ୍ଷୀ କୂଜିତ କି କିଙ୍କିଣି ଧ୍ୱନି ।
କୁସୁମମାଳା ଭୂଷଣ କି ଜାଣି ॥

ଚନ୍ଦ୍ରତାରା ବିମ୍ବାଧର ପଦକ ।
ନେତ୍ର ନୀଳରେ କି ଝଲଝଲକ ॥
ମୁଖ ପଦ୍ମନେତ୍ର ନୀଳେନ୍ଦ୍ରୀବର ।
କୁମୁଦହାସ କୋକନଦାଧର ॥
ମୃଣାଳ ଭୁଜ ସୁବାସେ ଜଡ଼ିତ ।
ଏରୂପେ କୃଷ୍ଣ ଲାବଣ୍ୟ ମଣ୍ଡିତ ॥
ନିର୍ମଳ ଗଗନେ ବିଧୁ ନିରୋପି ।
କୃଷ୍ଣ କପାଳେ କି ଚନ୍ଦନ ଟୋପି ॥
ତାରାବଳୀ କିଏ ଏ ମୁକୁତା ହାର ।
ଆଲିଙ୍ଗନରେ ଆହ୍ଲାଦ କର ॥
ରଜନୀ ସଜନୀ ହେବ ବାହାର ।
ଦେଖିଣ ମନେ ଗରବ କାହାର ॥
ଯେଣିକି ଚାହିଁଲେ ପଡ଼େ ଚମକ ।
କୃଷ୍ଣପ୍ରାୟ ମଣି ଉର ଦମକ ॥
ଏମନ୍ତେ ଗୋପୀ ଗୋବିନ୍ଦ ସମୀପେ ।
ନୀଳମଣି ତନୁ କାନ୍ତି ନିରୋପେ ॥
କରଣେ ଶ୍ୟାମଳ ମଞ୍ଜୁଳ ଖଚିତ ।
ଯେସନ ପ୍ରକାଶେ ରତନ ଜ୍ୟୋତି ॥
ତରୁ ଲତାକୁ ନିରେଖି ନିରେଖି ।
ନୀପମୂଳେ କୃଷ୍ଣ ମୂରତି ଦେଖି ॥
ଶରଦ ଚନ୍ଦ୍ରକି ମୁଖମଣ୍ଡଳ ।
ବେଢ଼ିଣ ନୀଳ ଅଳକା କୁନ୍ତଳ ॥
ମଦନ-ବ୍ୟାଧ ଟାଣି ଜାଲ ଛନ୍ଦ ।
ଲାବଣ୍ୟ ତୁଣ୍ଡରେ କୁଣ୍ଡଳ ଫାନ୍ଦ ॥
ଅଧର ବିମ୍ବ ଆହାର ଆଶାରେ ।
ନେତ୍ର ଖଞ୍ଜନ ବନ୍ଧ ସେ ପାଶରେ ॥
ଲଲାଟ ପାଟିରେ ଗୋରୁ ଚନ୍ଦନ ।
ଏ ପୂର୍ଣ୍ଣଚନ୍ଦ୍ର କରୁଛି ବନ୍ଦନ ॥
ସୁଧାର୍ଦ୍ଧ ନାସେ ଗଜମୋତି ଲୁଳେ ।
ରୋହିଣୀ ଉଦେ କି ଚନ୍ଦ୍ରମା କୋଳେ ॥
ମଧୁର ମୁରଲୀ ଅଧର ସଙ୍ଗ ।
ଶବଦେ କୁଳବଧୂ ବ୍ରତଭଙ୍ଗ ॥
ଶିଖେ ଝଲମଲ ଶିଖୀ ଚନ୍ଦ୍ରିକା ।
ଆଗଭର 'ବାଙ୍କଚୂଳ ବିଶାଖା ॥

ବିବିଧ ସୁବାସ କୁସୁମ ଗନ୍ଧ ।
କନକ କଣ୍ଠୀ ମୁକୁଟ ଶୋଭ ॥
କମ୍ବୁକଣ୍ଠ ହେମ ହାର ମେଢ଼ର ।
ବିବିଧ ପଦକ ରତ୍ନ ବେଢ଼ର ॥
ବାହୁରେ ବାହୁଟି କରେ କଙ୍କଣ ।
ଅଙ୍ଗୁଷ୍ଠିରେ ରତ୍ନ ମୁଦ୍ରିକାଗଣ ॥
ହୃଦେ ବିକଶେ କଉସ୍ତୁଭ ମଣି ।
ନିର୍ମଳ ଆକାଶେ ଶୀତାଂଶୁ ଜାଣି ॥
କଟିରେ ପୀତ ବସନ ରସନା ।
ସୁସ୍ୱରେ ଧ୍ୱନି ବଜୁଳି ଲୋଚନା ॥
ଆଜାନୁ ଲମ୍ବେ ବୈଜୟନ୍ତୀ ମାଳ ।
ରୁଣିତ ନୂପୁର ପାଦ ଯୁଗଳ ॥
ତ୍ରିଭଙ୍ଗି ଠାଣି ପଶ୍ଚିମ ବଦନ ।
ରୂପ ନିନ୍ଦୁଅଛି କୋଟି ମଦନ ॥
ମସ୍ତକମଣ୍ଡଳ କସ୍ତୁରୀ ତିଳକ ।
ଦେଖି ଗୋପୀଙ୍କ ନପଡ଼େ ପଲକ ॥
ଶୋଭା ଚାହିଁବାକୁ ନେତ୍ର ନଅଣ୍ଟେ ।
ନାସା ପୂରି ଗନ୍ଧ ଅଙ୍ଗ ଚହଟେ ॥
ଏମନ୍ତେ ଅପୂର୍ବ ରୂପ ନିରେଖି ।
ପଟୁଆର ହୋଇ ରହିଲେ ଗୋପୀ ॥
ଦମଦମ ଉର ଖର ନିଃଶ୍ୱାସେ ।
ସେବ ରହି ପ୍ରାଣନାଥ ବିଶ୍ୱାସେ ॥
ଚିତ୍ର ପ୍ରତିମା ପ୍ରାପ୍ତ ହୋଇ ବାଳୀ ।
ସ୍ତମ୍ଭୀଭୂତେ ନେତ୍ର ଗାତ୍ର ନଚଳି ॥
ଚନ୍ଦ୍ରମାବଦନୀ ଚନ୍ଦ୍ରବଦନେ ।
ଅବଲୋକନେ ମଦନ କର୍ଦ୍ଦନେ ॥
କୃଷ୍ଣଙ୍କୁ ସର୍ବେ ସମ୍ମୁଖେ ଦେଖନ୍ତି ।
ନେତ୍ର ନମିଳି ହୃଦରେ ରଖନ୍ତି ॥
ଦେଖନ୍ତି ନାଗର କାମିନୀବୃନ୍ଦ ।
ମୁରଳୀ ରଖି କହେ ମନ୍ଦ ମନ୍ଦ ॥
ହେ ନାରୀଗଣେ ଅଇଲ କାହିଁକି ।
ନିଶି ଘୋର ବନେ ଭୟ ନାହିଁକି ॥
ଗୋକୁଳ ସକଳ ମଙ୍ଗଳ କହ ।
ତୁମ୍ଭଙ୍କୁ ଦେଖି ମୋ ଆକୁଳ ଦେହ ॥

ଗୋପେ କି କାହାର ଭୟ ପାଇଲ ।
ଏଡ଼େ ଦୁର୍ଗମ କେମନ୍ତେ ଅଇଲ ॥
ନବୀନ ପଲ୍ଲବ ତୃଣ ଆହାର ।
ପାଇଣ ଗାବ ନୋହିଲେ ବାହାର ॥
ଗୋପାଳମାନେ ଗଲେ ମୋତେ ଛାଡ଼ି ।
ଏକା ହୋଇଣ ମୁଁ ବନରେ ଲେଉଡ଼ି ॥
ବଂଶୀରେ ନାମ ଧରିଣ ଗାବଇ ।
ଯାହାର ଯେମନ୍ତ ଗତି ଭାବଇ ॥
ଏଡ଼େ ଦୁଃଖ ମୋର ତୁମ୍ଭର ପାଇଁ ।
ଏଥକୁ କମ୍ପା ଗୋ ଅଇଲ ଧାଇଁ ॥
ଦେଖ ସମ୍ପୂର୍ଣ୍ଣ ଏ ଚନ୍ଦ୍ରମଣ୍ଡଳ ।
ଯମୁନା କୂଳ ବନ ପରିମଳ ॥
ବିକଶିତ ଜାତି ଜୂତି ମଲ୍ଲିକା ।
ମଧୁ ଚୁମ୍ବି ମତ୍ତ ଅଳି ମାଳିକା ॥
ଶୀତଳ ସଜଳ ଅନିଳ ବହି ।
କାହିଁ ଦୁଃଖଭାଗୀ ହୋଇବେ ଦେହି ॥
ଧରିଛି ରଜନୀ ଘୋର ରୂପକୁ ।
ବଢ଼ାଉଅଛି ଅତନୁ ତାପକୁ ॥
ବନଜୀବମାନଙ୍କରେ ସେହିତ ।
ଭୟ ନକର କେବଣ ନିମିତ୍ତ ॥
ଏକା ହୋଇଥିଲି ବନ ଭିତରେ ।
ଅଇଲ ଯେବେ ମୋହର ହିତରେ ॥
ପ୍ରେତ ଭୂତ ଖାଇ ଖଣ୍ଡି ଆମ୍ଭର ।
ପୁରେ ଚଳ ନିନ୍ଦା ନୁହେ ତୁମ୍ଭର ॥
ଗୁରୁଜନ ଲେଉଡ଼ ପୁରେ ନଦେଖି ।
ବନ୍ଧୁଭାବେ ହୋଇଥିବେ ଦୁଃଖୀ ॥
କୁଳସ୍ତିରି ଏ ଧର୍ମିକ ପଣ ।
ତୁମ୍ଭଙ୍କୁ ସମ ନାହିଁ ତ୍ରିଭୁବନ ॥
ପତିପାଦ ସେବା ଯୁବତୀ ଧର୍ମ ।
ଅନ୍ୟ ପୁରୁଷ ରମଣେ ଅଧର୍ମ ॥
ରୋଗୀ ଦରିଦ୍ର ଅସୁନ୍ଦର ହେଲେ ।
ପତିକି ବସ୍ତୁ ପ୍ରାପ୍ତ ସେବେ ଭଲେ ॥
ମୋତେ ଏବେ ଶୁଭେ ଦେଖିଲ ବନେ ।
ବାହୁଡ଼ ଚଳସି ନିଜ ସଦନେ ॥

ପତି ଚରଣେ ସେବା କର ଯାଇଁ ।
ଖେଦ ଅଛେତ ମୋ ଜାଣିବେ ନାହିଁ ॥
ବାଛୁରି ଛନ୍ଦ ଫିଟିଗଲେ ପିଇ ।
ବାଳକ କାନ୍ଦଣ ଶୋଇଲେ ଭୂଇଁ ॥
ଦୁଧ ଭାଣ୍ଡ ଥୋଇ ଜଳ ଚୁଲିରେ ।
ଜାଳ ପ୍ରଖରେ ଝାସଇ ଅଗିରେ ।
ପାକ କର ଯା ସେ ଅନ ସ୍ତମ୍ଭେ ।
ସବ ନୟନେ ନିଦ୍ରା ଅବଲମ୍ବେ ॥
ଶୟନରେ ଗୁରୁଜନ ଅଚେତ ।
ତାହାଙ୍କୁ ଯାଇ କରାଅ ସଚେତ ॥
ମଧର କାରନ୍ତି ଅଛିଲ ତେଜ ।
ମୋର ନିନ୍ଦା ଶାଶୁ ନଣନ୍ଦ ତେଜି ॥
ବେଗେ ଯାଅ ଚୁରେ ନଜାଣୁ କେହି ।
ତୁମ୍ଭ ପଛେ ପଛେ ଯାଉଛି ମୁହିଁ ॥
ଆଜ ନିଜମନେ ଅଇଲ କାନନ ।
ଛନ୍ଦ କରନ୍ତେ ମଳିନ ଆନନ ॥
ଏମନ୍ତେ ନାଗର ଉତ୍ତର ଶୁଣି ।
ବଜ୍ର ପଡ଼ିଲା ପ୍ରାୟ ବାଳୀ ମଣି ॥
ସବୁରି ହୃଦୟ ଶୁଣିଣ ଫୋଡ଼େ ।
ବଦନ ମଳିନ ବଚନ ଜାଡ଼େ ॥
ନୃସିଂହ ନୃସିଂହ ଶ୍ରବଣ ବୁଜି ।
ଦେଖୁ ଦେଖୁଣ ସର୍ବ ଶୋଭା ହଜି ॥
ଅଙ୍ଗୁ ଗଳି ଅଳଙ୍କାର ଝଡ଼ିଲେ ।
ଲତା ଯେସନେ କାନନ ପୋଡ଼ିଲେ ॥
ନୀରସ ଅଧର ବିରସ ମୁଖ ।
ଲକ୍ଷ ଲକ୍ଷ ସ୍ମର ଶର ବିଶିଖ ॥
କଜ୍ଜ୍ୱଳ ଜଳ ଲୋଚନରୁ ଖସି ।
ଶୋକଭରେ କୁଚ ଅଞ୍ଚଳ ଘସି ॥
ଶମ୍ଭୁକ ବେଷ ଭୂଷଣ ହୋଇଲେ ।
ମଦନ ଅନଳ ଦଗ୍ଧ ରହିଲେ ॥
ଚତୁରୀ ରୁଚିର ଗତି ଛାଡ଼ିଲେ ।
ଖେଦ ଉଦଧି ମଧ୍ୟରେ ବୁଡ଼ିଲେ ॥
ରମ୍ଭାତରୁ ପ୍ରାୟେ କମ୍ପେ ସୁକେଶୀ ।
ଚରଣ ଅଗ୍ର ଅବନୀରେ ଘସି ॥

ଲୋତକ ଭରେଣ ନୁଆଇଁ ମଥା ।
ଗଦଗଦ ହୋଇ ନଆସେ କଥା ॥
ଭୂମିକ ଗୁହାଁ ଲୋଟନ୍ତି ଚରଣେ ।
ଫାନ୍ଦିଯା ପଶିବୁଁ ତୁମ୍ଭ ଶରଣେ ॥
ଦେଖନ୍ତି ହରି ଯୁବତୀ ମଳିନ ।
ଗଜ ଦଳସେ ଯେସନେ ନଳିନ ॥
ହେମବରଣୀ ମନ କଷିଭୁଲ ।
ହୃଦୟୁ ଫେଡ଼ି ନକହନ୍ତି ବାଣୀ ॥
ଚତୁରୀ ଚିତ୍ତକୁ ଜାଣିବା ପାଇଁ ।
କହୁ 'ନକହୁ ହରି ତୁନ ହୋଇ ॥
ଏମନ୍ତ ଦେଖି ସେହୁ ବନଦେବୀ ।
ଗୋବିନ୍ଦ ଗୋପୀ ଗୁଣଗଣ ଭାବି ॥
ଗୁପତ ପ୍ରେମ ଭଣ୍ଡାର ଫେଡ଼ାଇ ।
କଥା ପକାଇ ଶୁକକୁ ପଢ଼ାଇ ॥
ପଢ଼ ପଢ଼ ଶୁକ ସରସ ବାଣୀ ।
କାମିନୀ ବୃନ୍ଦ ଖେଦ ପଶମାଣି ॥
ଶୁକ ଭାଷଇ ହେ ଶ୍ୟାମ ନାଗର ।
ରସିକ ବର ଲବଣ୍ୟ ସାଗର ॥
ମକର କୁଣ୍ଡଳ ଗଣ୍ଡରେ ଖେଳେ ।
ମୀନ ନୟନ ନାସେ ମୋତି ଡୋଳେ ॥
ତ୍ରିଭଙ୍ଗ ଲୀଳା ତରଙ୍ଗ ଲହରୀ ।
ବେଣୁ ଧ୍ୱନି ଘୋଷ ଜଗତ ଚୂରି ॥
କମ୍ବୁ କଣ୍ଠେ ଶୋଭା ବିବିଧ ହାର ।
ରତ୍ନ ଭୂଷଣେ ଜାଣି ରତ୍ନାକର ॥
କଳ୍ପତରୁ ପରେ ଏଶିଖୀ ପୁଚ୍ଛ ।
ବଚନ ବଡ଼ବାନଳ ପ୍ରତ୍ୟକ୍ଷ ॥
ଗମ୍ଭୀର ହୃଦୟଂ ଅମୃତ ଧାମ ।
'ସ୍ନାନ ଦର୍ଶନ ମାତ୍ରେ ପୂର୍ଣ୍ଣକାମ ॥
ରୂପେ ରୂପେ କରୁଣା ସମୁଦ୍ର ।
ତଟବାସୀ ଗୋପୀ କାମେ ଦରିଦ୍ର ॥
ଶରଦ ପୂର୍ଣ୍ଣିମୀ ସ୍ନାନ ଫଳକୁ ।
ସଂକଳ୍ପ କରି ତେଜିଲେ କୂଳକୁ ॥
ବଡ଼ବାନଳ ଲହରୀ ଶବଦେ ।
ଭୟେ ଭରସି ନପଶି ସ୍ତବଧେ ॥

ସାଗର ଶୋଷଣ ପାଷାଣ ପାଇଲେ ।
କୁଚଶିଳାତଳେ ଉଦୟ ଭଲେ ॥
ଉଚିତବାକ୍ୟ ଉଚ୍ଚାରି ମନ୍ତ୍ରିଲେ ।
ପ୍ରସନ୍ନ ହେଲେ ଏଦୁଃଖ ତେଜିଲେ ॥
ଏତେ କହି ଶୁକ ହୋଇଲେ ତୁନ ।
ବୃନ୍ଦା ଇଙ୍ଗିତରେ ସାରିକା ଭଣି ॥
ରସିକବରହେ ଲାବଣ୍ୟ ସିନ୍ଧୁ ।
ଗୋପ ନାରୀକୁଳ ଜୀବନବନ୍ଧୁ ॥
ପ୍ରେମ ଲହରୀ ପ୍ରବଳେ ମାରୁଛି ।
କୁଚମନ୍ଦରକୁ ଦେଖି ଡରୁଛି ॥
ରତିପତି ଅଗସ୍ତି ଚରଣ ଶୁଖି ।
ଅନ୍ତରମ ପ୍ରୀତି ଅଇଲେ ଦେଖି ॥
ମୁକୁତାହାର କଏ ସୁରନଦୀ ।
ବହିଲେ କୁଚ ହିମାଦ୍ରିକି ଭେଦି ॥
ଦେଖି ଏ ପୃଷ୍ଠେ କୃଷ୍ଣ ବେଣୀ ବନ୍ଧ ।
ଧର୍ଷି କରିବେ ଦେଇ ନିଜ ଦେହ ॥
ରସରେ ରସି ମନ୍ଥିଣ ମିଶିବେ ।
କୁଳ ତେଜିଲେ ଲେଉଟି ନଯିବେ ॥
ଶାରି ଶୁକ ବାଣୀ ରୂପକ ଶୁଣି ।
ଶ୍ରଦ୍ଧାରେ ହରି ରୂପବୋଲ ଭଣି ॥
ଶାରି ଶୁକଙ୍କ ପ୍ରୀତି ଯୁବତୀ ବୃନ୍ଦ ।
ଓଷ୍ଠ କମ୍ପାଇ କଣ୍ଠ ଦେ ଗଦ ॥
ମୂନବେବ ରାଜକନ୍ୟା ଆଦରେ ।
ନିତ୍ୟ ସିଦ୍ଧା ଗୋପୀ ଅନୁବାଦରେ ॥
ଦେଶ ବିଦେଶ ଉତ୍ତମ ଯୁବତୀ ।
ଅମ୍ବିକା ବନେ ଯେମା ବ୍ରତମତ ॥
ବହୁଦିନୁ ଥିଲେ ଆଶା ବଢ଼ାଇ ।
ବେଣୁନାଦକୁ ଅଇଲେ ଗୋଡ଼ାଇ ॥
ରହିଅଛନ୍ତି ବନଭୂମି ମାଡ଼ି ।
ସହସ୍ରେ ପୁରିକରି ହରିବେଢ଼ି ॥
ପ୍ରଗଲଭା ନାୟିକା ରାଜକୁମାରୀ ।
କହନ୍ତି ଧଇର୍ଯ୍ୟ ଧରି ନପାରି ॥
ହେନାଥ ପାଷାଣ କଠିନ ତନୁ ।
ଜାଣିଛୁଁ ପୂତନା ମାରିଲ ଦନୁଁ ॥

କେତେ ଅବସ୍ଥା ସେ ଆମ୍ଭରି ପାଇଁ ।
ବାଟ ଜଗି ଜଗି ଭେଟ ନପାଇ ॥
ନିମିଷ ମାତ୍ର ନରହ ସଦନରେ ।
ଦୃଷ୍ଟି ସୁର ମଣ୍ଡି ପାଦ ପଦ୍ମରେ ॥
ଏବେ ବନେ ଆସି ଆମ୍ଭଙ୍କୁ ଭଣ୍ଡି ।
ବୁଲାଇ ବକାଲେ ଯୁବତୀ ଭେଣ୍ଡି ॥
ଗୋକୁଳେ ନବ ରସିକ ନାଗର ।
ଉଛଳ ଦେଖି ଯୁବତୀ ସାଗର ॥
ଏଥିରେ ତୁମ୍ଭ ଶରଧା ଯାହାକୁ ।
ଆମ୍ଭେ ଯାଉଁ ପାଶେ ରଖ ତାହାକୁ ॥
ଯାହାକ କହିବା ତୁମ୍ଭ କି ଦୋଷ ।
ଏ ବଂଶୀ ଗୋଟି କଲା ସର୍ବନାଶ ॥
ନରଗ ପର୍ବସ୍ତୁ ଏହାର ଗତି ।
ଅମୃତ ପିଇ କପଟରେ ବାନ୍ତି ॥
ଅଧରୁ ଅମୃତ ଏକା ଭୁଞ୍ଜଇ ।
ଆମ୍ଭଙ୍କୁ ବାଧା ହୋଇଣ ଗଞ୍ଜଇ ॥
ଏହି ଅବଗୁଣ ଦେଖି ତାହାର ।
ମଳୟ ବନରୁ କଲା ବାହାର ॥
ଭ୍ରମର ହୋଇଛି ଏଡ଼େ ବଢ଼ାଇ ।
ନାରୀ ନାବକୁ କୂଳରୁ ଛଡ଼ାଇ ॥
ଦଶନ ଚିହ୍ନି ବୋଲନ୍ତି ଜାଣିମା ।
ହସ୍ତେ ପଡ଼ିଲେ ଦେଖିବା ଗାରିମା ॥
ରାଜକୁଳକନ୍ୟା ବଚନ ଶୁଣି ।
ରସେ ଢଳଢଳ ରସିକମଣି ॥
ଦେବକୁମାରୀ ରୂପ ଗୁର୍ବେ ମୋହି ।
ଅନୁରାଗେ ଭେଦ ବାହୁନି କହି ॥
ମୁଖଦର୍ପଣେ ମକର ବାଡ଼ ।
କୁଟିଳ କୁନ୍ତଳ ଅଳକା ବେଢ଼ ॥
କପାଟ ପ୍ରାୟ ହୃଦୟ ଯହାର ।
ଆଜାନୁ ବାହୁ ଏଭୁଜ ବିସ୍ତାଇ ॥
କମଳେ କମମାୟ ପାଦପଦ୍ମ ।
କମଳା ଦେଖି କରିଛନ୍ତି ସଦ୍ମ ॥
ଆମ୍ଭ ତହିଁକି ସେ କେତେ ମାତର ।
ରତି ପାର୍ବତୀ ହୋଇବେ କାତର ॥

ବ୍ରତଫଳ ଯେଣ ପ୍ରସନ୍ନ ହେଲେ ।
ଦେବତା ପୂଜାରେ କରୁଣା କଲେ ॥
କର୍ଣ୍ଣଦେଶ ଶୁଣ ଯାହା ମଣାଇ ।
ମନକୁ ଭେଦ ବନକୁ ଅଣାଇ ॥
ଏବେ ପୁଣ କହ ହସ୍ତୁର ବାଣୀ ॥
ଶ୍ରୀନାଥ ହୃଦୟ ନୋହିଲା ଜାଣି ।
କହିଲ ହସି ବନ ଫଳମଳ ।
ମଦନ ଦହନ ବିରହ୍ମ ସଲ ॥
ତୁମ୍ଭର ଅଣ ଅବଧାନ ଯେବେ ।
ଆମ୍ଭଙ୍କୁ ତେବେ ସୁଖ କମ୍ପା ଦେବେ ॥
ଦେବ କନ୍ୟା ବାଣୀ ଶୁଣି ପୁଲକ ।
ସର୍ବ ଧର୍ମ ତେଜ ଶରଣ ଏକ ॥
କହିଲ ପତି ସେବାରେ ତୁମ୍ଭର ।
ସେହି ବଚନ ପ୍ରମାଣ ଆମ୍ଭର ॥
ତୁମ୍ଭେ ସେ ଗୋକୁଳ ଈଶ୍ୱର ପତି ।
ତୁମ୍ଭ ସେବାକଲେ ସକଳ ପ୍ରୀତି ॥
ଯେସନେ ତରୁମୂଳେ ଜଳ ଦେଲେ ।
ଶାଖା ପଲ୍ଲବତ ହୁଅନ୍ତି ଭଲେ ॥
ବହୁତ ବିପଦୁଁ ଗୋକୁଳ ରଖି ।
ଦୁଃଖ ବିନାଶି କରଅଛ ସୁଖୀ ॥
ତୁମ୍ଭେ କରଛ ସର୍ବଙ୍କୁ ନିର୍ଭୟ ।
ଆଉକ ବନ ଦୁଷ୍ଟଜାତେ ଭୟ ॥
ଏକା ମାତ୍ରଅଛୁ ଅନଙ୍ଗ ବାଧା ।
ଏହାର ଭୟ ନପାରୁଛୁଁ ଛେଦ ॥
ମନରେ ରହି ମରମେ ଭେଦଇ ।
ତୁମ୍ଭଙ୍କୁ ଦେଖି ଅଧିକେ ବାଧଇ ॥
ଆମ୍ଭଙ୍କୁ ତୁମ୍ଭ ଦାସୀକରି ରଖ ।
ହରି ଅନଙ୍ଗ ଭୟ ଚାହିଁ ଦେଖ ॥
ଆମ୍ଭେତ ବରଅଛୁଁ ପତିକରି ।
ଆସିଲୁଁ ବେଣୁସ୍ୱନ ଅନୁସରି ॥
ମୁନିକୁମାରୀନିକର ବଚନେ ।
କମ୍ପମାନ ଗୃହ୍ନିଁ ପ୍ରେମ ଲୋଚନେ ॥
ଶୋକରେ ଭାଷନ୍ତି ଗୋପଯୁବତୀ ।
ଶ୍ରୀନାଥ ଶୈତକଲ ଆମ୍ଭମତି ॥

ହୃଦରେ ଧରି ରଖିଛୁଁ ତାହାଙ୍କ ।
ଭୁଲାଇ ପଳାଇ ଯିବ କାହିଁକ ॥
ଜଣି ବନେପକ୍ଷୀ ହଅ ଉଡ଼ାଇ ।
କାମ କୂପରେ ଦେଉଛ ପକାଇ ॥
ଏମନ୍ତ ହେଲେକ ଛାଡ଼ିବୁଁ ଆମ୍ଭେ ।
ବାହୁଡ଼ାଇ ଦେଇ ନପାର ତୁମ୍ଭେ ॥
ଗୃହ ଜୀରତ ବନ୍ଧପ୍ରାରେ ମନ୍ତି ।
ମନାସି ଭାବେ ଅହର୍ନିଶି ଭଜ ॥
ଏଠାରୁ ଯେବେ ସେ ଯିବୁଁ ବାହୁଡ଼ି ।
ମନ ସ୍ନେହେ ରଖି ଅଧିକେ ଭିଡ଼ି ॥
ଏ ସୁଖ ଆମ୍ଭର କେଣେ ଯିବକ ।
ପ୍ରେମ ରତି ପ୍ରୀତି କେଣେ ଥିବକ ॥
ହୃଦୟେ ରଖି ଶ୍ରବଣେ ଶୁଣାଇ ।
ଏକାନ୍ତ କରି ବକକୁ ଅଣାଇ ॥
ରୂପ ଦେଖାଇ ମଧୁର ଚଖାଇ ।
ମେଲଣି ଦିଅ କାମକୁ ତଖାଇ ॥
ନାମଧରି ବେଣୁବାଇ ଡାକୁଛ ।
ଅଇଲକୁ ସେ ଫଳଇ ହେଉଛ ॥
ଏଥକୁ ତୁମ୍ଭର ମୁରଳୀ ସାକ୍ଷୀ ।
ହବାସେ ହମିଷେ ନଦେଲ ରଖି ॥
ଏବେ ବୋଲ ଗୁରୁଜନେ ଗଞ୍ଜିବେ ।
ବିଳମ୍ବ ହେଲେ କୂଳରୁ ତେଜିବେ ॥
ତେଣି ଆସିନାହୁଁ ସେହୁ ଲାଜକୁ ।
ହସି ବନେକ ଅଇଲୁଁ ଆଜକୁ ॥
ବ୍ରଜ ଯୁବତୀ ଉଚିତ ଯୁକତି ।
ରସେ ହରିଶୁଣି ପ୍ରେମ ଭକତି ॥
ଅମ୍ବିକା ବନେ ମୋହିତ ଯେ ନାରୀ ।
ଅନୁସନ୍ଧି ଥିଲେ ଯେତେ ସୁନ୍ଦରୀ ॥
କାମ କୁଣ୍ଡରେ ତୁଣ୍ଡ ଜାଡ଼ ବାହି ।
କହନ୍ତେ ହରି ଶୁଣି ସୁଖମାଇ ॥
ଶ୍ରୀନାଥ ବନ୍ଧୁକାନ୍ତୁଁ ଅନୁସରି ।
ଅତନୁ ପ୍ରେରିତ ତନୁ ଅଛୁ ଧାରି ॥
କୁଳ ଶୀଳ ତେଜି ହେଲୁଁ ବାଉଳ ।
ଏଥକୁ ତୁମ୍ଭେ ସେ ମହାବାଉଳ ॥

ସେ ବନେ ଥାଇଣ ଯେ ଗୋପନାରୀ ।
ତହିଁ ଅଛନ୍ତି ଅନ୍ୟଦେବ ପୂରି ।
ସ୍ତୁତି କରନ୍ତେ ଅନ୍ତ ଗୋପନାରୀ ।
ଛାଡ଼ି ରହିଲେ ମନେ ଆନଧରି ॥
ଦାଶରଥି ଥିଲି ତାଙ୍କ ସଙ୍ଗରେ ।
ଆଶ୍ୱାସି କହିଣ ଗୋପ କନ୍ୟାରେ ॥
ତୁମ୍ଭେ ବିକଳ ନୁହ ଗୋପନାରୀ ।
ଯାଇ ଭେଟିବ କୃଷ୍ଣ ଅନୁସରି ॥
ଶ୍ରୀ ବ୍ରଜେଶ୍ୱରୀ ଦୟାକର ମୋତେ ।
ତୁମ୍ଭ ଚରଣତଳେ ରଖ ବାରେ ॥
ହେ ବ୍ରଜେଶ୍ୱରି ବୃନ୍ଦାବନେ ରାଜା ।
ତୁମ୍ଭ ଚରଣ ତଳେ କଲି ପୂଜା ॥
କରୁଣା ରକ୍ଷଣି ହେ ମହାଦେବୀ ।
ତୁମ୍ଭ ଚରଣେ କିଙ୍କର ମୁଁ ସେବି ॥
ତୁମ୍ଭ ଦୟରୁ ଜନ୍ମି ଭକ୍ତଭାବ ।
ତୁମ୍ଭ ଚରଣେ କରି ବ୍ରଜଭାବ ॥
ତୁମ୍ଭ ଦୟାରୁ ହେବି କୃତାର୍ଥ ଯେ ।
ତୁମ୍ଭେ ସର୍ବ ଦୋଷ କ୍ଷମା କରସେ ॥
ତୁମ୍ଭ ଭୃତ୍ୟକୁ ଉଦ୍ଧରି ରଖ ଯେ ।
ଦୟାକରି କହ ସର୍ବ ତେଜ ଯେ ॥
କରୂପରେ ଗୋପୀ ବନରେ ରହି ।
କୃଷ୍ଣ ଅଙ୍ଗ ସଙ୍ଗ ପାଇବା ପାଇଁ ॥
ଯେ ଯେଉଁ ରୂପେ ରହିଲେ ନଶିରେ ।
ଆଶା ବଢ଼ାଇ ପ୍ରେମ ଲାଳସରେ ॥
ନଶି ହୋଇଥିଲି ଯେ ଚନ୍ଦ୍ରପଦ୍ମ ।
ତାଙ୍କୁ କରୂପେ ଗାଢ଼ ନନ୍ଦବସ୍ତ୍ର ॥
ସେ ସ୍ତୁତି କରୁଥିଲେ କରୂପରେ ।
ତୁମ୍ଭେ ପ୍ରସନ୍ନ ହୋଇ କହ ବାରେ ॥
ତୁମ୍ଭ କୃପାରେ ମୁଁ ସମୁଦ୍ର ମନ୍ଥି ।
ତୁମ୍ଭ ଦୟା କରହେ ମହାସତୀ ॥
ଶୁଣହେ ଧନପତିର ନନ୍ଦନ ।
ନଶି ତହିଁରେ ଗୋପ କନ୍ୟାଗଣ ॥
ବୃନ୍ଦାବନେ ଖୋଜନ୍ତି ଗୋପନାରୀ ।
ତାଙ୍କୁ ଖୋଜଣ ବୋଲନ୍ତି ଚତୁରୀ ॥

ତୁମ୍ଭେ ବାରେ କରିବ ଯେବେ ଦୟା ।
ଏବେ ଛାଡ଼ି କରୁଛ ବଡ଼ ମାୟା ॥
ଏଡ଼େ ନିଷ୍ଠୁରପଣ କର ନାହିଁ ।
ତୁମ୍ଭ ବିନୁ ନଜାଣୁଁ ଅନ୍ୟକେହି ॥
ତୁମ୍ଭେ ଯେମନ୍ତେ ରଖ ଆତ୍ମପ୍ରାଣ ।
କହୁଁ ନକହୁଁ ତୁମ୍ଭ ବଂଶୀସ୍ୱନ ॥
ଆମ୍ଭେ ଜମୁନାଜଳେ ସ୍ନାନକଲୁଁ ।
ତୁମ୍ଭେ କଦମ୍ବେ ଉଠିଛ ରହିଲୁଁ ॥
ସେବା କାରଣ ଅଛୁଁ ବ୍ରଜବାସୀ ।
ଦାସୀ ହୋଇପଣି ଏ ଭୟନାଶି ॥
ବୋଲି ଯେ ପୁରକୁ ଯାଅ ବାହୁଡ଼ି ।
ଶୁଣି ସେ ପ୍ରେମ କୁନ୍ତକୁ ପହୁଡ଼ି ॥
ଅନେକ ଦୂରୁ ନଦୀ ବହିଆସି ।
କୂଳତେଜି ସିନ୍ଧୁ ସଙ୍ଗରେ ମିଶି ॥
ରସେ ରସ ନିଜଦେହ ହଜାଇ ।
ଗୋହ ସୁମରି ବାହୁଡ଼ି ନଯାଇ ॥
ଆବିଳ ଜଳ ଅଙ୍ଗସଙ୍ଗେ ରସି ।
ତୀର୍ଥରାଜ ଆଉ ଯାଅ ବୋଲେକି ।
ନିବେଣି ସୁବେଣୀ ଘଟନ ଜାଣି ।
ଏକ ଏକରେ ପ୍ରେମ ପରିମାଣି ॥
ବହୁବିଧି ପ୍ରୀତି ଭକତି ଯେତେ ।
କହିଲେ ଚତୁରୀ କହିବା କେତେ ॥
ଯୁଥେ ଯୁଥେ ହରି ସ୍ୱଭାବ ଜାଣି ।
ଏକ ଏକରେ ପ୍ରେମ ପରିମାଣି ॥
ଇକ୍ଷୁକୁ ପେଡ଼ିଲେ ରସ ସରସେ ।
ନିମ୍ବୁ ର ପାକରେ ସ୍ୱାଦୁ ବିଶେଷେ ॥
ହେମ ଦାହା ଦେଲୁଁ ଦେଲୁଁ ଉଜ୍ଜ୍ୱଳ ।
ହେମ ବରଣୀ ସେ ଭାବେ ନିର୍ମଳ ॥
ଯୁବତୀ ଶତ୍ରୁ ଦୃଢ଼ବ୍ରତ ଜାଣି ।
ଆସ ବୋଲି କୃଷ୍ଣ ଟୋକଲେ ପାଣି ॥
ଏହି ସମୟେ ରାଧା ଚନ୍ଦ୍ରାବଳୀ ।
ନିଜ ସଜନୀଗଣ ଘେନି ମିଳି ॥
ଦେଖିଲେ ବେଢ଼ି ଗରିଷ୍ଠ ଯୁବତୀ ।
ହିନତି କରି ମାଗନ୍ତି ସୁରତି ॥

ଜାଣି ମଣ୍ଡଳ ଘୁଞ୍ଚି ଅପସର ।
ଚଣନ୍ତେ ପୁଣ ବେଢ଼ି ଅନୁସର ॥
ବେନି ନାୟିକା ଭିତରେ ପଶିଲେ ।
ନୟନେ ନୟନେ ମିଶି ହସିଲେ ॥
ରସିକସିନ୍ଧୁ ମୁଖବିଧୁଦେଖି ।
ପ୍ରେମ ସାଗରେ କି ଭୁଜକୁ ଟେକି ॥
ମକରଧ୍ୱଜ ଲହରୀ ଉଚ୍ଛୁଳ ।
ଉଦ୍ଧରି ନିଅ ଆସ ସଖୀ ବୋଲ ॥
ଏମନ୍ତ ଦେଖି ସେ ଦୁଇ ନାୟିକା ।
ରହିଲେ ଯାଇ କୃଷ୍ଣ ବେନି ପଖା ॥
ଦକ୍ଷିଣେ ଚନ୍ଦ୍ରାବଳୀ ରାଧା ବାମେ ।
କନକପ୍ରଭା କି ନୀଳପ୍ରତିମେ ॥
ଭୁଜ ଯୁଗଳ ଦେଇ ବେନି କନ୍ଧେ ।
ମଧୁପ ଖେଳେ କି କମଳ ମଧ୍ୟେ ॥
ରାହୁ ଯେହ୍ନେ ରବି ଶଶୀ ସଙ୍ଗମେ ।
ସର୍ବେ ହରଷେ ସ୍ନାନଦାନ ଧର୍ମେ ॥
ତହୁଁ ଶତଗୁଣେ ବାମା ସକଳେ ।
ସ୍ନାନକଲେ ଯୋଗେ ଯୁଗଳ ଜଳେ ॥
କୃଷ୍ଣ ଦ୍ୱିଜରାଜ କରେ ଦାନକୁ ।
ଦେଲେ କୁଚ ହେମକୁମ୍ଭଦାନକୁ ॥
ପୂର୍ଣ୍ଣକରି ରତି ପ୍ରେମ ଧନକୁ ।
ଦକ୍ଷିଣାକରିବେ ତନୁ ମନକୁ ॥
ମୂଳ ଜଳେ ଯେହ୍ନେ ଲତା ସରସେ ।
ତେସନେ ସମୁଖୀ ସଖୀ ପରଶେ ॥
ସହସ୍ରେ ପୂର କରି ବେଢ଼ି ବାଳୀ ।
ମଙ୍ଗଳ କଲେ ଦେଇ ହୁଳହୁଳି ॥
ଯେ ଯାହା ସେବା କରିଣ ଶ୍ରାବିଲେ ।
ହରସେ ତେଜ ହରଷ ଲଭିଲେ ॥
ଦ୍ରୁହାପିତେ ହରି ବଚନ ଭାଷି ।
ଜାଣିଲ ତୁମ୍ଭ ମନକୁ ସୁକେଶୀ ॥
ହନକୁ ହନ ହୋଇ ଅନୁରାଗୀ ।
କୁଳ ଶୀଳ ଲାଜ ତେଜ ମୋଲାଗି ॥
ଗୁରୁ ଗଉରବ ମାନ ନମାନି ।
ନିଶି ଗହନେ ଅଇଲ ଭାମିନି ॥

ମନ ଧନଦେଇ କିଣ ଆମ୍ଭକୁ ।
କି ଉପକାର କରିବୁ ତୁମ୍ଭକୁ ॥
ଏହୁ ଦେହକୁ ଅରଜିଲ ଭାବେ ।
ବିହରି ଯେବେ ଏ ରାସ ଉତ୍ସବେ ॥
କୃଷ୍ଣ ସରସ ବଚନେ ଦ୍ରବାଇ ।
ଗୋପୀ କଳାପ ତାପକୁ ଲିଭାଇ ॥
ଚିତ୍ତ ପତି ଗଲା ମାତ୍ର ଲାଳସେ ।
କୁଚ କଳସ ଦେଖାଇ ଅଳସେ ॥
ଦ୍ରୁହାଷିତେ ଚୁମ୍ବି କେବଣ ବାଳୀ ।
ନିତମ୍ବ ଆଉଁସି ବସନ ଗୃଳି ॥
ଭୃଙ୍ଗ ଭୟେକେ ଚମକି ପଡ଼ଇ ।
ଉର ବସନ ମିଛେହେଁ ଝାଡ଼ଇ ॥
କେଉଁ ସୁକେଶୀ କେଶଫେଡ଼ି ଖୋସେ ।
କଠିନ କୁଚ ଦେଖାଇବା ଆଶେ ॥
କେ ନାରୀ ପଛୁ ଆଗକୁ ଆସଇ ।
କୃଷ୍ଣ ଚୁମ୍ବିବା ନିମନ୍ତେ କାସଇ ॥
କେଉଁ ଗୋପୀ ବେଢ଼ାବୁଲି ଆସଇ ।
ସନ୍ଧି ପାଇଣ ଭିତରେ ପଶଇ ॥
କେ ତହିଁ ଫଟିକି ମାରେ ହାଇକି ।
କେ ବୋଲେ ସଜନୀ ଯିବା ନାହିଁକି ॥
ସଖୀ ଅଙ୍ଗୁଳି କେ ଧରି ଫୁଟାଇ ।
କେ ବନେ ଚୁମ୍ବି କପଳ କଣ୍ଠାଇ ॥
ମଦନ ମଦେ କା ଘୂର୍ମିତ ଆଖି ।
ନିଦ୍ରା ବହାନେ କୋଳକରି ସଖୀ ॥
ଏ କୁଞ୍ଜ କୁଟୀର ଅତି ସୁନ୍ଦର ।
ଗୋବନ୍ଦର ପରି କେଳି ମନ୍ଦିର ॥
କ୍ଷଣକେ ମାହିଁ ଶୋଇବି ଏଠାଇ ।
ଭାଲବେଳେ ସଖୀ ଦେବୁ ଉଠାଇ ॥
କେ ନାରୀ ଲାଜ ଲାଜ କୃଷ୍ଣ ପାଶେ ।
କେଳି କୃଷ୍ଣସଙ୍ଗ ରାସ ଦିବସେ ॥
କେ ନାରୀ କଥା ହୁଏ କୃଷ୍ଣ ସଙ୍ଗେ ।
ମନ ନୟନ ଦେଇ କୃଷ୍ଣଅଙ୍ଗେ ॥
ନଚୁମ୍ବେଁ ଚୁମ୍ବେଁ ଚୁମ୍ବିଲେ ନଚୁମ୍ବେଁ ।
ଧଇର୍ଯ୍ୟ ଧରି ପ୍ରବଳ ଉତ୍ସାହେ ॥

କେଉଁ ବିମ୍ବୋଷ୍ଠୀ କୃଷ୍ଣ ଦୃଷ୍ଟି ମାର୍ଗେ ।
ବନ୍ଧେ ଉହ୍ୟକର ଚିବୁକ ଭାଗେ ॥
କେଉଁ ଯୁବତୀ ରହି କୃଷ୍ଣପାଶେ ।
ବାସ ଆଚ୍ଛାଦି ମନ୍ଦମନ୍ଦ ହସେ ॥
ଗତକାଲ ଜଗି ମାଗନ୍ତି ରତି ।
ଆଜ ଦେଖଏ ଯୁବତୀ ମହତୀ ॥
କେ ନାସା କୃଷ୍ଣ କେଳକର ଲେଢ଼େ ।
ଘନ ଘନ ଅଙ୍ଗେ ମଦନ ପଢ଼େ ॥
ଚନ୍ଦ୍ରମୁଖୀ କୃଷ୍ଣଚନ୍ଦ୍ର ସମ୍ମୁଖେ ।
ଚକୋର ନୟନ ନିଶ୍ଚଳେ ରଖେ ॥
ଚନ୍ଦ୍ର ଚନ୍ଦ୍ରିକା ମୁଖଚନ୍ଦ୍ର ସୀମା ।
ଉଜ୍ଜ୍ୱଳେ ବିରାଜେ କିବା ଉପମା ॥
ଚନ୍ଦ୍ର ଦେଖି ଚନ୍ଦ୍ର-କାନ୍ତ ଦ୍ରବେକ ।
ସ୍ୱେଦବିନ୍ଦୁ ମୁଖେ ସୁଧା ସ୍ରବେକ ॥
ସବୁକର ହରି ଏକ ସମାନ ।
ନୟନ ନୟନରେ ସନମାନ ॥
ଏକ ଆରକେ ବକ୍ଷରେ ବିମ୍ବୋଷ୍ଠୀ ।
ମୋଠାରେ ହରି ଦେଇଛନ୍ତି ଦୃଷ୍ଟି ॥
ମିଳନ ଏକାନ୍ତେ ହେବ କେମନ୍ତେ ।
ସବୁରି ଚିତ୍ତେ ବଗୁର ଏମନ୍ତେ ॥
କୃଷ୍ଣଙ୍କୁ ବରଣ କରିବା ଆଶେ ।
ଫୁଲ ତୋଳ ବାଳୀ ବନରେ ପଶେ ॥
ସାତ ପାଞ୍ଚ ହୋଇ ଲତା ନୁଆଇଁ ।
ତୋଳନ୍ତି ଫୁଲ ଯେ ଗୁଣ ଶୁଣାଇ ॥
ଚିହ୍ନାଇ କଦମ୍ବ ଫୁଲ ନାମ କେ ।
ଛଳ ଶ୍ଳେଷରେ ଯୁଗଳ ଯମକେ ॥
ଏସେ ଯାତି ଯୂଥି କୁଳ ଲଙ୍ଘାଇ ।
ବନ୍ଧୁଲି ଅଧରେ ଅଙ୍ଗ ଲଗାଇ ॥
ସୁଗନ୍ଧେ ଗୋବିନ୍ଦ ମୋଦ ଏହାରେ ।
କରଜ ଶୋଭେ ଉରଜ ବିହାରେ ॥
ତୋଳ ସଜନି ମଲ୍ଲି ମଲି ମଲ୍ଲ ।
ଏହା ସୁବାସେ ତୋଷ ବନମାଳୀ ॥
ଦେଖନ ଆଜ ନଆଳି ଶୋଭକୁ ।
ଗନ୍ଧ ସୁନ୍ଦର ଗୋବିନ୍ଦ ଶୋଭକୁ ॥

ତୋଳ ସଖୀ ମୂର ଶରଳୁ ସେବ ।
ତୋଳ ମୁଁ କୁନ୍ଦ ମୁକୁନ୍ଦରେ ଦେବ ॥
ଦେଖି ଏକୁମୁଦକୁ ମୁଦ ହେବ ।
ତୋଳ ତୋଳ ଗୁନ୍ଥି ଗୋବିନ୍ଦେ ଦେବ ॥
ମଦନ ବିଷ ମାଳତି ମାଳତୀ ।
ସେସ ବିହାର ବରିବା ଶ୍ରୀପତି ॥
ତୋଳ ସେବତି ସେବତୀ ଗନ୍ଧରେ ।
ବର ସଫଳ ସମ୍ପୂର୍ଣ୍ଣ ବହ୍ନିରେ ॥
ତୋଳ ମାଧବୀ ମାଧବ ମୋହିବ ।
ଅଳକା ପାଟିକ ଭଲ ଶୋହିବ ॥
ଚମ୍ପାଚମ୍ପା ଗଳୁଁ ମନୋରଥକୁ ।
ତୋଳଦେବ ନବ ମନମଥକୁ ॥
କାନ୍ତି ସମକ କେତକୀକେତକୀ ।
ତୋଳସଖୀ ହରି ସୁଖ ଏଥିକି ॥
ତୋଳ ଏ କରୁଣୀ କରୁଣା ହରି ।
ବରିବା ଗଳେ ନିତ୍ୟ ମାଳଭରି ॥
ଅନଙ୍ଗ ନାଗେଶ୍ୱର ନାଗେଶ୍ୱର ।
ତୋଳସଖୀ ହରି ମେଖଳା ହାର ॥
କାମ କି ଆଖି ତଗରେ ତଗରେ ।
ଚକ୍ରଧର ଚିତ୍ତ ତୋଳ ନିକଟେ ॥
ଏହୁ ତଗର ତଗର କାମର ।
ତୋଳ ଗୁନ୍ଥମାଳ ବେଢ଼ା ଶ୍ୟାମର ॥
ମଦନ ଛୁରିଅନା-ଛୁରିଅନା
ବୀରବେଶ କୃଷ୍ଣ ବାନ୍ଧିବେ ବାନା ॥
ହେ ସଖୀ ମନ୍ଦାର ମନ୍ଦାର ବନ୍ଧି ।
ଗୋବିନ୍ଦ ଅଧର ଛବିକି ବନ୍ଧି ॥
ତୋଳିବ କୁଳ ବକୁଳ ଫୁଲରେ ।
କାମଚଣ୍ଡ କୃଷ୍ଣ ଅନୁକୂଳରେ ॥
ଅତନୁ କୁରୁଣ୍ଟକ କୁରୁଣ୍ଟକ ।
ଶୋଣିତ କୁଳଶୀଳ ବିଦାରକ ॥
ତୋଳ ସଖୀ ମାଳ କୃଷ୍ଣଙ୍କୁ ଶୋଭେ ।
ନବଘନ ଯେହ୍ନେ ତଡ଼ିତ ପ୍ରଭେ ॥
ତୋଳ କୁଟଜ କୁଟ ଯଷ୍ଟିକାମ ।
କୃଷ୍ଣ ବନମାଳା ଶୋଭା ଉପନ ॥

ଅନଙ୍ଗ ପୁଁନାଗ ପୁନ୍ନାଗ କଢ଼ି ।
ମୋତି କୁଣ୍ଡଳ କୃଷ୍ଣ ଗଣ୍ଡମଣ୍ଡି ॥
ତୋଳ ଅଶୋକ ଅଶୋକ କରନ୍ତ ।
କୃଷ୍ଣ ଅଙ୍ଗୁଳ ଆକାର ଧରଇ ॥
ମଦନ ମରୁଆ ମରୁଆ ତୋଳ ॥
ଗୁନ୍ଥିବା କୃଷ୍ଣ ବୈଜୟନ୍ତୀ ମାଳ ॥
ରାଧାର ନାମ ଗୁଣସୂତ୍ରେ ଧରି ।
ସୃଷ୍ଟି ସୂତ୍ର ବୈଜୟନ୍ତୀ ଉପରି ॥
ଆବର ବନମାଳେ ବଇଜନ୍ତି ।
ଆମ୍ଭେହେ ବରି ପୁଷ୍ପମାଳେ ଗୁନ୍ଥି ॥
ତୋଳସି ଦୟଣା ଦୟଣା ଡାଳ ।
ସୁବାସେ ସଦା ବଶ ବନମାଳୀ ॥
ତୋଳ ତୁଳସି ତୁଳସୀ କେଶରି ।
ସଦାପ୍ରୀତ ହରି ଶରୀରେ ଧରି ॥
ଏମନ୍ତେ ଯୁବତୀ କୁସୁମ ତୋଳି ।
ବିବିଧ ବନ୍ଧରେ ଗୁନ୍ଥିଲେ ମାଳି ॥
ହୁଳହୁଳି ଦେଇ ମଙ୍ଗଳ ଗାଇ ।
ବରବର ହରି ଦେଲେ ଲମ୍ବାଇ ॥
ଧୀରେ ସମୀର ସ୍ମିତ ଗନ୍ଧ ଘେନି ।
ଦ୍ୱିଜକୁଳ ପଢ଼େ ମଙ୍ଗଳ ଧ୍ୱନି ॥
ଯମୁନା କୂଳ ପରିମଳ ଶୋଭା ।
ଗୋପକନ୍ୟା କୃଷ୍ଣ ଗନ୍ଧର୍ବ ବିଭା ॥
ଯେ ଯାହାମନେ ଇଚ୍ଛା ବରବର ।
କୁସୁମ ଗୁଣ୍ଡି ଧରି ମନୋହର ॥
ରାଧା ଚନ୍ଦ୍ରାବଳୀ ଯେତେ ସୁନ୍ଦରୀ ।
ମାଳ ଦେଇ ରାସ ଉତ୍ସବେ ବରି ॥
ଏମନ୍ତେ ବରିଲେ ସକଳ ନାରୀ ।
ଏକ ଏକରେ କୃଷ୍ଣ ପୁଣ ବରି ॥
କୁସୁମ ମଣ୍ଡିତ ସକଳ ଅଙ୍ଗେ ।
ଅନୁସରିଣ ଫୁଲ ଧନୁସଙ୍ଗେ ॥
ଗୋପୀ ଗୋବିନ୍ଦ ବରଣ ବଢ଼ିଲେ ।
ଆନନ୍ଦ ସୁଖ ସମୁଦ୍ରେ ବୁଡ଼ିଲେ ॥
ଉଚିତ ଦାନ ଲକ୍ଷ ଧନ ଦେଲେ ।
ନିର୍ମଳ ଦ୍ୱିଜ ରାଜକରେ ଦେଲେ ॥

ଗୋବିନ୍ଦ ସଙ୍ଗରେ କଲେ ବିହାର ।
କାମନା ମନେ ଯେମନ୍ତ ଯାହାର ॥
ଭୁଜବର ଦେଇ ରାଧା କଣ୍ଠରେ ।
ରାଧାକର କୃଷ୍ଣ କରରେ ଲୁଚିଲ ॥
ସେକର ହାଦେ ବୈଜୟନ୍ତୀ ମାଳ ।
ସୃଷ୍ଟି ଧାରଣି ଏହୁ କରତଳ ॥
କୃଷ୍ଣ ଭୁଜବର ରାଧା କଣ୍ଠରେ ।
ବନେ ଭ୍ରମେ ହରି ମନ୍ଦ ମନ୍ଦରେ ॥
କିଛି କିଛି ଦୂରେ ହୋଇଣ ଉଭା ।
ଦେଖନ୍ତି ବନ ପରିମଳ ଶୋଭା ॥
କୁସୁମ କୁଳ ପ୍ରଫୁଲ୍ଲରେ ଅଳି ।
ମଧୁପାନ ମତ୍ତେ କରନ୍ତି କେଳି ॥
ମଲ୍ଲିକ କୁସୁମେ ଭୂଷିତ ଅଙ୍ଗେ ।
ଗୋବିନ୍ଦ ଯେସନେ ଗୋପୀ ଅଙ୍ଗସଙ୍ଗେ ॥
ଶେ ଭନ୍ତ ବନ ବିବିଧ କୁସୁମେ ।
ମାଳ ଧବଳ ବିବିଧ ସୁଷମେ ॥
ନବ ପ୍ରବାଳ ପଲ୍ଲବେ ଶୋଭନ ।
କାମ ରାଜାର ବିଚିତ୍ର ଭୁବନ ॥
ମଳୟ ମରୁତ ମନ୍ଦ ପ୍ରଚରିତ ।
ଭାଷନ୍ତି ପକ୍ଷୀ ମଧୁର ଚରିତ ॥
ଗୋବିନ୍ଦ ସ୍ଥଳ ନିର୍ମଳ କାନନ ।
ବିସ୍ତାର ବିରୋଳ ଭୂମି ସମାନ ॥
ଚନ୍ଦ୍ର କିରଣେ ଉଜ୍ଜ୍ୱଳ ମଞ୍ଜୁଳ ।
ଯମୁନା ଜଳ ବାଲି ଝଲଝଲ ॥
ଷଡ଼ଋତୁ ଘେନି ମଦନ ରାଜ୍ୟ ।
ଚର୍ଚ୍ଚି ରହି ସର୍ବଲୋକ ଅଜୟ ॥
ଖଗ ମୃଗ ଦ୍ରୁମ ମୂର୍ତ୍ତିମନ୍ତରେ ।
ଗୋବିନ୍ଦ ସେବା କରନ୍ତି ନିତ୍ୟରେ ॥
ସେବନ ବର୍ଣ୍ଣିବେ ସାଧ କାହାର ।
ରାଧା କୃଷ୍ଣ ସଙ୍ଗେ ରାସ ବିହାର ॥
ରମଣୀଗଣ ଘେନି ସେହି ବନେ ।
ରାସ ଉତ୍ସବ ଆରମ୍ଭ ବିଧାନେ ॥
ଲାବଣ୍ୟ କୋଟି ମଦନ-ମୋହନ ।
ତାରାମଧ୍ୟେ ଯେହ୍ନେ ଚନ୍ଦ୍ର ଶୋଭନ ॥

ତେସନ ହରି ଯୁବତୀ ମଧ୍ୟରେ ।
ହାସ ମନ୍ଦ ମନ୍ଦ ବିମ୍ବାଧରରେ ॥
ବିବିଧ ରସେ ପ୍ରିୟାଙ୍କୁ ରସାଇ ।
ମଣ୍ଡଳୀ କରି ବେଢ଼ିଣ ବସାଇ ॥
ବାଇଲେ ତାଳ ମାଦଳ ସଙ୍ଗରେ ।
ଗାଇଲେ ଗୀତ କେଦାର ରାଗରେ ॥

—୫*୫—

ଗୀତ—କେଦାର ।

ନବ ନବ ବୃନ୍ଦାବନ ଯମୁନା ପୁଳିନ,
ଘନ ଶରଦ ସମ୍ପୂର୍ଣ୍ଣ ଚନ୍ଦ୍ର ରାତିରେ ।
ଉଜ୍ଜ୍ୱଳ ଯୁଗଳ ରାଜ, ରସବତୀ ରାସେ ସାଜ,
ହେମ ମାଳେ ନୀଳମଣି ଭ୍ରାନ୍ତିରେ ।
ଆଏ ଆଏ ।
ଗନ୍ଧଶୀତ ମନ୍ଦବାତ ପଞ୍ଚବାଣ ଆତଯାତ ।
ଫୁଲ୍ଲ କୂଳରମେ ଅଳମାନ୍ତରେ ।
ଅଭିନବ କାମଦେବ ।
ତ୍ରିଯୁବତୀ ରତିସେବା ବିରଳେ ଗଉର ଶ୍ୟାମକାନ୍ତିରେ ॥
ଆଏ ଆଏ ।
କେବଣ ଯୁବତୀ ବଜାଇ ବୀଣା ।
ଉମ୍ପା ଅମୃତର ବାଜନ୍ତ ଗୁଣା ॥
କେହୁ ସାରଙ୍ଗ କେ ସରୁ ମୃଦଙ୍ଗା ।
ତାଳ ଅନୁଗତେ ବାଇଲେ ବାଳା ॥
ଗୋବିନ୍ଦ ସ୍ୱରେ ମିଳି ଉଚ୍ଚେ ଗାଇ ।
ଶୁଣି ଖଗମୃଗ ଅଇଲେ ଧାଇଁ ॥
ଚମକି ଚେତ ଚକିତେ ସ୍ଥକିତ ।
ବଇରି ତେଜିଣ ନିଶ୍ଚଳ ଚିତ୍ତ ॥
ଦ୍ରବିଣ ସ୍ରବ ବହିଲେ ଅଚଳେ ।
ଉଜାଣି ସ୍ତମ୍ଭି ଯମୁନା ନଚଳେ ॥
ଅତି ସରସେ ତରୁତୃଣ ଲତା ।
ଫଳ କୁସୁମେ ମହୀ ପ୍ରଣମିତା ॥
ପବନ ଯେମନ ପଯୁରେ ସେବନ୍ତି ।
ଗୋବିନ୍ଦ ଗୋପୀ ଗୀତରେ ଭାବନ୍ତି ॥
ନବ ରସବତୀ ରସିକ ସଙ୍ଗେ ।
ଏକ ଏକରେ ରାସ ନୃତ୍ୟରଙ୍ଗେ ॥

ସାତ୍ତ୍ୱିକ୍ୟ ସଙ୍ଗୀତ ରସେ କୁଶଳା ।
ମାଧବ ମନ ମୋହିଲେ ଅବଳା ॥
ଗୋପୀ ମଣ୍ଡଳୀରେ ଗୋବିନ୍ଦ ନାଚେ ।
ତାନମାନେ ଗୋପୀ ଗାବନ୍ତି ଗୀତେ ॥
ସକଳ ସମ୍ମୁଖେ ନୃତ୍ୟ ତାଣ୍ଡବରେ ।
ଲପନ ଲପନ ନେତ୍ର ନେତ୍ରରେ ॥
ହସ୍ତକ ମସ୍ତକ ଅଙ୍ଗ ଭଙ୍ଗିମା ।
ମଧୁର ହାସ ଅଧର ରଙ୍ଗିମା ॥
ଅପାଙ୍ଗ ଭଙ୍ଗି ଇଙ୍ଗିତେ ଠାଣିବା ।
ନାସା ଫୁଲାଇ ଭ୍ରୂଲତା ଚାଳିବା ॥
ତନୁ କମ୍ପାଇ ରୋମ ପୁଲକାଇ ।
ପ୍ରେମ ଲୋଚନୁ ଲୋତକ ପକାଇ ॥
ନଟବର ବେଶ ରସେଣ ଭଳି ।
ଟଳ ଟଳ ପ୍ରେମେ ତରଳ ବାଳୀ ॥
ଗାଇବା ବାଇବା ତେଜି ରହିଲେ ।
ସାତ୍ତ୍ୱିକ୍ୟ ସ୍ୱେଦ ସ୍ରବଣ ବହିଲେ ॥
ଶ୍ରୀପାଳି ରାଧା ଭୃଙ୍ଗବିଦ୍ୟା ବେନି ।
ଗାବନ୍ତି ଗୋବିନ୍ଦ ସ୍ୱରକୁ ଘେନି ॥
କସ୍ତୁରୀ ପଙ୍କେ ନେତ୍ର-ପକ୍ଷୀ ଲିଖି ।
ରାସ ପ୍ରତିମା ପ୍ରାୟେ ଚନ୍ଦ୍ରମୁଖୀ ॥
କୃଷ୍ଣ ନେତ୍ରଭୃଙ୍ଗ କମଳ ମୁଖେ ।
ସକଳ ଦେଖନ୍ତି କୃଷ୍ଣ ସମ୍ମୁଖେ ॥
ଏକ ଏକ ମନେ ମୋଆଗେ ହରି ।
ମୋହରେ ଦୃଷ୍ଟି ଦେଇ ଅନୁସରି ॥
ମୋତେ ଛାଡ଼ି ଚକ୍ଷୁ ନଚଳେ ଆନେ ।
ସକଳେ ମନେ ଏହି ଅଭିମାନେ ॥
କୁଳଳ ରାସ ପ୍ରାୟେ କୃଷ୍ଣଭ୍ରମେ ।
ବେଣୁ ଗୀତରେ ନେତ୍ର ସ୍ଥିରପ୍ରେମେ ॥
କଟାକ୍ଷ ନଖକ୍ଷତ ଚୁମ୍ବଦାନ ।
ଚତୁର୍ଭୁଜ ଚେତ ପାଇ ସନମାନ ॥
କୁଚ ନଖକ୍ଷତେ କେବୋଲେ ଉହୁଁ ।
କୃଷ୍ଣ ବୋଲନ୍ତି ହୋଇଥିଲି କୁହୁ ॥
ପ୍ରତିପଦ ରସ ଏହୁ ଦିଶିଲା ।
କୁଚ ଗିରି ଶିଖେ ଚନ୍ଦ୍ର ଉଦୟା ॥

ଶମ୍ଭୁ ଶିରରେ ଚନ୍ଦ୍ରକୁ ଚଢ଼ାଇ ।
ଯୁଗଳଗଣେ ସଖୀରୋ ବଢ଼ାଇ ॥
ଚୁମ୍ବନେ ତାମ୍ବୁଳ ରଙ୍ଗ କାହାର ।
ଗଣ୍ଡଭେଦ କୋକନଦ ବାହାର ॥
ଅନୁରାଗ-ଫଳ ପ୍ରତ୍ୟକ୍ଷ କଏ ।
କଟାକ୍ଷେ ଜର ଜର ସବୁକାୟେ ॥
ଅନଙ୍ଗ ରଙ୍ଗୀ ଅଙ୍ଗଭଙ୍ଗି ଠାଣି ।
ମନ୍ଦହାସ ଭାବ ପାଶକୁ ଟାଣି ॥
ପୁଣି ସେ ବହୁରୂପ ଆରମ୍ଭିଲେ ।
ଯୋଡ଼ ଯୋଡ଼ ହୋଇ ସୁଖ ଲଭିଲେ ॥
ବସ୍ତାର ବସ୍ତାର ରାସ ମଣ୍ଡଳ ।
ଗୋପୀ ଗୋବନ୍ଦ ଯୁଗଳ ଯୁଗଳ ॥
ଏକ ପ୍ରତାପ କାଳେ କାଳେ ଥାଇ ।
କାର୍ଯ୍ୟ ବେଳେ ଏକୁଁ ଅନେକ ହୋଇ ॥
ଜ୍ଞାନୋତ୍ତ୍ୱ ସର୍ବ ସମାନ ଜଳେ ।
କେବଳ ଶକ୍‌କଣ ରସ ଉଜ୍ଜ୍ୱଳେ ॥
ଏରୂପେ ଗୋପେ ଗୋବନ୍ଦ ସଞ୍ଚାର ।
ଉପାସନା ବଇଷ୍ଣବେ ବସ୍ତର ॥
ଦ୍ୱି ଦୁଇ ଗୋବନ୍ଦ ଦ୍ୱି ଦୁଇ ଗୋପୀ ।
ମଣ୍ଡଳ ବଡି ବୃନ୍ଦାବନ ବ୍ୟାପି ॥
ପାଶକେ କୃଷ୍ଣ ଆରପାଶେ ସଖୀ ।
ଏରୂପେ ସର୍ବେ ଏକକୃଷ୍ଣ ଦେଖି ॥
ଅନନ୍ତ ଶକ୍ତି ନଜାଣେ ଯୁବତୀ ।
ବଗୃରେ ହରି ମୋପାଶେ ଅଛନ୍ତି ॥
ବାମେ ଯେତେ ବାମା ରାଧିକାଗଣ ।
ଦକ୍ଷିଣେ ଯେତେ ଚନ୍ଦ୍ରାବଳୀଗଣ ॥
ଆନେ ନରସିଣ ମୋର ପୀରତି ।
କେମନ୍ତେ ଏକାନ୍ତେ ହେବ ସୁରତି ॥
ଗୋବିନ୍ଦ ସଙ୍ଗେ ଏକାମୋତେ ଦେଖି ।
ତମାଳ କହିବେ ନସହିବ ସଖୀ ॥
ଏମନ୍ତେ ସମସ୍ତେ ଶତେ ବଗୃରେ ।
ଗାଇବା ବାଇବା ନୃତ୍ୟ ପ୍ରଗୃରେ ॥
ନୀଳମଣିରେ ହେମମଣି ମିଶି ।
ଯୋଡ଼ ଯୋଡ଼ରେ ମହାଶୋଭା ବଶି ॥

ବୃନ୍ଦ ବନ ମଧ୍ୟେ ମୋହନ ମାଳା ।
ଆଦ୍ୟେ କାଳନ୍ଦୀ ବେଢ଼ି ହୀରମାଳା ॥
ଦ୍ୱିତୀୟେ ମୌକ୍ତିହାର ନୀରବାଳ ।
ତୃତୀୟେ ବନ ରତ୍ନଛତ୍ର ବୁଲ ।
ଚତୁର୍ଥେ ଖଗମୃଗ ଆଭରଣ ।
ପଞ୍ଚମେ ସେବ ରହି ଦେବଗଣ ॥
ଷଷ୍ଠରେ ସେବ ପାରଷଦ ବୃନ୍ଦ ।
ସପତମେ ରାସ ଗୋପୀ ଗୋବିନ୍ଦ ॥
ଅଷ୍ଟମେ ରାଧା ମାଧବ ଯୁଗଳ ।
ହେମ ପୀଠେ କଲ୍ପ ପାଦପମୂଳ ॥
ପଦ୍ମଯୋନି ମନୁ ତେଜିଲେ ତାପ ।
ଦେଖିଲେ ଗୋପୀନାଥ ବହୁରୂପ ॥
କରକେ ସଖୀ ଆରକରେ ହରି ।
ଏରୂପେ ପୁଣି ଧରି ନୃତ୍ୟକରି ॥
ବାହୁ ବଲ୍ଲରୀ କନ୍ଧ କନ୍ଧେଦେଇ ।
ଭ୍ରମନ୍ତି ରମନ୍ତି ଗୀତକୁ ଗାଇ ॥
ରମଣୀ ଲବଣୀ ପ୍ରାପ୍ତ ତରଳ ।
ମତ୍ତକ ଚେତ ରତ୍ତକ ସରଳ ॥
ଗୋବନ୍ଦ ଅଙ୍ଗସଙ୍ଗ ଗନ୍ଧ ଘ୍ରାଣେ ।
କନ୍ଧ ବାହୁରେ ଆକର୍ଷି ଆଘ୍ରାଣେ ॥
ନୃତ୍ୟ ରସରେ ଶ୍ରମପାଇ ଗୋପୀ ।
କମଳ ମୁଖେ ଝାଳ ଟୋପି ଟୋପି ॥
ନିଜ ଅଞ୍ଚଳେ ଗ୍ଲାପି ହରି ବଞ୍ଚେ ।
ଚୁମ୍ବନେ ଅଧର ଅମୃତ ପିଞ୍ଚେ ॥
କୁଚ ଅଞ୍ଚଳ ରୂଳ ଧୂଳି ଝାଡ଼େ ।
ଲାବଣ୍ୟ ଗୃହ୍ନି ପଞ୍ଚଶର ପୀଡ଼େ ॥
ସଖୀ କନ୍ଧରୁଁ ଆରକର ଆଣି ।
କୃଷ୍ଣ ଆଲିଙ୍ଗନ କଲେ ରମଣୀ ॥
ସେ ଯାହାକାନ୍ତ ପାଶରେ ମିଳିଲେ ।
ଲୁଚି କୁଞ୍ଜରେ ବସି ବିଳସିଲେ ॥
କାହାର କଥା ନଜାଣନ୍ତି କେହି ।
କୃଷ୍ଣ ଯେହ୍ନ ଏକା ରମଇ ମୁହିଁ ॥
ସଉଭାଗ୍ୟ ଗର୍ବ ସକଳ ମନେ ।
ଉଜ୍ଜ୍ୱଳ ରାସିରେ ସେ ବନେବନେ ॥

ଯେତେନାରୀ ହରିଚିତ୍ତେ ମୂରତି ।
ଏକେକ ନିଭୃତ କୁଞ୍ଜେ ମୂରତି ॥
ଏକାନ୍ତେ ଦମ୍ପତି ବିବିଧ ବନ୍ଧେ ।
କୁସୁମବାଣ ଘନଘନ ବିନ୍ଧେ ॥
ରତି ରସରେ କିଶୋର କିଶୋରୀ ।
ପ୍ରେମଭରେ ଦେହବୁଦ୍ଧି ବିଶୋରି ॥
ଏକ ଆରକେ ରତିରଣେ[illegible] ।
କୃଷ୍ଣ ଅଙ୍ଗସଙ୍ଗେ ନବ ବନିତା ॥
ଚିର ବିଚ୍ଛେଦ ଖେଦ ଉଚ୍ଛେଦକୁ ।
ବେଷ୍ଟିଲେ ବାଳୀ ଲଭି ଗୋବିନ୍ଦକୁ ॥
ମତି ଅତିଶାନ୍ତ ନିବିଡ ରତିରେ ।
କାନ୍ତାକାନ୍ତ କାନ୍ତକାନ୍ତା ଗଣରେ ॥
ଚିର ମନୋରଥ ପୂର୍ଣ୍ଣ ହୋଇଲେ ।
ମନ ମଦନ ଏ ତୋଷ ନୋହିଲେ ॥
ଅନୁରାଗେ ବେଳୁଁ ବେଳ ବଢ଼ିଲେ ।
ଉରଜେ ଲଗାଇ ଭୁଜେ ଭିଡ଼ିଲେ ॥
ଏମନ୍ତ କୁଞ୍ଜେ କୁଞ୍ଜେ ନାନାକେଳି ।
ପ୍ରିୟା ଅଧୀନ ହୋଇ ବନମାଳୀ ॥
କାମେ ରସାଇଣ ପ୍ରେମେ ଭସାଇ ।
ବେଶ କରନ୍ତି ଯାନୁରେ ବସାଇ ॥
ବଦନ-ଦର୍ପଣେ ଚୁମ୍ବି ହସିଲେ ।
ସୁବାସ କୁସୁମ କେଶେ ଖୋସିଲେ ॥
ମୋତି-ସୀମନ୍ତି ଚନ୍ଦ୍ରଝମ୍ପା ଖଞ୍ଜି ।
ନଳିନ-ନୟନେ ଅଞ୍ଜନ ରଞ୍ଜି ॥
ଚିତ୍ରୁ ଭାଲେ ଶୋଭି ଚନ୍ଦ୍ର ଚନ୍ଦନ ।
ଅବଲୋକନେ ମଦନ ବର୍ଦ୍ଧନ ॥
ଅଳକା ରେଖି ମକରୀ ଲିହିଲେ ।
ତିଳଫୁଲ ନାସେ ମୋତି ବିହିଲେ ॥
ବାମେଣ କମଳ କେଶର ଗୁଣା ।
ଦକ୍ଷିଣେ ଗଜମୋତି ନାକଚଣା ॥
କର୍ଣ୍ଣରେ ମଲ୍ଲୀକଢ଼ି ଫୁଲଖଞ୍ଜି ।
ହୀରା ହାଟକ ତାଟଙ୍କ ବିରାଜି ॥
ଅଧର ସୁରଙ୍ଗ ତାମ୍ବୁଲ ଭୁଞ୍ଜି ।
ଚିତ୍ରୁ ଚିତ୍ରପଦ ଗଳାରେ ଖଞ୍ଜି ॥

ଲମ୍ବାଇ ନାନାବର୍ଣ୍ଣ ହାର ମାଳ ।
ପଡ଼ାବଳୀ ଲିହି କୁଚ ଯୁଗଳ ॥
ଯାହ ମନକୁ ଯେଉଁବାସ ରୁଚି ।
ପିନ୍ଧାଇ ହରି ଯେଝାବଳ ଆଞ୍ଚି ॥
କଟିମେଖଳା କିଙ୍କିଣି ଖଞ୍ଜିଲେ ।
ପୁଣିହିଁ କାମରଙ୍କୁ ସାଜିଲେ ॥
ଭୁଜରେ ତାଡ଼ଚୂଡ଼ି ରତ୍ନମୁଦି ।
ପାଦେ ନୂପୁର ରତି ଅନୁବାଦୀ ॥
ସୁନ୍ଦରେଖି ଅଳତା ଝୁଣ୍ଟିଆ ଦେଇ ।
ହସ ହସ ହୋଇ ବେଶକୁ ଚୁମ୍ବି ॥
କାହାକୁ କରି ନୃତ୍ୟକାରୀ ବେଶ ।
କୁଞ୍ଚ କାଚନ୍ତି କାଞ୍ଚ ଉରଦେଶ ॥
ଆଗ ଓଢ଼ୋଳ ହେମରତ୍ନ ଝୁମ୍ପା ।
ପିଠି ଲମ୍ବେ ବେଣୀ ମୁକୁତା ଥୋପା ॥
ମୋତି ପୁଞ୍ଜି ପୁଞ୍ଜି ବେଢ଼ି ଅନେକ ।
ମୁଖ ମଣ୍ଡଳ କୁଣ୍ଡଳ ଝଲକ ॥
ଏମନ୍ତେ ବେଶକରି ଏକେ ଏକେ ।
ଆବର ଝସକେତନ ଉଦ୍ରେକେ ॥
କୁଞ୍ଜରୁ ବାହାର ହୋଇ ମିଳିଲେ ।
ଗତି ମତିରେ ମଣ୍ଡଳ ବୁଲିଲେ ॥
ପଞ୍ଚମସ୍ୱରେ ଆଳାପ ଉଲ୍ଲାସେ ।
ପୂରଇ ସ୍ୱର୍ଗମର୍ତ୍ତ୍ୟ ପାତାଳରେ ॥
ଗନ୍ଧର୍ବ ବିଦ୍ୟାଧରୀ ଶୂନ୍ୟତେକ ।
ସ୍ୱରେ ମନ୍ତି ଗୋପେ ଗୋବିନ୍ଦ ଭଜି ॥
ନାଗ ପତ୍ନୀମାନେ ଶୁଣନ୍ତି ଧୀରେ ।
ନିଶ୍ଚଳ ଖଗମୃଗ ବନଚରେ ॥
ନୃତ୍ୟକାରୀ ବେଶ ଗୋପୀ ଗୋପାଳ ।
ଯୋଗ ମାୟାରେ ଯୁଗଳ ଯୁଗଳ ॥
ମର୍ଦ୍ଦଳ ତାଳ କଂସାର ବଜାଇ ।
ମହା ରାସରେ ମନକୁ ମଜାଇ ॥
କଙ୍କଣ କିଙ୍କିଣି ପାଦ ନୂପୁର ।
ତାଳମାନ ବାଜେ ଏକଇସ୍ୱର ॥
ଏମନ୍ତେ ଗୋପୀଗଣ ନୃତ୍ୟ ଦେଖି ।
ରାଧା ମାଧବ ହୋଇ ମନେସୁଖୀ ॥

ମୂର୍ତ୍ତିମନ୍ତେ ବାଳୀ ରାଗ ଉଚ୍ଚାରି ।
ଅନୁଗତେ ହରି ତାଳ ଦ୍ରୁତରି ॥
ସଙ୍ଗୀତ ସାହିତ୍ୟ ମାନ୍ତ ବିଧାନେ ।
ମହା ରାସରେ ସେହି ସନ୍ନିଧାନେ ॥
ଗୋପୀଙ୍କ ସଙ୍ଗେ ହରି ଉଚ୍ଚେ ଗାଇ ।
ସେ ରାଗ ଅନୁରାଗେ ସ୍ରବଯାଇ ॥
କାଷ୍ଠ ପାଷାଣ ତରଳ କାତର ।
ଦେହ ଧରି ଜୀବ କେତେ ମାତର ॥
ପୁଣି ସେ ଗୋପୀ ଆନ ରାଗ କରେ ।
ସେ ସ୍ୱରହରି ମୁରଲୀରେ ଧରେ ॥
ବୀଣା ରବ ତାଳ ମାଦଳ ବାଇ ।
ବଂଶୀ ଅନୁଗତ ସୁସ୍ୱରେ ଗାଇ ॥
ନବ ନବ ରାଗ ଗୀତର ତାନ ।
କେତେ କାହୁଁ କରିଥିଲେ ଯତନ ॥
କିଙ୍କିଣୀର କର୍ଣ୍ଣେରେ ଘେନିବା ମାତେ ।
ପୁଲକ ଆର୍ଦ୍ର ସ୍ୱେଦ ଅଶ୍ରୁ ରାଜେ ॥
ସେ ସ୍ୱର ମାଳା ବାଳା ଗଳା ଶୋଭା ।
ହୃଦୟ ଭେଦ କୃଷ୍ଣ ମନ ଲୋଭା ॥

ଗୀତ । ରାଗ ରତ୍ନମାଳା—କେଦାର

ମାତିଲ ରାସ ରସ ବାତୁଳରେ ।
ଆତଲ ପ୍ରେମ ଜଳ ପାତାଳରେ ॥
ରମିତ ସୁଧାକର ଯାମିନୀରେ ।
କାମିନୀ କାମ ପ୍ରିୟା ଭାମିନୀରେ ॥
ଆଗତ ବୃନ୍ଦାବନ ଆଗତରେ ।
ନାଗର ଅଙ୍ଗତ ସଙ୍ଗତରେ ॥
ନାଚତ ଆଞ୍ଚତ କୁଚ ଉରରେ ।
ସଙ୍କୋଚ କାଞ୍ଚଲ ମୁଞ୍ଚକରେ ॥
ଗୋପୀଭାବ ଦେଖି ଗୋବିନ୍ଦ ବୋଲି ।
ଶ୍ରୀଅଙ୍ଗ ଭୁଜ ଦେଇ ଉରଜେ ଗ୍ରହିଲ ॥
ସେ ବନମାଳୀ ଶମ୍ଭୁଙ୍କୁ ସେବେ କି ।
ପାଣି କମଳ ଦେଇଣ ଭାବେକି ॥
ଅଙ୍ଗୁଳି ଚମ୍ପା ନଖ କଳ ପାତି ।
ଖଣ୍ଡଚନ୍ଦ୍ର ରେଖା ମଣ୍ଡନେ ପ୍ରୀତି ॥

ଚିବୁକ ଧରିବା ଚୁମ୍ବନ ଗଣ୍ଡେ ।
ନାନାରସେ ରାସମଣ୍ଡଳୀ ମଣ୍ଡେ ॥
ମଦନ ବର୍ଦ୍ଧନ ଗତି ଝଟକେ ।
ସର୍ବଗୋପିକା ଚରିତ ଅଟକେ ॥
ମଧ୍ୟରେ ହେମ ପୀଠ କଳ୍ପଦ୍ରୁମ ।
ମଣ୍ଡଳୀ ବେଢ଼ି ନୃତ୍ୟ ଅନୁପମ ॥
ଅଦ୍ଭୁତ ଉପମ କୃଷ୍ଣ ଚରିତ ।
ଚନ୍ଦ୍ର ଉଜ୍ଜ୍ୱଳ ଅମୃତ ପୂରିତ ॥
ଗୋପୀ ପୟୋଧର ମନ୍ଦର ଧରି ।
ମଣ୍ଡଳ ଭ୍ରମିଣ ନର୍ତ୍ତନ କରି ॥
ଏ ସୁଧା ସିନ୍ଧୁ କରନ୍ତି ମନ୍ଥନ ।
ଜାତ ଏରସ ରସ ଅକଥନ ॥
ଉଚ୍ଚସ୍ୱରେ ଧ୍ୱନି ମଣ୍ଡଳୀ ବୁଲି ।
ଅନଙ୍ଗ ରଙ୍ଗ ତରଙ୍ଗ ଉଛୁଳି ॥
ଏତେ ପିୟୂଷ ସାର ରାସ ରସ ।
ଦେବତାମାନେ ନ ପାଇଲେ ଲେଶ ॥
ଗୋପୀ ପ୍ରେମଭାବେ କେ ପାରିଷଦ ।
ସେ ଭକ୍ତ ଜନେ ଏରାସ ସମ୍ପଦ ॥
ଏମନ୍ତେ କୃଷ୍ଣ ଅଙ୍ଗ ସଙ୍ଗ ବାଳୀ ।
କୁଞ୍ଜେ କୁଞ୍ଜେ ଘେନି ବିବିଧ କେଳି ॥
ଗର୍ବ ବହ୍ନିଣ ମନେ ଏକେ ଏକେ ।
କୃଷ୍ଣଙ୍କୁ ରମେ ଭାଷନ୍ତି ଉତ୍ସୁକେ ॥
ହେ ନାଥ ଆଜ ପ୍ରେମ ଲୀଳା ରସ ।
ଏଥିରୁ ଆଉ କି ଅଛି ସରସ ॥
ଏହିତ ଜଗତେ ପରମ ଧନ ।
ନାହିଁ ସମ ପାଇ ନିଶ୍ଚଳ ମନ ॥
କୃଷ୍ଣ କହନ୍ତି ମଧୁର ହାସରେ ।
ଶୃଙ୍ଗାର ଉଜ୍ଜ୍ୱଳ ସର୍ବ ରସରେ ॥
ଇକ୍ଷୁ ଦୁଗ୍ଧ ବତ୍ ଏହୁ ରସ ।
ପୀଡ଼ି ମନ୍ଥନରେ ରସ ସରସ ॥
ବେଳୁଁ ବେଳ ମାକ ସ୍ୱାଦକୁ ଲଭେ ।
ଶୃଙ୍ଗାର ସେହି ରୂପେ ବିପ୍ରଲମ୍ଭେ ॥
ନିଜ ଧନ ଯେସନେ ଦଇବେ ହଜେ ।
ଅନୁବରତେ ଚିତ୍ତ ଦେଇ ଖୋଜେ ॥

ପାଇଣ ରଖି ଅଧିକ ଯତନ ।
ନିରତେ ଦେଇଣ ମନ ନୟନ ॥
ରାସରୁ ରସ ଅଧିକ ସଜନୀ ।
ବିଳସ ଶରଦ ଚନ୍ଦ୍ର ରଜନୀ ॥
କଥାରାବେ ବାଳୀ ବିଳାଇ ମତି ।
ଅଧିକ ପ୍ରେମ ଯହିଁ ସେହି ପ୍ରୀତି ॥
ଏମନ୍ତେ ଏକଠୁଁ ଶ୍ୟାମଘନ ।
ରାଧାଙ୍କୁ ଘେନ ହେଲେ ଅନ୍ତର୍ଦ୍ଧାନ ॥
ନଦେଖି ପାଶେ ଚଉକତ ଲୋଡ଼ ।
ନ ପାଇ ବାଳୀ ଶୋକ ଜଳେ ବୁଡ଼ ॥
ଲୁଚୁ ଲୁଚୁ କାଳ କେଳି କି ମଣି ।
ଲୋଡ଼ନ୍ତି ଲତା ଅନ୍ତେ ପୁଣ ପୁଣି ॥
କାହିଁ ନପାଇ ଚକିତ ହୋଇଲେ ।
ମଦନ ଖେଦି ଆରତେ ଧାଇଁଲେ ॥
ହେ ନାଥ ଆମ୍ଭଙ୍କୁ ନିବେଶି ବନେ ।
କେଣେ ଗଲ କି କି ବିଚାରି ମନେ ॥
ବନ ଜୀବ ଧ୍ୱନି ଶୁଣି ଗହନ ।
ଭୟ କରୁଅଛୁଁ ଆସ ବହନ ॥
ନୟନ ମନ ଶ୍ୟାମଘନ ବିନୁ ।
ଜୀବନ ଧରି ନପାରଇ ତନୁ ॥
ଗୋବିନ୍ଦ ଚନ୍ଦ୍ର ବଦନ ନଦେଖି ।
କାମିନୀ ଗଣ କୁମୁଦିନୀ ଦୁଃଖୀ ॥
ଅନେଙ୍ଗ ବିନ୍ଦ ରସ ରଙ୍ଗ ବଢ଼ି ।
ଏକାବେଳେ କେତେ ଦେଇଛ ଇଡ଼ି ॥
ମହାଭୟରୁ ବେଳୁବେଳ ରଖି ।
ଏବେ ଆଣି ଘୋର ବନେ ଉପେକ୍ଷି ॥
ମଦନ-ନଦୀ ବଢ଼ିରେଣ ଭାସି ।
କଲ୍ପ ଦ୍ରୁମ ବୋଲି ଧରିଲୁଁ ଆସି ॥
କୂଳେ ନରଖି ଗଣ୍ଡରେ ଭସାଇ ।
ନଶୁଣି କାହିଁଛି ଗଛେ ବସାଇ ॥
ହରିଣ ନୟନୀ ବେଣୁ ଗୀତରେ ।
ମତ୍ତରେ ଅଇଲୁଁ ବନ ଭିତରେ ॥
ନୀଳମଣି ତନୁ ଉଜ୍ଜ୍ୱଳ ଛବି ।
ନିଷ୍ଠୁରେ ରହିଣ ଗୃହିଣ ଭାବ ॥

କାମ କଉତ ନାରାଜକୁ ପେଶି ।
ଜୀବ ନେବ ଷୋଭ ନାହିଁ ସୁକେଶୀ ॥
ଉଜ୍ଜ୍ୱଳ ପ୍ରଦୀପ ହେଲେ ଅନ୍ତର ।
ଏଘେନ ହରିଣ ନେହୀ କାନ୍ତର ॥
ଏ ରୂପେ ବିଳାପ କରି ଗାଇଲେ ।
ସମସ୍ୟା ବର୍ତ୍ତି ଶବ୍ଦ ନପାଇଲେ ॥
ସଭୟେ ସେଠାରୁ ଉଠି ଚଳିଲେ ।
ଯମୁନା କୂଳ ବନରେ ମିଳିଲେ ॥
କେଳି କୁଞ୍ଜେ କୁଞ୍ଜେ ଲୋଡ଼ନ୍ତି ପଶି ।
ନ ଦେଖି ଦେଖିଲ ଯତନେ ଘସି ॥
ଯୁବତୀ ତେଜିଲା ଯେଉଁ ପୁରୁଷ ।
ଜଗତେ ତାର କେଉଁ ପଉରୁଷ ॥
କି କି ଦୋଧେ କଲୁଁ କହ ତାହାର ।
ସବୁଙ୍କୁ କମ୍ପା କାମ ହାତେ ମାର ॥
କେ ବୋଲେ ଅବିବେକ କାମରାଜା ।
ଅବଳା ପରକାରେ ତା ତରଜା ॥
ଆମ୍ଭର ପ୍ରାୟ ହରି ହୃଦେ ଥାନ୍ତା ।
ସେ କମ୍ପା ଆମ୍ଭକୁ ତେଜ ଯାଆନ୍ତା ଏ
କେବଣ ଗୋପୀ ନିବେଶି ତମାଳ ।
ବୋଲେ ଏହିତ ମଦନ ଗୋପାଳ ॥
ପବନେ ଶାଖା ଯା ଅବନୀ ଲୋଟେ ।
ଦେଖ ହରି ପାଦ ଧୂଳି ସାଉଣ୍ଟେ ॥
ଆମ୍ଭ ବିରହ ବିଚ୍ଛେଦେ ଆରତ ।
ହେ ସଖୀ ତୋଳି ପଇର ବାରତ ॥
ବିଧିଲ କୁସୁମ ଅଧର ବୋଲି ।
ଚୁମ୍ବନ ଦେଇ ରୋଷେ ବୋଲେ ବାଳୀ ॥
ଗତ ମଧୁର ଅଧରେତ କାହିଁ ।
ଆମ୍ଭଙ୍କୁ ଲେଞ୍ଚୁଲରୁ ଗଲା ଯହିଁ ॥
କେଉଁ ନାରୀ ଜଳେ କମଳ ଦେଖି ।
ହରିମୁଖ ମଣି ଦେଖାଏ ସଖୀ ॥
ଜଳରେ ଲୁଚଇ ତନୁ ରଖାଇ ।
ସଙ୍କୁଚିତେ ରହି ମୁଖ ଦେଖାଇ ॥
ଯାନ୍ତେ ପଣନ୍ତେ କା କଣ୍ଟକ ଲାଗି ।
ହରି ଧରେକ ମଣି ଅନୁରାଗୀ ॥

ଘୁଡ଼ ଘ୍ରାଡ଼ ବୋଲି ମୁଖ ପାଲଟୀ ।
ଯାଯା ହରି ଯାହାସଙ୍ଗେ ଲମ୍ପଟୀ ॥
କୃଷ୍ଣଙ୍କୁ ଦେଖିଲା ପରାୟେ ମଣି ।
କେତେହିଁ ଗତ ଅନୁରାଗ ଭଣି ॥
ରଙ୍ଗ ମାଗୁଥାଏ ପଥ ଆବୋରି ।
ବଟନାଇ ବଦନେ ଦେଇ ଅଙ୍ଗୁଳି ॥
ନାହିଁ ନାହିଁ କଲେ ରୋଧି ଉଗାଳି ।
ପଣନ୍ତ ଧରି ପଦେ ଲୋଟିଗାଳି ॥
ସେ ଅନୁରାଗ ଦେଖିଥାଇଁ ତେବେ ।
ଦଇବ ଢପଗ୍ରତ କଲା ଏବେ ॥
କେ ବୋଲେ ଲଣି ଦ୍ୱାରଫେଣ୍ଡ ପଶ ।
ଉରେକରେ ପାଦ ଆଉଁସି ବସ ॥
କଲ୍ପାଭଙ୍ଗ ଗୋପୀ ଗୋଇଠା ଖାଅ ।
ବନେ ଆଣି ସେ ମହିମା ଦେଖାଅ ॥
ଯମୁନାଘାଟ ମଥୁରା ବାଟକୁ ।
ଜଗି ବସିଥାଅ ଆମ୍ଭ ଭେଟକୁ ॥
ଆଦର କର ପାଦର ରେଣୁକୁ ।
ଲେଟ୍ଟୁବନେ ପୋଟ୍ଟୁଦେଲ ତନୁକୁ ॥
କେ ବୋଲେ ଆଜକ ପୁରକୁ ଯିବୁଁ ।
ନ ଦେଖିଲେ ବନେ ଜୀବନ ଦେବୁଁ ॥
ବାଳକ କାଳେ ବନାଣି ପୂତନା ।
ଯୁବାକାଳେ ନାଶି ଏତେ ଅଙ୍ଗନା ॥
ନାନାମତେ ଭଷି ଲୋଡ଼ନ୍ତ ବନେ ।
ବାନ୍ତୁଡମନ୍ତ ହୋଇ ଜଣେ ଜଣେ ॥
କେଉଁ ଗୋପୀ କୃଷ୍ଣ ପରାୟେ ଭୁଲି ।
ବୋଲଇ ଦେଖ ମୁହିଁ ବନମାଳୀ ॥
କାହାକୁ ଆଉ ଦୁଃଖ ପଡ଼ଲେଡ଼ି ।
ମୋର ଶିରରେ କୁସୁମ ନଉଡ଼ ॥
ତରୁତଳେ କେହୁ ତ୍ରିଭଙ୍ଗି ଛନ୍ଦେ ।
ଡାଳ ଖଣ୍ଡଧରି ମୁରଲୀ ବନ୍ଧେ ॥
ମନ୍ଦହାସ ଭାଷେ ମୁଁ ପୀତବାସ ।
କମ୍ପା ତେଜିଲ ପୁରପ୍ରତି ଆଶ ॥
ମୋ ବୋଲକରି ଗୋ ଲେଉଟି ଯାଅ ।
ନିଜ ପତିଙ୍କ ସେବାକରି ଥାଅ ॥

କେ ବାସ କାଢ଼ି ବୃନ୍ଦରେ ପଦ୍ଧଡ଼ ।
ହରିମୁହିଁ ବକାସୁର କଗୃଡ଼ ॥
ଲତାଧରି କେ ଘୋନଫାଳ କରି ।
ବୋଲଇ ହରି ମୁଁ ବକାକୁ ଚିରି ॥
କୁଞ୍ଜେ ପଶି କେହୁ ଉପରେ ଉଠି ।
ବୋଲେ ବାହାର ଅଘାଶିର ଫୁଟି ॥
ଉନ୍ନେ ରହି କେହୁ ନୃତ୍ୟକରଇ ।
ହରିମୁଁ କାଳୀ ମଉଳି ଦଳଇ ॥
ଉପରଣି ବାସ ଟୋଳି ବେକରେ ।
ବୋଲେ ମୁଁ ହରି ଗୋବର୍ଦ୍ଧନ ଧରେଁ ॥
ଏଥିତଳେ ଆସି ବହନ ଲୁଚ ।
ଇନ୍ଦ୍ର ବଜ୍ରଘାତୁଁ ବେଳେକ ବଞ୍ଚ ॥
ଏମନ୍ତେ ଗୋପୀ କୃଷ୍ଣଗୁଣ ବହି ।
ବୁଲନ୍ତେ ବନେ ଏ ମହିମା କହି ॥
ଯାନ୍ତେ ଦେଖିଲେ ମୃଗଯୂଥ ବନେ ।
ନିଶ୍ଚଳ ଚକ୍ଷୁ ବିମୃଗନ୍ତ ମନେ ॥
ଏମାନେ କୃଷ୍ଣଙ୍କୁ ଅଛନ୍ତି ଦେଖି ।
ତେଣୁ ସ୍ଥିରକରି ନିଶ୍ଚଳ ଆଖି ॥
ଏଣୁ ଗୋ ଆସ ହରିଙ୍କି ଭେଟିବା ।
ଠିକ ଠିକକରି ବଂଶୀ କାଟିବା ॥
ଆଗ ହୋଇ ଜଣେ ଗଲେ କଢ଼ାଇ ।
ଦଶବିଂଶ ହୋଇ ପଛେ ଗୋଡ଼ାଇ ॥
ଏମନ୍ତ ହୋଇ ଯୂଥ ଯୂଥ ବୁଲେ ।
ତରୁ ଲତାକୁ ପୁଚ୍ଛନ୍ତି ଆକୁଳେ ॥
ବେଲ ବକୁଳ ରସାଳ କପିତ୍ଥ ।
ଦେଖିଥିଲେକି ଆମ୍ଭ ପ୍ରାଣନାଥ ॥
ନିମ୍ବ କଦମ୍ବ ପନସ ପଳାଶ ।
କୃଷ୍ଣ କଥାକହି କରଉଲ୍ଲାସ ॥
ହେ ନାଗେଶ୍ୱର ପୁନାଙ୍ଗ ଅଶନ ।
ଏ ପଥେ ଗଲେକି ପୀତବସନ ॥
ଚମ୍ପକ ଅଶୋକ କନ୍ଦ ମନ୍ଦାର ।
ଅନ୍ତଃ କୁଟୀର ଗମ୍ଭୀର ଅନ୍ଧାର ॥
ଆମ୍ଭ କୃଷ୍ଣକୁ ଲୁଚାଇ ଥୋଇଛ ।
ତେଣୁ ସେ ଏତେ ହରଷ ହୋଇଛ ॥

ଅତି ସରଧରେ ମଧ୍ୟ ବିରସ ।
କୃଷ୍ଣଙ୍କୁ ଦେଖି ଗୁପତେ ବିଳସ ॥
ମାଳତୀ ସେବତୀ ମାଧବୀ ମଲ୍ଲି ।
ମଲ୍ଲିଁ ନା ଦେଖ ବନେ ବୁଲି ବୁଲି ॥
ଜାଣିକି ତୁମ୍ଭେ ହରିଗଲେ କେଣେ ।
କହିଦିଅ ବାଟ ଭେଟିବୁଁ ଯେଣେ ॥
ହେ ଜାତି ଦେଖ ପତିକୁଳ ଏଡ଼ି ।
ଭଜିଲୁଁ ବନେ ହରିଗଲେ ଛାଡ଼ି ॥
ତୁମ୍ଭେଯେ ତାଙ୍କ ନଖ ଶୋଭାଦିଶ ।
କେଣେ ଗଲେହରି କହ ସନ୍ଦେଶ ॥
କୁମୁଦ କୁମୁଦ କର ଜଗତେ ।
ଜାଣିବା ଭେଟାଅ ହରି ସଙ୍ଗତେ ॥
ତୁଳସି ତୁମ୍ଭେଯେ ଗୋବିନ୍ଦ ପ୍ରିୟେ ।
ଭେଟାଅ ଆମ୍ଭରେ ହୁଅ ସଦୟେ ॥
ତୁମ୍ଭକୁ ଦେନ ମନକୁ ଗ୍ରହିଲ ।
ଆମ୍ଭକୁ ତାହାଙ୍କୁ ଦିଅ ଧରାଇ ॥
ଏମନ୍ତେ ଗମନ୍ତି ବନ ଅନ୍ଧାରେ ।
ନନ୍ଦନେ ପଥ ମଦନ-ଅନ୍ଧାରେ ॥
ଲେଉଟି ତହିଁ ବଢ଼ାଇଲ ଗମନ୍ତେ ।
ଚରଣ ଚିହ୍ନ ଦେଖିଲେ ଯେମନ୍ତେ ॥
ଧ୍ୱଜବଜ୍ର ଯବ ରଥାଙ୍ଗ ମୀନ ।
ବୋଲନ୍ତି ଏତ କୃଷ୍ଣ ପାଦଚିହ୍ନ ॥
ପୁଣି ପାଦେକ ଉପରେ ପାଦେକ ।
ତହିଁର ଚିହ୍ନତ ଅଛି ଅନେକ ॥
କେ ବୋଲେ ଯୁବତୀ ଜନ ସଙ୍ଗରେ ।
ତେଣୁ ସେ ପାଦେକ ପାଦ ଉପରେ ॥
ଧନ୍ୟ ତରୁଣୀ ଜୀବନ ତାହାର ।
ହରି ଯେନ ଏକା କଲେ ବିହାର ॥
ଅଶେଷ ପୁଣ୍ୟ କରିଅଛି ପୂର୍ବେ ।
ଗୋବିନ୍ଦ ବଶ ଏକାତାର ଭାବେ ॥
ଏମନ୍ତେ ପାଦ ଅନୁସରି ଗଲେ ।
କୁନ୍ଦମାଳା ପଡ଼ିଅଛି ଦେଖିଲେ ॥
ଧାଇଁ ଧରି ଏକ ଆରେଦେଖାଇ ।
ଯାହାକୁ ସଖିଗୋ ନେଲେ ଶିଖାଇ ॥

ଏଠାରେ ବସି ତା କବରୀ ଖୋସି ।
ଉଲଗି ମାଳଗୋ ପଡ଼ିଛି ଖସି ॥
ହରି ଅଙ୍ଗସଙ୍ଗେ ଗନ୍ଧ ଏହାର ।
କେମନ୍ତେ ସୁବାସ ତନୁ ତାହାର ॥
କେବୋଲେ ତାଙ୍କୁ ଜାଣିବା କେମନ୍ତେ ।
କେବୋଲେ ନାହିଁ କେ ଆମ୍ଭ ସଙ୍ଗତେ ॥
କେ ବୋଲେ ଯୂଥ ଯୂଥ ବ୍ରଜେଶ୍ୱରୀ ।
ବୃନ୍ଦାବନ ଯାକ ଅଛନ୍ତି ପୂରି ॥
କେଅବା କାହିଁ ଜାଣିବା କେମନ୍ତେ ।
ସର୍ବଶ୍ରେଷ୍ଠ ସେହୁ ଜାଣ ଏମନ୍ତେ ॥
ଲଳିତା ବିଶାଖା ରାଧା ବିଚ୍ଛେଦେ ।
ଅନୁସରି ଲେଉଡ଼ି ଖେଦ ବିଷାଦେ ॥
ରଥ ପର୍ବତ ଦେଖି ପାଦଚିହ୍ନ ।
ଜାଣି ହରଷ ହୋଇ ମନେମନ ॥
ଶ୍ରୀକୃଷ୍ଣ ସଙ୍ଗେ ଛନ୍ତି ଆମ୍ଭସଖୀ ।
ଜାଣିବା ପାଇଁ ମାଳ ଗଲେ ରଖି ॥
ମାଗିସେ ଗୋପୀଙ୍କି ମାଳ ଯେନଲେ ।
ଗୁନ୍ଥିଗଲା କୁନ୍ଦମାଳ ଚିହ୍ନିଲେ ॥
ଉଜ୍ଜ୍ୱଳ ରଜନୀ ନିର୍ମଳ ବୋଲି ।
ଯୋଡ଼ ଯୋଡ଼ ପାଦ ଦେଖନ୍ତି ବାଳୀ ॥
ଦେଖ ଛଡ଼ାଫୁଲ ପଡ଼ିଛି କେତେ ।
ସୁଗନ୍ଧ ଲୋଭେ ଭ୍ରମେ ଅଳିଗତେ ॥
କୁଚ କସ୍ତୁରୀ ପତ୍ରାବଳୀ ଲିହି ।
କର କର୍ମ ବାରେ ପଡ଼ିଛି ମସି ॥
ଏଠାରେ ପାଦ ଦେଇଛି ଅଳତା ।
ଶ୍ରୀହରି ମନ ମୋହିଲା ବନିତା ॥
ବେଶକରି ପ୍ରିୟା ମନ ମଜାଇ ।
ଅଧର ରଙ୍ଗ ତାମ୍ବୁଲ ଭୁଞ୍ଜାଇ ॥
ପାନପିକ ଦେଖ ପଡ଼ିଗୋ ଅଛି ।
ନାଗର ମୋହିଲା ଭଲ ମୃଗାକ୍ଷୀ ॥
ଏଠାରେ ବାଳୀ କରିଛି ଶୟନ ।
କୋମଳ ପଲ୍ଲବ ଶଯ୍ୟା ଆସନ ॥
କାହ୍ନୁ ଜାନୁକୁ ସୀମନ୍ତେ ଦେଇ ।
ଉଠି ଏଠାରୁ ପୁଣ କେଣେଯାଇ ॥

ଏବନେ କିଅବା ହେଲ ବିଚ୍ଛେଦ ।
ଏକାନ୍ତ ପଡ଼ିଛି ଗୋବିନ୍ଦ ପାଦ ॥
ଗଭୀର ପୟୋର ଚିହ୍ନ ନିବେଶି ।
ଚଳି ନପାରିବା କନ୍ଦରେ ବସି ॥
କେ ବୋଲେ ରସିକ ଶ୍ରୀବନମାଳୀ ।
ଖେଳନ୍ତେ ଲାଗନ୍ତା ଅଳତା ଧୂଳି ॥
ପ୍ରିୟାଭାବେ ହାସରସେ ରସାଇ ।
ନେଇଅଛି ତାଙ୍କୁ କନ୍ଧେ ବସାଇ ॥
ହସ୍ତ ନପାନ୍ତେ ହରି ଡେଙ୍ଗେ ଡେଙ୍ଗେ ।
ଚରଣ ଅଗ୍ର ଦେଖ ଭୂମିଭାଗେ ॥
ଫୁଲ ତୋଳି ହରି ମଉଳି ମଣ୍ଡି ।
ଦେଖ ଏଠାରେ ପଡ଼ିଅଛି ଗୁଣ୍ଡି ॥
ଏଥି ଅନନ୍ତରେ ଶୁଣ ଚରିତ ।
ରାସ ରସ ଏ ଅମୃତ ପୂରିତ ॥
ନଳ କୁବର ପୁଚ୍ଛନ୍ତି ଶ୍ରୀମୁନି ।
କୃଷ୍ଣ ଯେ ଗଲେ ରାଧିକାଙ୍କୁ ଘେନି ॥
କି କି ଲୀଳା କଲେ ବନେ ଏକାନ୍ତେ ।
ସକଳେ ଭେଟ ହୋଇଲେ କେମନ୍ତେ ॥
ଶୁଣିତ ମୁହିଁ ନୁହଇ ଭାଜନ ।
ମହନ୍ତଙ୍କର ଅଧମ ମାର୍ଜନ ॥
ନାରଦ ଧ୍ୟାନେ ବୃନ୍ଦାଙ୍କୁ ବନ୍ଦନ ।
ବୋଲନ୍ତି ଶୁଣ କୁବେର ନନ୍ଦନ ॥
ଗୋପୀଗଣ ମଧ୍ୟୁଁ ଅନ୍ତର ହରି ।
ସଙ୍ଗରେ ଘେନି ବୃନ୍ଦାବନେଶ୍ୱରୀ ॥
ଦିବ୍ୟ ରମ୍ୟ ସ୍ଥାନେ କେଳି ଏକାନ୍ତେ ।
ପଞ୍ଚବାଣ ଅବିଶ୍ରାନ୍ତ ଆଦ୍ୟାନ୍ତେ ॥
ଶୃଙ୍ଗାର ରସ ହୋଇ ମୂର୍ତ୍ତିମନ୍ତ ।
ବନଦେବୀ ସେ ଅଛନ୍ତି ଏକାନ୍ତ ॥
ଦୁହିଁକ ଦୁହେଁ ସେ ଅତି ଉତ୍ତମ ।
ତରୁଣୀମଣି ଯେ ପୁରୁଷୋତ୍ତମ ॥
ଭ୍ରମନ୍ତି ବନେ ରମନ୍ତି ସୁମନେ ।
କୁସୁମ ପଲଙ୍କ କୁଞ୍ଜ ଭୁବନେ ॥
ରତି-ଚରଣରେ ହେଲ ପରିପୂର୍ଣ୍ଣ ।
ରସ ବଢ଼ାଇ ହୁଏ ହାରିଜିଣ ॥

ମଳୟ ପବନ ନିର୍ମଳ ନିଶି ।
ଉଜ୍ଜ୍ୱଳ ନିର୍ମଳ ଶରଦ-ଶଶୀ ॥
କର୍ପୂର ଚନ୍ଦନ ଝୀନ ଦୁକୂଳ ।
ସୁବାସ ଶୀତଳ ଜଳ ତାମ୍ବୁଳ ॥
ସଂଯୋଗି ନିଯୋଗେ ବନଦେବତା ।
ରାଧା ମାଧବ ଶ୍ରମ କରି ଶାନ୍ତ ॥
କୁଣ୍ଡ କୂଳରେ ମାଧବୀ ମଣ୍ଡପ ।
ଚନ୍ଦ୍ର କାନ୍ତିରେ ଗୀତ ଅନୁରୂପ ॥
ଖଞ୍ଜି କେତକୀ ଗୃହୁ ଚନ୍ଦ୍ରାତପ ।
ଶୋଭାଇ ଜାଣି ପାଖୁଡ଼ାରେ ତଳ୍ପ ॥
ହଁସୂଳି ତୁଳ କେଶର ମୂରୁଳି ।
ଝୀନ ବସନ ଘନସାର ଧୂଳି ॥
ଅଗର ଧୂପ ସୁଗନ୍ଧ ଚହଟି ।
ମଳୟାନିଳ କରେ ପୁଷ୍ପ ବୃଷ୍ଟି ॥
ବିଜୟ ହରି ପ୍ରିୟାକୋଳେ ଘେନି ।
ଶୋଭାବନ ପୂର୍ଣ୍ଣଚନ୍ଦ୍ର ରଜନୀ ॥
ଷଡ଼ଋତୁ ଘେନି ମଦନ ରାଏ ।
ଅନୁସରଣ ସେବେ ପାଏ ପାଏ ॥
କାନ୍ତା କାନ୍ତ ପ୍ରେମେ ରତି ଉତ୍କଣ୍ଠ ।
ଭ୍ରମର ଯାନ୍ତେ ଦେଖାନ୍ତି ଶ୍ରୀମତୀ ॥
ଦେଖ ଦେଖ ନାଥ କୁଟିଳ ଗତି ।
ପଦ୍ମିନୀ ନିଦ୍ରା ଜାଣି ଆସନେ ମତି ॥
କୃଷ୍ଣ କହନ୍ତି ଏ ପଦ୍ମିନୀ ହୃଦେ ।
ବାରଇ ବଧୂକର ଆତଯାତେ ॥
ପୁଣ କହନ୍ତି ବୃଷଭାନୁ ଯେମା ।
ହେ ନାଥ ଦେଖ ଏ ପୂର୍ଣ୍ଣଚନ୍ଦ୍ରମା ॥
ଦଶ ଦିଶ ନଭ ମଣ୍ଡଳ ଗର୍ଭ ।
ତାରା ମଧ୍ୟେ ନିଶି ପ୍ରିୟାରେ ଶୋଭା ॥
ଏତେ ସମ୍ପଦ ନିଶି ଘେନି ଶଶୀ ।
ତାଙ୍କୁ ଲେଛୁ ବନ କନ୍ଦରେ ପଶି ॥
ଚତୁର ବୋଲନ୍ତି ଶୁଣ ସଜନି ।
ଅତି ପ୍ରିୟବତୀ ଏସେ ରଜନୀ ॥
ପ୍ରାବେଛ ବଧୂ କ୍ଷିତିକୁ ଦେଖି ।
ଚଣ୍ଡକର ତାପେ ଗୁଡ଼ ଉପେକ୍ଷି ॥

ସ୍ୱେଦେ ଶଶୀ ପଛେ ଗୋଡ଼ାଇ ମିଶି ।
ଅଧିକ ତେଜରେ ଗମଇ ନିଶି ॥
ହେ ନାଥ ଏଥେ ନିଶି ପତିବ୍ରତା ।
ଚନ୍ଦ୍ର ବିନୁ ନ ଦେଖେ ସବିତା ॥
ଏ ଶଶୀ ହବା ରମଣେ ଲାଳସୀ ।
ଯତନେ ପଛେ ରହେ ନିଶି ତୋଷି ॥
ବିନାଶ ଦେଖି ତାମ୍ରେ କର ଖେଦ ।
କ୍ଷୀଣ ଚନ୍ଦ୍ର ହେଲେ ହବାନୁବାଦୀ ॥
ଏକ ବ୍ରତ ରବି ତେଜେ ବିକଶେ ।
ବିଟପେ ବିଧୁ କ୍ଷୀଣ ହୀନ ହସେ ॥
ହେସଖୀ ଦେଖ ଚମ୍ପକ ବିଟପୀ ।
ବାସ ପୁଷ୍ପ ହେମ ଗଜର ରୂପୀ ॥
ଏଡ଼େ ବିଟପୀ ବହ୍ୱି ଥାଇ ଲଙ୍ଗ ।
ଲେଛଇ ଜାଣି ସେ ସୁଜାଣ ଭୃଙ୍ଗ ॥
ବିଟପୀ ପୁରୁଷ ଭ୍ରମର ମାର ।
ଏନେନ ପଦ୍ମିନୀ ରସେ ବିହର ॥
ଏମନ୍ତେ ହାସ ରସରେ ଉକତ ।
ସ୍ଥାନେସ୍ଥାନେ ବୁଲି ଶୋଭା ଦେଖନ୍ତ ॥
ପୁଷ୍ପ ପଲ୍ଲବ ଶଯ୍ୟାରଚେଞ୍ଚ କାହ୍ନିଁ ।
ଜାନୁ ସୀମସ୍ଥାନେ ଶୁଆଇ ରାଈ ॥
ବୈକତେବେଳରେ ଗୋବିନ୍ଦ ଶୟନ ।
ରାଈ କରନ୍ତି ପାଦ ସମ୍ବାହନ ॥
ଅନୁରାଗଭରେ ଧରନ୍ତି ପାଣି ।
ଆଲିଙ୍ଗନେ କୋଳେ ଶୁଆନ୍ତି ଆଣି ॥
ରତିରଣେ ବେଶ ମଳିନ ରହିଁ ।
ପ୍ରିୟାଙ୍କୁ ସୁବେଶ କରନ୍ତି କାହ୍ନିଁ ॥
କବେଶ ଖୋସି ସୁବାସ କୁସୁମେ ।
ଚନ୍ଦନଚିତ୍ର ମକରି ସୁଢମେ ॥
ନୟନେ ଅଞ୍ଜନ ଚିବୁକେ ବିନ୍ଦୁ ।
ମୃଗଲାଞ୍ଛନ କି ବଦନ ଇନ୍ଦୁ ॥
ହେମ ବରନେ ନାନା ଆଭରଣ ।
ପ୍ରତିଅଙ୍ଗେ କୃଷ୍ଣ କଲେ ଭୂଷଣ ॥
ସର୍ବାଙ୍ଗେ ଚନ୍ଦନ କର୍ପୂର ବୋଳ ।
କୁଚରେ ଲହି ଚଡ ପତ୍ରାବଳୀ ॥

ରସରାଜ ମୂର୍ତ୍ତି ନବ କିଶୋର ।
ଛବି ଗୃହ୍ନିଁ ହରି ବେଶ ବିସୋର ॥
ଝୀନ ଶୁକଳ ବସନ ପିନ୍ଧାଇ ।
କିଙ୍କିଣୀ କେଶରୀ କଟି ବନ୍ଧାଇ ॥
କୁଚ କୁମ୍ଭ କୁମ୍ଭି ନିର୍ଭୟ କରି ।
ଲମ୍ବାଇ ଫୁଲମାଳ ସରି ସରି ॥
ମାଳ ଅଳଙ୍କାର ବାସ ଖଞ୍ଜାଇ ।
ବିମ୍ବାଧରରେ ତାମ୍ବୁଳ ଭୁଞ୍ଜାଇ ॥
ଆଜ କି ବେଶ କରିବା ବିଚାରି ।
ଚରଣ ଲୁଚିଆନ୍ତେ ଜାଣି ହରି ॥
ବଳେ କର ଧରି ଜାନୁରେ ରଖି ।
କମଳ ଚରଣେ ଯାବକ ଲେଖି ॥
ବେଢାଇ ପୟରେ ସରୁ ସୁରେଖେ ।
ବିନ୍ଦୁ ବିନ୍ଦୁ ସେ ଇନ୍ଦୁ କଳା ଲେଖେ ॥
ବୋଲେ ହରି ଏ ପଞ୍ଚବାଣ ତୂଣ ।
କରିବା କନ୍ଦେ ଭିଡ଼ ରତିରଣ ॥
ଭ୍ରୂଲତା କୋଦଣ୍ଡ ଅଞ୍ଜନ ଗୁଣ ।
ହାସ ଯେ ଶସ୍ତ୍ର ଅପାଙ୍ଗ ପୂରଣ ॥
ନୟନ କଟାକ୍ଷ ବିଶିଖ ପଡ଼ନ୍ତେ ।
ସାତ୍ତ୍ୱିକ୍ୟ ପୀଡେ ବିବେକ ବୁଡ଼ନ୍ତେ ॥
କନ୍ଦର୍ପ ସମ୍ପଦ ଦେନୁ ଛଡାଇ ।
ଏଣୁ ଅତନୁ ଘୁଡ଼ଣି ବଡାଇ ॥
ଅକ୍ଷୟ ତୂଣ ରତି ରଣ କନ୍ଦେ ।
ଅନୁଗ୍ରହ କଲେ ଉଡ଼ିବ କନ୍ଦେ ॥
ଅନ୍ତର ମନସିଜ ରାଜ ଜନ୍ମି ।
ଅଦ୍ଧଶେଖ ସଖୀ ତୁମ୍ଭଙ୍କୁ ଦେନ ॥
ଲଜ୍ଜା ହାସେ ରାଈ ମୁଖ ମଣ୍ଡନ୍ତେ ।
ଲୁଚୁଇ ପାଦ ଘୁଞ୍ଚାଇ ଆଣନ୍ତେ ॥
ନିଧନ ଧନ ଯେସନେ ନଛାଡ଼େ ।
ତେସନେ ହରି ରାଈ ପାଦ ଯୋଡ଼ ॥
ବୋଲନ୍ତେ ସଖୀଗୋ ନପାର ଚାଲି ।
ଚାରୁ ଅଳତାରେ ଲାଗିବ ଧୂଳି ॥
ଅଶକତେ ତୁମ୍ଭ ନଚଳେ ଦେହୀ ।
ମୋର କନ୍ଧେ ବସ ନେବଇଁ ବହି ॥

ଏ ବଚନେ ଗୋପୀ ହୋଇଛନ୍ତି ତୁଣ୍ଡ ।
ଏଣେ ଆସୁଛନ୍ତି ଶୁଭଇ ତୁଣ୍ଡ ॥
ଦେଖିଲେ ଜିଜ୍ଞାସ କରିବେ ସିନା ।
ଏଠାରୁ ଯିବାରେ ଘନଜଘନା ॥
ଏତେ ବୋଲି ହରି କନ୍ଧ ନୁଆଁଇ ।
ଦୋଳି ପ୍ରିୟାଙ୍କୁ ବସାଇଲେ ନେଇଁ ॥
କୃଷ୍ଣ ବାରଣ କି କମଳ ଦୋଳି ।
ଯେହ୍ନେ ବାମ କନ୍ଧେ ଉଠିଣ ଚଳି ॥
ତଳି ସୁନ୍ଦରୀ ଧରି ହରି ଶିର ।
ରଙ୍ଗ ପାଦ ଛନ୍ଦ ଗୋବିନ୍ଦ କର ॥
ରାଧିକା ଚରଣ ପରିରମ୍ଭଣ ।
ମାଧବ ହୃଦୟୁ ପୃଷ୍ଠେ ଲମ୍ବନ ॥
ନୀଳ ଦେହେ କିବା କମଳମାଳା ।
କାଳିନ୍ଦୀ ନଦୀକି କଦଳୀ ଭେଳା ॥
ଧରି ହରି ପାଣିକାମ ନଦୀକି ।
ନୀଳ ଶଇଳରେ ଜାମ୍ବୁ ନଦୀକି ॥
ଶ୍ୟାମଘନ ବିଦ୍ୟୁ ଚଞ୍ଚଳେ ରହି ।
ଅଳକା ଭଙ୍ଗ ଅନୁରାଗ ବହି ॥
ଲାବଣ୍ୟ ସାଗରେ ସୁବର୍ଣ୍ଣ ସେତୁ ।
ଯତନେ ବାନ୍ଧିଲର୍କ କୁଶକେତୁ ॥
କନ୍ଦର୍ପ ନୃପ ଯଜ୍ଞ ଯୂପ କିଏ ।
ପାଦ ଲଭି ପ୍ରୀତି ଏକ ପଦୁଏ ॥
ଆରକ ପାଦ ନିତମ୍ବ ଉପରେ ।
ପଦ୍ମ ଫ୍ଟିକ ଶିଳ ଉପରେ ॥
ରାଧା ବାଧା ହରି ଚିନ୍ତଣ ମନେ ।
ବାମ କନ୍ଧ ବସି ଧୀର ଗମନେ ॥
ଦକ୍ଷିଣ ମୁଖେ କେତେ ଯାଇ କରି ।
ତହୁଁ ପଶ୍ଚିମ ମୁଖେ ଅନୁସରି ॥
ଏମନ୍ତେ ଯାନ୍ତେ ନାଗେଶ୍ୱର ତଳେ ।
କୁସୁମ ଶୋଭା ଚହିଁ ରଙ୍ଗ ବୋଲେ ॥
କନକ ଦଣ୍ଡ ନବ ପ୍ରାପ୍ତ ଶୋଭା ।
ଦୋଳି ମଣ୍ଡିଲେ ହରି ତାର ଗଭା ॥
ଉପରେ ମାଡ଼ି ମାଳତୀ ଲତିକା ।
କର ବଢ଼ାଇ ପକାନ୍ତି ରାଧିକା ॥

ଜାଣି ମାଧବ ତେଙ୍ଗେ ତେଙ୍ଗେ ରହି ।
କରେ ଧରି ଫୁଲ ତୋଳନ୍ତି ରଙ୍ଗ ॥
ଗୋଟି ଗୋଟି ତୋଳି ଚୂଳରେ ମଣ୍ଡି ।
ହସ୍ତରେ ଦୈନ୍ଦଣ ସ୍ତବକ କେଣ୍ଡି ॥
ଭ୍ରମର କୁଳ ଫୁଲଗୁଚ୍ଛ ଉଡ଼ି ।
ବଦନ ପଦ୍ମ ଗନ୍ଧ ଯାଇ ବେଢ଼ି ॥
ଆରତେ କରେ ନିବାରନ୍ତି ଖରୁ ।
ତରସ୍ତେ ଖସିପଡ଼ିଲେ କନ୍ଧରୁ ॥
ପ୍ରିୟା ପ୍ରେମ ବାଣୀ ଶୁଣିବା ପାଇଁ ।
ରସିକବର ଲତାନ୍ତରେ ରହି ॥
ପଡ଼ନ୍ତେ ଅବନୀ ଧରିଲେ ତୋଳି ।
କୃଷ୍ଣ ବିଚ୍ଛେଦରେ ମୂର୍ଚ୍ଛିତା ବାଳୀ ॥
ବନଦେବୀ ସେବା କଲେ ସଚେତ ।
ଚଉଦିଗେ ଚହିଁ ନଦେଖି କାନ୍ତ ॥
ଚକିତେ ଚହିଁ ସଭୟେ ବନରେ ।
ଚିନ୍ତାଭରେ ଛନଛନ ମନରେ ॥
ବିଚ୍ଛେଦ ଚିନ୍ତା ଚମକ ପଡ଼ଇ ।
ଅନ୍ତେ ଦାରୁଣ ମଦନ ପୀଡ଼ଇ ॥
ନଚଳେ ଦେହ ଚଞ୍ଚଳେ ବିମୋହ ।
ନିରେଖି ଲତା ପାଦପ ସମୂହ ॥
ଖର ନିଃଶ୍ୱାସ ତନୁ ଝମ ଝମ ।
କ୍ଷୋଭ ଲକ୍ଷଣ ଉର ଦମଦମ ॥
ଏକାକୀ ହୋଇ ନଦିଶଇ ବୁଦ୍ଧି ।
ହରାଇ ବନେ ନୀଳମଣି ନିଧି ॥
ଶୋକ-ଜଳେ ଖେଦ-ଉଦଧି ବଢ଼ି ।
କୁଚ ଅଞ୍ଚଳ ଲୋତକରେ ଜଡ଼ି ॥
କାନ୍ଦଣ ନିନ୍ଦ ବନ୍ଦଣ ଜଣାଇ ।
ଉଚିତ ବାଣୀ ମଣାଇ ଶୁଣାଇ ॥
ହେନାଥ ପକାଇଗଲ କେଣିକି ।
ଏକା କି କରିଣ ଆଣି ଏଣିକି ॥
ଅନ୍ଧାର ମୋତେ ନଦିଶଇ ପଥ ।
ଛଡ଼ାଇଲ ସଙ୍ଗ ସଜନୀ ଯୂଥ ॥
ବ୍ୟାଘ୍ର ଭଲ୍ଲୁକ ମେଳରେ ରଖିଲ ।
ଘୋର ରଜନୀ ବନେ ଉପେକ୍ଷିଲ ॥

କି ଦୋଷ କଲି ନ ଚିହ୍ନିଲି ବାରେ ।
ସ୍ତ୍ରୀବଧ ହତ୍ୟା ଦୋଷ କାହାପରେ ॥
ମୁଁହି ପଛକେ ବନେ ଯାଏଁ ନାଶ ।
ଜଗତେ ତୁମ୍ଭର ବିକାଶୁ ଯଶ ॥
ନୋହୁ ନୋହୁ ତୁମ୍ଭ ଅପକାରତି ।
କେ ପୁଣ ନକରେ ତୁମ୍ଭ ପୀରତି ॥
ରାସ ଉତ୍ସବକୁ କଲି ବରଣ ।
ମୋଠାରେ କଲ ଶଠ ଆଚରଣ ॥
ଅଧରୁ ଅମୃତ ଖାଇଛୁଁ ଯେଣୁ ।
ତୁମ୍ଭ ଅଭାବେ ପ୍ରାଣ ରହେ ତେଣୁ ॥
କୁଟିଳ କୁନ୍ତଳ ଶ୍ରୀମୁଖ ଦେଖି ।
ଏହି ଲୋଭେ ଅଛୁ ପ୍ରାଣକୁ ରଖି ॥
ମାନ କଲେହେଁ ନରହେ ଏତେହେନ ।
ବଢ଼ିମା ଗରିମା ତେଜ ଦହନ ॥
ମଧୁର ହାସ ଅଧର ରଙ୍ଗିମା ।
କଟାକ୍ଷ ଚାହିଁବା ଅଙ୍ଗ ଭଙ୍ଗିମା ॥
ଯେଉଁ ଯୁବତୀ ଦେଖିବ ଡୋଳରେ ।
ସେହି କି ରହିବ ଜାତି କୁଳରେ ॥
ଦଣ୍ଡିଲ ମୋତେ ଭଣ୍ଡିଲ ତାହାଙ୍କୁ ।
କେମନ୍ତେ ମୁଖ ଚାହିଁବ କାହାକୁ ॥
ହେନାଥ ଏକାକୀ ହୋଇଲି ବନେ ।
ନପୁଣ ଖେଦ ଜାତ ହୁଏ ମନେ ॥
ମୋର ବିନାଶେ ନକରିବ ଚିନ୍ତା ।
ତୁମ୍ଭଙ୍କୁ ବନେ ବହୁତ ଅହନ୍ତା ॥
ତୁମ୍ଭେ ଥିଲେ ଅଛୁ ସବ ସମ୍ପଦ ।
ଗୋକୁଳେ ଚଳ ଘେନ ନାରୀବୃନ୍ଦ ॥
ଲତା ଅନ୍ତେ ଥାଇ ହସନ୍ତି ହରି ।
ପ୍ରେମ ବଚନ ମରମ କତୁରି ॥
ଏମନ୍ତେ ଗୋପୀ ଅନୁସରି ଯାନ୍ତେ ।
ରୋଦନ ଶୁଣି ମିଳିଲେ ତୁରିତେ ॥
ଲଳିତା ଆଦି ଯେତେ ସହଚରୀ ।
ତତକ୍ଷଣେ ଦେଖି ତୋଳିଣ ଧରି ॥
ସଖୀ ଦୁଃଖରେ ହୋଇ ଦୁଃଖ ଭାଗୀ ।
ଶୋକରେ ଗଦ ଗଦ ଅନୁରାଗୀ ॥

ଏକ ଆରକରେ ଗହଳ କୁଣ୍ଡ ।
ସକଳ କାମିନୀ ହୋଇଲେ ରୁଣ୍ଡ ॥
ରାଣୀ ଏକା ଚାହିଁ ବିଷାଦ ପାଇ ।
ଏକା ଦେଖିଲେ କୃଷ୍ଣ ସଙ୍ଗେ ନାହିଁ ॥
ସଚେତ କରି ପଚାରିଲେ ନାରୀ ।
କେମନ୍ତେ ଏଥେ ଅଇଲ ସୁନ୍ଦରୀ ॥
ଶୋକ ସମ୍ଭାଳି କହନ୍ତି ରାଧିକା ।
ଅଇଲେ ହରି ଘେନି ମୋତେ ଏକା ॥
ଅନେକ ବନେ ସ୍ଥାନେ ସ୍ଥାନେ ବୁଲି ।
ଅଣକତରେ ନପାରିଲି ଚାଲି ॥
କାନ୍ଧେ ବସି ହରି ପକାଇ ଏଥି ।
ନ ଜାଣଇ ଗଲେ କେବଣ ପଥେ ॥
ଶୋକଭରେ ଭଲେ ନପାରେ କହି ।
ଥନ ଥନ ଆଖି ଲୋତକବହି ॥
ଶୁଣି ଗୋପୀବୃନ୍ଦ ପାଇଲେ ବ୍ୟଥା ।
ଗୋଚର ନପାଇ ଗୋବିନ୍ଦ କଥା ॥
କହନ୍ତି ହେଉଣ ଅପକାରତି ।
ଆଉକେ କରିବ କେଉଁ ପୀରତି ॥
ସକଳେ ଜାଣି ରାଣୀ ପ୍ରିୟବାଣୀ ।
ଏହାଠାରେ ନ୍ୟସେବେ ଏସନ ମତି ॥
ଆମ୍ଭଙ୍କୁ ଲେଞ୍ଚିଲକୁ କମ୍ପା ବାଛି ।
ଗଲ ପକାଇ ଏକା ସବ ମୋକ୍ଷ ॥
ନଗି ବନରେ ବଗୁର ନକରି ।
ଏତ ରାଜନେମା ଆମ୍ଭେ କଙ୍କସି ॥
ଏମନ୍ତ ଚିନ୍ତ ଚକିତ ହୋଇଲେ ।
ନିଃଶ୍ୱାସ ପକାଇ ଉର୍ଦ୍ଧ୍ୱେ ଚାହିଁଲେ ॥
ଲଳିତା ବିଶାଖା ଚମ୍ପକଲତା ।
ଇନ୍ଦୁରେଖା ତୁଙ୍ଗବଦ୍ୟା ବିଚକ୍ଷା ॥
ଏ ଆଦି ସଖୀ ରାଣୀ ଅନୁବାଦେ ।
କହନ୍ତି ଏମାନେ ପାଇ ବିଷାଦେ ॥
କୁଟିଳ ଭ୍ରମର ପ୍ରାୟ ଶ୍ରୀହରି ।
ରସ ଘେନିଣ ଫୁଲ ତେଜ୍ୟା କରି ॥
ମହାମଣ୍ଡନୀ ତରୁଣୀରତନ ।
ଲଭିବାକୁ କଲେ କେତେଯତନ ॥

ନିତ ଦଇନ ଯେ ଆମ୍ଭମାନଙ୍କୁ ।
ଜଗିଥାଇ ଗନ୍ଧ ସେହି ସ୍ଥାନକୁ ॥
ଜଳଗ ମାଳକୁ ପାଣି ପ୍ରସାର ।
ନଦେଲେ ଓଗାଳେ ବାହୁ ବିସ୍ତାର ॥
ତାହାଙ୍କୁ ଏବେ ବନେ ଏକା କରି ।
ଛାଡ଼ିଗଲେ ଏଡ଼େ ଦାରୁଣ ହରି ॥
ଏହି ଆଖିରେ ଏହା ପୁଣ ଦେଖି ।
ହେ ତରୁଲତା ତୁମ୍ଭେ ଗିନା ସାକ୍ଷୀ ॥
ସର୍ବ ଶୁଦ୍ଧେ ପୁଣ ତାହା ଦେଖିବା ।
ଇଷିତେ ଅଭିମାନ ଉପେକ୍ଷିବା ॥
ନାନାମତରେ କହି ବୋଧକଲେ ।
ନିରଣ ସର୍ବେ ହରି ଲବଧରେ ॥
ଶ୍ରୀମତୀ ମନେ ମାନଭର ହୋଇ ।
କୃଷ୍ଣେ ସଦା ଅନୁରାଗ ବହଇ ॥
ଏକା ହୋଇ ବନେ ଥିବେସେ କାହିଁ ।
ସଙ୍କେତ ସଖା ହୋଇ କେହି ନାହିଁ ॥
ଏ ମାର୍ଗେ ଗମନ୍ତେ ନ ପୁଣ ପ୍ରାଦ ।
ବ୍ୟଥାପାଇ ଚନ୍ଦ୍ର ମନେ ବିଷାଦ ॥
ଆଖିରେ ଆଖିରେ ଲାଗି ସେ ରୂପ ।
ରତି ଗତାଗତ ଯେତେ ସମୀପ ॥
ମନ୍ଦ ମନ୍ଦ ହସି ମୁଖ-ପଙ୍କଜେ ।
ଚମକେ କରଜକ୍ଷତ ଉରଜେ ॥
ମନକୁ ଜାଣି ତୁଙ୍ଗବିଦ୍ୟା ଭଣି ।
ନାଗର ରସିକ ଶେଖର ମଣି ॥
ପ୍ରେମଫଳ ବଢ଼େ ବିଚ୍ଛେଦ ଦୁଃଖେ ।
ଉପଭୋଗ ପୁଣ କରିବ ସୁଖେ ॥
ଜଗତେ ଏହି ମହା ବଳୀୟାର ।
ଏକାହେଲେ କି ପ୍ରମାଦ ତାହାର ॥
ଚାଲ ଆମ୍ଭେ ଏବେ ପୁଳନେ ଯିବା ।
ତହିଁ ଗୋପୀଙ୍କି ଲୋଡ଼ୁଥିବେ ଅବା ॥
ସମସ୍ତଙ୍କୁ କୃଷ୍ଣ ବିଚ୍ଛେଦ ଦୁଃଖ ।
ଏଥିକୁ ସଖୀ ନ ଶୁଖାଅ ମୁଖ ॥
ସଜନୀ ବଚନେ ହେଲା ସୁମନ ।
ପୁଣ ପୁଳନ ବନକୁ ଗମନ ॥

ମନେ ବୋଲେ ବନେ ହୁଅସି ମାହା ।
ଶୁଦ୍ଧେଥିବେ ଯହିଁ ମୋ ପ୍ରାଣନାହା ।
ଶ୍ୟାମଳା ବିମଳା ଯେ ଯୂଥେଶ୍ୱରୀ ।
ଭଦ୍ରା ଚନ୍ଦ୍ରାବଳୀ ଆଦି ସୁନ୍ଦରୀ ॥
ସୁହୃଦ ପ୍ରତିପକ୍ଷ ତଟସ୍ଥାଦି ।
ଏକମେଳରେ ରାଧା ଅନୁବାଦୀ ॥
ଏକପ୍ରାଣ ପାସୁ ପ୍ରୀତି ବହନ୍ତି ।
ସର୍ବେ ରାଧାଙ୍କୁ ପ୍ରବୋଧ କହନ୍ତି ॥
ଜାଣ ସଖୀ ସେଯେ ଶଠ ନାଗର ।
ଯେଣେ ଥାଇ ଥାନ୍ତି ଯାହା ସଙ୍ଗର ॥
ପାଷାଣୁଁ କଠିନ ତାହାର ଦେହୀ ।
ଦୁଃଖ ଦେଖି ଦୟା ବସଇ ନାହିଁ ॥
ବାଳକକାଳେ ବିନାଶେ ପୂତନା ।
ଯୁବାକାଳେ ନାଶି ଏତେ ଅଙ୍ଗନା ॥
ବଛା ବୃଷଭ ଯେତୁ ବଧକଲା ।
ଆମ୍ଭେମାନେ ତାଙ୍କ କି ଦୋଷହେଲୁ ॥
ଯାନ୍ତେ ଏମନ୍ତେଣ କହନ୍ତି ବାଳୀ ।
ସ୍ଥାନେ ସ୍ଥାନେ ମେଳ ପୁଳନେ ମିଳି ॥
ଗତ କେଳିସ୍ଥାନମାନଙ୍କୁ ଚାହିଁ ।
କୃଷ୍ଣଙ୍କୁ ଉଦ୍ଦେଶି ନପାଇ କାହିଁ ॥
ଅଙ୍ଗ ଉଲଗି ରଙ୍ଗରାଗ ଦେଖି ।
ପ୍ରବଳମତି ନପାରନ୍ତି ରୁଖି ॥
ପୁଣ ପୁଣ କାମ ଅଧିକେ ଗଞ୍ଜି ।
ସାତ୍ତ୍ୱିକ୍ୟ ବାଧିଣ ବିବେକ ହଜେ ॥
ଛୁଡ଼ା ଚନ୍ଦନ ମାଳକୁ ବହନ୍ତି ।
କେଳିସ୍ଥଳ ଧୂଳି ବୋଳିହୁଅନ୍ତି ॥
ରତି ପ୍ରବନ୍ଧ ଗତାଗତ ଯେତେ ।
ଚମକଇ ଶତ୍ରୁ ଚିନ୍ତେଇ ଚିତ୍ତେ ॥
ସ୍ୱପନ ପ୍ରବାସ୍ୟେ ମଣି ଅପ୍ରତେ ।
କୃଷ୍ଣ ସଙ୍ଗ ତେଜ ରମିଲ ସତେ ॥
ଦଶନ ନଖଚିହ୍ନ ଅଙ୍ଗେ ଚାହିଁ ।
ଅଧର ମଧୁର ପରତେ ପାଇ ॥
ହା ହା ନାଥବୋଲି ଅବନୀ ଲୋଟି ।
ଅସମ୍ଭାଳେ କେଶ ବସନ ଫିଟି ॥

ସେବନ କରନ୍ତି ଗାଇ ଗୁଣକୁ ।
ସେନାଥ ତେଜିଲ ଆଣି ବନକୁ ॥
ମୁରଲୀ ନାଦେ ଡ଼କାଇ ଭଣ୍ଡିଲ ।
କଦୋଷେ ଏତେ ଦଣ୍ଡକୁ ବହିଲ ॥
ନବ ଅବଳା କୁଳରୁ ଛଡ଼ାଇ ।
ନାଶୁଅଛ କାମଜଳେ ବୁଡ଼ାଇ ॥
ବେଣୁକାଠେ ଭେଳାସେସ ମଧର ।
ଏବେତ ଆସି ଉଶ୍ବାସି ଉଦ୍ଧର ॥
ହେମକମେ ନୀଳମଣି ନାୟକ ।
ହଜିଲେ ଗଞ୍ଜାଇ ଫୁଲ ସାୟକ ॥
ସେ ସେ ଅର୍ଜୁନ ଆଦି ତରୁଗଣେ ।
କହିଦିଅ କନା ପାଇବୁଁ ଯେତଣେ ॥
ମଦନ ସଜନ ଅମୂଲ୍ୟ ଧନ ।
ହରାଇଁ ଯେଣୁ ତେଣୁ କୋପମନ ॥
କେବୋଲେ ଆମ୍ଭ ଜୀବନ ଈଶ୍ବର ।
ନମିଷେ ମନୁଁ ନୁହଇ ବିସ୍ମର ॥
ଏତନ ଯତନ କଲୁଁ ଯାହାକୁ ।
ଯେବେ ଲେଛୁଲେ ରଖିବୁଁ କାହାକୁ ॥
ତୁମ୍ଭର ପାଶେଗଲେ ହରି ଗୁଡ଼ ।
ହେ ବନ ତରୁଲତା ଦିଅ ଲୋଡ଼ ॥
କୋହିଲେ ହରିଣୀ ସେ ତୁମ୍ଭ ଉପରେ ।
ଦେଖ ଶଶୀ ଦିଶେ ଚନ୍ଦ୍ର ଅଙ୍ଗରେ ॥
କେହୁବୋଲେ ସେ ଶଶୀ ନଶିପ୍ରିୟା ।
ସ୍ତିରଙ୍କ ସ୍ତିର କରନ୍ତି ସୁଦୟା ।
ତୁମ୍ଭଠାରେ ଚନ୍ଦ୍ରଶୋଭା ଅନାଇ ।
ଆମ୍ଭଙ୍କୁ ବେଣୁନାଦରେ ଅଣାଇ ॥
କାନ୍ତକୋଳରେ ସବୁଅଛ ଦେଖି ।
ଏବେ ଆମ୍ଭଙ୍କୁ ତୁମ୍ଭରେ ଉପେକ୍ଷି ॥
ଆଶ୍ରୟ ଅଟେ କରିଛୁଁ ତୁମ୍ଭଙ୍କୁ ।
କୃଷ୍ଣଚନ୍ଦ୍ର କାହିଁ କହ ଆମ୍ଭଙ୍କୁ ॥
ବୃନ୍ଦାବନ ତମେ ତୁମ୍ଭେ ଯେଯନେ ।
କୃଷ୍ଣଚନ୍ଦ୍ର ବିନୁ ଆମ୍ଭେ ତେମନେ ॥
ଏମନ୍ତେ ଏକ ଏକରେ ପଚାରି ।
ସମସ୍ତା ନପାଇ ଚିନ୍ତା ବିକଳୀ ॥

ହରିଙ୍କି ହରିନେଲା କେବା ଅନ୍ୟ ।
ସଭୟେ ଧନେ ଯେକରେ ଶଙ୍କନ୍ୟ ॥
ଶୁଭ ପ୍ରକାଶନ୍ତେ ହରସ ତେଜ ।
ମହାବଳୀ ସେ ମନେ ମନେ ହେଜ ॥
କଞ୍ଚରେ କଂସ ମଲ୍ଲକୁଳ ମାରି ।
ତାଙ୍କୁ ପୁଣକେ ବନେ ନେବ ହରି ॥
ରୂପେ ଲାବଣ୍ୟ ଅଖିଳ ବନ୍ଦନ ।
କେବଳ ପ୍ରେମରଜ୍ଜୁରେ ବନ୍ଧନ ॥
ଏମନ୍ତେ ଶକ୍ତିଣ ଏକ ଆରକେ ।
ବିନୟ ଭାବରେ ଜଣାନ୍ତି ଥୋକେ ॥
କେବୋଲେ ଜୀବ ଜୀବନ ବନ୍ଧୁଆ ।
ରସରାଜ କାମକେଳି କନ୍ଦୁଆ ॥
ଏକାନ୍ତେ ଯେତେ ଯେତେ ପୀରତି ।
ତେଜିଣ ସେନାଥ କିଆ କରନ୍ତି ॥
ଦଇନ କରୁଛୁଁ ହୁଅ ପ୍ରସନ୍ନ ।
ଚନ୍ଦ୍ର ବଦନକୁ ଦିଅ ଦର୍ଶନ ॥
କେବୋଲେ ନାଥ କରୁଣା-ସମୁଦ୍ର ।
ଏକାଳେ ହୋଇଲୁଁ କେଳି ଦରିଦ୍ର ॥
ଯେଉଁଦିନ ତୁମ୍ଭେ ଜନମ ଗୋପେ ।
ଜୟ ସୁକେତ ଲକ୍ଷ୍ମୀ ଅନୁରୂପେ ॥
ନିଜ ପଟେଶ୍ବରୀ ଗୋକୁଳ ନାରୀ ।
ତୁମ୍ଭ ଯୋଗୁଁ ଜୀବ ଅଛୁଁଟି ଧରି ॥
ସେନାଥ ଲେଛଏ ବିଚ୍ଛେଦ ଦୁଃଖ ।
କେଉଁଦିନେ ଅଛ ଦେଖାଅ ମୁଖ ॥
କେବୋଲେ ସୁରତନାଥ ବରଦ ।
ବରକୁ ଲଙ୍ଘି ଦିଅ ବପାଦ ।
ତୁମ୍ଭ ଅକଣା ଦାସୀଗଣ ଆମ୍ଭେ ।
ପୁତ୍ର ପ୍ରୀତ ବିନାଶ ସରମ୍ଭେ ॥
ଶରତ ପଦ୍ମ ଶ୍ରୀହରି ନୟନ ।
କଟାକ୍ଷ ଭେଦ ଧଇର୍ଯ୍ୟ ନିଧାନ ॥
ଏବାଣେ ପୁଣକ ନୋହିଲୁଁ ବଧ ।
ଆଉକ କାମ ବଧିବାକୁ ସଧ ॥
କେ ଗୋପୀ ଗୁଣଗାଇ ବୋଲେ ପ୍ରଭୁ ।
ଗୋପରଟି ସର୍ବ ବିଶ୍ବାସ ଦେଇଁ ॥

ବିଷ ଜଳପାନ ବନ ହୁତାଶ ।
ବାସନ ବଜ୍ର ବରଷା ବତାସ ॥
ଏହି ବନେ ଶଙ୍ଖାସୁର ହରଣ ।
ନାଶି ତାକୁ କଲ ଆମ୍ଭ ତାରଣ ॥
ଷଣ୍ଢ ବ୍ୟୋମା ଆଦି କପଟ ଘୋରେ ।
ରଖିଛ ସାହାହୋଇ ବାରେ ବାରେ ॥
ଏବେ ଆପଣା ଇଚ୍ଛାୟେ ବିନାଶ ।
ଦେଖା ନଦେଇଣ ଲେଛକ ଦୋଷ ॥
କେହୁଁ ପ୍ରିୟୁବଂଶୀ ବୋଲଇ ସଖ ।
ପାଦରେଣୁ ଯେବେ ମସ୍ତକ ଶିଖ ॥
ନକରୁ ଗୋପୀକା ନନ୍ଦନ ବୁଦ୍ଧି ।
ନଷ୍ଟପ୍ରାୟ ପ୍ରାଣ ଦାୟକ ଆଉଷଧି ॥
ଭାଗ୍ୟେ ସତ୍ୟବନ୍ତ କୁଳେ ଜନମ ।
ଗୋକୁଳ ଅଖିଳ ଜୀବ ପରମ ॥
ଅବନୀ ଭାର ଉଶ୍ୱାସ ନିମନ୍ତେ ।
ବିହି ପ୍ରାର୍ଥନା ଜଗତ ଗୋପତେ ॥
ଅଟନ୍ତ ନୋହୁଁ ଧରଣୀର ଭାର ।
ଦର୍ଶନ ଦିଅ ବିନାଶ ନକର ॥
କେବୋଲେ ଯୋଗନାଥ ତୁମ୍ଭ ଚରଣ ।
ଜୀବନ କାରଣ ଭୟ ତାରଣ ॥
କଂସଦର୍ପ ଧ୍ୱଂସ ମାଲଯା ମାର ।
ଅଭୟ ଦେଇ ଯଦୁଙ୍କୁ ଉଦ୍ଧାର ॥
ମୃଦୁଳ ମଞ୍ଜୁଳ କମଳକର ।
ସର୍ବକାମ ଯେ ସର୍ବ ଦୁଃଖହର ॥
ସେହି ଶ୍ରୀକର ଆମ୍ଭଶିରେ ଲଦ ।
ଆଗ୍ରହରେ ସେ ବିପଦକୁ ଛେଦ ॥
କେବୋଲେ ବୀର ମଉଳମଣ୍ଡନ ।
ବ୍ରଜଜନର ଆରତ ଖଣ୍ଡନ ॥
ନିଜଜନ ଗରବ କଳା ବରଣ ।
ହାସେ ଧ୍ୱଂସକର କି କାରଣ ॥
ଆମ୍ଭେ ଧନଲୋକ ମଣୁ ଶରଣ ।
ରକ୍ଷାକର ପ୍ରଭୁ ସାଧାରଣ ।
କଙ୍କର ଜନେ ହୁଅସି ପ୍ରସନ୍ନ ।
ନଳିନାନନ ଦର୍ଶନ ଦିଅ ନ ॥

କେବୋଲେ ନାଥ ପଙ୍କଜଚରଣ ।
ଶରଣଜନ ଦୂଷଣ ହରଣ ॥
ଗାବ ଅନୁଗତ ବନକୁ ଯାଜ ।
ଧରଣୀ ଶସ ଚଢ ପଦ୍ମଧ୍ୱଜ ॥
ଭବ ଉଶ୍ୱାସିଣ ତାପ ଖଣ୍ଡନ ।
ଶ୍ରୀନିବାସ ଫଣୀ ଫଣା ମଣ୍ଡନ ॥
ସେ ପାଦପଦ୍ମ କୁଚଯୁଗେ ଲଦ ।
ମନରୁ ମନସିଜ ତାପ ଛେଦ ॥
ବୋଲନ୍ତି ବୀର କମଳଲୋଚନ ।
ମୃଦୁ ମଧୁର ରୁଚିର ବଚନ ॥
ବର୍ଣ୍ଣିଧରେ ମନୋହର କାତର ।
ବାଳୀ ବାଳୀଶ ଏ କେତେ ମାତର ॥
ବଂଶୀରେ ଭାଷି ମନକୁ ବଢ଼ାଇ ।
ପଞ୍ଚଶରେ ଦେଲ ଆଣି କଢ଼ାଇ ॥
ମୂର୍ଚ୍ଛିତ ପରଜନଙ୍କୁ ଜିଆଅ ।
ଏବେ ସେ ଅଧରୁ ସୁଧା ପିଆଅ ॥
କେ ବୋଲେ ଯୋଗନାଥ ମଦନାନଳ ।
ଲିଭାଇ ଆମ୍ଭଙ୍କୁ କର ଶୀତଳ ॥
ତୁମ୍ଭର କଥାମୃତ ରସାୟନ ।
ତାପିତ ଜନମାନଙ୍କ ଜୀବନ ॥
କବି ବର୍ଣ୍ଣିତ ବଚନ ହରସ ।
ଗାବନ୍ତେ ମାନସ କଳୁଷ ନାଶ ॥
ଶ୍ରବଣ ମଙ୍ଗଳ ଶ୍ରୀମତବନ୍ତ ।
ଗୁଣ ଗୁମ୍ଫି ଯେ ଜନ ମହନ୍ତ ॥
ଏତେ ଶାନ୍ତ ମନ ନୁହେ ଆମ୍ଭର ।
ଅଧିକେ ଦହେ ପୀରତି ତୁମ୍ଭର ॥
ତପତ ଘୃତେ ଶୀତ ଜଳ ପଡ଼ି ।
ଯେସନେ ଜଳି ଉଠ ପୁରା ପୋଡ଼ି ।
ମନସିଜ ମନୁ ଜନମ ହୋଇଛି ।
ଦାବାନଳ ଯେହ୍ନେ କାନନ ଦହି ॥
ଶ୍ୟାମଘନ ପ୍ରେମ ବନ ବଢ଼ାଇ ।
ଦହନ ବନ ମନ୍ମଥ କାନନ ॥
କେ ବୋଲେ ତୁମ୍ଭ ନାଥ କୁଞ୍ଜମଣି ।
ଏମେ ଭ୍ରମନେ [illegible] ॥

ବୃନ୍ଦାସ ବଦନେ ପ୍ରେମେ ଗୁନ୍ଥିବା ।
ନିଭୃତେ କେଳି ଭଙ୍ଗେ ଯା କହିବା ॥
ବିରହ ମଦନ ଉଦୟ କରି ।
ଧ୍ୟାନ ମଙ୍ଗଳ ସେ ସୁଖ ସୁମରି ॥
ହୃଦୟ ମଣ୍ଡଳେ କେ ପୁଣ ବସେ ।
ଅମୃତ ଖାଇଲେ ଆନକି ରୁଚେ ॥
ଏବେ ସେ ନାନା ଅମୃତ ବିସ୍ତାର ।
ଦାରୁଣ କାମ ମରଣୁ ନିସ୍ତାର ॥
ପ୍ରେମଭରେ କେ ବୋଲେ ପ୍ରାଣନାଥ ।
ଗାବ ଚରାଇ ଯାଅ ବନ ପଥ ॥
ଯେତେବେଳୁଁ ବ୍ରଜୁଁ ହୁଅ ବାହାର ।
ଆନରେ ମନ ନରହେ କାହାର ॥
ବନେ ଭ୍ରମର ଦୁଃଖ ଚିନ୍ତି ଖେଦ ।
ମୃଦୁଳ ମଞ୍ଜୁଳ କମଳପଦ ॥
କଣ୍ଟକ ଶିଳା ତୃଣାଙ୍କୁର ଲାଗି ।
ନ ପୁଣ ରହ ହୋଇ ଦୁଃଖଭାଗୀ ॥
କ୍ଷଣକ୍ଷଣକେ ପଥ ଅନୁସରି ।
ମଦନ ସୁଖ-ପୀରତି ବିସୋରି ॥
କେ ଗୋପୀ ବୋଲନ୍ତି ଗେ କୁଳ ନାରି ।
ଦିନାନ୍ତେ ବାହୁଡ଼ ଗୋପ ନଗରି ॥
ଶିଙ୍ଗା ବେଣୁ ଶୁଣି ପାଛୋଟି ଆସୁଁ ।
ଦେଖିଣ ହୃଦୟ ବେଦନା ନାଶୁଁ ॥
ଲାବଣ୍ୟ ଲଳିତ ଆନନେ ବେତ୍ର ।
ଲୋଳ କୁଣ୍ଡଳ ଗଣ୍ଡଲ ନେତ୍ରେ ଦଢ଼ ॥
ଗୋଧୂଳି ଭୂଷା ନଟବର ବେଶ ।
ପୁଣ ପୁଣ ଦେଖି ଲୋଭ ମାନସ ॥
ମନସିଜ-ଶର ଜର୍ଜରେ ଖେଦ ।
ଏବେ ଆସି ଦେହ ବେଦନା ଛେଦ ॥
କେ ବୋଲେ ନାଥ ପଙ୍କଜଲୋଚନ ।
ଉତ୍ତମ ଲୋକ ପ୍ରଣତ ଶରଣ ॥
ପଦ୍ମନାଭ ମଦେ ଧରଣୀ ମଣ୍ଡନ ।
ପରମ ମଦେ ଭଜନ ଶଧାନ ॥
ଶରଣ ଜନ କାମନା କାରଣ ।
ରମଣୀ ମଣ୍ଡଳେ ସ୍ତନେ ଧାରଣ ॥

ମଦନ ବେଦନା ହର ଆମ୍ଭର ।
ଦର୍ଶନ ଦିଅସେ ଚାଦ ଭ୍ରମର ॥
କେ ବୋଲେ ଖରମଦନ-ମର୍ଦ୍ଦନ ।
ଅଧରାମୃତ ସୁରତ ବର୍ଦ୍ଧନ ॥
ପଞ୍ଚବାଣ-ରଣ-ଶ୍ରମ ଆସନ ।
ବିଚ୍ଛେଦ ଦୁଃଖ ସୁଖ ବିନାଶନ ॥
ବିଶେଷେ ବେଣୁ ଚୁମ୍ବିତ ସୁସ୍ୱରେ ।
ଶୁଣନ୍ତେ ଇତର ରାଗ ବିସ୍ମରେ ॥
ଏବେ ସେ ଅଧର-ସୁଧା ବରଷ ।
ବିରସ ତନୁ କରାଅ ସରସ ॥
କେ ବୋଲେ ପ୍ରଭୁ ଯେବେ ଯାଅ ବନ ।
ନିମିଷେ ସଦନେ ନରହେ ମନ ॥
ତିଳକ ଯୁଗ କୋଟି କଳି ମଣୁ ।
ଖେଦଭରେ ଧରି ନପାରୁଁ ତନୁ ॥
ଯେତେନେ ଯମୁନା ଜଳକୁ ଯାଉଁ ।
ବନ ବାହୁଡ଼ା ଜଗି ଭେଟ ପାଉଁ ॥
କୁଟିଳ କୁନ୍ତଳ ଶ୍ରୀମୁଖ ଦେଖି ।
ଲୋଭେ ଲୋଚନ ନପାରେ ଉପେକ୍ଷି ॥
ପଲକ ପଡ଼ନ୍ତେ ନିଷ୍ଠୁଲେ ରଖୁଁ ।
ବିଧିକି ଜଡ଼ ବୋଲି ମନେ ଲେଖୁଁ ॥
ଏହି ସୁଖ ମେଘ ଜଣାନ୍ତ ଯେବେ ।
ନେସେ ପଲକ କି ଲଗାନ୍ତ ତେବେ ॥
ଏବେ ସେ ମୁଖ ଛବିରେ ଦେଖାଅ ।
ଅମିୟ ଚଖାଇ ଜୀବ ରଖାଅ ॥
କେ ବୋଲେ ଯଦବାଧ ଶିରୋମଣି ।
କି ତବ ହୃଦୟ ନୋହିଲ ଜାଣି ॥
ଭୁବନ ମୂରଛା ଗୀତେ ମୋହିତ ।
କନ୍ଦର୍ପ ପୁରେ ନ ପଶୁଁ ମୋହିତ
ମାନ ସୁତ ପ୍ରିୟ ବାନ୍ଧବ ଭାଇ ।
କୁଳ ଲାଜ ତେଜି ଅଇଲୁଁ ଧାଇଁ ।
ତୁମ୍ଭେ ବିମୋହନ ମନ ନେଲ
ମନ୍ଦ କରିଣ ତେଜି ଦେଲ ॥
ଅଦ୍ଭୁତ ପୀରତି ଟୁଟା କରାଇ ।
ନୋହିବୁଁ ଏବେ ବାନେ ଖରାଇ ।

ଏକାନ୍ତ କାନନେ ନବ କାମିନୀ ।
କେହ୍ନ ତେଜଇକ ଏତେ ଯାମିନୀ ॥
କେ ବୋଲେ ଡକାଇ ଆଣି ଗଞ୍ଜିଲ ।
ବ୍ୟାଘ୍ର ଭଲ୍ଲୁକ ମୁଖରେ ତେଜିଲ ॥
ଏତେମାନେ ମୂର୍ଚ୍ଛିତ ନୁହେ ତୁମ୍ଭଙ୍କୁ ।
ପୀରତି-ଧନେ କଣିଛ ଆମ୍ଭଙ୍କୁ ॥
ଏକାନ୍ତ ସ୍ଥଳରେ କେଳି ରଙ୍ଗରେ ।
ଚିନ୍ତିଲେ ମନେ ମନସିଜ ଡରେ ॥
ଏସନ ମାନ ନରହଇ ହୃଦେ ।
ସେନିବା କେବେ କଥା ପଦେ ପଦେ ॥
ପ୍ରହସିତ ହୋଇ ପ୍ରେମ-କଟାକ୍ଷେ ।
ମଣ୍ଡିକ ବିକୋଷ୍ଠ ମାର ବଶିଖେ ॥
ବିପୁଳ ଉର ଶ୍ରୀ ଶୁଭ ଭୂବନ ।
ବିଚକ୍ଷଣ ହେମ ରେଖା ଶୋଭନ ॥
ପୁଣ ପୁଣ ଚାହିଁ ସ୍ପୃହା ନୟନେ ।
ରତି ପ୍ରୀତିଭରେ ମଜ୍ଜଇ ମନେ ॥
କେ ବୋଲେ ଜଗତ୍ ମଙ୍ଗଳ-ଦାୟକ ।
ବ୍ରଜବାସୀ ଜନ କେଳିନାୟକ ॥
ଯେତେ ଯେତେ ଗୋପ ବିପଦ ଖଣ୍ଡି ।
ହସାଇ ରସାଇଣ ମୁଖ ମଣ୍ଡି ॥
ନ ତେଜ ଆମ୍ଭ ସୁହୃଦ ଆତ୍ମାକୁ ।
ନିଧନ ନକର ନିଜ ଜନକୁ ॥
ନିରତେ ତୁମ୍ଭ ଭାବେ ଅନୁରାଗୀ ।
ନିତି ପତିରେ ଚିନ୍ତି ଦୁଃଖଭାଗୀ ॥
କେତବୋଲେ ମୃଦୁଳ କୋମଳ ପାଦ ।
ବ୍ୟଥାକୁ ଚିନ୍ତି ପାଉଥାଉଁ ଖେଦ ॥
କେଳିକାଳରେ ମନେ ଭୟପାଉଁ ॥
କଠିନ ସ୍ତନେ ଶନୈଃ ଶନୈଃ ଦେଉଁ ॥
ସେ ପାଦ ପୁଣ ବନ ଗମନରେ ।
ଶିଳାବିଦ୍ଧ ବ୍ୟଥାକୁ ଖାତି ମନରେ ॥
ତୁମ୍ଭେ ଆମ୍ଭର ପରମ ଆୟୁସ ।
ଏବେ ରଖ ଦେଇ ମୁଖ ପୀୟୂଷ ॥
ଏରୂପେ ଗୋପିକା ବିଳାପ ବାଣୀ ।
ଦଶମ ଏକତ୍ରିଂଶ ଅଧ୍ୟାୟଭଣି ॥

ନାରଦ ବୋଲନ୍ତି ଶୁଣ ସୁମନ୍ତ ।
ଲତାନ୍ତରେ ଥାଇ ହରି ଶୁଣନ୍ତି ॥
ସାତ୍ତ୍ୱିକ୍ୟ ବାଣୀ ତନୁ ପୁଲ୍କକଇ ।
ପ୍ରେମ-ଲୋତକ ନେତ୍ରୁ ବରଷଇ ॥
କଣ୍ଠ ଗଦ ଗଦ ହୋଇ ଆସଇ ।
ରତି ପ୍ରୀତିରେ ମନ ବିଳସଇ ॥
ଧୀରେ ଧୀରେ ଲତାଜାଳ ଓଳାଇ ।
ତରତରେ ହରି ସାଦ ବଢ଼ାଇ ॥
ଲୁଚି ଲୁଚି ଗୋପୀ ସନ୍ନିଧି ମିଳି ।
ଚନ୍ଦ୍ରମା ପ୍ରେମେ ଭର୍ତ୍ସନାକୁ ଭଳି ॥
ଜଳଦେ ବିଜୁଳି ଜ୍ୟୋତି ଝଟକେ ।
ଯୁବତୀ ମଧ୍ୟେ ବିଜୟ ଛଟକେ ॥
ସିଂହ କଟିତଟେ ପୀତ ଦୁକୂଳ ।
ଉରେ ଧରିଣ ହାର ବନମାଳ ॥
ମଧୁର ହାସ କମଳ ବଦନ ।
ସାକ୍ଷାତ ମଦନ ପରେ ମଦନ ॥
ଦେଖି ବାଳୀବୃନ୍ଦ ଆନନ୍ଦମନ ।
ପାଇଲେ ଯେମନ୍ତେ ହଜିଲା ଧନ ॥
ପୁଣ ପୁଣ ଗୋପୀ ନିରେଖି ଶୋଭା ।
ହୋଇଛନ୍ତି ଅଙ୍ଗଭଙ୍ଗିରେ ଉଭା ॥
ଦେଲେ ଯୁବତୀ ମକର ଆସନ ।
ଶେଜାଇଣ ଉପରିଣ ବସନ ॥
ପ୍ରେମଭରେ ହରି ଚାହିଁ ବସାଇ ।
ମାନ ଅନୁରାଗ କାମ ମିଶାଇ ॥
କ୍ଷୋଭ ତେଜିଲେ ଭାବରେ ମଜିଲେ ।
ନେତ୍ର-କମଳ ଫୁଲରେ ପୂଜିଲେ ॥
ପଲକ ନଚଳେ ଖାତି ବିଘନେ ।
ତ୍ରିଜଗତଗୁରୁଙ୍କ ବେଢ଼ିଣ ନିଘନେ ॥
ବିଚ୍ଛେଦ ଚିନ୍ତା ପ୍ରେମେ ମିଶି ସ୍ୱାଦ ।
ଭାସନ୍ତି ବାଳୀ ଭାବେ ଗଦ ଗଦ ॥
ଏକାନ୍ତ ବନରେ ନବ ଅବଳା ।
ମଧୁ ମଣ୍ଡପରେ ମଦନେ ବିହ୍ୱଳା ॥
ତେଜିବା ସତ ବିକଳ କେମନ୍ତେ ।
ନାବ ବୁଡ଼ାଇ କୂଳନ୍ତି ଛଡ଼ାନ୍ତେ ॥

ମନ ବଢ଼ାଇ କୁଳରୁ ଛଡ଼ାଇ ।
ବାଇ କରାଇ ମୁରଲୀ କଢ଼ାଇ ॥
ବର୍ତ୍ତି ଜଳେ ଗଲ ଭେଲା ବୁଡ଼ାଇ ।
ଆମ୍ଭେ ମଲେ ହୋନ୍ତା କେଉଁ ବଡ଼ାଇ ॥
ମନ୍ଦହସି କୃଷ୍ଣ ବୋଲନ୍ତି ସଖି ।
ଶରଧା ତୁମ୍ଭ ଶୋକମୁଖ ଦେଖି ॥
ପ୍ରତ୍ୟକ୍ଷେ ବାମତାରେ ବଇରାଗ ।
ବିଚ୍ଛେଦେ ଜାଣିବା କି ଅନୁରାଗ ॥
ଏଥିପାଇଁ ସଖୀ ଅନ୍ତର ହେଲୁଁ ।
ଯେଣେ ଯାଅ ତେଣେ ଗୋଡ଼ାଇଥିଲୁଁ ।
ବନରେ ପୁଚ୍ଛ ତୁମ୍ଭେ ଯେତେ ପୁଣି ।
ହାସ ଉଲ୍ଲାସ ହେଉଥାଉଁ ଶୁଣି ॥
ନିନ୍ଦା ଭର୍ତ୍ସନା ତର୍ଜ୍ଜନ ବନ୍ଦନ ।
ହେଳ ଯେସନ୍ତ ଚତୁଃସମ ଚନ୍ଦନ ॥
ମୋ ସଖୀ ତୁମ୍ଭର ଜାଣିଲୁଁ ମନ ।
ନଦେଖି ନଗଲ ନ ତେଜ ବନ ॥
ଏତେ ଅନୁରାଗ ମୋର ବିଷୟେ ।
ଗୂଢ଼ ପ୍ରେମ ତଳେ ନାହିଁ ସଂଶୟେ ॥
ପ୍ରୀତି-ଧନରେ କିଣିଲ ଆମ୍ଭଙ୍କୁ ।
କଦେଇ ଋଣ ଶୁଝିବା ତୁମ୍ଭଙ୍କୁ ॥
କାଲେକାଳେ ତୁମ୍ଭ ହୋଇଲୁ ଋଣୀ ।
ଅଙ୍ଗ କଣ୍ଟକା ରଖିଲ ତରୁଣୀ ॥
ଲଳିତା ବିଶାଖା ଚନ୍ଦ୍ରାଦି ସଖୀ ।
କହନ୍ତି ରାଧାଙ୍କୁ ଲୁଚାଇ ରଖି ॥
ମକରଧ୍ୱଜ ମଦନମୋହନ ।
ରତି ପ୍ରିୟବତୀ ରାଧା ବହନ ॥
ଶୋଭା ନହରଇ ସଜନୀ ନାହିଁ ।
ସଙ୍ଗେ ନେଇ ଛାଡ଼ିଅଇଲ କାହିଁ ॥
ଏକା କରିଣ ନିବେଶିଲ କେଣେ ।
ନଦେଖି ସଖୀଙ୍କି ଝୁରନ୍ତି ଏଣେ ॥
ଆଜନ୍ମ ସୁକୁମାରୀ ନୃପସୁତା ।
ତାଙ୍କୁ ଦେଲ ଆଣି ଏଡ଼େ ଅବସ୍ଥା ॥
କୁଟିଳ କପଟୀ ଶଠ ନାୟକ ।
କହନ୍ତି ଶିର ଖସିଲ ପ୍ରାୟେକ ॥

ଫୁଲଗଭା ପ୍ରାୟେ ଯେମଣ ଥିଲ ।
ଭୋଗକରି ବାସି ପକାଇଦେଲ ॥
କାହିଁ ଛାଡ଼ିଅଛ ହାଅସି ଲୋଡ଼ ।
ନପାଇଲେ ଭଲେ କେଦେବ ଛାଡ଼ ॥
କାମ-ରାଜାକୁ ଗୁହାରି କରିବୁଁ ।
ବନେ ବିବେକ ମହତ ସାରିବୁଁ ॥
ରସିକ ଶୁଣି ହୋଇ ହସ ହସ ।
ବୋଲନ୍ତି ସଖୀଗୋ ନପାଅ ପ୍ରାଶ ॥
ଶିରୀ ଖସିଲେ କନ୍ଧରୁ ଯାହାର ।
ଲୋଡ଼ିଲେ ଭେଟ କହେବ ତାହାର ॥
ତୁମ୍ଭ ପାଇଁ ସେ ଆମ୍ଭଙ୍କୁ ଛାଡ଼ିଲେ ।
କନ୍ଧରେ ନଅନ୍ତେ ଖସି ପଡ଼ିଲେ ॥
ବନ ଦେଖାଇ ତୁମ୍ଭରେ ମିଳାଇ ।
ଶିରୀ ହୀନ ଜନ ଭୟେ ଟଳାଇ ॥
ଶୋଭା ନୁହେ ସଖୀ ତାଙ୍କ ଅଭାବେ ।
ତାଙ୍କର ରସ-ଉତ୍ସବ ସ୍ୱଭାବେ ॥
ସ୍ୱରୂପ ତୁମ୍ଭ ଆଗରେ କହିଲୁଁ ।
ଯେତେକ ଭର୍ତ୍ସିଲ ତାହା ସହିଲୁଁ ॥
ଆଜ ଯା ପୁଚ୍ଛିବ ତାହା କହିବୁଁ ।
ଶଶିମୁଖୀ କି ଯେମନ୍ତ ପାଇବୁଁ ॥
ପ୍ରସନ୍ନ କରାଇ ବସାଅ କୋଳେ ।
ଅନ୍ତ ଓଜ କର ପ୍ରେମ ଏକାଳେ ॥
ବାମା ମନମୋହ ମୃଦୁ ମଧୁରେ ।
ଅପାଙ୍ଗରେ ମନ୍ଦହାସ ଅଧରେ ॥
ଛଳବା ପୂରବା ରତି ଋଭୁସା ।
ବଚନେ ବନ୍ଧ ନପାରେ ଠଭୁସା ॥
ଏକ ଆରକେ ମୁଖ ଚୁମ୍ବାଚୁମ୍ବି ।
ଗୁପତେ ପୁଣ ହୋଇ କୁହାକୁହି ॥
ନିର୍ଭୟେ ମନରୁ ମାନ ଛାଡ଼ିଲେ ।
ପ୍ରେମ ଛନ୍ଦରେ ପ୍ରସଙ୍ଗ ବାଢ଼ିଲେ ॥
ଚତୁରୀ ବୋଲନ୍ତି ନହ ବିଦଗଧ ।
ଚତୁର କଥାର କହିବା ଭେଦ ॥
ନ ଭଜିଲେଣ କେହୁ ନ ଭଜନ୍ତି ।
ଭଜିଲେ ପୁଣି ସେ କେହୁ ଭଜନ୍ତି ॥

ଏ ଗୁଢ଼କଥା କହସି ବିସ୍ତର ।
ତୁମ୍ଭ ବଚନ ମରମ-କତ୍ତୁର ॥
ନହେଲୁ ଏଥିରେ ଅଛଇଁ ପୁଣ ।
କହିବା ଗୋଟି ଗୋଟି କରି ଶୁଣ ॥
ସାର ଏ ରସମଧ୍ୟେ ଶୃଙ୍ଗାରରସ ।
କାନ୍ତ ସଖ୍ୟ ବାତ୍ସଲ୍ୟ ଆଉର ଦାସ୍ୟ ॥
କାନ୍ତ ନଭଜେ ନଭଜେ କାମିନୀ ।
ଭଜିଲେ ଭଜେ ସଖା ଭାବଯେନି ॥
ନଭଜେ ସୁତ ନଭଜେ ତାତମାତ ।
ଭଜିଲେ ନଭଜେ ଦାସ୍ୟେ ପ୍ରଭୃତ୍ୟ ॥
ଭଜିଲା ଲୋକକୁ ନଭଜେ ଯେବେ ।
ପ୍ରଭୁ ହୋଇଲେ କୃତଘ୍ନ ତେବେ ॥
ଶୁଣି ଇଷିତେ ବାଳୀ ମୁଖ ପୋତି ।
ଏକ ଆରକେ ନେତ୍ର ଗତାଗତି ॥
ଶେଷେଯେ କହିଲେ ସେହିଟି ଏହି ।
ଉପ୍ରୋଧେ ଫେଡ଼ି ନକହନ୍ତି କେହି ॥
ଇଙ୍ଗିତ ଜାଣି ହରି ସଙ୍କୁଚିତ ।
ଆମ୍ଭର ମୁଖେ କୁହାଇ ଉଚିତ ॥
ପୁଣ ସଭାରେ କଥା ଉଳୁଟାଇ ।
ଫଶସୁ ରଖି ନକହେ ଫିଟାଇ ॥
ତବ ପାଦେ ଅପବାଦେ ପ୍ରମାଦେ ।
ଦେବ ବିବାଦେ ଭବ ଅନୁବାଦେ ॥
ଏକାକୀ ରମଣୀ ତେଜିଲ ବନେ ।
କହ ଲକ୍ଷଣ କେବେ ଗୁରୁଜନେ ॥
କୃଷ୍ଣ ବଦନ ଲମ୍ବାଇ ମଉନ ।
କେହି ସମସ୍ୟା ନକହି ସ୍ତମ୍ଭନ ॥
ବୃନ୍ଦା ଗୁହ୍ନି ଶାରୀଶୁକେ ପଚାରି ।
କହ ଏଗୁର ସମାଧ୍ୟା ବିଚାରି ॥
ଶୁକ ଭାଷନ୍ତି କଉଶିକ ଋଷି ।
ତେଜି ବନେ ମେନକାକୁ ବିଳସି ॥
ପ୍ରୀତିଯୋଗେ ଶାପ ନଦେଲେ ଏଣୁ ।
କନିଷ୍ଠ ନିଷ୍ଠୁରେ ଗଣିତା ଯେଣୁ ॥
ଅପବାଦେ ରାମ ତେଜିଲେ ସୀତା ।
ପରୀକ୍ଷା ଯୋଗେ ଏ ନ ପତିବ୍ରତା ॥

ପ୍ରୀତିକର ପୁଣ ତେଜିଲେ ଯାହା ।
ମଧ୍ୟମ ନିଷ୍ଠୁର ଜାନକୀ-ନାହା ॥
ଦେବ ବିବାଦେ ହେ ନଳ ନୃପତି ।
ବିନା ଦୋଷରେ ତେଜିଲେ ଦମୟନ୍ତି ॥
ଗରିଷ୍ଠ ନିଷ୍ଠୁର ସଙ୍ଗ ବିହୀନ ।
ଏତେ କହି ଶୁକ ହେଲେ ମଉନ ॥
ଲଳିତା ବୋଲେ କହିଲତ ତିନ ।
ଆରକୁ ନକହି ହେଲତ ଭିନ ॥
ଶାରିକା ବୋଲେ ଯେ ବସିତ ମହି ।
ଏ କୃଷ୍ଣପ୍ରେମ ଅନୁବାଦେ ତେଜ ॥
ଅନୁରାଗୀ ରାଣ୍ଡ ବନ୍ଧଣ କନ୍ଧେ ।
ପକାଇ ତେଜିଗଲେ ବନ ମଧ୍ୟେ ॥
କନିଷ୍ଠ ମଧ୍ୟ ଗରିଷ୍ଠୁଁ ବାହାର ।
ଏତେ ନିଷ୍ଠୁର ହୃଦୟ କାହାର ॥
ଶୁଣି ଲଜ୍ଜିତ ହରି ଗୋପିକାରେ ।
ବୃନ୍ଦା ରସନା ଚୁପି ଶାରିକାରେ ॥
ରାଧା ମାନ ବାଧା ହୃଦୟ ବ୍ୟଥା ।
ନକହି ମାଧବ ଲମ୍ବାଇ ମଥା ॥
ଗୋବିନ୍ଦ ନିର୍ବେଦ ଦେଖି ଶ୍ରୀମତୀ ।
ମାନ ତେଜି ରସ-ବିଳାସେ ମତି ॥
ପତିଙ୍କ ଗୃହୀଁ ରତିକ ସରଳ ।
ବେଙ୍କୁଁ ବେଳ ହୁଏ କାମ-ପ୍ରବଳ ॥
କୁନ୍ଦଲତା ଧରି ରାଧିକା କର ।
ବୋଲନ୍ତି କୃଷ୍ଣ କୋଳେ ବିଜେକର ॥
କାନ୍ତ ଲଭିଲ ଆଜ କି ବିଗୁର ।
ଈଧ ମହଉ ରସକୁ ସଞ୍ଚାର ॥
ତରୁଣୀ କୁଳ ଶିରୋମଣି ଧନୀ ।
ଅଦ୍ଭୁତେକ ହୁଅଁ ଗୋବିନ୍ଦ ଯେନି ॥
ରାସ ଲୀଳାରେ ନବ ନାଟୋଇ ।
କୃଷ୍ଣପକ୍ଷ ହୋଇ ମନେ ଗୁଟୋଇ ॥
ସୁହୃଦମତେ ପୃଥୁଶ୍ରବା ବୋଲେ ।
ଅଭିମାନ ଛେଳୁ ବସ ମୋ କୋଳେ ॥
ଏମନ୍ତ ସଖୀ କହନ୍ତି ବଢାଛ ।
ନାହିଁ ନାହିଁ କରି ମୁଖ ହଲାଇ ॥

କେବଳ ନଜାଣି ହସାଇ ବୁଦ୍ଧି ।
ଏବେ ହସାଇବା ମହତ ବିଧି ॥
କର ଧରି ସଖୀ ନିଅନ୍ତି ବଳେ ।
ମନ ଚରଣ ଆଗହୋଇ ଚଳେ ॥
ପହଣ୍ଡ ଦଶ ମଣି ଶତ କ୍ରୋଶ ।
ଲଜ୍ଜା ହରଷ ମିଶି କୃଷ୍ଣପାଶ ॥
ପାଟ୍ଟେଛି ଆସି ହରି କୋଳେ ଧରି ।
ମକର ଆସନରେ ବଜେକରି ॥
ନବ କାମକେଳେ ନବ ରତିକ ।
ମୋହିଲେ ସବ ଯୁବତୀ ମତ୍ତକ ॥
ବୃନ୍ଦା ଦେଲେ ଫୁଲ କୋଦଣ୍ଡ ହାତେ ।
ଭୃଙ୍ଗ ପୁଣ ପଞ୍ଚବାଣ ସହିତେ ॥
ଶରଦ ଯେନ ଷଡ଼ଋତୁ ସେବ ।
ଯେଝା ସମସ୍ତ ଭାବ ଅବଲମ୍ବି ॥
ସଜନୀଗଣ ଦେଇ ହୁଳହୁଳି ।
ସଙ୍ଗତେ ଆନନ୍ଦ ସିନ୍ଧୁ ଉଚ୍ଛୁଳ ॥
ପାରୁଶେ ରହି ସେବା ଯେ ଯାହାରେ ।
ଛତ୍ର ଚଉଁର ଚାମର କାହାରେ ॥
ଖଡ୍ଗ ଆଲଟ ବିଞ୍ଚଣି ଦର୍ପଣ ।
ରତ୍ନ ଝରିବାସ ବାରି ଅର୍ପଣ ॥
ହଡ଼ପ ପାନ୍ଥ କର୍ପୂର ତାମ୍ବୂଳ ।
ଚତୁର ସମଫୁଲ ଗନ୍ଧ ମାଳ ॥
ବସନ ଆଭରଣ ଅଳଙ୍କାର ।
ରାଜ ଉପଚାର ଯେତେ ପ୍ରକାର ॥
ଫଳରେ ବୃନ୍ଦା କଲେ ଅଭିଷେକ ।
ଦେଖିଣ ସକଳେ ଭାବେ ପୁଲକ ॥
ବିବିଧ ବାଦ୍ୟ ନୃତ୍ୟ ଗୀତରଙ୍ଗେ ।
ବେଢ଼ି ମଣ୍ଡନ୍ତି ବୁଲି ଯେଝାସଙ୍ଗେ ॥
ବୃନ୍ଦା ଜଣାନ୍ତି ଭେଦେବ ମହିମା ।
ନୃତ୍ୟକୁ ସାବଧାନ ନୃପ ଜେମା ॥
ଶ୍ୟାମ ଅଙ୍ଗେ ହେମ ଗଉରୀ ଛଳ ।
ନବଘନେ ଯେହ୍ନେ ସ୍ଥିର ବିଜୁଳି ॥
ଏକ ଆର ନୃତ୍ୟ ଦେଖି ପ୍ରଶଂସେ ।
ପ୍ରସାଦ ଶାଢ଼ୀ ଚନ୍ଦନ ବିଶେଷେ ।

ରାଜକନ୍ୟା ତା ନାମ ଚନ୍ଦ୍ରକଳା ।
ନବାଙ୍କଶୋଭା ନୃତ୍ୟରେ କୁଶଳା ॥
ରୂପ ଗୁଣରେ ହରି ମନ ମୋହି ।
ପ୍ରେମଭରେ ହାସ କଟାକ୍ଷେ ଚାହିଁ ॥
ଦକ୍ଷିଣପାଶେ ଭୃଙ୍ଗବିଦ୍ୟା ଥିଲେ ।
ପ୍ରଭୁ ତାହାକୁ ଚାହିଁ ଆଜ୍ଞା ଦେଲେ ॥
ତୁମ୍ଭର କରି ଆଣିଛ ତାହାକୁ ।
ନିତ ଏ ସେବା କରିବେ ଏହାଙ୍କୁ ॥
ଆଜ୍ଞା ଯେନ ସଖୀ ତାଘରେ ମିଳେ ।
ନିଜ ଶୋଭା ବାସ ଭୂଷଣ ଦେଲେ ।
ବୀଣା ବାଦ୍ୟକୁ ଦେଇ ତାଙ୍କ ହସ୍ତେ ।
ସମର୍ପିଲେ ରାସେଶ୍ୱରୀ ଅଗ୍ରତେ ॥
ଏମନ୍ତେ ସେହୁ ଅବଧାନ କରି ।
ଦେଖାଇ ଶିଖାଇ ନୃତ୍ୟ ପ୍ରକାରି ॥
ଗତୁଁ ଶତେଗୁଣ ପ୍ରେମ ବଢ଼ିଲେ ।
ଅନଙ୍ଗ ଅନୁରାଗରେ ବୁଡ଼ିଲେ ॥
ଅଧି ମହତ ରାସ ଆରମ୍ଭରେ ।
ରାଧା କୃଷ୍ଣ ଏକ ପରିରମ୍ଭରେ ॥
ଅଙ୍ଗେ ଅଙ୍ଗ ବନ୍ଧ ମୁଖେ ମୁଖକୁ ।
ଚିନ୍ତି ବିଚ୍ଛେଦ ଦାରୁଣ ଦୁଃଖକୁ ॥
ଏକେ ବେଣୁ କରେ କରେ ପ୍ରବୃତ୍ତରେ ।
ଅଧରେ ଅଧରେ ଗୀତ ଉଚ୍ଚାରେ ॥
ବେଢ଼ି ଯୁବତୀ ଗାବନ୍ତି ଧରସେ ।
ବାଆନ୍ତି ତାଳ ଭାବନ୍ତି ହରଷେ ॥

ଯଥା ରାଗେଣ ଗୀୟତେ ।

ଯମୁନା କୂଳରେ ପୁଳିନ ବନରେ ମାନିନୀ ମାନରେ
ଗୋପିକା ନାୟକ କୁସୁମ ସାୟକ ମକର ଯାନରେ ।
। ଘୋଷା ।
ଦେଖ ଦେଖ ଶୋଭାରେ ନବୀନ ମଦନ ।
ରାଧାକୃଷ୍ଣ ଦୁହିଁ ଏକାଙ୍ଗ ମୁରଲୀ ବଦନ ।
ହାଇ ହାଇ ।
ଉର ଉଲ୍ଲସଇ, ମନ ବିଳସଇ, ମଧୁର ବଚନ,
କଟାକ୍ଷ ବାଣ, ମରମ ଭେଦଇ କମଳ ଲୋଚନ ।

ହାଇ ହାଇ । ସୁରଭି ଦୋହନ, ଆଭୀର ମୋହନ,
ପୀରତି ବଣରେ ।
ରସ ଉଚ୍ଛବରେ, ବିବିଧ ଭାବରେ,
ସୁରତ ରସରେ । ମୁରଲୀ ନାଦରେ, ବୋଲନ୍ତି
ସଧୀରେ, ରାଧିକା ରାଧିକା । ଅଙ୍ଗନା ରତନ
ଭଙ୍ଗିମା ଯତନ, ମୋପ୍ରାଣ ଅଧିକା ।
ତା ଥେଇ ତା ଥେଇ ତାଳ ମାନରେ ।
ହସ୍ତ ନେତ୍ର ଗତି ଅନୁ ଆନରେ ॥
ଅଙ୍ଗ ଭଙ୍ଗିମା ରଙ୍ଗିମା ଅଧରେ ।
ମନ୍ଦ ଇଷିତ ସଙ୍ଗୀତ ବନ୍ଧରେ ॥
କୁଞ୍ଚା କୁଣ୍ଡଳ କାଞ୍ଚନ ଜଡ଼ାଉ ।
ହେମ ମେଖଳା ରତ୍ନ ଦାଉ ଦାଉ ॥
ଗ୍ରୀବ ହାର ମାଳ ଗତି ଛଟକେ ।
ହାଟକ ତାଟଙ୍କ ଜ୍ୟୋତି ଝଟକେ ॥
କଙ୍କଣ କିଙ୍କିଣୀ ନୂପୁର ନାଦେ ।
ମୃଦୁ ମଞ୍ଜୁଳ ତାଳ ଅନୁବାଦେ ॥
ଶ୍ରମ-ଜଳ-କଣା ଶୋଭେ ଶ୍ରୀଅଙ୍ଗେ ।
କୁଙ୍କୁମ ଚନ୍ଦନ କସ୍ତୁରୀ ସଙ୍ଗେ ॥
କୁସୁମ-ଗର୍ଭ ମାଳ ଉର ତଟେ ।
ଅଙ୍ଗ ସୁଗନ୍ଧ ଘେନିଣ ଚହଟେ ॥
ନବ ବୟସୀ ଏକୁ ଆରେ ଶୋଭା ।
ହରି ସଙ୍ଗରେ ମନ ମୋହ ଲୋଭା ॥
ବୃନ୍ଦା ବିଧାନେ ମକର ଖେଳଇ ।
ତାଳମାନ ଭଙ୍ଗ ରଙ୍ଗେ ଚଳଇ ॥
ରାଧା ଗୋବିନ୍ଦ ଅଙ୍ଗ ଅବଲମ୍ବେ ।
ଚନ୍ଦ୍ର ଗତି ପ୍ରାୟେ ମକର ଭ୍ରମେ ॥
ଜୟ ଜୟ ଧ୍ୱନି ସକଳ ସ୍ଥାନେ ।
କୁସୁମ ବରଷି ମଙ୍ଗଳ ଗାନେ ॥
ମଣ୍ଡଳୀ ବେଢ଼ିଣ ନୃତ୍ୟରେ ବାଳୀ ।
ଗତ୍ର ମତ ସଙ୍ଗ ଗୋବିନ୍ଦ ମିଳି ॥
ମନେ ଚତୁର କରେ ଏକେ ଏକେ ।
ମୋହରେ ମାଧବ ସ୍ନେହ ଅଧିକେ ॥
ଗଣ୍ଡ କାନ୍ତିରେ ଶ୍ୟାମ ଜ୍ୟୋତି ମିଶି ।
ଭ୍ରମେ ଗଉର ବର୍ଣ୍ଣ ଏକ ମିଶି ॥

ପ୍ରେମଭରେ ମଣେ ମନ ଉଲ୍ଲାସେ ।
ରାଧି ତେଜ ହରି ମୋ ପାଶେ ଆସେ ॥
ସ୍ୱରେ ସ୍ୱର ମିଳି କରେ ଗାୟନ ।
ଢୋଲ ମୃଦଙ୍ଗ ଦୁନ୍ଦୁଭି ବାୟନ ॥
ବୃନ୍ଦାବନ ବାସୀ ଅବଲୋକନ୍ତ ।
ନିଶି ଶଶୀ ସଙ୍ଗ ନଭେ ପ୍ରକଟ ॥
ପ୍ରେମରେ ଗୋପୀଙ୍କି ଯେତେ ଗଞ୍ଜିଲେ ।
ତେତେରୂପେ ମହାଭାବେ ଭଜିଲେ ॥
କୃଷ୍ଣ ଅଙ୍ଗ ସଙ୍ଗ ଲଭି ଅଙ୍ଗନା ।
ପୂର୍ଣ୍ଣ କଲେ ଯେତେ ମନସ୍କାମନା ॥
ଯେ ଶଙ୍କର ବ୍ରହ୍ମା ଯେତ୍ତୁ ଦୁର୍ଲ୍ଲଭ ।
ଭାବେ ଗୋପୀଙ୍କି ହୋଇଲେ ସୁଲଭ ॥
ଏମନ୍ତେ ରସ-ଉତ୍ସବ ବଢ଼ାଇ ।
ବିବିଧ ବାଜଣା କରି ଛଡ଼ାଇ ॥
ବହୁ ରୂପ କୃଷ୍ଣ ଏକଇ ଅଙ୍ଗ ।
ବରଷା ଜଳ ଯେହ୍ନେ ସିନ୍ଧୁ ସଙ୍ଗ ॥
ସୁରସ ବାରିଧି ରସ-ଈଶ୍ୱରୀ ।
ଶ୍ୟାମ ଘନ ସେହୁ ରସ ଉଦ୍ଧରି ॥
ବରଷି ତାପ ନାଶି ଗୋପୀକୁଳ ।
ପୁଣ ବହୁ ସେହୁ ସଙ୍ଗରେ ମୂଳ ॥
ଘନରସେ ଗୋପୀ ତୋଷ ଶୀତଳେ ।
ଭାବେ ମଗ୍ନ ମହା ଆନନ୍ଦ-ଜଳେ ॥
କୃଷ୍ଣଙ୍କୁ ବେଢ଼ି ମଣ୍ଡଳୀ ବସିଲେ ।
ମଳୟ-ପବନେ ଶ୍ରମ ନାଶିଲେ ॥
ଗୋବିନ୍ଦ ବୋଲନ୍ତି ଗୋପୀଙ୍କି ଚାହିଁ ।
ନୃତ୍ୟରଙ୍ଗରେ ଅଛ ଶ୍ରମପାଇ ॥
ଏବେ ଚାଲ ଜଳକେଳି କରିବା ।
ଶୀତଳ ହୋଇଣ ଶ୍ରମ ହରିବା ॥
ରାଧା ସଙ୍ଗରେ ମକର ବାହାନେ ।
ଚଳନ୍ତି ସକଳ ଗୋପୀ ଗହଣେ ॥
କୂଳନ୍ତି ଟପି ଜଳରେ ପଶିଲେ ।
ନଉକା ପ୍ରାୟେ ମକର ଭାସିଲେ ॥
ଚଉପାଖରେ ବେଢ଼ିଣ ବାଳୀ ।
କର କମଳରେ ଜଳକୁ ତୋଳି ॥

କରନ୍ତି ରାଧ କୃଷ୍ଣ ଅଭିଷେକ ।
ଜଳ କେଳିରଙ୍ଗେ ଅତି ଉତ୍ସୁକ ॥
ମଦନ-ଯଜ୍ଞେ ପୂର୍ଣ୍ଣେ ମଧୁପାନ ।
କଲେ ଯମୁନା ଅଦଭୁତ ସ୍ନାନ ॥
ଏକ ଆରକେ ଜଳ ମରାମରି ।
ବୁଡ଼ ରହନ୍ତି ହୋଇ ଧରାଧରି ॥
ଲୀଳାରେ ପଦ୍ମକୁମୁଦ ଉପାଡ଼ ।
କୁଚୁହଳେ ଏକ ଆରକେ ତାଡ଼ ॥
ଉତ୍ପଳକୁଳ ଭ୍ରମନ୍ତି ଅବା ସେ ।
ବସନ୍ତି ବଦନ ପଦ୍ମ ସୁବାସେ ॥
ନିବାରେ ଖରୁ ଉପ୍ରେ କରପଦ୍ମେ ।
ବୁଡ଼ି କଙ୍କଣ ରଣଝୁଣ ନାଦେ ॥
ଉପରଣ ବାସ ଖସିଣ ପଡ଼ ।
ଉରଜ ଯୁଗ ଦିଶେ ଜଳେ ଜଡ଼ ॥
ଅବସ୍ଥା ଦେଖିଣ ହସନ୍ତି ହରି ।
ଅସମ୍ଭାଳରେ ସଖୀ କୋଳକରି ॥
ମକରୁଁ ଉତ୍ତୁରି ଆରତେ ହରି ।
ଗୋପୀଙ୍କି ସମ୍ଭାଳ ଭୃଙ୍ଗ ନିବାରି ॥
ଝୀନ ବସନେ ଅଙ୍ଗ ଶୋଭାହସେ ।
ରସିକବର ଦେଖି ମନରସେ ॥
ଶୀତଳ ପାଟଳ ସୁଗନ୍ଧ ଜଳ ।
ଝଲଝଲ ବାଲି ଦିଶଇ ତଳ ॥
ଯୁବତୀ ହେନ କରନ୍ତି ବିହାର ।
କରିଣୀ ଯୂଥେ ଯେହ୍ନେ କରିବର ॥
ଏକ ଏକପରେ ଜଳ ଢାଳନ୍ତି ।
ମରମକୁ ଜଳ ବାଣ ମାରନ୍ତି ॥
ଦଶବାଂଶ ମେଳ ହୋଇଣ ଗୋପୀ ।
ରସିକ ଉପରେକୁ ଜଳ କ୍ଷେପି ॥
କୃଷ୍ଣସଙ୍ଗ ରଙ୍ଗେ ଜଳ ଯୁଦ୍ଧରେ ।
କଙ୍କଣ ରଣ ଝୁଣିତ ନାଦରେ ॥
ସମ୍ମୁଖେ ହରି ରହିଣ ବଞ୍ଚାଇ ।
ଜଳ ପେଲଇ ବାଳୀଙ୍କି ଘୁଞ୍ଚାଇ ॥
ପଳାନ୍ତେ ଉରଦେଶ କରେ ଜୁରି ।
ହରିଲେ ବାସ ଚନ୍ଦନ ହାର ॥

ଜପ୍ତ ନଖରେଖା ହୃଦୟମାନରେ ।
ସ୍ଥିରକରି ନାଶି ଚୁମ୍ବ ଦାନରେ ॥
ରାଧା ଚନ୍ଦ୍ରାବଳୀ ଆଦି ସୁନ୍ଦରୀ ।
କୃଷ୍ଣର ସଙ୍ଗେ ଜଳକେଳି କରି ॥
ହସ୍ତ ଧରାଧରି ମଣ୍ଡଳୀ ହୋଇ ।
ଧୀରେ ଧୀରେ ମାରି ଜଳ ଉଠାଇ ॥
ବୋଲେ ହରି ସଖୀ ଦେଖ ନାଟକ ।
କାଳିନ୍ଦୀ କୁଚ ଦେଖାଇ ନାଟକ ॥
ତୁମ୍ଭରେ ପୁଣ ସେ ପଶେ ଶରଣ ।
କୁଚ ସହସ୍ର କୁମ୍ଭରେ ବରଣ ॥
କୁମୁଦ ପଦ୍ମ ଆଦି ଫୁଲେ ରଞ୍ଜି ।
ନିର୍ମଳ ହୋଇଣ ତୁମ୍ଭରେ ଭଜି ॥
ତରଙ୍ଗ ଦେଖିଏ ଭ୍ରମର ଶ୍ରେଣୀ ।
ଦ୍ୱିଜକୁଳ କରେ ମଙ୍ଗଳ ଧ୍ୱନି ॥
ବିଧୁ ପ୍ରତିବିମ୍ବ ଦର୍ପଣ ଧରେ ।
ତୁମ୍ଭ ମୁଖ ଶୋଭା ଉଦ୍ଦେଶ୍ୟ କରେ ॥
ନିଯୋଗିଣ ଆଭରଣ ଅନେକ ।
ମତ୍ସ୍ୟ ଅବତାର ଆଦି ପଦକ ॥
କୁସୁମ ସୁଗନ୍ଧ ଶୀତ ଅନିଳେ ।
ପାଟଳ ନିର୍ମଳ ସ୍ୱାଦୁ ସଲିଳେ ॥
କରୁଛୁ ଯମୁନା ଏତେ ସେବାକୁ ।
ନିତି ତୁମ୍ଭ ପାଦ ଧୋଇ ପିବାକୁ ॥
ଚତୁରୁ ବୋଲନ୍ତି ଶୁଣ ଶ୍ରୀହରି ।
ସେବ ତୁମ୍ଭଙ୍କୁ ରୂପଗୁଣ ଧରି ॥
ନିତି ବିହାର କର ଏଥି ତୁମ୍ଭେ ।
ଏହେନ ସପତ୍ନୀଗଣୀ ଆମ୍ଭେ ॥
ତାଙ୍କ ସନ୍ନିଧି ନିତି ଆମ୍ଭେ ସେବୁଁ ।
ଏହାଙ୍କୁ ଯେନ ସେ ତୁମ୍ଭଙ୍କୁ ଲଭୁ ॥
ନୀଳମଣି ହେନ କରୁଛୁ ପୂଜା ।
ଆମ୍ଭରେ ହିଂସାକୁ କରିବେ ତେଜ୍ୟା ॥
କୃଷ୍ଣ ବୋଲନ୍ତି ତୁମ୍ଭର ବଚନେ ।
ଗଉର କୁଚ କୁଙ୍କୁମ ଚନ୍ଦନେ ॥
ଦେଖିଏ ଆମ୍ଭର କାନ୍ତି ତେଜିଲେ ।
ତୁମ୍ଭର ରୂପ ଗୁଣରେ ମଜ୍ଜିଲେ ॥

ଜଳକେଳି ରଙ୍ଗେ ପ୍ରଭଂ ଜକତି ।
ମୁନି ବୋଲନ୍ତି ଶୁଣ ଧନପତି ॥
ଗୋପୀ ଗୋବିନ୍ଦ କେଳି ସମାଧାନେ ।
ତପନ ତନୟା ସେବ ବିଧାନେ ॥
ସର୍ବତୀର୍ଥ କନ୍ୟା ଘେନିଣ ସଙ୍ଗେ ।
ଜଳ କେଳିରେ ପୂଜ ହରି ରଙ୍ଗେ ॥
ପୁଣ୍ୟନଦୀ ନବନାରୀ କୁଞ୍ଜର ।
କାବେରୀ ଗୋମତୀ ବେନି ପଞ୍ଜର ॥
ଖୁର ଚରଣ ଗୋଦାବରୀ ଆଦି ।
ସମ୍ମୂର୍ତ୍ତି ପୂର୍ତ୍ତି ରେବା ବିଷ୍ଣୁପଦୀ ॥
ସପତ କୁଣ୍ଡ ବ୍ରହ୍ମା କୃଷ୍ଣ ବେଣୀ ।
ପୃଷ୍ଠ ପୁଚ୍ଛଦେଶ ବଇତରଣୀ ॥
ଭଜେ ହରି ନବନାରୀ ବାରଣେ ।
ଆସ୍ୱତ୍ତ କରି ଲାବଣ୍ୟ ଆରଣେ ॥
ଯମୁନା ପାଣେ ଭ୍ରମର ଛଟନ୍ତି ।
ଗୋବିନ୍ଦର ସଉଭାଗୀ ଅଟନ୍ତି ॥
ଗୋବିନ୍ଦ ଅନ୍ନ ରୂପରେ ଭଜିଲେ ।
ରାଧାଙ୍କୁ କମଳ ଫୁଲେ ପୂଜିଲେ ॥
ଚନ୍ଦ୍ରାବଳୀ ଆରାଧିଲେ କୁମୁଦେ ।
ମଙ୍ଗଳା ଯୂଥେଶ୍ୱରୀ କୋକନଦେ ॥
ଶ୍ୟାମା ମାଳାବେଳି ଭଦ୍ରା ପୁଣ୍ଡରୀକେ ।
ଏରୂପେ ପୂଜାକଲେ ଏକେ ଏକେ ॥
ଯମୁନା ଜଳେ ସର୍ବେ ତୋଷମନେ ।
ବ୍ରଜେନ୍ଦ୍ର ବିଜୟ ଗଜ ବାହାନେ ॥
ସକଳ ଉପରେ ଜଳ ବରଷେ ।
ଗଜେନ୍ଦ୍ର ପଦ୍ମିନୀବନେ ବିଳସେ ॥
ଗୋବିନ୍ଦ ଗୋପୀ କାଳିନ୍ଦୀ ବିହାର ।
କହି ପାରିବାକୁ ଶକ୍ତି କାହାର ॥
ମଦନ ମତ୍ତେ ଶୀତ ଭୟେଥିରେ ।
ବାହାର ଜରଜର ସରସରେ ।
କୂଳେ ଆସି କେଶ ବାସ ଶୁଖାଇ ।
ଯାଇଥିଲେ ଯେଉଁବାସ ରଖାଇ ॥
ପିନ୍ଧିଣ ସୁନ୍ଦରୀ ସୁବେଶ ହେଲେ ।
ମନେ ନିଉଛାଳି ଗୋପେନ୍ଦ୍ର କଲେ ॥

ହୋଇଛନ୍ତି ରତି ଉତ୍ସୁକ ବାଳୀ ।
ନ ତେଜନ୍ତି ହରି ଯମୁନା କେଳି ॥
ଜଳେ ଗୋବିନ୍ଦ ବିଳମ୍ବକୁ ଦେଖି ।
ଏକ ଆରକରେ ବିଚାରେ ସଖୀ ॥
ଆମ୍ଭଙ୍କୁ ହରି ଗୋ ଲୁଚିଲେ ବନେ ।
ଆମ୍ଭେ ଲୁଚିବା ଲୋଡ଼ିବେ କେସନେ ॥
ବୋଲନ୍ତି ହରି ମୋର ଅଙ୍ଗ ବିନୁ ।
ବନେ ଲୁଚିଇ ନପାରିବ ତନୁ ॥
ଜାଣିବା ହରି ଆମ୍ଭ ଅନୁରାଗ ।
ଲୋଡ଼ିଣ କୁଞ୍ଜେ କୁଞ୍ଜେ ହେବେ ସଙ୍ଗ ॥
ଯେ ଯାହା ମତେ ବିଚାରି ଚିତ୍ତରେ ।
ରସିକ ବର ମୋହର ପ୍ରୀତିରେ ॥
ଯହିଁ ଥିଲେ ଏକା ହୋଇବ ଭେଟ ।
ସବୁରି ସଙ୍ଗେ ଥିଲେ ହେବ ନଷ୍ଟ ॥
ଯେ ଯାହା ମନରେ ବିଚାର କଲେ ।
କୃଷ୍ଣ ବନେ ଅନୁରାଗ ବହିଲେ ॥
ମନେ ବିଚାର କଲେ ସର୍ବ ସଖୀ ।
ଏହି ସମୟରେ ଏକଇ ସଖୀ ॥
ବୋଲେ ବିଚାର କରୁଛ କିସ ।
ତୁମ୍ଭ ମନ ଜାଣି ମିଳିଲି ପାଶ ॥
ତୁମ୍ଭେ ଯେ ବିଚାର କରୁଛ ଯାହା ।
ମୋତେ କହିବ ନ ଲୁଚାଇଁ ତାହା ॥
କି ରୂପେ କୃଷ୍ଣ ଗୋ ହେଲେ ଅନ୍ତର ।
ମୋତେ କହିବ ଗୋପାଙ୍ଗନା ବର ॥
ଏହି ରୂପେ ପଚାରିଲା ମୁଁ ଯେତେ ।
ତେଣୁ କହିଲେ ବୃନ୍ଦାଦେବୀ ମୋତେ ॥
ଶୁଣ ହେ ଧନପତିର କୁମର ।
ସେ ବୃନ୍ଦାବନ ଚରିତ ବେଭାର ॥
ଏମନ୍ତେ ଯେତେକ ତରୁଣୀମାନେ ।
ବିଚାର କରି ହୋଇଲେ ସୁମନେ ॥
ସୁମରି କୃଷ୍ଣ ଚରଣ ବିଶ୍ୱାସ ।
ମନେ ରଖି କୃଷ୍ଣ ପାଦ ଲାଳସ ॥
ସେବିଲେ ସେ ବୃନ୍ଦାଦେବୀର ପାଶ ।
କହିଲେ ଅନ୍ତ କରଣ ବିଶ୍ୱାସ ॥

ରାଧିକା ଚନ୍ଦ୍ରାବଳୀ ବୃନ୍ଦା ଆଦି ।
ଭୂଗୋଳ କମଳ ଭୂଅ ସମ୍ପାଦି ॥
ବେଷ୍ଟରେ ସହସ୍ର ଦଳ ଗହନ ।
ସପତ ଦ୍ୱାର ସପ୍ତ ଆବରଣ ॥
ଯମୁନାରୁ ସେ କମଳ ବାହାର ।
ସର୍ବଦା ରାଧା ମାଧବ ବିହାର ॥
ଚିନ୍ତାମଣି ସେ ଭୂମି ଅକଳିତ ।
ଦେବ ଦାନବେ ନପାରେ କଳିତ ॥
ସପତ ଦ୍ୱାର ଜଗତ ଦୁଆରୀ ।
ପ୍ରଥମେ ଅଛନ୍ତି ରବିକୁମାରୀ ॥
ଦ୍ୱିତୀୟ ଦ୍ୱାରେ ଛନ୍ତି ବୃନ୍ଦାବତୀ ।
ଜଗତେ ଯାର ନାମେ ବନ ଖ୍ୟାତି ॥
ତୃତୀୟ ଦ୍ୱାରେ କକ୍ଖଟୀ ବାନରୀ ।
ରଙ୍ଗିଣୀ ହରିଣୀ ଚତୁର୍ଥେ ଦ୍ୱାରୀ ॥
ପଞ୍ଚମ ଦ୍ୱାରେ ତାଣ୍ଡବୀ ମୟୂରୀ ।
ଯାହାରେ ନୃତ୍ୟେ ତୋଷ ରାଧା ହରି ॥
ଦକ୍ଷନାମେ ଶୁକ ଷଷ୍ଠରେ ଦ୍ୱାରୀ ।
ସପତମ ଦ୍ୱାରେ ସୂକ୍ଷ୍ମାଧୀ ସାରି ॥
ଅଷ୍ଟଦଳ ପଦ୍ମ ତଥି ମଧ୍ୟରେ ।
ଅଷ୍ଟ ସଜନୀ କୁଞ୍ଜ ପ୍ରସିଦ୍ଧରେ ॥
ଉତ୍ତରେ ଲଳିତା ଆନନ୍ଦା ନାମେ ।
କୁଞ୍ଜ ମଞ୍ଜୁଳ ଅତି ଅନୁପମେ ॥
ମୂଳ ପ୍ରକୃତି କେଶର ଦେବତା ।
ଆରାଧନା ନିତ୍ୟେ କରେ ଲଳିତା ॥
ଐଶାନ୍ୟେ ବିଶାଖା ନନ୍ଦଦା କୁଞ୍ଜେ ।
ସଖୀ ସର୍ବେଶ୍ୱରୀ ଦେବତା ପୂଜେ ॥
ପୂର୍ବରେ ଚିତ୍ରା ନନ୍ଦଦା ଉଦ୍ୟାନ ।
ରାଧା ଦେବତା କରେ ଆରାଧନ ॥
ଅନଳେ ଚନ୍ଦ୍ରରେଖା ବନ ଜାତି ।
କୃଷ୍ଣପ୍ରିୟା ନାମେ କରନ୍ତି ସ୍ତୁତି ॥
ଦକ୍ଷିଣେ ଚମ୍ପକଲତା ନନ୍ଦଦା ।
କୁଞ୍ଜେ ରସେଶ୍ୱରୀ ସେବି ସର୍ବଦା ॥
ନୈଋତରେ ରଙ୍ଗଦେବୀର ବନ ।
ଘୋଷେଶ୍ୱରୀ ପାଦେ କରେ ସେବନ ॥

ପଶ୍ଚିମରେ ତୁଙ୍ଗବିଦ୍ୟା ନନ୍ଦଦା ।
କୁଞ୍ଜ ମଞ୍ଜୁଳ ସୁଖ ପୁଞ୍ଜ ସଦା ॥
ବାୟବ୍ୟେ ସୁଦେବୀ ପ୍ରମୋଦା ବନ ।
କୃଷ୍ଣ ପୂଜିବା ହୋଇ ତୋଷମନ ॥
ଏରୂପେ ଅଷ୍ଟସଖୀ ଅଷ୍ଟକୁଞ୍ଜେ ।
ଇଷ୍ଟ ନାମକୁ ଇଷ୍ଟକରି ଭଜେ ॥
ମଧ୍ୟେ ଶ୍ରୀକୃଷ୍ଣ ଅତି ଶୋଭାବନ ।
ସୁବର୍ଣ୍ଣ ପୀଠ ରତ୍ନ ସିଂହାସନ ॥
ଚିନ୍ତାମଣି ମୋଦ ହେମେ ନିର୍ମିତ ।
କଳ୍ପ ପାଦପ ଗୁଚ୍ଛରେ ଆବୃତ ॥
କାମ ସଗ୍ରାମେ ଏହି ପଦ୍ମଭୂଅ ।
ଗୋବିନ୍ଦ ଭେଦ ଆନରେ ଅଜୟ ॥
ରାଧା ଚନ୍ଦ୍ରବଳୀ ଆଦି ସୁନ୍ଦରୀ ।
ପଶିଲେ ଦ୍ୱାରେ ଜଗିଲେ ଦୁଆରୀ ॥
ପ୍ରଥମ ଆବରଣରେ ଶ୍ୟାମଳା ।
ଦ୍ୱିତୀୟ ଆବରଣରେ ମଙ୍ଗଳା ॥
ତୃତୀୟ ଆବରଣେ ରହେ ଭଦ୍ରା ।
ଚତୁର୍ଥ ଆବରଣେ ଧନ୍ୟାସଦା ॥
ପଞ୍ଚ ଆବରଣେ ମଦନାବତୀ ।
ଷଷ୍ଠ ଆବରଣରେ ମଧୁମତୀ ॥
ସପତ ଦଳ କଞ୍ଜ ଆବରଣ ।
ଚନ୍ଦ୍ରାବଳୀ ହେନ ସଜନୀ ଗଣ ॥
କେଶର ମଧ୍ୟରେ ରାଧିକା ସ୍ଥାନ ।
ହେନଣ ସଙ୍ଗରେ ସଜନୀଗଣ ॥
ଏରୂପେ ମୂଳ ଅଷ୍ଟ ଯୂଥେଶ୍ୱରୀ ।
ଏକେ ସହସ୍ରେ ଯୂଥ ଅନୁସରି ॥
ଯେ ଯାହା ମନରେ ଯେ ଯାହା କୁଞ୍ଜେ ।
ପାଖୁଡ଼ା ଗୋଟି ଗୋଟିକରେ ଭଜେ ॥
ମଧ୍ୟେ ଶ୍ରୀକୃଷ୍ଣ ଅତି ଶୋଭାବନ ।
ସୁବର୍ଣ୍ଣ ପୀଠ ରତ୍ନ ସିଂହାସନ ॥
ଚିନ୍ତାମଣି ମୋଦ ହେମେ ନିର୍ମିତ ।
କଳ୍ପ ପାଦପ ଗୁଚ୍ଛରେ ଆବୃତ ॥
କାମ ସଙ୍ଗ୍ରାମେ ଏହି ପଦ୍ମଭୂଅ ।
ଗୋବିନ୍ଦ ଭେଦେ ଅନ୍ୟରେ ଅଜୟ ॥

ରାଧା ଚନ୍ଦ୍ରାବଳୀ ଆଦି ସୁନ୍ଦରୀ ।
ପଶିଲେ ଦ୍ୱାରେ ରହିଲେ ଦୁଆରୀ ॥
ଚାରୁ ଉପବନ ଏ ପୁଷ୍କରିଣୀ ।
ଏକାନ୍ତ ସ୍ଥାନରେ ଭୃତ୍ୟ ନିର୍ମାଣି ॥
ଏରୂପେ ପାଖୁଡ଼ାଗୋଟି ଗୋଟିକେ ।
ସହସ୍ର ସହସ୍ର ଯୂଥ ଯୂଥକେ ॥
ଯେତେ ଯୁବତୀ ତେତିକ କୁଟୀରେ ।
ସର୍ବେ ବୃନ୍ଦାବନେଶ୍ୱରୀ ମୂର୍ତିରେ ।
ରହିଲେ ସକଳେ ଯେ ଯାହା କୁଞ୍ଜେ ।
କୃଷ୍ଣ ଆଗମ ପଥ ଚାହିଁ ଭଜେ ॥
ଏମନ୍ତେ ଗୋବିନ୍ଦ ଯମୁନା କେଳି ।
ନବେଶି ପାଶେ ରାଧା ଚନ୍ଦ୍ରାବଳୀ ॥
କାଳିନ୍ଦୀ କର ଧରିଣ ବାହାର ।
ବୋଲନ୍ତି ପଛେ କରିବା ବିହାର ॥
ଏକ ଆରେ ଲୁଚି ଗୋପ ଯୁବତୀ ।
ଏକାନ୍ତ ରତିକି ଉତ୍ସୁକ ମତି ॥
ପ୍ରଥମ ଦ୍ୱାରେ ରକ୍ଷିତାଙ୍କୁ ବୋଧି ।
ଭିତରେ ପଶି ପଦ୍ମ ଭୂଅ ଭେଦି ॥
ଏକ ଏକରେ ହୋଇଲେ ମିଳନ ।
ବ୍ରଜ ନାୟକ ପ୍ରେମର ଅଧୀନ ॥
ସପତ ଦ୍ୱାର ସାତ ଆବରଣ ।
କାମିନୀ ଲଙ୍ଘି ପ୍ରାଣ ରମଣ ॥
କେଶର ମଧ୍ୟେ ଅଷ୍ଟଦଳ କୁଞ୍ଜେ ।
ରାଧା ସଜନୀ ସଙ୍ଗେରଙ୍ଗେ ମଜ୍ଜେ ॥
ଶ୍ରୀକୃଷ୍ଣ ଶ୍ରଦ୍ଧେ ରାଧା ସଙ୍ଗେ ମିଳି ।
ଏକାନ୍ତ ସ୍ଥାନରେ ସୁରତ କେଳି ॥
ସେବାପର ରୂପମଞ୍ଜରୀ ଆଦି ।
ଖଟିଛନ୍ତି ଉପର୍ଯ୍ୟର ସମ୍ବାଦ ॥
ଚନ୍ଦ୍ରାବଳୀ ଆଦି ଏ ଅନୁଗତେ ।
ସୁରତି ଆରମ୍ଭେ ହରି ସଙ୍ଗତେ ॥
ଯେତେ କୁଞ୍ଜ ତହିଁ ତେତେ ଯୁବତୀ ।
ଯେତେ ନାରୀ ହରି ତେତେ ମୂରତି ॥
ଏକେ ଏକେ ହରି ରମି ଆନନ୍ଦ ।
ନଜାଣି କୃଷ୍ଣ ବହୁରୂପ ଭେଦ ॥

ବିରହରେ କଲି ପୂର୍ବେ କେଉଁ ଭାଗ୍ୟ ।
ଏକା ମୁଁ ହରି କରଯେନ ଭୋଗ ॥
ବିବିଧ ରଙ୍ଗେ କେଳି ଆନେ ଆନେ ।
ଏକ ନଜାଣଇ ଆରେକ କାନେ ॥
କୃଷ୍ଣଙ୍କୁ କେହୁ କରନ୍ତି ସୁବେଶ ।
ପିନ୍ଧାଇ ଚାରୁ ଝୀନ ପୀତବାସ ॥
ହିମଣ୍ଡି ଖଞ୍ଜି ଜାତି ଫୁଲଗଭା ।
ବାମଭର ଚୂଳ ଚନ୍ଦ୍ରକା ଶୋଭା ॥
କରୀଟ ମୁକୁଟ ଅଳକାବଳୀ ।
ଶୋଭା ଚାହିଁକର କମ୍ପଇ ବାଳୀ ॥
ଚନ୍ଦନ ତିଳକ ଚାରୁ କପୋଳେ ।
କୁଳବତୀ ଚାହିଁ ମତି ଆକୁଳେ ॥
ମକର କୁଣ୍ଡଳ ଗଣ୍ଡ ଯୁଗଳେ ।
ଖେଳନ୍ତି ଗଣ୍ଡି ଲାବଣ୍ୟ ସଲିଳେ ॥
ନାସାପୁଟେ ଗଜ ମୁକୁତା ଖଞ୍ଜି ।
ସୁରଙ୍ଗ ଅଧରେ ତାମ୍ବୂଳ ଭୁଞ୍ଜି ॥
କଣ୍ଠେ ମେଡ଼ର ହେମକଣ୍ଠି ମାଳ ।
ହୃଦେ ବରମାଳ ମଣି ମଞ୍ଜୁଳ ॥
ବାହାରେ ବାହୁଟି କରେ କଙ୍କଣ ।
ଦଶ ଅଙ୍ଗୁଳରେ ମୁଦ୍ରିକା ଗଣ ॥
କଟି କିଙ୍କିଣୀ ମେଖଳା ବନ୍ଧନ ।
ସର୍ବାଙ୍ଗେ ଲେପି କର୍ପୂର ଚନ୍ଦନ ॥
ଚରଣେ ନୂପୁର ଖଞ୍ଜିଣ ବାଳୀ ।
ବେଶ ବଢ଼ାଇ ଦେଇ ହୁଳହୁଳି ॥
କେବଣ କୁଞ୍ଜରେ ଭୋଜନ ଲୀଳା ।
କାହାର ସଙ୍ଗେ କୁଞ୍ଜେ ପଶାଖେଳା ॥
କେଉଁ କୁଞ୍ଜେ ଉପବନ ଭ୍ରମଣ ।
କାହା ସଙ୍ଗେ ନାନାରଙ୍ଗେ ରମଣ ॥
ଚୂଆ ଚନ୍ଦନ ଗନ୍ଧ ଆଦି ବୋଳ ।
କାହା କୁଚରେ ଲିଖି ପତ୍ରାବଳୀ ॥
ସୁବେଶ କରନ୍ତି କେଉଁ ନାୟିକା ।
ରତି କରିବାରେ ମତି ଉତ୍ସୁକା ॥
ଶତକଟା କାହିଁ ଖେଳନ୍ତି ଦମ୍ପତି ।
ହୋଇ ଉକ୍ରିଷ୍ଟ ବିପରୀତ ରତି ॥

କାହାର ସଙ୍ଗେ ଖେଳେ ଚେଶାଇ ।
ଗୋପୀଭାବେ ଜ୍ଞାନ ଯୋଗ ବୁଝାଇ ॥
କେବଣ କୁଞ୍ଜେ ବସି ଦୋଳାଖେଳ ।
ମନ୍ଦ ସମୀରେ ଧୀରେ ଧୀରେ ଚଳ ॥
କାହାର ଉପରେ ଅପସର ଦେଇ ।
ଛଳ କହନ୍ତ ଶଶୀଙ୍କି ଅନାଇ ॥
ଯେତେ ତାରକା ଏ ନର୍ମଳେ ଉଦେ ।
ଶ୍ୟାମେ ଲାଞ୍ଛନ ଏକା ତୁମ୍ଭ ହୃଦେ ॥
ଲୋକେ ନନ୍ଦନ୍ତ କଳଙ୍କକୁ ଲେଛ ।
ଉଜ୍ଜ୍ୱଳ ହୋଇ ନଜପୁରେ ଗଚ୍ଛ ॥
ଗୋପୀ ବୋଲେ ଚନ୍ଦ୍ର ନୁହେ ଲାଞ୍ଛନ ।
ଶ୍ୟାମ ମୃଗ ମଦେ ତନୁ ଶୋଭନ ॥
ନବ ନୀରଦ ତନୁ ଅନୁରାଗ ।
ଅନ୍ତଃ ଫୁଟି ଘୋଟି ବାହାର ଅଙ୍ଗ ॥
ଯାହାରେ କରୁଣା ସେହି ସେ ପାଇ ।
ଆନ ଲୋଡ଼ିଲେ ତା ପାଇବ କାହିଁ ॥
ଏମନ୍ତ ଅଙ୍ଗ ଭୂଷଣକୁ ଲେଛୁ ।
ନଜପୁରେ କବୁଁ କା କାର୍ଯ୍ୟ ଅଛୁ ॥
ବଥାଇଲେ ପିଠି କଠିନ କୁଚେ ।
ଅଲଗା ହୁଅ ବାସ ଦେବା ଉଚେ ॥
ଶୁଣି ରସିକ ପ୍ରେମେ କମ୍ପମାନ ।
ମୁଖ ଲେଉଟାଇ ଦେଇ ଚୁମ୍ବନ ॥
ଦକ୍ଷନାୟକ ସକଳ ସମାନେ ।
ଏମନ୍ତେ ନଶି ଅଷ୍ଟଘଡ଼ି ମାନେ ।
ଶୃଙ୍ଗାର ରସେ ସର୍ବ ମନ ତୋଷି ।
ପରଶ୍ରମରେ ଅନଦ୍ରା ଆଳସୀ ॥
ନଦ୍ରା ଆଶାକଲ କଞ୍ଜ ନୟନେ ।
ପ୍ରିୟାକୋଳେ ପୁଷ୍ପ ଶେଯେ ଶୟନେ ॥
ଲହଣ ତନୁ ଲପନେ ଲପନେ ।
ଶୟନେ ବାଳୀ ଦେଖନ୍ତି ସ୍ୱପନେ ॥
ଗୋବନ୍ଦ ସଙ୍ଗେ ଲୀଳା ଯେତେ ଯେତେ ।
ଦେଖନ୍ତି ସେହିରୂପେ ନଦ୍ରାଗତେ ॥
ଏମନ୍ତେ ଶେଷ ହୋଇଲା ରଜନୀ ।
ବାୟସ ତାମ୍ରଚୂଡ଼ କଲେ ଧ୍ୱନ ॥

ଦ୍ୱିଜରାଜ ଯହୁଁ ଦାନ୍ତୁଣ ଭଜ ।
ଦେଖି ଦେଖିଣ ନଜତେଜ ହଜ ॥
ତାରକାଗଣ ହଶିଲେ ମଳନ ।
କାନ୍ତ ନୀରସ ଦେଖି ଶଶୀକ୍ଷୀଣ ॥
ବଚ୍ଛେଦ ଚନ୍ତ ବରସ ଆକାଶ ।
ପୂର୍ବରେ ଅରୁଣ ଛବ ପ୍ରକାଶ ॥
ଦେଖିଣ ବୃନ୍ଦା ତରସ୍ତ ହୋଇଲେ ।
ଶୁକ ସାରୀକ ପଢ଼ ଆଜ୍ଞା ଦେଲେ ॥
ଶୁକ ଭାଷଇ ଗୋକୁଳ ନାୟକ ।
ମହୀମଣ୍ଡନ ମଣ୍ଡନ ତଳକ ॥
ଜଗମୋହନ ରାଧା ପ୍ରାଣବନ୍ଧୁ ।
ଧଇର୍ଯ୍ୟ ମେରୁ ମର୍ଯ୍ୟାଦାରେ ସିନ୍ଧୁ ॥
ନଶି ପାହିଲା ପୁରେ ବଜେକର ।
ଅଳସ ତେଜ ପଥ ଅନୁସର ॥
ଶାରୀ ଭାଷଇ ହେ ନୃପ ନନ୍ଦନ ।
କୃଷ୍ଣ ପ୍ରାଣଧନ ଜଗଦ୍‌ବନ୍ଦନ ॥
ଅବନୀ ଅଲଙ୍କାର ରାସେଶ୍ୱରୀ ।
ରାତ ପାହିଲା ଚଳ ନଜପୁର ॥
ବିଳମ୍ବ ଆଉ ନକର ଏଥିରେ ।
ଲୋକ ଗହଳ ହୋଇବେ ପଥରେ ॥
ଶୁଣି ରାଧାକୃଷ୍ଣ ନଦ୍ରା ଭାଙ୍ଗିଲେ ।
ସଭୟେ ଉଠିଣ ଶଯ୍ୟା ତେଜିଲେ ॥
ବିଚ୍ଛେଦ ଚିନ୍ତା ବେନ ଖେଦ ମନ ।
ରଜନୀ ମଞ୍ଜରୀ ହେଲେ ମିଳନ ॥
କକ୍‌ଖଟୀ ବାନରୀ ବୃକ୍ଷରେ ଡ଼ାକେ ।
ଜଟିଳା ଆସିବା ଶୁଣି ଆତଙ୍କେ ॥
ମନ ପାଲଟାଇ ଘେନିଣ ଗଲେ ।
ଯେ ଯାହାପୁରେ ପଲଙ୍କେ ଶୁତିଲେ ॥
ହରଷ ବରସେ ଗୋପ ତରୁଣୀ ।
ମନ୍ଦରେ ପ୍ରବେଶ କେହି ନଜାଣି ॥
ନତ୍ୟ ମତରେ ପ୍ରାତଃ କୃତ୍ୟକଲେ ।
ଗୋବନ୍ଦ ଲୀଳା ସୁମରି ଗାଇଲେ ॥
ପ୍ରାତଃକାଳେ ଉଠି ଯଶୋଦାଦେବୀ ।
କୃଷ୍ଣ ମୁଖଚନ୍ଦ୍ରେ ଆନନ୍ଦ ଲଭି ॥

ନଳ କୁବେରେ କହନ୍ତି ନାରଦ ।
ଏମନ୍ତେ ସମ୍ପୂର୍ଣ୍ଣ ହେଲା ଶରଦ ॥
ରାଈ ଦାମୋଦର ରାସ ଉତ୍ସବ ।
କଥନେ ଯୋଗ୍ୟଯେହ୍ନ ଭୁମ୍ନଭାବ ॥
ସେ ବେନି ପାଦ ଅରବିନ୍ଦ ଯୁଗେ ।
ପ୍ରାତଃ ସେବାରେ ଦାସ ଅନୁରାଗେ ॥
ମଧୁମଙ୍ଗଳ ସୁବଳ ସଙ୍ଗରେ ।
ହାସ ପରିହାସ ରଙ୍ଗ ରାଗରେ ॥
ଅଇଲୁ ଦାମ ସୁଦାମ କୋକିଳ ।
ବସୁଦାମ ସ୍ତୋକ କୃଷ୍ଣ ଉଜ୍ଜ୍ୱଳ ॥
ବସନ୍ତ ସୁବାହୁ କିଙ୍କିଣୀ ଆଦି ।
ଅର୍ଜୁନ ଗନ୍ଧର୍ବ କୃଷ୍ଣାନୁବାଦୀ ॥
ମିଳିଲେ କୃଷ୍ଣ ଶୟନ ସଦନେ ।
ଦର୍ଶନେ ଆନନ୍ଦ ହାସ ବଦନେ ॥
ଯୁବତୀ ମତ୍ତ ଗୋବିନ୍ଦ ପୀରତି ।
ଚଞ୍ଚଳେ ନ କଲେ ପୁରୁ ବାରତି ॥
ଯତନେ ଜସନ୍ତସ ଲେଉଡ଼ ଯାଇ ।
ନନ୍ଦପୁରେ କୃଷ୍ଣ ଦର୍ଶନ ପାଇଁ ॥
ସଖୀ ସେବକ ସେବ ସନ୍ନିଧାନେ ।
ଏମନ୍ତ ଗୋବିନ୍ଦ ବିଧି ବିଧାନେ ॥
ଗୋଷ୍ଠ ଲୀଳାରଙ୍ଗେ ଗାବ ଦୁହାଁଇ ।
ଘରେ ଆସେ ପୁଣ ଦୁଗ୍ଧ ବୁହାଇ ॥
ସ୍ନାନ ସୁବେଶ ସଖାଙ୍କ ସଙ୍ଗରେ ।
ଫୁଲ ଚନ୍ଦନ ସକଳ ଅଙ୍ଗରେ ॥
ଭୋଜନ ବିବିଧ ସ୍ୱାଦୁ ସରସେ ।
ରୋହିଣୀ ଜନନୀ ତୋଷେ ପରଶେ ॥
ଆଚମନ କରି ତାମ୍ବୁଲ ଭୁଞ୍ଜି ।
କ୍ଷଣେକ ବିଶ୍ରାମକୁଳ ଆଜିଜ ॥
ଗୋଧନ ଚରାଇ ବନ ଗମନେ ।
ବ୍ରଜବାସୀ ଖେଦଲୁର ବିମନେ ॥
ଗୋବିନ୍ଦ ବିଚ୍ଛେଦେ ନସରେ ଦିନ ।
ଚନ୍ଦ୍ର ନଦେଖି ଚକୋର ଯେସନ ॥
ଏକ ଆରକ ଦେଖିଲେ ପଚୃର ।
ଦଶ ବଂଶମେଳ ହୋଇ ବିଚୃର ॥

ଗୋବିନ୍ଦ ବନ ବିହାର ଚରିତ ।
ବର୍ଣ୍ଣନ୍ତି ଦିନ ଗାୟନ କରିତ ॥
ଯେବଣ କାଳରେ ଯେବଣ ଲୀଳା ।
ଏକ ଆରକେ ଭାଷନ୍ତି ଅବଲା ॥
ପ୍ରାତଃକାଳେ ସଖୀ ଗୋଷ୍ଠକୁ ଯାଇ ।
ଗାବ ନାମଧରି ବେଣୁ ବଜାଇ ॥
ବାମ ବାହୁ ବାମ କପୋଳ ବନ୍ଧେ ।
ଭ୍ରୂଲତା ଗତିରେ ତ୍ରିଭଙ୍ଗଛନ୍ଦେ ॥
ଯେ ଯାହା ମତେ ଚରୁଥିଲେ ଗାଈ ।
ଶୁଣିଣ ସୁରଭି ଅଇଲେ ଧାଇଁ ॥
ଗୋପାଳ ପୁଏ ପ୍ରବେଶ ଭରିତ ।
ମୁରଲୀ ଧ୍ୱନି ଜଗତେ ପୂରିତ ॥
ଦେବ ବନିତା ଗଣ କାନ୍ତ ସଙ୍ଗେ ।
ଶୂନ୍ୟେ ଶୁଣି ମନ ମଦନ ମାର୍ଗେ ॥
କେଶ ବାସ ଫିଟି ଲୋଟଇ ନୀବୀ ।
ହାର ମାଳ ଖସି ପଡ଼ଇ ଭୁବି ॥
ସେ ସିଦ୍ଧ ସ୍ତ୍ରିୟା ହୁଅନ୍ତେ କାତର ।
ଆମ୍ଭେ ଗୋପନାରୀ କେତେ ମାତର ॥
ଗାବ ପଶୁ ଶୁଣି ମୋହ ହୁଅନ୍ତି ।
ଚୀରରୁ କ୍ଷୀର ସ୍ରବଣ ବହନ୍ତି ॥
ଏଣୁ ଇଚ୍ଛା ମତେ ଧେନୁ ଦୁହାଁଇ ।
କ୍ଷଣକେ ଚଳନ୍ତି ଘର ବୁହାଇ ॥
ସ୍ନାନ ସୁବେଶ ଭୋଜନ ବଢ଼ାଇ ।
ବେଗେ ବନେ ଗଲେ ଗାବ ଅଡ଼ାଇ ॥
ପୂର୍ବାହ୍ଣ ଲୀଳା କହେ କେଉଁ ନାରୀ ।
ଦେଖିଛନ୍ତି ଯା ଅନୁଭବ କରି ॥
ବନେ ପ୍ରବେଶ ଗୋଧନ ଚଳାଇ ।
ନବୀନ ତୃଣ ପଲ୍ଲବ ଚରାଇ ॥
ବଂଶୀ ନାଦରେ ସୁମେଳ କରିତ ।
ପାଣି ପିଆଇ ଯମୁନା ସରିତ ॥
ନଦୀ ନବଦ୍ୱ ସ୍ଥଳକେ ରହିଲେ ।
କଳକୁ ମାଡ଼ି ପାଳଟି ବସିଲେ ॥
ହଂସ ସାରସ ଆଦି ବନଜୀବେ ।
ବେଣୁ ଧ୍ୱନି ଶୁଣି ନିଶ୍ଚଳ ସବେ ॥

ମୁଖେ ମୃଣାଳ ଧରି ମୁଖେ ଗୃହିଁ ।
କୃଷ୍ଣ ଲାବଣ୍ୟ ଅମୃତକୁ ପିଇ ॥
ପକ୍ଷୀ ଜୀବ ଜନ୍ତୁ ହେଲେ ପ୍ରମତ୍ତ ।
କେଉଁ ଜନ ହେବ ଅନ୍ୟ ମୋହିତ ॥
ଗେରୁ ଘୋଷ ଯେନ ଲଲାଟ ପାଟି ।
ଅଙ୍ଗେ ନାନାରଙ୍ଗେ ଶତା ଉକୁଟି ॥
ରଙ୍ଗ ଯାମୁଡ଼ାଳ ସ୍ତବକ କେଣ୍ଡି ।
ବରହିପୁଚ୍ଛରେ ମଉଳ ମଣ୍ଡି ॥
ପୀତ ବସନ ପରିଧାନ କାଛୁ ।
ମଲ୍ଲ ବେଶ ନନ୍ଦ ମନ ମୋହୁଛୁ ॥
ସୁସଙ୍ଗରେ ବାହୁ ରଣ ରଙ୍ଗରେ ।
ହାର ଜଣା ଛଳ ବଳ ଭଙ୍ଗିରେ ॥
ଦେଲେ ବନ ଜୀବ ନେତ୍ର ସୁଖକୁ ।
ଆମ୍ଭ ନେତ୍ରକୁ ବିଚ୍ଛେଦ ଦୁଃଖକୁ ॥
କୃଷ୍ଣ ବନ ଯାନ୍ତେ ଯଶୋଦା ଦେବୀ ।
ଛନ ଛନ ମନ ବିଷାଦ ଲଭି ॥
ଆରତେ ପୁଚ୍ଛନ୍ତି ଏକ ଆରକେ ।
ବନକୁ ଗଲେ ଯେ ମୋର ବାଳକେ ॥
ନବୀନ କୋମଳ ପାତଳ ତନୁ ।
ଏତେ ବେଳ ଯାଏ ନଆସେ ବନୁ ॥
ଦୁଷ୍ଟ ପାପିଷ୍ଟ ଧାଡ଼କ ଡରଇ ।
ନ ସରଇ ହନ ଦୁଃଖେ ଝୁରଇ ॥
ଯେତେ ନାହିଁ କଲେ ଗୋଧନ ରଖି ।
ବୋଲେ ମାଏ ଏଣେ ହୋଇବେ ଚୋଡ଼ି ॥
ଏକଇ ବତ୍ସ ଛୁଦ୍ଧା ନୁହେ ଘାଙ୍ଗି ।
ଦେଖିଲ କି କାହିଁ ମେଳ ବରଗି ॥
କହନ୍ତି ଗୋପୀ ଲାଳସ ବିଳାସେ ।
ଯଶୋଦା ଦେବୀ ମାନସ ହୁଲ୍ଲାସେ ॥
ଯମୁନା ଯାଇଥିଲୁଁ ଆଗୋ ମାଏ ।
ଶୁଣିଲୁଁ ତୁମ୍ଭ କୃଷ୍ଣ ବେଣୁ ବାଏ ॥
ପାଣି ପୂରଇ ନ ପାରୁଁ କୁମ୍ଭରେ ।
ରହଣ କୂଳେ ନପାରୁଁ ଦମ୍ଭରେ ॥
ଶ୍ରଦ୍ଧାରେ ଧାଇଲୁଁ ଦେଖିବା ପାଇଁ ।
ମଧ୍ୟାହ୍ନ ସମୟେ ଭେଟିଲୁଁ ଯାଇ ॥

ତୁମ୍ଭ ପୁତ୍ର ଗୋପସୁତ ମଧ୍ୟରେ ।
ଆଦ୍ୟ ପୁରୁଷ କି ସୁର ସିଦ୍ଧରେ ॥
ତରୁ ତଳରେ ତ୍ରିଭଙ୍ଗ ଛନ୍ଦରେ ।
ମୋହନ ମୁରଲୀ ବନ୍ଧି ଅଧରେ ॥
କୋମଳାଙ୍ଗୁଳି ହପତ ରନ୍ଧ୍ରରେ ।
ଧୀରେ ଧୀରେ ଫୁଙ୍କ ବାଏ ମନ୍ଦରେ ॥
ମଧୁର ସୁସ୍ୱରେ ବଜାଇ ବେଣୁ ।
ତୃଣ ମୁଖେ ଶୁଣି ଧାମନ୍ତି ଧେନୁ ॥
ଖଗ ମୃଗାଦି ବନଚର ଜୀବେ ।
ବଇର ତେଜି ସୁଖେ ପ୍ରିୟ ଭାବେ ॥
ତରୁ ଲତା ମଧୁ ଧାର ସମୂହେ ।
ବେଣୁ ଗୀତରେ କି ଲୋତକ ବହେ ॥
ଫଳ ଭରଣେ ନମନ୍ତି ଚରଣେ ।
ଯେସନେ ଦେବ ମାଧବ ଶରଣେ ॥
ଅଚେତ ହୁହିଁ ଏଧନ ଚରିତ ।
ସଚେତ ମୋହିତ କି ଆଚମ୍ଭିତ ॥
ନିତ୍ୟ ଲୀଳାରଙ୍ଗେ ଶ୍ରମକୁ ପାଇ ।
ଗୁହଇ ତଳେ ବସି ମଣ୍ଡଳୀ ହୋଇ ॥
ଗୋପାଳ ପୁଏ ପଲ୍ଲବ ବିଞ୍ଚିତ ।
ଶୀତଳ ଜଳ ବଦନେ ସିଞ୍ଚିତ ॥
ଜ୍ୟେଷ୍ଠ ଭ୍ରାତା ବଦନକୁ ଗୁହିଁଲେ ।
ଭୋଗ କଲି କି ଖାଇବା ବୋଇଲେ ॥
ଅନୁଜ ବଚନ ଶୁଣି ଆଶ୍ୱାସି ।
ଗୋପସୁତଙ୍କୁ ପୁଚ୍ଛନ୍ତି ବିଶ୍ୱାସି ॥
କେ କସ ପୂରୁଁ ଆଣିଅଛ କହ ।
କ୍ଷୁଧାରେ ଆକୁଳ କହ୍ନାଇ ଦେହ ॥
କେ ବୋଇଲ ଆଣିଛ ସର ଶାକର ।
କେ ବୋଲେ ଦଧି ତ୍ରିଗୁଣି ତଗର ॥
କେ ବୋଲେ ଆଣିଅଛୁ ଶିଖରଣୀ ।
କେ ବୋଇଲେ ଗୋଟିକା ବମ୍ପା ଲବଣୀ ॥
କେ ବୋଲେ ଖଣ୍ଡଲଡ଼ୁ ଚାଳ ମୁଆଁ ।
କେ ଆଣିଅଛୁ ଖଇ ଘିଅପୁଆ ॥
କେ ବୋଲେ ଆଣିଛୁ ରୁଟି ପାପୁଡ଼ି ।
କେହୁ ଆଣିଅଛୁ ଛେନା ଖରଡ଼ି ॥

କେ ବୋଇଲ ଆଣିଅଛୁ ଧୂଆମୁଗ ।
ଖଣ୍ଡି ଖଣ୍ଡି ଅଦା ନଡ଼ଆ ସଙ୍ଗ ॥
କେ ବୋଲେ ଇକ୍ଷୁ ଖଣ୍ଡ ଆଣିଛୁ ।
ଗୋବିନ୍ଦ ମନ ଆଗହୁଁ ଜାଣିଛୁ ॥
କେ ବୋଲେ ଆଣିଛୁ ଅମୃତ ପାନ ।
ଶ୍ୱେତ ଶକର କେ ଅଛଇ ଆଣି ॥
କେ ବୋଲେ ଆଣିଛୁ ଅମୃତ ଲଡ଼ୁ ।
କେ ଆଣିଅଛୁ ବାସପାଣି ଗଡ଼ୁ ॥
ଏମନ୍ତେ ଯେତୁ ଯାହା ଆଣିଥିଲେ ।
ମଧ୍ୟେ ଏକଠୁଳ କରି ଥୋଇଲେ ॥
ବୋଲନ୍ତି ବଟୁକ ଆଣିଛ ରଖ ।
ବଟୁ ବୋଲେ ଆଣିଛୁ ଭେକ ॥
ଆଗ ହୋଇ ପତ୍ର ପାତି ବସିଲେ ।
ଏକକୁ ଆରେକ ଦେଖି ହସିଲେ ॥
ମଣ୍ଡଳୀ ବସି ପାଣି ପତ୍ର ଦେଇ ।
ପରଶଇ ସବୁ ସୁବଳ ନେଇ ॥
ମଧ୍ୟେ ବସି ଭୁଞ୍ଜନ୍ତି ବେନି ଭାଇ ।
ଯେତେ ପରଶିଲେ ସରଇ ନାହିଁ ॥
ସୁସ୍ୱାଦୁ ଫଳ ବନ କନ୍ଦ ମୂଳ ।
ସବୁ ନେଇଣ କରିଥିଲେ ଠୁଳ ॥
ଭୁଞ୍ଜିଣ ସକଳେ ପିଣ୍ଡି ତୋଷିଲେ ।
କୃଷ୍ଣଙ୍କ ପାଶେ ସୁବଳ ବସିଲେ ॥
ଆଚମନ କଲେ ସୁବାସ ଜଳେ ।
ମୁଖ ବାସ ପକ୍ୱ ହରିଡ଼ା ଫଳେ ॥
କୋମଳ ପଲ୍ଲବ ଶଯ୍ୟା ରଞ୍ଚାଇ ।
ଦୋଷଡ଼ା ବସନ ତହିଁ ବିଛାଇ ॥
ନିଦ୍ରାଳସେ ତହିଁ ଶୁଆଇ ହରି ।
ଗୋପାଳ ପୁଏ ପାଦ ସେବା କରି ॥
ସହୋଦର ଜଗି ସନ୍ନିଧେ ବସି ।
ସ୍ନେହଭରେ ତନୁକରେ ଆଉଁସି ॥
ସୁରଭିର ଗିରିତଟୁଁ ଖସି ।
ଗୋବିନ୍ଦଙ୍କୁ ବେଢ଼ି ବସିଲେ ଆସି ॥
ଲକ୍ଷ୍ମୀ ଉହାଡ଼େ ଦେଖୁଥିଲା ରହି ।
ଅଇଲି ମୋତେ ନଦେଖିଲେ କେହି ॥

କି କହିବା ତୁମ୍ଭ ପୁତ୍ର ମହିମା ।
ଜଗତେ ସମାନ ନାହିଁ ଉପମା ॥
ଜନଦୁର୍ଗମେ ଯହିଁ ଗଲେ ପୂଜା ।
ରାଜା ଆରାଧନେ ଯେହ୍ନ ପରଜା ॥
ଏଥକୁ ଚିନ୍ତା ନକର ଭେମାତ ।
ଜଗମୋହନ ଏ ତୁମ୍ଭର ସୁତ ॥
ଗୋପୀଗଣୁ ଶୁଣି ଯଶୋଦା ଦେବୀ ।
ନୟନ ଥନ ଥନ ସ୍ତନ ସ୍ରବି ॥
ପୁଣ ପୁଣ ଶୁଣେ ଗୋପୀଙ୍କି ପୁଛି ।
ଓଷ୍ଠ ଧରିଣ ବୋଲେ ଯାଇ ଲୁଚି ॥
ଆଉକେ କସ ଜାଣିଅଛ କହ ।
ଅମୃତ ସିଞ୍ଚିଲା ଦହିଲା ଦେହ ॥
ଆରେକ ଗୋପୀ ବୋଲଇ ଭେଉଣୀ ।
ମୁହିଁ କୃଷ୍ଣ ଦେଖି ଅଇଲି ଜାଣି ॥
ଅପରାହ୍ନକାଳେ ତୁମ୍ଭ କୁମର ।
ଗୋଷ୍ଠକୁ ଆସିବାକୁ ତତ୍ପର ॥
କୁସୁମ ଫଳ ତୋଳି ସଖାରଙ୍ଗେ ।
ମୁରଲି ଚରୁଥିଲେ ରଙ୍ଗଦାଗେ ॥
ନାମ ଧରିଣ ବଂଶୀରେ ଗାଇଲେ ।
ଶୁଣନ୍ତେ ଗାବ ଗୋପାଳେ ଧାଇଁଲେ ॥
ତୃଣ କବଳ ଧରି କର୍ଣ୍ଣ ଡେରି ।
କୃଷ୍ଣଙ୍କୁ ବେଢ଼ି ଶତେ ପୁର କରି ॥
ଫଳ ଫୁଲ ଡାଳ ଗୋପାଳ ହସ୍ତେ ।
ମୁରଲୀ ରବରେ ମିଳ ଭରତେ ॥
ବୋଲନ୍ତି ହରି ଶୁଣ ମିତ୍ରଗଣେ ।
ମୁରଲି ପେଟ ପୂରାଇଲେ ତୃଣେ ॥
ଭେକରେ ସବୁରି ଶୁଖିଛି ମୁଖ ।
ଗୋଠକୁ ଯିବା ଗୋଧନ ସଲଖ ॥
ପଥ ବହୁତ ଦିନ ଅବସାନେ ।
ଜନନୀ ଦୁଃଖ କରୁଥିବେ ମନେ ॥
କ୍ଷୁଧା ଆକୁଳେ ରାବୁଥିବେ ବଛା ।
ଶୁଣି ଗୋପାଳେ ବୋଲନ୍ତି ଯେ ଇଚ୍ଛା ॥
ବନ ଗିରିଙ୍କି ଓଳଗ ମେଲାଇ ।
ଉତ୍ତରି ଗୋଷ୍ଠେ ଗୋଧନ ଚରାଇ ॥

ତୁମ୍ଭ ନନ୍ଦନ ଗୋପସୁତ ମଧ୍ୟ ।
ତାଙ୍କ ଗଣେକ ପୂର୍ଣ୍ଣ ଇନ୍ଦୁ ଉଦେ ॥
ଧୀରେ ଧୀରେ ଆସେ ଗାବ ବଳାଇ ।
କୋମଳ ତୃଣ ଦେଖିଲେ ଚରାଇ ॥
ନବ ପ୍ରବାଳ ଫୁଲ ମାଳ ମାଳ ।
ତୋଳ ପୁନ୍ଥିଣ ଯେନ ବ୍ରଜବାଳ ॥
କାଇଁସି କଙ୍କଣ ମୟୂର ପକ୍ଷୀ ।
ବସନ୍ତ ଡ଼ାଳ ମାଟି ଅଙ୍ଗେ ମାଖି ॥
ରଙ୍ଗ ଜାମୁ ଡାଳ ସ୍ତବକ ଗୁଚ୍ଛ ।
ଘଣ୍ଟି ଘାଗୁଡ଼ି ଆଗ ପଛ କାଛ ॥
ଥୋପି ଥୋପିରେ ଫୁଲ ଗୋଟି ଗୋଟି ।
ରୁଞ୍ଜ ଗୁଞ୍ଜ ମାଳ ଗୁଞ୍ଜର ପାଟି ॥
କଣ୍ଠେ କଣ୍ଠିକାର ଚାନ୍ଦୁଚୂଳିଆ ।
ନଟବର ବେଶ ବନମାଳିୟା ॥
ନାଚନ୍ତି ଗାବନ୍ତି ଡ଼ମାଳଗୀତ ।
ଚରାମାରଣ ଆନନ୍ଦ ଉପତ ॥
କଉତୁକେ ପରିହାସ ଭାଷନ୍ତି ।
ନୀଳମଣିକି ବେଢ଼ିଣ ଆସନ୍ତି ॥
ସୁମେଳ କରି ସୁରଭି ଅଡ଼ାଇ ।
ବନଜୀବ ଲୋଭେ ପଛେ ଗୋଡ଼ାଇ ॥
ସୁନନ୍ଦ ସୁବଳ ଓଗାଳ ବାଟ ।
ଠାବେ ଠାବେ ଜଗି ଦେଖନ୍ତି ନାଟ ॥
ଅନୁଚରେ ବନଚର ସଙ୍ଗରେ ।
ଫାଗୁଟି ଆସନ୍ତି ଅନୁରାଗରେ ॥
ମଧୁର ମୂରତି ଜଗସୋଦର ।
ଧନ୍ୟ ଧନ୍ୟ ମାଏ ତୁମ୍ଭ ଉଦର ॥
ମେଲାଣି ଦେଲେ ନଯାନ୍ତି ମୂରୁଚ୍ଛି ।
ବୋଲନ୍ତି ଦେଖନ୍ତେ ପେଟପୂରୁଚ୍ଛି ॥
ସେମାନେ ଯହିଁ ଦେଖି ହେନ୍ତି ମୋହି ।
ବେଭରେ ବ୍ରଜବାସୀ ନିଜଦେହି ॥
ଆମ୍ଭମାନେତ ନପାରୁଁ ପାସୋରି ।
ତୁମ୍ଭେତ ପୁଣି ଅଟ ଗର୍ଭଧାରୀ ॥
ନଦେଖି ଜୀବନ ରହଇ ଯାହା ।
ଆଶ୍ଚର୍ଯ୍ୟମନେ ମଣୁଅଛୁଁ ତାହା ॥

ମନ ଯାଇଥାଇ ଆଖି ରଖାଇ ।
ଘେନଣ ଆଗତ ପଥ ଦେଖାଇ ॥
ପୁତ୍ରମର୍ମିମା କହି ମାତା ଆଗେ ।
ପ୍ରବୋଧନା କରି ବହୁତ ବାଗେ ॥
ଶୋକଭର ହୋଇ ବୋଲନ୍ତି ମାଏ ।
ଆସୁ ଆସୁ ପୂର୍ଣ୍ଣରସ ଉଦୟେ ॥
ଏ ସ୍ଥାନପତି ଦେବୀଙ୍କି ଜଣାଅ ।
ସର୍ବଶୁଭରେ ଭୁବନେ ଅଣାଅ ॥
ଏତେବେଳଯାକେ ନଦଣେ ଗାଈ ।
ବେଳ ଉଛୁର ଶିଙ୍ଗା ଶୁଭୁନାହିଁ ॥
ତାର ବିଳମ୍ବେ ମୋହର ଗଞ୍ଜଣା ।
କେତେବେଳେ ଆସି ହେବ ମାଜଣା ॥
ଏସନସମୟେ ସାୟଂ ପ୍ରବେଶ ।
ଦିନଶେଷ ରବିତାପଂ ନୀରସ ॥
ପରକାହାଳ ଶିଙ୍ଗା ବେଣୁଧ୍ୱନି ।
ଶୁଣନ୍ତେ ଉଚାଟ ଗୋପକାମିନୀ ॥
ଦେଖିବା ଲୋଭେ ପଥକୁ ଧାଇଁଲେ ।
ଏକ ଆରକେ ବାରତା ପାଇଲେ ॥
ମୁରଲୀ ମୁରଲୀ ଡ଼ାକ ଉଚ୍ଛୁଳ ।
ଲଗାଇ ବଧାଇ ଶଧାଇ ବାଳୀ ॥
କେବୋଲେ ଗୋବନ୍ଦ ବଂଶୀ ମୋହନ୍ତି ।
ଗୋଧନ ଦେଖ ଗୋଷ୍ଠକୁ ଗମନ୍ତି ॥
ଧୂଳି ଉଡ଼ଣେ ନଦଣେ ଆକାଶେ ।
ଲାବଣ୍ୟଚନ୍ଦ୍ର ଗୋକୁଳେ ପ୍ରକାଶେ ॥
ଦେଖିବା ଗୋଧନ ବାହୁଡ଼ା ବେଶ ।
ନଟବରଛବି ଶୋଭା ଅଶେଷ ॥
ମୁରଲୀନାଦେ ଗଉଣୀ ଗାବନ୍ତି ।
କୋଟି ଗଉଣୀ ଚରଣେ ସେବନ୍ତି ॥
ଗୋପସୁତମେଳେ ଶ୍ରୀବନମାଳୀ ।
ଆସୁ ସେ ଥିବେ ନାଚ ଢ଼ଳି ଢ଼ଳି ॥
ତ୍ରିଭଙ୍ଗି ଛନ୍ଦେ ମୁରଲୀ ଅଧରେ ।
ଡ଼ମାଳଗୀତ ପଦ ପଦକରେ ॥
ସର୍ବାଙ୍ଗରେ ପଡ଼ିଥିବ ଗୋଧୂଳି ।
ଉଜ୍ଜ୍ୱଳ ନୀଳମଣି ତନୁଝଳି ॥

କୋଟିଶିଳ୍ପା ଆଗଭାଗ ଚୂଳ ।
ସୁନ୍ଦର ଶୋଭା କୁନ୍ଦ ଚାମ୍ପଫୁଲ ॥
ଭ୍ରୂଲତା କାମ ଇ କଟାକ୍ଷ ସନ୍ଧ ।
ମନ୍ଦ ମନ୍ଦହାସେ ମରମ ଭେଦ ॥
ଗୋପସୁତ ପଟେ ଝଲକା ଶୋଭା ।
ଅଙ୍ଗ ଭଙ୍ଗୀ ଦେଖି ମୋହନ ଲୋଭା ॥
ଖେମଟା ନାଟ ହୋଇ ମଜୁଆଳ ।
ଗୋପପୁଏ ହସି ଧରନ୍ତି ତାଳ ॥
ଆଗେ ଆସୁଥିବେ ସୁରଭୀ ଯୂଥ ।
କେତେ ରଙ୍ଗରେ ଚଳିଥିବେ ପଥେ ॥
କାଲି ସେ ସୁଖ ଦେଇଛନ୍ତି ଯାହା ।
ମନକୁ ରହଇ ସୁମରି ତାହା ॥
ଦେଖନ୍ତେ ବ୍ରଜପିତରେ ପୂରିଲେ ।
ଆଜ ବା କି କି ସଙ୍କେତ କହିଲେ ॥
ଏମନ୍ତେ ଗୋପୀ ଉତ୍ସୁକେ ଧାଇଁଲେ ।
କେତେ ଦୂରେ ଯାଇ ଭେଟ ପାଇଲେ ॥
ବନ ବଞ୍ଚଣ ବିଚ୍ଛେଦ ଦୁଃଖରେ ।
ନୟନ ପୂରେଇ ଦେଖିଲେ ସୁଖରେ ॥
କୁମୁଦ ଦିନକର ତାପେ ଦୁଃଖୀ ।
ଯେସନେ ପ୍ରଫୁଲ୍ଲ ଚନ୍ଦ୍ରକୁ ଦେଖି ॥
କୃଷ୍ଣ ଚନ୍ଦ୍ର ପ୍ରିୟା ଆହ୍ଲାଦରେ ।
ଅପାଙ୍ଗ ଭଙ୍ଗି ପ୍ରହାସ ଅଧରେ ॥
ସୁମରି ଗତଗଣ୍ଡ ରତ୍ନ ଦାନ ।
ଏକା ବେଳେକେ କରି ସନମାନ ॥
ମୁରଲୀନାଦେ ସଙ୍କେତ ଜଣାଇ ।
ଏକ ଏକରେ ଶ୍ରବଣେ ଶୁଣାଇ ॥
କାହାକୁ ବୋଲନ୍ତି ପ୍ରାଣ ସଜନୀ ।
ତୁମ୍ଭ ପୁରେ ଆଜ ଯିବା ରଜନୀ ॥
କାହାକୁ ସଙ୍କେତ ନୀପ ମୂଳକୁ ।
କାହାକୁ କହି କାଳିନ୍ଦୀ କୂଳକୁ ॥
କାହାକୁ ବୋଲନ୍ତି ଗୋ ପ୍ରାଣସଖି ।
କାଲି ବନ ବୁଲି ହୋଇଛୁ ଦୁଃଖୀ ॥
ଆଜ ହାର ପେଡ଼ ଥିବଟି ବସି ।
ମିଳିବାଇଁ ହେଡ଼ପହର ନିଶି ॥
କାହାକୁ ବୋଲନ୍ତି ଯାଅ କୁଞ୍ଜକୁ ।
ଶେଯାଇ ଥିବ କୁସୁମଶେଯକୁ ॥
କାହା ସଙ୍ଗେ ନିଶି ପ୍ରଥମେ କହି ।
କୁମୁଦ ବନରେ ହୋଇବା ଭେଟ ॥
କାହାକୁ କହି ଗଜସାଗର୍ଥକୁ ।
ଯିବ ବେଗ ଗୃହୁଁ ଥିବ ପଥକୁ ॥
କାହାକୁ କହି ଶ୍ରୀକୁଣ୍ଡ ତଟକୁ ।
ଜଗିଥିବ ତୁମ୍ଭ ଯିବା ବାଟକୁ ॥
ଏମନ୍ତେ ସମସ୍ତ ସଙ୍କେତ ପାଇ ।
ପୁଲକ ତନୁ ଉର ଉଲ୍ଲସଇ ॥
ଏମନ୍ତେ ହରି ମନ୍ଦିରେ ପ୍ରବେଶ ।
ତାତ ଜନନୀ ମନ କରି ତୋଷ ॥
ଜନନୀ ସ୍ନାନ ସୁବେଶ ଭୋଜନେ ।
ରାଧିକା ପକ୍ୱ ଦ୍ରବ୍ୟ ନିଯୋଜନେ ॥
ଗୋଦୋହନ କରି ଗାବ ସମ୍ଭାଳି ।
ଦୁଧ ଚଳାଇ ପୁରେ ପୁଣ ମିଳି ॥
ପିତା ସଙ୍ଗରେ କରନ୍ତି ଭୋଜନ ।
ସ୍ୱାଦ ସୁପାକରେ ଅନ୍ନ ବ୍ୟଞ୍ଜନ ॥
ପ୍ରଦୋଷରେ ବିଜେ ଗୋପ ସଭାକୁ ।
ପ୍ରକାଶଇ ନିଶି ହସି ଶୋଭାକୁ ॥
ନିଦ୍ରା ଅଳସେ ମନ୍ଦିରେ ଶୟନ ।
ଯେ ଯହିଁ ସଙ୍କେତ ତହିଁ ମିଳନ ॥
ହରି ଲଭି ସୁଖେ ରମେ ତରୁଣୀ ।
କାହାର ବିହାର କେହି ନଜାଣି ॥
ଏହି ରୂପରେ ଗୋବିନ୍ଦର ଲୀଳା ।
ସୁଜନ ଜନ ଗଳେ କରେ ମାଳା ॥
ଭାଗବତ-ସୁଧା-ସିନ୍ଧୁ ବାହାର ।
ସାର ରସ ବୋଲି ବ୍ରଜବିହାର ॥
ବାସ ବୁଡ଼ି ତହିଁ ନପାଇ ସ୍ଥଳ ।
ଉଦ୍ଧରି କଲୁ ରସ କଲ୍ପ ଠୂଳ ॥
ସୁଜନେ କର୍ଣ୍ଣେ ପୀରତିରେ ପିଅ ।
ଧ୍ୟାନ ଦାସକୁ ପାରି କରି ନିଅ ॥
ନଳକୂବରେ କହନ୍ତି ନାରଦ ।
ଏଥି ଉତ୍ତାରୁ ଶୁଣ କେଶୀ ବଧ ॥

ମଥୁରା କଟକେ କଂସ ରାଜନ ।
ଗୋପକୁ ଅଂଘି ନୁହଇ ଭାଜନ ॥
ଗୋବିନ୍ଦ ମନ୍ଦ ଚିନ୍ତ ମଲ୍ଲ ପେଷି ।
ବେଳେ ବେଳେ ହରି କଞ୍ଚେ ନାଶି ॥
ଆଶେ ପାଶେ ଥିଲେ ଯେ ପୃଥ୍ୱୀ ଶଲ ।
ସବୁ ନାଶିଲେ ସଙ୍ଗେ ଘେନି ବଳ ॥
ମରଣେ କଂସ ମନେ ଭୟ କରି ।
କେଶୀ ପେଷିଲା ଗୋପ ଶିଶୁ ହରି ॥
ଅଶ୍ୱ ରୂପରେ ହ୍ରେଷା ରବକରେ ।
ଖୁରେ ଅବନୀ ଖୋଳେ କ୍ରୋଧ ଭରେ ॥
କଳା ମେଘ ପ୍ରାୟ ଦିଶଇ କାଏ ।
ତରୁ ଉପୁଡ଼େ କନ୍ଧ କେଶ ବାଏ ॥
ପୁଚ୍ଛ ଘୂଳନ୍ତେ ଅଚଳ ଚଳନ୍ତି ।
ଦେବେ ଦେଖି ନଭେ ଭୟେ କମ୍ପନ୍ତି ॥
ଚକ୍ର ଗତି ଭୂମି ହୁଅଇ ଝାଡ଼ ।
କାଷ୍ଠ ପାଷାଣ ଗଗନରେ ଉଡ଼ ।
ଧୂଳି ଉଚ୍ଛୁଳି ନଦିଶଇ ଦିଶ ।
ଗୋପ ଲୋକେ ଦେଖି ବୋଲନ୍ତି କିସ ॥
ନଖ କରଇ ପର୍ବତ ପର୍ବତ ।
ମୁଖ ଘାତରେ କ୍ଷିତି ଖାତ ଖାତ ॥
ଘୋର ଗର୍ଜନ ନାଦେ ମହୀ ପୂରି ।
ପଳାନ୍ତି ଲୋକ ଦେଖି ଭୟଙ୍କରି ॥
ଆସୁଅଛି ଘୋର ବିସ୍ତାରି ପାଟି ।
ପ୍ରଚଣ୍ଡ ଦୈତ ଆସେ କବା ଘୋଟି ॥
ରାମ କୃଷ୍ଣରେ ପଶନ୍ତି ଶରଣ ।
ଗୋପାଳେ ଡାକନ୍ତି କରି ତାରଣ ॥
ଗୋକୁଳ ଆରତ ଦେଖିଣ ହରି ।
ଆଗ ହୋଇଲେ ଲୋକ ପଛ କରି ॥
ବାହୁ କରି ମାରି ଡାକନ୍ତି ଆରେ ।
ମୋହର ସଙ୍ଗେ ଯୁଦ୍ଧ କରି ବାରେ ॥
ଅଶ୍ୱ ରୂପ ଧରି ଲୋକ ଡରାଉ ।
ଦାନ୍ତ ନକୁଟିଣ ଭୟ କରାଉ ॥
ଜନ ବାହନ ହୋଇ ଏଡ଼େ ଆଣ୍ଟ ।
ଆଜ ହରି ସଙ୍ଗେ ହୋଇବ ଭେଟ ॥

ଶୁଣି କେଶୀ ଘୋର ଧାଇଁଲା ବେଗେ ।
ମାରିଲା ବେନି ନାତ କୃଷ୍ଣ ଅଙ୍ଗେ ॥
ଦେଢ଼ ନବାଜଣୁ ଧରିଲେ ହରି ।
ବୁଲାଇ ଉର୍ଦ୍ଧ୍ୱେ ଚକ୍ର ପ୍ରାୟ କରି ॥
କେଶୀ ମୁଖରୁ ରୁଧିର ବାହାରି ।
ବାଣ୍ଟଣ ପଡ଼ଇ ବହୁତ ଦୂର ॥
କଂସ ଆସ୍ଥାନରେ ପଡ଼ିଲା ଯାଇ ।
ଭୟେଣ କଂସ ଉଠିଣ ପଳାଇ ॥
ଗୋକୁଳ ଲୋକେ ଦେଖିଣ ତରସ୍ତ ।
ରୁଧିର ପାତେ ହୁଅନ୍ତି ଆରତ ॥
ବୁଲାଇ ହରି ଫିଙ୍ଗି ଦେଲେ କେଶୀ ।
ଶତେ ଉଡ଼ାରେ ପଡ଼ି ମଲା ଆସି ॥
ଗରୁଡ଼ ଯେସନେ ଉରଗ ଫିଙ୍ଗି ।
ନିଷ୍ଫଳ ହୋଇଣ ରହଇ ଜଗି ॥
ଇନ୍ଦ୍ର ଧ୍ୱଜ ପ୍ରାୟ ପଡିଲା ଘୋର ।
ଧରଣୀ ଦୋଲୁକ ସାଗର ସ୍ଥିର ॥
ଧାଇଁଲା ପୁଣି କେଶୀ ମହାବଳୀ ।
ମୁଖବିସ୍ତାରିଲା ଗିଳିବ ବୋଲି ॥
ମହାଗଭୀର ଦେଖି ଚାରିକୁଣ୍ଡ ।
ପ୍ରବେଶ ହରି କଲେ ଭୁଜଦଣ୍ଡ ॥
ବମ୍ବରେ ଯେସନେ ପଶଇ ଅହି ।
ଲୋକେ ଶୋକେ କୃଷ୍ଣ ଗିଳିଲା ବୁଝିଁ ॥
ହାହା କୃଷ୍ଣ ବୋଲି ଧରଣୀ ଲୋଟି ।
କେଶ ବାସ ଫିଟି ଧୂଳିସାଉଣ୍ଟି ॥
ଗୁଣବାହୁନ କରନ୍ତି ରୋଦନ ।
କାହିଁ ଥିଲା ଏହି କାଳଦମନ ॥
ମୃଦୁଳ ମଞ୍ଜୁଳ କୋମଳ ପାଣି ।
ଗିଳିଲା ଗଜ କଞ୍ଜଳତା ଜାଣି ॥
ଗୋକୁଳ ଆକୁଳ ଜାଣି ପ୍ରଚଣ୍ଡ ।
ଚପଚଲୌହ ଶୁଣ୍ଡ ଭୁଜଦଣ୍ଡ ॥
ଦନ୍ତ ଦନ୍ତ ସବୁ ପଡ଼ିଲା ଝଡ଼ି ।
ଚଡଚଡ଼ ହୋଇ ରସନା ପୋଡ଼ି ॥
ପାଟି ଫାଟି ରହେ ଆଖି ତରଟି ।
ଅନ୍ତ ଭିତର ମନ୍ଥି ଭୁଜମୁଠି ॥

ଜୀବନ ଥକଲେ ଖୁରୁ ମାରଇ ।
ହର ମୁଖରୁହିଁ ପ୍ରାଣ ଛାଡ଼ଇ ॥
ଝାଳ ବହଣ ମଳମୂତ୍ର କଲା ।
ଫୁଟି କାକୁଡ଼ ପରାୟେ ପଡ଼ିଲା ॥
ପଞ୍ଚପ୍ରାଣ କୃଷ୍ଣ ଅଙ୍ଗରେ ମିଶି ।
ଶାପରୁ ମୁକତ ଲଭିଲା କେଶୀ ॥
ଭୁଜ ବାହାର କଲେ କେଶୀନାଶି ।
ଆକାଶେ ଦେବେ କୁସୁମ ବରଷି ॥
କେଶବ ନାମ ଦେଇ ଶୂନ୍ୟଡାକେ ।
ଅମୃତ ନଜଡ଼ିଲେ ଅଭିଷେକେ ॥
ଗୋପୀ ଗୋପାଳେ ସନ୍ନିଧି ମିଳିଲେ ।
ସୁବାସ ଜଳେ ବାହୁ ପଖାଳିଲେ ॥
କୃଷ୍ଣଙ୍କୁବେଢ଼ି ଆନନ୍ଦ ଉତ୍ସୁକେ ।
ପ୍ରଶଂସା ସ୍ତୁତିକଲେ ଏକେଏକେ ॥
ମନୋରଥର ପୂର୍ଣ୍ଣ ବାଞ୍ଛାବନ୍ତ ।
ଚିନ୍ତାମଣିମୟ ପେଡ଼ି ଶଙ୍କଠ ॥
ବିପଦ ଛେଦନ ମହିମା ମେରୁ ।
କରୁଣା ସମୁଦ୍ର କଳପତରୁ ॥
ଗୋକୁଳ ମଣ୍ଡଳ ଚୋର ରକ୍ଷିତ ।
ଆଶ୍ଚର୍ଯ୍ୟ ଆଜ ଚରିତ ଦେଖିତ ॥
ନନ୍ଦ ରାଜନ ଧର୍ମଧେନୁ ପାଳ ।
ଗିଳ ନପାର ମଲା ମହାବଳୀ ॥
ଦେଖନ୍ତି କେଶୀ ମଲପିଣ୍ଡ ବେଢ଼ି ।
କଅଇ ବୋଲି ନଜଡ଼ ଦହୁଡ଼ ॥
କୃଷ୍ଣ ବାମଭୁଜ ଧରିଣ ଗୋପୀ ।
ସ୍ନେହ ଭରେଣ ଆଉଁସି ନରେପି ॥
ବୋଲନ୍ତି କେଶୀ ଦେଇଥିଲା ଗିଳି ।
କଛୁତ କ୍ଷତ ନାହିଁ ପୁଣବୋଲି ॥
କୃଷ୍ଣଙ୍କୁ ଘେନି ଗୋପକୁ ଚଳିଲେ ।
ଶୁଭ ବଧାନେ ଭୁବନେ ମିଳିଲେ ॥
ସ୍ନେହ ଭରେଣ ଜନନୀ ପାଳିତ ।
ସ୍ନାନ ସୁବେଶ ଭୋଜନ ଲାଳିତ ॥
ଏମନ୍ତେ ପ୍ରବେଶ ହୋଇଲା ନିଶି ।
ରାଧାଙ୍କ ସନ୍ନିଧିକି ଦୂତ ପେଶି ॥

କେଶୀ ବିନାଶ ବାରତା ଜଣାଅ ।
କିଶୋରୀଙ୍କି ସବୁକଥା ଶୁଣାଅ ॥
କୃଷ୍ଣ ସନ୍ଦେଶ ଘେନି ଚଳିଲ ଦୂତ ।
ପ୍ରବେଶ ବୃଷଭାନୁ ସୁତାକତ ॥
କେଶୀ ବିନାଶ ବାରତା କହିଲେ ।
ଅଙ୍ଗ ଭୂଷଣ ବଧାଇ ପାଇଲେ ॥
ସଙ୍କେତ କୁଞ୍ଜକୁ ଚଳଗୋ ରାଧେ ।
କେଶୀ ମନ୍ଥନକୁ ମଦନ ବାଧେ ॥
ମୋତେ ପେଶି ହରି ଗଲେ କୁଞ୍ଜକୁ ।
ଶେଯାଉଣ ଥିବେ ଫୁଲ ଶେଯକୁ ॥
ମାନିନି ମାନ ନକର ଚଳସି ।
କେଶୀରିପୁ ତୋଷି କେଳିକରସି ॥
ଶୁଣି ଶ୍ରୀମତୀ ଉଦବେଗ ମନ ।
ସୁବେଶ ହୋଇଣ କରେ ଗମନ ॥
ସଖୀଗଣ ଘେନି ଏଣେ ପ୍ରବେଶ ।
କୃଷ୍ଣଙ୍କୁ ଦେଖି ମନ୍ଦମନ୍ଦ ହାସ ॥
କେଶୀ ନାଶନ ସୁକେଶୀ ମୋହନ ।
ଆଜତ କୁଞ୍ଜ ଅଇଲ ବହନ ॥
କୃଷ୍ଣ ବୋଲନ୍ତି ତୁମ୍ଭଙ୍କୁ ନଦେଖି ।
ନନ୍ଦରେ ମନ ନରହଇ ସଖି ॥
ବସନ ଭୂଷଣ ଗରୁ ଅଙ୍ଗକୁ ।
ନୋହିଥାଇ ଯେବେ ତୁମ୍ଭ ସଙ୍ଗକୁ ॥
ତୁମ୍ଭର କର ପରଶ ଅଶନ ।
ଭୋଜନେ ରୁଚି ନରୁଚଇ ଆନ ॥
ଏ ଘେନି ଆମ୍ଭେ ଯେବଢ଼ ସମର୍ଥ ।
ତୁମ୍ଭଙ୍କୁ ସଖୀ କହିଲୁଁ ଯଥାର୍ଥ ॥
କର୍ପୂର ଚନ୍ଦନ ସୁଖ ନୁହଇ ।
ତୁମ୍ଭ ତନୁରେ ଶୀତଳ ହୁଅଇ ॥
ନବ ବନରେ ନବ ରସବନ୍ତୀ ।
ନବ ନବ ଲୀଳା ପୀରତି ନିତି ॥
ବିବିଧ ବିନୋଦ ଆନ ଆନରେ ।
ଦୋଳା ମକର କୁଞ୍ଜର ଯାନରେ ॥
ମନୋରଥ ଆଜ ରଥ ଲୀଳାକୁ ।
ପୂର୍ଣ୍ଣକର ମନୋରଥ କଳାକୁ ॥

ଶୁଣି ରାଧା ବୃନ୍ଦା ବଦନ ଚୁମ୍ବି ।
କର ଗୋ ଦେବ କୃଷ୍ଣ ଯାହା କହି ॥
ଜାଣିତା ବୃନ୍ଦା ହୋଇଲେ ମଉନ ।
ବଦନ ପୋଛି ଲୋତକ ନୟନ ॥
ହୃଦୟ ତରଳ ମନ ବିକଳେ ।
ପ୍ରଭୁ ପ୍ରବଳେ ପ୍ରକାଶ ନକଲେ ॥
ଜାଣିତା ମାଧବ ବୃନ୍ଦାଙ୍କୁ ଚୁମ୍ବି ।
ମୋହନ ବଂଶୀ କରେ ଦେଇ କହି ॥
ବଂଶୀ ଶୁଣି ହେବେ ସକଳେ ଭଙ୍ଗ ।
କେମନ୍ତେ ହେବ ଅଙ୍ଗନା ରଥାଙ୍ଗ ॥
ଏମନ୍ତ ଶତ୍ରୁ ଯା ବିରସ ହୁଅ ।
ବଂଶୀକି ନେଇ ଏବେ ଥୋଇଥାଅ ॥
ସଲଖେ ମାନିନୀ ମାନ ବକ୍ରକୁ ।
ବିଲସେ ଏହାର କୁଚ ଚକ୍ରକୁ ॥
ଯତ୍ନକରି ଏ ବଂଶୀ ରଖିଥିବ ।
ଲୋଡ଼ିଲେ ଆମ୍ଭେ କାଢ଼ି ପୁଣ ଦେବ ॥
ଧିରବା କରେ ଶତାଙ୍ଗ ଅଙ୍ଗକୁ ।
ଅଙ୍ଗନା ଅଙ୍ଗ ଉରଜ ଯୁଗକୁ ॥
ରତି-ରଣରେ ଏହାଙ୍କୁ ଧରିବା ।
ଧରଣ ତରୁଣୀ ପୀଡ଼ା ହରିବା ॥
ହେ ରସମଞ୍ଜି ବେଗେ ଦିଅ ଆଜ୍ଞା ।
ଯେମନ୍ତେ ବୃନ୍ଦା ନକରେ ଅବଜ୍ଞା ॥
ଶୁଣି ଶ୍ରୀମତୀ ବୃନ୍ଦାଙ୍କୁ ଚୁମ୍ବିଲେ ।
ଯାହା ଆଜ୍ଞା ଦେଲେ କରି ବୋଇଲେ ॥
ଦେବୀ ଆଜ୍ଞାପାଇ ସେ ବୃନ୍ଦାବତୀ ।
ସଙ୍ଗେ ବନଦେବୀ ନବ ଯୁବତୀ ॥
କେଳି ନାଟକରେ ଛନ୍ଦ ସଧାଇ ।
ପାଇଣ ପରମ ପଦ ବଧାଇ ॥
ଷୋଳ ଅଙ୍ଗନା ସେ ହୋଇଲେ ଚକ୍ର ।
ପାଦ ଅଙ୍ଗୁଳି ଧରି ଅଙ୍ଗବକ୍ର ॥
ଷୋଳବାଳୀ ଅଖ କନ୍ଧେ ରହିଲେ ।
ଷୋଳ ନାୟିକା ସ୍ତମ୍ଭରେ ରହିଲେ ॥
ପୀତ ପଦ୍ମପୃଷ୍ଠ ଆସନ ପ୍ରଭା ।
ଷୋଳ ଯୁବତୀରେ ଅତ୍ୟନ୍ତ ଶୋଭା ॥

ଚଉଦ୍ୱାରେ ହୋଣା ପ୍ରଭ୍ରମକରି ।
ବେଦ ଗୁଣରେ ଯୁବତୀ ନିକର ॥
ତିନି ଭୂମିରେ ଚୂରି ଚୂଛି ଚୂରି ।
ପଟଳ କଳସେ ଅଷ୍ଟସୁନ୍ଦରୀ ॥
ଏମନ୍ତେ ଶତେ ଅଙ୍ଗରେ ରଥାଙ୍ଗ ।
ଚିକୁର ଚାମର ନେତ୍ର ଅପାଙ୍ଗ ॥
ମଣ୍ଡିତ ବାସ କୁସୁମ ଭୂଷଣେ ।
ଘଣ୍ଟି ଘାଗୁଡ଼ି କଙ୍କିଣୀ ଘୋଷଣେ ॥
ରାଗ ବିରାଗେ ଅଙ୍ଗେ ଅଙ୍ଗ ଜଗି ।
ବିଶ୍ୱକର୍ମାହିଁ ନଜାଣିବ ଲାଗି ॥
ରତି ମନମଥ ରଥକୁ ପାଇ ।
ବୃନ୍ଦାଙ୍କୁ ମାଧବ ପ୍ରସଙ୍ଗେ ଚୁମ୍ବି ॥
ନାସା ଗଜମୋତି ମୟୂର ଚୂଳ ।
ଦେଲେ ସେ ବୃନ୍ଦା ଭାବେ ହୋଇ ଭୋଳ ॥
ପ୍ରସାଦ ପାଇ ହରଷ ବରସ ।
ଘଟନା କରଣ କେଳି ସୁରସ ॥
ମକରଧ୍ୱଜ ରଥବର ନାମ ।
ମୀନକେତନ ବାନା ଅନୁପମ ।
ମତ୍ତ ମାତଙ୍ଗ ଗତିରେ ଚଳଇ ।
ଯହିଁ ମନଜାଣି ତହିଁ ମିଳଇ ॥
ରଥ ବାହଇ ମଦନ ସାରଥି ।
ବୃନ୍ଦାବନଚନ୍ଦ୍ର ତହିଁରେ ରଥୀ ॥
ଯାନୁରେ ବସାଇ ନିଜ ରମଣୀ ।
ଧରି ଉରଜ କଞ୍ଜ ଚକ୍ରପାଣି ॥
ପୀତ ବସନ ବନମାଳା ସାଜେ ।
କୁସୁମ ଚୂଳ ମୁକୁଟ ବିରାଜେ ॥
ହେମ କାନ୍ତି ବଦନ ମଣ୍ଡଳ ।
ଗଣ୍ଡେ ମଣ୍ଡିତ ମକର କୁଣ୍ଡଳ ॥
ଉରେ ଶ୍ରୀବତ୍ସ କଉସ୍ତୁଭ ମଣି ।
ନିର୍ମଳ ବସ୍ତ୍ର ପଦକ ତରୁଣୀ ॥
ବାହେ ବାହୁଟି କରେଣ କଙ୍କଣ ।
ଅଙ୍ଗୁଳିରେ ଶୋହେ ମୁଦ୍ରିକାଗଣ ॥
କଟିରେ ମେଖଳା ରତ୍ନ ବେଢ଼ର ।
ଚରଣରେ ବୀରବର ତୋଡ଼ର ॥

ବାହେଣ ଉଡ଼େ ଶାର ନେତବାନା ।
ପରିଧାପନ କାନ୍ତାକାନ୍ତ ଯେହ୍ନା ॥
ନୟନ ନଳିନ କଟାକ୍ଷ ବାଣ ।
ଭ୍ରୂଭଙ୍ଗି ଗୁଣ ମରମେ ସନ୍ଧାନ ॥
ଅଦ୍ଭୁତ କନ୍ଦର୍ପେ ଯେ ରଥେ ବିଜେ ।
ପ୍ରିୟବର୍ଗ ମଣ୍ଡି ମୋହିତ ସାଜେ ॥
ବିଜୟକଲେ ବୃନ୍ଦାବନ ରାଜା ।
ଜଣ ଜଣକେ କଲେ ବାଳୀପୂଜା ॥
ବିବିଧ ବିନୋଦ ରଥ ପାଟରେ ।
କନ୍ୟାପାଶେ ରହିଚନ୍ତି ଚଉତରେ ॥
କାନ୍ତଙ୍କୁ ଜଣାଇ ଚଳକୁ ଖସି ।
ଏକା ହୋଇ କୃଷ୍ଣ ଅଛନ୍ତି ବସି ॥
କନ୍ୟାଙ୍କୁ ଚାହିଁ ରଙ୍କ ବୋଲେ ମାଗ ।
ତୁମ୍ଭର ଯହିଁରେ ଯେ ଅନୁରାଗ ॥
କନ୍ୟା ବୋଲନ୍ତି କି ମାଗିବୁଁ ଆଉ ।
ଏହି ଅନୁଗ୍ରହ ସର୍ବଦା ଥାଉ ॥
କୃଷ୍ଣ ବିଚ୍ଛେଦ କଷ୍ଟେ କଷ୍ଟେ ସହୁଁ ।
ତୁମ ବିଚ୍ଛେଦ ନିମିଷେ ନସହୁଁ ॥
ତୁମ୍ଭ ପାଦଧୂଳି ସର୍ବଦା ଧରି ।
ଏ ବରଦେବା ବୃନ୍ଦାବନେଶ୍ୱରୀ ॥
ହସିଣ ରଙ୍କ ହଉହଉ ବୋଲି ।
ଏମନ୍ତେ କୃଷ୍ଣ ଓହ୍ଲାଇଣ ମିଳି ॥
ରଥ ବନ୍ଧ ଫିଟି ପାଦେ ଓଳଗି ।
ରାଧା ମାଧବ ଭାବେ ଅନୁରାଗୀ ॥
ଏମନ୍ତେ ବିହରି ବିବିଧରଙ୍ଗେ ।
କୁଞ୍ଜେ ଶୟନ କଲେ ଏକସଙ୍ଗେ ॥
ଜାଣି ସଜନୀ ଗହଳ ଭାଜିଲେ ।
ଯେ ଯାହା କୁଞ୍ଜରେ ରହି ଜାଗିଲେ ॥
ଯୋଗମାୟା ନିଦ୍ରାଙ୍କରେ ନୟନ ।
ଗୋବିନ୍ଦ ଦୋଳେ ନିଶ୍ଚିନ୍ତ ଶୟନ ॥
ଅଚେତଣ କରି ପାଲଟି ଶ୍ରୁତି ।
ଏମନ୍ତ ରଜନୀ ହେଲା ପାହାନ୍ତି ॥
ନିଦ୍ରାରେ ଦେବୀ ଦେଖିଲେ ସ୍ୱପନ ।
କୃଷ୍ଣ ବିଚ୍ଛେଦରେ କଲେ ରୋଦନ ॥
କୋଳ ଅଣ୍ଡାଳ ନପାଇଲେ ଯେଣୁ ।
ସତ ପ୍ରାୟମଣି କାରୁଣ୍ୟ ତେଣୁ ॥
ହେ ନାଥ ତେଜି ପୀରତି ବଢ଼ାଇ ।
ଏକାବେଳକରେ ଦେଲ ଏଡ଼ାଇ ॥
ଗୁଡ଼ିଣ ଗଲ ମୋତେ ଏକାକରି ।
କେଉଁ ଅପରାଧ ମନରେ ଧରି ॥
ଭଲେକି ଆଉ ରଖିବ ମଦନ ।
କାହିଁ ଚାହିଁବ ସେ ନୀଳବଦନ ॥
ଆଘ୍ରାଣେ ଅଙ୍ଗ ସୁଗନ୍ଧ ନପାଇ ।
ଜୀବନ ଆଉ ଧରିବ କପାଇଁ ॥
ନପାଇ ସୁରଙ୍ଗ ଅଧର-ସୁଧା ।
କ୍ଷଣେକ କି ବଞ୍ଚିପାରିବ ରାଧା ॥
କୃଷ୍ଣ ଆଲିଙ୍ଗନ ନପାଇ ଦେହ ।
ଦାରୁଣ ମଦନ ବେଗେଣ ଦହି ॥
ନଟବର ବେଶ ଛବି ନଦେଖି ।
ଉପୁଡ଼ି ପଡ଼ିବ ଏ ବେନି ଆଖି ॥
ଏମନ୍ତେ ସଖୀ ଶୁଣି ସେ ରୋଦନ ।
ବେଗେଣ ଆସି ମିଳି ସନ୍ନିଧାନ ॥
ଦେଖିଲେ ସଖୀ ଧରିଛନ୍ତି କୋଳେ ।
ଶୋକ କଲେ ରାଈପ୍ରେମ ବିହ୍ୱଳେ ॥
ମନେ ବିଚାର ସେ କରନ୍ତି ସଖୀ ।
ରୋଦନ କରଇ ସ୍ୱପନ ଦେଖି ॥
ବୋଲନ୍ତି ସଜନି ! ହେଲୁ ବିଭୋଳି ।
ଦେଖ କୃଷ୍ଣଙ୍କ କରିଛନ୍ତି କୋଳି ॥
କିଅର୍ଥେ ବିଚ୍ଛେଦ କାରୁଣ୍ୟ ବାଣୀ ।
ସ୍ୱପନ ଦେଖି ସତ୍ୟପ୍ରାୟ ମଣି ॥
ସଜନୀ ବଚନେ ଚେତ ଅନାଇ ।
ଗୋବିନ୍ଦ ବଦନେ ନରେପି ଚାହିଁ ॥
ଲଜ୍ଜାଭରେ କିଛି ନକହି ତୁନି ।
ପୁଞ୍ଛନ୍ତି ନକହି ପ୍ରେମ ମାନିନୀ ॥
ପ୍ରିୟାମାନ ଦେଖି କଞ୍ଜ ଲୋଚନ ।
ଗଦଗଦ କହି ଚାଟୁବଚନ ॥
କୋକିଳବଚନୀ କିକି ମଉନ ।
ନିଦ୍ରାରେ କିବା ଦେଖିଲ ସ୍ୱପନ ॥

ମଧ୍ୟରେ ଅନ୍ତର ହୋଇବ ବୋଲି ।
ଚନ୍ଦନ ବସନକୁ ଦୂର କଲି ॥
ନିବିଡ଼ରେ ଜଡ଼ି ଅଙ୍ଗରେ ଅଙ୍ଗ ।
ଏଥିରେ କାହ୍ନୁଁ ସେ ହେଲ ବିଯୋଗ ॥
ଦୁଃଖେ ମିଳନ ଏତେ ସୁଖଖଣ୍ଡୁ ।
ବିନା ଅପରାଧେ କେତେହେଁ ଦଣ୍ଡୁ ॥
ପ୍ରସନ୍ନ ହୋଇଣ କର ସଦୟେ ।
ସଦ୍ୟନୃତ୍ୟ କରୁ ମୋ ହୃଦୟେ ॥
ମନକୁ ହରି ଚରଣେ ଖଟାଉ ।
ଏଥିରେ ବିଚ୍ଛେଦ ହୋଇବା କାହୁଁ ॥
ହେ ସଖି ! ଯୋଗେ ବିନ୍ଦେଶ ଗମନେ ।
ନକରିବ ବନ୍ଧ' ଖେଦ ବିମନେ ॥
କଥା ଛଟକେ ପ୍ରିୟାକୁ ମନାଇଁ ।
ପୁଣ ପୁଣ ବଦନକୁ ଅନାଇଁ ॥
ମନ୍ଦହସି କୃଷ୍ଣମୁଖକୁ ଚାହିଁ ।
ପ୍ରେମଭରେ କହି ନପାରେ ରାଈ ॥
ଏମନ୍ତେ ଅରୁଣ ଜ୍ୟୋତି ପ୍ରକାଶେ ।
ଲୋକଭୟେ ଉଦବେଗରେ ଆସେ ॥
ଭୁଜ ଧରି ଧରି କୁଞ୍ଜୁଁ ବାହାର ।
ପୁରକୁ ଗଲେ ପ୍ରାତେ ସେ ଯାହାର ॥
ସ୍ୱପନ ବିଧାନ ସଖୀଗଣଙ୍କୁ ।
କହନ୍ତି ବୃନ୍ଦା ଚେତିଲେ ମୁନିକୁ ॥
ସ୍ୱପନକଥା ସତନିକ ହୁଏ ।
ଦେଖି ମନେ ଥାଇ ସେ ଯାହା ଭୟେ ॥
କଥା ଭୁଲାଇ ପ୍ରକାଶ ନକଲେ ।
ଏମନ୍ତେ ପୁରେ ପ୍ରବେଶ ହୋଇଲେ ॥
ପ୍ରାତଃକୃତ୍ୟକୁ କଲେ ନିତିମତେ ।
ନାରଦ କହେ ଧନପତି ସୁତେ ॥
ସମ୍ପୂର୍ଣ୍ଣ ଏଠାରୁ ବ୍ରଜବିହାର ।
ଶୁଣି ସଦା କର ଗଳାର ହାର ॥
ପୂତନା ଆଦି'କେଶୀ ପରିଯନ୍ତେ ।
ରାମ କୃଷ୍ଣ ଗୋପେ ନାଶିଲେ ଯେତେ ॥
ଭାଗ୍ୟ ଭୋଗ୍ୟବାର ଭୋଗ୍ୟ ଗୋକୁଳେ ।
ନର ଲୀଳାରେ ମୋହିତ ସକଳେ ॥
ଶୂର ବୀର ଧୀରେ ଧାର୍ମିକ ଗୁଣେ ।
ମଦନ ମୋହନ ସୁନ୍ଦର ପଣେ ॥
ଏଣେ ସେ ବ୍ରଜ ଯୁବତୀ ରମିଲେ ।
ସର୍ବ ହେଜ ହରି ରସେ ମଜ୍ଜିଲେ ॥
ଭକତ ଜନେ ଅନୁଗ୍ରହ କରି ।
ଶ୍ରୀକୃଷ୍ଣ ମନୁଷ୍ୟ ଦେହକୁ ଧରି ॥
ଏହି ମନୁଷ୍ୟ ବିହାର ଆଚରେ ।
ଶୁଣନ୍ତେ ପ୍ରେମ ଲଭେ ତତପର ॥

ତଥାହି ଶ୍ରୀମଦ୍ଭାଗବତେ

ଅନୁଗ୍ରହାୟ ଭକ୍ତାନାଂ ମାନୁଷଂ ଦେହମାଶ୍ରିତ ।
ଭଜତେ ତାଦୃଶୀଃ କ୍ରୀଡ଼ା ଯାଃ ଶ୍ରୁତ୍ୱା ତତ୍ପରୋ ଭବେତ୍ ।

ନଳକୁବର ପୁଚ୍ଛନ୍ତି ନାରଦେ ।
ଅଶ୍ରୁ ପୁଲକ ଶୋକ ଗଦଗଦେ ॥
ହେ ମୁନି ବୃନ୍ଦା କି ପାଇଁ ବିରସ ।
ମୁରଲୀ ହେନ ପୁଣ କଲେ କିସ ॥
ବୃନ୍ଦାଙ୍କୁ ରାଧା କହିଲେ ସ୍ୱପନ ।
ନକହି ଏହାତ କଲ ଗୋପନ ॥
ବିସ୍ତାର କରିଣ କହିବା ହେଉ ।
ଶୁଣି ମୋ ମନରୁ ସଂଶୟ ଯାଉ ॥
ମୁନି ବୋଲନ୍ତି ଶୁଣ ହେ ଶ୍ରୀମନ ।
ବୃନ୍ଦାଙ୍କୁ ଆମ୍ଭେ କଲୁଁ ଦରଶନ ॥
ସେ ଦେଖି ପ୍ରସନ୍ନ ହୋଇ କହିଲେ ।
ବ୍ରଜେ ମନୁଷ୍ୟ ଲୀଳା ପୂର୍ଣ୍ଣହେଲେ ॥
ଷଡ଼ମାସ ଏକାଦଶ ବରଷ ।
ନରବିହାରକୁ କଲେ ପ୍ରକାଶ ॥
ଗୁପତ ମହାପ୍ରେମ ପରକୀୟା ।
ଏଣିକି ଭୋଗ ହୋଇବ ସ୍ୱକୀୟା ॥
ମଥୁରା ତେର ବରଷ ଛମାସ ।
ଏମନ୍ତେ କୃଷ୍ଣ ଚଉଶବରଷ ॥
ଦ୍ୱାରକା ବିହାର ବରଷ ଶତ ।
ମାନବ ଲୀଳା ବିହାର ଏମନ୍ତ ॥
ପୂର୍ଣ୍ଣତମ ପୂର୍ଣ୍ଣତର ପୂର୍ଣ୍ଣରେ ।
ଗୋକୁଳେ ମଧୁପୁରେ ଦ୍ୱାରକାରେ ॥

ଗୋପୀକା କୁବୁଜା ଚନ୍ଦ୍ରମହିଷୀ ।
ସମର୍ଥା ସାଧାରଣୀ ସମଞ୍ଜସୀ ॥
ମଧୁରସମ ଅଇଶ୍ୱର୍ଯ୍ୟଖେଳା ।
ଏ ତିନସ୍ଥାନରେ ଗୋବିନ୍ଦ ଲୀଳା ॥
ଗୋପକନ୍ୟା କୃଷ୍ଣ କଲେ ମେଳ ।
ଏବେ ତୁମ୍ଭ ମନୋରଥରେ ଚଳ ॥
ଏମନ୍ତ ଶୁଣି ପୁଚ୍ଛିଲେ ବୃନ୍ଦାକୁ ।
କହିବା ହେଲେ ବେଦବିଦ୍ୟାକୁ ॥
ଏଠାରୁ ଲୀଳା ମଥୁରା ହୋଇବ ।
କେମନ୍ତେ ଜାଣିଲ ମୋତେ କହିବ ॥
ବନଦେବୀ କହେ କାଲି ମିଳନେ ।
ଅଇଶ୍ୱର୍ଯ୍ୟଲୀଳା ଗୋବିନ୍ଦ ମନେ ॥
ଆଗେହୋଇବ ସେ ଯେତେ ବିଧାନ ।
ଶୟନେ ରାଧା ଦେଖିଲେ ସ୍ୱପନ ॥
ଏକାନ୍ତେ ମୋତେ କହିଲେ ଗୁପତେ ।
କହିଲୁଁ ତେଣୁ ସେ ହୋଇବ ଯେତେ ॥
ଦେବୀ ସ୍ୱପନରେ ଦେଖିଲେ ଯାହା ।
ଆନ କେ କରିପାରିବଟି ତାହା ॥
ତୁମ୍ଭରଆଗେ କହିଲୁଁ ବିଶ୍ୱାସ ।
ଅବଧାରିର କରଅ ଉଶ୍ୱାସ ॥
ନିମିଷେ ନରହି କର ଗମନ ।
ଉଚାଟ କରଅ ତୁ କଂସମନ ॥
ସେ ବନଦେବୀ ଆଜ୍ଞାଦେନ ଚଳ ।
ଶୟନସ୍ଥାନେ କୃଷ୍ଣପାଶେ ମିଳ ।୧୭୯୦।
ଗୁପତେ ଆମ୍ଭେ ନମସ୍କାର କଲୁଁ ।
ଗୋବିନ୍ଦ ଆଦରେ ପୂଜା ପାଇଲୁଁ ॥
ବହୁତ କହିଲୁଁ ସ୍ତୁତି ବଚନ ।
ପ୍ରସନ୍ନହେଲେ କମଳଲୋଚନ ॥
ଜଣାଇଲୁଁ ସେ ବର୍ତ୍ତମାନ କଥା ।
କେଶୀବଧ ଦେଖି ଛାଡ଼ିଲୁଁ ବ୍ୟଥା ॥
ସ୍ୱପନେ ରାଧା ଦେଖିଲେ ଯାହା ।
ଭବିଷ୍ୟ ପ୍ରକାଶି କହିଲୁଁ ତାହା ॥
ଧନୁଯାତ୍ରା କାଲି କଂସ ପେଶିବ ।
ରଥେ ଅକ୍ରୂର ଗୋକୁଳେ ଆସିବ ॥

ବେନଭାଇ ସେ ରଥେ ଯିବେ ବସି ।
ଦ୍ୱାରେଣ କୁବଳୟା ଗଜ ନାଶି ॥
ଚାଣୁର ମୁଷ୍ଟିକ ଆଦି ଯେ ମଲ୍ଲ ।
ମାରିବ ସରିବ ପୃଥ୍ୱୀର ଶଲ ॥
ତୁମ୍ଭଙ୍କୁ ଦେଖିଲେ କଂସ ଡରିବ ।
ଜଗତିଉପରୁ ପଡ଼ି ମରିବ ॥
ଯଦୁବଂଶକୁ କରିଣ ସମ୍ମାନ ।
ଉଗ୍ରସେନକୁ କରିବ ରାଜନ ॥
ଏଥି ଦେଖିଲୁଁ ଏତେ ଦୁଷ୍ଟନାଶ ।
ତହିଁରେ ଏତେ ଦେଖି ହେବୁଁ ତୋଷ ॥
ତହିଁରୁ ଯାଇ ରହିବ ଦ୍ୱାରକା ।
ବିଭାହେବ ଏବେ ଅଷ୍ଟନାୟିକା ॥
ଷୋଳସହସ୍ର ଏ ରାଜକୁମାରୀ ।
ନାରକାସୁର ଥିବ ଠୁଳକରି ॥
ତାଙ୍କୁ ବିନାଶି ପୁଣ ତାହା ନେବ ।
ଗୃହଆଶ୍ରମେ ସୁଖେ ବିଳସିବ ॥
ହୋଇବ ଅନେକ ପୁତ୍ର ଦୁହିତା ।
ସକଳ ଭୁବନେ ହୋଇବ ଜିତା ॥
ଦନ୍ତବକ୍ର ଶାଲୁ ଶିଶୁପାଳକୁ ।
ଜାରାମାରି ତାରି ରାଜାମାନଙ୍କୁ ॥
ଅବନୀସ୍ଥିର କରିବ ଏମନ୍ତେ ।
ତେବେ ସେ ଦେବେ ରହିବେ ନିଶ୍ଚିନ୍ତେ ॥
କଂସକୁ ଆଜ କରିବୁଁ ଉଚାଟ ।
କାଲିଉତରେ ଭାଙ୍ଗିବୁଁ ତା ଆଣ୍ଟ ॥
ମନ ଇଛିତରେ ସମ୍ମତ ଜାଣି ।
ଏତେ ଜଣାଇଁ ହୋଇଲୁଁ ମେଲାଣି ॥
କଂସ ଭୁବନେ ମିଳିଲୁଁ ଏକାନ୍ତେ ।
ବିଶ୍ୱାସେ ତାଙ୍କୁ କହିଲୁଁ ଗୁପତେ ॥
ଅଚିନ୍ତାହୋଇ ଅଛୁ ଭୋଜପତି ।
ମରଣଆସି ହୋଇଲାକ କତି ॥
ମାରଣେ ପେଶିଲୁ ଯେତେ ମଲ୍ଲଙ୍କୁ ।
ସେହୁକ ରାମଗୋବିନ୍ଦ ବଳକୁ ॥
କେଶୀଯେ ପେଶିଲୁ ଅତି ପ୍ରଚଣ୍ଡେ ।
ଉଦର ତାର ମନ୍ଥି ବାହୁଦଣ୍ଡେ ॥

ଦେଖିଯା ପଡ଼ୁଛି ପର୍ବତ ପ୍ରମେୟ ।
ନିଶ୍ଚିନ୍ତ ହୋଇ ବସିଅଛୁ ରାଏ ॥
ତୋହର ଦୁଃଖ ନପାରିଲୁଁ ସହି ।
ଦେବକୀଙ୍କୁ ବନ୍ଧନ ଅଇଲୁଁ କହି ॥
ଏବେ ତାହାଙ୍କୁ ଅଣାଅ ବିଶ୍ୱାସି ।
ମଲ୍ଲଙ୍କ ସଙ୍ଗେ ଯୁଝାଇବ ନାଶି ॥
ଶୁଣି ସେ କଂସ ହିତ ପ୍ରାପ୍ତ ମଣି ।
ଆମ୍ଭଙ୍କୁ ପୂଜା କଲେ ପୁନପୁଣି ॥
ତାକୁ ଉଚାଟ ଲଗାଇଣ ଗଲୁଁ ।
ପିତାଙ୍କ ସମ୍ମୁଖରେ ସବୁ କହିଲୁଁ ॥
ଶୁଣି ପରମେଷ୍ଠୀ ହରଷ ହେଲେ ।
ଆମ୍ଭଙ୍କୁ ବହୁତ ପ୍ରଶଂସା କଲେ ॥
ଏବେ ତୁମ୍ଭଙ୍କୁ ହେଲ ସୁମରଣ ।
ଧନ୍ୟ ସେ ତୁମ୍ଭେ ବ୍ରଜପରାୟଣ ॥
ବ୍ରଜବିହାର ଚରିତ ଅଶେଷ
ତୁମ୍ଭଭାବେ ହୃଦେ ହେଲେ ପ୍ରକାଶ ॥
ଦଶଦିବସ କହିଲୁଁ ତୁମ୍ଭରେ ।
ସନ୍ତୋଷେ ମେଲାଣି ଦିଅ ଆମ୍ଭରେ ॥
ଶୁଣି ଧନପତିସୁତ ସନ୍ତୋଷେ ।
ନାରଦଙ୍କୁ ପୁଣ ପୁଚ୍ଛେ ବିଶ୍ୱାସେ ॥
ହେ ! ମୁନି କୃଷ୍ଣ ପରମକାରଣ ।
ନାହିଁ ଆଦି ଯାର ଜନ୍ମମରଣ ॥
ବ୍ରହ୍ମ ଆନନ୍ଦ ଯାର ଲେଶ ମାତ୍ର ।
ସେ କିପାଁ କଲେ କୁତ୍ସିତ ଚରିତ ॥
ନିଜ ରମଣୀ ଯେଉଁ ରାଧାପ୍ରିୟା ।
ସ୍ୱକୀୟା ତେଜିଲେ ପରକୀୟା ॥
ଅଜ୍ଞାନ ଜନ ଗୁପ୍ତ ଆଚରଣ ।
ସ୍ୱୈର ରତିକ କରେ ଗୋଚରଣ ॥
କେତେହେଁ ବିନତି ଦୂତି ଜନରେ ।
ନିଶି ଘୋରଗମେ ଏକା ବନରେ ॥
ରାଧିକା ସନ୍ନିଧି ମନକୁ ପେଷି ।
କୁଞ୍ଜେବସି ପଥେ ନେତ୍ର ନିବେଶି ॥
ବିବିଧ ଉଦଯୋଗେ ଉଦବେଗ ।
କେବେ ମିଳନ କେବେ ଆଶାଭଙ୍ଗ ॥

କେତେ ଅବସ୍ଥା ଦିଏ ଭକ୍ତଙ୍କୁ ।
କହ ହେ ମୁନି କେବଣ ଏହିକୁ ॥
କହନ୍ତି ନାରଦ ଶୁଣ ସୁମତି ।
ବହୁତ ହେଲୁ କୃଷ୍ଣ ନରଗତି ॥
ଏକ ଏକ ସବୁ କହି ବିସ୍ତାରି ।
ହେତୁ ବୁଝିଣ ହେନସି ବିଚାରି ॥
ଶ୍ରୀବୃନ୍ଦାବନ ନିତ୍ୟମୂଳ ଦ୍ରୁମ ।
ଅଗ୍ରଭାଗ ନାମ ଗୋଲୋକ ଧାମ ॥
ଅନନ୍ତ ବଇକୁଣ୍ଠ ଡାଳ ଡାଳ ।
କୃଷ୍ଣ ସ୍ୱରୂପ ନାମ ଆଦିମୂଳ ॥
କାଳେହେଁ ନୁହଇ ମୂଳ ବିନାଶ ।
ଅନନ୍ତ ବ୍ରହ୍ମାଣ୍ଡ କରେ ପ୍ରକାଶ ॥
ଅନନ୍ତ ବଇକୁଣ୍ଠ ଉତପତ୍ତି ।
ମହା ପ୍ରଳୟ ହେଲେ ମୂଳସ୍ଥିତି ॥
ରାଧାକୃଷ୍ଣ ନିତ୍ୟ ପରମ ଧାମ ।
ଲୀଳା ସଲିଳେ ସଖା ଅନୁପମ ॥
ସବୁ ଲୀଳା ମଧ୍ୟେ ମନୁଷ୍ୟ ସାର ।
ମୂଳ ବିନୁ ଆନେ ନାହିଁ ପ୍ରସାର ॥
ଦିବ୍ୟ ଦେହରେ ଗୋଲୋକ ମଣ୍ଡଳେ ।
ରାଧାକୃଷ୍ଣ ଅଇଶ୍ୱର୍ଯ୍ୟ ଯୁଗଳେ ॥
ଏକଦିନେ କୃଷ୍ଣ ବିରଜା ପୁରେ ।
ପଶିଲେ ସୁଦାମ ଜଗାଇ ଦ୍ୱାରେ ॥
ସଜନୀଗଣ କହିଲେ ରାଧାଙ୍କୁ ।
ଶୁଣି ସୁନ୍ଦରୀ ପାଇଲେ ବାଧାକୁ ॥
କ୍ରୋଧଭରେ ଗଲେ ବିରଜାପୁରେ ।
ସୁଦାମ ଦେଖି ନିରୋଧିଲେ ଦ୍ୱାରେ ॥
କୋପଭରେ ଦେବୀ ଦେଲେକ ଶାପ ।
ଯା ଯା ଧର ନର ଜନ୍ମର ରୂପ ॥
ବିରଜା ଏଥି ନଦୀ ହୋଇ ବହୁ ॥
ଏହି ନାମାନ୍ତରେ ବିରଜା ହେଉ ॥
ସୁଦାମ ସକୋପେ ଦେଲକ ଶାପ ।
ତୁମ୍ଭେ ହେ ଦେବୀ ଧର ନର ରୂପ ॥
ନପୁଂସକ ପତି ଲଭ ଦୁର୍ବାଦ ।
ପାଇବ ହୋଇବ କୃଷ୍ଣ ବିଚ୍ଛେଦ ॥

ଏମନ୍ତେ ଶାପଦେଇ ପରସ୍ପରେ ।
ବିରଜା ନଦୀ ବନ୍ଧ ଗୋଲୋକରେ ॥
ଭକ୍ତ ବଚନ କୃଷ୍ଣ ଅଙ୍ଗୀକାର ।
ବୋଇଲେ ମୁଁ ହେବି ନରଶରୀର ॥
ବିରଜା ତୀର ନିଚେଜନ କ୍ଷଣେ ।
ପରକୀୟା ରସେ ରାଧାରମଣେ ॥
ଭକ୍ତଙ୍କୁ ଅବତରଣ ତାରିବି ।
ମଧୁର ରସଲୀଳା ବିସ୍ତାରିବି ॥
ଏମନ୍ତ ଶାପ ଦେଇଥିଲେ ପୂର୍ବେ ।
ମାନବ ରୂପରେ ପ୍ରକଟ ଏବେ ॥
ପୁଣି ପୂର୍ବେ ରାଧାକୃଷ୍ଣ ଯୁଗଳେ ।
ମହା ଆନନ୍ଦ ସୁଖ ପ୍ରେମଭୋଳେ ॥
ରାଧା ଜଣାଇଲେ ପୁରୁଷୋତ୍ତମ ।
ଏଥିରୁ ଅଧିକ ଅଛିକି ପ୍ରେମ ॥
ଶୃଙ୍ଗାର ଉଜ୍ଜ୍ୱଳ ରସରେ ସାର ।
ଆଉ ଉତ୍କଣ୍ଠା ଅଛିକି ଆର ॥
କୃଷ୍ଣ କହନ୍ତି ଶୁଣ ପ୍ରାଣପ୍ରିୟେ ।
ଶୃଙ୍ଗାରରସ ଲୀଳା ପ୍ରେମମୟେ ॥
ଐଶ୍ୱର୍ଯ୍ୟ ମାଧୁର୍ଯ୍ୟ ବେନି ପ୍ରକାର ।
ଅଇଶ୍ୱର୍ଯ୍ୟରେ ସ୍ୱକୀୟା ବିହାର ॥
ପରକୀୟାରେ ମାଧୁର୍ଯ୍ୟ ବିଶେଷ ।
ଉତ୍କଣ୍ଠା ପ୍ରେମଭାବ ଅଶେଷ ॥
ଜ୍ଞାନଶୂନ୍ୟ ହେଲେ ସେ ପ୍ରେମପାଇ ।
ସେ ରସ ସଖୀ ଅଛି ଗୁପ୍ତହୋଇ ॥
ଦେବୀ ବୋଇଲେ ସେ ଏତେ ଉତ୍ତମ ।
ଗୁପତ କରିଛ ପୁରୁଷୋତ୍ତମ ॥
ସେ ଗାଢ଼ ପ୍ରେମ ଆମ୍ଭରେ ବର୍ଷିବ ।
ତେବେ ତମୋହଠାରେ ଦୟା ବହିବ ॥
କୃଷ୍ଣ ବୋଲନ୍ତି ଆମ୍ଭରେ ନୁହଇ ।
ଭକତ କୃପାକଲେ ସେ ହୁଅଇ ॥
ବିପ୍ରଲମ୍ଭେ ଅବଲମ୍ବ ପଥକୁ ।
ଗୋଲୋକ ସୁଖକି ଲବ ମାତ୍ରକୁ ॥
ପୂର୍ବେଣ ଯେଣୁଏ ଥିଲେ ବିହାର ।
ସୁଦାମ ଦ୍ୱାରେଣ କଲେ ପ୍ରଚାର ॥

ଆହୁରି ପୂର୍ବେଣ ବୈକୁଣ୍ଠ ବାସୀ ।
ବିପୁରଙ୍କୁ ବନ୍ଧ ଭିତରେ ପଶି ॥
ନାଟ୍ୟସ୍ଥାନେ ଦେଖି ନୃତ୍ୟ ଚତୁରଣୀ ।
ମୋହ ମାନହେଲେ ସାରଙ୍ଗପାଣି ॥
ଜାଣି ସେ ଶାପ ଦେଲେ ରାସେଶ୍ୱରୀ ।
ମର୍ତ୍ତ୍ୟରେ ଜନ୍ମ ନରଦେହ ଧରି ॥
ବିପ୍ରଙ୍କୁ ସେ ବୋଲେ କୋପଭରେ ।
ପୁରୁଷ ମିଳାଇଲୁ ଏକାନ୍ତରେ ॥
ମର୍ତ୍ତ୍ୟ ଭୁବନେ ତିନିଜନ୍ମ ହେବୁ ।
ଜଗତ ବଇରି ପଦ ପାଇବୁ ॥
ଶୁଣି ସେ ହେଲେ ବେନି ପ୍ରଣିପତ୍ୟ ।
ଉଠିଣ କରଯୋଡ଼ି କୃତକୃତ୍ୟ ॥
ବହୁତ ବିନୀତ ହୋଇ ଜଣାଇ ।
ପ୍ରଭୁ କହିଲେ ପ୍ରିୟାଙ୍କୁ ମନାଇ ॥
ବଇକୁଣ୍ଠନାଥ ନକର ଚିନ୍ତା ।
ରାସେଶ୍ୱରୀ ଶାପ ନୁହେ ଅନ୍ୟଥା ॥
ଚତୁର୍ଥ ବଦନ ପ୍ରାର୍ଥନା କାଳେ ।
ଦୁଷ୍ଟ ନାଶନେ ଜାତ ଯଦୁକୁଳେ ॥
ବସୁଦେବ ପିତା ଦେବକୀ ମାତ ।
ମଥୁରା ବନ୍ଦ ମନ୍ଦରେଣ ଜାତ ॥
ଗୋପରେ ଆମ୍ଭେ ହୋଇଥିବୁଁ ଜାତ ।
ଯଶୋଦା ଦେବୀ ମାତା ନନ୍ଦତାତ ॥
ବିପୁର ଜନମ ଆମ୍ଭ ସଙ୍ଗରେ ।
ତୁମ୍ଭେ ଆସିମିଶି ଆମ୍ଭ ସଙ୍ଗରେ ॥
ପିତା ଥୋଇ ସୂତା ପାଲଟି ନେବେ ।
କଂସ ହସ୍ତରୁ ସେ ଶୂନ୍ୟରୁ ଯିବେ ॥
ଆମ୍ଭସଙ୍ଗେ ଥାଇ ଦୁଷ୍ଟଙ୍କୁ ନାଶ ।
ରୁକ୍ମିଣୀ ଆଦି ଦ୍ୱାରକା ବିଳାସ ॥
ଭାର ଉଶ୍ୱାସିଣ ବୈକୁଣ୍ଠ ଯିବ ।
ମନୁଷ୍ୟ ଲୀଳା ଅପ୍ରକଟ ହେବ ॥
ଏମନ୍ତ ଆଜ୍ଞାଦେଇଥିବେ ଯେଣୁ ।
ସେହି ପ୍ରକାରେ ଅବତାର ତେଣୁ ॥
ଗୋପୀ ଭାବକୁ ହୋଇ ଅନୁଗତ ।
ଭଜୁଁ ସେ ଥିଲେ ବହୁତ ଭଗତ ॥

ଏମନ୍ତେ ବହୁକାଳ ବହିଗଲେ ।
ଅଇଶ୍ୱର୍ଯ୍ୟରେ କୃଷ୍ଣ ନପାଇଲେ ॥
ଯେବେ କୃଷ୍ଣ ନରଦେହ ଧରିବେ ।
ତେବେ ଗୋପକନ୍ୟା ହୋଇ ବରିବେ ॥
ଭଗତଗଣେ ଅନୁଗ୍ରହ କରି ।
ପ୍ରକାଶି ମନୁଷ୍ୟ ଦେହକୁ ଧରି ॥
ଚତୁରାନନ ଭାବ ଅନୁରୂପେ ।
ଦ୍ୱିତୀୟରେ ଶ୍ୱେତ ବାରାହ କଳ୍ପେ ॥
ବର୍ତ୍ତମାନରେ ପ୍ରଥମ ଦିବସ ।
ତେରଦଣ୍ଡ ଲିତା ଚଉତିରିଷ ॥
ବୈବସ୍ୱତମନୁ ଅଠର ଯୁଗ ।
ଦ୍ୱାପର ଶେଷରେ ସର୍ବ ସଂଯୋଗ ॥
ପରମ ନିତ୍ୟମୂଳ ବୃନ୍ଦାବନ ।
ସଦା ରାଧାକୃଷ୍ଣ କେଳି ଭୁବନ ॥
ଅନନ୍ତ ବଇକୁଣ୍ଠେ ଯେତେ ମୂର୍ତ୍ତି ।
ସକଳେମିଳି ମୂଳେ କୃଷ୍ଣେସ୍ଥିତି ॥
ଯେସନେ କୁନ୍ଦଲତା ମାଡ଼ିଥାଇ ।
ମୂଳ କେବଳ ସ୍ୱାଦୁରସ ଦେଇ ॥
ମନୁଷ୍ୟ ପରମଲୀଳା ଗୋକୁଳ ।
ପରକୀୟାରସ ଅତି ଉଜ୍ଜ୍ୱଳ ॥
ପ୍ରେମସେବାକୁ ଅନୁରତ ଯେତେ ।
ଅବତାର ହୋଇଥିଲେ ସଙ୍ଗତେ ॥
ଏହିସମୟେ କୃଷ୍ଣକୁ ଲଭିଲେ ।
ସିଦ୍ଧଦେହ ପାଇ ବ୍ରଜ ସେବିଲେ ॥
ସହସ୍ରକଳା ପୂର୍ଣ୍ଣ କୃଷ୍ଣ ମୂର୍ତ୍ତି ।
ତେଣୁ ପୂର୍ଣ୍ଣତମ ଗୋକୁଳ ପତି ॥
ନାହିଁ ଆଦିଅନ୍ତ ସ୍ୱୟଂ ନିର୍ମାଣ ।
ଏରୂପେ ବେଦ ଆଗମ ପ୍ରମାଣ ॥
କୃଷ୍ଣ ବ୍ରଜଲୀଳା ଶୁଣିଲି ଯେତେ ।
ହୋଇଛନ୍ତି ସେହି ରୂପେ ନିତ୍ୟେ ନିତ୍ୟ ॥
ଗୋଚାରଣ ଆଦି ରାସ ବିଳାସ ।
କେବଳ ନାହିଁ ଅସୁର ବିନାଶ ॥
ଉପରାଗ ଧର୍ମ୍ମ କାଳେ ଯେସନେ ।
ସ୍ନାନେ ଦାନେ ପୁଣ୍ୟ ତରନ୍ତି ଜନେ ॥
ସେହି ରୂପେ କୃଷ୍ଣ ପ୍ରକାଶି ଦେହି ।
ଭଗତ ତାରି ନିଜଭାବେ ରହି ॥
ନଳ କୁବର ପତ୍ନୀରତ୍ନ ପୁଣି ।
କୃଷ୍ଣ ସ୍ୱରୂପ ତଭିଲା ପୁଣି ॥
ଏବେ କହ ଠାକୁରାଣୀ ଚରିତ ।
ଅଭିମନ୍ୟୁ କି କି ରୂପେ ବରିତ ॥
କେଉଁ ଭାଗ ଯେନ ଅବତରିଲେ ।
କିରୂପେ ବ୍ରହ୍ମଣ ଧନ ହରିଲେ ॥
ତୁମ୍ଭ ତହୁଁ ଶୁଣି ସଂଶୟ ଯାଉ ।
ସେ ଦେବୀ ଚରଣ ଚିତ୍ତ ମୋ ରହୁ ॥
ନାରଦ ବୋଲନ୍ତି ଶୁଣ ସୁବୁଦ୍ଧି ।
ତୁମ୍ଭେ ସେ ପୁଚ୍ଛି ପାର ଏତେ ସନ୍ଧି ॥
କୃଷ୍ଣ ଗୋକୁଳରେ ପ୍ରକଟ ଯହୁଁ ।
ରାଧା ଠାକୁରାଣୀ ଉଛାଟ ତହୁଁ ॥
ନିତ୍ୟ ସିଦ୍ଧା ଗଣ ଯେନ ଜନମ ।
ଆହ୍ଲାଦିନୀ ଶକ୍ତି ଅବଲମ୍ବନ ॥
ବୃଷଭାନୁ ତାତ କୀର୍ତ୍ତିଦା ମାତ ।
ରାଧା ନାମ ବହି ଜଗତେ ଖ୍ୟାତ ॥
ଅଭିମନ୍ୟୁ ପତି ବରିଅ କେମନ୍ତେ ।
ତାହା କହିବା ଶୁଣ ଏକଚିତ୍ତେ ॥
ସୁଦାମା ମଞ୍ଜେ ଶାପେ ଜାତ ହେଲେ ।
ଶଙ୍ଖଚୂଡ଼ନାମ କିନ୍ନର କୁଳେ ॥
ତିନପୁରେ କେହି ନପାରେ ଜିଣି ।
ବିପୁର ଜନମି ହେଲେ ଧରଣୀ ॥
ସତୀ ସାଧବୀ ସେହୁ ପତିବ୍ରତା ।
ତେଣୁ ସେ ସଂଗ୍ରାମେ ନାହିଁ ଜିଣନ୍ତା ॥
ଲକ୍ଷ୍ମୀ ସମାନ ହୋଇବେ ଯାହାକୁ ।
କପଟେ ହରି ରମିଲେ ତାହାକୁ ॥
ଜାଣି ସେ ଦେହ ତେଜିଲେ ସୁନ୍ଦରୀ ।
ଶଙ୍ଖଚୂଡ଼ ତେବେ ପ୍ରାଣକୁ ହାରି ।
ଶାପୁଁ ନିସ୍ତରି ଗୋଲୋକେ ଚଳିଲେ ।
ଗୋବିନ୍ଦ ନିଜ ସେବାରେ ମିଳିଲେ ॥
ପୁଣି ସେ ପୁରୀ ସ୍ୱୟମ୍ଭୁବ କୂଳେ ।
କେଦାର ସେନ ରଜା ଯଜ୍ଞ କାଳେ ॥

ହୋମ କୁଣ୍ଡରୁ ହେଲେ ଉତପତ୍ତି ।
ରୂପଗୁଣେ ଜଣେ ରତି ପାର୍ବତୀ ॥
ରାଜା ନନ୍ଦନୀ ପାଇଣ ହରଷ ।
ଯତନେ ପାଳିଲେ କେତେ ବରଷ ॥
ବହୁତ ବରଷ ହେଲେ ଉପଗତ ।
ନକଲେ ସେହୁ ବିଭା ସନମତ ॥
ଗତ ହେତୁ ଚିନ୍ତା ଭାବଇ ମନେ ।
କୃଷ୍ଣ ମୋ ପତି ପାଇବି କେସନେ ॥
ଏମନ୍ତେ ପିତା ସନ୍ନିଧି ଜଣାଇ ।
କୃଷ୍ଣକୁ ଲଭିବ ତପେ ମଣାଇ ॥
ଯମୁନା କୂଳେ ଆଶ୍ରମି ବି ଯୋଗ ।
କୃଷ୍ଣଙ୍କୁ ମୋତନ୍ ହୋଇବ ଭୋଗ ॥
ପିତାଙ୍କ ସମ୍ମତେ ଚଳିଲେ ବାଳୀ ।
ଯମୁନା କୂଳେ ବୃନ୍ଦାବନେ ମିଳି ॥
ଧ୍ୟାନେଣ ବସି କୃଷ୍ଣଚନ୍ଦ୍ର ଚିନ୍ତି ।
ମାନସରେ ସେବି ନିଷ୍ଠଳ ମତି ॥
କାନ୍ତାଭାବେ ଭାବ ତନୁ ନିବେଦି ।
ସେହିଦିନ୍ ବୃନ୍ଦାବନ ପ୍ରସିଦ୍ଧି ॥
ଖଗ ମୃଗ ତରୁତୃଣ ଲତାଦି ।
ସେବନ୍ତି ବନଭୂମି ଲତା ଆଦି ॥
ସତୀ ସାଧବୀ ମହା ପତିବ୍ରତା ।
ସ୍ୱର୍ଗେ ବର୍ଣ୍ଣରେ ବ୍ରହ୍ମାଦି ଦେବତା ॥
କେଦାର କନ୍ୟା କତପ ଆଚରେ ।
ନକରେ ବିଧି ବିଧାନ ବ୍ରତରେ ॥
ନବୀନ ତରୁଣୀ ଜଗନ୍ମୋହିନୀ ।
ଯମୁନା ତୀର ବନେ ଏକାକିନୀ ॥
ସୁବେଶତନ୍ ସାଜ ଦ୍ରବ୍ୟ ଭୋଗେ ।
କାୟା କ୍ଲେଶତନ୍ କରଇ ଯୋଗେ ॥
ଧର୍ମଙ୍କୁ ଅନାଇ ବୋଲନ୍ତି ତାତ ।
ବୁଝି କେଦାର କନ୍ୟା ଦୃଢ଼ବ୍ରତ ॥
କାହାକୁ ଇଚ୍ଛା କରନ୍ତି ସୁନ୍ଦରୀ ।
ଯାଅସି ବ୍ରାହ୍ମଣ ମୂରତି ଧରି ॥
ସଙ୍ଗରେ ବସନ୍ତ ମଦନ ନିଅ ।
ବିଚଳିତ ହେଲେ ଦୂଷଣ ଦିଅ ॥

ବିଧବା ଆଦେଶେ ଚଳିଲେ ଧର୍ମ ।
ପ୍ରବେଶ ହେଲେ ନିଶି ଉତ୍କ୍ରମ ॥
ଦେଖିଲେ ନୃପାଶ୍ରମରେ ବନଶୋଭା ।
ଦିଶେ ଉଜ୍ଜ୍ୱଳ ଦ୍ୱିଜରାଜ ପ୍ରଭା ॥
ତରୁ ଲତିକା ବନ ପଲ୍ଲବିତ ।
ଋତୁରୁ ଦିଶେ ସଦା ବସନ୍ତ ।
ଶୁକ କୋକିଳ ଧ୍ୱନି କୋଳାହଳ ।
ମନ୍ଦ ସୁଗନ୍ଧ ଶୀତଳ ଅନିଳ ॥
ନିର୍ମଳ ପାତଳ ଯମୁନା ଜଳ ।
ପଦ୍ମ କୁମୁଦ କୁସୁମେ ମଞ୍ଜୁଳ ॥
ଅତି ପରିମଳ କାନନ ଭୂମି ।
ସଫଳ କୁସୁମେ ଶାଖା ମହୀଲମ୍ବି ॥
ଦିବ୍ୟ ସ୍ଥଳରେ ମାଧବୀ ମଣ୍ଡିତେ ।
ମଣ୍ଡିତ ପୀତାମ୍ବର ଚନ୍ଦ୍ରାତପେ ॥
ରତ୍ନ ପଲଙ୍କେ ହଁସୁଳା ତୋଳା ।
କୁସୁମ ପାଖୁଡ଼ା କର୍ପୂର ଧୂଳି ॥
କେଦାର କନ୍ୟା ତଥିପୁରେ ବିଜେ ।
ବିବିଧ ସୁବେଶରେ ତନ୍ ସାଜେ ॥
ହୃଦୟ-ପଦ୍ମ କରେ ସୁମରଣ ।
ମନ ନିବେଶି ଶ୍ରୀକୃଷ୍ଣ ଚରଣ ॥
ବସନ୍ତେ ବସନ୍ତ ସେବି ରହିଲେ ।
ମଦନ ଗୁହ୍ନିଁ ମୋହିତ ହୋଇଲେ ॥
ଦେଖି ଧୈର୍ଯ୍ୟ ଧୃତି ଧରି ନପାରି ।
ବିଗୁରେ ନାରୀ ଆମ୍ଭଙ୍କୁ କବରି ॥
ଏମନ୍ତ ଚିନ୍ତି ସନ୍ନିଧିକି ଯାଇ ।
କୋମଳ କରୁଣ ବଚନ କହି ॥
ସୁନ୍ଦରୀ ଏକେ ଏକାନ୍ତ କାନନେ ।
ଚନ୍ଦ୍ର ନିନ୍ଦା ପାଉଅଛି ଆନନେ ॥
କାହାକନ୍ୟା ତୁମ୍ଭେ କେ ତୁମ୍ଭ କାନ୍ତ ।
କି ତପକର କାହିଁ ତୁମ୍ଭ ଚିତ୍ତ ॥
ଦୁଷ୍ଟ ଦାନବ ଦେଖିଲେ ହରିବେ ।
ଦୂଷଣେ କୁଳୁ ବାହାର କରିବେ ॥
ଧର୍ମ ଦେବଙ୍କ ମୃଦୁବାଣୀ ଶୁଣି ।
ନୟନ ଫେଡ଼ି ଗୁହ୍ନିଁଲେ ତରୁଣୀ ॥

ବ୍ରାହ୍ମଣ ଜାଣି ଓଳଗି ହୋଇଲେ ।
ଜଳ ଆସନ ଫଳମୂଳ ଦେଲେ ॥
ଅତିଥି ଭାବେଣ କଲେକ ପୂଜା ।
ପୁଚ୍ଛିଣ ଥିଲେ ଯେତେ ଧର୍ମରାଜା ॥
ପ୍ରତି ବଚନ କହିଲେ ସୁନ୍ଦରୀ ।
ଯକ୍ଷଜାତ ମୁଁ କେଦାର କୁମାରୀ ॥
ମାନସ ସେବାରେ ଧ୍ୟାଉଁ ନିତି ।
କୃଷ୍ଣ ସେ ପତି ଆନେ ନାହିଁ ମତି ॥
ଏମନ୍ତ ଶୁଣି ଧର୍ମ ପୁଣି କହେ ।
ସୁନ୍ଦରୀ ଏକଥା କେବେହେଁ ନୁହେଁ ॥
ସେ କୃଷ୍ଣ ରାଧାଭାବେ ଏକାବଶ ।
ଏ ବନ୍ଦ ନପାନ୍ତି କାହାର ପାଶ ॥
ସିଦ୍ଧ ଯୋଗୀନ୍ଦ୍ର ଜନଙ୍କ ଅଗମ୍ୟ ॥
ଗୋଲକ ପତି ସେ ଅତି ଦୁର୍ଗମ ॥
ଅଷ୍ଟାଙ୍ଗ ଯୋଗେ ଯେ ନହନ୍ତି ଦୃଶ୍ୟ ।
ପତିକରି ତାଙ୍କୁ କରିଛ ଆଶ ॥
ଯୁବତୀର ମତି ଏତେ ଅସାର ।
ବ୍ୟର୍ଥେ ଯୁବା ଅବସ୍ଥା ନସାର ॥
ହେ କନ୍ୟା ଆନବର ବର ଏବେ ॥
ଚନ୍ଦ୍ର ଆଦିହୋଇ ଅଛନ୍ତି ଦେବେ ॥
ଏଥିରେ ମନ ହୋଇଲେ ଯାହାକୁ ।
ଆମ୍ଭେ ବିଭାକରାଇବା ତାହାକୁ ॥
ଶୁଣି ସୁନ୍ଦରୀ କରକର୍ଣ୍ଣ ଚାପି ।
କି କହିଲ ବୋଲି ରସନା ଚିପି ॥
ସେ କୃଷ୍ଣ ଆଦି ପରମ ପୁରୁଷ ।
ସଭଙ୍କ ବନ୍ଦ୍ୟ ଅଭାବେ ଅଦୃଶ ॥
ତନମନେ ଅହର୍ନିଶି ଭଜଇ ।
ନପାଇଲେଣ ଦେହକୁ ତେଜଇ ॥
ଏହିରୂପେ ଶତ ସହସ୍ର ଜନ୍ମ ।
କୃଷ୍ଣ ସେ ପତି ଆନେ ନାହିଁ ଭ୍ରମ ॥
ଶୁଣି ସେ ଧର୍ମ କହେ ଆରବଳା ।
ଏତେ ନ ଜାଣିବା ଅଟଗୋ ବାଳା ॥
ପରମ ସୁନ୍ଦରୀ ରାଧାଙ୍କୁ ତେଜି ।
ସେ କୃଷ୍ଣ ପୁଣ କି ତୁମ୍ଭଙ୍କୁ ଭଜି ॥

ଆମ୍ଭେ ଧର୍ମସାକ୍ଷୀ ଆମ୍ଭଙ୍କୁ ବର ।
ସର୍ବ ମନଇଚ୍ଛା ସୁଖେ ବିହର ॥
ବ୍ରହ୍ମାଣ୍ଡ ମଧ୍ୟେ ଯେତେ ରମ୍ୟସ୍ଥାନ ।
ସୁଖେଣ ବିହର ହରିବୁ ଧନ ॥
କହୁ କହୁ ଧର୍ମ ମଦନ ମତ୍ତେ ।
କୋଳ କରିବାକୁ ମିଳେ ସୁରତେ ॥
ଦେଖିଣ ସୁନ୍ଦରୀ ସମ୍ଭ୍ରମେ ଉଠି ।
କୋପ ମୁଖେ ଆଜ୍ଞା ଦେଲେ ବିମ୍ବୋଷ୍ଠୀ ॥
ଯେବେ ମୁଁ ନିଷ୍ଠ କୃଷ୍ଣ ପତିବ୍ରତା ।
କ୍ଷୀଣ ତନୁ ହୁଅ ଧର୍ମ ଦେବତା ॥
କାମ ନପୀଡ଼ ନପୁଂସକ ହୁଅ ।
ଯାଅ ଯା ଧର୍ମ ନରଯୋନ ପାଅ ॥
ଶାପ ପାଇ ଧର୍ମ ହୋଇଲେ କ୍ଷୀଣ ।
ନିଦଣ ଦେଖିଣ ଆତଙ୍କ ମନ ॥
ବ୍ରହ୍ମା ଆଦି ଏବେ ମିଳିଲେ ଆସି ।
ପତିବ୍ରତା ଶାପେ ଧର୍ମ ବିନାଶି ॥
ବସ୍ତ୍ରସ୍ତ୍ରୀ ଆସି ହୋଇଲେ ପ୍ରବେଶ ।
ଧର୍ମଙ୍କ ଭାରଯା ମୂର୍ତ୍ତି ବିରସ ॥
ଶୋକେ ଜଣାଇ ନାରାୟଣ ପାଦେ ।
ପତିଦାନ ମୋତେ ଦିଅସି ହାଦେ ॥
ଏ ଯେବେ ପତିଙ୍କି ଛାଂସିଲେ ଶାପେ ।
ଏ ତେବେ ପତ୍ନୀ ହେଉ ଅନରୂପେ ।
ଜନ ମୁଖରେ ଦୋଗୁଣୀ ବୋଲଉ ।
ଧର୍ମ ରକ୍ଷଣ କଲେ କୃଷ୍ଣ ପାଉ ॥
ଉଭୟେ ଶାପ ଶୁଣି ଦେବେ ଡରେ ।
ବୃନ୍ଦାଙ୍କୁ ପ୍ରବୋଧି କହନ୍ତି ସୁରେ ॥
ଧର୍ମ ରକ୍ଷାକର ଜଗତ ରହୁ ।
ଶାପକୁ ପ୍ରତି ଉଦ୍ଧାରଣ ହେଉ ॥
ଦେବଙ୍କ ବିନୟ ଦେଖିଣ କହେ ।
ଯାହା ବୋଇଲୁଁ ସେହୁ ଅନନୁହେ ॥
କଳିଯୁଗେ ଏବେ ପାଦକେ ରହୁ ।
ଯୁଗ କ୍ରମରେ ପୁଣ ପୂର୍ଣ୍ଣ ହେଉ ॥
ପତିବ୍ରତା କ୍ରୋଧ ଶାନ୍ତିଲେ ମନେ ।
ଅଜ୍ଞାନ ନପୁଂସକ ନର ଜନ୍ମେ ॥

କୃଷ୍ଣ ପତିକର ପାଇଁ ଯେବେ ।
ଶାପରୁ ଧର୍ମ ଜନ୍ମିବେ ତେବେ ॥
ଉଭୟ ମତରେ ବିଧାତା କହି ।
କୃଷ୍ଣ ହେବେ ଯେବେ ମନୁଷ୍ୟ ଦେହୀ ॥
ସେକାଳେ ଦେହଶାପ ହେବ ଭୋଗ ।
ପଶଲାପ୍ତା ରସାସ୍ୱାଦେ ସଂଯୋଗ ॥
ଏମନ୍ତେ ଶାପ ଥିଲା ଯେଣୁ ପୂର୍ବ ।
ଧର୍ମ ଆଦି ସେ ଅବତାର ତେବେ ॥
ବୃନ୍ଦାଙ୍କ ଶାପେ ଯା କୋଟି ଲଧର୍ମେ ।
ତେଣୁ ଅଭିମନ୍ୟୁ ନାମ ଏଜନ୍ମେ ॥
ଚନ୍ଦ୍ର ପ୍ରାୟେ ଯେଣୁ ହୋଇଲେ କ୍ଷୀଣ ।
ବୋଇଲେ ତେଣୁ ନାମ ଚନ୍ଦ୍ରସେନ ॥
ଗୋକୁଳେ ଗର୍ଭସ୍ଥ କୁଳପ୍ରମାଣ ।
ଏଦେହେ ନାମ ଲୋକେ ବଖାଣ ॥
ଦେଖିଣ ଶ୍ରୀମନ୍ତ ଗୁଣ ସମାନ ।
ବୃଷଭାନୁ ସୁତା କଲେ ପ୍ରଦାନ ॥
ସହଚରୀ ଭାବେ ବୃନ୍ଦା ସମୀପେ ।
ଚନ୍ଦ୍ରସେନକୁ ସେବ ଶୁଶ୍ରୂଷାରୂପେ ॥
ମନୁଷ୍ୟ ଦେହେ ଧର୍ମ ନପୁଂସକ ।
ପତିବ୍ରତା ଶାପେ ଏଜନ୍ମ ତାଙ୍କ ॥
ରାଧାଙ୍କ ଅଙ୍ଗ ସ୍ପରଶତା ନାହିଁ ।
ଲୋକେ ଜାଣନ୍ତି ପତିପତ୍ନୀ ଏହି ॥
ଏହିହେତୁ କୃଷ୍ଣ ସ୍ୱୟଂ ପ୍ରକାଶ ।
ରାଧିକା ପ୍ରେମରେ ସଦା ଲାଲସ ॥
ନର ଲୀଳାରେ ଭକତ ତାରଣ ।
ଅଂଶ ଅଂଶକେ ଅସୁର ମାରଣ ॥
ପୂର୍ବେ ନାରାୟଣ କହିଲେ ଯାହା ।
ଘଟାଇ ଛନ୍ଦରେ କହିଲୁଁ ତାହା ॥

ବ୍ରହ୍ମ ବୈବର୍ତ୍ତ ପୁରାଣ ବାଣୀ ।
ସଂଶୟ ମନରୁ ତେଜିଲେ ଶୁଣି ॥
ନାରଦ ପାଦପଦ୍ମ ପୂଜା କରି ।
ବ୍ରଜବିହାର ଶୁଣି ହୃଦେ ଧରି ॥
ନଳ କୁବର ମଣିଗ୍ରୀବ ଯେହ୍ନେ ।
ନାରଦ ପ୍ରସାଦେ ମୁକତି ଯେସନେ ॥
ବାସନା ବଳେ ବ୍ରଜ ପରିପୂର୍ଣ୍ଣ ।
ସେ ବ୍ରଜଲୀଳା ମୋର ସ୍ମରଣ ॥
ଉପଦେଶ କହି ନାରଦ ବିଜେ ।
ଗୋବିନ୍ଦ ନାମଗୁଣେ ବୀଣାବାଜେ ॥
ଶ୍ରୀ ବ୍ରଜବିହାର ଦଶମବୋଲି ।
ଶ୍ରୀଗୁରୁ କୃପାରୁ ସମ୍ପୂର୍ଣ୍ଣ ହେଲି ॥
ଶ୍ରୀଭାଗବତ ସର୍ବ ରସସ୍ଥଳ ।
ଭକତ ଜନଭାବ ସର୍ବ ମୂଳ ॥
ସେ ରସ ଶୁକ ମୁଖରେ ସ୍ରବିଲେ ।
ପାନ କରନ୍ତି ସକଳେ ଦ୍ରବିଲେ ॥
ମଧୁର ରସସ୍ୱାଦ ଆଶା ଯେବେ ।
ଏ ବୋଲି ଶୁଣିଲେ ଜାଣିବ ତେବେ ॥
ଗୁରୁ ସହସ୍ର ଆଠଶ ବତିଶ ।
କଳିଯୁଗ ଭୋଗ ଏତେ ବରଷ ॥
ଶକାବ୍ଦ ଜାଣ ଷୋଳଶ ତେମନ ।
ରାମଚନ୍ଦ୍ର ଦେବ ମହାରାଜନ ॥
ଆଠଅଙ୍କ କୁମାର ପୂର୍ଣ୍ଣିମୀରେ ।
ବ୍ରଜବିହାର ଗ୍ରନ୍ଥ ସମ୍ପୂର୍ଣ୍ଣରେ ॥
କ୍ଷେତ୍ରବର ରାଜ ପୁରୁଷୋତ୍ତମ ।
ଜଗନ୍ନାଥ ଦରଶନେ ବିଶ୍ରାମ ॥
ରଣପୁର ମଣ୍ଡଳେ ମୋର ବାସ ।
ନାମ ବିଦିତ ଦାଶରଥି ଦାସ ॥

ସମାପ୍ତ

ମୁଦ୍ରଣ—ଶ୍ରୀ ହରିସଙ୍କୀର୍ତ୍ତନ ପ୍ରେସ, ଓଡ଼ିଆବଜାର, କଟକ-୧

# ଗ୍ରନ୍ଥ ତାଲିକା

## ବୈଦିକ ସାହିତ୍ୟ

୧ । ପୁରୁଷବୋଧିନୀ ଶ୍ରୁତିଃ  ଟ ୨-୫୦
୨ । ବୈଷ୍ଣବ ଶ୍ରାଦ୍ଧ ପଦ୍ଧତି  ଟ ୧-୦୦

## ପୌରାଣିକ

୩ । ଶ୍ରୀ ଗୌରାଙ୍ଗ ଭାଗବତ—ଶ୍ରୀ ଭଗବାନ ଦାସ  ଟ ୪-୦୦
୪ । ମନଃଶିକ୍ଷା—ଶ୍ରୀ ଭକ୍ତ ଚରଣ ଦାସ  ଟ ୫-୦୦
୫ । ମହାଭାବ ପ୍ରକାଶ—ଶ୍ରୀ କହ୍ନାଇ ଖୁଣ୍ଟିଆ  ଟ ୨-୨୫

## ଭଜନ, କୀର୍ତ୍ତନ ଓ କାବ୍ୟ ଓ କବିତା

୬ । ମାନଗୋବିନ୍ଦ ପଦାବଳୀ—ଭକ୍ତକବି ମାନଗୋବିନ୍ଦ ଓଝା  ଟ ୨-୭୫
୭ । ବନମାଳୀ ପଦାବଳୀ—ଭକ୍ତକବି ବନମାଳୀ ଦାସ  ଟ ୬-୫୦
୮ । କଲ୍ୟାଣ କଳ୍ପତରୁ—ଶ୍ରୀଳ ସଚ୍ଚିଦାନନ୍ଦ ଭକ୍ତିବିନୋଦ ଠାକୁର  ଟ ୨-୫୦
୯ । ବ୍ରଜବିହାର—ଶ୍ରୀଦାଶରଥି ଦାସ  ଟ ୯-୦୦

## ଜୀବନୀ ଓ ସମାଲୋଚନା

୧୦ । ଶ୍ରୀଚୈତନ୍ୟ ଶିକ୍ଷାମୃତ—ଶ୍ରୀ ଭକ୍ତିବିନୋଦ ଠାକୁର  ଟ୧୦-୦୦
୧୧ । ଭକ୍ତକବି ଗୋପାଳକୃଷ୍ଣ  ଟ ୨-୦୦
୧୨ । ଭକ୍ତଚରଣ ଦାସ ଓ ତାଙ୍କ ରଚନାବଳୀ  ଟ ୩-୦୦
୧୩ । ଓଡ଼ିଆ ସାହିତ୍ୟରେ ବିଭିନ୍ନ ଧର୍ମଧାରା ଆଦିବାସୀ, ବୌଦ୍ଧ ଜୈନଧର୍ମ  ଟ ୮-୦୦
୧୪ । ପ୍ରମେୟ ରତ୍ନାବଳୀ ସଂସ୍କୃତ ଅନୁବାଦ ଶ୍ରୀ ବଳଦେବ ବିଦ୍ୟାଭୂଷଣ  ଟ ୫.୦୦
୧୫ । ପ୍ରଯୁକ୍ତାଖ୍ୟାତମଞ୍ଜରୀ (ସଂସ୍କୃତ ଟିପ୍ପା ଅଭିଧାନ  ଶ୍ରୀଳ ରୂପଗୋସ୍ୱାମୀ  ଟ ୧-୫୦
୧୬ । ଶ୍ରୀ ଚୈତନ୍ୟ ଚନ୍ଦ୍ରାମୃତ—ଶ୍ରୀଳ ପ୍ରବୋଧାନନ୍ଦ ସରସ୍ୱତୀ  ଟ ୨-୨୫
୧୭ । ଜୈବଧର୍ମ—ଶ୍ରୀଳ ସଚ୍ଚିଦାନନ୍ଦ ଭକ୍ତିବିନୋଦ ଠାକୁର  ଟ ୮-୦୦
୧୮ । ମନଃଶିକ୍ଷା—ଶ୍ରୀଳ ରଘୁନାଥ ଦାସ ଗୋସ୍ୱାମୀ  ଟ ୧-୦୦
୧୯ । ସିଦ୍ଧାନ୍ତ ଦର୍ପଣମ୍ -ଶ୍ରୀଳ ବଳଦେବ ବିଦ୍ୟାଭୂଷଣ  ଟ ୧-୦୦
୨୦ । ଶ୍ରୀଶ୍ରୀଗୋଦ୍ରୁମଚନ୍ଦ୍ର ଭଜନୋପଦେଶଃ--ଶ୍ରୀଳସଚ୍ଚିଦାନନ୍ଦଭକ୍ତିବିନୋଦଠାକୁର  ଟ ୧-୦୦
୨୧ । ନାମାପରାଧ କଥା—ଶ୍ରୀଳ ଗୋକୁଳାନନ୍ଦ ଗୋସ୍ୱାମୀପାଦ  ଟ ୩-୦୦

ପ୍ରାପ୍ତିସ୍ଥାନ— **ଶ୍ରୀ ହରିସଂକୀର୍ତ୍ତନ ପ୍ରେସ**
ଓଡ଼ିଆ ବଜାର, କଟକ-୧

Printed at Shri Hari Sankirtana Press, Cuttack-1